

AA22xA6
ସୁଟିଂ ଆରମ୍ଭ
କରିବେ ଦୀପିକା
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-61 ◆MONDAY ◆25 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୧ ◆ସୋମବାର ◆୨୫ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଇଏଡିଡବ୍ଲ୍ୟୁଏସର ସଫଳ ପରୀକ୍ଷଣ

■ ବାଲେଶ୍ୱର, ୨୪।୮ (ସମିସ): ଡିଆରଡିଓ ପକ୍ଷରୁ ଆଜି ଇଣ୍ଟିଗ୍ରେଟେଡ୍ ଏୟାରଡିଫେନ୍ସ ୱିପନ୍ ସିଷ୍ଟମ (ଆଇଏଡିଡବ୍ଲ୍ୟୁଏସ)ର ସଫଳତାର ସହ ପରୀକ୍ଷଣ କରାଯାଇଛି। ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ରେ ଏହି ପରୀକ୍ଷଣ କରାଯାଇଛି। ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ପ୍ରୟୋଗଶାଳା (ଡିଆରଡିଏଲ) ଦ୍ୱାରା ଗଠିତ ଏକ କେନ୍ଦ୍ରୀୟ ଆଦେଶ ଓ ନିୟନ୍ତ୍ରଣ ପ୍ରୟୋଗଶାଳା ମାଧ୍ୟମରେ ଏହି ଯୁଦ୍ଧାସ୍ତ୍ର ପ୍ରଣାଳୀର ପରୀକ୍ଷଣକୁ ନିରୀକ୍ଷଣ ଓ ନିୟନ୍ତ୍ରଣ କରାଯାଇଥିଲା।



ପରୀକ୍ଷଣ ସମୟରେ ଦୁଇଟି ଅତି ଉଚ୍ଚବେଗ ସମ୍ପନ୍ନ ସ୍ଥାୟୀ ପଙ୍ଖାଯୁକ୍ତ ମାନବବିହୀନ ଆକାଶମାର୍ଗୀୟ ଲକ୍ଷ୍ୟ ସହ ଗୋଟିଏ ମଲ୍‌ଟିକୋଟେଡ୍ ଡ୍ରୋନ୍‌କୁ ମିଶାଇ ତିନୋଟି ଭିନ୍ନଭିନ୍ନ ପରିସୀମା ଓ ଉଚ୍ଚତାରେ ଥିବା ଟାର୍ଗେଟ୍‌କୁ 'କ୍ୟୁଆରଏସଏଏମ୍', ଭିଏସଏଚଓଆରଏଡିଏସ୍ ଓ ଡିଇଡବ୍ଲ୍ୟୁର ସମ୍ମିଳିତ ପ୍ରଣାଳୀ ଏକସଙ୍ଗେ ଲକ୍ଷ୍ୟ ପରିସରକୁ ନେଇ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥିଲା। 'ଆଇଏଡିଡବ୍ଲ୍ୟୁଏସ'ରେ ଅନ୍ତର୍ଭୁକ୍ତ କ୍ଷେପଣାସ୍ତ୍ର ପ୍ରଣାଳୀ ଏବଂ ଡ୍ରୋନ ଆବିଷ୍କାର ଓ ବିଧ୍ୱଂସ ପ୍ରଣାଳୀ, ଯୁଦ୍ଧାସ୍ତ୍ର ପ୍ରଣାଳୀ ନିର୍ଦ୍ଦେଶ ଓ ନିୟନ୍ତ୍ରଣ ସହ ଯୋଗାଯୋଗ ଓ ରାଡାର୍ ପ୍ରଭୃତି ଏହି ପରୀକ୍ଷଣ ସମୟରେ ଅତ୍ୟନ୍ତ ସଠିକ ଢଙ୍ଗରେ କାର୍ଯ୍ୟ ସମ୍ପାଦନ କରିଥିଲା। ଉଡ଼ାଣ ତଥ୍ୟ ସଂଗ୍ରହ ପାଇଁ ଚାନ୍ଦିପୁରସ୍ଥିତ ଆଇଟିଆର ଦ୍ୱାରା ନିୟୋଜିତ ବିଭିନ୍ନ ଉପକରଣ ପ୍ରଭୃତିର ତଥ୍ୟ ବିଶ୍ଳେଷଣ ପରେ ଏହା ପ୍ରମାଣିତ ହୋଇଛି।

## ପତ୍ନୀଙ୍କୁ ଜିଅନ୍ତା ଜାଳିଥିବା ବ୍ୟକ୍ତିକୁ ଏନ୍‌କାଉଣ୍ଟର

■ ନୋଏଡା, ୨୪।୮ (ଏଜେନ୍ସି): ବିବାହରେ ସ୍କର୍ପିଓ ଏସ୍‌ୟୁଭି, ରୟାଲ ଏନ୍‌ଫିଲ୍ଡ ବୁଲେଟ୍, ନଗଦ ଟଙ୍କା, ସୁନା ଗହଣା ମିଳିଲା। ତଥାପି ମନ ଭରିଲାନି। ଆହୁରି ୩୬ ଲକ୍ଷ ଦରକାର। ଅଧିକ ଯୌତୁକ ଦାବିରେ ଦୀର୍ଘ ୯ ବର୍ଷ ଧରି ନିର୍ଯାତନା ଚାଲିଲା। ଶେଷରେ ପତ୍ନୀଙ୍କୁ ଜିଅନ୍ତା ଜାଳିଦେଲା ନୃଶଂସ ପତି। ଏଭଳି ଏକ ଜଘନ୍ୟ ଘଟଣା ଘଟିଛି ନୋଏଡ଼ାରେ। ଏହାକୁ ନେଇ ଦେଶବ୍ୟାପୀ କ୍ରୋଧର ବାତାବରଣ ସୃଷ୍ଟି ହୋଇଛି। ଅମାନବୀୟ ଅତ୍ୟାଚାର ଓ ହତ୍ୟା ପାଇଁ ଅନୁତପ୍ତ ନଥିବା ଦୁର୍ଦ୍ଦାନ୍ତ ସ୍ୱାମୀ ଆଜି ପୁଲିସ ଏନକାଉଣ୍ଟରରେ ଆହତ ହୋଇଛି।



ବିପିନ ଭଟି ନାମକ ଏହି ସ୍ୱାମୀ ୯ ବର୍ଷ ତଳେ ନିକ୍କିଙ୍କୁ ବିବାହ କରିଥିଲା। ସେମାନଙ୍କର ଗୋଟିଏ ପୁଅ ଅଛି। ଯୌତୁକରେ ବିପିନକୁ ସ୍କର୍ପିଓ ଏସ୍‌ୟୁଭି, ରୟାଲ ଏନ୍‌ଫିଲ୍ଡ ବୁଲେଟ୍, ନଗଦ ଟଙ୍କା, ସୁନା ଗହଣା ଦିଆଯାଇଥିଲେ ମଧ୍ୟ ସେ ନିକ୍କିଙ୍କୁ ଘରୁ ଆହୁରି ୩୬ ଲକ୍ଷ ଟଙ୍କା ଆଣିବାକୁ ବରାବର ଚାପ ପକାଉଥିଲା। ଏଥିପାଇଁ ସ୍ୱାମୀ ଓ ଶାଶୂ ନିକ୍କିଙ୍କୁ ନିର୍ଯାତନା ଦେଇ ଆସୁଥିଲେ। କିଛିଦିନ ତଳେ ସ୍ୱାମୀ ଓ ଶାଶୂ ନିକ୍କିଙ୍କୁ ମାଡ଼ ମାରିବା ସହ ଅକଥନୀୟ ଅତ୍ୟାଚାର କରିଥିଲେ। ତାଙ୍କୁ ଛାଡି ଦେବାକୁ ସେ ଯେତେ ନେହୁରା ହୋଇଥିଲେ ମଧ୍ୟ ସେମାନେ ଶୁଣି ନଥିଲେ। ଏହାପରେ ବିପିନ ପତ୍ନୀଙ୍କ ଉପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲା। ମହିଳାଙ୍କ ଭଉଣୀ କାଞ୍ଚନ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ବି ମା ଓ ପୁଅ ଦୁହେଁ ମିଶି ପିଟିଥିଲେ। ନିକ୍କି ଓ କାଞ୍ଚନ ଦୁଇ ଭଉଣୀ ହୋଇଥିଲେ ମଧ୍ୟ ଦୁଇଭାଇ ▶ପୃଷ୍ଠା-୭

## ଭାରତରେ ସ୍କୁଲ ଫି' ବିଶ୍ୱରେ ସର୍ବାଧିକ




■ ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ଭାରତରେ ଶିକ୍ଷା ଖର୍ଚ୍ଚ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଲୋକଙ୍କ ଆୟ ବଢ଼ୁ ନ ଥିବାବେଳେ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ବଢ଼ିବାରେ ଲାଗିଛି। ଦିଲ୍ଲୀ ଏବଂ ମୁମ୍ବାଇ ଭଳି ସହରରେ ଏହା ଆକାଶ ଛୁଇଁଛି। ଦେଶର ପ୍ରମୁଖ ଘରୋଇ ସ୍କୁଲରେ ପିଲାଙ୍କୁ ପଢ଼ାଇବା ପାଇଁ ବର୍ଷକୁ ୧୨ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି। ଏହା ୟୁରୋପର ଇଣ୍ଟରନ୍ୟାସନାଲ ବୋର୍ଡିଂ ସ୍କୁଲ୍ ସହ ସମାନ ରହିଛି। ତେବେ ସେଠାରେ ପରିବାରର ଆୟ ତୁଳନାରେ ପାଠପଢ଼ା ଖର୍ଚ୍ଚ କମ୍ ଥିବା ବେଳେ ଭାରତରେ ପରିବାର ଆୟ ତୁଳନାରେ ପାଠପଢ଼ା ଖର୍ଚ୍ଚ ଢେର ଅଧିକ। ବିଶେଷ କରି ଗତ ୫ ବର୍ଷ ଭିତରେ ଭାରତରେ ସ୍କୁଲ ଫି' ୮୦ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଆୟ ଏବଂ ବ୍ୟୟ ହିସାବରେ ଭାରତରେ ଘରୋଇ ସ୍କୁଲ୍‌ଗୁଡ଼ିକର ଦେୟ ବିଶ୍ୱରେ ସର୍ବାଧିକ ରହିଛି।

| ସହର | ପରିବାର ଆୟ | ସ୍କୁଲ ଖର୍ଚ୍ଚ | ଆୟ ତୁଳନାରେ ଖର୍ଚ୍ଚ |
|---|---|---|---|
| ନୂଆଦିଲ୍ଲୀ | ୧୨ରୁ ୧୫ ଲକ୍ଷ | ୧୨ରୁ ୨୦ ଲକ୍ଷ | ୮୦ରୁ ୧୩୦% |
| ମୁମ୍ବାଇ | ୧୫ରୁ ୧୮ ଲକ୍ଷ | ୯ରୁ ୧୫ ଲକ୍ଷ | ୫୦ରୁ ୮୫% |
| ସିଙ୍ଗାପୁର | ୭୨ ଲକ୍ଷ | ୨୪ ଲକ୍ଷ | ୩୩% |
| ଦୁବାଇ | ୬୭ ଲକ୍ଷ | ୨୦ ଲକ୍ଷ | ୩୦% |
| ଲଣ୍ଡନ | ୭୦ ଲକ୍ଷ | ୩୫ ଲକ୍ଷ | ୫୮% |
| ନ୍ୟୁୟର୍କ | ୭୫ ଲକ୍ଷ | ୩୭ ଲକ୍ଷ | ୫୦% |

ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ସିଙ୍ଗାପୁର, ଦୁବାଇ, ଲଣ୍ଡନ ଏବଂ ନ୍ୟୁୟର୍କ ଭଳି ସହର ଲୋକମାନେ ନିଜ ପିଲାଙ୍କ ପଢ଼ା ଖର୍ଚ୍ଚ ପାଇଁ ସମାନ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ସେଠାରେ ପରିବାରର ଆୟ ଭାରତୀୟଙ୍କ ଅପେକ୍ଷା ବହୁତ ଅଧିକ। ଏହି ସବୁ ସହରରେ ପରିବାର ଆୟ ଭାରତଠାରୁ ୩ରୁ୫ ଗୁଣା ଅଧିକ ରହିଛି। ଭାରତରେ ଅନ୍ତର୍ଜାତୀୟ ସ୍ତରର ସ୍କୁଲ୍ ଗୁଡିକର ଦେୟ ସାରା ବିଶ୍ୱରେ ଅଧିକ ରହିଛି।

ସୂଚନା ଅନୁଯାୟୀ ଗତ ଦଶନ୍ଧିରେ ଭାରତରେ ସ୍କୁଲ ଫି' ୧୫୦ରୁ ୨୦୦ ପ୍ରତିଶତ ବୃଦ୍ଧି ପାଇଛି। ମାତ୍ର ପରିବାର ଆୟ ୬୦ରୁ ୭୦ ପ୍ରତିଶତ ବଢ଼ିଛି। ସ୍କୁଲ ଦେୟରେ ହୋଇଥିବା ଏହି ବିସ୍ଫୋରଣ ଭାରତର ବଢୁଥିବା ସମ୍ପତ୍ତି ପାର୍ଥକ୍ୟକୁ ପ୍ରତିଫଳିତ କରୁଛି। ଶିକ୍ଷା ଅସମାନତାର ସ୍ପଷ୍ଟ ଚିତ୍ରକୁ ପ୍ରତିଫଳିତ କରୁଛି। ଭାରତରେ ତିନୋଟି ଶିକ୍ଷା ବ୍ୟବସ୍ଥା ଚାଲିଛି। ଏଲିଟ୍ ଶ୍ରେଣୀର ସ୍କୁଲ ପାଇଁ ବର୍ଷକୁ ୧୦ରୁ ୨୦ ଲକ୍ଷ ଟଙ୍କା ଫି' ଦେବାକୁ ପଡୁଛି। ଏଗୁଡିକ ୧ ନମ୍ବର ▶ପୃଷ୍ଠା-୭

**୪୮ ଘଣ୍ଟାରେ ଲଘୁଚାପ**

# ବଡ଼ ବନ୍ୟା ଆଶଙ୍କା

## ଉତ୍ତର ଓଡ଼ିଶାରେ ଫୁଲୁଛି ସବୁ ନଦୀ

■ ଭୁବନେଶ୍ୱର, ୨୪।୮ (ସମିସ): ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପଟି ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବାରୁ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଅନୁମାନ କରିଛି। ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ବିଶେଷକରି ୨୫ ଓ ୨୬ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ସୋମବାର କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ▶ପୃଷ୍ଠା-୭

**ମହାନଦୀରେ ବଢ଼ି ଚାଲିଛି ଜଳସ୍ତର**

**୨୮ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**

### ଆଉ ୪ ଗେଟ୍ ଖୋଲିଲା ହୀରାକୁଦ

■ ସମ୍ବଲପୁର, ୨୪।୮ (ସମିସ): ହୀରାକୁଦ ଜଳଭଣ୍ଡାର ଆଜି ଆଉ ୪ଟି ଗେଟ୍ ଖୋଲିଛି। ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଗତକାଲି ୮ଟି ଗେଟ୍ ଖୋଲାଯାଇଥିଲା। ଫଳରେ, ଏବେ ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ନଦୀବନ୍ଧର ବାମପାର୍ଶ୍ୱରେ ୮ଟି ଓ ଡାହାଣ ପାର୍ଶ୍ୱର ୪ଟି ଗେଟ୍ ଖୋଲା ରହିଛି। ଆଜି ଅପରାହ୍ଣ ପ୍ରାୟ ୩ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୩୯ ଫୁଟ୍ ରହିଛି।



**୧୨ ଗେଟ୍‌ରେ ଜଳ ନିଷ୍କାସନ**

**ଜଳସ୍ତର ୬୨୧.୭୩ ଫୁଟ୍**

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୨୫,୮୯୦ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିକ୍ଷାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୮୯,୬୧୨ ଘନଫୁଟ, ପାୱାର ଚ୍ୟାନେଲ ଦେଇ ୩୩,୦୨୫ ଘନଫୁଟ, ଶିକ୍ଷାନୁଷ୍ଠାନ ସକାଶେ ୨୧୪ ଘନଫୁଟ୍, କେନାଲ ପାଇଁ ୩,୦୩୯ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡ ବେଲଗାଁଠାରେ ୧୩,୬୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୪,୪୦୮ ଘନଫୁଟ, ଖଇରମାଲଠାରେ ୨,୫୯,୫୦୦ ଘନଫୁଟ୍, ବାରମୁଲଠାରେ ୧,୩୭,୫୦୦ ଘନଫୁଟ ଏବଂ ମୁଣ୍ଡଳୀଠାରେ ୧,୩୨,୬୦୨ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

**ମନ୍ତ୍ରୀଙ୍କ 'ଅସ୍ତ୍ର'କୁ ରାଜସ୍ୱ ଅମଲା ସଂଘର ଚ୍ୟାଲେଞ୍ଜ**

## ଆନ୍ଦୋଳନରୁ ହଟିବୁନି

■ ଭୁବନେଶ୍ୱର, ୨୪।୮ (ସମିସ): ନିଜ ଜିଦ୍‌ରେ ଅଟଳ ରହିବା ସହ ଜାରି ରହିଥିବା ଆନ୍ଦୋଳନକୁ ବଳବତ୍ତର ରଖିବା ପାଇଁ ରାଜସ୍ୱ ଅମଲା ସଂଘ ନିଷ୍ପତ୍ତି ନେଇଛି। ସଂଘ ବିଜେଡି ଦ୍ୱାରା ପରିଚାଳିତ ହେଉଥିବା ନେଇ ନିକଟରେ ରାଜସ୍ୱ ମନ୍ତ୍ରୀ ଅଭିଯୋଗ ଆଣିବା ସହ ଆନ୍ଦୋଳନରୁ ନ ହଟିଲେ ବଡ଼ ଅସ୍ତ୍ର ପ୍ରୟୋଗ କରିବେ ବୋଲି ଧମକ ଦେଇଥିଲେ। ମନ୍ତ୍ରୀଙ୍କ ଏହି ଧମକ ପରେ ରବିବାର ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରୀ ପରିଷଦ ବୈଠକ ବସିଥିଲା। ଭର୍ଚୁଆଲ୍ ମୋଡ୍‌ରେ ହୋଇଥିବା ବୈଠକରେ ମନ୍ତ୍ରୀଙ୍କ ଧମକରେ ଡରି ନ ଯାଇ ଆନ୍ଦୋଳନକୁ ଜାରି ରଖିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ଯେପର୍ଯ୍ୟନ୍ତ ସରକାର ସଂଘର କର୍ମକର୍ତ୍ତାଙ୍କୁ ଆଲୋଚନା ପାଇଁ ଡାକି ନାହାନ୍ତି ଓ କୌଣସି ଔପଚାରିକ ନିଷ୍ପତ୍ତି ନେଇ ନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହାର ପ୍ରଶ୍ନ ଉଠୁନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘକୁ ସରକାର ଆଲୋଚନା ପାଇଁ ଡାକିଲେ ସର୍ବଦା ସଂଘ ସ୍ୱାଗତ କରିବ। ମାତ୍ର କୌଣସି ପ୍ରକାର ଚେତାବନୀ ଓ ଧମକ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ପରୋକ୍ଷରେ ସଂଘ ପକ୍ଷରୁ କୁହାଯାଇଛି।

ସୂଚନାଥାଉ କି ରାଜ୍ୟ ରାଜସ୍ୱ ଅମଲା ସଂଘ ପକ୍ଷରୁ ଜାରି ରହିଥିବା ସମୂହ ଛୁଟି ଆନ୍ଦୋଳନ ଯୋଗୁଁ ବର୍ତ୍ତମାନ ସମସ୍ତ ରାଜସ୍ୱ କାର୍ଯ୍ୟ ବନ୍ଦ ହୋଇଯାଇଛି। ଏହି ଆନ୍ଦୋଳନକୁ ୧୪ ଦିନ ବିତିଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ସଂଘ ସହ ଆଲୋଚନା କରିବା ଦୂରର କଥା, ପରୋକ୍ଷରେ ସେମାନଙ୍କୁ ଡରାଇବା ପାଇଁ ସରକାର ଉଦ୍ୟମ କରୁଥିବା ଦେଖାଯାଉଛି। ପ୍ରଥମେ ମନ୍ତ୍ରୀ ଦରମା ବନ୍ଦ ଧମକ ଦେବା ସହ ପରେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ। ଶନିବାର ଆଉ ପାଦେ ଆଗକୁ ଯାଇ ସଂଘକୁ ବିଜେଡି ପରିଚାଳିତ କରୁଥିବା କହିବା ସହ ସେମାନେ କେଉଁ କେଉଁ ନେତାଙ୍କ ପାଖକୁ ଯାଉଛନ୍ତି, ସେ ରିପୋର୍ଟ ମଧ୍ୟ ତାଙ୍କ ପାଖରେ ରହିଛି ବୋଲି କହିଥିଲେ। ଏହାସହିତ ସଂଘ ଆନ୍ଦୋଳନରୁ ନ ହଟିଲେ ରାଜସ୍ୱ ବିଭାଗ ପାଖରେ ବହୁ ଅସ୍ତ୍ର ଅଛି। ଏହି ଅସ୍ତ୍ରକୁ ସେମାନେ ସମ୍ଭାଳି ପାରିବେ ନାହିଁ ବୋଲି ଚେତାବନୀ ଦେଇଥିଲେ ମନ୍ତ୍ରୀ।

## ହାତୀକୁ ତୀର ମାଡ଼

■ ବୈଶିଙ୍ଗା, ୨୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ ବନାମପୁର ଜଙ୍ଗଲରେ ଏକ ହାତୀକୁ କେହି ଦୁର୍ବୃତ୍ତ ତୀରମାଡ଼ କରି ଘାଇଲା କରିଛି। ତୀରଟି ହାତୀ ଶରୀରରେ ପଶି ରହିଥିବା ବେଳେ ସେଥିରୁ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି। ଯନ୍ତ୍ରଣାରେ ଛଟପଟ ହାତୀଟି ହାତୀପଲଠାରୁ ସାମାନ୍ୟ ଦୂରତା ବଜାୟ ରଖୁଥିବା ଦେଖିବାକୁ ମିଳିଛି। ସେ ସ୍ୱାଭାବିକ ଭାବରେ ଚଳପ୍ରଚଳ ମଧ୍ୟ କରିପାରୁନାହିଁ।



**ଜଗନ୍ନାଥବଲ୍ଲଭ ବହୁତଳ ପାର୍କିଂରେ ଦୁର୍ଘଟଣା**

## ୧ ମହଲାରୁ ଖସିପଡ଼ିଲା ବୋଲେରୋ

■ ପୁରୀ, ୨୪।୮ (ସମିସ): ଜଗନ୍ନାଥ ବଲ୍ଲଭ ବହୁତଳ କାର୍ ପାର୍କିଂରେ ଘଟିଛି ଅଘଟଣ। ପାର୍କିଂର ପ୍ରଥମ ମହଲାରୁ ତଳକୁ ଖସି ପଡ଼ିଛି ଏକ ବୋଲେରୋ। ଗାଡ଼ିଟି ଭାଙ୍ଗିରୁଜି ଯାଇଥିବା ବେଳେ ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ଚାଳକ ହେଉଛନ୍ତି, ଭଦ୍ରକ ଧାମରା ମେରାଇନ୍ ଥାନା ବଳଭଦ୍ରପ୍ରସାଦ ଗ୍ରାମର ସଞ୍ଜୟ ସେଠୀ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବହୁତଳ ପାର୍କିଂ କାମ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ପ୍ରାୟ ବର୍ଷେରୁ ▶ପୃଷ୍ଠା-୭

**ଚାଳକ ଗୁରୁତର**

**କାମ ସରିନି; ହେଉଛି ପାର୍କିଂ**



**ଗୁଳି, ବୋମା ଫୁଟାଇ ସୁନା ଦୋକାନରୁ ଡକାୟତି**

## ଲୁଟିନେଲେ ୧ କୋଟିର ଅଳଙ୍କାର

■ ନିରାକାରପୁର, ୨୪।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରିସ୍ଥିତ ଏକ ସୁନା ଦୋକାନରୁ ଆଜି ଏକ ବଡ଼ଧରଣର ଲୁଟ୍ ହୋଇଛି। ଦିନ ଦି' ପହରେ ୮ ଜଣ ଦୁର୍ବୃତ୍ତ ଗୁଳି ଓ ବୋମାମାଡ଼ କରି ସାଇସୋନୁ ଅଳଙ୍କାର ଦୋକାନରୁ ୧୧କେଜି ସୁନା ଓ ୫ କେଜି ରୁପା ଅଳଙ୍କାର ଲୁଟି ନେଇଛନ୍ତି। ଲୁଟ୍ ଅଳଙ୍କାରର ମୂଲ୍ୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି। ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ସରପାରୀ ଗ୍ରାମର ରାଜା ପ୍ରଧାନ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ସୂଚନା ପାଇ ସାଇଣ୍ଟିଫିକ୍ ଟିମ୍ ସହ ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା, ଖୋର୍ଦ୍ଧା ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ଜଙ୍କିଆ ଥାନା ଆଇଆଇସି ସୁଶାନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।



**ଗୁଳିମାଡ଼ରେ ଜଣେ ଗୁରୁତର**

ସୂଚନାନୁଯାୟୀ, ରବିବାର ଦିନ ପ୍ରାୟ ୨ଟା ବେଳେ ୪ଟି ବାଇକ୍‌ରେ ୮ଜଣ ଡକାୟତ ଉକ୍ତ ଅଳଙ୍କାର ଦୋକାନକୁ ଆସିଥିଲେ। ସେମାନେ ସମସ୍ତେ ହେଲ୍‌ମେଟ୍ ପିନ୍ଧିବା ସହ ଦୁଇଜଣ ଦୋକାନ ବାହାରେ ରହି ସମସ୍ତ ଘଟଣା ଅନୁଧ୍ୟାନ କରୁଥିଲେ। ଅନ୍ୟ ୬ ଜଣ ଡକାୟତ ଦୋକାନ ଭିତରକୁ ପଶି ବନ୍ଧୁକ ▶ପୃଷ୍ଠା-୭

# ଚିନ୍ତା ବଢ଼ାଇଲାଣି ମାରିଜୁଆନା

## ଭୁବନେଶ୍ୱର ବିମାନବନ୍ଦରରେ ଢିଲା ସୁରକ୍ଷା ଯୋଗୁଁ ବଢୁଛି ଚାଲାଣ

■ ଭୁବନେଶ୍ୱର, ୨୪।୮ (ସମିସ): ମାରିଜୁଆନା ପ୍ରେମରେ ପଡ଼ିଛନ୍ତି ଯୁବପିଢ଼ି। ଡ୍ରଗ୍ସ, ଓଡ଼ିଶା ଗଞ୍ଜେଇ ପରେ ସେମାନେ ମାରିଜୁଆନା (ବିଦେଶୀ ଡ୍ରଗ୍ସ)କୁ ଅଧିକ ମାତ୍ରାରେ ପସନ୍ଦ କରୁଛନ୍ତି। ଏଠାର ଯୁବପିଢ଼ିର ଅଧିକ ଚାହିଦା ଥିବାରୁ ବିଦେଶରୁ ମାରିଜୁଆନା ଭୁବନେଶ୍ୱରକୁ ଅଧିକ ମାତ୍ରାରେ ଚାଲାଣ କରାଯାଉଛି। ବିଶେଷ କରି ଥାଇଲାଣ୍ଡ ଏବଂ ମାଲେସିଆରୁ ଏହି ମାରିଜୁଆନା ଭୁବନେଶ୍ୱରକୁ ଆସୁଛି। ଓଡ଼ିଶାରେ ଥିବା ଦଲାଲ ଏହାକୁ ବସ୍ ଯୋଗେ ଅନ୍ୟ ରାଜ୍ୟକୁ ଚାଲାଣ କରୁଛନ୍ତି।

କଷ୍ଟମ ବିଭାଗର ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ ଭୁବନେଶ୍ୱର ବିମାନ ବନ୍ଦରରେ ଯାଞ୍ଚ ବ୍ୟବସ୍ଥା ଏତେ କଡ଼ାକଡ଼ି ନଥିବାରୁ ନିଶା ମାଫିଆମାନେ ଭୁବନେଶ୍ୱର ବିମାନ ବନ୍ଦରକୁ ଟାର୍ଗେଟ କରୁଛନ୍ତି। ଯେଉଁଥିପାଇଁ ସେମାନେ କୋଟି କୋଟି ଟଙ୍କାର ମାରିଜୁଆନାକୁ ଚକ୍‌ଲେଟ ଜରି ଏବଂ ଅନ୍ୟ ପ୍ୟାକେଟ୍ ଭିତରେ ପୂରାଇ ଆଣୁଛନ୍ତି। ଏକାଧିକ ବ୍ୟକ୍ତି ଖସି ଯାଉଥିବା ବେଳେ ହାତ ଗଣତି ବ୍ୟକ୍ତି ଧରାପଡୁଛନ୍ତି। ଯାହା ଧରାପଡୁଛି ଗୁଇନ୍ଦା ସୂତ୍ର ଆଧାରରେ ଧରାପଡୁଛି। ନହେଲେ ଅଧିକ ଚାଲାଣକାରୀ ଖସି ଯାଉଛନ୍ତି। ଯେଉଁମାନେ ଧରାପଡୁଛନ୍ତି ସେମାନେ କେବଳ ଚାଲାଣକାରୀ ବା ଏଜେଣ୍ଟ। ଏହା ପଛରେ ଜଣେ ମାଷ୍ଟରମାଇଣ୍ଡ ରହିଛି। ଦୁବାଇରେ ରହି ଫୋନ୍ ମାଧ୍ୟମରେ ସେ ରାକେଟ ଚଳାଉଛି। ▶ପୃଷ୍ଠା-୭



**ମାରିଜୁଆନା ପ୍ରେମରେ ଇଞ୍ଜିନିୟରିଂ ଛାତ୍ର ଓ ବଡ଼ବଡ଼ କ୍ଲବ୍**

**୬ ମାସରେ ଜବତ ହେଲାଣି ୮୦ କୋଟିର ମାରିଜୁଆନା**

**ଓଡ଼ିଶା ଦେଇ ଦିଲ୍ଲୀ, ହାଇଦ୍ରାବାଦ, ବିହାର, ୟୁପିକୁ ଚାଲାଣ**

**ଦୁବାଇରେ ବସି ନିଶା ରାକେଟ୍ ଚଳାଉଛି ମାଷ୍ଟରମାଇଣ୍ଡ**

# ରାଜନଗରକୁ ଏନଏସି ମାନ୍ୟତା ଦାବି

ରାଜନଗର, ୨୪।୮ (ସମିସ): ରାଜ୍ୟ ସରକାର ଆଗାମୀ ଦିନରେ ରାଜ୍ୟରେ ଆଉ ୯ଟି ଏନଏସି ଘୋଷଣା କରିବାକୁ ଯାଉଛନ୍ତି। ରାଜନଗରକୁ ତାଲିକାରେ ସ୍ଥାନ ଦିଆଯିବାକୁ ଦାବି ହେଉଛି। ରାଜନଗରର ଭୌଗୋଳିକ, ସାମାଜିକ, ସାଂସ୍କୃତିକ, ବୌଦ୍ଧିକ କ୍ଷେତ୍ରରେ ଜିଲ୍ଲାର ବେଶ ସୁନାମ ରହିଛି। ଏଥିସହ ରାଜନଗର ଅଞ୍ଚଳରେ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ରହିଛି। ଯାହାର ବିରଳ ହେନ୍ତାଳ ବଣ, ନାନା ରଙ୍ଗର ଦେଶ ବିଦେଶର ପକ୍ଷୀ, ଆଦ୍ରଭୂମି, ବଉଳା କୁମ୍ଭୀର, ଅହିରାଜ ସାପ ପ୍ରଭୃତି ଜୀବଜନ୍ତୁଙ୍କ ଖାଦ୍ୟ ଓ ଖାଦକର ଅପୂର୍ବ ମିଳନ ଦେଖିବାକୁ ପ୍ରତ୍ୟେକ ଦିନ ଦେଶ ବିଦେଶରୁ ଶହ ଶହ ପର୍ଯ୍ୟଟକ, ଗବେଷଣ, ଯୁବଛାତ୍ରଙ୍କ ସମାଗମ ହୋଇଥାଏ। ଖୁବଶୀଘ୍ର ଉପକୂଳ ଜାତୀୟ ରାଜପଥ ଭାରତ ମାଳା ଯୋଜନାରେ ସାମିଲ ହେବ। ଅନ୍ୟପକ୍ଷରେ ୫ଟି ଜାତୀୟକରଣ ବ୍ୟାଙ୍କ, ଜେଏମଏଫସି କୋର୍ଟ, ଆଦର୍ଶ ବିଦ୍ୟାଳୟ, ୫ଟି ମହାବିଦ୍ୟାଳୟ, ୧୦ଟି ଘରୋଇ ଶିକ୍ଷାନୁଷ୍ଠାନ, ଉନ୍ନମାନର ସ୍ୱାସ୍ଥ୍ୟକେନ୍ଦ୍ର, ଅଗ୍ନିଶମ ବିଭାଗ ପ୍ରଭୃତି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି। ଐତିହ୍ୟ ସମ୍ପନ୍ନ କେରଡାଗଡ, ରାଜନଗର, ପେଣ୍ଠର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର, ଶକ୍ତିପୀଠ ମାଟିଆ ମଙ୍ଗଳା ମନ୍ଦିର, ପେଣ୍ଠ ବେଳାଭୂମି ପ୍ରଭୃତି ରାଜନଗର ଭୌଗୋଳିକ ସ୍ଥିତିର ସ୍ମୃତି ସ୍ୱାକ୍ଷର ଅନନ୍ୟ। ଏ ଅଞ୍ଚଳ ସାମଗ୍ରିକ ବିକାଶ ଆଡକୁ ମୁହାଁଉଥିବାରୁ ରାଜ୍ୟ ସରକାର ଏ ଦିଗରେ ବିହିତ ପଦକ୍ଷେପ ନେବା ସହ ରାଜନଗର ପଞ୍ଚାୟତ ସମେତ ସାନବଡ଼ଗୋପାଳପୁର, ମହିଁଷାସୁର, ବାଲିସାହିପାଟଣା, ଓସ୍ତିଆ, ରାଜପୁର, ବେଲପାଳ ପଞ୍ଚାୟତକୁ ଏଥିରେ ସାମିଲ କରାଯାଇ ନୂତନ ଏନଏସି ମାନ୍ୟତା ଦେବାକୁ ଉତିକଣ-କେରଡ଼ା ସଂଗ୍ରାମ ସମିତିର ଆବାହକ ଭାସ୍କର ରାଉତରାୟ ଦାବି କରିଛନ୍ତି। ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ବିଧାନସଭା ଅଧିବେଶନରେ ରାଜନଗରକୁ ନୂତନ ଏନଏସି ମାନ୍ୟତା ପାଇଁ ପ୍ରସ୍ତାବ ଗ୍ରହଣ କରାଯିବାକୁ ଶ୍ରୀ ରାଉତରାୟ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

**ସ୍କୁଟିରୁ ବନ୍ଧୁକ ଜବତ ମାମଲା**

# ସାଇକଲ ସୋରୁମ୍ ମାଲିକ କୋର୍ଟ ଚାଲାଣ

ପଟ୍ଟାମୁଣ୍ଡାଇ,୨୪।୮ (ସମିସ)

ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସର ସ୍ପେଶାଲ ସ୍କ୍ୱାର୍ଡ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସମ୍ମୁଖରୁ ଏକ କଳା ରଙ୍ଗର ସ୍କୁଟି ଡିକିରୁ ଏକ ବନ୍ଧୁକ ଜବତ କରିବା ସହିତ ସ୍କୁଟି ମାଲିକ ତଥା ସ୍ଥାନୀୟ ଏକ ସାଇକଲ ସୋରୁମର ମାଲିକ ମକସୁଦ ଅଲ୍ଲୀଙ୍କୁ ନିଜ ହେପାଜତକୁ ନେଇ ପଚରାଉଚରା କରିବା ସହିତ ଖୋଳତାଡ କରିଥିଲା। ଏହି ମାମଲାରେ ଆଜି ସାଇକଲ ସୋରୁମ୍ ମାଲିକଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ସେଲ୍‌ସମ୍ୟାନକୁ ପୁଲିସ ଛାଡ଼ିଦେଇଛି। ବିହାର, ହରିୟାଣାରୁ ସାଇକଲ ପାର୍ଟସ ଟ୍ରକ୍‌ରେ ବନ୍ଧୁକ ଆସୁଥିବା ସ୍ପେଶାଲ ସ୍କାର୍ଡ ଅଫିସର ସୂଚନା ଦେଇଛନ୍ତି।

କେନ୍ଦ୍ରାପଡ଼ା ସ୍ପେଶାଲ ସ୍କ୍ୱାର୍ଡ ଅଫିସର ସୌମ୍ୟରଞ୍ଜନ ମହାଲିକଙ୍କ ନେତୃତ୍ୱରେ ଏକ ଟିମ୍ ଗତକାଲି ଅପରାହ୍ନରେ ଚଢ଼ଉ କରି ବନ୍ଧୁକ ଜବତ କରିଥିଲା। ସ୍ପେଶାଲ ସ୍କ୍ୱାର୍ଡ ଅନୁଯାୟୀ ବିହାର ଓ ହରିୟାଣାରୁ ସାଇକଲ ପାର୍ଟସ ଆସୁଥିବା ଟ୍ରକରେ ବନ୍ଧୁକ ଆସୁଥିଲା ବୋଲି ପୁଲିସ ପାଖରେ ଖବର ରହିଥିଲା। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ସ୍ପେଶାଲ ସ୍କ୍ୱାର୍ଡ ନଜରରୁ ଖସି ଯାଉଥିବାବେଳେ ଶନିବାର ଦିନ ୨ଟା ସମୟରେ ଏକ କଳା ରଙ୍ଗର ସ୍କୁଟି ଡିକିରେ ସିଙ୍ଗଲ ସିଟର ବନ୍ଧୁକ ରହିଥିବା ସ୍ପେଶାଲ ସ୍କ୍ୱାର୍ଡ ଜାଣିପାରି ଚଢ଼ଉ କରିବା ସହିତ ବନ୍ଧୁକ ଜବତ କରିଥିଲା। ଅନ୍ୟପକ୍ଷରେ ମକସୁଦ ଅଲ୍ଲୀଙ୍କ ପରିବାର ଲୋକେ ଗତକାଲି ବିଳମ୍ବିତ ରାତିରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ପହଞ୍ଚି ଏକ ଏତଲା ଦାଏର କରିଥିଲେ। ଯେଉଁଥିରେ କି ସାଇକଲ ସୋରୁମରେ ସେଲ୍‌ସମ୍ୟାନ କାମ କରୁଥିବା ସଇଜୁ ଖାନ ସ୍କୁଟିକୁ ନିୟମିତ ଚଳାଉଥିଲେ। ପୂର୍ବରୁ ମକସୁଦଙ୍କ ତାଙ୍କ ପଡ଼ୋଶୀଙ୍କ ସହିତ ଝଗଡ଼ା ଚାଲିଥିବା ଓ ଥାନାରେ ଏତଲା ଥିବାରୁ ତାଙ୍କ ପଡୋଶୀଙ୍କ




ଦ୍ୱାରା କରାୟତ ହୋଇ ସଇଜୁ ସ୍କୁଟି ଡିକିରେ ବନ୍ଧୁକ ରଖି ମକସୁଦଙ୍କୁ ଫସାଇଛନ୍ତି। ଗତ ଶୁକ୍ରବାର ରାତିରେ କୁଆଡେ ସଇଜୁ ଫୋନ୍ କରି ମକସୁଦଙ୍କୁ ପୂର୍ବରୁ ଦେଇଥିବା ଏତଲାକୁ ଉଠାଇଦେବାକୁ କହିଥିଲେ। କିନ୍ତୁ ଏଥିରେ ରାଜି ନ ହେବାରୁ ସଇଜୁ ମକସୁଦଙ୍କୁ ଫସାଇ ଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଗତକାଲି ରାତିରେ ପୁଲିସ ସଇଜୁଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିଥିଲା। କିନ୍ତୁ ସଇଜୁଙ୍କୁ ପୁଲିସ ପରବର୍ତ୍ତୀ ସମୟରେ ଛାଡିଦେଇଥିବା ଜଣାପଡ଼ିଛି। ସଇଜୁ ଖାନଙ୍କ ମାଆ କହିଛନ୍ତି, ମୋ ପୁଅ ମକସୁଦ ଅଲ୍ଲୀଙ୍କ ଦୋକାନରେ କାମ କରି ଆମ ମୁହଁରେ ଆହାର ଦେଉଥିଲା। ଆମେ ମଧ ଭଲରେ ଚଳୁଥିଲୁ। ମୋ ପୁଅ ମକସୁଦଙ୍କ ସ୍କୁଟିରେ ବନ୍ଧୁକ ରଖି କାହିଁକି ବେଇମାନ୍ କରିବ ବୋଲି ସଇଜୁ ଖାନଙ୍କ ମାଆ ପ୍ରଶ୍ନ କରିଛନ୍ତି। ଆଜି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଥାନା କେଶ ନଂ୨୫୭/୨୫ ଆର୍ମସ ଆକ୍ଟ ଦଫା ୨୫ରେ ମୋକଦମା ରୁଜୁ କରି ଅଭିଯୁକ୍ତ ମକସୁଦ ଅଲ୍ଲୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅପରପକ୍ଷରେ ମକସୁଦ୍ ଅଲ୍ଲୀଙ୍କ ପରିବାର ଲୋକେ ଆସନ୍ତାକାଲି ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିବା ନେଇ ସୂଚନା ଦେବା ସହିତ ମକସୁଦଙ୍କୁ ବିନାକାରଣରେ ଫସାଇ ଦିଆଯାଇଥିବାରୁ ଏସ୍‌ପି ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ଦାବି କରିଛନ୍ତି।

- ସେଲ୍‌ସମ୍ୟାନକୁ ଛାଡ଼ିଲା ପୁଲିସ
- ବିହାର, ହରିୟାଣାରୁ ସାଇକଲ ପାର୍ଟସ ଟ୍ରକ୍‌ରେ ବନ୍ଧୁକ ଆସୁଥିବା କହିଲେ ସ୍ପେଶାଲ ସ୍କ୍ୱାର୍ଡ ଅଫିସର

# ଜବାହର ନବୋଦୟ ବିଦ୍ୟାଳୟରେ ମହାକାଶ ଦିବସ



କୁଜଙ୍ଗ,୨୪।୮ (ସମିସ): ସାଇଲୋ ପଞ୍ଚାୟତସ୍ଥ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ସମ୍ମାନିତ ଅତିଥି ଡଃ ସୁନାକର ବେହେରା, ଅଧକ୍ଷ ଶ୍ରୀକୃଷ୍ଣ ମହାପାତ୍ର, ଉପାଧ୍ୟକ୍ଷ ଅଧିର ନାୟକ, ସାଂସଦଙ୍କ ପ୍ରତିନିଧି ବିବେକାନନ୍ଦ ହୋତା, ସ୍ଥାନୀୟ ଯୁବ ସଂଗଠକ ସୌଭାଗ୍ୟ ନାୟକ ଉପସ୍ଥିତ ଥିଲେ। ଅଧକ୍ଷ ଶ୍ରୀକୃଷ୍ଣ ମହାପାତ୍ର ଅତିଥିଙ୍କୁ ସ୍ୱାଗତ ଭାଷଣ ମାଧ୍ୟମରେ ପରିଚିତ କରାଇବା ସହିତ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ନିର୍ମାଣ କରାଯାଇଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଅନାବରଣ ଓ ମାଲ୍ୟାର୍ପଣ ପରେ ସଭାଗୃହରେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଓ ପ୍ରଦୀପ ପ୍ରଜ୍ୱଳନ ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ମହାକାଶ ଦିବସ ଉପଲକ୍ଷେ ନିର୍ମିତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଆନୁଷ୍ଠାନିକ ଭାବେ ସ୍ପେସ କର୍ଣ୍ଣରକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ତଥା ସ୍ନାତକୋତ୍ତର ବିଭାଗ ଶିକ୍ଷକ ଅଂଶୁମାନ ମହାନ୍ତି ଆଜିର ମହାକାଶ ଦିବସ ଉପରେ ନିଜର ବକ୍ତବ୍ୟ ପ୍ରଦାନ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ, ଆସାମର ବିହୁ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଛତିଶଗଡ଼ର ଲୋକନୃତ୍ୟ ଓ ବକ୍ତୃତା ଇତ୍ୟାଦି ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ମହାକାଶ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ସାର୍ଟିଫିକେଟ ଓ ପଦକ ଦେଇ ପୁରସ୍କୃତ କରିଥିଲେ। ସଙ୍ଗୀତ ଶିକ୍ଷୟିତ୍ରୀ ପଦ୍ମଜା ବେହେରା, ବରିଷ୍ଠ ଶିକ୍ଷକ ସୀମାଞ୍ଚଳ ଗୌଡ଼, ଜୀବବିଜ୍ଞାନ ଶିକ୍ଷୟିତ୍ରୀ ଅଙ୍ଗୁରବାଳା ମଞ୍ଚ ପରିଚାଳନା କରିଥିବାବେଳେ ସୁଧିରଞ୍ଜନ ମହାପାତ୍ର, ଉଗ୍ରସେନ ନାୟକ, ଦିଗନ୍ତ ପଟ୍ଟନାୟକ, କବିତା ଜେନା, ସନ୍ତୋଷ ଜେନା, ସବିତା ପଣ୍ଡା, ଆଦିତ୍ୟ ମହତ, ନଗେନ୍ଦ୍ର ଶୁକ୍ଳା, କିଶାନ କୁମାର, ସୂର୍ଯ୍ୟକାନ୍ତ ଘଡ଼ାଇ, ସତ୍ୟଭାମା ସ୍ୱାଇଁ ଓ ପ୍ରଶାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ପୂର୍ଣ୍ଣ ସହଯୋଗ କରିଥିଲେ। ବିଦ୍ୟାଳୟ କମିଟି ଉପାଧ୍ୟକ୍ଷ ଅଧିର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାପ କାମୁଡ଼ାରେ ଶିଶୁକନ୍ୟା ମୃତ; ମାଆ ଗୁରୁତର

କେନ୍ଦ୍ରାପଡ଼ା,୨୪।୮ (ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚକ୍ରୋଡ଼ା ପଞ୍ଚାୟତର ଅର୍ଶୋକା ଗ୍ରାମରେ ସାପ କାମୁଡ଼ାରେ ଜଣେ ୨ ବର୍ଷର ଶିଶୁକନ୍ୟାର ମୃତ୍ୟୁ ହୋଇଯାଇଥିବାବେଳେ ଶିଶୁର ମାଆ ଗୁରୁତର ହୋଇ ଡାକ୍ତରଖାନାରେ ସଂଗ୍ରାମ କରୁଛନ୍ତି। ଅର୍ଶୋକା ଗ୍ରାମର ଫକୀର ଜେନା ତାଙ୍କ ପତ୍ନୀ ଗୀତାଞ୍ଜଳି ଓ ୨ ବର୍ଷର ଶିଶୁକନ୍ୟା ରାଜଶ୍ରୀ ରାତି ପ୍ରାୟ ୧୦ଟାରେ ଖାଇ ସାରି ଶୋଇଥିଲେ। ଗୋଟିଏ କୋଠରୀରେ ଫକୀର ଶୋଇଥିଲେ। ଅନ୍ୟ କୋଠରୀରେ ଗୀତାଞ୍ଜଳି ଓ ରାଜଶ୍ରୀ ଶୋଇଥିଲେ। ରାତି ପ୍ରାୟ ୩ଟା ସମୟରେ ଗୀତାଞ୍ଜଳି ଚିତ୍କାର କରି କହିଥିଲେ ତାଙ୍କୁ କୌଣସି ଜନ୍ତୁ କାମୁଡ଼ି ଦେଲା। ଚିତ୍କାର ଶୁଣି ଫକୀର ପତ୍ନୀ ଓ ଝିଅ ଶୋଇଥିବା କୋଠରୀକୁ ଯାଇଥିଲେ। ସେଠାରେ ଉଭୟ ମା’ ଓ ଝିଅ ଗୁରୁତର ହୋଇଥିଲେ। ସେମାନଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ଶିଶୁ କନ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ଗୀତାଞ୍ଜଳିଙ୍କୁ ସାପ କାମୁଡ଼ା ଇଞ୍ଜେକସନ ଦିଆଯାଇ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଫକୀର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ହେବା ପରେ ପୁଲିସ ଶିଶୁକନ୍ୟାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

# ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ବୈଠକ



ଡେରାବିଶ,୨୪।୮ (ସମିସ): ଜଳପୋକ ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଜଟେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକ୍‌ର କାର୍ମକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଘର ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ସମସ୍ୟା ବଢ଼ି ବଢ଼ି ଚାଲିଥିବାବେଳେ ଏହା ସମାଧାନର ନାଁ ଧରୁନାହିଁ ବୋଲି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସଂଘ ବହୁବାର ଶ୍ରମ ବିଭାଗ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କଲେ ମଧ କିଛି ସୁଫଳ ମିଳୁନାହିଁ। ନିର୍ମାଣ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନର ଆବଶ୍ୟକତା ରହିଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ପ୍ରାୟ ପାଞ୍ଚବର୍ଷ ହେବ ବହୁ ମହିଳା ଶ୍ରମିକ ପରିଚୟ ପତ୍ର ନିମନ୍ତେ ଦରଖାସ୍ତ କରି ମଧ ପରିଚୟ ପତ୍ର ପାଇପାରିନାହାନ୍ତି। ସେହିଭଳି ଶହ ଶହ ନିର୍ମାଣ ଶ୍ରମିକ ବର୍ଷ ବର୍ଷ ଧରି ତାଙ୍କ ଝିଅ ବିଭାଘର ଅନୁଦାନ ନିମନ୍ତେ ଦରଖାସ୍ତ କରି ମଧ ଅଦ୍ୟାବଧି ଅନୁଦାନ ପାଇପାରି ନ ଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି। ଶ୍ରମିକମାନଙ୍କ ସମସ୍ୟା ବିଷୟରେ ବହୁବାର ସଂଘ ଶ୍ରମ ଅଧିକାରୀଙ୍କ ସହିତ ଆଲୋଚନା କରି ପ୍ରଥମ ଦରଖାସ୍ତ ପ୍ରଥମ ବିଚାର ପଦ୍ଧତି ସ୍ଥିର ହୋଇଥିଲା। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ଏହି ପ୍ରତିଶ୍ରୁତି ପାଳନ କରୁନାହାନ୍ତି। ଫଳରେ ଶ୍ରମିକଙ୍କ ମଧରେ ଅସନ୍ତୋଷର ନିଆଁ କୁହୁଳୁଛି ବୋଲି ଶ୍ରୀ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଶ୍ରମିକଙ୍କ ସମସ୍ୟା ସମାଧାନ ନିମନ୍ତେ ଶ୍ରମିକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧରେ ମକର ରାଉଳ, ପ୍ରତାପ ମହାରଣା, ମନ୍ମଥ ପଣ୍ଡା, ବିଜୟ ସେଠୀ, ସୁମନ୍ତ ବାରିକ, ଅଜୟ ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ପ୍ରଦୀପ୍ତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# କଟକ-ଚାନ୍ଦବାଲି ରାସ୍ତାରେ ଚାରାରୋପଣ



ପଟ୍ଟାମୁଣ୍ଡାଇ,୨୪।୮ (ସମିସ): କବି ତଥା ପରିବେଶବିତ୍ ଡଃ ମନୋରଞ୍ଜନ ଦାଶ ଓ କଥାକାର ପରିବେଶବିତ୍ ଡଃ ନୀଳମଣି ଲେଙ୍କାଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଅଫିସ୍ ନିକଟସ୍ଥ କଟକ-ଚାନ୍ଦବାଲି ରାସ୍ତା ପାଶ୍ୱର୍ରେ ଜାମୁ, ତାଳ, କୃଷ୍ଣଚୂଡ଼ା ଓ ଆମ୍ବଗଛ ଆଦି ବୃକ୍ଷ ଚାରା ରୋପଣ କରାଯାଇଛି। ଏଥିରେ ପରିବେଶବିତ୍ ମୀନା କୁମାରୀ ସିଂହ, ପରିବେଶବିତ୍ ଗୀତାଞ୍ଜଳି ଦାଶ, କୃଷି ବୈଜ୍ଞାନିକ ଗାୟତ୍ରୀ ଦାଶ, ସାଇ ଜନ୍ମେଜୟ ସମ୍ବିତ ମହାନ୍ତି, କାଦମ୍ବିନୀ ପାତ୍ର ଓ ଚନ୍ଦନ ଗୋଚ୍ଛାୟତ ପ୍ରମୁଖ ୩୫ ଜଣ ପରିବେଶବିତ ଓ କବି ଯୋଗଦେଇ ଚାରାରୋପଣ କରିଥିଲେ।

# ପାରାଦୀପ କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା




ପାରାଦୀପ,୨୪।୮ (ସମିସ): ପାରାଦୀପ ମହାବିଦ୍ୟାଳୟର ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ଏନସିସିରୁ ଅବସର ନେଉଥିବାରୁ ତାଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଏନସିସି ଆଲୁମ୍ନି ଅସୋସିଏସନ୍ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଭିନ୍ନ କ୍ଷେତ୍ରରୁ ଆସିଥିବା ଏନସିସି ପୁରୁଣା କ୍ୟାଡେଟ୍ ଶ୍ରୀ ମିଶ୍ରଙ୍କ ସହିତ ବିତିଥିବା ସ୍ମୃତି ଉପରେ ଆଲୋଚନା କରିଥିଲେ। ଆସୋସିଏସନ୍‌ର ଅଧକ୍ଷ ଅମ୍ବିକା ପ୍ରସାଦ ମହାପାତ୍ର ଯୋଗଦେଇ କହିଲେ, ଏହା କେବଳ ଅବସରକାଳୀନ ସମାରୋହ ନୁହେଁ, ଏହା ସାରଙ୍କ ୨୫ ବର୍ଷର ନିଷ୍ଠା, ସେବା ଓ ପ୍ରେରଣା, ଅବଦାନର ଉତ୍ସବ। ଏବେ ସାର ନୂଆ କ୍ୟାଡେଟଙ୍କୁ ଦିଗଦର୍ଶନ ଦେବେ ଓ ଆମର ଏନସିସି ଅସୋସିଏସନ୍‌ର ଉପଦେଷ୍ଟା ଭାବେ ସଦା ଆମକୁ ନିର୍ଦ୍ଦେଶନା ତଥା ପଥ ପ୍ରଦର୍ଶନ ଜାରି ରଖିବେ। ମୁଖ୍ୟଅତିଥି ଭାବେ ବନ୍ଦର ଅର୍ଥ ପରାମର୍ଶଦାତା ଡିଏନ ସୋନ୍ଦି ଓ ତାଙ୍କ ପତ୍ନୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷା ଡଃ ସସ୍ମିତା ଶତପଥୀ, ଆଇସିଜିଏସ ଡେପୁଟି କମାଣ୍ଡାଣ୍ଟ ରୋହିତ ଗୋଏଲ ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶଶୀକାନ୍ତ ଝାଙ୍ଗିଡ୍ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଏନସିସି ପରିବାର ସେମାନଙ୍କର ପ୍ରିୟ ଅଧାପକ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ରଙ୍କ ଶାନ୍ତି ଓ ନିରାମୟ ଜୀବନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ତାଙ୍କର ସେବାମୂଳକ କାର୍ଯ୍ୟ ପାଇଁ ନିଜର କୃତଜ୍ଞତା ଜ୍ଞାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, ନୂତନ ଏନସିସି ଅଫିସର ଅଭିଷେକ ବିଶ୍ୱାଳଙ୍କ ସମେତ ସମସ୍ତ ନୂତନ ଓ ପୁରାତନ କ୍ୟାଡେଟ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ



ମାର୍ଶାଘାଇ,୨୪।୮ (ସମିସ): ମାର୍ଶାଘାଇ ବ୍ଲକ୍ ଗରଜଙ୍ଗା ପଞ୍ଚାୟତର ବଡ଼ପାଳ ଛକ ଶ୍ରୀଜଗନ୍ନାଥ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ଓ ମହାଯଜ୍ଞ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ଚିତ୍ରୋତ୍ପଳା ନଦୀରୁ କଳାସ ଅଧିବାସ କରି ମହିଳା ଓ ପୁରୁଷ ୧୦୮ କଳସ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପରେ ପହଞ୍ଚିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପଣ୍ଡିତ ମାନସ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟପୂଜା, ଗୋପୂଜା, କୁଣ୍ଡମଣ୍ଡପ ସଂସ୍କାର, ଅଗ୍ନି ସ୍ଥାପନ ଇଷ୍ଟଦେବ ଶ୍ରୀଜଗନ୍ନାଥଙ୍କ ବଶେଷ ପୂଜାର୍ଚ୍ଚନା, ମହାପ୍ରଭୁଙ୍କୁ ପୂର୍ଣ୍ଣଆଳତୀ, ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ରାତି ୮ଟାରେ ମହାଯଜ୍ଞ ପୂର୍ଣ୍ଣାହୁତି କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତ ପରିଷଦ ସଭାପତି ବଳରାମ ମହାନ୍ତି ଉପସ୍ଥିତ ଥିଲେ। ଏହି ବାର୍ଷିକ ଉତ୍ସବ ଶ୍ରୀଜଗନ୍ନାଥ ଦେବସ୍ଥାନ ଚାରିଟେବୁଲ ଟ୍ରଷ୍ଟ ନେତୃତ୍ୱରେ ପରିଚାଳିତ କରାଯାଇଥିଲା। ଟ୍ରଷ୍ଟ ସଭାପତି ରୀନାବାଳା ବେହେରା, ସମ୍ପାଦକ ଅରୁଣ କୁମାର ନାୟକ, କୋଷାଧ୍ୟକ୍ଷ ଦୀପ୍ତିରଞ୍ଜନ ଲେଙ୍କା, ଉପଦେଷ୍ଟା ସରୋଜ କାନ୍ତ ପଣ୍ଡା, ରଶ୍ମିରଞ୍ଜନ ମହାପାତ୍ର, ପୂର୍ବତନ ସରପଞ୍ଚ ବିପୁଲ କୁମାର ନାୟକ, ଶଶୀକାନ୍ତ ମଲ୍ଲ, ସୁକାନ୍ତ ମଲ୍ଲ, ଅଶୋକ ପଟ୍ଟନାୟକ, ଅଶ୍ୱନୀ କୁମାର ଲେଙ୍କା, ହରେକୃଷ୍ଣ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଡେରାବିଶ ସାଂସ୍କୃତିକ ସଂଗଠନର ବୈଠକ

ଡେରାବିଶ,୨୪।୮ (ସମିସ): ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ସାଇ ଟ୍ୟୁଟୋରିଆଲ୍ ପରିସରରେ ଡେରାବିଶ ସାଂସ୍କୃତିକ ସଂଗଠନର କର୍ମକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଡ. ଭକ୍ତକବି ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଗଠନର ସମସ୍ତ ସଦସ୍ୟ ଯୋଗଦେଇ ଆଗାମୀ ୨୦୨୬ ଡେରାବିଶ ମହୋତ୍ସବକୁ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା। ଏ ଅବସରରେ ସଦସ୍ୟଙ୍କ ମଧ୍ୟରୁ ସଂଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଡଃ ଭକ୍ତକବି ଦାସଙ୍କୁ ପୁନର୍ବାର ସଂଗଠନର ସଭାପତି, ଉପସଭାପତି ଭାବେ ନିଗମ ସାହୁ, ସମ୍ପାଦକ ଭାବେ ସରୋଜ କୁମାର ଦାଶ, ସହସମ୍ପାଦକ ଭାବେ ଶାନ୍ତିସ୍ୱରୁପ ଭୂୟାଁ ଓ କୋଷାଧ୍ୟକ୍ଷ ଭାବେ ରାମଚନ୍ଦ୍ର ରାଉତଙ୍କୁ ମନୋନୀତ କରାଯାଇଥିଲା। ଏହି ବୈଠକରେ ସଂଗଠନର ସଦସ୍ୟ ନିରଞ୍ଜନ କର, ଅତୁଲ୍ୟ କୁମାର ରଥ, ତ୍ରିଲୋଚନ ରାଉତ, ଈଶ୍ୱର ପୃଷ୍ଟି, ସତ୍ୟଜିତ ଲେଙ୍କା, ସୁନାକର ମହାରଣା, ବିଷ୍ଣୁଦେବ ବେହେରା, ଚିତ୍ତରଞ୍ଜନ ଦାସ, ଲକ୍ଷ୍ମୀକାନ୍ତ ଜେନା, ରାମଚନ୍ଦ୍ର ସେନାପତି, ହରିଶ୍ଚନ୍ଦ୍ର ସାହୁ, ନୀଳମଣି ବେହେରା, ଗୌରାଙ୍ଗ ସାହୁ, କରୁଣାକର କର, ବିପିନ ସାହୁ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।



# ଫୁଲୁଛି ଖରସ୍ରୋତା; ଧୋୟାଞ୍ଚଳ ଲୋକେ ଭୟଭୀତ

ଗୋବିନ୍ଦପୁର,୨୪।୮ (ସମିସ)

ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଖରସ୍ରୋତା ଓ କାଣୀ ନଦୀରେ ପୁଣି ଜଳପତ୍ତନ ବୃଦ୍ଧି ପାଉଛି। ଫଳରେ ଧୋୟାଞ୍ଚଳ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଖରସ୍ରୋତା ନଦୀର ବନ୍ୟା ଜଳ ବୃଦ୍ଧି ପାଉଛି। ଧୋୟାଞ୍ଚଳ ଲୋକେ ପୁଣି ଜଳ ବନ୍ଦୀ ଆଶଙ୍କାରେ ଆତଙ୍କିତ ହୋଇପଡିଛନ୍ତି। ଚଳିତବର୍ଷ ବନ୍ୟା ଯୋଗୁଁ ଏ ଅଞ୍ଚଳର ୧୦ଟି ପଞ୍ଚାୟତର ଲୋକେ ଦୁଇଥର ବନ୍ୟାରେ ୨୦ ଦିନ ଜଳବନ୍ଦୀ ରହିଥିଲେ। ଧୋୟାଞ୍ଚଳର ସମସ୍ତ ମୁଖ୍ୟ ରାସ୍ତା ବୁଡ଼ି ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଥିଲେ ଧୋୟାଞ୍ଚଳ ଲୋକେ। ଚାଷଜମି ଏକମାସ ବୁଡ଼ି ରହି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା। ଏବେ ପୁଣି ତୃତୀୟ ବନ୍ୟା ଆସିଥିବାରୁ ଜଳବନ୍ଦୀ ଆଶଙ୍କାରେ ଆତଙ୍କିତ ହୋଇପଡ଼ିଛନ୍ତି। ଖରସ୍ରୋତା ନଦୀର ମଧୁସୂଦନପୁର ସେକ୍ସନଠାରେ ବିପଦସଙ୍କୁଳ ୨୭.୫୨ ମିଟର ଥିବାବେଳେ ସନ୍ଧ୍ୟା ୮ଟା ସୁଦ୍ଧା ଜଳପତ୍ତନ ୨୫.୬୨ ମିଟରରେ ପହଞ୍ଚିଛି।



# ଓଡ଼ିଶା ଅବସରପ୍ରାପ୍ତ ରାଜସ୍ୱ ଅମଲା ସଙ୍ଘ ଜିଲ୍ଲା ଶାଖାର ବୈଠକ

କେନ୍ଦ୍ରାପଡ଼ା,୨୪।୮ (ସମିସ): ଓଡ଼ିଶା ଅବସରପ୍ରାପ୍ତ ରାଜସ୍ୱ ଅମଲା ସଙ୍ଘ କେନ୍ଦ୍ରାପଡା ଜିଲ୍ଲା ଶାଖାର ପ୍ରଥମ ସାଂଗଠନିକ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅମଲା ସଙ୍ଘ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନିତ୍ୟାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାଂଗଠିକ ବୈଠକରେ ଅବସର ପରେ ମୃତ୍ୟୁବରଣ କରିଥିବା କିଶୋର ଚନ୍ଦ୍ର କରଙ୍କ ସମେତ ଅନ୍ୟ ୩୦ ଜଣ କର୍ମଚାରୀଙ୍କ ବିୟୋଗରେ ସେମାନଙ୍କ ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବର୍ତ୍ତମାନ ରାଜ୍ୟରେ ଚାଲୁ ରହିଥିବା ରାଜସ୍ୱ ଅମଲା ସଙ୍ଘର ଅନିର୍ଦ୍ଧିଷ୍ଟକାଳ ଧର୍ମଘଟକୁ ପୂର୍ଣ୍ଣ ସମର୍ଥନ ଘୋଷଣା କରାଯାଇଥିଲା। ଏହି ଜିଲ୍ଲାର ବାସିନ୍ଦା ଥାଇ ଅନ୍ୟ ଜିଲ୍ଲାର ରାଜସ୍ୱ ବିଭାଗରେ କାମ କରି ଅବସର ନେଇଥିବା କର୍ମଚାରୀଙ୍କୁ ଏହି ସଙ୍ଘରେ ସାମିଲ କରାଯିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ସହିତ ସମସ୍ତ ସଭ୍ୟ ଅନୁବନ୍ଧିତ ହେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିସହ ସଂଗନର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ନିତ୍ୟାନନ୍ଦ ମିଶ୍ର, କାର୍ଯ୍ୟକାରୀ ସଭାପତି ରୂପେ ଶୁଭେନ୍ଦୁ ତ୍ରିପାଠୀ, ସମ୍ପାଦକ ଗୌରାଙ୍ଗ ଚରଣ ବେହେରା, ଉପସଭାପତି ଅକ୍ଷୟ ନାୟକ, ସଂଗଠନ ସମ୍ପାଦକ ବଳରାମ ବରାଳ, ଅର୍ଥ ସମ୍ପାଦକ ନରୋତ୍ତମ ପରିଡା, ଯୁଗ୍ମସମ୍ପାଦକ ବସନ୍ତ କୁମାର ଓଝା, ଆଞ୍ଚଳିକ ସମ୍ପାଦକ ପଟ୍ଟାମୁଣ୍ଡାଇ ପାଇଁ ଅଜୟ କୁମାର ଦାସ, ମାର୍ଶାଘାଇ ପ୍ରଶାନ୍ତ କୁମାର ସ୍ୱାଇଁ, କେନ୍ଦ୍ରୀୟ ଜୋନର ନିର୍ମଳ କୁମାର ଦାସ, ମହିଳା ମୋର୍ଚ୍ଚା ସମ୍ପାଦିକା ଭାବେ ଅନୁପମା ପଣ୍ଡାଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକାରୀ ସଦସ୍ୟ ଭାବେ ଉମାକାନ୍ତ ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ମହାନ୍ତି, ସୁଦର୍ଶନ ବେହେରା, ନମିତା ବିଶ୍ୱାଳ, ଭାଗବତ ନାୟକ ଓ ଅକ୍ଷୟ ପ୍ରଧାନ ଏବଂ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ପ୍ରହଲ୍ଲାଦ ଲେଙ୍କା, ହରେକୃଷ୍ଣ ବରାଳ ଓ ଶରତ ଚନ୍ଦ୍ର ଧଳଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ପରବର୍ତ୍ତୀ ବୈଠକ ଆସନ୍ତା ସେପ୍ଟେମ୍ବର ମାସ ୧୦ ତାରିଖରେ କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା। ଶେଷରେ ପ୍ରହଲ୍ଲାଦ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଆସୁଛନ୍ତି ଗଜାନନ

# ଶୋଭା ପାଇବ ସୁନ୍ଦର ମୂର୍ତ୍ତି ସହ ସୁଉଚ୍ଚ ତୋରଣ

ବାଲେଶ୍ୱର,୨୪।୮ (ସମିସ)

ଚଳିତବର୍ଷ ୧୬ ବର୍ଷରେ ପାଦ ଥାପିଛି କନଭେଣ୍ଟ ସ୍କୁଲ ରୋଡ୍ ସ୍ଥିତ ବାସ୍ ହଣ୍ଟର କ୍ଲବ। ପ୍ରତ୍ୟେକ ବର୍ଷ ପ୍ରଭୁ ଶ୍ରୀ ଗଣେଶଙ୍କ ବିଭିନ୍ନ ଡିଜାଇନ୍ ର ମୃଣ୍ମୟୀ ମୂର୍ତ୍ତି ଭକ୍ତ ମାନଙ୍କୁ ଆକୃଷ୍ଟ କରିଥାଏ। ଛୋଟ ପିଲାଙ୍କ ଖୁସିକୁ ଆଖି ଆଗରେ ରଖି ଏହି ପୂଜା ମଣ୍ଡପରେ ମନଲାଖି ମୂର୍ତ୍ତି ଏବଂ ଡେକୋରେସନ କରାଯାଇଥାଏ। ସେଥିପାଇଁ କ୍ଲବ ସଦସ୍ୟମାନେ ପୂଜାକୁ କେମିତି ସୁନ୍ଦର ଏବଂ ଆଡମ୍ବର ସହ ପାଳିବେ, ତାହା ହିଁ ଏକ ମାତ୍ର ଲକ୍ଷ୍ୟ ରଖି କାମ କରନ୍ତି। ଚଳିତବର୍ଷ ପୂଜା କମିଟି ପକ୍ଷରୁ ୩ ଲକ୍ଷର ବଜେଟ ରଖାଯାଇଛି। ଏହି ବର୍ଷ ଗଜାନନ ମହା ଗଣପତି ବେଶରେ ଲଳିତ ଆସନରେ ବିରାଜମାନ ହେବେ ଏବଂ ଭକ୍ତମାନଙ୍କୁ ଦର୍ଶନ ଦେବେ। ଭସାଣି ଉତ୍ସବରେ ପ୍ରତି ବର୍ଷ ଭଳି ଏହି ବର୍ଷ ମଧ୍ୟ ଡିଜେ ଏବଂ ଢୋଲ ବାଜାର ଆୟୋଜନ କରାଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ଗଣେଶ ବାବାଙ୍କ ଆଳତି ଏବଂ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। କ୍ଲବ ସଭାପତି ଭବାନୀ ଶଙ୍କରଙ୍କ କହିବା ଅନୁସାରେ, ବାଲେଶ୍ୱରରେ ଭାଇଚାରାର ସହର ଏବଂ ବାସ୍ ହଣ୍ଟର କ୍ଲବରେ ସମସ୍ତ ଧର୍ମର ପିଲା ମାନେ ମିଶି ଏହି ପୂଜାକୁ ଏକ ନିଆରା ଢଙ୍ଗରେ ପାଳନ କରିଥାନ୍ତି। ଏଥିସହିତ ପୁରା ବିଶ୍ୱକୁ ଭାଇଚାରାର ବାର୍ତ୍ତା ଦେଇଥାନ୍ତି।



ବାସ୍ ହଣ୍ଟର କ୍ଲବ୍



ଓମ୍‌କାର କ୍ଲବ୍



ସରକାର ବୋଏଜ କ୍ଲବ୍

**ଓମ୍‌କାର କ୍ଲବ:** ୨୦୧୮ ମସିହାରୁ ଆରମ୍ଭ ହୋଇଥିବା କନଭେଣ୍ଟ ସ୍କୁଲ ରୋଡ୍ ସ୍ଥିତ ଓମ୍‌କାର କ୍ଲବ ଚଳିତ ବର୍ଷ ଆଠ ବର୍ଷର ଗଣେଶ ପୂଜା ପାଳନ କରିବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କିଛି ଭିନ୍ନ କରିବାକୁ ଚେଷ୍ଟା କରିଛି କ୍ଲବ। ପୂଜା ପାଇଁ ଏଥର ବଜେଟ୍ ୨ ଲକ୍ଷ ଟଙ୍କା ରହିଛି। ଏଥର ମୁଖ୍ୟ ଆକର୍ଷଣ ହେଉଛି କାଳିଆ ନାଗ ଉପରେ ବଂଶୀ ଧରି ବିରାଜମାନ ହେବେ ଶ୍ରୀଗଣେଶ। ଏହି ମୂର୍ତ୍ତିର ଉଚ୍ଚତା ୧୩ ଫୁଟ୍ ରହିଥିବା ବେଳେ ପଶ୍ଚିମବଙ୍ଗ କାରିଗର ମୂର୍ତ୍ତି ନିର୍ମାଣ କରୁଛନ୍ତି। ମୂର୍ତ୍ତି ପାଇଁ ୫୦ ହଜାର ଟଙ୍କା ବଜେଟ୍ ରହିଛି। ଏହାବ୍ୟତୀତ ମଣ୍ଡପ, ଆଲୋକମାଳା ଏବଂ ମୂର୍ତ୍ତି ବିସର୍ଜନ ପାଇଁ ଏକ ଲକ୍ଷ ଟଙ୍କା ଖର୍ଚ୍ଚ ପାଇଁ ସିଦ୍ଧାନ୍ତ ହୋଇଛି। ତତ୍ ସହିତ ୧୫ ଫୁଟ୍ ଉଚ୍ଚତାର ବାଉଁଶରେ ମଣ୍ଡପ ନିର୍ମାଣ କରାଯାଉଛି। ଆସନ୍ତା ୨୭ ଓ ୨୮ ତାରିଖ ଦୁଇ ଦିନ କ୍ଲବ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଭସାଣିରେ ଡିଜେ ସହ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦିଆଯାଉଛି। କମିଟିରେ ୫୦ରୁ ଅଧିକ କର୍ମକର୍ତ୍ତା ରହିଥିବା ବେଳେ ସଭାପତି ଶୁଭଜିତ ମଜୁମଦାର, ସମ୍ପାଦକ ରାଜକିଶୋର ପାତ୍ର, ଉପସଭାପତି ଆଦର୍ଶ ମିଶ୍ର, କୋଷାଧକ୍ଷ ଉତ୍କଳ ଗୌରବ ଭୂୟାଁ, ସଦସ୍ୟ ଦିଲ୍ଲୀପ ପ୍ରଧାନ, ପବିତ୍ର, ପଦ୍ମଲୋଚନ, ଖଗେଶ୍ୱର, କମଳ, ମୁନା, ଧର୍ମେନ୍ଦ୍ର, ରତି, ସତ୍ୟବ୍ରତ, ଉତ୍ତମ, ଚନ୍ଦ୍ରଶେଖର ପ୍ରମୁଖଙ୍କ ସହଯୋଗରେ ପୂଜା ସମ୍ପନ୍ନ ହୋଇଥାଏ।

**ସରକାର ବୋଏଜ କ୍ଲବ :** ସରକାର ବୋଏଜ କ୍ଲବ ପକ୍ଷରୁ ଚଳିତ ଗଣେଶ ପୂଜାକୁ ସଠିକ ଭାବେ ପରିଚାଳନା କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଆଦର୍ଶ ମୁଖୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କ୍ଲବର ଉପଦେଷ୍ଟା ଭାବେ ଅରୁଣ କୁମାର ସ୍ୱାଇଁ ଯୋଗଦେଇ ଚଳିତ ବର୍ଷ କିପରି ଭାବେ ଗଣେଶ ପୂଜା ଶାନ୍ତି ଶୃଙ୍ଖଳାର ସହ ହେବ ସେ ନେଇ ସୂଚନା ପ୍ରଦାନ କରିଥିଲେ। କ୍ଲବର ବିଭୂପଦ ପରିଡା କହିଥିଲେ ଯେ, ଚଳିତ ବର୍ଷ ଏହି ଗଣେଶ ପୂଜାକୁ ମିଶାଇ ମୋଟ ତୃତୀୟ ଥର ପାଇଁ ଆୟୋଜନ କରାଯାଉଛି। ଚଳିତ ପୂଜାରେ ବିଶେଷତ୍ୱ ଭାବେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଅବତାରରେ ଶ୍ରୀଗଣେଶ ପୂଜା ପାଇବେ। ସହରର ଚିଡିଆପୋଲ ନିକଟରେ ଥିବା ଏକ ମାର୍ଟ ସମ୍ମୁଖରେ ପୂଜା କରାଯିବ। ଦୁଇଦିନ ଧରି ଲୋକମାନଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ସୁନ୍ଦର ତୋରଣ ସାଙ୍ଗକୁ ସାଜସଜ୍ଜା ମଧ୍ୟ ରହିଛି। ପାଖାପାଖି ୧୨ରୁ୧୩ଫୁଟ ଉଚ୍ଚତାର ମୂର୍ତ୍ତି ପେଣ୍ଡାଲରେ ପୂଜା ପାଇବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସତ୍ୟଜିତ ବେହେରା, ଅଜୟ ଦାସ, ଦେବୀଦତ୍ତ ପରିଡା, ଅନୀଲ ରାଓ, ଶଙ୍କର ରାଓ, ଦେବେନ୍ଦ୍ର କୁମାର ମାଝୀ, ନିତିଶ ଦାସ, ହିମାଂଶୁ ଦାସ, ଜ୍ୟୋତିରଞ୍ଜନ ମହାନ୍ତି, ଦିବ୍ୟରଞ୍ଜନ ମହାନ୍ତି, କ୍ଷୀରୋଦ ଚନ୍ଦ୍ର ଦାସ, ରାକେଶ ଦାଶଙ୍କ ସମେତ କ୍ଲବର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଜ୍ଞାନଶ୍ରୀ ପକ୍ଷରୁ ନିଶା ନିବାରଣ କାର୍ଯ୍ୟକ୍ରମ




ବାଲେଶ୍ୱର,୨୪।୮ (ସମିସ): ଜ୍ଞାନଶ୍ରୀ ଆନୁକୂଲ୍ୟରେ ନିଶା ନିବାରଣ କାର୍ଯ୍ୟକ୍ରମ 'ନିଶାନ୍ତ' ବାଲିଆ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରତିଷ୍ଠାତା ଡ. ଉପେନ୍ଦ୍ର କୁମାର ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜ୍ଞାନଶ୍ରୀ ସଂପାଦକ ପ୍ରଶାନ୍ତ କୁମାର ପଟେଲଙ୍କ ସଂଯୋଜନାରେ ଆୟୋଜିତ ସଭାରେ ନ୍ୟୁ ଲାଇଫ ନିଶା ନିବାରଣ ସଂସ୍ଥାର ସଂପାଦକ ବିକ୍ରମ ଦାସ ପିଲାମାନଙ୍କୁ ନୈତିକ ଶିକ୍ଷାକୁ ଜୀବନରେ କାର୍ଯ୍ୟକାରୀ କରିବାକୁ ପ୍ରେରଣା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ଶିଳ୍ପଦ୍ୟୋଗୀ ଦେବଜ୍ୟୋତି ଦାସ ମହାପାତ୍ର ଏବଂ ଆଦିତ୍ୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଯୁବ ସମାଜ ଉପରେ ପଡୁଥିବା ନିଶାର ଭୟଙ୍କର ପ୍ରଭାବ ବାବଦରେ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଶା ଆଜିର ସମାଜ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ମାନପତ୍ର, ପୁରସ୍କାର ପ୍ରଦାନ କରାଯାଇଥିଲା। ନିଶା ସେବନ ନ କରିବା ସହିତ ନିଶା ବିରୁଦ୍ଧରେ ସଚେତନତା ସୃଷ୍ଟି କରିବାରେ ସହାୟକ ହେବାକୁ ଛାତ୍ରଛାତ୍ରୀ ତଥା ଅତିଥିମାନଙ୍କ ଦ୍ୱାରା ଶପଥ ପାଠ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ନୀଳିମା ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଜ୍ଞାନଶ୍ରୀର ସଦସ୍ୟ ଗୋପବନ୍ଧୁ ଗିରି, ସତ୍ୟ ପ୍ରକାଶ ଜେନା, ସୁଶାନ୍ତ ସିଂ, ବିଦ୍ୟାଳୟର ଶିକ୍ଷକ ପ୍ରକାଶ ମହାନ୍ତି, ଶିକ୍ଷୟିତ୍ରୀ ତାନଶ୍ରୀ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହାବୀର ଆଖଡ଼ା ସଂଘ ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର,୨୪।୮ (ସମିସ): ବାଲେଶ୍ୱର ମହାବୀର ଆଖଡା ସଂଘର ଶହେ ବର୍ଷ ପୂର୍ତ୍ତି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ସ୍ଥାନୀୟ ରକ୍ତଭଣ୍ଡାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ମହାବୀର ଆଖଡା ସଂଘର ସର୍ଦ୍ଦାର ରବୀନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଅନୁଷ୍ଠାନିକ ଭାବେ ଉଦଘାଟନ ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସଂଘର ସଭାପତି ଗୋପୀନାଥ ଶତପଥୀ ପୌରହିତ୍ୟ କରିବା ସହିତ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ୬୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ଶିବିରରେ ଉପସଭାପତି ପଦ୍ମଲୋଚନ ଲେଙ୍କା ଏବଂ ମନୋଜ ରାଉତ, ସାଧାରଣ ସମ୍ପାଦକ ମନୋଜ ଦାସ, ଯୁଗ୍ମ ସମ୍ପାଦକ ରାମେଶ୍ୱର ବେହେରା, କୋଷାଧକ୍ଷ ରାଜେନ୍ଦ୍ର ଚାଟାର୍ଜୀ, ଲମ୍ବୋଧର ବେହେରା, ରାଜେନ୍ଦ୍ର ଚାଟାର୍ଜୀ, ସିମନ ଦାସ ମହାପାତ୍ର, ଭରତ ଭୂଷଣ ଦାସ, ଆଶ୍ରିତା ତରେଇ, ପଦ୍ମଲୋଚନ ଦତ୍ତ, ବିଜୟ ପଲେଇ, ଧୀରେନ ନାୟକ, ଦେବେନ୍ଦ୍ର ଦାସ, ବିଭୂଦ ଦାସ, ରବୀନ୍ଦ୍ର ବେହେରା, ପ୍ରତିମା ପଣ୍ଡା, ଶ୍ରୀମନ୍ତ ମାଝୀ, ସତ୍ୟେନ୍ଦ୍ର ଦାସ, ରାଜେନ୍ଦ୍ର ଦାସ, ବାସନ୍ତି ନାୟକ, ଧିରଜ ମହାନ୍ତି, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ସାଂସଦଙ୍କୁ ଦାବିପତ୍ର



ନୀଳଗିରି, ୨୪।୮ (ସମିସ): ନୀଳଗିରି ନିର୍ବାଚନମଣ୍ଡଳୀ କେ.ପି ଲାଖରଜ ପଞ୍ଚାୟତ ମିତ୍ରପୁର ଅଞ୍ଚଳର କୁଅଁରପୁର ମାହାଲ ମୌଜାର ବାଦାମବାଡି ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଉକ୍ତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଭେଟି ଦାବିପତ୍ର ଦେବା ସହିତ ଅନୁରୋଧ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଗୋପାଳଚନ୍ଦ୍ର ମହାପାତ୍ର, ପ୍ରକାଶଚନ୍ଦ୍ର ମହାପାତ୍ର, ସଞ୍ଜୀବ କୁମାର ସିଂହ, ଜଗବନ୍ଧୁ ମହାପାତ୍ର, ଅଜୟ କୁମାର ବାରିକ, ମନୋରଞ୍ଜନ ପଣ୍ଡା, ବିଘ୍ନେଶ୍ୱର ଦାସ, ରତିକାନ୍ତ ସିଂ, ସାରଦା ପ୍ରସାଦ କର ପ୍ରମୁଖ ଶହେରୁ ଅଧିକ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ ପ୍ରଚେଷ୍ଟା ବିଶେଷକରି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖିବା ଏବଂ ବ୍ୟକ୍ତିଗତ ଭାବେ ଭେଟି ନୀଳଗିରିରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଅନୁରୋଧ କରିଥିଲେ। ସାଂସଦଙ୍କ ଅନୁରୋଧକୁ ରକ୍ଷାକରି ଶେଷରେ ନୀଳଗିରି ଅଞ୍ଚଳରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାପାଇଁ କେନ୍ଦ୍ର ସରକାର ସହମତି ପ୍ରକାଶ କରିଛନ୍ତି। ଏ ନେଇ ଗତ ଅଗଷ୍ଟ ୧୩ତାରିଖରେ ଜମିଚିହ୍ନଟ ପାଇଁ ଏକ ପ୍ରଶାସନିକ ଟିମ୍ ବ୍ଲକର ନରଣପୁର ପଞ୍ଚାୟତର ନକୁଳକୁଅଁର ଅଞ୍ଚଳ ଏବଂ କେ.ପି ଲାଖରଜପୁର ପଞ୍ଚାୟତ କୁଅଁରପୁର ମାହାଲ ଅଞ୍ଚଳ ପରିଦର୍ଶନ କରିଥିଲେ।




# ନିଷ୍ଟ ନର୍ସିଂ ଓ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ବିଜ୍ଞାନ ସଚେତନତା ରାଲି

ବାଲେଶ୍ୱର,୨୪।୮ (ସମିସ): ବିଜ୍ଞାନ ଚେତନା ମଞ୍ଚ ଦ୍ୱାରା ନିଷ୍ଟର ନର୍ସିଂ, +୨ ବିଜ୍ଞାନ, +୩ ବିଜ୍ଞାନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ବିଜ୍ଞାନ ସଚେତନତା ରାଲି କରାଯାଇଥିଲା। ଏହା "ଇଣ୍ଡିଆ ମାର୍ଚ୍ଚ ଫର ବିଜ୍ଞାନ-୨୦୨୫" ରାଲି ଥିଲା। ଲୋକମାନଙ୍କୁ ଅନ୍ଧ ବିଶ୍ୱାସରୁ ଦୂରେଇ ଯାଇ କିପରି ବାସ୍ତବ କଥା ଜାଣିପାରିବେ, ବିଜ୍ଞାନର ଜୈବିକ ବ୍ୟବହାର ତଥା ବିଜ୍ଞାନଭିତ୍ତିକ ଚିନ୍ତାଧାରାରେ ରହିଲେ ଓ ସରକାର ବିଜ୍ଞାନ ବିଭାଗ ପାଇଁ ଆଉ ଟିକେ ଅଧିକ ଅର୍ଥ ରାଶି ରଖିଲେ ଆମ ଭାରତ ଏକ ବିକଶିତ ଦେଶରେ ପରିଣତ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ରମେଶ ଚନ୍ଦ୍ର ନାୟକ ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ବିଶ୍ୱ ରେକର୍ଡ କରିଥିବା ଅଗ୍ନିଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ତଥା ଅଧ୍ୟାପକ ଡ. ପଙ୍କଜ କୁମାର ଜେନା, ଅତିଥି ଭାବେ ନନ୍ଦରାୟ ଚୌଧୁରୀ, ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ଅଧ୍ୟାପକ ନିରଞ୍ଜନ ଜେନା, ଅଧ୍ୟାପକ ଚନ୍ଦନ ନାୟକ, କେଶବ ନାୟକ, ପ୍ରଧାନ ଶିକ୍ଷକ ହରିହର ଭୂୟାଁ, ପୂର୍ବତନ ବିଜ୍ଞାନ ପରିଦର୍ଶକ ନୃସିଂହ ଚରଣ ନାୟକ ଯୋଗଦେଇ ରାଲିରେ ଭାଗ ନେଇଥିଲେ। ସଦାଶିବ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ରାଲିକୁ ଅଜିତ ସାହୁ, ମନୋଜ ପ୍ରଧାନ, ଦୟାନନ୍ଦ ଶତପଥୀ ସତ୍ୟପ୍ରକାଶ ଭୂୟାଁ, ଉତ୍ତମ ବେହେରା, ଲକ୍ଷ୍ମୀକାନ୍ତ ନାଥ, ରାଜେନ୍ଦ୍ର ମନ୍ତ୍ରୀ ପରିଚାଳନା କରିଥିଲେ।




## ଜବରଦଖଲ ଉଚ୍ଛେଦ ଲାଗି ଆତ୍ମାହୁତି ଚେତାବନୀ

ଜଳେଶ୍ୱର,୨୪।୮ (ସମିସ): ଜଳେଶ୍ୱର ତହସିଲ ଅନ୍ତର୍ଗତ ଖୁଆଡ଼ ରାଜସ୍ୱ କାର୍ଯ୍ୟାଳୟ ଅଧିନସ୍ଥ ପୁରୁଣାପାଣି ମୌଜାର ମହୁଡୁମା ଗ୍ରାମରେ ଥିବା ଖାତା ନମ୍ବର ୬୩୫ ପ୍ଲଟ ନମ୍ବର ୧୩୫ ରେ ୧୯ ଡ଼ିସିମିଲ ପରିମିତ ଗୋଚର ଜମି ଓ ୬୩୪ ଖାତା ନମ୍ବର୍ ପ୍ଲଟ ୧୨୯ ରେ ୧ଏକର ୩ଡ଼ିସିମିଲ ରହିଛି। ଉକ୍ତ ସର୍ବସାଧାରଣ ମେଳଣ ପଡିଆକୁ ୨୪ରୁ ଅଧିକ ଜବର ଦଖଲ କାରୀ ଦୀର୍ଘଦିନ ଧରି କବଜା କରି ବ୍ୟବସାୟ ଚଳାଇଛନ୍ତି। ଫଳରେ ରଥ ଯାତ୍ରା ସମୟରେ ଓ ସର୍ବସାଧାରଣଙ୍କ ଚଳାଚଳରେ ଘୋର ବାଧା ଉପୁଜିବା ସହ ପଡ଼ିଆ ଜମିରେ ଗୋରୁ ଗାଈ ଚରିବା ନେଇ ପଶୁମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମର ସମାଜ ସେବୀ ଅନନ୍ତ ଦାସ ଦୀର୍ଘ ବର୍ଷ ହେଲା କୋର୍ଟର ଆଶ୍ରୟ ନେବା ଠାରୁ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। ଏ ନେଇ ବିଗତ ଦିନରେ ଜଳେଶ୍ୱର ତହସିଲ ସମ୍ମୁଖରେ ସାଥୀ ମାନଙ୍କ ସହିତ ଆମରଣ ଅନଶନରେ ମଧ ବସିଥିଲେ। ଜଳେଶ୍ୱର ତହସିଲଦାର୍ ସତ୍ୟଜିତ ମହାନ୍ତିଙ୍କ ଜବରଦଖଲ ଉଚ୍ଛେଦ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଜବରଦଖଲକାରୀଙ୍କୁ ନୋଟିସ ଜାରି ହୋଇଥିବା ବେଳେ ଦୀର୍ଘଦିନ ଧରି ଗୋଚର ଜମି ଜବରଦଖଲମୁକ୍ତ ହୋଇ ନଥିବାରୁ ଶ୍ରୀ ଦାସ ଜଳେଶ୍ୱର ତହସିଲ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ସାମାଜିକ ଗଣମାଧ୍ୟମ ଟୁଇଟ କରିଛନ୍ତି। ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବାଲେଶ୍ୱର ସାଂସଦ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କୁ ଟୁଇଟ ମାଧ୍ୟମରେ ଜଣାଇ ଜଳେଶ୍ୱର ତହସିଲ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଜଣାଇଛନ୍ତି। ଏ ନେଇ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ମହୁଡୁମା ଜବର ଦଖଲ ଉଚ୍ଛେଦ ମାମଲାରେ ପ୍ରତିପକ୍ଷ, ନ୍ୟାୟାଳୟରୁ ସ୍ଥଗିତାଦେଶ ପାଇଥିବା ସୂଚନା ଦେଇଛନ୍ତି।

## ଲଗାଣ ବର୍ଷାରେ ୩ ପରିବାର ପ୍ରଭାବିତ

ବାଲେଶ୍ୱର,୨୪।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ଏଥିରେ ରେମୁଣା ବ୍ଲକର ବଡପାଳ ପଂଚାୟତର ଝାମ୍ପୁରା ଗ୍ରାମର ତିନୋଟି ପରିବାର ପ୍ରବାହିତ ହୋଇଛନ୍ତି। ଖବର ପାଇ ରେମୁଣା ବିଧାୟକ ଗୋବିନ୍ଦ ଦାସ, ରେମୁଣା ବିଡିଓ, ତହସିଲଦାର ଘଟଣା ସ୍ଥଳକୁ ଯାଇ ସ୍ଥିତି ପରଖିବା ସହ ପ୍ରଭାବିତ ଲୋକମାନଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରିଛନ୍ତି। ଏଥିସହିତ ଉକ୍ତ ପରିବାରକୁ ଖାଦ୍ୟର ବ୍ୟବସ୍ଥା ମଧ୍ୟ କରାଯାଇଛି। ଲଗାଣ ବର୍ଷାରେ ସେମାନଙ୍କର ଘରେ ପାଣି ପଶିଯାଇଥିଲା।

## ରୋଟାରୀ କ୍ଲବ୍ ଶାଶ୍ୱତ ପକ୍ଷରୁ ସେବାକାର୍ଯ୍ୟ

ବାଲେଶ୍ୱର,୨୪।୮ (ସମିସ): ରୋଟାରୀ କ୍ଲବ୍ ଶାଶ୍ୱତ ତରଫରୁ ରେମୁଣା ବ୍ଲକ୍ ଦୁର୍ଗାଦେବୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି। ଏହା ସହ ଗୋଧିସାହି ଆଦିବାସୀ ବସ୍ତିବାସିନ୍ଦାଙ୍କୁ ଜୋତା, ଛତା ଓ ବସ୍ତ୍ର ମଧ୍ୟ ବଣ୍ଟନ କରାଯାଇଛି। ରୋଟାରୀ କ୍ଲବ ଶାଶ୍ୱତର ସଭାପତି ଡ. ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ଲବର ସଦସ୍ୟମାନେ ଦୁର୍ଗାଦେବୀ ଜଗନ୍ନାଥ ମନ୍ଦିର ଦର୍ଶନ କରିବା ସହ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଦ୍ୟାର୍ଥୀମାନଙ୍କୁ ଭେଟିଥିଲେ। ରୋ. ଉପେନ୍ଦ୍ର ନାଥ ପାତ୍ର, ରୋ. ଶଶାଙ୍କ ଶେଖର ଦେ, ରୋ.ସଞ୍ଜୟ ମହାନ୍ତି, ରୋ. ବିଜୟ ଦାସ, ରୋ. ରାଜକିଶୋର ମିଶ୍ର, ରୋ.ସୁଗତ ବୋଷ୍ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



# କୋମାରେ ବିଏସ୍ଏନ୍ଏଲ୍ ନେଟ୍‌ୱର୍କ



ବନ୍ତ/ଆଗରପଡ଼ା, ୨୪।୮ (ସମିସ)

ବନ୍ତ ବ୍ଲକ୍ ଆଗରପଡ଼ା ବିଏସ୍ଏନ୍ଏଲ୍ ଏକ୍ସଚେଞ୍ଜ ଅଧୀନସ୍ଥ ନେଟୱର୍କ ଦୁର୍ବଳ ହେବା ସହ କୋମାରେ ଚାଲି ଯାଇଥିବା ସାଧାରଣରେ ଅଭିଯୋଗ ହେଉଛି। ଏଠାରେ ଲ୍ୟାଣ୍ଡଲାଇନ ଜରିଆରେ ହିତାଧିକାରୀଙ୍କୁ ସଂଯୋଗ ଦିଆଯାଇଥିଲା। ପର୍ଯ୍ୟାୟକ୍ରମେ ଗ୍ରାହକ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା। ପରେ ମୋବାଇଲ ସେବା ଉପଲବ୍ଧ ହେବାପରେ ୨୦୦୮ରେ ଆଗରପଡ଼ାରେ ଟାୱାର ସ୍ଥାପନ କରାଯିବା ସହ ଜଣେ ମାତ୍ର ଟିଟିଙ୍କ ହାତରେ ଦାୟିତ୍ୱ ନ୍ୟସ୍ତ କରାଗଲା। ବର୍ତ୍ତମାନ ବିଭାଗ ତରଫରୁ କୌଣସି

## ଦାୟିତ୍ୱରେ ଜଣେ ଦିନ ମଜୁରିଆ

ସ୍ଥାୟୀ କର୍ମଚାରୀ ନିଯୁକ୍ତି କରାଯାଇ ନଥିବା ବେଳେ ୫ ବର୍ଷ ହେବ ଜଣେ ଦିନ ମଜୁରିଆ ଆଗରପଡ଼ା ଏକ୍ସଚେଞ୍ଜ ଦାୟିତ୍ୱ ତୁଲାଇ ଆସୁଛନ୍ତି। ସେ ଉକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ ସୁଦ୍ଧା ତାଙ୍କୁ ମାସ ମାସ ଧରି ତାଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ କରାଯାଉଛି। ଅପରପକ୍ଷେ, ବିଏସ୍ଏନ୍ଏଲ୍ ସେହି ପୂର୍ବ ୪ଜି ନେଟୱର୍କ ପ୍ରସାରଣ କରି ଚାଲିଥିବାରୁ ଗ୍ରାହକମାନେ ବିଏସ୍ଏନ୍ଏଲ୍ ପରିବର୍ତ୍ତେ ଘରୋଇ କମ୍ପାନୀ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। କିଛି ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କରେ ବିଏସ୍ଏନ୍ଏଲ୍ ଲିଜ ଲାଇନ ବ୍ୟବହାର ହେଉଛି। ଲ୍ୟାଣ୍ଡଲାଇନ ଆଉ ନାହିଁ କହିଲେ ଚଳେ। ଏକ୍ସଚେଞ୍ଜରେ ଥିବା ଜେନେରେଟର ବିଦ୍ୟୁତ୍ ସରବରାହରେ ବ୍ୟାଘାତ ହେଲେ ଅଚଳ ହୋଇପଡୁଛି। ଜେନେରେଟର ପାଇଁ ତେଲ ପ୍ରଦାନ କରାଯାଉ ନଥିବାରୁ ସେ କାର୍ଯ୍ୟରେ ଲାଗି ପାରୁନଥିବା ଜଣାପଡ଼ିଛି। ନେଟୱାର୍କ ଯନ୍ତ୍ର କାମକରୁନାହିଁ କିମ୍ବା ଖରାପ ହେଲେ ସଜାଡ଼ିବାକୁ ଦିନରାତି ବିତି ଯାଉଛି। ଏଭଳି ସ୍ଥଳେ ବିଏସ୍ଏନ୍ଏଲ୍ ଗ୍ରାହକମାନେ ଉଚିତ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

### ସେମାନେ ଯାହା କହନ୍ତି..



ସରକାର ମୋବାଇଲ୍ ସେବା ପ୍ରତି ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ସୁଲଭ ମୂଲ୍ୟର ବିଭିନ୍ନ ପ୍ରକାରର ମୋବାଇଲ ଭାଉଚର ବଜାରରେ ଉପଲବ୍ଧ କରିଥିବା ବେଳେ ଅଞ୍ଚଳବାସୀ ଏଠାରେ ଥିବା ଏକ୍ସଚେଞ୍ଜର ଅବ୍ୟବସ୍ଥା ଯୋଗୁଁ ତାହର ସୁଯୋଗ ଠିକ୍ ଭାବେ ପାଇପାରୁ ନାହାନ୍ତି। ଯଥାଶୀଘ୍ର ଏହାର ନବକଳେବର କରାଗଲେ ଗ୍ରାହକମାନେ ମୋବାଇଲ (ବିଏସ୍ଏନ୍ଏଲ୍) ସେବା ଠିକ୍ ଭାବେ ପାଇପାରନ୍ତେ।

- ମନ୍ମଥ ଦାସ, ଯୁବ ସମାଜସେବୀ, ଆଗରପଡ଼ା



ଏକ୍ସଚେଞ୍ଜର ଅବ୍ୟବସ୍ଥା ଯୋଗୁଁ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରୁଥିବା ବିଏସ୍ଏନ୍ଏଲ୍(ମୋବାଇଲ୍) ଭାଉଚରରୁ ଉପଭୋକ୍ତା ବଞ୍ଚିତ ରହୁଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

- ନିରୋଜ ଆଇଚ, ରାଜ୍ୟ ମାନବାଧିକାର ମିଶନ, ମିଡିଆ ସେଲ ସମ୍ପାଦକ



ଆଗରପଡ଼ା ପରି ଐତିହାସିକ ସ୍ଥାନରେ ବିଏସ୍ଏନ୍ଏଲ୍(ମୋବାଇଲ୍) ସେବା ଠିକ୍ ଭାବେ ଉପଲବ୍ଧ ହୋଇ ନପାରିବା ବଡ଼ ଦୁଃଖ ଓ ଅନୁତାପର ବିଷୟ। ତେଣୁ ବିଭାଗୀୟ ଅଧିକାରୀ ଅଂଚଳବାସୀଙ୍କୁ ଉକ୍ତ ସେବା ସୂଚାରୁରୂପେ ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

- ଜଗତ୍‌ମୋହନ ସିଂହ, ସୁପ୍ରିମକୋର୍ଟ ଆଇନଜୀବୀ



ଆଧୁନିକ ଯୁଗରେ ମୋବାଇଲର ଚାହିଦା ବଢ଼ି ଚାଲିଥିବା ବେଳେ ଓ ଶିକ୍ଷା କ୍ଷେତ୍ରରେ ଏହାର ଗୁରୁତ୍ୱ ଅଧିକ ଥିବାରୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଏସ୍ଏନ୍ଏଲ୍(ମୋବାଇଲ୍) ସେବା ଉପରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଗଲେ ଏହା ସବୁ ବର୍ଗର ଲୋକଙ୍କ ପାଇଁ ଫଳପ୍ରଦ ହୋଇପାରନ୍ତା।

- ଅକ୍ଷୟ ସିଂହ, ବରିଷ୍ଠ ସାମ୍ବାଦିକ, ଆଗରପଡ଼ା

# ସମସ୍ୟା ଘେରରେ ବୀଣାପାଣି ସରକାରୀ ଉଚ୍ଚବିଦ୍ୟାଳୟ

ଦୋଳସାହି, ୨୪।୮ (ସମିସ): ତିହିଡି ବ୍ଲକ୍ ଗୁଆମାଳ ପଞ୍ଚାୟତ ବୀଣାପାଣି ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ହେଉ ନଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନକରିବା ନେଇ ଅଭିଭାବକ ମହଲରେ ଉତ୍ତେଜନା ସୃଷ୍ଟି ହୋଇଛି। ଆସନ୍ତା ମଙ୍ଗଳବାର ବିଦ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲା ପକାଇବାକୁ ସୂଚନା ଅଭିଭାବକ ମହଲରୁ ଦିଆଯାଇଛି। ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ୬ବର୍ଷ ଧରି ସଂସ୍କୃତ ଶିକ୍ଷକ ନଥିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୈନିକ "ସକାଳ'ରେ ପ୍ରକାଶିତ ହେବା ପରେ ଅଭିଭାବକଙ୍କ ଦ୍ୱାରା ଗତ ସୋମବାର ବିଦ୍ୟାଳୟରେ ତାଲା ପକାଯାଇଥିଲା। ପରେ ପ୍ରଧାନ ଶିକ୍ଷକ ସରୋଜ ଦାସ ପକ୍ଷରୁ ଫୋନ ଯୋଗେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇବା ପରେ ଏକ ସପ୍ତାହକ ଭିତରେ ସଂସ୍କୃତ ଶିକ୍ଷକ ପଦ ପୂରଣ କରିବା ପରେ ଅଭିଭାବକଙ୍କ ଦ୍ୱାରା ବିଦ୍ୟାଳୟର ତାଲା ଖୋଲା ଯାଇଥିଲା। ଅଭିଯୋଗ ପରେ ଜିଲ୍ଲା ଶିକ୍ଷାଧିକାରୀ ଜଣେ ସଂସ୍କୃତ ଶିକ୍ଷକଙ୍କୁ ଗୁରୁବାରରୁ ଶନିବାର ପର୍ଯ୍ୟନ୍ତ ନିଯୁକ୍ତ କରିବା ପରେ ସଂସ୍କୃତ ଶିକ୍ଷକ ଯୋଗ ନଦେବା ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆସନ୍ତା ମଙ୍ଗଳବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଦ୍ୟାଳୟକୁ ତାଲା ପକାଇବାକୁ ନିଷ୍ପତ୍ତି ନେଉଥିବା ସୂଚନା ମିଳିଛି। ଏହି ଉଚ୍ଚବିଦ୍ୟାଳୟରେ ୩ ଜଣ ଷ୍ଟାଫ୍, ୩ଟି ଶ୍ରେଣୀଗୃହ ଅଭାବ ଥିବା ଜଣାପଡ଼ିଥିଲା ବେଳେ ପାଚେରି ପୂର୍ଣ୍ଣାଙ୍ଗ ହେଉ ନ ଥିବା ଏବଂ ନିଶାଚରଙ୍କ ଆଡ୍ଡାସ୍ଥଳୀ ପାଲଟିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।




# ବ୍ୟବହାର ଯୋଗ୍ୟ ହୋଇପାରିଲାନି ଗୋଷ୍ଠୀ ପରିମଳ କେନ୍ଦ୍ର



ବନ୍ତ/ଆଗରପଡ଼ା, ୨୪।୮ (ସମିସ): ବନ୍ତ ବ୍ଲକ୍ ଓ ସଦର ପଞ୍ଚାୟତ ସହାୟତାରେ ଥାନା ଛକ ନିକଟରେ ନିର୍ମିତ ହୋଇଥିବା ଗୋଷ୍ଠୀ ପରିମଳ କେନ୍ଦ୍ରକୁ ୨ ବର୍ଷ ପୂରିଯାଇଥିଲେ ସୁଦ୍ଧା ନିର୍ମାଣାଧୀନ ପ୍ରକଳ୍ପ ବ୍ୟବହାର ଯୋଗ୍ୟ ହୋଇ ନପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ସରକାରଙ୍କ ଅର୍ଥ ଜନକଲ୍ୟାଣରେ ଲାଗି ନପାରି କିପରି ଅପବ୍ୟବହାର ହେଉଛି ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଉକ୍ତ ପରିମଳ କେନ୍ଦ୍ର। ୨୦୨୦-୨୧ ଆର୍ôଥକ ବର୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଭଦ୍ରକ ଆନୁକୁଲ୍ୟରେ ପଞ୍ଚାୟତସମିତି ବନ୍ତ ପକ୍ଷରୁ ୫ମ ଏସଏଫସି(ପିଏସ) ଯୋଜନାରେ ୩ଲକ୍ଷରୁ ଅଧିକ ଅଟକଳ ମୂଲ୍ୟରେ ଏକ ଗୋଷ୍ଠୀ ପାଇଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ୨ ବର୍ଷ ପରେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ନହେବାରୁ ୨୦୨୨-୨୩ ଆର୍ôଥକ ବର୍ଷରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଅନୁମୋଦିତ ୭ଲକ୍ଷ ଟଙ୍କାରେ ଏହାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା। ରବିବାର ଉଦ୍‌ଘାଟନକୁ ୨ବର୍ଷ ପୂରିଯାଇଥିଲେ ସୁଦ୍ଧା ଗୋଷ୍ଠୀ କେନ୍ଦ୍ରଟି ବିଭିନ୍ନ କାରଣରୁ ବ୍ୟବହାର ଯୋଗ୍ୟ ହୋଇନପାରି ପଡ଼ିରହିଛି। ଯଦ୍ୱାରା ଏହା ସାଧାରଣ ଲୋକଙ୍କ ବ୍ୟବହାରରେ ଲାଗି ପାରୁନାହିଁ। ନିର୍ମାଣାଧୀନ ପ୍ରକଳ୍ପ ଲୋକଙ୍କ କାମରେ ଲାଗି ପାରୁ ନଥିବାରୁ ଲୋକେ ନିଜ ଅସନ୍ତୋଷ ବ୍ୟକ୍ତ ମଧ୍ୟ କରୁଛନ୍ତି। ବିଭାଗୀୟ ଅଧିକାରୀ ଉକ୍ତ ପ୍ରକଳ୍ପରେ ଲାଗିରହିଥିବା ସମସ୍ୟାର ଶୀଘ୍ର ସମାଧାନ କରି ଏହାକୁ ଲୋକମାନଙ୍କ ବ୍ୟବହାର ଯୋଗ୍ୟ କରିବାରେ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ନୂତନ ରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କ ସହ ଆଲୋଚନା



ବାରିକପୁର, ୨୪।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ନେରଡା ସୁବର୍ଣ୍ଣମୁଖି ଓ ବାବା ଶନି ଦେବଙ୍କ ପୀଠକୁ ନୂତନ ରାସ୍ତା ନିର୍ମାଣ ନେଇ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ସହିତ ମନ୍ଦିର କମିଟି ସଦସ୍ୟମାନେ ଆଲୋଚନା କରିଛନ୍ତି। ବିଧାୟକଙ୍କ ଭଦ୍ରକସ୍ଥିତ ଆବାସିକ କାର୍ଯ୍ୟାଳୟଠାରେ ସଦସ୍ୟ ପ୍ରଫୁଲ୍ଲ ଜେନା, ହେମନ୍ତ ଜେନା, ତ୍ରିଲୋଚନ ନାୟକ, ନଟବର ଜେନା, ବାବୁଲି ଆରଣ, ଜଳଧର ଜେନା, ତ୍ରିଲୋଚନ ନାୟକ, ଦନେଇ ବାରିକ, ଦିଲ୍ଲୀପ ବେହେରା ପ୍ରମୁଖ ପହଞ୍ଚି ରାସ୍ତା ନିର୍ମାଣ ବିଷୟରେ ଆଲୋଚନା କରିଛନ୍ତି। ଏହାଛଡ଼ା ଚାଷଜମିଗୁଡ଼ିକର ଜଳ ନିଷ୍କାସନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ବିଭାଗୀୟ ଅଧିକାରୀଙ୍କ ସହିତ ବିଧାୟକ ଫୋନ ଯୋଗେ ସମସ୍ୟା ବାବଦରେ କଥୋପକଥନ ହୋଇଛନ୍ତି। ଯଥାଶୀଘ୍ର ରାସ୍ତା ନିର୍ମାଣ ସହିତ ଜଳନିଷ୍କାସନ ସମସ୍ୟା ଦୂର ହେବ ବୋଲି ଶ୍ରୀ ମଲ୍ଲିକ ପ୍ରତିଶ୍ରୁତି ଦେଇଥିବା ମନ୍ଦିର କମିଟି ସଦସ୍ୟମାନେ ଜଣାଇଛନ୍ତି।

# ଶିକ୍ଷାବିତ ରମେଶଚନ୍ଦ୍ର ପଣ୍ଡାଙ୍କ ସ୍ମୃତିସଭା

ଧାମନଗର, ୨୪।୮ (ସମିସ): ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ଗାଁର ବିଶିଷ୍ଟ ଶିକ୍ଷାବିତ ଓ ସମାଜସେବୀ ସ୍ୱର୍ଗତ ରମେଶଚନ୍ଦ୍ର ପଣ୍ଡାଙ୍କ ଦ୍ୱାଦଶାହ କ୍ରିୟାରେ ସ୍ମୃତିଚାରଣ ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। କବି ଅର୍ଜୁନ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାକୁ ଅବସରପ୍ରାପ୍ତ ଶିକ୍ଷକ ରାମରାନ୍ଦ୍ର ସାହୁ ସଞ୍ଚାଳନ କରିଥିଲେ। ସ୍ୱର୍ଗତ ପଣ୍ଡା ଅବସର ପରଠାରୁ ଗାଁରେ ରହି ସମାଜସେବା କରିବା ସହିତ ଆଞ୍ଚଳିକ ପୂଜ୍ୟପୂଜାରେ ସକ୍ରିୟ ସଦସ୍ୟ ଭାବରେ ରହି ଗାଁରେ ମଠ ମନ୍ଦିର ଯତ୍ନ ନେବାରେ ସମୟ କାଟୁଥିଲେ ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ। ଶ୍ରୀ ପଣ୍ଡା ୧୯୬୦ରେ ରଇପୁର ପଞ୍ଚାୟତ କଟିଂକା ପ୍ରାଥମିକ ବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରି ଷୋଳଗାଁ, ବନସର, ମାଙ୍କିଡିଆ, ଚୁଡାକୁଟି ଓ ଶେଷରେ ଜଇନଗର ପ୍ରାଥମିକ ବିଦ୍ୟାଳୟରୁ ଇଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା ତଥା ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ସରପଞ୍ଚ ପ୍ରିତମ ଦାସ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଏବିଇଓ ଶିକ୍ଷକ ହେମେନ୍ଦ୍ର ମହାନ୍ତି, ସୁରେନ୍ଦ୍ରନାଥ ଭୋଇ, କୈଳାସ ବେହେରା, ପ୍ରଧାନଶିକ୍ଷକ ଭାବଗ୍ରାହୀ ଖୁଣ୍ଟିଆ, କବି ଦୟାନିଧି ମିଶ୍ର, ଅଧ୍ୟାପକ ରବିନ୍ଦ୍ର ପାଣିଗ୍ରାହୀ, ଲୋକେଶଚନ୍ଦ୍ର ପଣ୍ଡା, ସନ୍ତୋଷ ପାଢ଼ୀ, ଦାମୋଦର ସାହୁ, ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ନରେନ୍ଦ୍ର ମଲ୍ଲିକ, ବିଦ୍ୟାଧର ରାଉତ, ଗୁରୁଶ୍ରୀ ସୁବାସଚନ୍ଦ୍ର ମଲ୍ଲିକ, ରଞ୍ଜିତ ଜେନା, ପୁତ୍ରବଧୂ ତୃପ୍ତିମୟୀ ପଣ୍ଡା ଓ ନାତି ବିଶ୍ୱରଂଜନ ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପୁଅ ପ୍ରଭାତ ପଣ୍ଡା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



# ତାଳପଦାରେ ଭାସୁଛି ଚୋରା ଦେଶୀ ମଦ

ଦୋଳସାହି, ୨୪।୮ (ସମିସ): ତିହିଡି ବ୍ଲକ୍ ତାଳପଦା ପଞ୍ଚାୟତରେ ଦେଶୀ ଚୋରା ମଦର ବନ୍ୟା ପରିସ୍ଥିତି ଉପୁଜିଥିବା ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଦେଶୀ ମଦ ପାଇଁ ବହୁ ପରିବାର ଉଜୁଡ଼ି ଯାଉଛି। ଅଳ୍ପ ବୟସ ଯୁବକଙ୍କ ମୃତ୍ୟୁ ଘଟୁଥିବା ନେଇ ଅଭିଯୋଗ ବଢୁଛି। ଏହି ଦେଶୀ ମଦ ବେପାର ବନ୍ଦ କରିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଲିଖିତ ଅଭିଯୋଗ କରାଯାଇଥିଲା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁଥିବା ନେଇ ଏହି ଦେଶୀ ମଦ ବେପାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଏହି ଦେଶୀ ମଦ ବେପାରୀଙ୍କ ସହ ଅବକାରୀ ବିଭାଗ କର୍ମଚାରୀଙ୍କ ସିଧାସଳଖ ସମ୍ପର୍କ ରହୁଥିବା ଅଲୋଚନା ହେଉଛି। ମାଝୀସାହି ଓ ଚମାରସାହିରେ ବିପୁଳ ଚୋରା ଦେଶୀ ମଦ ପ୍ରସ୍ତୁତ କରାଯାଇ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ବେପାରୀଙ୍କ ଦ୍ୱାରା ଖୁଲମ୍‌ଖୁଲା ବୁହା ଯାଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ସମାଜସେବୀଙ୍କ ପରଲୋକ



ତିହିଡି, ୨୪।୮ (ସମିସ): ତିହିଡି ବ୍ଲକ ଆରସା ଗାଁର ସମାଜସେବୀ ବାସୁଦେବ ବେହେରାଙ୍କ ପରଲୋକ ଘଟିଛି। ବାସୁଆ ଭାଇ ନାମରେ ପରିଚିତ ସ୍ୱର୍ଗତ ବେହେରା ସମସ୍ତଙ୍କ ପ୍ରିୟ ଜଣେ ସରଳ ନିଷ୍ଠାବାନ ବ୍ୟକ୍ତିତ୍ୱ ଥିଲେ। ସେ ମୁକୁନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୟଶ୍ରୀ ବେହେରାଙ୍କ ଶଶୁର ତଥା ତୁଗୁଲି ବେହେରାଙ୍କ ବାପା ଅଟନ୍ତି। ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ବୟସ ୮୯ ବର୍ଷା ବୟସ ହୋଇଥିଲା। ଖବର ପାଇ ତିହିଡ ବ୍ଲକ ବିଜୁ ଜନତା ଦଳର ସଭାପତି ସୁରେନ୍ଦ୍ର ନାୟକ, ମୁକୁନ୍ଦପୁର ପଞ୍ଚାୟତର ବିଜେଡି ସଭାପତି ଗଣେଶ ନାୟକ, ସଂଗ୍ରାମକେଶରୀ ଦାସ, ରାକେଶ ନାୟକ, ପୂର୍ବତନ ସରପଞ୍ଚ କୀର୍ତନ ରାଉତ, ଯୁବନେତା ରାଜୁ ରାଉ, ବାଦଲ ଜେନା ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ରକ୍ତଦାନ ଶିବିର: ୩୪ ୟୁନିଟ୍ ସଂଗ୍ରହ



ଭଦ୍ରକ, ୨୪।୮ (ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସିକା ଦାଦୀ ପ୍ରକାଶମଣିଙ୍କ ୧୮ତମ ସ୍ମୃତି ଦିବସରେ ଯୋଗ କାର୍ଯ୍ୟକ୍ରମ ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାରା ଦେଶରେ ଏକ ସାଙ୍ଗରେ ରକ୍ତଦାନ ଶିବିର ବ୍ରହ୍ମାକୁମାରୀ ଅନୁଷ୍ଠାନ ଦ୍ୱାରା ଅନୁଷ୍ଠିତ ହେଉଛି। ଶତାଧିକ ଭାଇଭଉଣୀ ଉପସ୍ଥିତ ହୋଇ ଦାଦୀଙ୍କ ପ୍ରତି ସ୍ନେହାଞ୍ଜଳି ଅର୍ପଣ କରିଥିଲେ। ୩୪ ଜଣ ଭାଇ ଭଉଣୀ ରକ୍ତଦାନ କରିଥିଲେ। ଭଦ୍ରକ ମୁଖ୍ୟ ସେବାକେନ୍ଦ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀ ଓ ଚରମ୍ପା ଉପ ସେବାକେନ୍ଦ୍ରର ସଞ୍ଚାଳିକା ଦାଦୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିବା ସଙ୍ଗେ ସଙ୍ଗେ ରକ୍ତଦାନ କରିଥିବା ଭାଇ ଭଉଣୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଆରମ୍ଭରେ ୨ ଘଣ୍ଟା ସାମୂହିକ ଯୋଗ ହୋଇଥିଲା। ବ୍ରହ୍ମାକୁମାରୀ ମଧୁସ୍ମିତା, ବ୍ରହ୍ମାକୁମାର ଅକ୍ଷୟ, ବ୍ରହ୍ମାକୁମାର ହିମାଂଶୁ(ମାଉଣ୍ଟଅବୁ) ଉପସ୍ଥିତ ଥିଲେ। ସମସ୍ତେ ବ୍ରହ୍ମା ଭୋଜନ ଗ୍ରହଣ କରିଥିଲେ।

# କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ୍‌ର ସଭା

ଭଦ୍ରକ, ୨୪।୮ (ସମିସ): ଭଦ୍ରକ ନଳାଙ୍ଗସ୍ଥିତ ସତ୍ୟମ ଗାଲେକ୍ସିଠାରେ ଭଦ୍ରକ ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ୍ ପକ୍ଷରୁ ତ୍ରୟବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନର ସଭାପତି ବାଉଲି ଚରଣ ବାରିକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ କେମିଷ୍ଟ ଏବଂ ଡ୍ରଗିଷ୍ଟମାନଙ୍କର ବିଭିନ୍ନ ସମସ୍ୟାକର ନିରାକରଣ ନିମନ୍ତେ ସରକାର ସମସ୍ତ ପ୍ରକାରର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଓ ବାସୁଦେବପୁର ବିଧାୟକ ଅଶୋକ ଦାସ, ୟୁସିଡିଏ ରାଜ୍ୟ ସଭାପତି ପି. ସତ୍ୟ ନାରାୟଣ, ରାଜ୍ୟ ସଂଘର ସାଧାରଣ ସଂପାଦକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂପାଦକୀୟ ବିବରଣୀ ପାଠ କରିଥିଲେ ଜିଲ୍ଲା ସଂପାଦକ ଦୀପକ ଆଚାର୍ଯ୍ୟ। ଅତିଥି ପରିଚୟ ପ୍ରଦାନ କରିଥିଲେ ଜିଲ୍ଲା ସଂଘର ସଭ୍ୟ ମୁକେଶ ପାଣିଗ୍ରାହୀ। ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, କଟକ, ଗଞ୍ଜାମ, ପୁରୀ ଆଦି ଜିଲ୍ଲାର ସଭାପତି ଓ ସଂପାଦକମାନେ ଯୋଗ ଦେଇଥିଲେ। ବୈଠକରେ ଆଗାମୀ ୩ ବର୍ଷୀୟା ଅବଧି ପାଇଁ ସଭାପତି ବାଉଲୀ ଚରଣ ବାରିକ, ଜିଲ୍ଲା ସଂପାଦକ ଭାବେ ଦୀପକ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଭାବେ ଆଶିଷ ଅମିତାଭ ମହାପାତ୍ର, ସଂଗଠନ ସଂପାଦକ ଭାବେ ଧୀରେନ୍ଦ୍ର ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସଭ୍ୟ ଦେବେନ୍ଦ୍ର ବେହେରା, ସନ୍ତୋଷ ନାୟକ, ରବିନାରାୟଣ ନାୟକ, ଜ୍ଞାନରଞ୍ଜନ ସାହୁ, ଶ୍ରୀଧର ସାହୁ, ବିମ୍ବାଧର ପଣ୍ଡା, ପ୍ରିୟବ୍ରତ ପାଣିଗ୍ରାହୀ, ଶୁଭ୍ରାଂଶୁ ଭୂଷଣ ଦାସ, ଅଜୟ ପଣ୍ଡା, ଅମିୟ ନାୟକ, ପ୍ରଦୀପ ସିନା, ସମରେନ୍ଦୁ ପଣ୍ଡା, ସତ୍ୟଭୂଷଣ ପଲେଇ, ରାଜୀବ ଲୋଚନ ରାୟ, ଚିନ୍ମୟ ସିଂହ, କୈଳାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସମ୍ପୂର୍ଣ୍ଣ ହେଉନି ବିହନ ବିଶୋଧନାଗାର ପାଚେରି ନିର୍ମାଣ

## ଅମଳ ସମୟରେ ସମସ୍ୟା ଆଶଙ୍କା

ବନ୍ତ/ଆଗରପଡ଼ା, ୨୪।୮ (ସମିସ): ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଗତ ବର୍ଷ ମେ ମାସରୁ ମୁକୁଳା ପଡ଼ିଥିବା ବନ୍ତ ବ୍ଲକ୍ ବଡ଼ବର୍ଚ୍ଚିକୟାଁ ପଞ୍ଚାୟତ ଅନ୍ତର୍ଗତ ଶେଉଳଗଡ଼ିଆ ବିହନ ବିଶୋଧନାଗାର ଚାରିପାଖରେ ପାଚେରି ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଥିଲା। ଆଉ ମାତ୍ର ପାଖାପାଖି ୩ ଶହ ମିଟର ପାଚେରି ନିର୍ମାଣ ସରିଥିଲେ ଏହା ସମ୍ପୂର୍ଣ୍ଣ ହୋଇଥାନ୍ତା; କିନ୍ତୁ ବିଭାଗୀୟ ଅବହେଳା ଯୋଗୁଁ ପାଖାପାଖି ଏକ ବର୍ଷ ହେବ ଏହା ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଟକି ରହିଛି। ଶେଉଳଗଡ଼ିଆଠାରେ ୧୯୫୫ରେ ଏକ ବିହନ ବିଶୋଧନାଗାର ପ୍ରତିଷ୍ଠା ହୋଇଥିଲା। ୪୫ ଏକର ପରିମିତ ଜମି ସହ ଫିଲ୍ଡମ୍ୟାନ, ୪ ଜଣ ସ୍ଥାୟୀ ଶ୍ରମିକ ଓ ୮ଟି ବଳଦକୁ ନେଇ କାର୍ଯ୍ୟାରମ୍ଭ କରିଥିଲା ଏହି ବିଶୋଧନାଗାର। ପାଣିର ସୁବିଧା ପାଇଁ ୨ଟି କୂଅ, ନଳକୂପ, ଲିଫ୍ଟପଏଣ୍ଟ, ୫ଏକର ପରିମିତ ସ୍ଥାନରେ ପୋଖରୀ ଆଦି ଖୋଳା ଯାଇଥିଲା। ଏହା ମଧ୍ୟରେ ଆମ୍ବ ଓ ନଡ଼ିଆ ପରି ଅନେକ ଚାରା ରୋପଣ କରାଯାଇଥିଲା। ବିଶୋଧନାଗାର ଚାରି ପାଖକୁ ଲୁହା ତାର ବାଡ଼ ଦ୍ୱାରା ଆବଦ୍ଧ କରାଯିବା ସହ କର୍ମଚାରୀଙ୍କ ପାଇଁ କ୍ୱାର୍ଟର ଓ ବଳଦଙ୍କ ପାଇଁ ଗୁହାଳଘର ଆଦି ନିର୍ମାଣ କରାଯାଇଥିଲା। ପରେ ସେ ସବୁ ନଷ୍ଟ ହୋଇଯିବା ସହ ପ୍ରବେଶ ପଥରେ ଥିବା ବଡ଼ ଲୁହା ଫାଟକ ଓ ତାର ବାଡ଼ ସବୁ ନଷ୍ଟ ହୋଇଯିବା ଦ୍ୱାରା ପରିବେଶ ମୁକୁଳା ପଡ଼ିଥିଲା। ଫଳରେ ଗୋରୁଗାଈ ସମେତ ଅସାମାଜିକ ବ୍ୟକ୍ତିଙ୍କ ଅବାଧ ପ୍ରବେଶ ଘଟୁଥିଲା। ଚଳିତ ବର୍ଷ ଏହି ବିହନ ବିଶୋଧନାଗାରରେ ୩୫ ଏକର ଜମିରେ ଧାନ ଚାଷ କରାଯାଇଥିବା ବେଳେ ଏହାର ଚାରିପଟରେ ନିର୍ମିତ ହେଉଥିବା ସୁରକ୍ଷା ପାଚେରି ଅଧପନ୍ତରିଆ ଅବସ୍ଥାରେ ଥିବାରୁ ଏହା ଅମଳରେ କ୍ଷୟ ଘଟାଇବା ସୁନିଶ୍ଚିତ। ତେଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ଅସପୁର୍ଣ୍ଣ ପାଚେରିକୁ ଯଥାଶୀଘ୍ର ସପୂର୍ଣ୍ଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।



# ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବଳିଦାନ ଦିବସ

ଭଦ୍ରକ, ୨୪।୮ (ସମିସ): ରବିବାର ବିଶ୍ୱହିନ୍ଦୁ ପରିଷଦ ଭଦ୍ରକ ଜିଲ୍ଲା ତରଫରୁ ଜନ୍ମାଷ୍ଟମୀ ତିଥି, ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଓ ବିଶ୍ୱହିନ୍ଦୁ ପରିଷଦ ସ୍ଥାପନା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଗତ ୧୪ରୁ ୨୪ ତାରିଖ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାରେ ବିଭିନ୍ନ ପ୍ରଖଣ୍ଡ, ଖଣ୍ଡ ଓ ଗ୍ରାମରେ ପାଖାପାଖି ୮୫ ସ୍ଥାନରେ ସ୍ଥାପନା ଦିବସ ପାଳିତ ହେଉଥିବା ବେଳେ ଆଜି ତାର ସମରୋପ ଦିବସ ପାଳନ ଉପଲକ୍ଷେ ସକାଳ ୧୦ଟା ସମୟରେ ଗନ୍ଧିପଡ଼ିଆ ଶିଶୁ ମନ୍ଦିରଠାରୁ ରାଧାକ୍ରିଷ୍ଣା ମୂର୍ତ୍ତି ଏକ ସୁସଜ୍ଜିତ ବିମାନରେ ୮ଟି କୀର୍ତ୍ତନ ଦଳ ସହ ସହ ସହ ମାତୃଶକ୍ତି, ଦୁର୍ଗାବାହିନୀ ଓ ବଜରଙ୍ଗ ଦଳର ସଦସ୍ୟମାନେ ଗାନ୍ଧୀ ପଡ଼ିଆରୁ ବାହାରି ଥାନା ଛକ, କଲେଜ ଛକ, ଅପର୍ତିବିନ୍ଧା ଛକ ହୋଇ ଟାଉନ୍ ହଲ୍ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ପୂର୍ବ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ ପ୍ରଧାନ ମୁଖ୍ୟବକ୍ତା ଭାବେ ୬୦ ବର୍ଷ ଧରି ସମାଜ ସଂସ୍କାର ଦିଗରେ ବିଭିନ୍ନ ସମ୍ପର୍କରେ ଅବଗତ କରିଥଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବେଦ ବିଶାରଦ ପଣ୍ଡିତ ବିରେନ୍ଦ୍ର ପଣ୍ଡା, ରୁଦ୍ରାଶ୍ରମ ଗୋଶାଳା ପ୍ରମୁଖ ତଥା ସନ୍ଥ ରାମଚନ୍ଦ୍ର ଦାସ, ଜିଅର୍ ସ୍ୱାମୀ ଓ ବଜରଙ୍ଗ ଦଳ ପ୍ରାନ୍ତ ମିଳନ କେନ୍ଦ୍ର ପ୍ରମୁଖ ଓ ମୟୂରଭଞ୍ଜ ବିଭାଗ ସଂଗଠନ ମନ୍ତ୍ରୀ ବିପିନ ବିହାରୀ ପଣ୍ଡା, ପ୍ରାନ୍ତ ସହସଂଯୋଜକ ରାଜୀବ ନେତ୍ର ଖେଡେଙ୍ଗା, ଜିଲ୍ଲା ଉପସଭାପତି ନିର୍ମଳ ରାଉତ୍, ମହିଳା ଉପସଭାପତି ଟି ରାଜଲକ୍ଷ୍ମୀ, ଜିଲ୍ଲା ସମ୍ପାଦକ ବସନ୍ତ ରାଉତ, ସହସମ୍ପାଦକ ଆଲୋକ ପଣ୍ଡା, ଦୁର୍ଗା ବାହିନୀ ଜିଲ୍ଲା ସଂଯୋଜିକା ମଧୁସ୍ମିତା ମହାପାତ୍ର, ଜିଲ୍ଲା ମାତୃଶକ୍ତି ପ୍ରମୁଖ ସବ୍ରତା ସାହୁ, ଜିଲ୍ଲା କୋଷାଧ୍ୟକ୍ଷ ଭୀମସେନ ପାଣି, ଜିଲ୍ଲା ସେବା ପ୍ରମୁଖ ରଥକିଶୋର ସାମଲ, ଜିଲ୍ଲା ମଠ ମନ୍ଦିର ପ୍ରମୁଖ କୃଷ୍ଣଚନ୍ଦ୍ର ଦାସ, ହରେକୃଷ୍ଣ ଜେନା, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ବିଜୟ ଦାସ, ସହସଂଯୋଜକ କ୍ଷୀତିଶଚନ୍ଦ୍ର ରାଉତ, ସହସଂଯୋଜକ ଦେବକଲ୍ୟାଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ଚାଷୀଙ୍କ ଶେଷ ଆଶା ଛଡ଼ାଇନେଲା ଷଷ୍ଠ ବନ୍ୟା











ବାଲିଆପାଳ/କାଳିପଦା, ୨୪।୮ (ସମିସ)

ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଗାଲୁଡିହ ବ୍ୟାରେଜରୁ ୧୩ଟି ଗେଟ ଖୋଲାଯିବା ସହ ବନ୍ୟାଜଳ ନିଷ୍କାସନ ହେବା ଫଳରେ ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷର ଷଷ୍ଠ ବନ୍ୟାଜଳ ଆସିଛି । ଯାହାଫଳରେ ବାଲିଆପାଳ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଶନିବାର ରାତିରେ ବନ୍ୟା ଜଳ ଆସିବା ଆରମ୍ଭ ହୋଇଥିଲା ବେଳେ ରବିବାର ସକାଳ ବେଳକୁ କୂଳ ଲଂଘି ବାଲିଆପାଳ ବ୍ଲକର କିଛି ଗ୍ରାମକୁ ପ୍ରବେଶ କରିଛି । ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ରାଜଘାଟ ଠାରେ ଏହି ନଦୀର ବିପଦ ସଙ୍କେତ ୧୦.୩୬ ମିଟର ଉପରେ ୧୧.୧୮ ମିଟରରେ ପ୍ରବାହିତ ହେଉଛି । ଏହାର ପ୍ରଭାବରେ ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ପ୍ରଭୃତି ପଂଚାୟତରେ ବନ୍ୟା ଜଳ ପ୍ରବେଶ କରିଛି । ଚଡପାଳ ପଡା, ତଳ ଧାନଦା, ଚଡବଢାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟାପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଘମୁହଁ, ତଳ ବାଲିଆପାଳ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଡଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, ପ୍ରଭୃତି ଗ୍ରାମ ସଂମ୍ପୂର୍ଣ୍ଣ ପାଣି ଘେରରେ ରହିଛି ।ଗ୍ରାମ ରାସ୍ତା ଉପରେ ଦୁଇରୁ ତିନିଫୁଟ ଉଚ୍ଚରେ ବନ୍ୟା ପାଣି ପ୍ରବାହିତ ହେବାରେ ଲାଗିଛି । ଡଙ୍ଗା କିମ୍ବା ପାୱାର ବୋଟ ଚଳାଚଳ ପାଇଁ ଆଜି ସେତେ ପାଣି ହୋଇ ନ ଥିବାରୁ ବହୁ ସ୍ଥାନରେ ଆଜି ମଧ୍ୟାହ୍ନ ସୁଦ୍ଧା ଲୋକେ ପାଣିରେ ବିପଦ ସଙ୍କୁଳ ଅବସ୍ଥାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା । ଦୁଇ ମାସ ଭିତରେ ଛଅ ଛଅ ଥର ବନ୍ୟା ଆସି ବାଲିଆପାଳ ବ୍ଲକର ସବୁଠାରୁ ଅଧିକ କ୍ଷତି ହୋଇଛି ଚାଷୀଙ୍କର। ପଞ୍ଚମ ବନ୍ୟାରେ ଧାନଚାଷ ଉଜୁଡିଯାଇଥିଲା। ଶେଷ ଆଶା ରଖି ବହୁ କଷ୍ଟରେ ତଳି ଯୋଗାଡକରି ପୁଣି ଥରେ ଧାନ ରୋଇଥିଲେ ଚାଷୀ । ତେବେ ପୁଣି ଷଷ୍ଠ ଥର ବନ୍ୟା ଜଳ ଆସିବାରୁ ଏହା ସଂମ୍ପୂର୍ଣ୍ଣ ଉଜୁଡିଯିବ । ଶେଷ ଆଶା ଟିକକ ଉଜୁଡିଯାଇଥିବା ଦେଖି ଚାଷୀ ମୁଣ୍ଡରେ ଚଡକ ପଡିଛି । ବର୍ଷ ତମାମ କିଭଳି ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ଏବେ ସେମାନଙ୍କ ଆଖିକୁ ନିଦ ନାହିଁ। ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ ବାଲିଆପାଳ ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାସହ ଦୁର୍ବଳ ନଦୀ ବନ୍ଧରେ ବାଲି ବସ୍ତା ପକାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ, ତହସିଲଦାର ଜ୍ୟୋସ୍ନାରାଣୀ ନାୟକ ବନ୍ୟା ଅଞ୍ଚଳ ପରିଦର୍ଶନ କରିଛନ୍ତି । ବନ୍ୟା ର ମୁକାବିଲା ପାଇଁ ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ରହିଥିବା କଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସିଂ କହିଛନ୍ତି ।

**ରାଜଘାଟ:** ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ବୃଦ୍ଧି ପାଇ ପୂଣି ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ରାଜଘାଟ ଠାରେ ସକାଳ ୬ ଘଟିକା ସମୟରେ ସୁବର୍ଣ୍ଣରେଖା ନଦୀରେ ଜଳସ୍ତର କ୍ରମଶଃ ବୃଦ୍ଧି ପାଉଥିବାରୁ ପୂଣି ସୁବର୍ଣ୍ଣରେଖା ନଦୀରେ ଏକ ବଡ ବନ୍ୟା ଆଶଙ୍କା କରାଯାଉଛି । ରାଜଘାଟ ଠାରେ ବିପଦ ସଂକେତ ୧୦.୩୬ ମିଟର ଥିବା ବେଳେ ୧୨ ଘଟିକା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୧୧ ମିଟରରେ ପ୍ରଭାବିତ ହେଉଛି । ସନ୍ଧ୍ୟା ସୁଦ୍ଧା ରାଜଘାଟ ନିକଟରେ ବନ୍ୟା ପାଣି ଅତିକ୍ରମ କରିବା ବୋଲି ଅନୁମାନ କରା ଯାଉଛି । ତେବେ ସନ୍ଧ୍ୟା ୭ ଘଟିକା ସମୟରେ ରାଜଘାଟ ବିପଦ ସଙ୍କେତ ୧୧.୨୦ ମିଟର ରେ ପ୍ରଭାବିତ ହେଉଛି । ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ଥିବା ଏବଂ ସ୍ଥିତି ଉପରେ ନିରୀକ୍ଷଣ କରାଯାଉଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିବା ବେଳେ ବନ୍ୟା ପରିସ୍ଥିତି ତଳି ଅଞ୍ଚଳ ଲୋକେ ଭୟବିତ ଅବସ୍ଥାରେ ଅଛନ୍ତି । ଉତ୍ତର ବାଲେଶ୍ୱରର ମୁଖ୍ୟ ଚାଷ ହେଲା ଧାନ, ପୂର୍ବ ବନ୍ୟାରେ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇ ଥିବାବେଳେ ବହୁ କଷ୍ଟରେ ତଳି ଆଣି ପୁଣି ଚାଷ କାର୍ଯ୍ୟ କରିଥିବା ବେଳେ ପୁଣି ବନ୍ୟା ଚିନ୍ତାରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

**ଜଳେଶ୍ୱର/ଜଳେଶ୍ୱର ବ୍ଲକ:** ଚଳିତ ବର୍ଷ ସୁବର୍ଣ୍ଣରେଖାରେ ଷଷ୍ଠ ଥର ପାଇଁ ବନ୍ୟା ହୋଇଛି । ଆଜି ଜଳେଶ୍ୱର ବ୍ଲକର ବାଇଗଣବାଡିଆ, ଝାଡପିମ୍ପଳ, ପଶ୍ଚିମବାର୍ଡ, ପାଇକସିଦା, କୋଟସାହି, ଗଡସାହିବାଲିଆପାଳ, ମହମ୍ମଦନଗରପାଟଣା ଓ ଆରଆରପୁର ପଂଚାୟତର କେତେକ ଗ୍ରାମ ବନ୍ୟାପାଣି ଘେରରେ ରହିଛି । ତଳିଆ ଅଂଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ଆଣିବାଲାଗି ପ୍ରଶାସନ ବ୍ୟବସ୍ଥା କରିଛି । ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କରାଯାଇ ଉତ୍ତର ବାଲେଶ୍ୱରର ସମସ୍ତ ବିଡ଼ିଓ, ତହସିଲଦାର ତଥା ଅନ୍ୟ ପଦାଧିକାରୀଙ୍କୁ ବନ୍ୟା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ତେବେ ଖବର ଲେଖା ପର୍ଯ୍ୟନ୍ତ ୧୧.୧୯ ମିଟର ଜଳସ୍ତର ରହିଥିବା ବେଳେ ଘଣ୍ଟାପ୍ରତି ଦଶମିକ ୦୧ ଜଳସ୍ତର ବୃଦ୍ଧି ପାଉଛି । ବନ୍ୟା ଜଳ ରାତିରେ ହ୍ରାସ ପାଇବ ବୋଲି ଅନୁମାନ କରାଯାଇଥିବା ଜଳସେଚନ ବିଭାଗର ଅଧିକାରୀ ପ୍ରିୟବ୍ରତ ସିଂ ସୂଚନା ଦେଇଛନ୍ତି ।

## ବନ୍ୟା ସ୍ରୋତରେ ଭାସିଯିବାବେଳେ ୪ ଉଦ୍ଧାର

**ବାଲେଶ୍ୱର(ଉତ୍ତର):** ସୁବର୍ଣ୍ଣରେଖା ନଦୀରେ ଷଷ୍ଠ ଥର ଆସିଥିବା ବନ୍ୟା ଜଳ ସ୍ରୋତରେ ଆଜି ଦେଶୀ ଡଙ୍ଗା ଯୋଗେ ୪ ଜଣ ବ୍ୟକ୍ତିଙ୍କ ସହ ଦୁଇଟି ବାଇକ ଏକ ଘାଇ ପାର ହେଉଥିବା ବେଳେ ହଟାତ ଭାରସାମ୍ୟ ହରାଇ ଭାସି ଯାଉଥିଲା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି । ଫଳରେ ଆସନ୍ନ ମୃତ୍ୟୁମୁଖରୁ ସେମାନେ ବର୍ତ୍ତିଯାଇଥିଲା ବେଳେ ଗୋଟିଏ ବାଇକ ପାଣିରେ ଭାସି ଯାଇଛି । ଭୋଗରାଇ ଲକ୍‌ଠାରୁ ଗୁଛିଦା ସ୍ଲୁଇସ ଉପର ଦେଇ ଆରୁହାବୃତ୍ତିକୁ ଯାଇଥିବା ରାସ୍ତାର ରସଲପୁର ନିକଟରେ ଥିବା ଘାଇ ଦେଇ ବନ୍ୟା ପାଣି ପ୍ରବାହିତ ହେଉଥିଲା ।ଏତିକି ବେଳେ ଦୁଇଟି ବାଇକ ସହ ୪ଜଣ ବ୍ୟକ୍ତିଙ୍କୁ ଏକ ଦେଶୀ ଡଙ୍ଗା ଘାଇ ପାର କରୁଥିଲା ବେଳେ ଏଭଳି ଅଭାବନୀୟ ଘଟଣା ଘଟିଥିଲା । ଡଙ୍ଗାଟି ସ୍ରୋତରେ ଓଲଟି ପଡିବାରୁ ସେଥିରେ ଥିବା ବ୍ୟକ୍ତି ମାନଙ୍କ ସହ ବାଇକ ଦୁଇଟି ମଧ୍ୟ ଭାସି ଯାଇଥିଲା । ମାତ୍ର ସୌଭାଗ୍ୟ ବଶତଃ କିଛି ଦୂରରେ ଥିବା ଗଛକୁ ସଂପୃକ୍ତ ବ୍ୟକ୍ତି ମାନେ ଧରି ତା ଉପରକୁ ଚଢ଼ି ଯାଇଥିଲେ । କିନ୍ତୁ ବାଇକ ଦୁଇଟିରୁ ଗୋଟିଏ କୁ ସ୍ଥାନୀୟ ଲୋକେ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା ବେଳେ ଅନ୍ୟ ବାଇକ ଟି ପତ୍ତା ମିଳିନଥିଲା । ସେହିପରି ଗଛରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ସ୍ଥାନୀୟ ଲୋକେ ପରେ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ଜଣାପଡ଼ିଛି ।

## ମନୁଷ୍ୟକୃତ ଜଳବନ୍ଦୀରେ କେନ୍ଦୁଆ ଗ୍ରାମବାସୀ ହନ୍ତସନ୍ତ

**ନୀଳଗିରି:** ଲଘୁଚାପ ଜନିତ ପ୍ରବଳ ଲଗାଣ ବର୍ଷାରେ ନୀଳଗିରିର ନଦୀକୂଳିଆ ଗାଁ ତଥା ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ବର୍ଷା ଜଳ ଯୋଗୁଁ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ତେବେ ଔପଦା ବ୍ଲକ, ଦକ୍ଷିଣ ନରସିଂହପୁର ପଞ୍ଚାୟତର କେନ୍ଦୁଆ ଗ୍ରାମରେ ଲୋକ ଜଳବନ୍ଦୀ ଥିବା ଦେଖାଯାଇଛି । ଔପଦା ବ୍ଲକର ଦକ୍ଷିଣ ନରସିଂହପୁର ପଞ୍ଚାୟତ କେନ୍ଦୁଆ ଗ୍ରାମର ଲୋକ ମାନେ ବର୍ଷା ଜଳରେ ରାସ୍ତା ବୁଡି ଯିବା ଫଳରେ ଗ୍ରାମ ବାହାରକୁ ଆସି ପାରୁନାହାନ୍ତି । ପିଲାମାନେ ସ୍କୁଲକୁ ଯିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି । ରୋଗୀ ଚିକିତ୍ସା ପାଇଁ ଡାକ୍ତରଖାନା ଆସି ପାରୁନଥିବା ଅଭିଯୋଗ କରିଛନ୍ତି । ଏହାର ମୁଖ୍ୟ କାରଣ ଉକ୍ତ ରାସ୍ତାର ପ୍ରଧାନ ସାହି ଠାରେ ଶ୍ରୀନିବାସ ପ୍ରଧାନଙ୍କ ଘର ପାଖରେ ଏକ ହୋମ ପାଇପ ପଡିଛି । ଉକ୍ତ ପାଇପ ଦେଇ ଜଳ ନିଷ୍କାସିତ ହୁଏ । କିନ୍ତୁ ଉକ୍ତ ପାଇପକୁ ଶ୍ରୀ ପ୍ରଧାନ ପୋତି ଦେବା ଫଳରେ ପାଣି ନିଷ୍କାସନ ହୋଇ ନ ପାରିବା ଫଳରେ ରାସ୍ତା ଉପରେ ପାଣି ଥିବାରୁ ରାସ୍ତା ବୁଡି ଯାଇଛି । ଫଳରେ କେନ୍ଦୁଆ ଗ୍ରାମର ଲୋକେ ଜଳବନ୍ଦୀ ରେ ଅଛନ୍ତି । ଉକ୍ତ ରାସ୍ତାରେ ଚଳାଚଳ ପାଇଁ ପାଣି ନିଷ୍କାସନ ପାଇଁ ପ୍ରଶାସନଠାରେ ଗ୍ରାମବାସୀ ନୀଳଗିରି ତହସିଲଦାରଙ୍କଠାରେ ଦାବି କରିଛନ୍ତି । ପ୍ରଶାସନ ପକ୍ଷରୁ ଜଳ ନିଷ୍କାସନ ପାଇଁ ଯଥା ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ନନେଲେ ଗ୍ରାମବାସୀ ଆଗକୁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।





## ଗଣେଶ ପୂଜା ନେଇ ପୁଲିସର ଶାନ୍ତି କମିଟି ବୈଠକ



ନୀଳଗିରି, ୨୪।୮ (ସମିସ): ଆରମ୍ଭ ହୋଇଛି ପାର୍ବଣ ଋତୁ । ବିଭିନ୍ନ କ୍ଲବ୍ ଏବଂ ପୀଠମାନଙ୍କରେ ବିଭିନ୍ନ ଦେବଦେବୀଙ୍କ ପୂଜା ଆରାଧନା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଥିବା ବେଳେ ଏନେଇ ଆଗାମୀ ଅଗଷ୍ଟ ୨୭ତାରିଖ ଅଗ୍ରପୂଜ୍ୟ ବିଘ୍ନରାଜ ଗଣପତିଙ୍କ ପୂଜାତ୍ସୋବ ପାଇଁ ନୀଳଗିରି ସହରର ବିଭିନ୍ନ କ୍ଲବକୁ ନେଇ ପୁଲିସ ପକ୍ଷରୁ ଏକ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ପୁଲିସ ଅଧିକ୍ଷକ ପ୍ରମୋଦ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ସହରର ୧୩ଟି କ୍ଲବର ସଭାପତି, ସମ୍ପାଦକ ଏବଂ ସଦସ୍ୟମାନେ ଏହି ବୈଠକରେ ଯୋଗଦେଇ ନିଜନିଜର ମତ ରଖିଥିଲେ । ତେବେ ସର୍ବସମ୍ମତି କ୍ରମେ ଗଣନାଥଙ୍କ ପୂଜାରେ ୬୦ଡେସିବିଲ ସାଉଣ୍ଡ ବଜାଇବାକୁ ସମ୍ମତି ପ୍ରଦାନ କରିଥିବାବେଳେ ପୂଜା ପେଣ୍ଡାଲରେ ଭଜନ ଜଣାଣ ପରିବେଷଣକୁ ଗୁରୁତ୍ୱଦେବା ସହିତ ଭସାଣୀରେ ଡିଜେ ପରିବର୍ତ୍ତେ ପାରମ୍ପରିକ ବାଦ୍ୟ ବାଜାଇବାକୁ ସହମତି ପ୍ରକାଶ ପାଇଥିଲା । ତେବେ ପୂର୍ବରୁ ଅଗ୍ରୀମ ଦିଆଯାଇଥିବାରୁ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ବିସର୍ଜନ କରାଯିବା ସମ୍ଭବ ନ ଥିବାରୁ ସହମତି ହୋଇପାରିନଥିଲା । ଏଥିସହିତ ଭସାଣିର ରୋଡମ୍ୟାପ ପାଇଁ ଆଇଆଇସିଙ୍କୁ ଦାୟିତ୍ୱ ଦିଆଯିବା ସହିତ ଦିନେ ଦୁଇଦିନ ମଧ୍ୟରେ କ୍ଲବ୍ ସହିତ ପରାମର୍ଶକରି ଚୁଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏସଡିପିଓ ସୂଚନା ଦେଇଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଅଗ୍ରାଧିକାର ଦିଆଯିବାକୁ କ୍ଲବ କର୍ତ୍ତୃପକ୍ଷ ସହମତି ପ୍ରକାଶ କରିଥିଲେ । ଏହି ବୈଠକରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ସମେତ ଅନ୍ୟାନ୍ୟ ପୁଲିସ କର୍ମଚାରୀ ସାମିଲ ଥିଲେ ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୀଳଗିରି, ୨୪।୮ (ସମିସ): ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ପାଟଣା ନିକଟସ୍ଥ ଏକ ଫ୍ଲାଏଆଶ ଇଟାଭାଟି ନିକଟରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସା ହେଉଥିବା ଜଣାପଡିଛି । ନୀଳଗିରି ବ୍ଲକ ଅଯୋଧ୍ୟା ଗ୍ରାମର ଶଶଧର ମହାପାତ୍ରଙ୍କ ପୁଅ ସିଦ୍ଧିରଞ୍ଜନ ମହାପାତ୍ର (୩୭) ଶନିବାର ସକାଳେ ଏକ ବାଇକ୍ ଯୋଗେ ମିତ୍ରପୁର ଅଭିମୁଖେ ଯାଉଥିବା ବେଳେ ହଠାତ୍ ପାଟଣା ଇଟାଭାଟି ନିକଟରେ ଖାଦ୍ୟ ଅନ୍ୱେଷଣରେ ଆସିଥିବା ତିନୋଟି ଭାଲୁ ହାବୁଡ଼ରେ ପଡ଼ିଥିଲେ । ତୁରନ୍ତ ସ୍ଥାନୀୟ ଲୋକେ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ପଠାଇଥିଲେ । ଭାଲୁ ଆକ୍ରମଣରେ ଯୁବକଙ୍କ ମୁଣ୍ଡ, ବାହୁ, ଛାତି, ଜଙ୍ଘ ଏପରିକି ଅଣ୍ଡକୋଷରେ ଗଭୀର ଆଘାତ ଲାଗିଥିବା ବେଳେ ଯୁବକ ଜଣକ ଗୁରୁତର ଥିବା ସୂଚନା ମିଳିଛି ।

## ବନ୍ୟାଞ୍ଚଳ ପରିଦର୍ଶନ କଲେ ଭୋଗରାଇ ବିଧାୟକ



ଭୋଗରାଇ, ୨୪।୮ (ସମିସ) : ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ପାଇଁ ଲୋକେ ବିପଦପୂର୍ଣ୍ଣ ଅବସ୍ଥାରେ ବସବାସ କରୁଛନ୍ତି । ୨୭ ଜୁଲାଇରେ ପଞ୍ଚମ ବନ୍ୟା ଆସିଥିବା ବେଳେ ପୁଣି ଏକ ମାସ ପରେ ଷଷ୍ଠ ବନ୍ୟା ଆସିଥିବା ଦେଖିବାକୁ ମିଳିଛି । ଏଭଳି ଦୁର୍ଦ୍ଦିନରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବନ୍ୟା ସ୍ଥିତି ପରିଦର୍ଶନ କରିବା ସହ ତଳିଆ ଅଞ୍ଚଳର ଲୋକଙ୍କ ନିକଟରେ ପହଞ୍ଚି ଦୁଃଖ ବୁଝିଥିବା ଜଣାପଡିଛି । ତୁରନ୍ତ ପ୍ରଶାସନକୁ ଜଳଘେରରେ ଥିବା ବିପନ୍ନମାନଙ୍କୁ ରିଲିଫ ଏବଂ ରନ୍ଧା ଖାଦ୍ୟ ଦେବା ପାଇଁ ତାଗିଦ୍ କରିଛନ୍ତି । ଏଥି ସହିତ ଦୁର୍ବଳ ନଦୀ ବନ୍ଧରେ ବାଲିବସ୍ତା ପକାଇବା, କଚା ଘରେ ରହୁଥିବା ଲୋକମାନଙ୍କୁ ଶିଘ୍ର ସୁରକ୍ଷିତ ଆଶ୍ରୟସ୍ଥଳୀ, ବିଦ୍ୟାଳୟ ଗୃହ, ଏବଂ ଉଚ୍ଚ ସ୍ଥାନକୁ ରଖିବା ପାଇଁ ଅତିରିକ୍ତ ତହସିଲଦାର ପ୍ରତାପ ବେହେରାଙ୍କ ସହିତ ଆଲୋଚନା କରିଥିଲେ । ବିଧାୟକ ଶ୍ରୀ ଦାସ ଜଳଘେରରେ ଥିବା କୁମ୍ଭୀର ଗଡ଼ି, ଆରୁହାବୃତ୍ତି, ଦହମୁଣ୍ଡା ଆଦି ପଞ୍ଚାୟତ ବୁଲିଥିଲେ । ଭୋଗରାଇ ବିଧାୟକଙ୍କ ସହିତ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, କୁମ୍ଭୀର ଗଡ଼ି ପଞ୍ଚାୟତର ସରପଞ୍ଚ ପ୍ରତିନିଧି ରାମଚନ୍ଦ୍ର ପରିଡ଼ା, ସଦସ୍ୟା ପ୍ରତିନିଧି ଭବେନ୍ଦ୍ର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ହେମନ୍ତ ବେହେରା ଆଦି ବହୁ ବିଜେଡି ନେତା, ପ୍ରଶାସନ ଅଧିକାରୀ ଓ ସାଧାରଣ ଲୋକ ଉପସ୍ଥିତ ଥିଲେ ।

■ କାକଟପୁରକୁ ଏନ୍‌ଏସି ମାନ୍ୟତା ଦାବି

# ୨୮ ରେ କଂଗ୍ରେସ ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ଡକରା

ଗମ୍ଭାରୀପଦା,୨୪।୮ (ସମିସ): କାକଟପୁର ସମ୍ପୃକ୍ତ ନିର୍ବାଚନମଣ୍ଡଳୀର ହେଡ୍‌କ୍ୱାର୍ଟର ଭାବେ ପରିଗଣିତ ହେଉଥିବାବେଳେ ଏନ୍‌ଏସି ମାନ୍ୟତା ତାଲିକାରେ ସର୍ବାଗ୍ରେ ରହିଥିଲା। ବିଜେଡି ସରକାର ସମୟରେ ନିର୍ବାଚନକୁ ଆଖିଆଗରେ ରଖି କାକଟପୁରକୁ ଏନ୍‌ଏସି ଘୋଷଣା କରିଥିଲା। ମାତ୍ର ନିର୍ବାଚନ ପରେ ବିଜେପି ସରକାରକୁ ଆସିଲା ପରେ କାକଟପୁରର ଏନ୍‌ଏସି ମାନ୍ୟତା ସ୍ୱପ୍ନ ପାଲଟିଛି। ରାଜ୍ୟରେ ବିଭିନ୍ନ ପ୍ରାନ୍ତରୁ ଏନ୍‌ଏସି ମାନ୍ୟତା ପାଇଁ ବନ୍ଦ, ହରତାଳ, ବିକ୍ଷୋଭ ଚାଲିଥିବାବେଳେ କାକଟପୁରର ମାନ୍ୟତା ଅଧାରେ ଅଟକିଛି। କାକଟପୁର ବ୍ଲକ୍ କଂଗ୍ରେସ ପକ୍ଷରୁ ଏନ୍‌ଏସି ମାନ୍ୟତା ଦାବି ନେଇ ଆସନ୍ତା ୨୮ ତାରିଖରେ ୧୨ ଘଣ୍ଟିଆ ବନ୍ଦ ଡକରା ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ବ୍ଲକ୍ କଂଗ୍ରେସ ସଭାପତି ଅବଧୂତ ସ୍ୱାଇଁ ୧୨ ଘଣ୍ଟିଆ ଅଖଚକ ବନ୍ଦ ସହିତ ଶାନ୍ତିପୂର୍ଣ୍ଣ ବନ୍ଦ ସଫଳତା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏନେଇ ରବିବାର ଅନୁଷ୍ଠିତ ଏକ ବୈଠକରେ ବ୍ଲକ୍ କଂଗ୍ରେସ ସଂଯୋଜକ ଯଶୋବନ୍ତ ନାରାୟଣ ମହାନ୍ତି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି, ଜିଲ୍ଲା ସମ୍ପାଦକ ସୌମ୍ୟକାନ୍ତ ଖୁଣ୍ଟିଆ, ବିଚିତ୍ରାନନ୍ଦ ଦାଶ, ସେକ୍ ଲିଆକତ, ସୁକାନ୍ତ ପରିଡ଼ା, ନଳିନୀକାନ୍ତ ଦୀକ୍ଷିତ, କରୁଣାକର ସେନାପତି, ରଜବ ଅଲ୍ଲୀ ବେଗ, ସେକ୍ ହିମାୟତ, ପ୍ରଫୁଲ୍ଲ ନାୟକ, ପ୍ରଫୁଲ୍ଲ ବିଶ୍ୱାଳ, ହୃଷୀକେଶ ବେହେରା, ନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ତନ୍ତ୍ରମନ୍ତ୍ର, ପୂଜାପାଠ; ଗ୍ରାମରେ ଉତ୍ତେଜନା



କଣାସ,୨୪।୮ (ସମିସ): କଣାସ ବ୍ଲକ୍ କାଦୁଆ ଗ୍ରାମପଞ୍ଚାୟତର ସାହାସପୁର ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ତନ୍ତ୍ରମନ୍ତ୍ର, ପୂଜାପାଠ ହେଉଥିବା ଖବର ପାଇ ଗ୍ରାମର କିଛି ଯୁବକ ଜାଗର ସାହୁ, ଲିଙ୍ଗରାଜ ପ୍ରଧାନ, କାଳିଆ ପ୍ରଧାନଙ୍କ ସମେତ ୫୦ ଜଣ ଯୁବକ ପହଞ୍ଚି ହୋ-ହାଲ୍ଲା କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ମହିଳା ସ୍ୱାସ୍ଥ୍ୟ କର୍ମୀ ମଞ୍ଜୁଲତା ମହାରଣା ସରକାରଙ୍କ ରୋଗୀ ସେବା ପାଇଁ ଥିବା ଗୃହଗୁଡ଼ିକରେ ବାରମ୍ବାର ତନ୍ତ୍ରମନ୍ତ୍ର ପୂଜାପାଠ କାହିଁକି କରାଯାଉଛି ବୋଲି ସେ ସମ୍ପର୍କରେ ପଚାରିବାରୁ ତାଙ୍କ ସ୍ୱାମୀ ଗ୍ରାମ୍ୟ କମିଟିର ବ୍ୟକ୍ତିମାନଙ୍କୁ ଭୁଲ୍ ମାଗିଥିଲେ। ସେହି ସମୟ ଭିତରେ ଏକ ଚାରିଚକିଆ ଗାଡ଼ିରେ ୮/୧୦ ଜଣ ବ୍ୟକ୍ତି ଡାକ୍ତରଖାନାରୁ ତରବରିଆ ଭାବେ ବାହାରି ପଳାଇ ଯାଉଥିଲେ। ସେମାନଙ୍କୁ ଯୁବକମାନେ ଅଟକାଇ ତନ୍ତ୍ରମନ୍ତ୍ର ବିଷୟରେ ପଚାରିବାରୁ ଏହା ତାଙ୍କ ନିଜ ଗୃହ ବୋଲି ଆମେ ଭାବିଲୁ। ମେଡିକାଲ ଗୃହ ବୋଲି ଆମେ ଜାଣି ନ ଥିଲୁ। ଆମେ ଆଉ ଏଠାକୁ କେବେ ଆସିବୁ ନାହିଁ ଆମର ଭୁଲ୍ ହୋଇଯାଇଛି ବୋଲି ସ୍ୱୀକାର କରିଛନ୍ତି। ଏନେଇ ଗ୍ରାମରେ ଏକପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ଜଣେ ସରକାରୀ ଅଧିକାରୀ ସରକାରଙ୍କ ବାସଭବନରେ ରହି ଏଭଳି ତନ୍ତ୍ରମନ୍ତ୍ର ପାଠ କରୁଛନ୍ତି, ତାହା ସାଧାରଣରେ ବିସ୍ମୟ ଖେଳିଯାଇଛି। ଏ ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷମାନିଧି ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି, ମୋ ପାଖରେ ଅଭିଯୋଗ ହୋଇଛି। ମୁଁ ତଦନ୍ତ କରି ୨୪ ଘଣ୍ଟାରେ ଉତ୍ତର ଦେବି। ପୁରୀ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତି, ଏଭଳି କାର୍ଯ୍ୟ ହେବା କଥା ନୁହେଁ। ଯଦି ହୋଇଥାଏ ତାହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଗୋପୀନାଥ ଦେବ ମନ୍ଦିରର ବିକାଶ ସମୀକ୍ଷାକଲେ ବିଧାୟକ



ପିପିଲି,୨୪।୮ (ସମିସ): ଐତିହ୍ୟ ସମ୍ପନ୍ନ ପୁରୀ ଜିଲ୍ଲା ଦାଣ୍ଡମୁକୁନ୍ଦପୁର ମନ୍ଦିରର ହେବ ବିକାଶ। ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଜମିବ। ରାଜ୍ୟ ସରକାରଙ୍କ ପକ୍ଷରୁ ୩କୋଟି ଟଙ୍କା ବିନିମୟରେ ହେବ ବିକାଶ। ଏହି କାର୍ଯ୍ୟ ଏବେ ମନ୍ଥର ଗତିରେ ଚାଲିଥିବାବେଳେ ସ୍ଥିତି ପରଖିଛନ୍ତି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସହିତ ବିଭାଗୀୟ ଅଧିକାରୀ।

ପୁରୀର ଗଜପତି ଦ୍ୱିତୀୟ ମୁକୁନ୍ଦଦେବ ୧୫୬୮ ଖ୍ରୀଷ୍ଟାବ୍ଦରେ ପିପିଲି ନିକଟ ଦାଣ୍ଡମୁକୁନ୍ଦପୁର ଶାସନ ଗ୍ରାମ ସ୍ଥାପନ କରିଥିଲେ। ଗଜପତିଙ୍କ ନାମାନୁସାରେ ଗ୍ରାମର ନାମକରଣ କରାଯାଇଥିଲା। ଗଜପତି ଗୋପୀନାଥ ଦେବଙ୍କ ମନ୍ଦିର ସ୍ଥାପନ କରିଥିଲେ। ଏହି ମନ୍ଦିରର ଚାରୁକଳା ବେଶ୍ ଆକର୍ଷଣୀୟ ହୋଇ ରହିଥିବାବେଳେ ଏହା ଏବେ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଆସିଛି। ତେବେ ଏହାର ରକ୍ଷଣାବେକ୍ଷଣ ସହିତ ମରାମତି କରାଯିବା ପାଇଁ ରାଜ୍ୟ ସରାକର ଉଦ୍ୟମ ଆରମ୍ଭ କରିଛନ୍ତି। ମନ୍ଦିରରରେ ଗୋଷ୍ଠୀ କେନ୍ଦ୍ର, ଶୌଚାଳୟଠାରୁ ଆରମ୍ଭ କରି ମନ୍ଦିରର ଆଲୋକୀକରଣ, ଜଳନିଷ୍କାସନ, ଅତିଥି ଭବନ, ଖାଇବା ସ୍ଥଳ, ମଣ୍ଡପ ପାଦଚଲା ରାସ୍ତା ସହିତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଆଦି ସମ୍ପର୍କରେ ବିଧାୟକ ବୁଲି ଦେଖିବା ସହିତ ଗ୍ରାମବାସୀ ଏବଂ ମନ୍ଦିର କମିଟି ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରିବା ସହିତ ଅଧିକ ଅର୍ଥ ଆବଶ୍ୟକ ହେଲେ ଏହା ବିଭାଗୀୟ ସଚିବ ଏବଂ ମନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇ ଅର୍ଥର ବ୍ୟବସ୍ଥା କରାଯିବ ବୋଲି ବିଧାୟକ ଗ୍ରାମବାସୀଙ୍କୁ କହିଥିଲେ। ସେପଟେ ଭୁବନେଶ୍ୱର ରାସ୍ତା ଓ ଗୃହ ନିର୍ମାଣ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସଚିନ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ସାହୁ କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ପ୍ରଦୀପ ସାହୁ, ସୁରେନ୍ଦ୍ର ବେହେରା, ବରିଷ୍ଠ ସାମ୍ବାଦିକ ଦ୍ୱିତୀକୃଷ୍ଣ ପଟ୍ଟନାୟକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

● 'ଆସ ସ୍କୁଲ ଯିବା' ଅଭିଯାନ

# ସ୍କୁଲ ଗଲେ ୪, ନାମଲେଖା ଅପେକ୍ଷାରେ ୫




କୋଣାର୍କ,୨୪।୮ (ସମିସ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ବାହାରେ ଥିବା ୬ରୁ ୧୮ବର୍ଷ ବୟସ୍କ ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବା ଉଦ୍ଦେଶ୍ୟରେ 'ଆସ ସ୍କୁଲ ଯିବା' ଅଭିଯାନ ଆରମ୍ଭ ହୋଇଛି। ଅଭିଭାବକଙ୍କ ସଚେତନତାର ଅଭାବ, ଦାରିଦ୍ର୍ୟ, ସ୍ୱାସ୍ଥ୍ୟଗତ ସମସ୍ୟା, ସ୍ଥାନାନ୍ତର ପ୍ରଭୃତି ସମସ୍ୟା ଯୋଗୁଁ ଅନେକ ପିଲା ଅଧାରୁ ସ୍କୁଲ ଛାଡ଼ିଛନ୍ତି। ବୟସ ହୋଇଯାଇଥିଲେ ମଧ୍ୟ କେତେକ ପିଲା ସ୍କୁଲ ମାଟି ମାଡ଼ି ନାହାନ୍ତି। ଏହି ପରିପ୍ରେକ୍ଷୀରେ ଡ୍ରପ୍ ଆଉଟ୍ ଏବଂ ମୋଟେ ସ୍କୁଲ ଆସି ନ ଥିବା ପିଲାମାନଙ୍କୁ ସ୍କୁଲରେ ନାମଲେଖାଇ ସେମାନଙ୍କ ଶିକ୍ଷା ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟରସ୍ତରୀୟ କମିଟି ପକ୍ଷରୁ ଜାରି ରହିଥିବା ପ୍ରଚେଷ୍ଟାରେ ସଫଳତା ମିଳିଥିବା ଜଣାଯାଇଛି। କ୍ଲଷ୍ଟରସ୍ତରୀୟ କମିଟିର ଆବାହକ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ନିୟମିତ କାଉନ୍‌ସେଲିଂ ଫଳରେ ଡ୍ରପ୍ ଆଉଟ୍ ଥିବା ୪ଜଣ ଛାତ୍ରଛାତ୍ରୀ ସ୍କୁଲରେ ନାମ ଲେଖାଇଛନ୍ତି। ସ୍କୁଲ୍ ଯିବାକୁ ଇଚ୍ଛୁକ ଥିବା ଆଉ ୫ଜଣ ଛାତ୍ରଛାତ୍ରୀ ନାମ ଲେଖାଇବା ଅପେକ୍ଷାରେ ଅଛନ୍ତି। ପାରିବାରିକ କଳହରେ ପ୍ରଭାବିତ ହୋଇ ମୋଟେ ସ୍କୁଲ ଯାଇ ନ ଥିବା ୮ବର୍ଷର ଶିଶୁ ନିଖିଳ ଦାସ ଓ ଡ୍ରପ୍ ଆଉଟ୍ ବାଳିକା ପୂର୍ଣ୍ଣିମା ଦାସଙ୍କ ନାମ ଭୈରବ ନୋଡାଲ ୟୁପିଏସ୍, ଲିପା ଦାସଙ୍କ ନାମ ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଶୁଭ୍ରଜିତ୍ ବରାଳଙ୍କ ନାମ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠରେ ଲେଖାଯାଇଛି। କାଉନ୍‌ସେଲିଂ ପରେ ସ୍କୁଲ ଯିବା ପାଇଁ ଇଚ୍ଛୁକ ଥିବା ଆଉ ୫ଜଣ ପିଲାଙ୍କ ନାମ ଲେଖାଇବା ନିମନ୍ତେ ବ୍ଲକସ୍ତରୀୟ କମିଟିର ସହଯୋଗ ଲୋଡ଼ାଯାଇଥିବା ଜଣାଯାଇଛି। ଅଭିଭାବକଙ୍କ ସଚେତନତା ଅଭାବରୁ ସ୍କୁଲ୍ ଯାଉନଥିବା ପିଲାମାନଙ୍କୁ ପୁନଃ ସ୍କୁଲ ଫେରାଇ ଆଣିବା ନିମନ୍ତେ ନିୟମିତ କାଉନ୍‌ସେଲିଂର ଆବଶ୍ୟକତା ରହିଛି। 'ଆସ ସ୍କୁଲ ଯିବା' ଅଭିଯାନକୁ ତ୍ୱରାନ୍ୱିତ କରିବା ଦିଗରେ ଗୋପ ବିଇଓ ପ୍ରମୋଦ କୁମାର କରଙ୍କ ନିୟମିତ ମାର୍ଗଦର୍ଶନ ଯୋଗୁଁ ଏହା ସମ୍ଭବ ହୋଇପାରିଥିବା ସିଆର୍‌ସିସି ଶ୍ରୀ ବାହିନୀପତି ପ୍ରକାଶ କରିଛନ୍ତି।

## ଜୁଆ ଆଡ୍ଡାରେ ଚଢ଼ଉ; ୩ ବାଇକ୍ ଜବତ

ନୟାହାଟ,୨୪।୮ (ସମିସ): ନାୟାହାଟ ନିକଟସ୍ଥ ଭୋଦର ପଞ୍ଚାୟତ ଅଧୀନସ୍ଥ ନୂଆଗାଁରେ ରିତିମତ ଜୁଆ ଖେଳ ସମ୍ପର୍କରେ 'ସକାଳ' ଖବରକାଗଜରେ ପ୍ରକାଶ ପାଇବା ପରେ ସ୍ଥାନୀୟ ପୁଲିସ ରବିବାର ଚଢ଼ଉ କରି ୩ଟି ବାଇକ୍ ଜବତ କରିଛି। ଜୁଆ ଖେଳ ଘରକୁ ପୁଲିସ ଭାଙ୍ଗିଦେଇଛି। 'ସକାଳ' ଖବରକାଗଜକୁ ଅଞ୍ଚଳର ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।

## କୁହୁଡ଼ି ସତ୍‌ସଙ୍ଗ କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଉତ୍ସବ

ଟାଙ୍ଗୀ,୨୪।୮ (ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୁହୁଡ଼ି ଲକ୍ଷ୍ମୀଧରପୁରସ୍ଥିତ ସତ୍‌ସଙ୍ଗ କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। କୃପାଳୁ ମହାରାଜଙ୍କ ପରମ ଶିଷ୍ୟା ରାଶେଶ୍ୱରୀ ଦେବୀଙ୍କ ବଜ୍ର ଗୋପିକାଧାମର ସହଯୋଗରେ କୁହୁଡ଼ି ଲକ୍ଷ୍ମୀଧରପୁରଠାରେ ଭାରତୀୟ ସତ୍‌ସଙ୍ଗ କେନ୍ଦ୍ର କୁହୁଡ଼ି ଶାଖା ସ୍ଥାପିତ ହୋଇଥିଲା। ଏଠାରେ ରାଧା ମା'ଙ୍କ ସମ୍ପର୍କରେ ଆଲୋକପାତ ସହିତ ରାଧାକୃଷ୍ଣ କଥାମୃତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁହୁଡ଼ି କେନ୍ଦ୍ରର ପରିଚାଳକ ଶିକ୍ଷାବିତ୍ ବସନ୍ତ କୁମାର ସାହୁ, ଶ୍ରୀନିବାସ ବିଶ୍ୱାଳ, ଗୋବିନ୍ଦ ଭାଇ, ସତ୍ୟ ଭାଇ, କାହ୍ନା ଭାଇ, ଶିକ୍ଷାବିତ୍ ହେମନ୍ତ କୁମାର ଜେନା, ଅଧାପକ ବସନ୍ତ ସାହୁ, ପ୍ରଫୁଲ୍ଲ ନାୟକ, ମିଟୁ ସାହୁ, ଗାଙ୍ଗୁଲି ବଳବନ୍ତରାୟ, ନରେନ୍ଦ୍ର ପ୍ରତାପ ସିଂହ, ମମିତା ସାହୁ, ଶଶୀ ଦେଇ, ଜ୍ୟୋସ୍ନାରାଣୀ ଭୂଜବଳଙ୍କ ସମେତ କୁହୁଡ଼ି ଆଖପାଖ ଅଞ୍ଚଳରୁ ଶତାଧିକ ମହିଳା ଓ ପୁରୁଷ ଯୋଗଦେବା ସହ ସତ୍‌ସଙ୍ଗରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ଶ୍ରୀଗଣପତିଙ୍କୁ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର



ଅସ୍ତରଙ୍ଗ,୨୪।୮ (ସମିସ): ଆଗକୁ ଆସୁଛି ପାର୍ବଣ ଋତୁ। ସେଥିପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ମୂର୍ତ୍ତି କାରିଗରମାନେ ଗଣେଶ ମୂର୍ତ୍ତି ଗଢ଼ି ଶେଷ ସ୍ପର୍ଶ ଦେବା ଅପେକ୍ଷାରେ। ମୂର୍ତ୍ତି କାରିଗରମାନେ ଚଳିତ ବର୍ଷ ଭଲ ବ୍ୟବସାୟ ହେବ ବୋଲି ଆଶା ବାନ୍ଧିଛନ୍ତି। ବଙ୍ଗୀୟ କାରିଗରମାନେ ଅଧିକାଂଶ ସ୍ଥାନରେ ମୂର୍ତ୍ତି ନିର୍ମାଣ କରୁଥିବା ଦେଖିବାକୁ ମିଳୁଛି। ସେମାନେ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଶିବିର କରି ମୂର୍ତ୍ତି ଗଢୁଛନ୍ତି। ସେମାନେ ଉପଯୁକ୍ତ ତାଲିମପ୍ରାପ୍ତ କାରିଗର ହୋଇଥିବାରୁ ସେମାନଙ୍କ ନିର୍ମିତ ମୂର୍ତ୍ତିଗୁଡ଼ିକ ଖୁବ୍ ଆକର୍ଷଣୀୟ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ବହୁତ ଚାହିଦା ମଧ୍ୟ ରହୁଚି। ଫଳରେ ସ୍ଥାନୀୟ ଅଞ୍ଚଳର କାରିଗରମାନେ ନିଜ ମୂର୍ତ୍ତିଗୁଡ଼ିକୁ ସହଜରେ ବିକ୍ରି କରି ନ ପାରି କୌଳିକ ବୃତ୍ତି ପ୍ରତି ଆଗ୍ରହ ପ୍ରକାଶ ନ କରିବାରୁ ଏହା ଧୀରେ ଧୀରେ ଲୋପ୍ ପାଇବାକୁ ବସିଲାଣି।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବେଗୁନିଆ,୨୪।୮ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ପତିତପାବନ ଯୁବକ ସଂଘ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଏସ୍‌ଆର୍‌ଏସ୍ କ୍ଲବ୍ ପରିସରରେ ଏକ ସାଧାରଣ ସଭାରେ ଅନୁଷ୍ଠିତ ହୋଇଛି। ଏଥିରେ ପତିତପାବନ ଯୁବକ ସଂଘର ସମ୍ପାଦକ ଗଙ୍ଗାଧର ମାର୍ଥାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଥାନାର ଉପନିରୀକ୍ଷକ ପ୍ରଦୀପ୍ତା ରାଉତରାୟ ମୁଖ୍ୟଅତିଥି, ସହକାରୀ ଉପନିରୀକ୍ଷକ ମନୋଜ କୁମାର ଶତପଥି, ଶିକ୍ଷାବିତ୍ ଭାଗିରଥି ପରିଡ଼ା, ପ୍ରତାପ ସାହୁ, ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ଦୀନବନ୍ଧୁ ଦାଶ, ନୂଆସାହିର ସଭାପତି ପ୍ରଦୀପ୍ତ ଦାସ, ଉପସଭାପତି ବିଶ୍ୱରଞ୍ଜନ ଦାସ ଓ କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଡ଼କ ଦୁର୍ଘଟଣାରୁ ରକ୍ଷା ପାଇବାକୁ ହେଲେ ନୀତି ନିୟମ ଅନୁସାରେ ଗାଡ଼ି ଚଳାଇବାକୁ ପରାମର୍ଶ ଦେଇଥିଲେ। ପରେ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥରେ ବେଗୁନିଆ ବ୍ଲକ୍ କାର୍ଯ୍ୟାଳୟ ଛକରୁ ସଚେତନତା ପଦଯାତ୍ରା ବାହାରି ଥାନା ସମ୍ମୁଖରେ ସଡ଼କ ସୁରକ୍ଷା ଆଇନକୁ ଅବମାନନା କରି ଯାତାୟାତ କରୁଥିବା ପଥଚାରୀମାନଙ୍କୁ ଗୋଲାପ ଫୁଲ ଓ ଲିଫ୍‌ଲେଟ୍ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭ୍ୟ ଅଶ୍ୱିନୀ କୁମାର ପଟ୍ଟନାୟକ, ରବିନାରାୟଣ ଦଳେଇ, ରାକେଶ ହରିଚନ୍ଦନ, ସରୋଜ ମହାପାତ୍ର, ସତ୍ୟପ୍ରିୟ ମହାପାତ୍ର ଓ ସୌମ୍ୟରଞ୍ଜନ ଦାସଙ୍କ ସମେତ ପରିଚାଳନାରେ ସହଯୋଗ କରିଥିଲେ।

## 'ସୈନିକର ଗାଥା: ଶିଳା ସୈନିକର ସମର୍ପଣ' ଉତ୍ସବ

ଖୋର୍ଦ୍ଧା,୨୪।୮ (ସମିସ): ଖୋର୍ଦ୍ଧା ବ୍ଲକ୍ ଅଧୀନ ବଙ୍ଗିଦା ପଞ୍ଚାୟତ ମଙ୍ଗଳପୁର ଗ୍ରାମରେ ରାଧାମୋହନ ଭକ୍ତି ସାଧନା ସେବାଶ୍ରମ ଛଣିଆ ଓ ଓଡ଼ିଶା ଅବସରପ୍ରାପ୍ତ ସୈନିକ ସଂଘର ମିଳିତ ପ୍ରଚେଷ୍ଟାରେ 'ସୈନିକର ଗାଥା: ଶିଳା ସୈନିକର ସମର୍ପଣ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସୈନିକ ସ୍କୁଲ ଅଧ୍ୟକ୍ଷ କର୍ଣ୍ଣେଲ ପଙ୍କଜ କୁମାର, ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ମୁଖ୍ୟ କମିଶନର କାଳୀପ୍ରସାଦ ମିଶ୍ର, ବରିଷ୍ଠ ଜାତୀୟ ଉପସଭାପତି ନିରଞ୍ଜନ ସାହୁ, ଅବସରପ୍ରାପ୍ତ ଭାରତୀୟ ସେନା ଅଧିକାରୀ ଆଚାର୍ଯ୍ୟ ପ୍ରଭଦ୍ରାନନ୍ଦ ଅବଦୁତ, ଆନନ୍ଦ ମାର୍ଗ ସ୍କୁଲ ଅଧ୍ୟକ୍ଷ ସ୍ୱାଧୀନ କୁମାର ପଣ୍ଡା, ରାଜ୍ୟ ସ୍କାଉଟ୍ସ ଓ ଗାଇଡ୍ସର ସହକାରୀ ଆୟୁକ୍ତ ରମେଶ କୁଚମାର ଚଇନି ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ସୁବେଦାର ମେଜର ପତିତପାବନ ପଟ୍ଟନାୟକ, ସୁବାସ ଚନ୍ଦ୍ର ଛୋଟରାୟ, ସ୍ୱର୍ଗତ ସୁରେଶ ଚନ୍ଦ୍ର ମହାନ୍ତିଙ୍କୁ ସେମାନଙ୍କ ତ୍ୟାଗ, ସେବା ଓ ନିଷ୍ଠାପର କର୍ତ୍ତବ୍ୟ ନିମନ୍ତେ ମରଣୋତ୍ତର କୃତଜ୍ଞତା ପତ୍ର ପ୍ରଦାନ କରାଯାଇଥିଲା। କର୍ଣ୍ଣେଲ ସୁରେନ୍ଦ୍ର ନାଥ ପାହାଡ଼ସିଂହ ଓ ହାବିଲ୍‌ଦାର ଗଗନ ବିହାରୀ ମହାପାତ୍ରଙ୍କୁ ସେମାନଙ୍କ ଦେଶସେବା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ଦୁଃଶାସନ ସ୍ୱାଇଁ, ବରିଷ୍ଠ ଅଧିବକ୍ତା ଶକ୍ତିଶଙ୍କର ମିଶ୍ର, ମିହିର ବିଧାର, ଚକ୍ରଧର ତ୍ରିପାଠୀ, ବନଲତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ସ୍ଥାନୀୟ ବରିଷ୍ଠ ସ୍କାଉଟ୍ସ ଗାଇଡ୍ସ, ଅବସରପ୍ରାପ୍ତ ସୈନିକ ସମୁଦାୟ ଯୋଗଦେଇଥିଲେ। ଶେଷରେ ନଗେନ୍ଦ୍ର କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାଧା ଜନ୍ମ ମହୋତ୍ସବ କମିଟି ତରଫରୁ ଚିତ୍ରାଙ୍କନ ପ୍ରତିଯୋଗିତା



ସାକ୍ଷୀଗୋପାଳ,୨୪।୮ (ସମିସ): ଶ୍ରୀରାଧା ଜନ୍ମ ମହୋତ୍ସବ କମିଟି ସାକ୍ଷୀଗୋପାଳ ତରଫରୁ ସତ୍ୟବାଦୀ ମଣ୍ଡଳସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଳା, ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଚଳିତ ବର୍ଷ ଅୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଭିନ୍ନ ପଞ୍ଚାୟତର ୧୪୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେବକ ସାହିସ୍ଥିତ ଜାଗେଶ୍ୱରୀ ମଣ୍ଡପରେ ଆୟୋଜିତ ଏହି ପ୍ରତିଯୋଗିତାରେ ଗୁରୁ ନୀଳମଣି ଜେନା ଏବଂ ଗୁରୁ ରାଧାବଲ୍ଲଭ ବରାଳ ଜୁରି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀ ଚୟନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦିବାକର ମହାପାତ୍ର, ସାଂସ୍କୃତିକ ସମ୍ପାଦକ ବିଜୟ ମହାପାତ୍ର, ସଦସ୍ୟ ପ୍ରଫୁଲ୍ଲ କୁମାର ପଣ୍ଡା, ରବି ନାରାୟଣ ଷଡ଼ଙ୍ଗୀ, ଆଲୋକ ଖୁଣ୍ଟିଆ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

## କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ ନିମନ୍ତେ ପ୍ରସ୍ତୁତି

କଣାସ,୨୪।୮ (ସମିସ): କଣାସ ବ୍ଲକ୍‌ର କଣାସ ଗ୍ରାମପଞ୍ଚାୟତରେ ଦଶହରା ପଡ଼ିଆରେ ପ୍ରତି ବର୍ଷ ଅନୁଷ୍ଠିତ ହେଉଥିବା କୁଞ୍ଜେଶ୍ୱରୀ ମହୋତ୍ସବର ଚଳିତ ବର୍ଷ ପାଇଁ ପ୍ରସ୍ତୁତି ବୈଠକ ରବିବାର କଣାସ ବଡ଼ମଠ ପରିସରରେ ସ୍ଥାୟୀ ସଭାପତି କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ କଣାସରେ ସ୍ଥାପିତ ଜନମଙ୍ଗଳ କ୍ଲବ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଚଳିତ ବର୍ଷ ବିଂଶତମ କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ କିପରି ସରସ ସୁନ୍ଦର ହେବ ସେଥିପାଇଁ ପ୍ରସ୍ତୁତି ବୈଠକରେ ମୁଖ୍ୟତଃ ଆଲୋଚନା କରାଯାଇଥିଲା। ଶାରଦୀୟ ମହୋତ୍ସବର ସମ୍ପାଦକ ସୁକାନ୍ତ କିଶୋର ସାମନ୍ତରାୟ ଗତ ବର୍ଷ ମହୋତ୍ସବର ହିସାବପତ୍ର ଉପସ୍ଥାପନା କରିଥିଲେ। ଏହି ବୈଠକରେ ସମାଜସେବୀ ଶ୍ରୀକାନ୍ତ ପଟ୍ଟଯୋଷୀ, ଦେବଦତ୍ତ ପରିଡ଼ା, ବାଳକୃଷ୍ଣ ସାହା, ଶିକ୍ଷାବିତ୍ ଭାଗିରଥି ମହାପାତ୍ର, ସୁନିଲ୍ କୁମାର ନରେନ୍ଦ୍ରମ, ପ୍ରଫୁଲ୍ଲ ପ୍ରଧାନ, ବୃନ୍ଦାବନ ପଟ୍ଟନାୟକ ପ୍ରମୁଖ ୨୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇଥିଲେ। କଣାସ ଅଞ୍ଚଳର ଐତିହ୍ୟ, ଲୁକ୍କାୟିତ ହୋଇ ରହି ଯାଉଥିବା ପ୍ରତିଭାମାନଙ୍କୁ ଆଗଧାଡ଼ିକୁ ଆଣିବା ପାଇଁ କଣାସ ଅଞ୍ଚଳର କେତେକ ବୁଦ୍ଧିଜୀବୀ ୧୯ବର୍ଷ ହେଲା ଏହି କାର୍ଯ୍ୟକ୍ରମ କରିଆସୁଛନ୍ତି। ଚଳିତ ବର୍ଷ ଅକ୍ଟୋବର ୨ରୁ ୬ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ବିଂଶତମ କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ ଅନୁଷ୍ଠିତ ହେବା ପାଇଁ ସଭାରେ ସ୍ଥିର କରାଯାଇଥିଲା। ଚଳିତ ବର୍ଷ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ତଥା ଐତିହାସିକ ପ୍ରଥମ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ତଥ୍ୟ ସମ୍ବଳିତ ଲେଖା ସ୍ମରଣିକା "କୁଞ୍ଜେଶ୍ୱରୀ'ରେ ପ୍ରକାଶ ନିମନ୍ତେ ଲେଖା ପଠାଇବା ପାଇଁ ସମ୍ପାଦକ ସୁକାନ୍ତ କିଶୋର ସାମନ୍ତରାୟ ଅନୁରୋଧ କରିଛନ୍ତି।

## ନୂତନ ଜିଲ୍ଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ବାଲୁଗାଁ,୨୪।୮ (ସମିସ): ଖୋର୍ଦ୍ଧା ଜିଲ୍ଲାର ନୂତନ ଜିଲ୍ଲାପାଳ ଅମୃତ ଋତୁରାଜ ପ୍ରଥମ ଥର ପାଇଁ ଶନିବାର ଚିଲିକା ଗସ୍ତରେ ଆସି ବ୍ଲକ୍ ଅନ୍ତର୍ଗତ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ତତ୍‌ସହିତ ବିଭିନ୍ନ ମଡେଲ ଅଙ୍ଗନବାଡ଼ି କେନ୍ଦ୍ର, ସିଲେଇ କେନ୍ଦ୍ର, ଝୋଟ ସାମଗ୍ରୀ ଉତ୍ପାଦନ କେନ୍ଦ୍ର, ମତ୍ସ୍ୟ ହ୍ୟାଚେରୀ ଓ ଛେଳି ଫାର୍ମ ଆଦି ପରିଦର୍ଶନ କରି ସମସ୍ତ ସୁବିଧାସୁଯୋଗ ସମ୍ପର୍କରେ ବୁଝିବା ସହ ବିଭିନ୍ନ ଅଭିଯୋଗର ସମାଧାନ ଦିଗରେ କାର୍ଯ୍ୟ କରାଯିବ ବୋଲି କହିଥିଲେ। ଚିଲିକା ବିଡିଓ ପୁନମ୍ ମହାପାତ୍ରଙ୍କ ସମେତ ବ୍ଲକ୍‌ର ବିଭିନ୍ନ ବିଭାଗୀୟ ଅଧିକାରୀ, କୃଷି ଅଧିକାରୀ, ମତ୍ସ୍ୟ, ପଶୁ ବିଭାଗ ଓ ମିଶନ ଶକ୍ତି ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ଜିଲ୍ଲାପାଳ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରି ଫେରିଥିଲେ।

# କ୍ରୀଡ଼ା ଛାତ୍ରାବାସ ଓ ଟେନିସ୍ କୋର୍ଟ ଉଦ୍‌ଘାଟିତ




ସାକ୍ଷୀଗୋପାଳ,୨୪।୮ (ସମିସ): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ମୂଳ ଅଳସା ଗ୍ରାମରେ ପୂର୍ବ ଭାରତର ସର୍ବବୃହତ୍ତମ ଘରୋଇ ଟେନିସ୍ ପ୍ରଶିକ୍ଷଣ କେନ୍ଦ୍ର 'ସାଇ ଏକାଡେମୀ' କ୍ରୀଡ଼ା ଛାତ୍ରାବାସ ଏବଂ ଟେନିସ୍ କୋର୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ୭ଟି ଟେନିସ୍ କୋର୍ଟ ସହିତ ୧୨୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ କ୍ରୀଡ଼ା ଛାତ୍ରାବାସ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାର ପ୍ରତି ବ୍ଲକ୍‌ସ୍ତରରେ ମିନି ଷ୍ଟାଡିୟମ୍ କରିବା ପାଇଁ ୧୫ କୋଟି ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ଏହି କ୍ରୀଡ଼ା ଅନୁଷ୍ଠାନ ଜମି ଯୋଗାଇଦେଇ ପାରିଲେ, ଏଠାରେ ସତ୍ୟବାଦୀ ବ୍ଲକ୍‌ସ୍ତରୀୟ ମିନି ଷ୍ଟାଡିୟମ୍ ସମ୍ଭବ ହୋଇପାରିବ ବୋଲି ବିଧାୟକ ପ୍ରସ୍ତାବ ରଖିଥିଲେ। ସେହିପରି ରାସ୍ତା ସମ୍ପ୍ରସାରଣ, ପାନୀୟଜଳ, ବିଦ୍ୟୁତ୍ ଓ ଆନୁସଙ୍ଗିକ ସୁବିଧା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରକୁ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରସ୍ତୁତ କରିବାକୁ ଏହି ଅନୁଷ୍ଠାନର ଲକ୍ଷ୍ୟ ରହିଛି ବୋଲି ସାଇ ଏକାଡେମୀର ସଭାପତି ସୁଶ୍ରୀ ପ୍ରିୟଦର୍ଶିନୀ ପାଣି କହିଥିଲେ। ସମ୍ମାନିତ ଅତିଥି ଭାବରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ଟେନିସ୍ ଆସୋସିଏସନ୍ ସମ୍ପାଦକ ସୁନୀଲ କୁମାର ମହାପାତ୍ର, ଓଡ଼ିଶା ଟେନିସ୍ ଆସୋସିଏସନ୍ ଯୁଗ୍ମ ସମ୍ପାଦକ ସମ୍ବିତ୍ ପଟ୍ଟନାୟକ, ଆର୍‌ଏସ୍‌ଏସ୍ ସହପ୍ରାନ୍ତ କାର୍ଯ୍ୟବାହ ସୁଦର୍ଶନ ଦାଶ, ପ୍ରାନ୍ତୀୟ କାର୍ଯ୍ୟକାରୀ ସଦସ୍ୟ ରାଜକିଶୋର ସାହୁ, ବିଜେପି ପୁରୀ ଜିଲ୍ଲା ସଭାପତି ଦେବେନ୍ଦ୍ର ନାଥ ତରାଇ, ସିପିଏସ୍ ପୁରୀର ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ଓ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ଯୋଗଦେଇଥିଲେ। ପୁରୀ ଜିଲ୍ଲାର ଶ୍ରମିକ ନେତା ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ମହାନ ପ୍ରଚେଷ୍ଟାର ଅନନ୍ୟ ଅନୁଷ୍ଠାନ ସାଇ ଏକାଡେମୀ ଗଠନରେ ସ୍ୱର୍ଗତ ମିଶ୍ରଙ୍କ ପରିବାରକୁ ପ୍ରଶଂସା କରିଥିଲେ। ଉତ୍ସବରେ ଶିକ୍ଷାବିତ୍ ଲୋକନାଥ ପାଣି ଅଧ୍ୟକ୍ଷତା କରିଥିବାବେଳେ ସଂଯୋଜନା କରିଥିଲେ ଶ୍ୟାମ ପ୍ରକାଶ ସେନାପତି। ସୋମବାର ଏହି ଅନୁଷ୍ଠାନରେ ଦୁଇଦିନିଆ ଜାତୀୟ ଟେନିସ୍ ପ୍ରତିଯୋଗିତା ଆରମ୍ଭ ହେବ। ଶେଷରେ ରୋଜା ପ୍ରିୟଦର୍ଶୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ କୃଷକ ସଙ୍ଘର ସମ୍ମିଳନୀ



ବ୍ରହ୍ମଗିରି,୨୪।୮ (ସମିସ): ରବିବାର ବ୍ରହ୍ମଗିରି ବସନ୍ତେଇ ପୀଠ, ନିଆଜପୁରଠାରେ "ଓଡ଼ିଶା କୃଷକ ସଙ୍ଘ' ବ୍ରହ୍ମଗିରିର କୃଷକମାନଙ୍କୁ ନେଇ ବ୍ଲକ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ରହ୍ମଗିରିର ଚାଷୀମାନଙ୍କର ବିଭିନ୍ନ ସମସ୍ୟା, ସରକାରୀ ସହାୟତା, ଚାଷୀଙ୍କ କଷ୍ଟ ଲବ୍ଧ ଫସଲର ସହାୟକ ମୂଲ୍ୟ, ଫସଲ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ଇତ୍ୟାଦି ସମସ୍ୟାର ସମାଧାନ ଦିଗରେ ଆଲୋଚନା କରାଯାଇ ଏକ ସୁଦୃଢ଼ ପରିଚାଳନା କମିଟି ଗଠନ କରାଯାଇଛି। ଏହି ବୈଠକରେ ସଂଯୁକ୍ତ କୃଷକ ସଭା ପୁରୀ ଜିଲ୍ଲା ସମ୍ପାଦକ, କୃଷକ ନେତା ଭୀମସେନ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ୍ ସଭାପତି ଦୀନବନ୍ଧୁ ପ୍ରଧାନ, ସମ୍ପାଦକ ବିଦ୍ୟାଧର ଦଳାଇ, କୃଷକ ନେତା ଶତ୍ରୁଘ୍ନ ମହାରାଜ, ସୁରେନ୍ଦ୍ର କୁମାର ଦଳାଇ ଆଦି ବହୁ କୃଷକ ନେତା ଆଲୋଚନାରେ ଭାଗ ନେଇଥିଲେ। ଆଗାମୀ ଦିନରେ ଏହି କୃଷକମାନଙ୍କ ସମସ୍ୟା ଏବଂ ସଂଗଠନ ତଥା ଆନ୍ଦୋଳନକୁ ଜୋର୍‌ଦାର୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ବିଭିନ୍ନ ଗ୍ରାମରୁ ଚାଷୀମାନଙ୍କୁ ନେଇ ଏକ ୧୫ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟିର ସଭାପତି ଦୀନବନ୍ଧୁ ପ୍ରଧାନ, ସମ୍ପାଦକ ଶତ୍ରୁଘ୍ନ ମହାରାଜ, ବିଦ୍ୟାଧର ଦଳାଇ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହି କମିଟି ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ।

# ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ଅଞ୍ଚଳବାସୀ



ପାପଡାହାଣ୍ଡି, ୨୪।୮ (ସମିସ):

ପାପଡାହଣ୍ଡି ସହିଦ ମିନାର ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତରା, ଜିଲ୍ଲା ପରିଷଦ ସଭାପତି ମୋତିରାମ ନାୟକ, ଜିଲ୍ଲା ପରିଷଦ ଉପସଭାପତି ଲିପିକା ବରେଇ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ପୂର୍ବତନ ସାଂସଦ ଭଗବାନ ମାଝୀ ଏସ୍‌ପି ମଦକର ସନ୍ଦୀପ ସମ୍ପତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନବରଙ୍ଗପୁରରୁ ସହିଦ ସ୍ମୃତି କମିଟି ସଭାପତି ମନରଞ୍ଜନ ତ୍ରିପାଠୀ ଓ କାଦମ୍ବିନୀ ତ୍ରିପାଠୀ ଆଣିଥିବା ସହିଦ ସ୍ମୃତି ମଶାଲକୁ ଅତିଥିବୃନ୍ଦ ଏବଂ ଜିଲ୍ଲାପାଳ ଗ୍ରହଣ କରିଥିଲେ। ପାପଡ଼ାହାଣ୍ଡି ବସ୍‌ଷ୍ଟାଣ୍ଡଠାରୁ ସହିଦ ମିନାର ପର୍ଯ୍ୟନ୍ତ ଏହି ଅବସରରେ ପଦଯାତ୍ରାର ଆୟୋଜନ କରାଯାଇଥିଲା। ମଶାଲ ସ୍ଥାପନ ପରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ହୋଇଥିଲା। ସ୍ମୃତିସୌଧ ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ଟୁରା ନଦୀ କୂଳରେ ସହିଦଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ହୋଇଥିଲା। ଆରକ୍ଷୀ ବାହିନୀ ପକ୍ଷରୁ ସାମରିକ ଅଭିବାଦନ ସହ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ସହିଦଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ଓ ସ୍ୱାଗତ ସଂଗୀତ ପରିବେଷଣ ସହ ସର୍ବଧର୍ମ ପ୍ରାର୍ଥନା ହୋଇଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣ କରି ଅତୁଳନୀୟ ବୋଲି ଅତିଥିମାନେ ବର୍ଣ୍ଣନା କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଡାକରାରେ ନିରୀହ ଆଦିବାସୀ ଆନ୍ଦୋଳନ କରି ବୀରତ୍ୱର ପରିଚୟ ଦେଇଛନ୍ତି। ବର୍ତ୍ତମାନ ଜିଲ୍ଲାର ବିକାଶ ପାଇଁ ସମସ୍ତେ ମିଳିମିଶି କାମ କଲେ ସହିଦଙ୍କ ସ୍ୱପ୍ନ ନିଶ୍ଚିତ ରୂପେ ପୂରଣ ହେବ। ସହିଦଙ୍କ ପାଇଁ ଏହି ସ୍ଥାନ ତୀର୍ଥସ୍ଥଳରେ ପରିଣତ ହୋଇଛି। ତେଣୁ ସହିଦଙ୍କୁ ପାଠ୍ୟପୁସ୍ତକରେ ସ୍ଥାନ ଦେବାକୁ ପ୍ରୟାସ ହେବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ। ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବିଡିଓ କପିଳଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିପିଓ ଶଶୀକାନ୍ତ ଦାସ ଓ ଡିଆଇପିଆର ମନୋଜ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସହିଦଙ୍କ ଦାୟାଦଙ୍କୁ ପ୍ରଶାସନ ପକ୍ଷରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

## ଶ୍ରଦ୍ଧାଞ୍ଜଳି ସଭା ରାଜନୈତିକ ମଞ୍ଚ ପାଲଟିଲା

ପାପଡାହାଣ୍ଡି : ରାଜନୈତିକ ମଞ୍ଚ ପାଲଟିଗଲା ସହିଦ ସ୍ମୃତି ଦିବସ କାର୍ଯ୍ୟକ୍ରମ। ବିଭିନ୍ନ ଦଳର ନେତା ମତ ରଖିଲେ ନିଜ ଅମଳର କଥା। କିଏ କେତେ ଟଙ୍କା ଦେଇଛି ଓ କଣ କାମ କରିଛି । କିନ୍ତୁ ଏହା ଗୋଟିଏ ସହିଦ ମାନଙ୍କ ଶ୍ରଦ୍ଧାଞ୍ଜଳି ସଭା ବୋଲି ଭୁଲି ଯାଇଥିଲେ ନେତା। ଶ୍ରୋତାମାନେ ସମସ୍ତେ ଏହା କଣ ବୋଲି ଚାହିଁ ବସିଥିଲେ ନେତାଙ୍କ କଥା ଶୁଣି। ଏହି ଦୃଶ୍ୟ ଦେଖିବାକୁ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ସଦର ଅନୁଷ୍ଠିତ ସହିଦ ସ୍ମୃତି ଦିବସ ସଭା ମଞ୍ଚରେ। ଉପସ୍ଥିତ ବିଜେପି ,ବିଜେଡି ଓ କଂଗ୍ରେସ ଦଳର ନେତୃବୃନ୍ଦ ଓ ସରକାରଙ୍କ ଦୁଇ ମନ୍ତ୍ରୀ ସୁରେଶ ପୂଜାରୀ ଓ ନିତ୍ୟାନନ୍ଦ ଗଣ୍ଡ। ନେତାମାନେ ସହିଦ ମାନଙ୍କ ଶ୍ରଦ୍ଧାଞ୍ଜଳି ଦେବା ଭୁଲିଯାଇ ତାଙ୍କ ସରକାରଙ୍କ ସମୟରେ କଣ ଏହି ମାଟି ପାଇଁ କଣ ଉନ୍ନତି କରାଯାଇଛି ତାହା ବଖାଣିଥିବା ଦେଖିବାକୁ ମିଳିଛି। ୧୯୪୨ ମସିହା ଅଗଷ୍ଟ ୨୪ ତାରିଖରେ ଇଂରେଜ ମାନଙ୍କ ଦ୍ୱାରା ନିହତ ହୋଇଥିଲେ ସ୍ୱାଧୀନତା ସଂଗ୍ରାମୀ ମାନେ। ଏହି ପାପଡାହାଣ୍ଡି ସ୍ଥିତ ଟୁରି ନଦୀ କୁଳରେ ନବରଙ୍ଗପୁର ବାସୀଙ୍କ ରକ୍ତ ବୋହି ଥିଲା ଇଂରେଜ ମାନଙ୍କ ଦ୍ୱାରା। ସ୍ମୃତି କମିଟି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମ କୁ ବିଭିନ୍ନ ଦଳର ନେତା ମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସବୁ ଠିକ୍ ଠାକୁ ଚାଲୁଥିବା ସମୟରେ ଠିକ ଓଲଟା ହୋଇଗଲା ମଞ୍ଚ। ସମସ୍ତଙ୍କୁ ଦୁଇ ମିନିଟ ସମୟ ଦିଆଯାଇ ଥିବାବେଳେ ସରକାରୀ ଦଳକୁ ନିନ୍ଦା କରି ପୂର୍ବତନ କଂଗ୍ରେସ ବିଧାୟକ ଭୁଜବଳ ମାଝୀ ବର୍ଷିଥିଲେ। ଏହାପରେ ବିଜେଡି ବିଧାୟକ ମନୋହର ରନ୍ଧାରୀ ସେ ମଧ ଛାଡି ନ ଥିଲେ। ପରବର୍ତ୍ତୀ ସମୟରେ ନବରଙ୍ଗପୁର ବିଜେପି ବିଧାୟକ ଗୌରୀଶଙ୍କର ମାଝୀ ଆମ ବିଜେପି ସରକାର ଠିକ ଭାବେ କାମ କରୁଥବା ବେଳେ ବିରୋଧୀ ମାନେ ଅହଂ ମନଭାବ ନେଇ କହୁଛନ୍ତି ଓ ସେମାନେ ଯେତେବେଳେ ସରକାରରେ ଥିଲେ କାହିଁକି ଏସବୁ ସମସ୍ୟାକୁ ସମାଧାନ କଲେ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଞ୍ଚଳର ହଜାର ସଂଖ୍ୟାରେ ଲୋକ ଆସିଥିଲେ। ତେବେ ନେତାଙ୍କ ଏପରି ବୟାନ ବାଜିକୁ ସାଧାରଣ ଲୋକ ହଜମ କରିପାରି ନ ଥିଲେ। ଅନ୍ୟପଟେ ସ୍ମୃତି କମିଟିର ସଭାପତି ମନରଞ୍ଜନ ତ୍ରିପାଠୀ ଆସନ୍ତା ବର୍ଷକୁ ଏକ ନିୟମ କରାଯାଇ କେବଳ ସହିଦ ମାନଙ୍କ ପାଇଁ କାର୍ଯ୍ୟକ୍ରମ କରାଯିବ ଓ ନେତାଙ୍କୁ ଏଭଳି କହିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି।

# ନିଖୋଜ ୟୁଟ୍ୟୁବର ସାଗରଙ୍କ ପତ୍ତା ମିଳୁନି

ଲମତାପୁଟ,୨୪।୮ (ସମିସ):

ଘଟଣାକୁ ୨୬ ଘଣ୍ଟା ବିତି ଯାଇଥିଲେ ମଧ ବ୍ରହ୍ମପୁରର ୟୁଟ୍ୟୁବର ସାଗର କୁଣ୍ଡୁଙ୍କ କୌଣସି ପତ୍ତା ମିଳିପାରିଲା ନାହିଁ। ମାଛକୁଣ୍ଡ ଡି ଡ୍ୟାମର ଗେଟ ବନ୍ଦ କରି ପାଣି ନିଷ୍କାସନକୁ ବନ୍ଦ କରିବା ପରେ ଲମତାପୁଟ ଅଗ୍ନିଶମ ବିଭାଗ ଏବଂ କୋରାପୁଟ ଓଡ୍ରାଫ୍ ଟିମ ସାଗରଙ୍କୁ ଖୋଜିବା ନିମନ୍ତେ ଅପେରସନ ଆରମ୍ଭ କରିଥିଲେ। ଗତକାଲି ସାଗର ଏବଂ କଟକର ଅଭିଜିତ ବେହେରା ମିଶି ଡୁଡୁମା ଜଳପ୍ରପାତ ଉପରେ ଡ୍ରୋନ୍ ସାହାଯ୍ୟରେ ଭିଡିଓ ସୁଟିଂ କରୁଥିବା ସମୟରେ ମାଛକୁଣ୍ଡ ଡି ଡ୍ୟାମର ୭ ନମ୍ବର ଗେଟ ଖୋଲିଥିଲା। ହଠାତ୍ ଜଳସ୍ତର ବଢ଼ି ଯାଇଥିଲା। ପର୍ଯ୍ୟଟକ ପାଣି ମାଡି ଆସୁଥିବା ଦେଖି ପାଟିକରିବାରୁ ଅଭିଜତ ବେହେରା ବାହାରି ଆସିଥିବା ବେଳେ ସାଗର ଭାସି ଯାଇ ୫୫୦ ଫୁଟ ତଳକୁ ଖସି ନିଖୋଜ ହୋଇଯାଇଥିଲେ। ସାଗରଙ୍କ ବାପା ଖବର ପାଇ ଆଜି ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ସେ କହିଛନ୍ତି ସାଗର ହେଉଛି ତାଙ୍କର ଏକ ମାତ୍ର ପୁଅ। ତିନିଦିନ ତଳେ ସେ ତାର ସାଙ୍ଗ ସହ କୋରାପୁଟ ଆସିଥିଲା। ଗତକାଲି ଡୁଡୁମା ଜଳପ୍ରପାତରେ ନିଖୋଜ ହୋଇଯାଇଥିବା ସେ ଖବର ପାଇ ଆସିଛନ୍ତି ଏବଂ ପୁଅକୁ ଉଦ୍ଧାର କରିବା ପାଇଁ ପ୍ରଶାସନକୁ ଗୁହାରି କରିଛନ୍ତି। ସାଗରଙ୍କ ସାଙ୍ଗ ଅଭିଜିତ କହିବା ଅନୁସାରେ ଡ୍ରୋନରେ ଭିଡିଓ କରୁଥିବା ସମୟରେ ଅଚାନକ ପଣି ମାଡି ଆସିଲା। ବଞ୍ଚାଇବା ପାଇଁ ସାଗର ନେହୁରା ହୋଇଥିଲେ। ବହୁ ଚେଷ୍ଟା ସତ୍ତ୍ୱେ ମଧ ଆମେ ତାକୁ ଉଦ୍ଧାର କରିପାରିଲୁ ନାହିଁ। ଆଖି ସାମ୍ନାରେ ସେ ନଇଁ ପାଣିରେ ଭାସି ଯାଇ ନିଖୋଜ ହୋଇଯାଇଛନ୍ତି। ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିସମ କର୍ମଚାରୀ ଏବଂ ଓଡ୍ରାଫ ଟିମ ମିଳିତ ଭାବରେ ବହୁ ଚେଷ୍ଟା କରିଛନ୍ତି। କିନ୍ତୁ କୌଣସି ସୁଫଳ ମିଳିପାରି ନାହିଁ। ଡୁଡୁମାରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିଲେ ମଧ ପର୍ଯ୍ୟଟକ ମାନେ ନିଜ ଜୀବନକୁ ବାଜି ଲଗାଇ ନିଷେଧାଞ୍ଚଳକୁ ଯାଇ ଜୀବନକୁ ହରାଉଛନ୍ତି। ଗତ ଦୁଇମାସ ତଳେ ଜଣେ ଯୁବ ଇଞ୍ଜିନିୟର ଏପରି ଏକ ଦୁର୍ଘଟଣାରେ ନିଖୋଜ ହୋଇଯାଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିପାରି ନାହିଁ। ତେଣୁ ରାତିଦିନ ଏକ କରି ନିଖୋଜ ଯୁବକଙ୍କୁ ଖୋଜି ଉଦ୍ଧାର କରିବା ପାଇଁ ଚେଷ୍ଟା କରିବୁ ବୋଲି ଲମତାପୁଟ ଅଗ୍ନିଶମ ଅଧିକାରୀ ଉମେଶ ଚନ୍ଦ୍ର କହିଛନ୍ତି। ପର୍ଯ୍ୟଟକଙ୍କ ସଚେତନତା ଅଭାବରୁ ଡୁଡୁମା ଜଳପ୍ରପାତରେ ବହୁ ଜୀବନ ହାନି ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ନିଷେଧାଞ୍ଚଳରେ ସୁରକ୍ଷା ବଢ଼ାଇବା ଆବଶ୍ୟକ ରହିଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ଉଦ୍ଧାର କାର୍ଯ୍ୟ ସମୟରେ ଲମତାପୁଟ ତହସିଲଦାର ଦିବାକର ବାଘ ଏବଂ ମାଛକୁଣ୍ଡ ଥାନା ଅଧିକାରୀ ଉପସ୍ଥିତ ଥିବା ସୂଚନା ମିଳିଛି।

# ବ୍ରହ୍ମାକୁମାରୀ ପକ୍ଷରୁ ରକ୍ତଦାନ ଶିବିର

ଜୟପୁର,୨୪।୮ (ସମିସ): ଜୟପୁର ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପୂର୍ବତନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଡଃ ପ୍ରକାଶମଣିଜୀଙ୍କ ୧୮ତମ ପୁଣ୍ୟତିଥି ଉପଲକ୍ଷେ ଆଜି ସ୍ଥାନୀୟ ସମ୍ବାରତୋଟା ସ୍ଥିତ ସଂସ୍ଥାର ଆଶ୍ରମ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଅନୁଷ୍ଠାନର ନିୟମିତ ଛାତ୍ରଛାତ୍ରୀ ଏବଂ ସହରର ଜନସାଧାରଣ ଉପସ୍ଥିତ ରହି ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ଆଜିର ଏହି ଶିବିରରେ ମୋଟ ୨୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ମହତ୍ ସେବାରେ ଜିଲ୍ଲା ଚିକିତ୍ସାଳୟରୁ କର୍ମକର୍ତ୍ତା ମାନେ ଏବଂ ରକ୍ତଦାନ ସଚେତକ ପ୍ରମୋଦ ରାଉଳ ଯୋଗ ଦେଇ ରକ୍ତସଂଗ୍ରହରେ ସହାୟତା କରିଥିଲେ। ଏହାକୁ



ଜୟପୁରସ୍ଥିତ ଜିଲ୍ଲା ଚିକିତ୍ସାଳୟ ରକ୍ତ ଭଣ୍ଡାର ପକ୍ଷରୁ ରକ୍ତସଂଗ୍ରହ ସହିତ ସୂଚାରୁରୂପେ କାର୍ଯ୍ୟ ସମ୍ପାଦନା କରିଥିଲେ। ଏଥିରେ କେନ୍ଦ୍ର ସଂଚାଳିକା ବ୍ରହ୍ମା କୁମାରୀ ଜୟନ୍ତୀ, ଶୁଭଶ୍ରୀ, ଜ୍ୟୋତି, ସରସୀ, ସୁନୀତା, ମଣ୍ଡଳ, ମାଝୀ, ବୀର ପ୍ରସାଦ ଭାଇ, ମନୋରଞ୍ଜନ, ରାଜେନ୍ଦ୍ର ଓ ସଦସ୍ୟ ମାନେ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବନପ୍ରଭା ସାହିତ୍ୟ ସଂସଦର ବର୍ଷା ଆସର

ସୁନାବେଡା ,୨୪।୮ (ସମିସ): ହାଲ ସହରାଞ୍ଚଳ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଅନ୍ନପୂର୍ଣ୍ଣା ମଣ୍ଡପରେ ବନପ୍ରଭା ସାହିତ୍ୟ ସଂସଦ ତରଫରୁ ବର୍ଷା କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଆସରକୁ ଦୁଇଟି ଅଧିବେଶନରେ ଶେଷ କରାଯାଇଛି। ପ୍ରଥମ ଅଧିବେଶନ ସାରସ୍ୱତ ସଭାରେ ବନପ୍ରଭା ସାହିତ୍ୟ ସଂସଦର ସଭାପତି ଡକ୍ଟର ଅନସୂୟା ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ରଞ୍ଜିତ ଜେନା ସଂପାଦକୀୟ ପାଠ କରିଥିଲେ। ଏଥିରେ ଅତିଥି ଭାବେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ପ୍ରାଧ୍ୟାପକ ଡକ୍ଟର ସୌରଭ ଗୁପ୍ତା, କୃଷ୍ଣ ସିଂ, ଡକ୍ଟର ରମେଶ ଚନ୍ଦ୍ର ଦାଶ ଏବଂ ମୁଖ୍ୟବକ୍ତା ଭାବେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡକ୍ଟର ଗଣେଶ ପ୍ରସାଦ ସାହୁ ଯୋଗ ଦେଇ ବର୍ଷା ଓ ପିଲାଦିନ ଶୀର୍ଷକରେ ବକ୍ତବ୍ୟ ରଖିଥିଲେ। ଏହି ଅଧିବେଶନରେ ଡକ୍ଟର ଶାନ୍ତନୁ ନାୟକ ସଂଯୋଜନା କରିଥିଲା ବେଳେ କବି ଦୀପକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନ କବିତା ପାଠ ଉତ୍ସବରେ ବନପ୍ରଭା ସାହିତ୍ୟ ସଂସଦର ଉପସଭାପତି ସୁଧୀର ପ୍ରଧାନଙ୍କ




ସଭାପତିତ୍ୱରେ ହୋଇଥିଲା। କବି ନିବେଦିତା ହରିଚନ୍ଦନ ଓ କବି ଅଶୋକ ମହାନ୍ତିଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ଏହି ବର୍ଷା ଆସରରେ ବର୍ଷାକୁ ନେଇ ଶତାଧିକ କବିତା ପାଠ ହୋଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ବିଜୟ କୁମାର ଖାନସମା ପଟ୍ଟନାୟକ। ଏଥିରେ ଶ୍ରୀ ଶ୍ରୀ ଜଗନ୍ନାଥ ସେବାସଂସ୍ଥା ପରିଚାଳନା କମିଟି, ସୁନାବେଡ଼ାର ସହଯୋଗ ସଙ୍ଗେ ଯୋଗ ଦେଇଥିଲେ କବି ଜଳଧର ସ୍ୱାଇଁ, ବିଜୟ ପ୍ରଧାନ, ରବି ଶତପଥୀ, ନାରାୟଣ ମାର୍ଥା, ଡଃ ଚିତ୍ତ ରଞ୍ଜନ ମିଶ୍ର, ଡଃ ଅଜୟ କୁମାର ସାହୁ, ଡଃ ଝାନସୀ ସିଂହ, ସ୍ନିଗ୍ଧାରାଣୀ ମିଶ୍ର, ଶାହେଦା ପରୱିନ, ପଙ୍କଜ ସାହୁ, ସ୍ୱର୍ଣ୍ଣପ୍ରଭା ରାଉଳ, ସମୀର ରାଉତ, ତାପସ ସାହୁ, ସଞ୍ଜୟ ବେହେରା, ପ୍ରଭାକର ପରିଡ଼ା, ଅକ୍ଷୟ ବରାଳ, ମାନଗୋବିନ୍ଦ ଦାସ, ମନୋଜ ଦାଶ, ସରୋଜ, ରାକେଶ, ସୁଶାନ୍ତ, ବିକାଶ ଆଦି କବି ଓ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର: ୨ ଗିରଫ

ପୋଡ଼ାଗଡ଼,୨୪।୮ (ସମିସ): କୋରାପୁଟ ସଦର ଥାନା ଅନ୍ତର୍ଗତ ପୋଡ଼ାଗଡ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଶିକ୍ଷା କେନ୍ଦ୍ର ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦୁଇ ଜଣ ଗିରଫ ହୋଇଥିବା ବେଳେ ଜଣେ ଫେରାର ଥିବା ଜଣା ପଡ଼ିଛି। ସୂଚନାରୁ ଜଣାପଡ଼ିଛିଯେ, ଗତ ଶୁକ୍ରବାର ଦିନ ଜଣେ ରୋଗୀକୁ ତିନି ଜଣ ଯୁବକ ପୋଡ଼ାଗଡ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ଖାଇବା ସମୟ ହୋଇଥିବାରୁ ଡାକ୍ତର କିଛି ସମୟ ପାଇଁ ନିଜ ରହୁଥିବା ରୁମ୍‌କୁ ଯାଇଥିଲେ। ପରେ ରୋଗୀ ଆସିଥିବା ଖବର ପାଇ ତୁରନ୍ତ ଡାକ୍ତର ଅଭିଲିପ୍ସା ସାର୍କା ପହଞ୍ଚି ରୋଗୀକୁ ଦେଖିବା ସମୟରେ ଉପସ୍ଥିତ ତିନି ଯୁବ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ହସ୍ପିଟାଲର ସାମଗ୍ରୀ ନଷ୍ଟ କରିଥିବା ଅଭିଯୋଗ କରିଛନ୍ତି କାର୍ଯ୍ୟରତ ଡାକ୍ତର ଲିପ୍ସା। ଉକ୍ତ ଅଭିଯୋଗକୁ ଭିତି କରି କୋରାପୁଟ ସଦର ଥାନା ପୋଲିସ କେସ ନିମ୍ବର ୧୫୬/୦୨୫ ରେ ଦୁଇ ଯୁବକଙ୍କୁ ଗିରଫ କରି ୟୁ /ଏସ ୧୨୧/(୧)/୧୨୩/୭୪/(୩)/୩୫୧(୩)/୩(୫) ଭାରତୀୟ ନ୍ୟାୟ ସଂଗୀତା ଆର/ ଦବ୍ଲୁ ସେକନ ୩/୪ରେ ମାମଲା ରୁଜୁ କରି ଅଦାଲତ ଚାଲାଣ କରିଥିବା ବେଳେ ଅନ୍ୟ ଜଣେ ତଥା ଯାକ୍ସନ ବେନିଆ ଫେରାର ଥିବା ସଦର ଥାନା ଅଧିକାରୀ ରୁନୁ ମାଝୀ ସୂଚନା ଦେଇଛନ୍ତି।

# ନାରୀ ନିର୍ଯାତନା ବିରୋଧରେ ମହିଳା ସାଂସ୍କୃତିକ ସଂଗଠନର ବୈଠକ

ବୈପାରୀଗଡ଼ା,୨୪।୮ (ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ପଟ୍ଟଗୁଡା ଠାରେ ଏଆଇଏମଏସଏସ ପକ୍ଷରୁ ନାରୀ ନିର୍ଯାତନା ବିରୁଦ୍ଧରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଆଇଏମଏସଏସ, ସର୍ବ ଭାରତୀୟ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ କୋରାପୁଟ ଜିଲ୍ଲା ସମ୍ପାଦିକା ଲକ୍ଷ୍ମି ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲ୍ଲା ସଭାନେତ୍ରୀ ଇନ୍ଦୁମତୀ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସମାଜ ସଂସ୍କାରକ ମହାନ୍ ମାନବତାବାଦୀ ବିଦ୍ୟାସାଗରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସ୍ୱାଧୀନ ଭାରତ ବର୍ଷରେ ଦିନକୁ ଦିନ ନାରୀ ନିର୍ଯାତନା ବଢ଼ି ବଢ଼ି ଚାଲିଛି । ଏହା ବିରୁଦ୍ଧରେ ସମସ୍ତ ନାରୀ ସମାଜ ସଂଗଠିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗୀ ପୁରସ୍କୃତ




ନବରଙ୍ଗପୁର,୨୪।୮ (ସମିସ):

ନବରଙ୍ଗପୁର ସ୍ନାତକ ମହିଳା ମହାବିଦ୍ୟାଳୟରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଷ୍ଟାର୍ଟ ଅପ୍ କାର୍ଯ୍ୟକ୍ରମ ଅବସରରେ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମାଳେଶ୍ୱରୀ ସାହୁ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରି ଛାତ୍ରୀମାନଙ୍କୁ ସ୍ନାତକ ଶିକ୍ଷା ସମାପ୍ତି ପରେ କିପରି ସଫଳ ଉଦ୍ୟୋଗୀ ଓ ସ୍ୱାବଲମ୍ବୀ ହୋଇ ପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ଇତିହାସ ବିଭାଗର ଅଧ୍ୟାପିକା ରଞ୍ଜୁଷା ପ୍ରହରାଜଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ପ୍ରୋଜେକ୍ଟ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାରେ ସନ୍ଧ୍ୟାରାଣୀ ବିଷୋୟୀ - ପ୍ରଥମ, ସୌଦାମିନୀ ହରିଜନ - ଦ୍ୱିତୀୟ ଏବଂ ତ୍ରିମୋଣୀ ଗଣ୍ଡ -ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କୃତୀ ପ୍ରତିଯୋଗୀ ମାନେ ଆଗାମୀ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ଅଧ୍ୟକ୍ଷା ସୂଚନା ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯିବା ସହିତ ସମସ୍ତ ଅଂଶଗ୍ରହଣକାରୀ ଛାତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଥିଲା। ଅଧ୍ୟାପିକା ତାଇରା ବେଗମ, ଡ. ରୋହିଣୀ ରାଣୀ ମେଣ୍ଟର ଭାବେ ଛାତ୍ରୀମାନଙ୍କ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ଲକ୍ଷ୍ମୀକାନ୍ତ ସୌରା ଏବଂ ଅଧ୍ୟାପିକା ଡଃ. ସଂଯୁକ୍ତା ପଣ୍ଡା, ସୁନୀତା ପାତ୍ର ଯୋଗଦାନ କରିଥିଲେ।

# ଶାବର ଶ୍ରୀକ୍ଷେତ୍ରରେ ଆଧ୍ୟାତ୍ମିକ ପ୍ରବଚନ



କୋରାପୁଟ,୨୪।୮ (ସମିସ): ଶାବର ଶ୍ରୀକ୍ଷେତ୍ର କୋରାପୁଟ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର ସ୍ଥିତ ଅଖଣ୍ଡ ଭାରତରେ ଏକ ଆଧ୍ୟାତ୍ମିକ ପ୍ରବଚନର ଆୟୋଜନ ହୋଇଯାଇଛି। ଓଡ଼ିଶାର ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଡାକ୍ତର ଆଶୁତୋଷ ପ୍ରସାଦ ମିଶ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମାନବୀୟ ଲୀଳା ଉପରେ ସୁନ୍ଦର ପ୍ରବଚନ ପ୍ରଦାନ କରିଥିଲେ। ପ୍ରବଚନ ସଭା ପ୍ରାରମ୍ଭରେ ମନ୍ଦିର ପରିଚାଳନା କମିଟି ସଂପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ, ବିଶିଷ୍ଟ ସାହିତ୍ୟିକା ଡ. ପ୍ରିତିଧାରା ସାମଲ ପ୍ରବଚକ ଡାକ୍ତର ମିଶ୍ରଙ୍କୁ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ସଭାପରେ ଉପସ୍ଥିତ ଭକ୍ତ ମାନଙ୍କ ପାଇଁ ମନ୍ଦିର ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ମା' ନାଗେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନନ୍ଦପୁର, ୨୪।୮ (ସମିସ):



ଚଳିତ ମାସ ଅଗଷ୍ଟ ୧୫ରୁ ଆରମ୍ଭ ହୋଇଥିବା ମା'ନାଗେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରୋମାଞ୍ଚକର ବିଜୟ ହାସଲ କରିଛି ହିକିମପୁଟ ରାମ ଏଫସି ଟିମ୍। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ ଆୟୋଜକ ମା ନାଗେଶ୍ୱରୀ କ୍ଲବ୍ ସହ ହିକିମପୁ ରାମ ଏଫସି ଦଳ ସହ ମୁକାବିଲା ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଟାଇଟଲ ହାସଲ କରିବାର ସଫଳ ହୋଇ ଚମ୍ପିୟାନ ହୋଇଛି ହିକିମପୁଟ ରାମ ଏଫସି ଦଳ। ସୂଚିତ ଯେ ୧୫ ଟି ଟିମ୍‌କୁ ନେଇ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ କଡ଼ା ସଂଘର୍ଷ କରି ଫାଇନାଲକୁ ପହଞ୍ଚିଥିଲା ଏହି ଦଳ। ଦଳ ଚମ୍ପିୟାନ ହେବା ନେଇ ଟିମ୍ କୁ ଶୁଭେଚ୍ଛା ଜଣାଇଛନ୍ତି ଶହୀଦ ଲକ୍ଷ୍ମଣ ନାୟକ ଆଦିବାସୀ ସଂଘ ସଭାପତି ଭଗବାନ ପେଟିଆ , ଉପ ସଭାପତି ଜୟରାମ ଭୋଇ, ପ୍ରୋଜେକ୍ଟ ଲିଡର ଧନୁର୍ଜୟ ମୁଦୁଲି । ତେବେ ଏହି ଅବସର ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି କାମେସ କାମୁଡ଼ି, ବାଲଡ଼ା ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ହୀରଦ କୁମାର ଖରା, ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ , ଯୁବ ନେତା ନୀଳାମ୍ବର, ପୂର୍ବତନ ସରପଞ୍ଚ ରାମକୃଷ୍ଣ ପଡ଼ାଲ, ମଦନ ହାଡ ପୁଟିଆ, ବାଲଡ଼ା ସରପଞ୍ଚ ବିକ୍ରମ ସୀସା, ମାଣିକ ସୀସା, ଜଗେଶ୍ୱ ଲର ଖେମୁଣ୍ଡୁ, ତ୍ରିନାଥ ସେଠୀ, ଡ଼ମ୍ବୁ ଖେମୁଣ୍ଡୁ, ଖେଶବ ଖରା, ବିଷମ ଅନୁ କୁମ୍, ଲବ କୁଶ ଚାଲାଣ ପ୍ରମୁଖ ଉପସ୍ଥିତି ରହି ଚମ୍ପିୟାନ ଟିମ୍‌କୁ ଟ୍ରଫି ଚେକ୍ ପ୍ରଦାନ କରିଥିଲେ।

# ସେରୁବନ୍ଧ ଖଣି ଖନନ ପ୍ରସ୍ତାବକୁ ସୁରକ୍ଷା ସମିତିର ବିରୋଧ



ପଟ୍ଟାଙ୍ଗି,୨୪।୮ (ସମିସ): ଆଜି କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ମାଳିପୁଟ ପଞ୍ଚାୟତ ଅନ୍ତର୍ଗତ ମାଲକାରବନ୍ଧ ଗ୍ରାମରେ ସେରୁବନ୍ଧ ପର୍ବତ ସୁରକ୍ଷା ସମିତି, ପଟ୍ଟାଙ୍ଗି ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ସରପଞ୍ଚ, ଜିଲ୍ଲା ପରିଷଦ, ବିଭିନ୍ନ ନେତୃ ମଣ୍ଡଳୀ ଏବଂ ଗ୍ରାମବାସୀ ତଥା ପଟ୍ଟାଙ୍ଗି ଜୋନ ୧ ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମେଲ, ପଟ୍ଟାଙ୍ଗି ଜୋନ ୨ ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଟା, ନୂଆଗାଁ ସରପଞ୍ଚ ସୁବାଷ ଖରା, ମାଳିପୁଟର ପୂର୍ବତନ ସରପଞ୍ଚ ସାଧୁ ଗୁଣ୍ଟା, ମାଳି ପର୍ବତ ସୁରକ୍ଷା ସମିତିର ସଭାପତି ବିଜୟ ଖିଲ, ହାଲ ବିସ୍ଥାପିତ ସଂଘର ସଭାପତି ତ୍ରିଲୋଚନ ମୁଦୁଲି, କୋରାପୁଟିଆ ଜନ ସୁରକ୍ଷା ସଂଘର ସମ୍ପାଦକ ଜିଶୁଦାନ ଦିସାରି, ବଡ଼ମାର୍ଲା ଗ୍ରାମର ଅଭି ଖରା,ସମାଜସେବୀ ଭଗବାନ ଗୋଲରୀ, ଏରାସାନ୍ତାଗୁଡ଼ା ଗ୍ରାମର ବାସୁଦେବ ଏବଂ ବିଭିନ୍ନ ଗ୍ରାମର ଗ୍ରାମବାସୀ । ଉକ୍ତ ନେତୃ ମଣ୍ଡଳୀ ତଥା ସେରୁବନ୍ଧ ପର୍ବତ ସୁରକ୍ଷା ସମିତି, ପଟ୍ଟାଙ୍ଗିର ସଭାପତି ରବି ଖରା ଅଞ୍ଚଳବାସୀ ବର୍ଷରେ ଯେତିକି ଖାଦ୍ୟ ଶସ୍ୟ ଅମଳ କରୁଛନ୍ତି, ତାହା ଖୁବ୍ କମ ଦିନରେ ସରିଯାଏ। ଅବଶିଷ୍ଟ ଜୀବନଯାପନ ପାଇଁ ଉକ୍ତ ଜଙ୍ଗଲ ଉପରେ ନିର୍ଭର କରାଯାଏ। ଜଙ୍ଗଲ ନଷ୍ଟ ହେଲେ ଜଙ୍ଗଲ, ଝରଣା ପାଣି ଆଦି ନଷ୍ଟ ହେବ। ସ୍ଥାନୀୟ ଅଧିବାସୀ କିଭଳି ବଞ୍ଚିବେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ସ୍ୱାସ୍ଥ୍ୟର ଉନ୍ନତି କରଣ, ପକ୍କାରାସ୍ତା, ଶିକ୍ଷାର ଉନ୍ନତି କରଣ ଆଦିର ଆବଶ୍ୟକତା ରହିଛି ବୋଲି କୁହାଯାଇଥିଲା। ହାଲ ବିସ୍ଥାପିତ ସଂଘର ସଭାପତି ତ୍ରିଲୋଚନ ମୁଦୁଲି ବନ୍ଧୁକ ମୁନରେ ଯେଭଳି ପଲ୍ଲୀସଭା କରାଯାଇ ଖଣି ନେବାକୁ ଚେଷ୍ଟା କରାଯାଉଛି ତାକୁ ପ୍ରତ୍ୟାହାର କରାଯାଉ ବୋଲି କହିଥିଲେ। ପାରମ୍ପରିକ ଅସ୍ତ୍ର ଧରି ପହଞ୍ଚିଲେ ସରକାର ଅସ୍ତ୍ର ଧରି ଆସୁଥିବା କହି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଜମି ହରାଇଥିବା ବିସ୍ଥାପିତଙ୍କୁ କୌଣସି ମଧ ସୁବିଧା ପ୍ରଦାନ କରାଯାଇନାହିଁ ବୋଲି କହିଥିଲେ। ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ ଜୀବନ ଯିବ କିନ୍ତୁ ଖଣି ଦେବୁନି ବୋଲି କହିଥିଲେ। ନୂଆଗାଁ ସରପଞ୍ଚ ସୁବାଷ ଖରା ଖଣି ନିମନ୍ତେ ପର୍ବତ ଖନନ କରାଗଲେ ହେବାକୁ ଥିବା ସମସ୍ୟା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ।

# ମ୍ୟୁଜିକ୍ ସର୍କଲରେ ଗଙ୍ଗାଧର ଜୟନ୍ତୀ



**ରାଉରକେଲା, ୨୪।୮ (ସମିସ):** ଗଙ୍ଗାଧର କେବଳ ଜଣେ କବି ନଥିଲେ। ପଶ୍ଚିମ ଓଡ଼ିଶାର ସାହିତ୍ୟିକ ଜାଗରଣ କ୍ଷେତ୍ରରେ ସେ ଥିଲେ ଅଗ୍ର ପଥିକ। ସେ କେବଳ ଓଡ଼ିଆ କାବ୍ୟକୁ ସୌନ୍ଦର୍ଯ୍ୟରେ ବିଭୂଷିତ କରି ନ ଥିଲେ, ସାଂସ୍କୃତିକ କ୍ଷେତ୍ରରେ ପ୍ରାକୃତିକ ଓଡ଼ିଶାର ଏକତ୍ୱକୁ ପ୍ରତିଷ୍ଠା ମଧ୍ୟ କରିଥିଲେ। ଗଙ୍ଗାଧରଙ୍କ ସୃଷ୍ଟିରେ ପ୍ରକୃତି ଜଡ଼ ନୁହେଁ, ଜୀବନ୍ତ। ରାଉରକେଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମ୍ୟୁଜିକ୍ ସର୍କଲରେ ସମାଜ ସେବୀ ଅଭୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଅଂଶଗ୍ରହଣ କରି ବକ୍ତାମାନେ ଉପରୋକ୍ତ ଉକ୍ତି କହିଛନ୍ତି। ଏହି ଅବସରରେ 'ସ୍ୱଭାବ କବି ଗଙ୍ଗାଧର ମେହେର-ଦୃଷ୍ଟି ଓ ଦର୍ଶନ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସେବା ନିବୃତ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ସମର ମୁଦାଲି, ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ପ୍ରଣତି ବେହେରା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଗଙ୍ଗାଧରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପରେ ଅନୁଷ୍ଠାନର କଳାକାରମାନେ ସ୍ୱାଗତ ସଙ୍ଗୀତ ଏବଂ ଗଙ୍ଗାଧରଙ୍କ କବିତା ଗାନ କରିଥିଲେ। ଭଦ୍ରକରୁ ଆସିଥିବା ବଂଶୀବାଦକ ସୁରେଶ ଚନ୍ଦ୍ର ଜେନା ଗଙ୍ଗାଧରଙ୍କ କବିତାକୁ ବଂଶୀ ସ୍ୱରରେ ପରିବେଷଣ କରିଥିଲେ। ଡ. କିଶୋରୀ ଦାଶ ମଞ୍ଚ ପରିଚାଳନା କରିଥିଲେ। ନିଖିଳେଶ୍ୱର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ବିଜୟ ଲକ୍ଷ୍ମୀ ପଟ୍ଟନାୟକଙ୍କ ସଂଯୋଜନାରେ ମଞ୍ଜୁଳା କୁମାରୀ ରଥ, ରଶ୍ମିବାଳା ରାଉତରାୟ, ସତ୍ୟନାରାୟଣ ଦାଶ, ବଳରାମ ଦାସ, କିଶୋରୀ ଦାଶ, ପ୍ରଣତି ବେହେରା, ବିଜୟଲକ୍ଷ୍ମୀ ପଟ୍ଟନାୟକ, ତ୍ରିନାଥ ସିଂହ, ଡା.ଗୀତାଞ୍ଜଳି ପତ୍ରି ପ୍ରମୁଖ କବିତା ପାଠ କରିଥିଲେ। ବିବେକାନନ୍ଦ ପଣ୍ଡା, ସନ୍ତୋଷ କୁମାର ମଲ୍ଲିକ, ଲକ୍ଷ୍ମଣ ନାଥ ଦାସ, ବାବାଜୀ ଚରଣ ବିଶ୍ୱାଳ, ଅନିନ୍ଦିତା ମାଇତି, ଉମାକାନ୍ତ ମଲ୍ଲିକଙ୍କ ସହ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହାୟତା କରିଥିବାବେଳେ ଆଶୁତୋଷ ଜ୍ୟୋତିଷି, ହରିହର ଶତପଥୀ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ଅକ୍ଷୟ କୁମାର ଦାସ, ଅକ୍ଷୟ କୁମାର ଧଳ, ବିବେକାନନ୍ଦ ଦାସ, ଦେବବ୍ରତ ପଟ୍ଟନାୟକ, ଅଜୟ କୁମାର ପଟ୍ଟନାୟକ, ନରେନ୍ଦ୍ର ମିଶ୍ର, ଗୌରିଶଙ୍କର ପ୍ରଧାନ, ପ୍ରଭାତ ଚନ୍ଦ୍ର ଲେଙ୍କା, ସଞ୍ଜୟ କୁମାର ଷଡ଼ଙ୍ଗୀ, ସଂଧ୍ୟା ରାଣୀ ଲେଙ୍କା, ତୁଳସୀ ବଲ୍ଲଭ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# କୋଇଡା ମଣ୍ଡଳ ଟ୍ରକ୍ ଓ ଟିପର୍ ମାଲିକ ସଂଘ ଉଦ୍‌ଘାଟିତ




**କୋଇଡ଼ା, ୨୪।୮ (ସମିସ):** ରବିବାର ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ କୋଇଡା ଗସ୍ତ କରି ସର୍ବପ୍ରଥମେ ସରସ୍ୱତୀ ଶିଶୁ ମନ୍ଦିର ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟନ କରିଥିଲେ। ପରେ କୋଇଡା ମଣ୍ଡଳ ଟ୍ରକ୍ ଏବଂ ଟିପର୍ ମାଲିକ ସଂଘ ଉଦ୍‌ଘାଟନ ସମାରୋହରେ ଯୋଗଦେଇ ଆନୁଷ୍ଠାନିକ ଭାବେ ସଂଘକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କୋଇଡା ଖଣି ଅଞ୍ଚଳରୁ କଞ୍ଚାମାଲ ପରିବହନକୁ ମୁଖ୍ୟ ଜୀବିକା ଭାବେ ଗ୍ରହଣ କରିଥିବା ଟ୍ରକ୍ ଟିପର୍ ଗାଡି ମାଲିକଙ୍କ ଉଦ୍ଧାର ନିମନ୍ତେ ନୂତନ ପରିକଳ୍ପନାର କୋଇଡା ମଣ୍ଡଳ ଟ୍ରକ୍ ଏବଂ ଟିପର୍ ମାଲିକ ସଂଘ ଗଠିତ ହୋଇଥିବା କହିଥିଲେ। ଯାହା ଆଗାମୀ ଦିନରେ ଆଶାର ଆଲୋକ ସାଜି ନୂଆ ରୋଜଗାରର ପନ୍ଥା ସୃଷ୍ଟି କରିବାରେ ସହାୟକ ହେବ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ସମେତ ଜିଲ୍ଲା ବିଜେପି ସଭାପତି ପୂର୍ଣ୍ଣିମା କେରକେଟା, ରାଜ୍ୟ କମିଟି ସଭ୍ୟ ରାହାସ ବିହାରୀ ପ୍ରଧାନ, ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ, ପୂର୍ବତନ ବଣାଇଁ ମଣ୍ଡଳ ଜିଲ୍ଲା ସଭାପତି ମନୋଜ ପ୍ରଧାନ, ଜିଲ୍ଲା କୋଷାଧ୍ୟକ୍ଷ ଚେତନାଦିପ୍ତ ନାୟକ, କୋଇଡା ମଣ୍ଡଳ ସଭାପତି ରାମଚନ୍ଦ୍ର ପଲେଇ, ପୂର୍ବତନ ସଭାପତି ମେଲେରି ବାରିକ, କୋଇଡା ମଣ୍ଡଳ ଟ୍ରକ୍ ଏବଂ ଟିପର୍ ମାଲିକ ସଂଘ ସଭାପତି ଦିପକ ଜ୍ୟୋତି ବାର୍ଲା, ସମ୍ପାଦକ ସାନ୍ତନୁ ବାରିକ, କୋଷାଧ୍ୟକ୍ଷ ରାମ ପ୍ରକାଶ ଜୟସ୍ୱାଲ, ଉପସଭାପତି ବ୍ରଜ ବନ୍ଧୁ ରାଉତ, ସହ ସମ୍ପାଦକ ରାଜେନ୍ଦ୍ର ରଣା, ଦୁର୍ଗା ପ୍ରସାଦ ଜୟସ୍ୱାଲ, ରାଜେଶ ଜୟସ୍ୱାଲ, କପିଳେଶ୍ୱର ଦାସ, ଜୟନ୍ତୀ ମହାନ୍ତି, ଦିବ୍ୟମଞ୍ଜରୀ ଶେଖର ଦେଓ, ମହେଶ ସାହା, ସୁଶାନ୍ତ ଧଳ, ଆନନ୍ଦ ସିଂ ପ୍ରମୁଖଙ୍କ ସହ ହଜାରରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ଓ ସଦସ୍ୟ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ପାଇଁ କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ, ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତି, ବିଡିଓ ସମେନ୍ଦ୍ର ସାରା ଉପସ୍ଥିତ ଥିଲେ।

## ଜିଭିପିଆର୍ ଫାଟକ ସମ୍ମୁଖରେ ଗଣଧାରଣା

# ତ୍ରିପାକ୍ଷିକ ଚୁକ୍ତି ପରେ ଧାରଣା ପ୍ରତ୍ୟାହୃତ

**ବଣାଇଁ, ୨୪।୮ (ସମିସ)**



ବଣାଇଁ ଉପଖଣ୍ଡ କୋଇଡା ଖଣି ମଣ୍ଡଳ ଅନ୍ତର୍ଗତ ବାଲୁଜୁଡି ଜିଭିପିଆର ଲୁହା ଖଣି ଫାଟକ ସମ୍ମୁଖରେ ସିଆଇଟିୟୁ ସମର୍ଥିତ ସଙ୍ଗଠନ ପକ୍ଷରୁ ୧୦ ଦଫା ଦାବି ପୂରଣ ନେଇ ଦୀର୍ଘ ୮ ଦିନ ଧରି ଚାଲିଥିବା ଗଣଧାରଣା ତ୍ରିପାକ୍ଷିକ ଚୁକ୍ତିପରେ ରବିବାର ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି। ପୂର୍ବରୁ ଏସେଲ ମାଇନିଂ ଏବଂ ଇଣ୍ଡଷ୍ଟ୍ରିଜ ଅଧୀନରେ ପରିଚାଳିତ ଥିବା କୋଇଡା କଣିର ଲିଜ ଅବଧୀ ଶେଷ ହେବା ପରେ ନୂଆ ଖଣି ନିଲାମ ପ୍ରକ୍ରିୟାରେ ଜିଭିପିଆର ଇଞ୍ଜିନିୟରିଂ ଲିମିଟେଡ ନାମକ ସଂସ୍ଥା ଏହି ଖଣିକୁ ହାତେଇ ଅଗଷ୍ଟ ୭ ତାରିଖରେ ପୂଜାପାଠ କରି କାମ ଆରମ୍ଭ କରିଥିଲା। ଏହାପରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପ୍ରଦାନ ନେଇ ଦାବି କରି ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟକ ସିଆଇଟିୟୁ କର୍ମୀ ଜିଭିପିଆର ଲୌହଖଣି ସମ୍ମୁଖରେ ଗଣଧାରଣା ଦେଇଥିଲେ। ଏହାପରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବିଧାୟକ ଶ୍ରୀ ମୁଣ୍ଡାଙ୍କୁ ଆଲୋଚନା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠକୁ ଆଜି ଆମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୩ ପକ୍ଷକୁ ନେଇ ୧୦ ଦଫା ଦାବି ଉପରେ ସବିଶେଷ ଆଲୋଚନା ହୋଇଥିଲା। ସିଆଇଟିୟୁର ୧୦ ଦଫା ଦାବି ମଧ୍ୟରେ ଥିବା ୭୦୦ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଟେକ୍ନିସିଆନ, ଡାଟା ଏଣ୍ଟ୍ରୀ ଅପରେଟର, ଲାବୋରେଟୋରୀ ଆସିଷ୍ଟାଣ୍ଟ ପ୍ରମୁଖ ନିଯୁକ୍ତିକୁ ଅଗ୍ରାଧିକାର, ନଭେମ୍ବର ୩୦ ସୁଦ୍ଧା ୨୦୦ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ନଭେମ୍ବର ୩୦ରେ ୫୦ ଜଣ ସ୍ଥାନୀୟ ମହିଳାଙ୍କୁ ନିଯୁକ୍ତି, ଉପଯୁକ୍ତ ଶିକ୍ଷାଦାନ ପାଇଁ ଖଣି ଉତ୍ତୋଳନ କେନ୍ଦ୍ର ନିକଟରେ ଥିବା ବିଦ୍ୟାଳୟ ଗୁଡିକରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦେବା, ସରକାରୀ ନିୟମ ଅନୁଯାଇ ମଜୁରୀ ପ୍ରଦାନ, ଖଣି ପ୍ରଭାବିତ ଗ୍ରାମ ଗୁଡିକରେ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ସହାୟତାରେ ଗୋଷ୍ଠୀ କେନ୍ଦ୍ର ଖୋଲିବାକୁ ସ୍ଥାନୀୟ ଜନପ୍ରତିନିଧି ଏବଂ ପ୍ରଶାସନ ଅଧିକାରୀଙ୍କ ଉପସ୍ଥିତିରେ କମ୍ପାନୀ ପ୍ରତିନିଧିମାନେ ପୂରଣ କରିବାକୁ ସମ୍ମତି ପ୍ରକାଶ କରି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। କମ୍ପାନୀ ସ୍ଥାନୀୟ ଜନସାଧାରଣଙ୍କ ଦାବି ପୂରଣ ସ୍ଥାନୀୟ ପ୍ରଶାସନ ମାଧ୍ୟମରେ କରିଥିବାରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାବି ପୂରଣ ହୋଇଥିବା ନେଇ ଜନପ୍ରତିନିଧିମାନେ ଘୋଷଣା କରି ନିଜ ନିଜର ବ୍ୟାନର ପ୍ରୋର ଧରି ବିଜୟ ଉତ୍ସବ ପାଳନ କରିଥିଲେ। ଆଜିକାର ଏହି ଆଲୋଚନା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବଣାଇଁ ଉପଖଣ୍ଡ ପୁଲିସ ଅଧିକାରୀର ରାମ ଚନ୍ଦ୍ର ବିଶ୍ୱାଳ, ସିପିଆଇଏମ୍ ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ସାମଲ, ଜିଲ୍ଲା ପରିଷଦ ସଭ୍ୟା ସୁଶିଳା ମୁଣ୍ଡା, ସିଆଇଟିୟୁ ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା, ଓମନ୍ତ ମହାନ୍ତ, କଲ୍ୟାଣ ମୁଣ୍ଡା, କମ୍ପାନୀ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ।

# ବଣାଇଁକୁ ଏନ୍‌ଏସି ମାନ୍ୟତା ପାଇଁ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ବଣାଇଁ, ୨୪।୮ (ସମିସ):** ବଣାଇଁ ସହରକୁ ଏନ୍‌ଏସି ମାନ୍ୟତା ପ୍ରଦାନ ପାଇଁ ବଣାଇଁ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜାମୁଣ୍ଡା ବିଜେପି କାର୍ଯ୍ୟାଳୟ ପରିସରରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, କ୍ରିୟାନୁଷ୍ଠାନ କମିଟିର ଆବାହକ ସତ୍ୟ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ଭେଟି ଏନ୍‌ଏସି ଘୋଷଣା ଦାବି ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ବଣାଇଁବାସୀଙ୍କ ଭାବାବେଗ ଦେଖି ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଆଜି ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ଆବାହକ ସତ୍ୟ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଉଦ୍ଦେଶ୍ୟରେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ସିପିଆଇଏମ୍ ଜିଲ୍ଲା ସମ୍ପାଦକ ପ୍ରମୋଦ ସାମଲ, ଆଇନଜୀବୀ ବିଜେନ କୁମାର ସେନ, ବିନୟ କୁମାର ଦାସ, କର୍ମବୀର ଦାଶ, ସରପଞ୍ଚ ଉଗ୍ରସେନ କିସାନ, ରୁଦ୍ରଚରଣ ବାରିକ, ଶ୍ରୀକାନ୍ତ ଦଣ୍ଡିଆ, ମିଳନ ମହାନ୍ତି, ଲିଙ୍ଗରାଜ ପ୍ରଧାନ, ବାପୁନ ମହାନ୍ତି, ଅଭିରାମ ମହାକୁଳ, ଦିବ୍ୟମଞ୍ଜରୀ ଶେଖର ଦେଓ, ଆହ୍ଲାଦ ବଢେଇ, ଏମ୍‌ଡି ମଇମ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବଣାଇଁ ଉପଖଣ୍ଡକୁ ଜିଲ୍ଲାର ମାନ୍ୟତା ଓ ବଣାଇଁ ସହରକୁ ଏନ୍‌ଏସି ଘୋଷଣା କରିବାକୁ ବଣାଇବାସୀଙ୍କ ଦୀର୍ଘଦିନ ଧରି ଦାବି କରିଅସୁଛନ୍ତି। କିନ୍ତୁ ଗତ ଅଗଷ୍ଟ ୧୬ ତାରିଖରେ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଘୋଷିତ ଏନ୍‌ଏସି ତାଲିକାରେ ବଣାଇଁକୁ ବାଦ୍ ଦିଆଯାଇଥିବାରୁ ବଣାଇଁବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଗତ ୨୦ ତାରିଖରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆବାହକ ସତ୍ୟ ନାରାୟଣ ମିଶ୍ରଙ୍କ ଆବାହକତ୍ୱରେ ବୈଠକ ବସିଥିଲା। ସେଥିରେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହ ଏନ୍‌ଏସି ମାନ୍ୟତା ଦାବି ନେଇ ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତି ହୋଇଥିଲା।

# ମୋବାଇଲ ଲୁଟେରା ଗିରଫ

**ରାଉରକେଲା, ୨୪।୮ (ସମିସ):** ମୋବାଇଲ ଲୁଟ୍ କରିବା ଅଭିଯୋଗରେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଛେଣ୍ଡ କିଶାନ ବସ୍ତିର ସୁବ୍ରତ ସୁଭ୍ରଜିତ (୨୬)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଠାରୁ ଗୋଟିଏ ମୋବାଇଲ ଓ ୧୫୦୦ ଟଙ୍କା ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ବିଶ୍ରା କଡଲକା ଅଞ୍ଚଳର ଅର୍ପିତ ମଦକି କୌଣସି କାମରେ ଆଜି ସକାଳ ପ୍ରାୟ ୧୦ଟା ବେଳେ ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳକୁ ଆସିଥିଲେ। ସେଠାରେ ସେ ଫୋନରେ କଥାବାର୍ତ୍ତା ହେଉଥିବା ବେଳେ ହଠାତ୍ ଜଣେ ଦୁର୍ବୃତ୍ତ ଆସି ମୋବାଇଲ ଓ ପର୍ସ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲା। ଏହାର କିଛି ସମୟ ପରେ ଅଭିଯୁକ୍ତ ସୁବ୍ରତକୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

# ୫ କୁଖ୍ୟାତ ଡକାୟତ ଗିରଫ



**ରାଉରକେଲା, ୨୪।୮ (ସମିସ):** ଡକାୟତି ଯୋଜନା କରୁଥିବା ବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଚଢ଼ଉ କରି ୫ ଜଣ କୁଖ୍ୟାତ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୁରୁଦ୍ୱାର ରୋଡ ଅଞ୍ଚଳର ରୋହିତ ସିଂ (୨୨), ମାଲଗୋଦାମ ଏଫସିଆଇ ବସ୍ତିର ଅଭୟ ଚୌଧୁରୀ (୨୬), ନୂଆ ବସ ଷ୍ଟାଣ୍ଡର ଶମ୍ଭୁ ରାମ (୨୪), ଗୋପବନ୍ଧୁପାଲି ଇନ୍ଦିରା ନଗର ବସ୍ତିର ଏସକେ ତାଜ୍ (୧୯) ଓ ଟିଙ୍ଗଟାଙ୍ଗ ବସ୍ତିର ନୀତେଶ କୁମାର ସାହୁ (୨୦)। ସେମାନଙ୍କ ଠାରୁ ୩ଟି ରଡ, ଗୋଟିଏ ଭୁଜାଲି, ଗୋଟିଏ ଛୁରୀ ଓ ୪ଟି ମାସ୍କ ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, କଂଗ୍ରେସ ଭବନ ସମିଲ୍ ନିକଟ ପଡ଼ିଆରେ ଶନିବାର ରାତିରେ କିଛି ଦୁର୍ବୃତ୍ତମାନେ ଏକାଠି ବସିଥିବା ସୂଚନା ମିଳିଥିଲା। ଏସ୍‌ଆଇ ବି.ବି. ଖଟେଇ ନିଜ ଟିମ୍ ସହ ସଦଳବଳେ ସେଠାରେ ଚଢ଼ଉ କରିଥିଲେ। ପଚରାଉଚରା ପରେ ନିକଟସ୍ଥ ଘର, ଦୋକାନ, ପେଟ୍ରୋଲ ପମ୍ପଠାରେ ଡକାୟତି ଯୋଜନା କରୁଥିବା ଜଣାପଡ଼ିଥିଲା। ଗିରଫ ରୋହିତ ନାଁରେ ପୂର୍ବରୁ ପ୍ଲାଣ୍ଟସାଇଟ୍ ଥାନାରେ ୬ଟି, ଅଭୟ ନାଁରେ ଉଦିତନଗର ଓ ଛେଣ୍ଡ ଥାନାରେ ୩ଟି, ଶମ୍ଭୁ ନାଁରେ ପ୍ଲାଣ୍ଟସାଇଟ୍ ଥାନାରେ ୧୪ଟି, ତାଜ ନାଁରେ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

# ୪ ଡକାୟତ ଗିରଫ



**କୋଇଡା, ୨୪।୮ (ସମିସ):** ରବିବାର କୋଇଡା ପୋଲିସ ଏକ ଡକାୟତ ଦଳକୁ ଠାବ କରି ୫୫୦୦ ଟଙ୍କା ନଗଦ ଜବତ କରିଛି। ଡକାୟତ ଦଳରେ ଥିବା ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଅପରାଧ ସମୟରେ ବ୍ୟବହୃତ ଗୋଟିଏ ଏମ୍‌ସି ଏବଂ ଛୁରୀ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ପାଟମୁଣ୍ଡା ଅଞ୍ଚଳର ଦିଲୀପ ପାତ୍ର(୩୧), ରୁଗୁଡି ଅଞ୍ଚଳର ଗୋବିନ୍ଦ ସୋନାର (୨୧), କେନ୍ଦୁଝର ଅଞ୍ଚଳର ଅଜୟ ନାଏକ(୨୭) ଓ ବଡବିଲ ଅଞ୍ଚଳର ସୌଭାଗ୍ୟ ନାଏକ(୧୯)। ପୁଲିସର ସୁଚନାନୁଯାୟୀ, ଅଭିଯୋଗକାରୀ ନବୀନ କୁମାର ଯାଦବ ଗତ ୧୯ ତାରିଖରେ ତାଙ୍କ ହାଇୱା ଗାଡ଼ି ଚୋରି ହୋଇଥିବା ନେଇ ଶନିବାର କୋଇଡା ଥାନରେ ଅଭିଯୋଗ କରିଥିଲେ। ସନିନ୍ଦପୁର ଖଣିରୁ ଜୁରୁଡିର ବିଆଇଏଲ ସାଇଡିଂକୁ ଲୁହାପଥର ବୋଝେଇ କରି ଯାଉଥିବା ବେଳେ ମାଲଦା ଜଙ୍ଗଲ ନିକଟରେ ଚାରି ଜଣ ଅଜଣା ବ୍ୟକ୍ତି ବାଇକ୍‌ରେ ଆସି ଗାଡିକୁ ଅଟକାଇଥିଲେ। ତାଙ୍କୁ ଛୁରୀ ଦେଖାଇ ଧମକ ଦେବା ସହ ତାଙ୍କଠାରୁ ଗୋଟିଏ ସୁନା ପେଣ୍ଡେଣ୍ଟ, ୬୦୦୦ ଟଙ୍କା ନଗଦ ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜୋରଜବରଦସ୍ତି ଛଡ଼ାଇ ନେଇଥିବା ଏତଲା ଦେଇଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୁଲିସ୍ ଚାରି ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

# ପୋଲ ତଳକୁ ଖସିଲା ଅଟୋ; ୪ ଆହତ, ୨ ଗୁରୁତର

ବଣାଇଁ, ୨୪।୮ (ସମିସ): ବଣାଇଁ ଥାନା ଅନ୍ତର୍ଗତ କେନାଭେଟାରୁ ତଳିତା ରାସ୍ତାର କର୍ଡାହୁଲି ନିକଟରେ ଏକ ଅଟୋ ପୋଲ ଉପରୁ ୨୦ ଫୁଟ୍ ତଳକୁ ଖସି ପଡ଼ିଛି। ଏଥିରେ ୪ ଜଣ ଯାତ୍ରୀ ଆହତ ହୋଇଥିବାବେଳେ ଦୁଇଜଣ ଗୁରୁତର ଥିବା ଜଣାପଡ଼ିଛି। ସୂଚନାନୁଯାୟୀ. ଆଜି ଇନ୍ଦ୍ରପୁର ନିକଟରେ ଥିବା ମା' ବଲାଣୀପାଟଙ୍କ ପୂଜା କରିବାକୁ ତଳିତା ଗ୍ରାମର କିଛି ଯାତ୍ରୀ ଏକ ଅଟୋ ଯୋଗେ ଆସିଥିଲେ। ପୂଜା ସାରି ଗାଁକୁ ଫେରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବଣାଇଁ ଡାକ୍ତରଖାନାକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ଡ. ସୁଦର୍ଶନ ପଟ୍ଟନାୟକ ସାରସ୍ୱତ ସ୍ମୃତି ସଂସଦର ବାର୍ଷିକୋତ୍ସବ

# 'ସାହିତ୍ୟ କ୍ଷେତ୍ରରେ ଅନନ୍ୟ ସୃଷ୍ଟି ତାଙ୍କୁ କାଳଜୟୀ କରି ରଖିବ'





**ରାଉରକେଲା, ୨୪।୮ (ସମିସ)**

ବିଶିଷ୍ଟ ସାହିତ୍ୟିକ, ସାରସ୍ୱତ ସାଧକ ଡକ୍ଟର ସୁଦର୍ଶନ ପଟ୍ଟନାୟକଙ୍କ ସାହିତ୍ୟ କ୍ଷେତ୍ରରେ ଅନନ୍ୟ ସୃଷ୍ଟି ତାଙ୍କୁ କାଳଜୟୀ କରି ରଖିବ ବୋଲି ଡ. ସୁଦର୍ଶନ ପଟ୍ଟନାୟକ ସାରସ୍ୱତ ସ୍ମୃତି ସଂସଦର ପ୍ରଥମ ବାର୍ଷିକୋତ୍ସବ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଦକ୍ଷିଣ ରାଉରକେଲାର ସାରନଗରୀ ଜଗନ୍ନାଥ ମନ୍ଦିର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ବରେଣ୍ୟ ଅତିଥି ଭାବେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାଏ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଡାକ୍ତର ସୁଦର୍ଶନ ପଟ୍ଟନାୟକ ସାରସ୍ୱତ ସ୍ମୃତି ସଂସଦର ସଭାପତି ପ୍ରଶାନ୍ତ କୁମାର ପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ସ୍ୱର୍ଗତ ଡକ୍ଟର ସୁଦର୍ଶନ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋଚନା କରି ତାଙ୍କର ସମାଜସେବା, ଦେଶ ସେବା ପାଇଁ ଉତ୍ସର୍ଗୀକୃତ ମନୋଭାବ ଓ ସାହିତ୍ୟ ସୃଷ୍ଟି ସମସ୍ତଙ୍କ ହୃଦୟରେ ନବସୃଜନର ଧାରା ସୃଷ୍ଟି କରୁ ବୋଲି କହିଥିଲେ। ଏହି ଅବସରରେ ଡକ୍ଟର ସୁଦର୍ଶନ ପଟ୍ଟନାୟକଙ୍କ ବିରଚିତ ବ୍ୟଙ୍ଗ କବିତା ପୁସ୍ତକର ଦ୍ୱିତୀୟ ସଂସ୍କରଣ 'ହାସ୍ୟଧନୁ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର କିଶୋରୀ ଦାଶ ଯୋଗଦେଇ କବି ଡାକ୍ତର ସୁଦର୍ଶନ ପଟ୍ଟନାୟକଙ୍କ ରଚିତ 'ହାସ୍ୟ ଧନୁ' ବ୍ୟଙ୍ଗ କବିତା ସଂକଳନର ସମୀକ୍ଷା କରିଥିଲେ। ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ହୋତା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଉପସଭାପତି ଶିକ୍ଷାବିତ ହରିହର ବେହେରା ଅତିଥିମାନଙ୍କର ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସଂସଦର ସାଧାରଣ ସମ୍ପାଦକ ତଥା 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଡ. ସୁଦର୍ଶନ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ବିଷୟରେ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିବା ସହ ସଂସଦ ଗଠନର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ କବି ରବୀନ୍ଦ୍ର ବେହୁରିଆ, ଡ. ଫକୀର ଚରଣ ହୋତା, ଶାନ୍ତନୁ କୁମାର ମୁଦାଲି ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଙ୍କ ସମେତ ସ୍ୱର୍ଗତ ଡ. ସୁଦର୍ଶନ ପଟ୍ଟନାୟକଙ୍କ ସହଧର୍ମିଣୀ ଅନ୍ନପୂର୍ଣ୍ଣା ପଟ୍ଟନାୟକ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ଅବଦାନ ପାଇଁ କବୟିତ୍ରୀ ଡ. ଗୀତାଞ୍ଜଳି ପତ୍ରୀ, ରଶ୍ମିବାଳା ରାଉତରାୟ, ମଞ୍ଜୁଳା ରଥ, ଶିକ୍ଷାବିତ୍ ଡ. ନଗେନ ଦାସ, ଶିଶୁ ସାହିତ୍ୟିକ ତ୍ରିଲୋଚନ ମଥାନ, ପ୍ରଫୁଲ ବାରିକଙ୍କୁ ଡ. ସୁଦର୍ଶନ ପଟ୍ଟନାୟକ ସ୍ମୃତି ସାରସ୍ୱତ ସମ୍ମାନରେ ସମ୍ମାନିତ କରିଥିଲେ। ସେହିପରି ବିଶିଷ୍ଟ ସମାଜସେବୀ ଅଶୋକ କୁମାର ପଟ୍ଟନାୟକ, 'କଣାମାମୁଁ' ସମ୍ପାଦକ ରଘୁନାଥ ରଥଙ୍କୁ ଡ. ସୁଦର୍ଶନ ପଟ୍ଟନାୟକ ସ୍ମୃତି ସେବା ସମ୍ମାନ ଓ ଚଳିତ ନିଟ୍ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ପ୍ରଶାନ୍ତ କୁମାର ଝାଙ୍କୁ ଡ. ସୁଦର୍ଶନ ପଟ୍ଟନାୟକ ସ୍ମୃତି ମେଧା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କବୟିତ୍ରୀ ସୁସ୍ମିତା ମହାପାତ୍ର ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଜଗନ୍ନାଥ ଦାଶଙ୍କ ତବଲା ସହଯୋଗରେ ସ୍ୱର୍ଗତ ପଟ୍ଟନାୟକଙ୍କ ରଚିତ ଭକ୍ତି ସଙ୍ଗୀତକୁ ତାଙ୍କ ସୁକନ୍ୟା ଦେବଦତ୍ତା ପଟ୍ଟନାୟକ ପରିବେଷଣ କରିଥିଲେ। ଏହି ଅବସରରେ ଡକ୍ଟର ସୁଦର୍ଶନ ପଟ୍ଟନାୟକଙ୍କ ସ୍ମୃତି ବିଜଡ଼ିତ ଏକ ଫଟୋ ଗ୍ୟାଲେରୀକୁ ଡିଆଇଜି ଶ୍ରୀ ରାଏ ଉଦ୍‌ଘାଟନ କରିଥିଲେ। ଇସ୍ପାତ ସାହିତ୍ୟ ସଂସଦର ସଭାପତି ମନୋଜ କୁମାର ନନ୍ଦ, ସୁଭାଷ ଚନ୍ଦ୍ର ପାତ୍ର, ପ୍ରତାପ କୁମାର ପଣ୍ଡା, ଲକ୍ଷ୍ମଣ ନାଥ ଦାସ, ଉପେନ୍ଦ୍ର ବସ୍ତିଆ, ରମାକାନ୍ତ ନାୟକ, ରବୀନ୍ଦ୍ର କୁମାର ବିଶ୍ୱାଳ ସହଯୋଗ କରିଥିଲେ। ସମାଜସେବୀ ସଞ୍ଜୀବ ମହାନ୍ତି, ଅଭ୍ୟାସ, ବିମାନ ମାଇତି, ବସନ୍ତ ନାୟକ, ପ୍ରଶାନ୍ତ କୁମାର ସେଠୀ, ପ୍ରଶାନ୍ତ କୁମାର ଦାସ, ନଳିନୀ ଧର, ଡ. ସତ୍ୟ ମିଶ୍ର, ଅକ୍ଷୟ କୁମାର ଧଳ, ବିବେକ ଦାସ, ତ୍ରିନାଥ ଦାସ ମୋହିନୀଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।



# ଝରଣାରେ ନିଖୋଜ ଯୁବକଙ୍କ ମିଳିଲା ମୃତଦେହ



**ସୁକିନ୍ଦା, ୨୪।୮ (ସମିସ):** ସୁକିନ୍ଦା ଥାନା ଅଞ୍ଚଳର ଏକ ଝରଣାରେ ଗାଧୋଉଥିବା ସମୟରେ ପାଣିରେ ଦୁଇ ସାଙ୍ଗ ନିଖୋଜ ହୋଇଥିବା ବେଳେ ସୁକିନ୍ଦା ଅଗ୍ନିଶମ ବିଭାଗ ଗତ ଶନିବାର ଜଣେ ଯୁବକଙ୍କର ମୃତଦେହ ଉଦ୍ଧାର କରିଥିଲେ। ତେବେ ରବିବାର ଅନ୍ୟ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଏ ସଂକ୍ରାନ୍ତରେ ସୁକିନ୍ଦା ପୁଲିସ ୨୪/୨୫ ଓ ୨୫/୨୫ରେ ଦୁଇଟି ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ଗତ ଶନିବାର ପୂର୍ବାହ୍ଣରେ ୩ଜଣ ଯୁବକ ସାଙ୍ଗ ରାଙ୍କିଆ ପାହାଡ ନିକଟ ଝରଣାକୁ ଯାଇଥିଲେ। ସେଠାରେ ଥିବା ଏକ ପାହାଡ ଖୋଲରେ ମାନସ ଓ ଶମ୍ଭୁ ଗାଧୋଉଥିବା ସମୟରେ ହଠାତ୍ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ସହ ଥିବା ବୁଡୁରୁ ନାମକ ନାବାଳକ ଫୋନକରି ଗାଁକୁ ଖବର ଦେଇଥିଲେ। ଗାଁ ଲୋକେ ତୁରନ୍ତ ସୁକିନ୍ଦା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇ ଅଗ୍ନିଶମ ବିଭାଗ ଅଧିକାରୀ ରଜନୀକାନ୍ତ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଦୀର୍ଘ ୬ଘଣ୍ଟା ଧରି ଅକ୍ଲାନ୍ତ ପରିଶ୍ରମ କରିବା ପରେ ସନ୍ଧ୍ୟାରେ ଶମ୍ଭୁର ମୃତଦେହ ଉଦ୍ଧାର କରିଥିଲା। ରବିବାର ପୁଣି ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଅକ୍ଲାନ୍ତ ପରିଶ୍ରମ ପରେ ନିଖୋଜ ମାନସର ମୃତଦେହ ଉଦ୍ଧାର କରିଛି ଅଗ୍ନିଶମ ବିଭାଗ। ଅଙ୍ଗନବାଡ଼ି କର୍ମୀ ଦମୟନ୍ତୀ ମହାନ୍ତ ଓ ମନମୋହନ ମହାନ୍ତଙ୍କ ପୁଅ ମାନସ ବିଟେକ୍ ପରେ ବେଙ୍ଗାଲୁରୁରେ ଚାକିରି କରୁଥିଲେ। ଶମ୍ଭୁ ଯୁକ୍ତ୨ ପାସ୍ କରି ଡିଗ୍ରୀ ପଢ଼ା ସହ ଚାକିରି ଯୋଜନାରେ ଥିଲେ। ସୁକିନ୍ଦା ରେଞ୍ଜ୍ ମହାଗିରି ପର୍ବତମାଳା ମଧ୍ୟସ୍ଥ ଏହି ସ୍ଥାନରେ ବର୍ଷାଦିନିଆ ଜଳପ୍ରପାତ ସୃଷ୍ଟି ହୋଇଥାଏ। ଭୂମି ପତନରୁ ପାଖାପାଖି ୩ ଶହ ଫୁଟ ଉଚ୍ଚରେ ଥିବା ଏହି ସୁଦୃଶ୍ୟ ଜଳପ୍ରପାତ ତଳେ ଥିବା ପାହାଡ଼ଖୋଲରେ ପ୍ରବାହିତ ଝରଣାରେ ବିପଜ୍ଜନକ ଭାବେ ଏକ ଗଭୀର ଗଣ୍ଡ ରହିଥିବା ଜଣାପଡ଼ିଛି। ଗତବର୍ଷ ଠାରୁ ରିଲ୍ ନିଶାରେ ବହୁ ଯୁବକ ଯୁବତୀ ଏଠାକୁ ଆସୁଥିବା କୁହାଯାଉଛି। ସୂଚନା ପାଇ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଉଭୟ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି। ଆଜି ଗାଁ ମଶାଣିରେ ଉଭୟଙ୍କ ଶବ ଦାହ କରାଯାଇଛି।

# ଜାତୀୟ କବି ବାଞ୍ଛାନିଧି ଦାସଙ୍କ ଜୟନ୍ତୀ



**ବରୀ, ୨୪।୮ (ସମିସ):** ଜାତୀୟ କବି ତଥା ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ଦାସଙ୍କ ୧୦୨ତମ ଜୟନ୍ତୀ ଉପଲକ୍ଷେ ସନ୍ଥନ ମହାବିଦ୍ୟାଳୟଠାରେ ବରୀ ପୂଜ୍ୟପୂଜା ପରିଷଦ ଆନୁକୂଲ୍ୟ ତଥା କଳା ସାହିତ୍ୟ ସଂସ୍କୃତି ପରିଷଦ, ବରୀ ସହଯୋଗରେ ବାଞ୍ଛାନିଧି ଦାସଙ୍କ ଜୀବନୀ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠାନର ସଭାପତି ଡାକ୍ତର ରାଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରରେ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ବିଶ୍ୱାଳ, ଗଗନ ବିହାରୀ ଜେନା, ସନ୍ଥନ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ଦାସ, ସୀତାକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ପୂଜାରୀ ଥିଲେ ଜାତୀୟ କବି ବାଞ୍ଛାନିଧି ଦାସ ଓ ତାଙ୍କ କବିତାରେ ଥିଲା ପ୍ରତିଟି ଜାତୀୟ ପ୍ରେମି ମଣିଷ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ପ୍ରାରମ୍ଭରୁ ସମାଜସେବୀ ସତ୍ୟରଞ୍ଜନ କର ନିଜର ସାରଗର୍ଭକ ବକ୍ତବ୍ୟ ମାଧ୍ୟମରେ କବିଙ୍କ କାର୍ଯ୍ୟ ଧାରାକୁ ମୂଲ୍ୟାୟନ କରିଥିଲେ। ପ୍ରଭଞ୍ଜନ ପତିଙ୍କୁ ବାଞ୍ଛାନିଧିଙ୍କ ଦାୟାଦ ଭାବରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଗିରିଶ ବିହାରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୃସିଂହ ବେହେରା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ବେହୁରା, ଲାଲବିହାରୀ କର, ଅନିରୁଦ୍ଧ ତ୍ରିପାଠୀ, ବ୍ରହ୍ମାନନ୍ଦ କର, ଖଗେଶ୍ୱର ନାୟକ, ଦେବାଶିଷ ଜେନା, ତାପସୀ ସାମଲ, ଜ୍ୟୋତିର୍ମୟ ନାୟକ, ବିଶ୍ୱଭୂଷଣ ଜେନା, କବି କୁମାର ସରୋଜ ଓ ବରୀ ସାମ୍ବାଦିକ ସଙ୍ଘ ସଭାପତି ପ୍ରଶାନ୍ତ ଦ୍ୱିବେଦୀ, ସ୍ନେହାଂଶୁ ମହାନ୍ତି, ଚୈତନ୍ୟ ଜେନା, ଦର୍ଶନୀ ବେହେରା ପ୍ରମୁଖ ଉପସ୍ଥିତ କବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ତାଙ୍କର କବିତା ପାଠ୍ୟ ପୁସ୍ତକରେ ସ୍ଥାନ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ପୂର୍ବତନ କୁଳପତି ଗୋକୁଳା ନନ୍ଦ ଦାସଙ୍କ ସ୍ମୃତି ଚାରଣ ଓ ଆତ୍ମାର ସଦଗତି ଉପଲକ୍ଷେ ନିରବ ପ୍ରାର୍ଥନା ଅନୁଷ୍ଠାନ ପକ୍ଷରୁ କରାଯାଇଥିଲା। ଶେଷରେ ବିଦଗଧାର ନିର୍ଦ୍ଦେଶକ ଶରତ ଜେନା ଧନ୍ୟବାଦ ଦେଇଥିଲା।

ଗ୍ରାହକଙ୍କ ବିଶ୍ୱାସରେ ବିଷ

## ତ୍ରୁଟିପୂର୍ଣ୍ଣ ବିଲ୍ ଦେଇ ଲୁଟିଲେ ସୁନା ଦୋକାନୀ

**ଯାଜପୁର, ୨୪।୮ (ସମିସ):** ଆଜି କାଲି ପ୍ରତ୍ୟେକ ଦୋକାନରେ କମ୍ପ୍ୟୁଟର ଜନିତ ବିଲ ପ୍ରଦାନ କରାଯାଉଥିବାରୁ ଏହା ସମ୍ପୂର୍ଣ୍ଣ ନିର୍ଭୁଲ ବୋଲି ସାଧାରଣରେ ଏକ ଧାରଣା ରହିଛି। କିନ୍ତୁ ଗ୍ରାହକମାନଙ୍କର ଏଭଳି ବିଶ୍ୱାସରେ ବିଷ ମିଶାଇ ଦୋକାନୀ ମାନେ କିଭଳି ଠକୁଛନ୍ତି ତାହାର ଏକ ପ୍ରମାଣ ମିଳିଛି। ରସୁଲପୁର ବ୍ଲକ ଅନ୍ତର୍ଗତ ହରିପୁର ହାଟ ବଜାର ସ୍ଥିତ ପାତ୍ର ଅଳଙ୍କାର ଦୋକାନରୁ ସୁନା ଅଳଙ୍କାର କିଣି ଏଭଳି ଠକାମିର ଶିକାର ହୋଇଛନ୍ତି ଗ୍ରାହକ। ସୂଚନା ମୁତାବକ ଅଗଷ୍ଟ ୧୧ ତାରିଖରେ ଏହି ବ୍ଲକ ବ୍ରହ୍ମବରଦା ଗ୍ରାମର ଜଣେ ଗ୍ରାହକ ସୁନା ସାମଗ୍ରୀ କିଣିବାକୁ ହରିପୁର ବଜାରରେ ଥିବା ପାତ୍ର ଅଳଙ୍କାର ଦୋକାନକୁ ଆସିଥିଲେ। ତେବେ ସେ ନିଜର ଅଳଙ୍କାର କିଣିବା ପରେ ଦୋକାନୀ ଦେଇଥିବା ହିସାବ ଓ ବିଲ୍ ଅନୁଯାୟୀ ୧ ଲକ୍ଷ ୧୭ ହଜାର ୯୦୦ ଟଙ୍କା ଦେଇଥିଲେ। ଘରକୁ ଆସିବା ପରେ ଗ୍ରାହକ ଜଣକ ନିଜର ବିଲ୍‌କୁ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଦେଖାଇଥିଲେ। ତେବେ ଏହି ବିଲରେ ଭୁଲ ହିସାବ କରି ଅଧିକ ଟଙ୍କା ନିଆଯାଇଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ଗ୍ରାହକ ଜଣକ ପାତ୍ର ଅଳଙ୍କାରରେ ଅଭିଯୋଗ କରିବା ପରେ ଏଭଳି ଭୁଲ୍‌କୁ ସ୍ୱୀକାର କରିବା ସହିତ ପୁନଃର୍ବାର ହିସାବ କରି ପାଖାପାଖି ୧୩ ହଜାର ଟଙ୍କା ଫେରସ୍ତ କରିଥିଲେ। ତେବେ ହରିପୁର ଅଞ୍ଚଳରେ ଥିବା ଏହି ସୁନାଦୋକାନୀ ମାନେ ଏଭଳି ତ୍ରୁଟିପୂର୍ଣ୍ଣ କମ୍ପ୍ୟୁଟର ବିଲ୍ ଦେଇ ଗ୍ରାହକମାନଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଉକ୍ତ ବିଲ୍‌ରେ ଥିବା ପାତ୍ର ଅଳଙ୍କାରର ଫୋନ ନମ୍ବରରେ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ମତାମତ ମିଳିପାରିନଥିଲା।

## ପୋଖରୀରେ ବୁଡ଼ି ଜଣେ ମୃତ

**କବାଟବନ୍ଧ, ୨୪।୮ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ପଦ୍ମ ଫୁଲ ଆଣିବାକୁ ଯାଇ ଜଣେ ଲୋକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ଏହି ଥାନା ଅନ୍ତର୍ଗତ ଡାହାଣୀଡିଅ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର କହରା ରାଉତଙ୍କ ପୁଅ ସଞ୍ଜୟ ରାଉତ(୪୫)। ମିଳିଥିବା ସୂଚନା ଅନୁଯାୟୀ ସଞ୍ଜୟ ରବିବାର ଅପରାହ୍ନ ରେ ଗାଁ ପୋଖରୀକୁ ପଦ୍ମ ଫୁଲ ଆଣିବାକୁ ଯାଇଥିଲେ। ଅସାବଧାନତା କିମ୍ବା କୌଣସି କାରଣରୁ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କ ଗୋଡ଼ରେ ପଦ୍ମ ଫୁଲର ନାଡ଼ ଗୁଡ଼େଇ ହୋଇଯାଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକମାନେ ସଞ୍ଜୟ ପାଣିରେ ଭାସୁଥିବାର ଦେଖି ପରିବାର ଲୋକ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଧର୍ମଶାଳା ମେଡ଼ିକାଲକୁ ନିଆ ଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଜେନାପୁର ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।

## ଘର କାନ୍ଥ ଭୁଶୁଡ଼ି ଜଣେ ଗୁରୁତର

**ସୁକିନ୍ଦା, ୨୪।୮ (ସମିସ):** ସୁକିନ୍ଦା ଥାନା ଅଞ୍ଚଳରେ ଏକ ରହିବା ଘର କାନ୍ଥ ଭୁଶୁଡ଼ି ପଡ଼ି ଜଣେ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ସୁକିନ୍ଦା ବ୍ଲକ ଓଳିଆ ଗ୍ରାମର ଦୀପକ ମହାପାତ୍ରଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଘଟଣାସ୍ଥଳରେ ଦୀପକ ଗୁରୁତର ଆହତ ହୋଇଯାଇଥିବା ବେଳେ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଦୁର୍ଘଟଣାରେ ଦୀପକର ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଦୀପକ ଅବସ୍ଥା ଗୁରୁତ୍ୱର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ



**ବରୀ, ୨୪।୮ (ସମିସ):** ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ବରୀ ପ୍ରଖଣ୍ଡ ପକ୍ଷରୁ ବିଶ୍ୱହିନ୍ଦୁ ପରିଷଦର ୬୧ ତମ ପ୍ରତିଷ୍ଠାଦିବସ ଓ ସନ୍ଥ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୭ତମ ବଳିଦାନ ଦିବସ ସାହୁପଡ଼ା ହନୁମାନ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ବଜରଙ୍ଗଦଳ ସଂଯୋଜକ ଚନ୍ଦ୍ରକାନ୍ତ କର ଉଦ୍‌ଘାଟନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ପ୍ରଖଣ୍ଡ ସଭାପତି ଯୁବ ସମାଜସେବୀ ଡ. ବିଶ୍ୱନାଥ ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ସହିତ ମମଦୀକ୍ଷା ହିନ୍ଦୁ ରକ୍ଷା ବିଷୟରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ସମରସତ୍ତା ପ୍ରମୁଖ ଚିତ୍ତରଞ୍ଜନ ପରିଡ଼ା ଯୋଗ ଦେଇ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ମାଧ୍ୟମରେ କେଉଁଭଳି ଭାବରେ ହିନ୍ଦୁତ୍ୱ ଜାଗ୍ରତ କରାଯାଇ ପାରିବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ ଏବଂ ମୁଖ୍ୟ ଅତିଥି ଶ୍ରୀଯୁକ୍ତ କର ସତ୍‌ସଙ୍ଗ ମିଳନ କେନ୍ଦ୍ରଦ୍ୱାରା କିପରି ହିନ୍ଦୁ ସନାତନ ଧର୍ମ ରକ୍ଷା ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହିତ ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର ପ୍ରତିଷ୍ଠା ଏବଂ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାତୃଶକ୍ତି ମା'ମାନେ ଦୁର୍ଗାବାହିନୀର ଭଉଣୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱହିନ୍ଦୁ ପରିଷଦ, ବରୀ ପ୍ରଖଣ୍ଡର ଉପସଭାପତି ଦଶରଥ ଜେନା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜକିଶୋର ମଲ୍ଲିକ, ଦିବ୍ୟରଞ୍ଜନ ମିଶ୍ର, ଲଳିତମାଧବ ଜେନା, ମଣ୍ଟୁ ମଲ୍ଲିକ, ଗୟାଧର ସାହୁ, କଳାକର ବାରିକ ପ୍ରଭୃତି ଉପସ୍ଥିତ ଥିଲେ। ସର୍ବଶେଷରେ ଶାନ୍ତିପାଠ କରାଯାଇ ସଭା ସମାପନ କରାଯାଇଥିଲା।

## ଗଣେଶ ପୂଜା ପାଇଁ ସଫେଇ

**ଯାଜପୁର, ୨୪।୮ (ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ଚଇନପୁର ପଞ୍ଚାୟତ ଗୋପନଗର ଯୁବକସଂଘ ତରଫରୁ ଗଣେଶ ପୂଜା ପାଇଁ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଳୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଦୀପକ ସାହୁ, ଗୌତମ ସାହୁ ବ୍ରହ୍ମାନନ୍ଦ ସାହୁ, ପ୍ରଶାନ୍ତ ନାୟକ, ଅଜିତ ନାୟକ, ଅଭୟ ସାହୁ, ଅଜୟ ସାହୁ, ସାନିଆ ସାହୁ, ଲିପୁ ଦାସ, ସିପୁ ପୃଷ୍ଟି, ମାଧବ ସାହୁ, ବିଜୟ ସାହୁ, ସିଲୁ ନାୟକଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇ ଗଣେଶପୂଜାକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଗାଁରେ ଏକ ସଫେଇ କାର୍ଯ୍ୟ କରାଯାଇଥିଲା।

# ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ



**ମଙ୍ଗଳପୁର, ୨୪।୮ (ସମିସ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ 'ସମସ୍ୟା ଘେରରେ ଗ୍ରାମାଞ୍ଚଳ ସାମ୍ବାଦିକତା' ଶୀର୍ଷକ ଆଲୋଚନାଚକ୍ର ଆଜି ମଙ୍ଗଳପୁର ବଜାରସ୍ଥ ଥାଳକୁଡ଼ି ବିଜୁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ବିଧାୟିକା ତଥା ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର, ବିଶିଷ୍ଟ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ସମ୍ମାନିତ ଅତିଥି ରୂପେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗୌତମ ରାୟ, ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି, ଭୁବନେଶ୍ୱରର ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ସୁରକ୍ଷା ଆଇନ, ପେନସନ ପ୍ରଦାନ, ଅଧିସ୍ୱୀକୃତି କମିଟି ଗଠନ ପୂର୍ବକ ରାଜ୍ୟର ସାମ୍ବାଦିକମାନଙ୍କୁ ମାନ୍ୟତା ପ୍ରଦାନ କରିବାରେ ବିଳମ୍ବ ହେଲେ ସଙ୍ଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମଞ୍ଚରେ ସଂଘର ନେତା ମାନେ ମତବ୍ୟକ୍ତ କରିଥିଲେ। ବ୍ଲକ ସଂଘର କୋଷାଧକ୍ଷ ରାକେଶ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ସଭ୍ୟ ସୀତାଂଶୁ ଶେଖର ଯେନା ମାନପତ୍ର ପଠନ ଏବଂ ମନୋରଞ୍ଜନ ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧାମନଗର ବ୍ଲକ ହସନାବାଦ ପଞ୍ଚାୟତର ସରପଞ୍ଚ ତଥା ସମାଜସେବୀ ଅଜୟ କୁମାର ମଲ୍ଲିକଙ୍କୁ ସମାଜସେବା ପାଇଁ, ସଫଳ ଓ ଉତ୍ତମ ଚାଷୀ ଭାବେ ଯୁବ ଚାଷୀ ସମରେନ୍ଦ୍ର ପରିଡ଼ା, ଗୀତିକାର ତଥା ଶିକ୍ଷାବିତ ପାଇଁ ଶିକ୍ଷକ ବିପିନ ବିହାରୀ ରାୟ ଓ ନୃତ୍ୟ ପାଇଁ ମିହିର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶରଥପୁର ବ୍ଲକର ବରିଷ୍ଠ ସଭ୍ୟ ସନ୍ଦୀପ ରାୟ, ସଞ୍ଜୟ ରାୟ, ବିଜୟ ରାଉତ, ସରୋଜ ପୃଷ୍ଟି, ସରୋଜ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ବରିଷ୍ଠ ସମାଜସେବୀ ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଦେବାଶିଷ ସାହୁ, ହିମାଂଶୁ ପାଢ଼ୀ, ବିଜୟ ସାହୁ, ଲିପୁ, ସୁବାଶିଷ ରାଉତ, ଦିବ୍ୟକାନ୍ତ କର, ଭରତ ନାୟକ, ବିଦ୍ୟାଧର ବେହେରା, ଚନ୍ଦ୍ରକାନ୍ତ ପତି, ଜିତେନ୍ଦ୍ର ବେହେରା, ଶଙ୍କର୍ଷଣ ସେଠି, ଲୀଙ୍ଗରାଜ ସାହୁ, ତପନ ନାୟକ, ରଜତ ସାହା, ସରୋଜ ପଣ୍ଡା, ମନୋଜ କୁମାର ନାୟକ, ନିଶିକାନ୍ତ ସେନାପତି ପ୍ରମୁଖ ଜିଲ୍ଲାରୁ ସାମ୍ବାଦିକମାନେ ଯୋଗ ଦେଇଥିଲେ।

# ବିଜେଡି କର୍ମୀ ସମାବେଶ



**ବଡଚଣା, ୨୪।୮ (ସମିସ):** ବଡଚଣା ବ୍ଲକ ଅନ୍ତର୍ଗତ ବନ୍ଧା ପଦ୍ମଲାଭପୁର ସ୍ଥିତ ଶ୍ୟାମସୁନ୍ଦରଦେବଜୀଉ ମନ୍ଦିର ପରିସରରେ ବଡଚଣା ବିଜେଡିର ୧୮ ନମ୍ବର ଜୋନ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ବିଜେଡିର ପ୍ରାକ୍ତନ ଉପସଭାପତି ଅମର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କର୍ମୀ ସମାବେଶରେ ମୁଖ୍ୟଅତିଥି ଭାବେ ବଡଚଣା ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗଦେଇ ପ୍ରତି ଗ୍ରାମପଞ୍ଚାୟତରେ ତୃଣମୂଳସ୍ତରରୁ ଦଳକୁ ମଜବୁତ କରିବା ସହିତ ଲୋକମାନଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ଓ ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ବଡଚଣାରେ ଚାଲୁଥିବା ଅନ୍ୟାୟ, ଅନୀତି ଦୁର୍ନୀତି ଭ୍ରଷ୍ଟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଯେଉଁମାନେ ଗତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ହରାଇବାରେ ମୁଖ୍ୟଭୂମିକା ନେଇଥିଲେ ସେମାନେ ଆଜି ଦଳରୁ ବାହାରି ଯାଇଛନ୍ତି। ଆଜିଠାରୁ ଦଳ ନବକଳେବର ହୋଇ ବଡଚଣାବାସୀଙ୍କ ପାଇଁ ସଂଗ୍ରାମ କରିବ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ, ଯୁବନେତା ନିରଞ୍ଜନ ବିଶ୍ୱାଳ, ଆଶିଷ ରଞ୍ଜନ ଚୌଧୁରୀ, ଜ୍ଞାନରଞ୍ଜନ ସାହୁ, ମାଧବା ନନ୍ଦ ମହାପାତ୍ର, ମିହିର ଖୁଣ୍ଟିଆ, ସରସ୍ୱତୀ ବେହେରା, ଦମୟନ୍ତୀ ସାମଲ, ଜୟନ୍ତୀ ସ୍ୱାଇଁ, ରମେଶ ଚନ୍ଦ୍ର ପୃଷ୍ଟି, ଗଗନ ବିହାରୀ ଦାସ, ମାନଗୋବିନ୍ଦ ସେଠୀ, ପ୍ରଦୀପ କୁମାର ମହାନ୍ତି, କୈଳାସ ରାଉତ, ଧନେଶ୍ୱର ବେହେରା, ବିଶ୍ୱଜିତ ମହାନ୍ତି, ଦିଲ୍ଲୀପ କୁମାର ରାଉତ, ଦିଲ୍ଲୀପ କୁମାର ସାମଲ, ସୁଶାନ୍ତ କୁମାର ନାୟକ, ସୂର୍ଯ୍ୟକାନ୍ତ ପରିଡ଼ା, ତୁଷାର ପଣ୍ଡା, ରବୀନ୍ଦ୍ର ସାମଲ, ହୃଷୀକେଶ ସାମଲ, ତପନ କୁମାର ବେହେରା ତପନ କୁମାର ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମୀ ସମାବେଶରେ ୧୮ ନମ୍ବର ଜୋନ ୮ଟି ଗ୍ରାମ ପଞ୍ଚାୟତ ସହିତ ସୋଲର, ବୈରୀ ଗ୍ରାମପଞ୍ଚାୟତ ଏକ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ ୭ଜଣ ୱାର୍ଡ଼ ସଭ୍ୟ ବିଜେଡିରେ ଯୋଗ ଦେଇଥିଲେ। ଧୁଳେଶ୍ୱର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଆରମ୍ଭରେ ମଣ୍ଡୁକା ପଞ୍ଚାୟତ ଅନ୍ତର୍ଗତ କୃଷ୍ଣଦାସପୁର ଛକରୁ ଏକ ବାଇକ୍ ଶୋଭାଯାତ୍ରାରେ କର୍ମୀମାନେ କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କୁ ପାଛୋଟି ଆଣିଥିଲେ।

# ଦାମୋଦରପୁର ଗ୍ରାମ ମୁଖ୍ୟରାସ୍ତା ଶୋଚନୀୟ



**ପାଣିକୋଇଲି, ୨୪।୮ (ସମିସ):** ଜାତୀୟ ରାଜପଥ ୧୬ରୁ ପାଣିକୋଇଲି ଓ ପଥରପଦା ପଞ୍ଚାୟତର ଦାମୋଦରପୁର ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା କାମ ନିମନ୍ତେ ଠିକା ନେଇଥିବା ଠିକାସଂସ୍ଥା ରାସ୍ତା କାମ ଅଧାରୁ ବନ୍ଦ କରିଥବବା ବେଳେ କ୍ରମାଗତ ବର୍ଷାରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତାଟି ଗ୍ରାମକୁ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଗ୍ରାମର ଛାତ୍ରଛାତ୍ରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯିବା ଆସିବା କରିବା ଲାଗି ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରାସ୍ତାର ଅବସ୍ଥା ଯାହା ହୋଇଛି ଆକସ୍ମିକ ଭାବେ କେହି ରୋଗରେ ପଡ଼ିଲେ ଆମ୍ବୁଲାନ୍ସଟିଏ ମଧ୍ୟ ଗ୍ରାମକୁ ଯିବାଆସିବା କଷ୍ଟକର। ଗତ କିଛି ମାସ ତଳେ ଏ ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ରାସ୍ତା ଓ ଗୃହ ନିର୍ମାଣ କାର୍ଯ୍ୟାଳୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ଭେଟି ସମସ୍ୟା ଉପସ୍ଥାପନ କରିଥିଲେ। ପରେ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ମତେ ଠିକାଦାର କେବଳ ଡଷ୍ଟ ପକାଇ ଦେଇ କାମ ବନ୍ଦ କରି ଦେଇଥିଲା। ତେବେ ଲଗାଣ ବର୍ଷା ଯୋଗୁଁ ଉକ୍ତ ଡଷ୍ଟ ଗୁଡ଼ିକ କେଲୁଅ ମାଟି ସହିତ ମିଶି କାଦୁଅ ପଚପଚ ହୋଇଯାଇଛି। ଫଳରେ ବାଇକ୍‌ଟିଏ ଯିବା ତ ଦୂରରେ ଥାଉ ପାଦରେ ଚାଲି କରି ଯିବା କଷ୍ଟକର ହୋଇପଡ଼ିଛି। ଏ ଦିଗରେ ବିଭାଗୀୟ ଯନ୍ତ୍ରୀ ତୁରନ୍ତ ଦୃଷ୍ଟି ନିକ୍ଷେପ କରି ସମସ୍ୟାର ସମାଧାନ କରିବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି।

# ଶତାବ୍ଦୀ ସ୍ୱାଗତ ସଞ୍ଚଳନ କାର୍ଯ୍ୟକ୍ରମ

**ପାଣିକୋଇଲି, ୨୪।୮ (ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଯାଜପୁର ଜିଲ୍ଲା କୋରାଇ ଖଣ୍ଡର ଶତାବ୍ଦୀ ସ୍ୱାଗତ ସଞ୍ଚଳନ କାର୍ଯ୍ୟକ୍ରମ ପାଣିକୋଇଲି ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ମାନେ ପାଣିକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ବାହାରି ବଜାର ପରିକ୍ରମା କରିବା ପରେ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପଛପଟେ ଥିବା ପଡ଼ିଆରେ ଶେଷ ହୋଇଥିଲା। ପରେ ସଂଘର ପତାକା ଉତ୍ତୋଳନ ପରେ କୋରାଇ ଖଣ୍ଡର କାର୍ଯ୍ୟବାହ ସନ୍ତୋଷ କୁମାର ଜେନାଙ୍କ ପରିଚାଳନାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲ। ଉକ୍ତ ସଭାରେ ସଂଘର ବାଲେଶ୍ୱର ଜିଲ୍ଲା ବିଭାଗ ସମ୍ପର୍କ ପ୍ରମୁଖ ସଞ୍ଜୟ କୁମାର ସାହୁ ଯୋଗ ଦେଇ ସଂଘର ଆବଶ୍ୟକତା ଓ ମୂଳ ଲକ୍ଷ୍ୟ ଉପରେ ଦୃଷ୍ଟି ନିକ୍ଷେପ କରିଥିଲେ। ଶେଷରେ ଯାଜପୁର ଜିଲ୍ଲା ପ୍ରଚାର ପ୍ରମୁଖ ସନ୍ଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୋରାଇ ଖଣ୍ଡର ବିଭିନ୍ନ ପ୍ରଖଣ୍ଡର ବହୁ ସଦସ୍ୟ ଯୋଗ ଦେଇଥିଲେ।

# ବିପଦ ସଂକୁଳ ଛାତ୍ରୀ ନିବାସ: ସାମାନ୍ୟ ବର୍ଷାରେ ଛାତରୁ ଗଳୁଛି ପାଣି



**ଦାନଗଦି, ୨୪।୮ (ସମିସ) :** ଦାନଗଦି ବୁଦ୍ଧରାଜ ବିଦ୍ୟାପୀଠ ପରିସରରେ ଥିବା ଶହେ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜାତି ଓ ଉପଜାତି ଛାତ୍ରୀ ନିବାସଟି ଏବେ ବିପଦ ସଂକୁଳ ଅବସ୍ଥାରେ ଦେଖୁବାକୁ ମିଳିଛି। ୨୦୧୨ ମସିହାରେ ଏହି ଛାତ୍ରୀନିବାସ ଉଦ୍‌ଘାଟନ ହୋଇଥିଲା। ମାତ୍ର ୧୩ ବର୍ଷ ହେଇଛି ହେଲେ ବିଲଡିଂର ଚତୁପାର୍ଶ୍ୱରେ ଥିବା ତାଜା ସବୁ ଭାଙ୍ଗି ରଡ୍ ଦେଖା ହେବା ସହ ଓହଳି ପଡ଼ିଲାଣି। କେତେବେଳେ ଏହି ଘର ଭୁଶୁଡି ପଡ଼ିବ ତାହା କହିହେବନାହିଁ। ସାମାନ୍ୟ ବର୍ଷା ଟିକେ ହେଲେ ଘରଛାତରୁ ପାଣି ଝରୁଛି। ଯାହାଫଳରେ ଏହି ଛାତ୍ରୀ ନିବାସରେ ରହି ପାଠ ପଢୁଥିବା ଶହେ ଜଣ ଛାତ୍ରୀଙ୍କ ଲୁଗାପଟା, ଆଶାବାବପତ୍ର ଓ ବହି ଖାତା ସବୁ ପାଣିରେ ଓଦା ହୋଉଯାଉଛି। ତୁରନ୍ତ ଏହି ନିବାସକୁ ନିର୍ବାହୀ ଯନ୍ତ୍ରୀ ତନଖି କରି ପରିତକ୍ତ ଗୃହ ବୋଲି ଘୋଷଣା କରିବା ସହ ନୂତନ ଗୃହ ନିର୍ମାଣ କରିବାପାଇଁ ଆବଶ୍ୟକ ଅର୍ଥ ସରକାର ତୁରନ୍ତ ଯୋଗାଇ ଦେବାକୁ ଅଭିଭାବକ ମାନେ ଦାବି କରିଛନ୍ତି। ନଚେତ ଅନୁସୂଚିତ ଜାତି ଓ ଉପଜାତି ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ ବୋଲି ଆଶଙ୍କା କରାଯାଉଛି।

ଯୋର ପୋଲ ମୁହାଣ ବନ୍ଦ; ଚାଷ କାର୍ଯ୍ୟ ବାଧାପ୍ରାପ୍ତ

# ଜାତୀୟ ରାଜପଥରେ ରାସ୍ତାରୋକ କଲେ ଚାଷୀ

**ବାଲିଚନ୍ଦ୍ରପୁର, ୨୪।୮ (ସମିସ):** ୫୩ ନମ୍ବର ଜାତୀୟ ରାଜପଥର ବଡ଼ଚଣା ବ୍ଲକ ଅନ୍ତର୍ଗତ ପାରିପଲେଇ ଦେଇ ଯାଇଥିବା ସୁବଳୟାଧାର ଯୋର ପୋଲ ମୁହାଣ ବନ୍ଦ ହୋଇଯିବାରୁ ବଡ଼ଚଣା, ମାହାଙ୍ଗା ଓ ଡେରାବିଶ ଆଦି ତିନି ଗୋଟି ବ୍ଲକ ଅଞ୍ଚଳର ଶହ ଶହ ଏକର ଚାଷ ଜମିରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହି ରାଜପଥର ଆଠ ଲେନ୍ କାର୍ଯ୍ୟ ବର୍ତ୍ତମାନ ଚାଲୁ ରହିଥିବା ବେଳେ ଠିକାଦାର ଏହି ଜୋରି ପୋଲକୁ ବନ୍ଦ କରିଦେବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି। ତେବେ ଏନେଇ ଏହି ଅଞ୍ଚଳର ଚାଷୀମାନେ ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଆଦି ତିନି ଗୋଟି ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ ଏନେଇ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଆଜି ସକାଳେ ଏହି ଜୋରି ପୋଲ ନିକଟସ୍ଥ ଜାତୀୟ ରାଜପଥରେ ଶତାଧିକ ଚାଷୀ ଏକାଠି ହୋଇ ଗାଡ଼ି ଚଳାଚଳ ବନ୍ଦ କରି ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ଚଳଚଞ୍ଚଳ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ଧରି ବହୁ ଗାଡ଼ି ଘୋଡ଼ା ଅଟକି ରହିଥିଲା।

ସୂଚନା ମୁତାବକ ଏହି ପାରିପଲେଇ ଠାରେ ଜାତୀୟ ରାଜପଥ ଆଠ ଲେନ୍ ନିର୍ମାଣ କାର୍ଯ୍ୟରେ ବ୍ୟାପକ ତ୍ରୁଟି ପାଇଁ ଏଠାରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ଚାଷୀମାନେ କହିଛନ୍ତି। ଉପରୋକ୍ତ ଜିଲ୍ଲା ଅଞ୍ଚଳର ତଳିଆ ଅଞ୍ଚଳ ପାଣି ଓ ବର୍ଷା ପାଣି ଏହି ଜୋରୀ ଦେଇ ଗୋବରୀ ନଦୀରେ ମିଶିଥାଏ। ତେବେ ପାଣି ନିଷ୍କାସନ ସ୍ଥାନକୁ ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ବନ୍ଦ କରି ଦେଇଥିବାରୁ ବହୁଳ ପରିମାଣର ପାଣି ଅଟକି ରହି ଚାଷ କାର୍ଯ୍ୟରେ ବାଧା ଉପୁଜାଉଛି। ବର୍ତ୍ତମାନ ଧାନ ଚାଷ ସମୟ ହୋଇଥିବାରୁ ଏହି ପାଣି ଜମି ରହିଥିବା ଚାଷ ଜମିରେ ଚାଷୀମାନେ କୌଣସି କାମ କରି ପାରୁ ନାହାଁନ୍ତି। ତେବେ ଚାଷୀ ମାନେ ଆନ୍ଦୋଳନକରି ଜାତୀୟ ରାଜପଥରେ ଅଚଳାବସ୍ଥା ସୃଷ୍ଟି କରିଥିବା ଖବର ପାଇ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ ନାୟକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଚାଷୀ ମାନଙ୍କୁ ବୁଝାଶୁଝା କରି ରାସ୍ତାରୋକକୁ ହଟାଇଥିଲେ। ତେବେ ତୁରନ୍ତ ଏହି ସମସ୍ୟାର ସମାଧାନ କରାନଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚାଷୀ କୀର୍ତ୍ତିଚନ୍ଦ୍ର ପ୍ରଧାନ, ମାନଗୋବିନ୍ଦ ଓଝା, କହ୍ନେଇ ମହାପାତ୍ର, ପ୍ରମୋଦ ଓଝା, ବିଶ୍ୱନାଥ ପ୍ରଧାନ, କ୍ଷୀରୋଦ ପ୍ରଧାନ, ସନ୍ତୋଷ ନାୟକ, ସନାତନ ପରିଡ଼ା, କୃତିବାସ ପ୍ରଧାନ, ଜାନକୀ ବଳ, ପର୍ଶୁରାମ ପରିଡ଼ା, ତପନ ମହାନ୍ତି, ଅଭିରାମ ବଳ, ବ୍ରଜସୁନ୍ଦର ମହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

# ବିଜେଡିରୁ ବହିଷ୍କୃତ

**ଧର୍ମଶାଳା, ୨୪।୮ (ସମିସ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ମଧୁସୂଦନପୁର ଗ୍ରାମପଞ୍ଚାୟତର ସଭାପତି ସଞ୍ଜୟ ସ୍ୱାଇଁ, କଣ୍ଟିଗଡ଼ିଆ ପଞ୍ଚାୟତର ସଭାପତି ଅରୁପାନନ୍ଦ ଜେନାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ସେହିଭଳି ରେଖିଦେଇପୁର ପଞ୍ଚାୟତର ସଭାପତି ଅଶୋକ ମଲ୍ଲ, ବୃନ୍ଦାଦେଇପୁର ପଞ୍ଚାୟତର ସଭାପତି ଦୀପକ କୁମାର ଦାସ ଏବଂ କୁମାରୀ ପଞ୍ଚାୟତର ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥିଙ୍କୁ ବିଜେଡି ଦଳରୁ ଅବ୍ୟାହତ କରାଯାଇଥିବା ଦଳ ପକ୍ଷରୁ ପ୍ରେସ ବିବୃତ୍ତିରେ ଅବଗତ କରାଯାଇଛି। ଏ ସମ୍ପର୍କରେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଶିକ୍ଷକଙ୍କୁ ନେଇ କୋର୍ କମିଟି ଗଠନ



ପାପଡାହାଣ୍ଡି, ୨୪।୮ (ସମିସ): ପାପଡ଼ାହାଣ୍ଡି ସ୍ଥିତ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକର ସମସ୍ତ ଲେବେଲ-ଭି (ଏ) ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷକ ରାଜେନ୍ଦ୍ର କୁମାର ପଣ୍ଡା ବୈଠକରେ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇ ବ୍ଲକ କନିଷ୍ଠ ଶିକ୍ଷକ ସଂଘର ପୂର୍ବତନ ସଭାପତି ଅନିଲ କୁମାର ସାହୁଙ୍କୁ ବୈଠକ ପରିଚାଳନା କରିବା ପାଇଁ ଅନୁରୋଧ କରିଥିଲେ। ବୈଠକରେ ଆଗାମୀ ଦିନରେ ପ୍ରାଥମିକ ଶିକ୍ଷକ ମାନଙ୍କ ନାର୍ଯ୍ୟ ଦାବି ହାସଲ କରିବା ନିମନ୍ତେ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ଆନ୍ଦୋଳନ ବିଷୟରେ ସବିଶେଷ ଆଲୋଚନା କରାଯିବା ସହିତ ପ୍ରାଥମିକ ଶିକ୍ଷକ ମାନଙ୍କ ବ୍ଲକ ସ୍ତରୀୟ ସମସ୍ୟାର ସମାଧାନ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ଏକ ୧୪ ଜଣିଆ କୋର କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଅନିଲ କୁମାର ସାହୁ, ପ୍ରସନଜିତ ରାୟ, ଶର୍ମିଷ୍ଠା ବଳିଆରସିଂ, ପି ସନ୍ତୋଷ ପାତ୍ର, ପରମାନନ୍ଦ ସିଂ, ରାଜେନ୍ଦ୍ର କୁମାର ପଣ୍ଡା, ପ୍ରିୟବ୍ରତ ଆଚାର୍ଯ୍ୟ, ସୁଶାନ୍ତ କୁମାର ମିଶ୍ର, ବିଜୟ କୁମାର ବେହେରା, ରମାକାନ୍ତ ବିଶ୍ୱାଳ, ହେମନ୍ତ କୁମାର ଛତ୍ରିଆ, ହେମନ୍ତ କୁମାର ନିଆଲ, ସୁମିତ୍ରା ମହାରଣା ଏବଂ ସୁରଞ୍ଜନ ଦାସଙ୍କୁ କୋର କମିଟିର ସଦସ୍ୟ ସଦସ୍ୟା ଭାବରେ ମନୋନୀତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ସୁରଞ୍ଜନ ଦାସ ବୈଠକରେ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ।

### ଆଧାର ନବୀକରଣ ହେଉନି

# ୨୫ ଡିଙ୍ଗରିଆ ବୃଦ୍ଧାଙ୍କୁ ମିଳୁନି ଭତ୍ତା ଟଙ୍କା

କଲ୍ୟାଣସିଂହପୁର, ୨୪।୮ (ସମିସ): ସରକାର ବୃଦ୍ଧବୃଦ୍ଧାଙ୍କୁ ମାସିକ ଭତ୍ତା ଟଙ୍କା ଯୋଗାଇବାର ନିୟମ ରହିଥିବା ବେଳେ ନିୟମଗିରି ଡଙ୍ଗରିଆ ବୃଦ୍ଧାଙ୍କ ଆଧାର ନବୀକାରଣ ହୋଇ ନଥିବାରୁ ଭତ୍ତାରୁ ବଞ୍ଚିତ ଅଛନ୍ତି ସାତଖଣ୍ଡ ଗ୍ରାମର ମହିଳା ମାନେ। ବଞ୍ଚିତ ମହିଳା ମାନେ ହେଲେ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ସଲି ପଞ୍ଚାୟତର। ପ୍ରତିମାସ ୧୫ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବୃଦ୍ଧାମାନଙ୍କୁ ଜାତୀୟ ବାର୍ଦ୍ଧକ୍ୟ ଓ ରାଜ୍ୟ ଭତ୍ତା ପ୍ରଦାନ କରାଯାଉଥିଲା। କିନ୍ତୁ ଚଳିତ ମାସରେ ନିୟମଗିରି ପାହାଡ଼ ଅଞ୍ଚଳ ପାର୍ଶାଲି ପଞ୍ଚାୟତ ନିଶିଖାଲ, ନିର୍ଗୁଣ୍ଡି, ବଙ୍ଗପାଡୁ, ଫାକେରୀ, ସାନ ଡେଙ୍ଗଲେଲି, ବଡ଼ ଡେଙ୍ଗଲେଲି ଭଳି ଆହୁରି ଅନେକ ଗ୍ରାମର ପ୍ରାୟ ୨୫ରୁ ଅଧିକ ବୃଦ୍ଧା ଭତ୍ତାରୁ ବଞ୍ଚିତ ଥିବା ଅଭିଯୋଗ



କରିଛନ୍ତି। କୁଆଡେ ସେମାନଙ୍କ ଆଧାର କାର୍ଡ ନବୀକରଣ ହୋଇନି ବୋଲି ପିଇଓ ଓ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଦାନ କରିନଥିବା କୁଡୁଞ୍ଜି କାଡ୍ରାକା, ସୁନାରି ଶିକକା, କୁଚାଡ଼ି କାଡ୍ରାକା ଅଭିଯୋଗ କରିଛନ୍ତି। ପ୍ରତିମାସରେ ନଗଦ ଟଙ୍କା ହାତରେ ଦେଉଥିବା ବେଳେ ଚଳିତ ମାସରେ ଭତ୍ତା ଟଙ୍କା ମିଳିନଥିବାରୁ ମାସକ କେମିତି ଚଳିବୁ କଣ ଖାଇ ବଞ୍ଚିବୁ ବୋଲି ଚିନ୍ତାରେ ପଡି ଆଧାର ନବୀକରଣ କରିବା ପାଇଁ କଲ୍ୟାଣସିଂହପୁର ଆସିଥିଲେ। ଏଠାକୁ ଆସି ବିଭିନ୍ନ ଜନସେବା କେନ୍ଦ୍ରକୁ ବୁଲିବୁଲି ନିରାଶ ହୋଇ ଚିନ୍ତାରେ ଜଗନ୍ନାଥ ମନ୍ଦିର ନିକଟରେ ବସିଥିବା ଦେଖିବସକୁ ମିଳିଥିଲା। ଏଠାରେ ସୂଚନା ଯୋଗ୍ୟଯେ ବୃଦ୍ଧାଙ୍କୁ ହାତରେ ଟଙ୍କା ବାଣ୍ଟୁଥିବା ପିଇଓ ଓ ସମାଜିକ ସୁରକ୍ଷା ଅଧିକାରୀ କଣ ଦରକାର ପଡିଲା ବୋଲି ଅଞ୍ଚଳରେ ଡଙ୍ଗରିଆ ମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଯଦି ବ୍ୟାଙ୍କ ଜମା ଖାତାରେ ପ୍ରଦାନ କରୁଥିଲେ ଆଧାର ଓ କେୱାସୀ ଦରକାର ପଡିଥାଏ ବୋଲି ମହିଳା ମାନେ ପ୍ରକାଶ କରିଛନ୍ତି। ଗତକାଲି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ନିୟମଗିର ଡଙ୍ଗାରିଆଙ୍କ ପାଇଁ ଆଧାର ନବୀକରଣ ଓ ନୂତନ ଆଧାର କାର୍ଡ କରିବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ବେଳେ କାହିଁକି ବ୍ଲକ କର୍ମଚାରୀ ଏଭଳି ଭତ୍ତାରୁ ବଞ୍ଚିତ କରିଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଣୁ ମହିଳାଙ୍କୁ ଯୁଦ୍ଧକାଳୀନ ଭିତରେ ଭତ୍ତା ପ୍ରଦାନ କରିବା ପାଇଁ ଦାବି ହେଉଛି।

## ହଟୁନି ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ

ନନ୍ଦପୁର, ୨୪।୮ (ସମିସ): ରଥ ଅଘଟଣ ବେଳେ ଖୁଣ୍ଟ ଭାଙ୍ଗିବାକୁ ମାସେ ପୂରିଲାଣି। ଏପର୍ଯ୍ୟନ୍ତ ବିଦ୍ୟୁତ୍ ଖୁଣ୍ଟ ମରାମତି କିମ୍ବା ବଦଳ କରାଯାଇନାହିଁ।



ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ଭଙ୍ଗା ଖୁଣ୍ଟରେ ବିଦ୍ୟୁତ୍ ସେବା ଚାଲିଛି। ରଥ ଅଘଟଣ ବେଳେ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଏହାକୁ ଚପାଇ ଦେବା ପାଇଁ ସାମ୍ବାଦିକମାନଙ୍କୁ ନାଲିଆଖି ଦେଖାଇ ଚୁପ୍ କରିବାକୁ ଉଦ୍ୟମ କରାଯାଇଥିଲା। ତେବେ ରଥଯାତ୍ରାର ମାସେ ପରେ ବି ଖୁଣ୍ଟ ପରିବର୍ତ୍ତନ ନ ହେବା ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି କରିଛି। ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ ଉପରେ ବିଭାଗୀୟ ଅଧିକାରୀଙ୍କ ନଜର ନ ପଡ଼ିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇ ଥିବା ବେଳେ ତୁରନ୍ତ ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ କାଢି ନୂତନ ବିଦ୍ୟୁତ୍ ଖୁଣ୍ଟ ଲଗାଇ ସୁରକ୍ଷିତ କରିବାକୁ ଦାବି ହେଉଛି।

## ଅନୁଦାନ ଦାବିରେ ଅଧ୍ୟାପକଙ୍କ ଆନ୍ଦୋଳନ ଜାରି



ସୁନାବେଡ଼ା, ୨୪।୮ (ସମିସ): କୋରାପୁଟ ଜିଲ୍ଲାର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀଙ୍କ ତରଫରୁ ସରକାରୀ ଅନୁଦାନ ଦାବିରେ ଆନ୍ଦୋଳନ ଜାରି ରହିଛି। ୨୦୦୮ ରୁ ୨୦୧୮ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଏହି ଅଧ୍ୟାପକ ଓ କର୍ମଚାରୀମାନେ ସ୍ୱଳ୍ପ ପାରିଶ୍ରମିକରେ ଶିକ୍ଷାଦାନ ସହିତ ଅନ୍ୟ ସମସ୍ତ କାର୍ଯ୍ୟ କରି ଆସୁଛନ୍ତି। ହେଲେ ସରକାର ସେମାନଙ୍କର ଦାବି ଶୁଣୁ ନାହାନ୍ତି କି ଅନୁଦାନ ଦେଉନାହାନ୍ତି। ଏହାର ପ୍ରତିବାଦରେ ଗତ ୧୬ ତାରିଖରୁ ସୁନାବେଡ଼ା ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ କାର୍ଯ୍ୟରତ ସମସ୍ତ ଅଣ ଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ଆନ୍ଦୋଳନ ଜାରି ରଖିଛନ୍ତି।

## ଗୁରୁବାରିଆ ଛୁଟି ନେଇ ଏସ୍‌ବିଆଇ ଗ୍ରାହକ ନିରାଶ

ତେନ୍ତୁଳିଖୁଣ୍ଟି, ୨୪।୮ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ମୁଖ୍ୟ ବ୍ୟବସାୟିକ ଦପ୍ତର ଖାତିଗୁଡା ସ୍ଥିତ ୟୁଆଇଡିପି ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ପ୍ରତି ମାସ ୩ୟ ଗୁରୁବାର ବ୍ୟାଙ୍କ କାରବାର ବନ୍ଦ ରହୁଛି। ଉପାନ୍ତ ଅଞ୍ଚଳର ଏକମାତ୍ର ବ୍ୟାଙ୍କ ହୋଇଥିବାରୁ ଏହି ଶାଖା ଉପରେ ଆଖପାଖ ଅଞ୍ଚଳ ସମେତ କଳାହାଣ୍ଡି ଉପାନ୍ତ ଏବଂ ବିଚ୍ଛିନ୍ନାଞ୍ଚଳ ବାସୀ ଏହି ବ୍ୟାଙ୍କ ଉପରେ ନିର୍ଭର କରୁଛନ୍ତି। ବିଶେଷ ଭାବରେ ଗୁରୁବାର ସ୍ଥାନୀୟ ଲମତାଗୁଡାଠାରେ ସାପ୍ତାହିକ ହାଟ ବସୁଥିବାରୁ ବିଚ୍ଛିନ୍ନାଞ୍ଚଳବାସୀ ଦେଶୀ ଡଙ୍ଗାରେ ବିପଦପୂର୍ଣ୍ଣ ଭାବରେ ଉଭୟ ବ୍ୟାଙ୍କ କାର୍ଯ୍ୟ ଏବଂ ହାଟରେ ସାମଗ୍ରୀ କ୍ରୟ ବିକ୍ରୟ ପାଇଁ ଆସୁଛନ୍ତି। କିନ୍ତୁ ହଠାତ୍




ମାସର ଦ୍ୱିତୀୟ ଗୁରୁବାର ତେଣୁ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ମନା କରିଦେଉଥିବାରୁ ଲୋକେ ବ୍ୟାଙ୍କରୁ ନିରାଶ ହୋଇ ଫେରୁଛନ୍ତି। ବ୍ୟାଙ୍କରେ ୨୦୦୦୦ ଟଙ୍କାରୁ କମ କାରବାର ଉପରେ ରୋକ ଲଗାଇ ବ୍ୟାଙ୍କ କର୍ତ୍ତୃପକ୍ଷ ଗ୍ରାହକଙ୍କୁ କିଓସ୍କୋ ବ୍ୟାଙ୍କ ପଠାଉଛନ୍ତି। ସେଠାରେ ଅଶିକ୍ଷିତ ଲୋକେ ଟିପ ଦେଇ ତାଙ୍କ ଆକାଉଣ୍ଟରେ କଣ କାରବାର ହେଲା ସେନେଇ ଅବଗତ ହୋଇପାରୁନାହାନ୍ତି। ଅନ୍ୟପକ୍ଷେ ବ୍ୟାଙ୍କ ପକ୍ଷରୁ ଗ୍ରାହକଙ୍କୁ ପାସବୁକ ପ୍ରଦାନ କରାଯାଉ ନାହିଁ। ଖାତା ସରିଯାଇଛି। କେବେ ଆସିବ କହିହେବ ନାହିଁ। ପାସ୍ ବୁକ ମିଳିବାକୁ ପ୍ରାୟ ମାସେ ଦେଢମାସ ଲାଗିଯାଇପାରେ ବୋଲି ବ୍ୟାଙ୍କରେ କାର୍ଯ୍ୟରତ କ୍ଲରିକାଲ୍ ମାନେ କହୁଛନ୍ତି। ଲୋକଙ୍କୁ ହଇରାଣ କରିବାର ଏହା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପ୍ରତିଉତ୍ତର କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ବ୍ୟାଙ୍କ ତରଫରୁ ଯୋନ୍ ଆପ୍ ପ୍ଲାଟଫର୍ମ ମାଧ୍ୟମରେ ସମସ୍ତ ସେବା ଗ୍ରାହକଙ୍କ ହାତ ପାଆନ୍ତରେ ପହଞ୍ଚାଯାଉଛି ସତ, କିନ୍ତୁ ଏହା ଉପାନ୍ତ ଆଦିବାସୀ ତଥା ଅଶିକ୍ଷିତ ଲୋକ କିଭଳି ଫାଇଦା ଉଠାଇ ପାରୁଛନ୍ତି ସେ ନେଇ ତର୍ଜମା କରାଯିବା ଜରୁରୀ ବୋଲି ମତ ପ୍ରକାଶ ପାଉଛି।

## ଅଜଣା ରୋଗରେ ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି

ପୋଡ଼ାଗଡ଼, ୨୪।୮ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକ ଫୁଲବଡ଼ା ପଞ୍ଚାୟତର ଓଡ଼ପୁର ଗ୍ରାମରେ ଅଜଣା ରୋଗରେ ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଚଳିତ ମାସ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ରୋଗରେ ଜଣ ପରେ ଜଣେ ମୃତ୍ୟୁବରଣ କରୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ପାଇକ ଫୁଲବେଡା ପଞ୍ଚାୟତ ସ୍ଥିତ ଓଡ଼ପୁର ଗାଁରେ। ଗାଁରେ ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗ ଉପସ୍ଥିତ ରହି ଲୋକଙ୍କୁ ପ୍ରାଥମିକ ଚିକିତ୍ସା କରି ଔଷଧ ଦେଉଛନ୍ତି। ଆଶାକର୍ମୀ ସ୍ୱାସ୍ଥ୍ୟ କର୍ମୀ ଗାଁ ପରିବେଶ ପ୍ରତି ସଚେତନ କରାଇବା ସହ ବ୍ଲିଚିଂ ପାଉଡର ଓ ଆଇରନ ବଟିକା ବ୍ୟବହାର କରିବାକୁ ଲୋକଙ୍କୁ ସଚେତନ କରୁଛନ୍ତି। ୫ ଜଣଙ୍କ ମୃତ୍ୟୁ ପରେ ଗାଁରେ ଶୋକାକୁଳ ପରିସ୍ଥିତି ଲାଗିରହିଥିବା ବେଳେ ଗ୍ରାମବାସୀଙ୍କ ମନରେ ଭୟର ବାତାବରଣ ଲାଗିରହିଛି। କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜରେ ବର୍ତ୍ତମାନ କିଛି ଲୋକ ଚିକିତ୍ସିତ ହେଉଥିବା ବେଳେ କିଛି ଲୋକ ଚିକିତ୍ସିତ ହୋଇ ଗାଁକୁ ଫେରିଛନ୍ତି। ଏକ ଡାକ୍ତରୀ ଦଳ ଗାଁକୁ ଯାଇ ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିବା ସହ ଗ୍ରାମବାସୀଙ୍କ ରକ୍ତ ନମୁନା ସଂଗ୍ରହ କରିଥିବା ଜଣାପଡ଼ିଛି। ଅନ୍ୟ ପକ୍ଷରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଓଡପୁର ଗ୍ରାମ ଗସ୍ତ କରି କ୍ଷତିଗ୍ରସ୍ତ ପରିବାରକୁ ଶାନ୍ତ୍ୱନା ଦେବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ।

## ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଦୃଷ୍ଟି ଦେବାକୁ ଅନୁରୋଧ



ସେମିଲିଗୁଡ଼ା, ୨୪।୮ (ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡା ସହରରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସହ ଶାନ୍ତି ଶୃଙ୍ଖଳା ପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଅନୁରୋଧ କରାଯାଉଛି। ସତ୍ୟ ନଗରରେ ଥିବା ସେଣ୍ଟଜାଭିୟର ବିଦ୍ୟାଳୟର ଦୁଇ ଜଣ ଛାତ୍ର ୨୧ ତାରିଖ ଦିନ ବିଦ୍ୟାଳୟରୁ ଫେରିବା ସମୟରେ ତିନିଜଣ ଅଜଣା ଦୁର୍ବୃତ୍ତ ମୁଖାପିନ୍ଧି ଆସି ଏକ ଘରୋଇ ଅଫିସ ଗଳିରେ ଅପହରଣ ଉଦ୍ୟମ କରିଥିଲେ। ଏହି ସମୟରେ ପିଲାମାନେ ପ୍ରତିରୋଧ କରି ଖସି ଆସିଥିଲେ। ଏହା ଘଟଣା କୁ ନେଇ ୨୨ ତାରିଖ ଅଭିଭାବକଠୁ ଲିଖିତ ଅଭିଯୋଗ ପାଇ ବିଦ୍ୟାଳୟର ସଭାପତି ମନୋରଞ୍ଜନ ପାଢୀ, ଅନ୍ୟତମ ସଦସ୍ୟ ଶିବ ପାଣି, ଅଭିଭାବକ ଶଙ୍କର ପ୍ରଧାନ, ଭାସ୍କର ନାୟକ, ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର ,ବିଦ୍ୟାଳୟର ସଂପାଦିକା ସସ୍ମିତା ନାୟକ ପ୍ରମୁଖ ସୁନାବେଡା ଥାନାରେ ଅଭିଯୋଗ ଦେଇଥିଲେ। ଏଏସଆଇ ରଥ ଅଭିଯୋଗ ଗ୍ରହଣ କରିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ତଦନ୍ତ ଆରମ୍ଭ ହୋଇ ନାହିଁ। ଏହି ଅଭିଯୋଗ ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଅଭିଭାବକ ମାନଙ୍କୁ ଡାକି ଏକ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ରବିବାର ବିଦ୍ୟାଳୟର କର୍ତ୍ତୃପକ୍ଷ ଓ ଅଭିଭାବକ ମାନେ ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣାକୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସହରର ଛାତ୍ରଛାତ୍ରୀଙ୍କ ସୁରକ୍ଷା ସହ ସହରର ଶାନ୍ତି ଶୃଙ୍ଖଳା ପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାପାଇଁ ଅନୁରୋଧ କରିଥିଲେ। ସେହିପରି ସହରରେ ସି ସି କ୍ୟାମେରା ଲଗାଇବା ପାଇଁ ଦାବି କରିଥିଲେ।

# ଏସ୍‌ପିଙ୍କ ସ୍ୱତନ୍ତ୍ର କାରାଗାର ପରିଦର୍ଶନ

ଜୟପୁର, ୨୪।୮ (ସମସି):

ଜୟପୁର ସ୍ୱତନ୍ତ୍ର କାରାଗାରକୁ କୋରାପୁଟ ଜିଲ୍ଲା ଏସ୍‌ପି ପରିଦର୍ଶନ କରିବା ସହିତ ବିଭିନ୍ନ ବିଷୟର ଯାଞ୍ଚ କରିଥିଲେ। ଆଜି ପୂର୍ବାହ୍ନରେ ଏସ୍‌ପି ରୋହିତ ବର୍ମା ସ୍ଥାନୀୟ ସ୍ୱତନ୍ତ୍ର କରାଗାରରେ ପହଞ୍ଚି ଅନ୍ତେବାସୀ ମାନଙ୍କ ରହିବା ଏବଂ ବାହାର ଲୋକଙ୍କ ସହିତ ସମ୍ପର୍କ ରହୁଛି ନା ନାହିଁ, ଅନ୍ତେବାସୀମାନେ ଜେଲ ଭିତରେ ରହିବା ପରିବେଶକୁ ପରିଦର୍ଶନ ବେଳେ ବୁଲି ଦେଖିଲେ। ସ୍ଥାନୀୟ ଟାଉନଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମଙ୍କ ଉପସ୍ଥିତିରେ ସୂଚନାଦେଇ କହିଛନ୍ତି ଯେ, ପ୍ରତିମାସରେ ଏସ୍‌ପି କିମ୍ବା ତାଙ୍କ ପ୍ରତିନିଧ କାରାଗାର ବୁଲିବାର କାର୍ଯ୍ୟକ୍ରମ ରହିଛି। କେଉଁ କେଉଁ ଅଭିଯୁକ୍ତ ମାନେ ଜାମିନରେ ବାହାରିଛନ୍ତି ଏବଂ ସେମାନଙ୍କ ବର୍ତ୍ତମାନ ସ୍ଥିତିକୁ ନେଇ ମଧ ଟାଉନଥାନା ଏବଂ ସଦରଥାନା ଅଧିକାରୀଙ୍କ ଠାରୁ ସମ୍ପୂର୍ଣ୍ଣ ବିବରଣୀ ଗ୍ରହଣ କରିଥିଲେ। ବିଭିନ୍ନ ମାମଲାରେ ରହିଥିବା ଅପରାଧି ମାନେ ଜେଲରୁ ମୁକୁଳିବା ପରେ ସେମାନେ କିଭଳି ସମାଜରେ ସାମିଲ ହୋଇ ଉପଯୁକ୍ତ ରାସ୍ତାରେ ପରିଚାଳିତ ହେବେ, ସେଥିନେଇ ମଧ ପଦକ୍ଷପ ଗ୍ରହଣ କରାଯାଉଛି ବୋଲି କହିଥିଲେ। ଗତ ମାସରେ ଅପରାଧି ଓ ଗଞ୍ଜେଇ ମାଫିଆଙ୍କ ବିରୁଦ୍ଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା



ସହ ଆଗାମୀ ଦିନରେ ମଧ ଏହାକୁ କଡାକଡି ପାଳନ କରାଯିବ ବୋଲି କହିଛନ୍ତି। ଦାଦାବଟି ଆଦାୟ କରୁଥିବା ଅପରାଧି, ମୋବାଇଲ, ବାଇକ ଲୁଟେରାଙ୍କ ବିରୋଧରେ ଦୃଢ଼ ପଦକ୍ଷପ ଗ୍ରହଣ କରାଯାଇଛି ଏବଂ ଏହା ଜାରୀ ରହିବ। ଉଭୟ ଥାନା ଅଧିନରେ ରହିଥିବା ସାଧାରଣ ଜନତାର କିଭଳି ଶାନ୍ତି ଓ ସୁରକ୍ଷିତ ରହିବେ, ସେଥିପ୍ରତି ଅଧିକ ଧ୍ୟାନ ଦିଆଯାଉଛି। ସାଧାରଣଲୋକଙ୍କ ମଧ ପୁଲିସକୁ ସମସ୍ତ କ୍ଷେତ୍ରରେ ସହାୟତା କାମନା କରିଥିଲେ। କାରାଗାର ପରିଦର୍ଶନ ସମୟରେ ଜେଲରେ କୌଣସି ନିଶା ଦ୍ରବ୍ୟ, କିଛି ପାନ ଗୁଟଖା ଜବତ କରଯାଇ ନାହିଁ। ଜୟପୁର ଏସଡିପିଓ ଏବଂ ଉଭୟ ଥାନା ଅଧିକାରୀ ପୁଲିସ ଦଳକୁ ନେଇ ଅଚାନକ ସ୍ୱତନ୍ତ୍ର ଜେଲ ଉପରେ ଚଢ଼ଉ କରାଯାଇ ଯାଞ୍ଚ କରାଯାଇଥିଲା। ସହରରେ ବାହାରୁ ଆସୁଥିବା ଲୋକଙ୍କ ମାନଙ୍କ ସମ୍ପୂର୍ଣ୍ଣ ସୂଚନା ଆଦାୟ ନେଇ ଘର ଭଡା ଦେଇଥିବା ଘର ମାଲିକ ମାନେ ପୁଲିସକୁ ସମସ୍ତ ବିଷୟ ନେଇ ଜଣାଇବା ସହ ଆଧାର କାର୍ଡ ପ୍ରଦାନ କରନ୍ତୁ ବୋଲି ଏସ୍‌ପି ଶ୍ରୀ ବର୍ମା ଆହ୍ୱାନ ଦେଇଥିଲେ। ଆଗାମୀ ଗଣେଶ ପୂଜା ଓ ଦଶହରାରେ ସହର ଏବଂ ଆଖପାଖ ଗ୍ରାମାଞ୍ଚଳରେ ଶାନ୍ତି ଶୃଙ୍ଖଳାରେ ପାଳନ ହେବ। ସେଥିପ୍ରତି ପୁଲିସ ଦଳ ସଜାଗ ରହିଛନ୍ତି। ପ୍ରଶାସନର ସହାୟତାରେ ପୁଲିସ ପକ୍ଷରୁ ଟ୍ରାଫିକ ଏବଂ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### କୋରାପୁଟ ବଜାରରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ମୂର୍ତ୍ତି

# ହାତବାନ୍ଧି ବସିଛନ୍ତି ମୃଣ୍ମୟ ମୂର୍ତ୍ତି କାରିଗର

କୋରାପୁଟ, ୨୪।୮ (ସମିସ): ଆସୁଛି ପାର୍ବଣ ଋତୁ। ଚଳଚଞ୍ଚଳ ହୋଇଉଠିଛି କୋରାପୁଟ ସହର। ପାର୍ବଣ ଋତୁର ପ୍ରଥମ ପୂଜା ଶ୍ରୀଗଣେଶ ପୂଜାରେ ସୁସଜ୍ଜିତ ଆକର୍ଷଣୀୟ ତୋରଣରେ ସଜେଇ ହେବ କୋରାପୁଟ ସହର। କେଉଁଠି ଷୋଡ଼ଶ ଗଣପତି ତ ଆଉ କେଉଁଠି ବାଲ ଗଣପତିଙ୍କୁ ନେଇ କୋରାପୁଟ ଶ୍ରୀଗଣେଶ ପୂଜା ଧୁମ୍‌ଧାମରେ ପାଳିତ ହେବ। କିନ୍ତୁ ଏବେ ତିଆରି ହେଉନି ମାଟିର ମୂର୍ତ୍ତୀ। କବଜା କରିନେଇଛି ଆନ୍ଧ୍ରରୁ ଆସୁଥିବା ପ୍ଲାଷ୍ଟର ଅଫ୍ ପ୍ୟାରିସର ମୂର୍ତ୍ତୀ। କାରିଗର ହାତବାନ୍ଧୀ ବସିଥିବା ବେଳେ ପ୍ରଶାସନ ସବୁଜାଣି ଅଜଣା। ପ୍ଲାଷ୍ଟର ଅଫ୍ ପ୍ୟାରିସ ମୂର୍ତ୍ତି ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ବୋଲି ବୃଦ୍ଧିଜୀବି କହିଛନ୍ତି। ପାର୍ବଣର ରୁତୁ ଆସିଲେ କାରିଗରଙ୍କ ପୂରା ପରିବାର ୨ମାସ ଧରି ଲାଗିପଡନ୍ତି ମୃଣ୍ମୟୀ ମୂର୍ତ୍ତି ତିଆରିରେ। ଏଥିରୁ ଉପାର୍ଜିତ ଧନ ବର୍ଷକର ଖର୍ଚ୍ଚ ତୁଲାଉଥିଲେ। ହେଲେ ବର୍ତ୍ତମାନ ପରିସ୍ଥିତି ଏଭଳି ହେଇଛି ଯେ, ପ୍ଲାଷ୍ଟର ଅଫ୍ ପ୍ୟାରିସର କବଜାରେ ଘାଇଲା ହୋଇଛନ୍ତି କାରିଗର। ସେପଟେ ପ୍ଲାଷ୍ଟରଅଫ୍ ପ୍ୟାରିସ ମୂର୍ତ୍ତି ନେଇ ପରିବେଶ ପ୍ରତି ବିପଦ ରହିଛି ବୋଲି ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି। ଅନ୍ୟପଟେ ମାଲମାଲ ପ୍ଲାଷ୍ଟର ଅଫ୍ ପ୍ୟାରିସର ୪ ଇଞ୍ଚରୁ ୪ଫୁଟ ମୂର୍ତ୍ତୀ ୧୦୦ଟଙ୍କାରୁ ଆରମ୍ଭ କରି ୪୦ ହଜାର ଟଙ୍କା ଯାଏଁ ମିଳୁଛି। ସବୁଜାଣି ପ୍ରଶାସନ ଚୁପ। କୋରାପୁଟ ଜିଲ୍ଲାରେ କାଁ ଭାଁ କିଛି ଲୋକ ପରମ୍ପରାକୁ



### ଚିନ୍ତା ପ୍ରକଟ କଲେ ବୁଦ୍ଧିଜୀବୀ

ବିଶ୍ୱାସ କରି କିମ୍ବା ପରିବେଶ ,ଜଳ ପ୍ରଦୂଷଣକୁ ଦୃଷ୍ଟିରେ ରଖି ମାଟି ମୂର୍ତ୍ତି ପୂଜା କରୁଥିବା ବେଳେ ଏବେ ବଜାରରେ ପ୍ଲାଷ୍ଟର ଅଫ୍ ପ୍ୟାରିସର ମୂର୍ତ୍ତି ଛାଇ ଗଲାଣି। ମାଟି ମୂର୍ତ୍ତି ଭାଙ୍ଗିବାର ଭୟ ରହୁଥିବା ବେଳେ ପ୍ଲାଷ୍ଟର ଅଫ୍ ପ୍ୟାରିସର ମୂର୍ତ୍ତି, ସୁନ୍ଦର ସାଙ୍ଗକୁ ନେବା ଆଣିବା ସମୟରର ଭାଙ୍ଗିବାର ଭୟ ନ ଥାଏ। ତାହା ଛାଞ୍ଚ ଦ୍ୱାରା ଗଢ଼ା ଯାଇଥିବାରୁ ସୌନ୍ଦର୍ଯ୍ୟ ଦୁଇ ଗୁଣ ବଢ଼ିଯାଇଥାଏ। ମାଟି ମୂର୍ତ୍ତି ଠାରୁ କମ୍ ଦର ହୋଇଥିବାରୁ ଲୋକେ ପ୍ଲାଷ୍ଟର ଅଫ୍ ପ୍ୟାରିସ ମୂର୍ତ୍ତି ପ୍ରତି ଅଧିକ ଆକୃଷ୍ଟ ହୋଇ କିଣି ଥାଆନ୍ତି। ଆଉ ପୂଜାକୁ ନେଇ ପଣ୍ଡିତ ବି ଅସନ୍ତୋଷ। ବୈଦିକ ରିତିନୀତିକୁ ଅଣଦେଖା କରି ଭିନ୍ନ ଭିନ୍ନ ବିକୃତ ଶୈଳୀର ମୂର୍ତ୍ତି ପୂଜା ପାଉଛନ୍ତି। ମାଟିକୁ ମା' ହିସାବରେ ମାନି ଜୀବଦାନ କରି ପୂଜା ସହ ଆର୍ଶିବାଦ ନେଇ ବିସର୍ଜନ କରାଯାଏ। ଯାହାକି କେବଳ ମୃଣ୍ମୟ ମୂର୍ତ୍ତୀରୁ ହିଁ ହୋଇପାରିବ ବୋଲି ପୂଜକ ରମେଶ କୁମାର ଶତପଥି କହିଛନ୍ତି। ବାକି ଅନ୍ୟ କୌଣସି ମୂର୍ତ୍ତୀ ପୂଜାଯୋଗ୍ୟ ନୁହେଁ ବୋଲି ସେ କହିଛନ୍ତି। କିନ୍ତୁ ଯେପରି ଭାବେ ସହରରେ ଏହି ମୂର୍ତ୍ତୀ ବିକ୍ରୀ ହେଉଛି ତାକୁ ଗୋଟିଏ ଦିନ ପରେ ଗଣେଶ ଚତୁର୍ଥୀ। ଘରେ ଘରେ ପୂଜା ପାଇବେ ବିଘ୍ନନାଶକ। କିନ୍ତୁ ଯେଉଁ କାରିଗର ମୂର୍ତ୍ତୀ ଗଢି ନିଜର ପରିବାର ପ୍ରତିପୋଷଣ କରୁଥିଲେ,ସେଇ ମୂର୍ତ୍ତୀ କାରିଗରଙ୍କ ଆଖିରେ ଲୁହ। ବିଭିନ୍ନ ସୂତ୍ରରୁ ବିଶେଷ କରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠିଙ୍କ ସହଯୋଗରେ କରଜ କରି ମୂର୍ତ୍ତୀ ନିର୍ମାଣରେ ଅର୍ଥ ବିନିଯୋଗ କରିଥିବା ଅଧିକାଂଶ ମୂର୍ତ୍ତୀ କାରିଗର କେବଳ ଅନାଇ ବସିଛନ୍ତି ଗ୍ରାହକଙ୍କୁ। ପ୍ରସ୍ତୁତ ମାଟି ମୂର୍ତ୍ତୀ ବିକ୍ରୀ ହେବ କି ନାହିଁ ସେମାନେ ସନ୍ଦେହ ମଧ୍ୟରେ ଅଛନ୍ତି। ଏନେଇ ମୃଣ୍ମୟୀ ମୂର୍ତ୍ତୀ କାରିଗର ଶ୍ରୀ ରଣା କହିଛନ୍ତି ପୂର୍ବ ବର୍ଷ ମାନଙ୍କରେ ଆମେ ୧୦୦ ରୁ ୨୦୦ ମୂର୍ତ୍ତୀ ମାଟିରେ ତିଆରି କରୁଥିଲୁ। ଯାହା କରିବା ପାଇଁ ଆମକୁ ୨ ମାସ ସମୟ ଲାଗିବା ସହିତ ୫ଜଣ କର୍ମଚାରୀ ମଧ ଆବଶ୍ୟକ ପଡୁଥିଲା। ଚଳିତ ବର୍ଷ ମାତ୍ର ୩୦ ଟି ମୂର୍ତ୍ତୀ କରିବା ପାଇଁ ଅଗ୍ରୀମ ଆସିଛି। ବଜାରରେ ଯେପରି ପ୍ଲାଷ୍ଟର ଅଫ୍ ପ୍ୟାରିସ ମୂର୍ତ୍ତୀର ଚାହିଦା ବଢୁଛି, ଆଗାମୀ ଦିନରେ କେତେବେଳେ ଆମ ବେଉସା ବୁଡିଯିବ ବୋଲି ସେ କହିଛନ୍ତି।

## ଗଣେଶ ପୂଜା ନେଇ ଚଳଚଞ୍ଚଳ ଉମରକୋଟ

ଉମରକୋଟ ୨୪।୮ (ସମିସ)। ଆସୁଛନ୍ତି ଗଜାନନ। ଗଣେଶ ପୂଜା ପାଇଁ ଚଳଚଞ୍ଚଳ ଗାଁଠୁ ସହର। ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦର ବିଭିନ୍ନ ମଣ୍ଡପରେ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର। ସୁଉଚ୍ଚ ମୂର୍ତ୍ତି ସହ ଭଜନ ସନ୍ଧ୍ୟାର ବ୍ୟବସ୍ଥା ରହିଛି। ଗଜାନନଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତ ଭକ୍ତ। ଗଣେଶ ମୂର୍ତ୍ତି କିଣିବାକୁ ବଜାରରେ ଗହଳି। ପାଖେଇ ଆସୁଛି ଗଣେଶ ପୂଜା। ସଜେଇହେଉଛି ପୂଜା ବଜାର। ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦର ବିଭିନ୍ନ ମଣ୍ଡପର କାରିଗର ମାନେ ଦିନ ରାତି ଏକ କରି ମୂର୍ତ୍ତି ଗଢିବାରେ ଲାଗିଛନ୍ତି। ମୂର୍ତ୍ତି ଗୁଡିକ ୮ରୁ ୧୬ ଫୁଟ ଉଚ୍ଚତା ବିଶିଷ୍ଟ। କାରିଗର କହିଛନ୍ତି ବିଶେଷ ଲାଭ ହେଉନଥିଲେ ସୁଦ୍ଧା କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ମୂର୍ତ୍ତି ଗଢୁଛୁ। ପ୍ରତି ସାହିରେ ଯୁବ ଗୋଷ୍ଠୀଙ୍କ ଦ୍ୱାରା ଗଣେଶଙ୍କ ମୂର୍ତ୍ତି ରଖି ବହୁ ଧୁମଧାମରେ ପୂଜାର୍ଚ୍ଚନା ହୋଇଥାଏ। ଗଣେଶ ପୂଜା ପାଇଁ ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦର ଗୋପବନ୍ଧୁ ଛକର ପୂଜା କମିଟି



ତରଫରୁ ଗଢା ହୋଇଛି ମୂର୍ତ୍ତି। ଲକ୍ଷ ଲକ୍ଷ ବ୍ୟୟରେ ଚଳିତ ବର୍ଷ ଏକ ବିରାଟ ପେଣ୍ଡାଲ କରି ୧୬ ଫୁଟର ଗଜାନନଙ୍କ ମୂର୍ତ୍ତି ହୋଇଛି। ଏହି ମୂର୍ତ୍ତି ଗଢିବା ପାଇଁ ମାଲକାନଗିରି ଜିଲ୍ଲାରୁ କାରିଗର ଆସିଥାନ୍ତି। ଚଳିତ ବର୍ଷ ବିଶେଷ ଆକର୍ଷଣରେ ଭକ୍ତଙ୍କ ମନୋରଞ୍ଜନ ସକାଶେ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ଓ ଅନ୍ନଭୋଗର କାର୍ଯ୍ୟକ୍ରମ ରହିଛି। ଗତ ୧୨ ବର୍ଷ ହେବ ଏଠାରେ ଗଣେଶ ପୂଜା ଚାଲିଛି। ଏହି ପୂଜା ଦେଖିବାକୁ ଲୋକଙ୍କ ଆଗ୍ରହ ରହିଛି।

## ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ଜୟନ୍ତୀ

**ବାରିପଦା, ୨୪।୮ (ସମିସ):** ବିଶିଷ୍ଟ ସର୍ବୋଦୟ ନେତା ସ୍ୱର୍ଗତଃ ପ୍ରଶାନ୍ତ ମହାନ୍ତିଙ୍କ ୮୫ତମ ଜୟନ୍ତୀ ଉତ୍ସବ ଓଡ଼ିଆ ଜାଗରଣ ମଞ୍ଚ, ମୟୂରଭଞ୍ଜ କଲେଜ ଅଫ ଆକାଉଟାନସି ଆଣ୍ଡ ମ୍ୟାନେଜମେଣ୍ଟ ଏବଂ ବିନୋବା ସ୍ମାରକ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏମସିଏଏମ କଲେଜ ପରିସରରେ ପାଳିତ ହୋଇଯାଇଛି। ସାମ୍ବାଦିକ ଦୀପକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ତଥା ପ୍ରଶାନ୍ତ ମହାନ୍ତିଙ୍କ ସହକର୍ମୀ ଶରତ ଚନ୍ଦ୍ର ନାୟକ, ଏମସିଏଏମର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସାମ୍ବାଦିକ ସୟେଦ ସିରାଜୁଦ୍ଦିନ, କଲେଜର ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଭିପ୍ସା ନାୟକ, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ରୁପାମଞ୍ଜରୀ ବେହେରା ପ୍ରମୁଖ ଭାବରେ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କର ସ୍ମୃତି ଚାରଣ କରି ସନ୍ଥ ବିନୋବାଙ୍କର ଭୂଦାନ ଆନ୍ଦୋଳନରେ ପ୍ରଶାନ୍ତ ମହାନ୍ତିଙ୍କର ତ୍ୟାଗପୂତ କର୍ମଧାରା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସହିତ କଲେଜର ଛାତ୍ରଛାତ୍ରୀ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କର ସ୍ମୃତିଚାରଣ କରିଥିଲେ।

## ଆର୍‌ଡିଏସ୍ ଡିଗ୍ରୀ କଲେଜରେ ଇନୋଭେସନ୍ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ

ଉଦଳା, ୨୪।୮ (ସମିସ): କୁଣ୍ଡାବାଇ ସ୍ଥିତ ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଇନୋଭେସନ୍ ଏବଂ ଷ୍ଟାର୍ଟଅପ୍ ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଅଧ୍ୟକ୍ଷ ପ୍ରତିଯୋଗୀଙ୍କୁ ନୂତନ ଷ୍ଟାର୍ଟଅପ୍ ବ୍ୟବସାୟ ଧାରଣା ବିଷୟରେ ମତ ଉପସ୍ଥାପନ କରିଥିଲେ। ମୁଖ୍ୟ ରିସୋର୍ସପର୍ସନ ଭାବେ ଶ୍ରୀନିବାସ ଡିଗ୍ରୀ କଲେଜ, ମଙ୍ଗଳପୁର, ବାଲେଶ୍ୱରର ଅଧ୍ୟକ୍ଷ ପ୍ରଫେସର ଡ. ସୁରେନ୍ଦ୍ର କୁମାର ବିଶ୍ୱାଳ, ଅନ୍ୟତମ ରିସୋର୍ସ ପର୍ସନ ଭାବେ ମୟୂରଭଞ୍ଜ ବେକେରୀ ଉଦ୍ୟୋଗର କଲ୍ୟାଣ କୁମାର ହାତୀ ଏବଂ ଲାଇଭଷ୍ଟକ୍ ଇନ୍ସପେକ୍ଟର ଏସ୍‌ଡିଭିଓ, ଉଦଳା ଦେବାଶିଷ ରାଜ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଇନୋଭେସନ୍ ଏବଂ ଷ୍ଟାର୍ଟଅପ୍ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀ ନିଜେ ପ୍ରସ୍ତୁତ କରିଥିବା ଷ୍ଟାର୍ଟଅପ୍ ପ୍ଲାନ୍ ବିଷୟରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଚୟନ କର୍ତ୍ତାମାନେ ୨୦ ଗୋଟି ପ୍ଲାନ୍ ମଧ୍ୟରୁ ସର୍ବଶ୍ରେଷ୍ଠ ତିନିଟି ଷ୍ଟାର୍ଟଅପ୍ ପ୍ଲାନକୁ ଚୟନ କରି ପ୍ରଥମ, ଦିତୀୟ, ତୃତୀୟ କରିଥିଲେ। ପ୍ରତିଯୋଗିତାରେ ସ୍ନାତୋକୋତ୍ତର ଛାତ୍ର ଅନୁପମ ପ୍ରଧାନ ପ୍ରଥମ, ସୁଶ୍ରୀ ଅଭିପ୍ସା ମହାପାତ୍ର ଦିତୀୟ ଏବଂ କରିସ୍ମା ବେହେରା ତୃତୀୟ ହୋଇ ବିଶ୍ୱବିଦ୍ୟାଳୟ ସ୍ତରକୁ ମନୋନୀତ ହେବାସହ ମଞ୍ଚାସୀନ ଅତିଥି ମାନଙ୍କ ଠାରୁ ମାନପତ୍ର ଓ ଅର୍ଥରାଶି ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଗଣିତ ବିଭାଗର ଅଧ୍ୟାପକ ଦେବେନ୍ଦ୍ର ରାଉତ ଓ ସହଯୋଗୀ ଭାବେ ପ୍ରାଣୀବିଜ୍ଞାନ ଅଧ୍ୟାପକ ସୁବ୍ରତ ବେହେରା ପରିଚାଳନା କରିଥିବା ବେଳେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଅଧ୍ୟାପକ, ଅଧ୍ୟାପିକା ଓ ଅଣକର୍ମଚାରୀ ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ବଢୁଛି ମୟୂରଭଞ୍ଜର ନଦୀର ଜଳସ୍ତର

ବାରିପଦା, ୨୪।୮ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ପ୍ରବାହିତ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, କାଳ, ଦେଓ, ଜମ୍ବୀରା ଓ ଗଙ୍ଗାହାର ନଦୀରେ ବନ୍ୟାଜଳ ବଢ଼ିବାରେ ଲାଗିଛି। ଝାଡ଼ଖଣ୍ଡର ଗାଲୁଡିହୀ ଡ୍ୟାମର ଗେଟ୍ ଖୋଲାଯାଇଥିବାରୁ ସୁବର୍ଣ୍ଣରେଖା ନଦୀରେ ଜଳପତନ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ସେହିପରି କପ୍ତିପଦା ବ୍ଲକ ଅଧୀନ କାଳ ଡ୍ୟାମରେ ଜଳସ୍ତର ବୃଦ୍ଧି ପାଇବାରୁ ଗୋଟିଏ ଗେଟକୁ ଖୋଲାଯାଇଛି। ଫଳରେ ତଳି ଅଞ୍ଚଳରେ ବନ୍ୟାଜଳ ମାଡ଼ିବାର ସମ୍ଭାବନା ଦେଖାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ସହ ପରିସ୍ଥିତିର ମୁକାବିଲା ପାଇଁ ସତର୍କ ଦୃଷ୍ଟି ରଖାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ରହିଛନ୍ତି। ବନ୍ୟାଜଳ ବୃଦ୍ଧିକୁ ନଜରରେ ରଖି କପ୍ତିପଦାର କାଳ ଡ୍ୟାମର ଗୋଟିଏ ଗେଟ ଖୋଲାଯାଇଥିବା ବେଳେ ହଳଦିଆ ଡ୍ୟାମରୁ ମଧ୍ୟ ଗୋଟିଏ ଗେଟ ଖୋଲାଯାଇଛି। କାଳ ଡ୍ୟାମରେ ଜଳଧାରଣ କ୍ଷମତା ୭୭.୭ମିଟର ଥିବା ବେଳେ ବିପଦ ସଙ୍କେତ ଛୁଇଁବାରୁ କର୍ତ୍ତୃପକ୍ଷ ଗୋଟିଏ ଗେଟ୍‌କୁ ରବିବାର ଖୋଲିଛନ୍ତି। ପ୍ରତି ସେକେଣ୍ଡରେ ୮୨କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୮୪ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ସେହିପରି ହଳଦିଆ ଡ୍ୟାମରୁ ୪କ୍ୟୁସେକ ପାଣି ନିଷ୍କାସନ ହେଉଛି। ଅପରପକ୍ଷରେ ଝାଡ଼ଖଣ୍ଡର ଗାଲୁଡିହୀ ଡ୍ୟାମରୁ ଅଧିକ ପାଣି ଛଡାଯାଉଥିବାରୁ ସୋମବାର ସକାଳ ସୁଦ୍ଧା ସୁବର୍ଣ୍ଣରେଖାରେ ବନ୍ୟାଜଳ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଇଛି। ସ୍ଥିତିକୁ ନେଇ ସାରସକଣା ବ୍ଲକର ନେଦାମ ଓ ରାସଗୋବିନ୍ଦପୁର ବ୍ଲକର ଟିକାୟତପୁର ଗ୍ରାମ ପ୍ରତି ସତର୍କ ଦୃଷ୍ଟି ରଖାଯାଇଛି। ତଳି ଅଞ୍ଚଳର ଲୋକମାନଙ୍କୁ ସ୍ଥାନାନ୍ତର କରାଯିବା ସହ ସେମାନଙ୍କ ପାଇଁ ଶୁଖିଲା ଓ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



**କାଳ ଓ ହଳଦିଆ ଡ୍ୟାମ୍‌ରୁ ଛଡ଼ାଗଲା ପାଣି**

## ବୁଡ଼ିଲା ଏକର ଏକର ଚାଷ ଜମି

**ବେତନଟୀ:** ଲଘୁଚାପଜନିତ ଲଗାଣ ବର୍ଷା ପ୍ରଭାବରେ ବେତନଟୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଷ ଜମି ଜଳମଗ୍ନ ହୋଇଛି। ପଟୁଳିପୁରା ଗ୍ରାମ ପଞ୍ଚାୟତର ସିଂଲାମୁଣ୍ଡୁଳିରେ ଥିବା କାଠୁଆକୁଣ୍ଡି ପୋତି ହୋଇଯିବାରୁ ଆଖପାଖ ଅଞ୍ଚଳରୁ ପାଣି ନଦୀକୁ ଯାଇପାରୁ ନାହିଁ। ସୂଚନା ମୁତାବକ କିଛି ଦିନ ପୂର୍ବରୁ ପଟୁଳିପୁରା ପଞ୍ଚାୟତ ଦ୍ୱାରା ଉକ୍ତ ସମସ୍ୟାର ସମାଧାନ ସ୍ୱରୂପ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ଆର୍ଥ ଡ୍ରେନ ଖୋଳା ଯାଇଥିଲା; କିନ୍ତୁ ୬ ମାସ ନପୂରୁଣୁ ତାହା ପୋତି ହୋଇଯାଇଛି। ଫଳରେ ଉକ୍ତ ଅଞ୍ଚଳରେ ବର୍ଷାଜଳ ଏକର ଏକର ଚାଷ ଜମିରେ ମାଡିଯାଇ ଜଳମଗ୍ନ ହୋଇଯାଇଛି। ଯେଉଁ ଚାଷୀମାନେ ୫ରୁ ୭ ଦିନ ତଳେ ରୁଆ ପୋତା କରିଥିଲେ ସେମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଧାନ ବିଲରେ ୨ରୁ ୩ ଫୁଟ ଉଚ୍ଚର ପାଣି ଲହଡ଼ି ମାରୁଥିବା ବେଳେ ବିଲରେ ରୁଆ ଯାଇଥିବା ଧାନ ତଳିଗୁଡିକ ବୁଡ଼ିଯିବାରୁ ପଚି ନଷ୍ଟ ହୋଇଯାଇଛି। ସେହିପରି ସିଂଲାମୁଣ୍ଡୁଳି ଛକଠାରୁ କାଠପାଳ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ମଝିରେ କେଉଁଠାରେ କଲଭର୍ଟ ନଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ନେଇ ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ବସିନ୍ଧା ପ୍ରକାଶ ଲେଙ୍କା, ବ୍ରଜମୋହନ ଲେଙ୍କା, ଅନିରୁଦ୍ଧ ଜେନା ଓ କମଳା ଦେହୁରି ପ୍ରମୁଖ ଦାବି କରିଛନ୍ତି।



## ଘରେ ପଶିଲା ବର୍ଷାଜଳ

**ଖୁଣ୍ଟା:** ଆଦିବାସୀ ଜନଜାତି ଅଧ୍ୟୁଷିତ ଶୁକୁଳି ବ୍ଲକର ବିଭିନ୍ନ ଗ୍ରାମବାସୀ ବର୍ଷାଦିନ ଆସିଲେ ନାନା ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଆସୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ ପ୍ରଶାସନକୁ ଅଭିଯୋଗ କରି ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ନ ପାରିବାରୁ ଗ୍ରାମବାସୀ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସଜବାଜ ହେଲେଣି। ଏପରି ଏକ କରୁଣ ଦୃଶ୍ୟ ଦେଖିବାକୁ ମିଳିଛି ଓଡ଼ିଶାର ପ୍ରସିଦ୍ଧ ଶିଳ୍ପୀ ଗ୍ରାମ କେଶନା ସନ୍ନିକଟ ଘିଖିଲି ଗ୍ରାମରେ। ଗତ ତିନିଦିନଧରି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଘିଖିଲି ଗ୍ରାମର କେତେକ ବାସଗୃହରେ ଆଣ୍ଠୁଏ ବର୍ଷା ଜଳ ଜମି ରହିଥିବା ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ଅଭିଯୋଗ ହେଉଛି, ଆଜକୁ ପ୍ରାୟ ଦୁଇ ବର୍ଷ ତଳେ ରାଜ୍ୟ ସରକାରଙ୍କ ରାସ୍ତା ଓ କୋଠାବାଡି ଡିଭିଜନ, ରାଇରଙ୍ଗପୁର ଅଧୀନରେ ମହାଦେବଦେଉଳି ଠାରୁ ଖୁଣ୍ଟିଯାଏଁ ନିର୍ମିତ ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଏହାର ପାର୍ଶ୍ୱବର୍ତ୍ତୀ ଘିଖିଲି ଗ୍ରାମର ଅନେକ ବାସଗୃହରେ ଅସରାଏ ବର୍ଷାରେ ରାସ୍ତାରୁ ପାଣି ବୋହିଯାଉଥିବାରୁ ଗ୍ରାମବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି। ତେବେ ରାସ୍ତା ନିର୍ମାଣ ସମୟରେ ଗ୍ରାମବାସୀ ଡ୍ରେନେଜ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା ପଦକ୍ଷେପ ନିଆଯାଇନାହିଁ। ଏପରିପ୍ରେକ୍ଷୀରେ ଗ୍ରାମବାସୀଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।



### ମୟୂରଭଞ୍ଜରେ ୟୁରିଆ ସାରର କଳାବଜାର

# ବ୍ୟବସାୟୀ ମାଲେମାଲ; ଚାଷୀ କ୍ଷତିଗ୍ରସ୍ତ

**ବାରିପଦା, ୨୪।୮ (ସମିସ)**

ଧାନର ଏମ୍‌ଏସ୍‌ପି ବୃଦ୍ଧି ଓ ଚଳିତ ବର୍ଷ ସ୍ୱାଭାବିକ ବର୍ଷା ପାଇଁ ମୟୂରଭଞ୍ଜ ଜିଲ୍ଲାରେ ଧାନଚାଷ ପାଇଁ ଚାଷୀଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧି ଘଟିଛି। ତେବେ ବର୍ତ୍ତମାନ ସାରର କଳା ବଜାର ବିକ୍ରି ପାଇଁ ଜିଲ୍ଲାର ଧାନଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ସରକାରଙ୍କ ପକ୍ଷରୁ ଯୋଗାଯାଉଥିବା ସାରର ସଠିକ ବିକ୍ରୟ ଓ କଳାବଜାରରେ ସାର ବିକ୍ରିକୁ ପ୍ରତିହତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଠିତ ଏନଫୋର୍ସମେଣ୍ଟ

**କାମ କରୁନି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ**

ସ୍କ୍ୱାର୍ଡ ସଠିକ କାର୍ଯ୍ୟ କରୁ ନଥିବାରୁ ମୁନାଫାଖୋର ବ୍ୟବସାୟୀଙ୍କ ଠାରୁ ଚାଷୀ ଚଢ଼ାଦରରେ ସିର କିଣିବାକୁ ବାଧ ହେଉଛନ୍ତି। ମୟୂରଭଞ୍ଜର ୨୬ଟି ବ୍ଲକରେ ଜନସଂଖ୍ୟା ୨୭ଲକ୍ଷ ୫୩ହଜାରରୁ ଉର୍ଦ୍ଧ୍ୱ ରହିଥିବା ବେଳେ ୬୦ରୁ ୭୦ପ୍ରତିଶତ ଚାଷ ଉପରେ ନିର୍ଭରଶୀଳ। ଜିଲ୍ଲାରେ ୪ଲକ୍ଷ ୨୨ହଜାର ୨୮୦ହେକ୍ଟର ଜମିରେ ଖରିଫ ଚାଷ ଲକ୍ଷ୍ୟ ଧାର୍ଯ୍ୟରୁ ୨ଲକ୍ଷ ୮୨ହଜାର ୫ଶହ ହେକ୍ଟର ଜମିରେ ଧାନ ଓ ୧ଲକ୍ଷ ୩୯ହଜାର ୭୮୦ହେକ୍ଟର ଜମିରେ ଅଣଧାନ ଚାଷ ହୋଇଛି। ତେବେ ଚଳିତ ବର୍ଷ ସ୍ୱାଭାବିକ ବର୍ଷା ପାଇଁ ଚାଷକାର୍ଯ୍ୟ ପ୍ରାୟତଃ ସରିଛି। ବର୍ତ୍ତମାନ ଚାଷ ପାଇଁ ୟୁରିଆ ସାରର ଚାହିଦା ଅଧିକ ରହିଛି। ସରକାରଙ୍କ ପକ୍ଷରୁ ମାର୍କଫେଡ ଜରିଆରେ ମୟୂରଭଞ୍ଜ ଜିଲ୍ଲାକୁ ଯୋଗାଯାଇଥିବା ୟୁରିଆ ସାର ୫୨ଟି ଲ୍ୟାମ୍ପ ମଧ୍ୟରୁ ୩୫ଟି ଲ୍ୟାମ୍ପ ଜରିଆରେ ସରକାରୀ ଦରରେ ବିକ୍ରି ହେଉଛି। ସୂଚନାନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୪୭୨.୦୯୦ଟନ୍ ୟୁରିଆ ସାର ଜିଲ୍ଲାକୁ ଆସିଥିଲା। ତେବେ ଚାଷୀଙ୍କ ଚାହିଦା ପାଇଁ ସେଗୁଡିକ ଶେଷ ହୋଇଯିବା ପରେ ବଜାରରୁ ଘରୋଇ ସାର ଦୋକାନରୁ ଚାଷୀମାନେ ସାର କିଣିବାକୁ ବାଧ ହେଉଛନ୍ତି। ସରକାରୀ ଦର ୪୫କିଗ୍ରା ସାର ବସ୍ତା ପ୍ରତି ୨୭୦ଟଙ୍କା ଥିବା ବେଳେ ବର୍ତ୍ତମାନ କଳାବଜାରରେ ତାହା ୪୮୦ ଟଙ୍କାରେ ବିକ୍ରି ହେଉଛି ବୋଲି ଅଭିଯୋଗ ହେଉଛି। ତତ୍‌ସହିତ ପ୍ରତି ବସ୍ତାରେ ଏକ ୫୦୦ଗ୍ରାମର ସଲଫର ପ୍ୟାକେଟ ବାଧ୍ୟତାମୂଳକ ବିକ୍ରି କରୁଛନ୍ତି। ଚାଷ ସମୟ ଅତିକ୍ରାନ୍ତ ପୂର୍ବରୁ ସାର ପ୍ରୟୋଗ ଜରୁରୀ ଥିବାରୁ ଚଢ଼ାଦରରେ ସାର କିଣିବାକୁ ବାଧ ହେଉଛୁ ବୋଲି ବଡ଼ସାହି ବ୍ଲକ ମାଣତ୍ରୀ ଗ୍ରାମର ଅଗ୍ରଣୀ ଚାଷୀ ସୁରେଶ ଚନ୍ଦ୍ର ପତି କହିଛନ୍ତି। ତେବେ ସାର ବିକ୍ରିର ସୁପରିଚାଳନା ଓ କଳାବଜାର ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଠିତ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଏପର୍ଯ୍ୟନ୍ତ ପଦକ୍ଷେପ ଗ୍ରହଣ କରିନାହିଁ। ଦୁଇ ପ୍ରକାରର ସ୍କ୍ୱାର୍ଡ ମଧ୍ୟରୁ ଜିଲ୍ଲାସ୍ତରୀୟ ସ୍କ୍ୱାର୍ଡରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଧ୍ୟକ୍ଷ ରହିଥିବା ବେଳେ ବାରିପଦା ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବାରିପଦା ଓ ବେତନଟୀ କୃଷି ଜିଲ୍ଲା ଅଧିକାରୀ ଓ ସମ୍ପୃକ୍ତ ବ୍ଲକର କୃଷି ଅଧିକାରୀ, ଅତିରିକ୍ତ କୃଷି ଅଧିକାରୀ ତଥା କୃଷି ନୀରିକ୍ଷକ ଓ ଥାନା ଅଧିକାରୀ ସଦସ୍ୟ ରହିଛନ୍ତି। ସେହିପରି ବ୍ଲକସ୍ତରୀୟ ସ୍କ୍ୱାର୍ଡରେ ସମ୍ପୃକ୍ତ ତହସିଲଦାର ଅଧ୍ୟକ୍ଷ ଥିବା ବେଳେ ସେହି ବ୍ଲକର କୃଷି ଅଧିକାରୀ, ଅତିରିକ୍ତ କୃଷି ଅଧିକାରୀ ତଥା କୃଷି ନୀରିକ୍ଷକ ଓ ଥାନା ଅଧିକାରୀ ସଦସ୍ୟ ରହିଛନ୍ତି। ଏହା କୁନରୁ ଗଠନ ହୋଇଥିଲେ ହେଁ ତାହା କେବଳ କାଗଜପତ୍ରରେ ସୀମିତ ରହିଛି ବୋଲି ଅଭିଯୋଗ ହେଉଛି। ଫଳରେ ସାର ବ୍ୟବସାୟୀ ମାଲେମାଲ ହେଉଥିବା ବେଳେ ଚାଷୀ କ୍ଷତିଗ୍ରସ୍ତ ହେଉଛି। ଅପରପକ୍ଷରେ ମାକ୍ରଫେଡ ପକ୍ଷରୁ ଜିଲ୍ଲାକୁ ନାନୋ ଡିଏପି ୪୨୦.୦୦ଲିଟର ଆସିଥିଲେ ହେଁ ସଚେତନତା ଅଭାବରୁ ଚାଷୀ ସେଗୁଡିକ କିଣୁନାହାନ୍ତି। ପରିବର୍ଦ୍ଧିତ କୃଷିକୌଶଳ ଅନୁସାରେ ସ୍ୱଳ୍ପ ଖର୍ଚ୍ଚରେ ନାନୋ ସାର ବ୍ୟବହାର ମାଟିର ଉର୍ବତାକୁ ଦୀର୍ଘସ୍ଥାୟୀ ଓ ଅଧିକ ଅମଳକ୍ଷମ କରୁଥିଲେ ହେଁ ଜିଲ୍ଲାର ଚାଷୀ ତାର ବ୍ୟବହାର କରୁନାହାନ୍ତି। ଏହାକୁ ପାଣିରେ ଗୋଳାଇ ସ୍ପ୍ରେ କରାଯାଉଥିବାରୁ ଅନେକ ଆଗ୍ରହ ଦେଖାଉ ନାହାନ୍ତି ବୋଲି ଜନୈକ ଲ୍ୟାମ୍ପ ଏମ୍‌ଡି କହିଛନ୍ତି। କୃଷିବିଭାଗ ପକ୍ଷରୁ ଏଥିପାଇଁ ଦୃଷ୍ଟି ଦେବା ଜରୁରୀ। ତତ୍‌ସହିତ ଲ୍ୟାମ୍ପ ମାନଙ୍କୁ ଅଧିକ ସାର ଯୋଗାଣ ପାଇଁ ବେତନଟୀ ବ୍ଲକର ଅଗ୍ରଣୀ ଚାଷୀ ପୁରଷୋତ୍ତମ ପଣ୍ଡା କହିଛନ୍ତି।



## ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

କୁଆମରା, ୨୪।୮ (ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ୫ ଅବସରପ୍ରାପ୍ତ ଶିକ୍ଷକ ତଥା ଜଣେ ଚତୁର୍ଥ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନୂତନ ସିଆରସିସି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଦାୟକାଳୀନ ସଭାରେ ରିଜିଓନାଲ ଏକାଡେମୀର ପ୍ରଧାନଶିକ୍ଷୟିତ୍ରୀ ଭାସ୍ୱତୀ ସିଟ୍ ଯୋଗଦେଇ ସକରାତ୍ମକ ଚିନ୍ତାରେ କାର୍ଯ୍ୟକଲେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳେ ବୋଲି ମତବ୍ୟକ୍ତ କରିଥିଲେ। ଏଅବସରରେ ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର, ସରୋଜ କୁମାର ମହାପାତ୍ର, ପ୍ରଭାତ କୁମାର ମହାପାତ୍ର, ହେମନ୍ତ କୁମାର ଜେନା, ଗଙ୍ଗାଧର ସିଂ ଓ ଚତୁର୍ଥ କର୍ମଚାରୀ ଦେବାନନ୍ଦ ବେହେରାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ତତ୍ ସହିତ ୧୫ ନୂତନ ଶିକ୍ଷକଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଶିକ୍ଷକ ରାଜୀବ ମହାପାତ୍ର, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳକଣ୍ଠ ବିନ୍ଧାଣୀ ଓ ପୂର୍ବତନ ସିଆରସିସି ଆଶିଷ କୁମାର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।


ବହୁ ପୁରାତନ ଧାର୍ମିକ, ଐତିହ୍ୟ ସମ୍ପନ୍ନ ତଥା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀର ଗନ୍ତାଘର ଆମ ମୟୁରଭଞ୍ଜ ରୁ

-କେବେ ଶେଷ ହେବ ଉତ୍କଟ-ବେକାରୀ ସମସ୍ୟା ?

-କେବେ ବଦଳିବ ଦାଦନ-ଶ୍ରମିକଙ୍କ ଭାଗ୍ୟ ?

ଉତ୍ତର- ଭଞ୍ଜସେନା ପକ୍ଷରୁ "ଆନ୍ଦୋଳନ" ନାମକ ସଚେତନତା ଚଳଚିତ୍ର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇ ଏକ ଜନଜାଗରଣ ସୃଷ୍ଟି କରିପାରିଲେ, ନିଶ୍ଚିତଭାବେ ବହୁ ମାତ୍ରାରେ ସମସ୍ୟାର ସମାଧାନ ପାଇଁ ବାଟ ଫିଟିବ।



କଳିଙ୍ଗ କେଶରୀ ଜେନା

ପ୍ରତିଷ୍ଠାତା

ଅଗଷ୍ଟ ୨୪ ତାରିଖ ରବିବାର ଦିନଠାରୁ ଆରମ୍ଭ ହୋଇଛି ଭଞ୍ଜସେନା ଅଫିସିଆଲ YouTube Channel.....

BHANJASENA-A REVOLUTION ରେ

ଦେଖିପାରିବେ ଜନସଚେତନତା ଚଳଚିତ୍ର "ଆନ୍ଦୋଳନ"

ମହାଶୟ/ମହାଶୟା,

ଜାତୀୟ ଉଦ୍ୟାନ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା,ପରିବେଶ ସୁରକ୍ଷା ସହିତ ଜଙ୍ଗଲ ପାହାଡ ପର୍ବତକୁ କୌଣସି ପ୍ରକାରର କ୍ଷତି ନ ପହଞ୍ଚାଇ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଗନ୍ତାଘର ଆମ ମୟୁରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟର (ବାଉଁଶ, ସବାଇ ଘାସ, ଶାଳ ପତ୍ର ଏବଂ ଅନ୍ୟାନ୍ୟ)ଉଚିତ୍ ବ୍ୟବସାୟୀକରଣ ମାଧ୍ୟମରେ ଲକ୍ଷାଧିକ ବେକାର ଯୁବକ ଯୁବତୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ଓ ସ୍ଥାନୀୟ ଅଞ୍ଚଳର କିପରି ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ ସେବାବଦରେ ଦୀର୍ଘବର୍ଷ ଧରି ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ଜନସଚେତନତା ଉଦ୍ଦେଶ୍ୟରେ ନିର୍ମିତ ହୋଇଅଛି "ଆନ୍ଦୋଳନ" ନାମକ ଚଳଚିତ୍ର।

ଏହି ଚଳଚିତ୍ରରେ ଥିବା ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବାକୁ ନିବେଦନ।

ଭଞ୍ଜସେନା

ମୟୂରଭଞ୍ଜର ଜାଗ୍ରତ ପ୍ରହରୀ




ପରିକଳ୍ପନା- କଳିଙ୍ଗ କେଶରୀ ଜେନା ରଚନା - ସୋମନାଥ ସାହୁ ନିର୍ଦ୍ଦେଶନା - ରାଜା ମିଶ୍ର


## ସାମଗ୍ରିକ ବିଦ୍ୟାଳୟ ବିକାଶ ଆଧାରିତ କର୍ମଶାଳା 'ପ୍ରଗତି' ଉଦ୍‌ଯାପିତ

**ଖୁଣ୍ଟା, ୨୪।୮ (ସମିସ):** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ, ବାସିପିଠାରେ ପ୍ରଧାନଶିକ୍ଷକଙ୍କ ବୃତ୍ତିଗତ ପ୍ରଶିକ୍ଷଣ ନିମନ୍ତେ ୩ ଦିନିଆ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି' ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଖୁଣ୍ଟା ବ୍ଲକର ପ୍ରାଥମିକ ବିଦ୍ୟାଳୟର ୫୭ ଜଣ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜର ଶିକ୍ଷକ ପ୍ରଶିକ୍ଷିକା ହରପ୍ରିୟା ନାୟକଙ୍କ ସଂଯୋଜନାରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଦୀପ୍ତା ପାଣି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୃନ୍ଦାବନ ମାର୍ଣ୍ଡି ଓ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣିଙ୍କ ଉପସ୍ଥିତରେ ଏବଂ ସଂଯୋଜକ ତଥା ସାଧନ କର୍ମୀ ହରପ୍ରିୟା ନାୟକ, କବିତା ବେହେରା, ତ୍ରିଲୋଚନ ମହାନ୍ତ, ରଜତ କୁମାର ମହାନ୍ତିଙ୍କ ଦ୍ୱାରା କର୍ମଶାଳାଟି ପରିଚାଳିତ ହୋଇଥିଲା। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅନୋଜ କୁମାର ମହାନ୍ତ ଶିବିର ପରିଚାଳନାରେ ପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲେ। କର୍ମଶାଳାରେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟତ୍ରୀଙ୍କ ବୃତ୍ତିଗତ ବିକାଶ, ଜାତୀୟ ନୀତି ୨୦୨୦ର ପୁନର୍ବଳନ, ସାମଗ୍ରିକ ବିଦ୍ୟାଳୟ ବିକାଶ ପାଇଁ ୭ଟି ପରିସର ଚିହ୍ନଟିକରଣ, ଉପଲବ୍ଧ ସମ୍ବଳର ଆକଳନ ପାଇଁ ସାଧନୀ ପ୍ରସ୍ତୁତିକରଣ, ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ପର୍ଯ୍ୟବେକ୍ଷିତ ହୋଇଥିଲା। ପ୍ରଧାନଶିକ୍ଷକ ବିନୟ କୁମାର ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ।







## ଅବ୍ୟବସ୍ଥାରେ ସାର୍ଡ଼ାଗୁଡ଼ା ପ୍ରାଥମିକ ବିଦ୍ୟାଳୟ

# ଲଟା ବୁଦାରେ ଲୁଚି ଗଲାଣି ସ୍କୁଲ; ପାଳିକରି ଆସୁଛନ୍ତି ଶିକ୍ଷକ

ଫିରିଙ୍ଗିଆ, ୨୪।୮ (ସମିସ)





ରାଜ୍ୟ ଓ କେନ୍ଦ୍ର ସରକାର ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷା ପାଇଁ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ବିଦ୍ୟାଳୟର ଶିକ୍ଷକଙ୍କ ଇଚ୍ଛାଶକ୍ତିର ଅଭାବ ଏବଂ ବିଦ୍ୟାଳୟକୁ ଆସୁଥିବା ଅର୍ଥ ଆତ୍ମସାତ ସହ ବିଦ୍ୟାଳୟକୁ ଠିକ୍ ଭାବରେ ଆସୁନଥିବାରୁ ଅନେକ ବିଦ୍ୟାଳୟ ଏବେ ବି ଅବ୍ୟବସ୍ଥା ଦେଇ ଗତି କରୁଛି। ଏମିତି ଏକ ବିଦ୍ୟାଳୟ ହେଉଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଉପାନ୍ତ ଅଞ୍ଚଳରେ ଥିବା ପକାରୀ ପଞ୍ଚାୟତରେ ଥିବା ସାର୍ଡ଼ାଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟ ବହୁ ପୁରାତନ ଏବଂ ଉପାନ୍ତ ଅଞ୍ଚଳରେ ଥିବା ବେଳେ ବର୍ତ୍ତମାନ ବହୁ ଅବ୍ୟବସ୍ଥା ଦେଇ ଗତି କରୁଛ। ଏଥିଯୋଗୁଁ ଛାତ୍ରଛାତ୍ରୀ ଉପଯୁକ୍ତ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟର କାନ୍ଥ ବାଡ଼ ମଇଳା ହୋଇ କଦର୍ଯ୍ୟ ଦେଖାଯାଉଛି। ବିଦ୍ୟାଳୟ ବାହାର ଘାସ ଲଟା ବୁଦାରେ ଭର୍ତ୍ତି ହୋଇ ରହିଛି। ବିଦ୍ୟାଳୟ କୋଠା ଭାଙ୍ଗିବାକୁ ବସିଥିଲେ ମଧ୍ୟ ଚୂନ କିମ୍ବା ରଙ୍ଗ ଦିଆଯାଇନାହିଁ। ବିଦ୍ୟାଳୟରେ ୨ ଜଣ ଶିକ୍ଷକ ରଘୁନାଥ ବଗାର ଏବଂ ଅଦିଲ କୁମାର ଦେହୁରୀ ଅଛନ୍ତି। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ୧୪ ଜଣ ଛାତ୍ରଛାତ୍ରୀ ଅଛନ୍ତି। ପଞ୍ଚମ ଶ୍ରେଣୀରେ ଛାତ୍ରଛାତ୍ରୀ ନାହାନ୍ତି। ବର୍ତ୍ତମାନ ବାଲ ବାଟିକାରେ ୧୨ ଜଣ ଛାତ୍ର ଛାତ୍ରୀ ପଢୁଥିବା ବେଳେ ସର୍ବମୋଟ ୨୬ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ୨ ଟି ଶ୍ରେଣୀ କୋଠରୀ ଥିଲେ ମଧ୍ୟ ବହୁ ଅବ୍ୟବସ୍ଥାରେ ଶ୍ରେଣୀ କୋଠରୀ ରହିଛି। ଶନିବାର ଦିନ ୧୦ଟା ପର୍ଯ୍ୟନ୍ତ କୌଣସି ଛାତ୍ରଛାତ୍ରୀ ଆସିନଥିବା ବେଳେ ଜଣେ ଶିକ୍ଷକ ମଧ୍ୟ ଆସିନଥିବା ଦେଖିବାକୁ ମିଳିଥିଲା। ୧୦ଟା ପରେ ୪ରୁ ୫ଜଣ ଛାତ୍ରଛାତ୍ରୀ ଆସିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଦୁଇ ଶିକ୍ଷକ ନିଜ ଇଚ୍ଛା ମୁତାବକ ଆସୁଛନ୍ତି ଓ ଯାଉଛନ୍ତି। ଏମିତି କି ବିଦ୍ୟାଳୟରେ ପାଠ ପଢ଼ାଇବା ଦୂରର କଥା ପାଳି କରି ଶିକ୍ଷକ ଆସୁଥିବା ଅଭିଯୋଗ କରିଛନ୍ତି କିଛି ଅଭିଭାବକ। ବିଦ୍ୟାଳୟକୁ ଦେଖିଲେ ପାଠପଢ଼ା ଓ ମଧ୍ୟାହ୍ନଭୋଜନ କିପରି ହେଉଛି ତାହା ସହଜେ ଅନୁମେୟ। ବିଦ୍ୟାଳୟକୁ ଆସୁଥିବା ଟିଏଲଏମ ଅର୍ଥ ସହ ବିଦ୍ୟାଳୟ ଭିତିଭୂମିର ବିକାଶ ପାଇଁ ଆସୁଥିବା ଅର୍ଥ କୁଆଡେ ଯାଉଛି ତାହା ଜଣା ପଡୁନଥିବା ଅଭିଭାବକ କହିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ବଗାରଙ୍କୁ ପଚାରିବାରୁ ବିଦ୍ୟାଳୟର ଅନ୍ୟଜଣେ ଶିକ୍ଷକ କୌଣସି ଛୁଟି ଦରଖାସ୍ତ ମଧ ଦେଇନଥିବା କହିଥିବା ବେଳେ କାହିଁକି ଆସିନାହାନ୍ତି ଜାଣିନଥିବା କହିଛନ୍ତି।

## ● କୁର୍ମିଙ୍ଗିଆରେ ହାତୀ ଉପଦ୍ରବ

# ଛାତରେ ରାତିକାଟିଲେ ଲୋକେ

ଜି.ଉଦୟଗିରି, ୨୪।୮ (ସମିସ): ଶୁକ୍ରବାର ରାତିରେ ଜି.ଉଦୟଗିରି ସହରରେ ଦନ୍ତା ହାତୀ ପଶିଥିବା ବେଳେ ଶନିବାର ରାତିରେ କୁର୍ମିଙ୍ଗିଆରେ ଉପଦ୍ରବ କରିଛି। ହାତୀ ଭୟରେ ରାତି ସାରା ଗ୍ରାମବାସୀ ଛାତ ଉପରେ କାଟିଛନ୍ତି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଥିବା ବେଳେ ନିରୁପାୟ ହୋଇ ଭଗବାନ ଭାରଷାରେ ରହିଛନ୍ତି। ହିଂସ୍ର ଦନ୍ତା ୩ ମଣିଷ ସହିତ ୧୦ ଗୋରୁଙ୍କୁ ମାରିବା ପରେ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ବନ ବିଭାଗ ତରଫରୁ କେବଳ ହାତୀର ଗତିବିଧିକୁ ଲକ୍ଷ୍ୟ କରି ଲୋକଙ୍କୁ ସତର୍କ କରିବା ଛଡା ଅନ୍ୟ କିଛି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। କୁର୍ମିଙ୍ଗିଆରୁ



ହାତୀ ମଧ୍ୟରାତ୍ରିରେ ଗଞ୍ଜାମ ଜିଲ୍ଲା ରମ୍ଭା ଜଙ୍ଗଲରେ ହାତୀ ଗୋଠରେ ମିଶିଥିବା କୁହାଯାଉଥିବା ଏବଂ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ଏହା ଜାଣିବା ପରେ ଲୋକେ ଆଶ୍ୱସ୍ତି ହୋଇଛନ୍ତି। ପରିସ୍ଥିତି ସ୍ୱାଭାବିକ ହେବ ବୋଲି ଆଶା କରିଛନ୍ତି।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍; ପୌର ଏକାଦଶ ବିଜୟୀ



ପାରଳାଖେମୁଣ୍ଡି, ୨୪।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ହୋଇଥିଲା। ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ କ୍ରିକେଟ ମ୍ୟାଚ୍‌ର ଶୁଭାରମ୍ଭ କରିବା ସହ ପୌରପରିଷଦ ଏକାଦଶର ଅଧିନାୟକ ଦାୟିତ୍ୱ ନେଇଥିଲେ। ପୌରପରିଷଦ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଅନୁଷ୍ଠିତଏହି କ୍ରିକେଟ୍ ମ୍ୟାଚ୍‌ରେ ପୌରପରିଷଦ ଏକାଦଶ ବିଜୟ ହୋଇଛି। ପ୍ରଥମେ ଗଣମାଧ୍ୟମ ଏକାଦଶ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ୍ ହରାଇ ୯୫ ରନ୍ କରିଥିଲା। ୯୬ ରନ୍‌ର ଲକ୍ଷ୍ୟନେଇ ପୌରପରିଷଦ ଏକାଦଶ ୧୦ ଓଭର ୩ ବଲ୍‌ରେ ବିଜୟଲକ୍ଷ୍ୟ ହାସଲ କରିଥିଲା। ସମ୍ମାନୀତ ଅତିଥି ଭାବେ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ଗଜପତି କ୍ରିକେଟ୍ ଆସୋସିଏନ୍‌ର ଦେବାଷିଶ ପାଢ଼ୀ, ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ନାୟକ, ଦ୍ୱିଜେନ୍ଦ୍ର ନାଥ ପାଢ଼ୀ ଓ ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ମୋହନା, ୨୪।୮ (ସମିସ): ଗଜପତି ଜିଲ୍ଲା ଅଡବା ଥାନା ବିରିକୋଟ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ଇଲେକ୍ଟ୍ରିକ୍ ମୋଟର ଫିଟିଂବେଳେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗଞ୍ଜାମ ଜିଲ୍ଲା ପୁରୁଣା ବ୍ରହ୍ମପୁର ଅଞ୍ଚଳର ପ୍ରଫୁଲ୍ଲ ବାଡ଼ତ୍ୟା। ପ୍ରକାଶ ଯେ, ବିରିକୋଟ ଗ୍ରାମର ଜଗନ୍ନାଥ ବେହେରାଙ୍କ ଘରେ ବିଦ୍ୟୁତ ମୋଟର ଏବଂ ୱେୟାରିଂ କାମ କରିବା ପାଇଁ ପ୍ରଫୁଲ୍ଲ ଏବଂ ତାଙ୍କ ସହଯୋଗୀ ଆସିଥିଲେ। ରବିବାର ସକାଳେ ମୋଟର ମରାମତିବେଳେ ହଠାତ ବିଦ୍ୟୁତ ସଂସ୍ପର୍ଶରେ ପ୍ରଫୁଲ୍ଲ ଆସିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବିରିକୋଟ ଏବଂ ପରେ ଅଡ଼ବା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଡ଼ବା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଇଥିବା ବେଳେ ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତ।

# ନସିବ କହିଲେ ଶିକ୍ଷକ ପ୍ରତାପ ମାଓ ସଂଗଠନରେ ନଥିଲେ



ପାରଳାଖେମୁଣ୍ଡି, ୨୪।୮ (ସମିସ): ଗତ କିଛିଦିନ ହେବ ଅଡବା ଥାନା ଆଲିଗଡ଼ା ଗ୍ରାମର ଶିକ୍ଷକ ପ୍ରତାପ ନାୟକ ଗିରଫ ଘଟଣା ବେଶ ଚର୍ଚ୍ଚାରେ ରହିଛି। ପ୍ରତାପଙ୍କୁ ଏନବିଡବ୍ଲୁ ବଳରେ ମାଓ ହିଂସାରେ ଶିକ୍ଷକ ପ୍ରତାପ ନାୟକ ସାମିଲ ଥିବା ଅଭିଯୋଗରେ ପୁଲିସ ଗିରଫ କରିଥିଲା। ଆଲିଗଣ୍ଡା ଗ୍ରାମର ସମାନ ନାମ ଥିବା ନାସିବ ନାୟକ ଓରଫ ପ୍ରତାପ ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ଶିକ୍ଷକ ପ୍ରତାପଙ୍କ ଓକିଲ ଓ ପରିବାର ଲୋକେ ଅଭିଯୋଗ କରିଥିଲେ। ଆତ୍ମସମର୍ପଣ କରିଥିବା ନସିବ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିଛନ୍ତି। ନସିବ କହିଛନ୍ତି ଶିକ୍ଷକ ପ୍ରତାପ ନାୟକଙ୍କୁ ଗ୍ରାମରେ ପ୍ରତାପ ବୋଲି ଚିହ୍ନନ୍ତି। ସେ ପାର୍ଟିରେ କେବେ ନଥିଲେ, ତାଙ୍କର ମାଓବାଦୀ ସହ ସମ୍ପର୍କ ଥିବା ମୁଁ ଜାଣିନାହିଁ। ପୁଲିସ ଯଦି ଗିରଫ କରିଛି ମୁଁ କହିପାରିବିନି। ମୋର ନାମ ନସିବ ନାୟକ ମୋର ପାର୍ଟି ନାମ ପ୍ରତାପ ଥିଲା। ତେଣୁ ଲୋକଙ୍କୁ ସବୁବେଳେ ପ୍ରତାପ ନାମକୁ ନେଇ ଦ୍ୱନ୍ଦ୍ୱ ଥିଲା।

# ୬ରେ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ମେଘ ମହ୍ଲାର ଉତ୍ସବ



ଫୁଲବାଣୀ, ୨୪।୮ (ସମିସ): ଅବିଭକ୍ତ ଫୁଲବାଣୀ ଜିଲ୍ଲାର ପୁରାତନ ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ତରଫରୁ ୨ ବର୍ଷ ଧରି ଆୟୋଜିତ ଜିଲ୍ଲାସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସହ ମେଘମହ୍ଲାର ଉତ୍ସବ, ସେପ୍ଟେମ୍ବର ୬ ଓ ୭ ଦୁଇ ଦିବସ ବ୍ୟାପି ଫୁଲବାଣୀ ଗାନ୍ଧୀସ୍ମୃତି ଭବନରେ ଆନୁଷ୍ଠିତ ହେବ। ଏନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅନେକ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ହୋଇଛି ବୋଲି ମୁଖ୍ୟ ସମ୍ପାଦକ ଡ.କାହ୍ନୁ ଚରଣ ଶତପଥୀ କହିଛନ୍ତି। ପ୍ରସ୍ତୁତି ବୈଠକରେ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ସଭାପତି ପ୍ରଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଉପଦେଷ୍ଟା ପ୍ରାଧାପକ ତୀର୍ଥ ଜାନୀଙ୍କ ସମେତ ଅନୁଷ୍ଠାନର ଶରତ ଚନ୍ଦ୍ର ମହାନ୍ତି ଙ୍କ ସମେତ ମୁସ୍କାନ୍ ଶୁଆର, ରୂପମ୍ବୀକା ତ୍ରିପାଠୀ, ସୁନିତୀ ଆଚାରୀ ଏବଂ ଅନ୍ୟ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ବିଭାଗ ଓ ସମ୍ଭାଗ ସ୍ତରୀୟ ବିଜ୍ଞାନ ଓ ଗଣିତ ମେଳା



ଫୁଲବାଣୀ, ୨୪।୮ (ସମିସ): ଫୁଲବାଣୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଭାଗ ଓ ସମ୍ଭାଗସ୍ତରୀୟ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ, ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଫୁଲବାଣୀ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ, ଦୀପକ କୁମାର ମହାରଣା, ସଂକୁଳ ସଂଯୋଜକ ରାଜେନ୍ଦ୍ର କୁମାର ପାଢ଼ୀ, ଉକ୍ତ ବିଦ୍ୟାଳୟ କମିଟିର ସଭାପତି ବ୍ରଜବନ୍ଧୁ ମଲ୍ଲିକ, ସମ୍ପାଦକ ଟି.ଶିବଶଙ୍କର ପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ମୁଖ୍ୟ ଅତିଥି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର ବୋଲି କହିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର ତଥା ପୂର୍ବତନ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ସ୍ୱାଇଁ ଓ ସମ୍ଭାଗ ସମ୍ପାଦକ ଦୀପକ କୁମାର ମହାରଣା ଯୋଗଦେଇ ଶିଶୁ ମାନଙ୍କର ବିଜ୍ଞାନ ସମ୍ବନ୍ଧୀୟ ମାର୍ଗ ଦର୍ଶନ କରିଥିଲେ। ମେଳାରେ ୨ ଶହରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସ୍ଥାନୀୟ ବିଜ୍ଞାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦ୍ୱାରା ପ୍ରକଳ୍ପ ଚୟନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଅଜଣା ଜ୍ୱରରେ ପୀଡ଼ିତ ଗ୍ରାମବାସୀ

# ବିଧାୟକ ଆୟୋଜନ କଲେ ସ୍ୱାସ୍ଥ୍ୟ ଶିବିର




କାଶୀନଗର, ୨୪।୮ (ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ବୁଦୁରା ପଞ୍ଚାୟତ କିତିଙ୍ଗି ଗ୍ରାମରେ କିଛିଦିନ ହେଲା ଲୋକେ ଗୋଡ଼ ହାତ ବିନ୍ଧା ତଥା ଜ୍ୱରରେ ପୀଡିତ ହୋଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଖବର ପାଇ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ଶୁକ୍ରବାର ଉକ୍ତ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ପ୍ରୟାସ କରିବେ ବୋଲି ଲୋକଙ୍କୁ କଥା ଦେଇଥିଲେ। ଏହି କ୍ରମରେ ରବିବାର ଓ ସୋମବାର ହାଇଟେକ ମେଡିକାଲ କଲେଜ ତରଫରୁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର କିତିଙ୍ଗି ଓ ଖାଣ୍ଡବା ଗ୍ରାମରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲେ ବିଧାୟକ। ରବିବାର କିତିଙ୍ଗି ଗ୍ରାମରେ ଥିବା ଓଏସଡିଏ ଟ୍ରେନିଂ ସେଣ୍ଟର ପରିସରରେ ମାଗଣା ସ୍ୱାସ୍ଥ୍ୟ ଶିବିର ବିଧାୟକ ଉଦ୍‌ଘାଟନ କରିଥିଲେ। ଉକ୍ତ ଚିକିତ୍ସା ଶିବିରରେ ବିଭିନ୍ନ ବିଶେଷଜ୍ଞ ଡାକ୍ତରୀ ଟିମ୍ ରହିଥିବା ବେଳେ କାଶୀନଗର, ବୁଦୁରା ଓ କିତିଙ୍ଗି, ଭାନ୍ନା, ଗୌରୀ, ପୁରଟିଗୁଡ଼ା ଓ ଖାଣ୍ଡବା ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ବେଳେ କିଛି ଗ୍ରାମବାସୀ ଚିକେନ ଗୁନିଆରେ ପୀଡିତ ଥିବା ଜଣାପଡ଼ିବା ପରେ ବିଧାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରି ଖାଣ୍ଡବ ଓ ବୁଦୁରା ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ସ୍ୱଚ୍ଛତା ରକ୍ଷା ପାଇଁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ତିନି ମାସରେ ଥରେ ଏଭଳି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ବିଧାୟକ କହିଥିଲେ। କିତିଙ୍ଗି ଗ୍ରାମରେ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ଓ ରାସ୍ତା ମରାମତି, ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଉପସ୍ଥିତ ଥିବା ସମିତି ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା, ବୁଦୁରା ସମିତିସଭ୍ୟ ୱି.ବାବୁ ରାଓ, ଏନଏସି ଉପାଧ୍ୟକ୍ଷ ରଘୁରାମ ସାହୁ ଓ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ରହିଥିଲେ। କାଶୀନଗର ମେଡିକାଲ ଅଫିସର ସୋମ୍ୟରଞ୍ଜନ ଦାଶ, ଖାଣ୍ଡବା ମେଡିକାଲ ଡା.ରାଜେଶ ସେଠୀଙ୍କ ସହ ବୁଦୁରା ପଞ୍ଚାୟତ ସ୍ୱାସ୍ଥ୍ୟ କର୍ମୀ, ମିଶନ ଶକ୍ତି ସୁପରଭାଇଜର, ସିଆରପି, ଏମବିକେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବିଧାୟକ ଭାବେ ଲୋକଙ୍କ ସେବା କରିବା ଓ ସେବା ଯୋଗାଇଦେବା ତାଙ୍କ କର୍ତ୍ତବ୍ୟ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି। କାଶୀନଗର ଅଞ୍ଚଳରେ ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷିର ଉନ୍ନତି କିପରି ହେବ ସେଥିପାଇଁ ଚେଷ୍ଟା ଜାରି ରହିଥିବା ବିଧାୟକ କହିଛନ୍ତି।

# ମନ୍ଦିର ଉନ୍ନୟନ କାମରେ ଅନିୟମିତତା ଅଭିଯୋଗ



ପାରଳାଖେମୁଣ୍ଡି, ୨୪।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ୩ନଂ. ୱାର୍ଡ ଅନ୍ତର୍ଗତ ରାଜଗୁରୁ ସାହିସ୍ଥିତ ଶ୍ରୀରଘୁନାଥ ଓ ଗୋପେଶ୍ୱର ମନ୍ଦିରର ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ହୋଇଛି। ଅଞ୍ଚଳର ଅସନ୍ତୁଷ୍ଟ କିଛି ଯୁବନେତା ଏନେଇ ପାରଳାଖେମୁଣ୍ଡି ପୌରପରିଷଦରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୌରପରିଷଦ ସହକାରୀ ଯନ୍ତ୍ରୀ ସଞ୍ଜୀବ କୁମାର ଚମ୍ପତି ଏବଂ କନିଷ୍ଠଯନ୍ତ୍ରୀ ହରିହର ବିଶ୍ୱାଳ ପହଞ୍ଚି ଅନୁଧ୍ୟାନ କରିଥିଲେ। ମନ୍ଦିରରେ ନିର୍ମାଣ ରନ୍ଧାଶାଳ ଓ ପ୍ରସାଦସେବନ ଶାଳାର ଛାତ ସଠିକ୍ ଯୋଜନାରେ ନିର୍ମାଣ ହେଉନଥିବାର ଅଭିଯୋଗ ହୋଇଛି। ଏପରିକି ଲକ୍ଷ ଲକ୍ଷ ଟଙ୍କା ଏଠାରେ ଖର୍ଚ୍ଚ ହେଉଥିବା ବେଳେ ମନ୍ଦିରରେ ଯେଉଁ ମାତ୍ରାରେ ଭକ୍ତ ଶ୍ରଦ୍ଧାଳୁଙ୍କ ପାଇଁ ସ୍ଥାନ ରହିବା କଥା ତାହା କରାଯାଉନାହିଁ। ମନ୍ଦିରର ଉନ୍ନୟନ କାମ ପାଇଁ ବିଭିନ୍ନ ପାଣ୍ଠିରୁ ଅନୁଦାନ ଆସିଛି। ହେଲେ ଯୋଜନାବିହୀନ ଭାବେ କାର୍ଯ୍ୟ ହେଉଛି। କୋଠା ଗୁଡ଼ିକର ଉପଭାଗ ଛାତ ସମତଳ ହୋଇପାରୁନି। ଛାତ ଉପର ଠିକ ଭାବେ ମିଶାଯାଉନଥିବାରୁ ପାହାଚ ପାହାଚ ସଦୃଶ୍ୟ ହୋଇପଡ଼ିଛି। ଏପରି ଭାବେ ଛାତ ନିର୍ମାଣ ହୋଇଛି। ଏଥିଯୋଗୁଁ ବର୍ଷା ହେଲେ ପାଣି ଗଳୁଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଏଠାରେ ଆୟୋଜନ ହେଉଥିବା ବିବାହ, ବ୍ରତ, ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ ଓ ଲୁଚିଯାଉଥିବା କଳା, ସଂସ୍କୃତି, ନାଟକ ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଭାବିତ ହେଉଛି। ଭିନ୍ନ ଭିନ୍ନ ସମୟରେ ଉନ୍ନତି ଓ ବିକାଶ ନାମରେ ଯେଉଁ ଛାତ ନିର୍ମାଣ ହୋଇଛି ସେଠାରେ ପାଣି ଜମିବା ସହ ମନ୍ଦିରର ଛାତ ଧିରେ ଧିରେ ଦୁର୍ବଳ ହେଉଛି। ତେଣୁ ଏହାର ଏକ ସ୍ଥାୟୀ ସମାଧାନ ପାଇଁ ଅଭିଯୋଗ ଆଣିଥିବା ସ୍ଥାନୀୟ ଯୁବନେତା ଦାବି କରିଛନ୍ତ। ନିର୍ମାଣ ପୂର୍ବରୁ ପ୍ରକଳ୍ପ ପ୍ରସ୍ତୁତି ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ କୌଣସି ମତାମତ ନନେଇ କିଛି ରାଜନୈତିକ ଚାଟୁକାରଙ୍କ ନିର୍ଦ୍ଦେଶରେ ଓ ଲାଭଖୋର ମନୋଭାବ ରଖି ତରବରିଆ ଭାବେ ନିର୍ମାଣ କରାଯାଉଥିବା ଯୁବନେତା ବିଭୂତି ଭୂଷଣ ହୋତା, ବିଶ୍ୱରଞ୍ଜନ ଦାସ, ଓ ପ୍ରଫୁଲ ଦାସ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ନିର୍ମାଣ କାର୍ଯ୍ୟରେ ମନ୍ଦିରର ବିକାଶ ସ୍ଥାନରେ ବିନାଶ ହେଲେ ପରିସ୍ଥିତି ଭୟାଭୟ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ସଂସ୍କୃତ ଶିକ୍ଷକ ସଂଘର ସଂସ୍କୃତ ଦିବସ ସମାରୋହ

ବାଲିଗୁଡ଼ା, ୨୪।୮ (ସମିସ): ବାଲିଗୁଡ଼ା ବ୍ଲକ ବାରଖମା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ସଂସ୍କୃତ ଦିବସ ସମାରୋହ ପାଳନ କରାଯାଇଥିଲା। ଏଥିରେ ସମ୍ମାନୀତ ଅତିଥି ଭାବେ ବାରଖମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ ବେହେରା, ଚକାପାଦର ଅବସରପ୍ରାପ୍ତ



ଶିକ୍ଷକ ଲକ୍ଷ୍ମୀ ନାରାୟଣ ନନ୍ଦ, ଶିକ୍ଷକ ଦିନବନ୍ଧୁ ହୋତା, ବଲସକୁମ୍ପା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପଞ୍ଚାନନ ବେହେରା ଓ ଶିକ୍ଷକ ଅଶୋକ କୁମାର ଷଡଙ୍ଗୀ ଯୋଗ ଦେଇଥିଲେ। ଏଥିରେ ବାଲିଗୁଡ଼ା ବ୍ଲକର ୧୮ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ୨ ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତ ଭାଷାରେ ବିଭିନ୍ନ ନାଟକ, ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ ପଦ୍ୟାବୃତ୍ତି, ଶ୍ଳୋକାବୃତ୍ତି, ବକ୍ତୃତା ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶେଷରେ ଅତିଥିଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଂସ୍କୃତ ଭାଷା ପ୍ରତ୍ୟେକ ଭାଷା ସହ ଜଡ଼ିତ। ସଂସ୍କୃତ ଭାଷା ଶାସ୍ତ୍ରୀୟତାର ଶ୍ରେଷ୍ଠ। ଏଣୁ ଛାତ୍ରଛାତ୍ରୀଙ୍କୁ ସଂସ୍କୃତ ଭାଷା ଓ ସଂସ୍କୃତି ବିଷୟରେ ପାଠ ପଢ଼ାଇବାକୁ ତୃତୀୟ ଶ୍ରେଣୀରୁ ପଢ଼ାଇବା ଆବଶ୍ୟକ। ଯାହା ଫଳରେ ଆମ ଦେଶର ଭାଷା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ସହ ଦେଶ ବିକାଶରେ ଶିକ୍ଷାର୍ଥୀମାନଙ୍କର ଗୁରୁତ୍ୱ ରହିବ ବୋଲି ସମ୍ମାନୀତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀନାରାୟଣ ନନ୍ଦ କହିଥିଲେ। ବାରଖମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ୍ ବେହେରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ଉଜୁଡ଼ି ଗଲାଣି ଜୀବିକା

# ହାତୀ ଭୟରେ ସାପ୍ତାହିକ ହାଟ ବ୍ୟବସାୟ ମାନ୍ଦା

ଜି.ଉଦୟଗିରି, ୨୪।୮ (ସମିସ)




ଜି.ଉଦୟଗିରିରେ ମାସ ମାସ ଧରି ହାତୀ ଉପଦ୍ରବ ଲାଗିରହିଥିବାରୁ ଜନଜୀବନ ପ୍ରଭାବିତ ହୋଇଛି। ଲୋକେ ସନ୍ଧ୍ୟା ହେଲେ ଘରୁ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ଜୀବିକା ଉଜୁଡ଼ି ଗଲାଣି। ଜଙ୍ଗଲଜାତ ସାମଗ୍ରୀ ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଥିବା ଲୋକ ଏବେ ପେଟକୁ ଦାନା ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଛି। ହାତୀ ଭୟରେ ଏବେ ଆଉ ବଜାରରେ ଜାଳେଣି କାଠ, କୋଇଲା, ଖଲିପତ୍ର ମିଳୁନାହିଁ। ଏହାର ପ୍ରଭାବରେ ବଜାରରେ ବ୍ୟବସାୟ ପ୍ରଭାବିତ ହୋଇଛି। ପ୍ରତି ଶନିବାର ଜି.ଉଦୟଗିରିରେ ହେଉଥିବା ସପ୍ତାହିକ ହାଟରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଗାଁ ଗହଳିରୁ ବହୁ ଛୋଟ ବ୍ୟବସାୟୀ ଆସିବାକୁ ଭୟ କରୁଥିବା ବେଳେ ସନ୍ଧ୍ୟାରେ ଫେରିବାକୁ ଦେଖାଦେଇଛି ସମସ୍ୟା। ସାପ୍ତାହିକ ହାଟ ଉପରେ ଆଖପାଖ ୩୦ ଖଣ୍ଡ ଗ୍ରାମର ଛୋଟ ଚାଷୀ ଏବଂ ବ୍ୟବସାୟୀ ନିର୍ଭର କରି ବ୍ୟବସାୟ କରୁଥିବା ବେଳେ ଏବେ ଦୀର୍ଘ ମାସ ହେଲା ଆଉ ଭଲ ବ୍ୟବସାୟ ହେଉନାହିଁ ବୋଲି ବ୍ୟବସାୟୀ କହିଛନ୍ତି। ହାତୀ ଭୟ ସହିତ ଲଗାଣ ବର୍ଷା ଏବେ ଏହି ହାଟ ବ୍ୟବସାୟକୁ ପ୍ରଭାବିତ କରିଛି। ଖାଁ ଖାଁ ରହୁଛି ହାଟ। ହାଟରେ ପନିପରିବା ସହିତ ପୋଷାକ, ଇଲୋଟ୍ରୋନିକ, ଜୋତା, ଚାରାସହିତ ସମସ୍ତ ସାମଗ୍ରୀ ଗୋଟିଏ ସ୍ଥାନରେ ମିଳୁଥିବା ବେଳେ ଲୋକେ ଶସ୍ତାରେ ପାଇ ପାରୁଥିଲେ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ୫୦ପ୍ରତିଶତ ବ୍ୟବସାୟ ନାହିଁ ବୋଲି କହିଛନ୍ତି ଦିଘାରୁ ଆସି ଚାରା ବିକ୍ରି କରିଥିବା ଗୋପାଳ ଭଣ୍ଡର, ପଦାସାହିର ଇଲେକ୍ଟ୍ରି ସାମଗ୍ରୀ ବିକ୍ରି କରୁଥିବା ନାରାୟଣ ପ୍ରଧାନ, ନନ୍ଦଗିରିର ରସ ସାମଗ୍ରୀ ବିକ୍ରି କରୁଥିବା ଆମର ଦିଗାଲ। ବ୍ୟବସାୟ କେବେ ସ୍ୱାଭାବିକ ହେବ ତାହାକୁ ନେଇ ବ୍ୟବସାୟୀ ଏବଂ ଗ୍ରାହକ ଚିନ୍ତାରେ ରହିଛନ୍ତି।

# ରଜ କୁଇନ୍ ପ୍ରତିଯୋଗିତା ବିଜୟିନୀ ଶୁଭଦର୍ଶିନୀଙ୍କ ସମ୍ବର୍ଦ୍ଧନା



**ଜଗତସିଂହପୁର, ୨୪।୮ (ସମିସ):** ଚଳିତ ବର୍ଷ ଏକ ଘରୋଇ ଓଡ଼ିଆ ଟିଭି ଚାନେଲର ଲୋକପ୍ରିୟ ରିୟାଲିଟି ସୋ ରଜ କୁଇନ-୨୦୨୫ର ବିଜୟିନୀ ହୋଇଛନ୍ତି ଜଗତସିଂହପୁର ଜିଲ୍ଲା ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର ଛାତ୍ରୀ ସୁଶ୍ରୀ ଶୁଭଦର୍ଶିନୀ ନାୟକ। ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏ ପରିପେକ୍ଷୀରେ ସୁଶ୍ରୀ ଶୁଭଦର୍ଶିନୀଙ୍କ ପିତା ବସନ୍ତ ନାୟକ, ମାତା ମମତା ବିଶ୍ୱାଳ, ଅନୁଷ୍ଠାନର ଉପଦେଷ୍ଟା ବିଜୟ କୁମାର ରଥ, ଶରତ ଚନ୍ଦ୍ର ବାରିକ, କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ସ୍ୱାଇଁ, ଚେତନା ଓ ଶୃଙ୍ଖଳା ମାର୍ଗଦର୍ଶକ ଲିଲିପ୍ତ କୁମାର ଖୁଣ୍ଟିଆ, ଓଡ଼ିଶୀ ନୃତ୍ୟ ଗୁରୁ ଏଲିନା ପ୍ରିୟଦର୍ଶିନୀ, ଆଧୁନିକ ନୃତ୍ୟଗୁରୁ ବି. ଗୋବିନ୍ଦ, ଚିତ୍ରକଳା ନୃତ୍ୟ ଗୁରୁ ବିଶ୍ୱଜିତ ବସ୍ତିଆ, ଧାରାବାହିକ ନିର୍ଦ୍ଦେଶକ ଯୁଧିଷ୍ଠିର ସ୍ୱାଇଁ ଯୋଗଦେଇ ଅନୁଷ୍ଠାନର ଗର୍ବ ଓ ଗୌରବ ଶୁଭଦର୍ଶିନୀ ନାୟକଙ୍କୁ ଉତ୍ସାହିତ କରିଥିଲେ। ଶୁଭଦର୍ଶିନୀ ନାୟକ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନରେ ନୃତ୍ୟଗୁରୁ ଏଲିନା ପ୍ରିୟଦର୍ଶିନୀଙ୍କଠାରୁ ଓଡ଼ିଶୀ ନୃତ୍ୟ ଓ ନୃତ୍ୟଗୁରୁ ବି. ଗୋବିନ୍ଦଙ୍କଠାରୁ ଆଧୁନିକ ନୃତ୍ୟ ଶିକ୍ଷା ଗ୍ରହଣ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଂଯୋଜିକା ଶ୍ରାବଣୀ ମହାରଣା, ସଦସ୍ୟ ସୁଶାନ୍ତ କୁମାର ଜେନା, ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ସଦସ୍ୟ ନିଖିଳ ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚକ୍ଷୁ ଚିକିତ୍ସା ଶିବିର



**ବାଲିକୁଦା,୨୪।୮ (ସମିସ):** ବାଲିକୁଦା ବ୍ଲକ ପୂଜ୍ୟପୂଜା ସଂସଦ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ମାଛଗାଁସ୍ଥ ସିଙ୍ଗିଟାଳିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୫ ଜଣଙ୍କୁ ଚିକିତ୍ସା କରାଇଥିବାବେଳେ ସେଥିମଧ୍ୟରୁ ୮ ଜଣ ଅସ୍ତ୍ରୋପଚାର ପାଇଁ ମନୋନୀତ ହୋଇ ଭୂମିକା ହସ୍ପିଟାଲ ଯାଇଛନ୍ତି। ଏହି ଶିବିରରେ ମାଛଗାଁ ସରପଞ୍ଚ ସଞ୍ଜୟ ସ୍ୱାଇଁ, ସମିତିସଭ୍ୟ ନିରଞ୍ଜନ ଦାସ, ସମାଜସେବୀ କୈଳାସ ଷଣ୍ଢ, ବୁଲୁ ବିଶ୍ୱାଳ, ନଟବର ମୁଦୁଲି, ମନୋଜ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ବୀରବର ପତି ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କୁ ଉତ୍ସାହିତ କରିଥିଲେ। ଭୂମିକା ମେଡିକାଲ ପକ୍ଷରୁ ଡାକ୍ତର ଶୁଭ୍ରଜିତ ସେଠୀ, ମୌସୁମୀ ମଲ୍ଲିକ, ମିନତୀ ଖିଲାର, ସୋନୀ ପ୍ରଧାନ, ଅଜୟ କୁମାର ଦାସ ପ୍ରମୁଖ ରୋଗୀ ସେବା ଯୋଗାଇ ଦେଇଥିଲେ। ଶିବିର ପରିଚାଳନାରେ ପୂଜ୍ୟପୂଜା ସଂସଦ ସଭାପତି କୈଳାସ ଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ଅରୁଣ କୁମାର ମହାନ୍ତି, ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କାନ୍ତ ସ୍ୱାଇଁ, ପବିତ୍ର ମୋହନ ସାଉ, ଶ୍ୱେତ କୁମାର ସ୍ୱାଇଁ, ରଞ୍ଜନ କୁମାର ମହାନ୍ତି, କାର୍ତ୍ତିକ ଚନ୍ଦ୍ର ମୁଦୁଲି, କନକଲତା ପରିଡାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ସଖୀ ସେଣ୍ଟରରୁ ଫେରାର ନାବାଳିକାର ମିଳୁନି ପତ୍ତା

**ଜଗତସିଂହପୁର, ୨୪।୮ (ସମିସ)**

ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଥାନା ଅଞ୍ଚଳର ଜଣେ ନାବାଳିକା ଅପହରଣ ହେବା ପରେ ପୁଲିସ ଦ୍ୱାରା ଉଦ୍ଧାର ହୋଇ ଜଗତସିଂହପୁର ସଖୀ ସେଣ୍ଟରରେ ରହୁଥିଲେ। ତେବେ ଗତ ଜୁନ ୨୦ ତାରିଖରୁ ଉକ୍ତ ନାବାଳିକା ସଖୀ ସେଣ୍ଟରରୁ କେଉଁଆଡ଼େ ଫେରାର ହୋଇଯାଇଥିଲେ ମଧ୍ୟ କୌଣସି ପତ୍ତା ମିଳିନାହିଁ। ସଖୀ ସେଣ୍ଟରରୁ ନାବାଳିକା ଫେରାର ହେବା ଘଟଣାରେ ସମ୍ପୃକ୍ତ ନାବାଳିକାର ପିତା ଜଗତସିଂହପୁର ଏସ୍‌ପିଙ୍କୁ ଭେଟି ଗତ ଜୁଲାଇ ମାସରେ ଅଭିଯୋଗ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଉକ୍ତ ନାବାଳିକାକୁ ଜଣେ ମହିଳା ଓ ତାଙ୍କ ପୁଅ ଗୁଣ୍ଡା ଲଗାଇ ଅପହରଣ କରିଥିବା ସମ୍ପର୍କରେ ରଘୁନାଥପୁର ଥାନାରେ ୨୦୨୪ ମାର୍ଚ୍ଚ ୨ ତାରିଖରେ ଅଭିଯୋଗ ହୋଇଥିଲା। ମାତ୍ର ଥାନା କର୍ତ୍ତୃପକ୍ଷ କିଛି ନ ବୁଝିବାରୁ ନାବାଳିକାଙ୍କ ପିତା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦ୍ୱାରସ୍ଥ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କଠାରୁ ନିର୍ଦ୍ଦେଶ ମିଳିବା ପରେ ରଘୁନାଥପୁର ଥାନା ପୁଲିସ ତତ୍ପରତା ଦେଖାଇ ସମ୍ପୃକ୍ତ ଯୁବତୀ ଓ ଅପହରଣକାରୀକୁ ଚେନ୍ନାଇରୁ ଗିରଫ କରିଥିଲା। ପରେ ଯୁବତୀଙ୍କୁ ସଖୀ ସେଣ୍ଟରରେ ରଖିବା ସହିତ ଉକ୍ତ ଯୁବକକୁ କୋର୍ଟ ଚାଲାଣ କରିଥିଲା। ମାତ୍ର ନାବାଳିକାଙ୍କୁ ତାଙ୍କ ପିତା ସାକ୍ଷାତ କରିବାକୁ ଆସି ଜାଣିବାକୁ ପାଇଲେ ଯେ ୨୦୨୫ ଜୁନ୍ ୨୦ ତାରିଖରୁ ସେ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ମାତ୍ର ସଖୀ ସେଣ୍ଟର ଯୁବତୀ ନିଖୋଜ ବିଷୟରେ ଜଣାଇ ନ ଥିବା ନାବାଳିକାଙ୍କ ପିତା ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ସଖୀ ସେଣ୍ଟରର କର୍ତ୍ତୃପକ୍ଷ ପୂର୍ଣ୍ଣଚନ୍ଦ୍ର ମଲ୍ଲ କହିଛନ୍ତି, ଉକ୍ତ ନାବାଳିକା ଜଣଙ୍କ ପୂର୍ବରୁ ୩ ଥର ପୁଲିସ ଦ୍ୱାରା ଉଦ୍ଧାର ହୋଇ ସିଡବ୍ଲୁସି ଜରିଆରେ ଏଠାରେ ରହିଥିଲେ। ସବୁଥର ତାଙ୍କୁ ବୁଝାସୁଝା କରି ବାପାଙ୍କ ସହିତ ପଠାଯାଇଛି। ତେବେ ଗତ ଜୁନ ୨୧ରେ ବାହାନା କରି ପାଚେରି ଡେଇଁ ପଳାଇବା ସମ୍ପର୍କରେ ମଧ୍ୟ ଜଗତସିଂହପୁର ପୁଲିସକୁ ଜଣାଇଛନ୍ତି। ଏଥିସହିତ ଉକ୍ତ ନାବାଳିକାଙ୍କ ଘରକୁ ମଧ୍ୟ ସଖୀ ସେଣ୍ଟର କର୍ମକର୍ତ୍ତା ଯାଇଥିଲେ। କିନ୍ତୁ ଘରେ କେହି ନ ଥିବାରୁ ସେମାନେ ନିକଟରେ ଥିବା ଏକ ଦୋକାନରେ ସମସ୍ତ ବିଷୟରେ ସୂଚନା ଦେଇ ଘର ଲୋକ ଫେରିଲେ ଝିଅ ଫେରାର ବାବଦରେ ଜଣାଇବାକୁ କହିଥିବା ଶ୍ରୀ ମଲ୍ଲ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ୨ ଆହତ

**ବାଲିକୁଦା,୨୪।୮ (ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ବଡ଼ରୋଡଙ୍ଗ ଗ୍ରାମର ଚିତ୍ତରଞ୍ଜନ ଦାସ ଓ ବନ୍ଧୁ ପ୍ରକାଶ ଦାସ ବାଇକ ଯୋଗେ ଏରସମା ଥାନା ଗୋଡ଼ା ଅଞ୍ଚଳକୁ ଯାଉଥିବା ସମୟରେ ଆଉଁରୀ ଛକ ନିକଟରେ ସମ୍ମୁଖରୁ ଆସୁଥିବା ଏକ କାର୍ ଧକ୍କା ଦେଇଥିଲା। ଫଳରେ ଚିତ୍ତରଞ୍ଜନ ଗୁରୁତର ହୋଇଥିବାବେଳେ ପ୍ରକାଶ ସାମାନ୍ୟ ଆହତ ହୋଇଥିଲେ। ଖବର ପାଇ ୧୧୨ ଟିମ ଉଦ୍ଧାର କରି ବାଲିକୁଦା ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସା କରୁଥିବା ଡାକ୍ତର ଚିତ୍ତରଞ୍ଜନଙ୍କୁ ଅଧିକ ଚିକିତ୍ସା ପାଇଁ ଜଗତସିଂହପୁର ମେଡିକାଲ ପଠାଇଥଲେ। ଦୁର୍ଘଟଣା ଘଟାଇଥିବା କାର୍‌କୁ ବାଲିକୁଦା ପୁଲିସ ଜବତ କରିଥିବା ସୂଚନା ମିଳିଛି।

## ସଂଗ୍ରାମୀ ଓ ବରପୁତ୍ରଙ୍କ ମ୍ୟୁଜିୟମ ପ୍ରତିଷ୍ଠା ଦାବି

**ଜଗତସିଂହପୁର,୨୪।୮ (ସମିସ):** ଜଗତସିଂହପୁର ଜିଲ୍ଲା ସମେତ ସମଗ୍ର ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରଙ୍କ ସ୍ମୃତି ରକ୍ଷା ପାଇଁ ରାଜଧାନୀ ଭୁବନେଶ୍ୱରରେ ଏକ ମ୍ୟୁଜିୟମ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ। ଏଭଳି ମ୍ୟୁଜିୟମ ପ୍ରତିଷ୍ଠା ଦ୍ୱାରା ସଂଗ୍ରାମୀ ଓ ବରପୁତ୍ରଙ୍କ ତ୍ୟାଗ, ବଳିଦାନ ଓ ଅମର କୀର୍ତ୍ତିକୁ ଉଜ୍ଜୀବିତ କରି ରଖାଯିବା ସହିତ ଭବିଷ୍ୟତ ପିଢ଼ି ପାଇଁ ଏହା ଅତ୍ୟନ୍ତ ଉପାଦେୟ ହୋଇପାରିବ ବୋଲି ବିଧାୟକ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହିତ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ମଧ୍ୟ ଏହି ମ୍ୟୁଜିୟମ ମାଧ୍ୟମରେ ଉଜ୍ଜୀବିତ କରାଯାଇ ଉତ୍ତର ପିଢ଼ିକୁ ଜ୍ଞାନ ବିତରଣ କରାଯାଇପାରିବ ବୋଲି ଅମରେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି।

## ଚିତ୍ରୋପ୍ଳାଙ୍କୁ ଶ୍ରେଷ୍ଠ ଅଧ୍ୟାପିକା ପୁରସ୍କାର



**ତିର୍ତ୍ତୋଲ,୨୪।୮ (ସମିସ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ କନିମୂଳ ପଞ୍ଚାୟତ ମତଗଜପୁର ଗ୍ରାମର କଟକ ଜିଲ୍ଲାପାଳ କାର୍ଯ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ସଂଘ ନେତା ସ୍ୱର୍ଗତ ବସନ୍ତ କୁମାର ପୃଷ୍ଟିଙ୍କ ସାନ ପୁତ୍ରବୋଧୂ ଡଃ ଚିତ୍ରୋପ୍ଳା ଦେବଦର୍ଶିନୀଙ୍କୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୬୪ତମ ପ୍ରତିଷ୍ଠା ଦିବସରେ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଅଧ୍ୟାପିକା ଭାବେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପତିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହି ପ୍ରତିଷ୍ଠା ଉତ୍ସବରେ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାୟକ ବାବୁ ସିଂ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ ରାଉଳଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଡଃ ଚିତ୍ରୋପ୍ଳାଙ୍କ ଏହି ସମ୍ମାନଜନକ କୃତି ପାଇଁ ତିର୍ତ୍ତୋଲ ଅଞ୍ଚଳ ସହିତ ସମଗ୍ର ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଜନସାଧାରଣ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଆଡଭୋକେଟ୍ ବୀରନାରାୟଣ ପାତ୍ର, ପାର୍ଥସାରଥି ସାହୁ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, କନୀମୂଳର ପୂର୍ବତନ ସରପଞ୍ଚ ଙ୍କ ଦେବଦ୍ୟୁତି ପୃଷ୍ଟି, ଆଇନଜୀବୀ ଅମରଜ୍ୟୋତି ସାହୁ, ଅମରେନ୍ଦ୍ର ସାହୁ, ବିଭୁପ୍ରସାଦ ପୃଷ୍ଟି, ବିମଳ ମହାପାତ୍ର ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

**ନାଉଗାଁ,୨୪।୮ (ସମିସ):** ନାଉଗାଁ ବ୍ଲକ୍ ଜାମୁଗାଁ ପଞ୍ଚାୟତ ଅନ୍ତର୍ଗତ ନନ୍ଦିଗ୍ରାମର ଧର୍ମପ୍ରାଣ ବ୍ୟକ୍ତି ଯଦୁମଣି ମୁଦୁଲିଙ୍କ ପରଲୋକ ଘଟିଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣ, ସମାଜସେବୀ ଭାବେ ଜାମୁଗାଁ ପଞ୍ଚାୟତରେ ଜଣାଶୁଣା ଥିଲେ। ତାଙ୍କ ପରଲୋକେର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଜଗତସିଂହପୁର ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ର, ବାବା ସତ୍ୟାନନ୍ଦ ଦାସ, ଜାମୁଗାଁର ପୂର୍ବତନ ସରପଞ୍ଚ ଲଲାଟେନ୍ଦୁ ପରିଡା, ସମାଜସେବୀ ରବୀନ୍ଦ୍ର ପଟ୍ଟନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ଶ୍ରୀ ମୁଦୁଲିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଅଭିମନ୍ୟୁ ମୁଦୁଲି ମୁଖାଗ୍ନି ଦେଇଥିଲେ।

## କିଡ୍‌ନୀ ପୀଡ଼ିତଙ୍କୁ ସହାୟତା

**ବାଲିକୁଦା,୨୪।୮ (ସମିସ):** ବାଲିକୁଦା ବ୍ଲକ ମରିଚପୁର ପଞ୍ଚାୟତ ମରିଚପୁର ଗ୍ରାମର ସୁବଳ କାଣ୍ଡିଙ୍କ ୨୪ ବର୍ଷୀୟ ପୁଅ ସୁଶାନ୍ତ କାଣ୍ଡି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘଦିନ ଧରି କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୁଶାନ୍ତଙ୍କ ୯୦ ପ୍ରତିଶତ କିଡ୍‌ନୀ ଖରାପ ହୋଇଯାଇଛି। ଅଧିକ ଚିକିତ୍ସା ପାଇଁ



ଅର୍ଥ ବାଧକ ସାଜିଥିବାବେଳେ ପୁଅର ଚିକିତ୍ସା ପାଇଁ ଅର୍ଥ ସହାୟତା ପାଇଁ ନିବେଦନ କରିଥିଲେ ସୁବଳ କାଣ୍ଡି। ସୂଚନା ପାଇ ବାଲିକୁଦା-ଏରସମାର ଯୁବ ନେତା ସଂଜୀବ ଏସ ବିଶ୍ୱାଳ ପରିବାର ନିକଟରେ ପହଞ୍ଚି ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବା ସହ ଆଗକୁ ଅଧିକ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## କେନାଲ ବନ୍ଧକୁ ସଂଯୋଗ ରାସ୍ତା ଶୋଚନୀୟ



**କୁଜଙ୍ଗ,୨୪।୮ (ସମିସ):** କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତର ବଣିକୁନ୍ଦ (ଡିଅସାହି) ପଡ଼ା ଗ୍ରାମକୁ କେନାଲ ବନ୍ଧରେ ସଂଯୋଗ କରୁଥିବା ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଛି। ଗୋପୀନାଥଜୀଉ ପିଏଚ ବଣିକୁନ୍ଦକୁ କମ୍ ଦୂରତାରେ ସଂଯୋଗ ଏହି ଗ୍ରାମ୍ୟ ରାସ୍ତା କେନାଲ ବନ୍ଧ ନିକଟକୁ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡ଼ିଥିବା ଅଧ୍ୟାପକ କ୍ଷେତ୍ରବାସୀ ରାଉତ, କେଳୁଚରଣ ମଲ୍ଲ, ସଚ୍ଚିଦାନନ୍ଦ ମଲ୍ଲ ଓ ବୀରକିଶୋର ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି। ଦୀର୍ଘବର୍ଷ ହେବ ଏହି ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଅନ୍ୟପକ୍ଷରେ ଏହି ପଞ୍ଚାୟତର ଜନାପାଳ ପଟ୍ଟସାହି ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ କେନାଲ ରାସ୍ତା ସମାନ ଢ଼ଙ୍ଗରେ ବିପର୍ଯ୍ୟସ୍ତ ହେବା ସହ ଲୋକେ ଯାତାୟାତରେ ବହୁ ସମସ୍ୟା ଭୋଗୁଛନ୍ତି। ଏହି ନେଇ ଖୋଦ୍ ସରପଞ୍ଚ ସରୋଜ କୁମାର ସେଠୀ(ମୁନା) ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ଚଳିତ ବର୍ଷାଋତୁରେ ସାଧାରଣ ଜନତା ହୀନସ୍ତା ହେଉଥିବା ଦେଖିବାକୁ ମିଳିଛି।

## ରାଜ୍ୟସ୍ତରୀୟ ବଲ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

**ଜଗତସିଂହପୁର, ୨୪।୮ (ସମିସ):** ଜଗତସିଂହପୁର ଜିଲ୍ଲା ବଲ୍ ବ୍ୟାଡମିଣ୍ଟନ୍ ଆସୋସିଏସନ୍ (ରୁରାଲ୍) ଆନୁକୂଲ୍ୟରେ ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ମୁଦୁପୁର ଖେଳ ପଡ଼ିଆରେ ଚାଲିଥିବା ୨୯ତମ ସବ୍‌ଜୁନିୟର ଓ ୩୩ତମ ସିନିୟର୍ ରାଜ୍ୟସ୍ତରୀୟ ବଲ୍ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଉଭୟ ସବ୍‌ଜୁନିଅର ଓ ସିନିୟର୍ ବର୍ଗର ବାଳକ ଓ ବାଳିକା ବିଭାଗରେ ୪୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସବ୍‌ଜୁନିଅର ବାଳକ ବର୍ଗରେ ଢେଙ୍କାନାଳ ଚାମ୍ପିଅନ, ପୁରୀ ରନର୍ସଅପ୍ ହୋଇଥିବାବେଳେ ବାଳିକା ବର୍ଗରେ ପୁରୀ ଚାମ୍ପିଅନ ଓ କଟକ ରନର୍ସଅପ୍ ହୋଇଥିଲା। ସେହିପରି ସିନିୟର ବାଳକ ଓ ବାଳିକା ବର୍ଗରେ ଝାରସୁଗୁଡ଼ା ଚାମ୍ପିଅନ ହୋଇଥିବାବେଳେ ବାଳକ ବର୍ଗରେ ଖୋର୍ଦ୍ଧା ଓ ବାଳିକା ବର୍ଗରେ ଭୁବନେଶ୍ୱର ରନର୍ସଅପ୍ ଆଖ୍ୟା ଅର୍ଜନ କରିଥିଲା। ମୁଖ୍ୟଅତିଥି ବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଗତ ୨୧ ତାରିଖରେ ଉଦ୍‌ଘାଟିତ ହୋଇଥିବା ଏହି ପ୍ରତିଯୋଗିତା ଆଜି ଅପରାହ୍ନରେ ଶେଷ ହୋଇଛି। ଉଦ୍‌ଯାପନୀ ସଭାରେ ଜଗତସିଂହପୁର ଜିଲ୍ଲା ବଲ୍ ବ୍ୟାଡମିଣ୍ଟନ୍ ଆସୋସିଏସନ୍ (ରୁରାଲ୍)ର ସଭାପତି ଆଇନଜୀବୀ ନରେଶ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଆଗାମୀ ଦିନରେ ମୁଦୁପୁର ପଡ଼ିଆରେ ଉନ୍ନତମାନର କ୍ରୀଡ଼ା ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ସହଯୋଗ ଯୋଗାଇ ଦେବେ ବୋଲି କହିବା ସହ ପିଲାଙ୍କୁ କ୍ରୀଡା ପ୍ରସଙ୍ଗରେ ଅନେକ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ବଲ୍ ବ୍ୟାଡମିଣ୍ଟନ୍ ଆସୋସିଏସନ୍ ସମ୍ପାଦକ ସୁକାନ୍ତ ଦାସ, ବଳରାମପୁର ସରପଞ୍ଚ ଅଞ୍ଜନ ସାମଲ, ନିରଞ୍ଜନ ପରିଡା, ନିରୂପମା ପାତ୍ର ଓ ସୁନୀତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ବଲ୍ ବ୍ୟାଡ୍‌ମିଣ୍ଟନ୍ ଆସୋସିଏସନ୍ (ରୁରାଲ୍)ର ସଂପାଦକ ଟୁନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସିପିଆଇର ଜିଲ୍ଲାସ୍ତରୀୟ ସମ୍ମିଳନୀ



**ବାଲିକୁଦା,୨୪।୮ (ସମିସ):** ବାଲିକୁଦା ବ୍ଲକ୍ ଆମ୍ବଶାଳ ପଞ୍ଚାୟତସ୍ଥ କଲ୍ୟାଣ ମଣ୍ଡପରେ ଜିଲ୍ଲା ସିପିଆଇ ପକ୍ଷରୁ ଅଭ୍ୟର୍ଥନା କମିଟି ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଦଶମ ବାର୍ଷିକ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସିପିଆଇର ସମ୍ପାଦକ ମଣ୍ଡଳୀ ସଦସ୍ୟ ଏନ. ନାରାୟଣ ରେଡ୍ଡୀ, ରାଜ୍ୟ କିଷାନ ସଭା ସଭାପତି ଶଶୀଭୂଷଣ ସ୍ୱାଇଁ, ଉତ୍କଳ ମହିଳା ସମିତି ରାଜ୍ୟ ସଭାପତି ଚିନ୍ମୟୀ ସାହାଣୀ, ଅଭ୍ୟର୍ଥନା କମିଟି ସମ୍ପାଦକ ସୁମନ୍ତ ଦାସ, ଜିଲ୍ଲା ସମ୍ପାଦକ ଅଜୟ ବେହେରା, ସହସମ୍ପାଦକ ସତ୍ୟ ମହାନ୍ତି, ପୀତାମ୍ବର ଦାସ, ତ୍ରୈଲୋକ୍ୟ ଜେନା, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଯୋଗଦେଇ ଦଳର ୧୦୦ ବର୍ଷର ନିଷ୍ଠାପର ସେବା, ତ୍ୟାଗ, ବଳିଦାନ, ସଂଘର୍ଷ ସମ୍ପର୍କରେ ଆଲୋଚନା କରିବା ସହ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ଏହି ସଂଗ୍ରାମ ଜାରି ରହିବା ସହ ରାଜ୍ୟରେ ସଂଗଠନ ବୃଦ୍ଧି ଓ ଲୋକଙ୍କ ସମସ୍ୟାକୁ ନେଇ ଆନ୍ଦୋଳନ ଜାରି ରହିବ ବୋଲି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରରୁ ଶତାଧିକ କର୍ମୀ ସାମିଲ ହୋଇଥିଲେ।

### ପାରାଦୀପରେ ସ୍ପା ନାଁରେ ଚାଲିଛି ଦେହ ବେପାର

# ନିୟୋଜିତ ହୋଇଛନ୍ତି ବଙ୍ଗୀୟ ଯୁବତୀ; ଟେର୍ ପାଉନି ପୁଲିସ

**ପାରାଦୀପ,୨୪।୮ (ସମିସ)**

ପଶ୍ଚିମବଙ୍ଗରୁ ଯୁବତୀଙ୍କୁ ଆଣି ପାରାଦୀପରେ ଦେହ ବେପାରରେ ଲଗାଯାଉଛି। ସ୍ପା ଓ ମସାଜ ସେଣ୍ଟର ବ୍ୟତୀତ କେତେକ ଗେଷ୍ଟ ହାଉସରେ ରଖାଯାଇ ଏଭଳି କାର୍ଯ୍ୟରେ ନିୟୋଜିତ କରାଯାଉଛି। ସ୍ପା ଓ ମସାଜ ଆଳରେ ଚାଲିଛି ଖୋଲାଖୋଲି ଦେହ ବେପାର। ଯାହା ଗତକାଲି ପାରାଦୀପ ପୁଲିସ ତାରିଣୀଗଡ଼ାର ଏକ ସ୍ପା ସେଣ୍ଟରରେ ଚଢ଼ଉ କରି ୯ ବଙ୍ଗୀୟ ଯୁବତୀଙ୍କ ସହିତ ୪ ଗ୍ରାହକଙ୍କୁ ଆପତ୍ତିଜନକ ଅବସ୍ଥାରେ ଉଦ୍ଧାର କରିବା ପ୍ରମାଣିତ କରୁଛି। ଦେହ ସୁଖ ମେଣ୍ଟାଇବା ପାଇଁ ଆସିଥିବା ଯେଉଁ ୪ ଜଣ ଯୁବକଙ୍କୁ ଗିରଫ କରାଯାଇଛି, ସେମାନେ ଉଚ୍ଚ ବେତନଭୋଗୀ କର୍ମଚାରୀ। ସେମାନଙ୍କଠାରୁ ସ୍ଥାନୀୟ କିଛି ଦଲାଲ ମୋଟା ଅଙ୍କର ଅର୍ଥ ନେଇ ଏଭଳି କରିବାର ସୁଯୋଗ ଦେଉଥିଲେ। ଦଲାଲ ଏବେ ଏହି ବେପାରରେ ସକ୍ରିୟ ହୋଇ ପ୍ରଚୁର ଟଙ୍କା ରୋଜଗାର କରୁଛନ୍ତି।

ଏଭଳି ଘଟଣା ପାରାଦୀପ ଅଞ୍ଚଳରେ ନୂଆ ନୁହେଁ। ଦୀର୍ଘଦିନ ଧରି ଦଲାଲମାନେ ପାରାଦୀପ ସହର ସମେତ ତାରିଣୀଗଡା, ଜିରୋ ପଏଣ୍ଟ, ଉଦୟବିହାର, କଟକ-ପାରାଦୀପ ରାସ୍ତାର ଦୋଛକି ନିକଟ ଓ ପାରାଦୀପଗଡ ଅଞ୍ଚଳରେ ମସାଜ ସେଣ୍ଟର ଓ ସ୍ପା ସେଣ୍ଟର ଆଳରେ ଦେହ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଆଉ କେତେକ ସ୍ଥାନରେ ଦିନରାତି ଖୁଲମଖୁଲା ଆଗପଟ ତାଲା ପକାଇ ଭିତରେ ଏଭଳି ଦେହ ବ୍ୟବସାୟ କରାଯାଉଥିବା ଜଣାପଡିଛି। ଯେହେତୁ ପାରାଦୀପ ଏକ ଶିଳ୍ପଭିତ୍ତିକ ସହର ଓ ଦେଶର ଏକନମ୍ବର ବନ୍ଦର ଏଠାରେ ରହିଛି, ବନ୍ଦରକୁ ଦେଶ ବିଦେଶରୁ ବହୁ ଜାହାଜ ଆସୁଛି। ଜାହାଜର କର୍ମଚାରୀ ଓ ଶିଳ୍ପ ସଂସ୍ଥାରେ କାମ କରୁଥିବା ଉଚ୍ଚ ଦରମା ପାଉଥିବା କର୍ମଚାରୀ ମଧ୍ୟ ରହିଛନ୍ତି। ଓଡ଼ିଆ କର୍ମଚାରୀଙ୍କ ଅପେକ୍ଷା ଅଣଓଡ଼ିଆ କର୍ମଚାରୀଙ୍କ ଚଳପ୍ରଚଳ ମଧ୍ୟ ଶିଳ୍ପ ସଂସ୍ଥାରେ ଅଧିକ ରହିଛି। ଏଠାରେ ଏହି ଦେହ ବେପାର ମଧ୍ୟ ଭଲ ହେଉଛି। ଦଲାଲ କେବଳ ଏହି ଦେହ ବେପାରରେ କର୍ମଚାରୀଙ୍କୁ ଲଗାଇ ମୋଟା ଅର୍ଥ ରୋଜଗାର କରୁଛନ୍ତି। ଫୋନ ଓ ଅନଲାଇନ ମାଧ୍ୟମରେ ଯୁବତୀଙ୍କ ଫଟୋ ଦେଖାଇ ଚଏସ କରାଯିବା ପରେ କାମରେ ଲଗାଯାଉଛି। ପାରାଦୀପ ଏକ ଛୋଟ ସହର ହୋଇଥିବାବେଳେ ପୁଲିସ କିଭଳି ଏହାର ଟେର ପାଉନାହିଁ, ତାକୁ ନେଇ ଏବେ ସନ୍ଦେହ ପ୍ରକାଶ ପାଇଛି। ଖୋଲାଖୋଲି ଏଭଳି କାରବାର ଚାଲୁଥିବାବେଳେ ପୁଲିସ କିଭଳି ଏହାର ଟେର ପାଉନାହିଁ ବୋଲି ପ୍ରଶ୍ନ ଉଠୁଛି। ନାଁ ସବୁ ଜାଣି ନ ଜାଣିଲା ଭଳି ଆଚରଣ କରୁଛି ତାକୁ ନେଇ ସନ୍ଦେହ ଉପୁଜିଛି। ଏହି ବ୍ୟବସାୟ ପାରାଦୀପରେ ଲୁଚାଛପାରେ ରୀତିମତ ଚାଲିଛି। ବାହାରକୁ କିଛି ଜଣାପଡୁ ନ ଥିବାବେଳେ କିଛି ଦଲାଲ ସ୍ପା ମାଲିକଙ୍କୁ ହାତ କରି ବେଶ କିଛି ଟଙ୍କା ରୋଜଗାର କରିବାକୁ ଯୋଜନା କରିଛନ୍ତି। ଏପରିକି ଏଥିରେ ପୁଲିସର ବି ଭାଗ ରହିଥିବା ଚର୍ଚ୍ଚା ହେଉଛି। ସ୍ପା ସେଣ୍ଟର ବିରୋଧରେ ପୁଲିସ ପାଖରେ ଖବର ଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ନାହିଁ। ତେବେ ଏଭଳି ଅନୈତିକ କାର୍ଯ୍ୟ ବନ୍ଦ କରାଯିବାକୁ ସାଧାରଣରେ ଦାବି ହେଉଛି।

## ହାଇଦ୍ରାବାଦ ମାରାଥନ୍‌ରେ ସଫଳ ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟଙ୍କୁ ଅଭିନନ୍ଦନ

**ପାରାଦୀପ,୨୪।୮ (ସମିସ):** ପାରାଦୀପ ବନ୍ଦର କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଏସଏଫ)ର କମାଣ୍ଡାଣ୍ଟ ସନତ ପଟେଲଙ୍କୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତାଙ୍କର ମାରାଥନ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଆଜି ଏନଏମଡିସି ହାଇଦ୍ରାବାଦ ମାରାଥନରେ ଶ୍ରୀ ପଟେଲ ୩ ଘଣ୍ଟା ୩୦ ମିନିଟ ସମୟ ନେଇ ୪୨.୧୯୫ କିଲୋମିଟର ରାସ୍ତା ଅତିକ୍ରମ କରି ତାଙ୍କର ଯାତ୍ରା ଶେଷ କରିଥିଲେ। ତାଙ୍କର ଏହି ସଫଳତା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ହାଇଦ୍ରାବାଦ ମାରାଥନରେ ଅନେକ ଫ୍ଲାଏଓଭର ଓ ପାହାଡ଼ ଅତିକ୍ରମ କରିବାକୁ ପଡେ। ଯାହା ଭାରତର ସବୁଠୁ କଷ୍ଟକର ମାରାଥନ ଭାବେ ବିବେଚନା କରାଯାଏ। ଏହାକୁ ୩.୩୦ ଘଣ୍ଟାରେ ଶେଷ କରିବା ସହଜସାଧ୍ୟ ନୁହେଁ। ଏହି ଉଲ୍ଲେଖନୀୟ ସଫଳତା କମାଣ୍ଡାଣ୍ଟ ସନତଙ୍କ ଶାରୀରିକ ସୁସ୍ଥତା ଓ ବ୍ୟକ୍ତିଗତ ଉତ୍କର୍ଷତା ପ୍ରତି ଦୃଢ଼ ସମର୍ପଣର ପ୍ରମାଣ। ବନ୍ଦର ଅଧ୍ୟକ୍ଷ ପିଏଲ ହରନାଧ ସନତ କୁମାର ପଟେଲଙ୍କୁ ତାଙ୍କର ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।



## ତିଳେଇବଣିରେ ବିଧାୟକଙ୍କ ଅଭିଯୋଗ ଶୁଣାଣି

ଦେବଗଡ଼, ୨୪।୮ (ସମିସ): ତିଳେଇବଣି ବ୍ଲକ ସଦର ମହକୁମାରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ମାସର ଚତୁର୍ଥ ରବିବାରରେ ତିଳେଇବଣି ଠାରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଶିବିରରେ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସମୁଦାୟ ୧୨ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ହୋଇଥିଲା। ରାସ୍ତା ନିର୍ମାଣ ଏବଂ ମରାମତି, ବିଦ୍ୟୁତ ସମସ୍ୟା, ଭୂମିହୀନ ପରିବାରକୁ ଘରଡିହ ପଟ୍ଟା ପ୍ରଦାନ ଆଦି ଅଭିଯୋଗ ରହିଥିଲା। ବିଧାୟକ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ବିଭାଗୀୟ ଅଧିକାରୀଙ୍କ ନଜରକୁ ଆଣି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଆନନ୍ଦାଳୟର କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ଉତ୍ସବ

ଝାରବନ୍ଧ, ୨୪।୮ (ସମିସ): ବିବେକାନନ୍ଦ କେନ୍ଦ୍ର କନ୍ୟା କୁମାରୀ ଓଡ଼ିଶା ସେବା ପ୍ରକଳ୍ପ ଝାରବନ୍ଧ ବ୍ଲକ ଆନନ୍ଦାଳୟର ଝାରବନ୍ଧ କ୍ଲଷ୍ଟର ସ୍ତରୀୟ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶା ସେବା ପ୍ରକଳ୍ପ ସଂଗଠନ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଧ୍ୟାପିକା ଯାଜ୍ଞସେନୀ ନାୟକ, ମିନପ୍ରଭା ପ୍ରଧାନ, ଯୋଗ ଶିକ୍ଷକ ତଥା ସମାଜ ସେବୀ ଗୌରବ ବେହେରା, ସିଆରସିସି ଦିବସ ସାହୁ, ଶିକ୍ଷକ ଦିବ୍ୟ କିଶୋର ପାଣ୍ଡେ ଯୋଗ ଦେଇଥିଲେ। ମୋଟ ୧୭ଟି ଆନନ୍ଦାଳୟର ହାରାହାରି ୧୦୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ କ୍ରୀଡା ଉତ୍ସବରେ ୧୦୦ ମିଟର ଦୌଡ, ହାଣ୍ଡି ଫଟା, ବେଲୁନ ଫଟା, ସୂର୍ଯ୍ୟ ନମସ୍କାର, ଯୋଗ, ଦେଶ ଭକ୍ତି ଗୀତା ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପର୍ଯ୍ୟବେକ୍ଷକ ନିମାଇଁ ଚରଣ ବାରିକ, ଲୋଚନ ସାହୁ, ପିଙ୍କି ଦୀପ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିବା ବେଳେ ଅନିଲ ଲୁହାର, ସନାତନ ପାଣ୍ଡେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଆନନ୍ଦାଳୟର ୫୦ରୁ ଊର୍ଦ୍ଧ୍ୱ ଆଚାର୍ଯ୍ୟ ଯୋଗ ଦେଇଥିଲେ।

## ନିଷ୍ଠା ପରିବାର ତରଫରୁ ଅଜଣା ଶବ ସତ୍କାର

ବରଗଡ଼, ୨୪।୮ (ସମିସ): କିଛି ଦିନ ପୂର୍ବରୁ ଜଣେ ଅଜଣା ବ୍ୟକ୍ତି ୧୦୮ ଆମ୍ବୁଲାନ୍ସ ଯୋଗେ ସରକାରୀ ମୁଖ୍ୟ ଚିକିତ୍ସାଳୟକୁ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଆସିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହେଇଥିବା ଖବର ସୋସିଆଲ ମିଡିଆରୁ ଜାଣି ଭଟଲି ପୁଲିସକୁ ନିଷ୍ଠା ପରିବାର ପକ୍ଷରୁ ସୂଚନା ଦିଆ ଯାଇଥିଲା। ପୁଲିସ ସହଯୋଗରେ ଶବ ସଂରକ୍ଷଣ ଗୃହରେ ତାଙ୍କ ମର ଶରୀରକୁ ରଖାଯାଇଥିଲା। ବ୍ୟକ୍ତି ଜଣକ ଦଶରୁ ବାର ବର୍ଷରୁ ବିରମାଲ ଅଞ୍ଚଳରେ ରହିଥିଲେ ବୋଲି ଜଣା ପଡ଼ିଥିଲା। ବିରମାଲ ଛକରେ ଥିବା ପଞ୍ଚମ ହୋଟେଲରେ ଦୀର୍ଘ ଦିନ ଧରି କାମ କରୁଥିଲେ। ଏ ନେଇ ନିଷ୍ଠା ପରିବାରର ଉପଦେଷ୍ଟା ସଚି ପଣ୍ଡା, ସଭାପତି ଅଶ୍ୱିନୀ ତ୍ରିପାଠୀ ଓ ସଂଯୋଜକ ଲବ ସାହୁ ହୋଟେଲକୁ ଯାଇ ମାଲିକଙ୍କୁ ସବୁ କଥା ଅବଗତ କରିବା ସହ ଶବ ସତ୍କାର ପାଇଁ ଯିବାକୁ ଅନୁରୋଧ କରାଯାଇଥିଲା। ପୁଲିସ କେସ୍ ଭୟରେ ସେ ରୋକ୍‌ଠୋକ୍ ମନା କରି ଦେଇଥିଲେ। ଶେଷରେ ପୁଲିସର ଲିଖିତ ଅନୁମତି ନେଇ ଦୀର୍ଘ ୯୬ ଘଣ୍ଟା ପରେ ନିଷ୍ଠା ପରିବାର ତରଫରୁ ଶବ ସତ୍କାର କରାଯାଇଥିଲା। ଏହି ମହତ୍ କାମରେ ଭଟଲି ପୁଲିସଙ୍କ ସହ ନିଷ୍ଠା ପରିବାରର ସଂଯୋଜକ ମାନସ ମେହେର, ଅମିତ ଭୋଇ, ଶୁଭ୍ରାଂଶୁ ସରାଫ ଓ ବିମଳା ଭଉଣୀ ଉପସ୍ଥିତ ଥିଲେ।

## ବ୍ରହ୍ମ କୁମାରୀ ତରଫରୁ ରକ୍ତଦାନ ଶିବିର




ଝାରସୁଗୁଡ଼ା, ୨୪।୮ (ସମିସ): ଝାରସୁଗୁଡ଼ା ଓମ ଶାନ୍ତି ବ୍ରହ୍ମ କୁମାରୀ ତରଫରୁ ଗୋଶାଳା ରୋଡ ଶିବ ଅର୍ପଣ ଭବନରେ ଦାଦି ପ୍ରକାଶ ମଣିଙ୍କ ସ୍ମୃତିରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏମ୍‌କେ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମ କୁମାରୀ ତରଫରୁ ଝାରସୁଗୁଡ଼ା ସଞ୍ଚାଳିକା ଅଶ୍ୱିନୀ ଦିଦି, ବେଲପାହାଡ ସଞ୍ଚାଳିକା ଶିଖା ଦିଦି, ବ୍ରଜରାଜନଗରର ସଞ୍ଚାଳିକା ମମତା ଦିଦି ପ୍ରମୁଖ ଶିବିରକୁ ଶୁଆରମ୍ଭ କରିଥିଲେ। ରକ୍ତଦାନ ଶିବିରରେ ୧୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ବିଶ୍ୱ ହିନ୍ଦୁ ପରିଷଦର ସ୍ଥାପନା ଦିବସ



ଭଟଲି, ୨୪।୮ (ସମିସ): ବିଶ୍ୱ ହିନ୍ଦୁ ପରିଷଦ (ପଶ୍ଚିମ)ର ସ୍ଥାପନା ଦିବସ ଭଟଲି ପ୍ରଖଣ୍ଡ ସରଧାପାଲି ଗାଁରେ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ମଧୁମେହ, ଫିଜିଓଥେରାପି, ଶିଶୁ ବିଭାଗ, ଅସ୍ଥି ବିଭାଗର ବିଭିନ୍ନ ପ୍ରସିଦ୍ଧ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ଥିଲେ। ଶେଷରେ ବିଶ୍ୱ ହିନ୍ଦୁ ପରିଷଦ, ଭଟଲିର ସଭାପତି ବିଜୟ ମେହେର, ସମ୍ପାଦକ ସରୋଜ ବେହେରା, ସତସଙ୍ଗ ପ୍ରମୁଖ ସଞ୍ଜୀବ ଗୁରୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ବେଲପାହାଡ଼ ପୌର ପରିଷଦରେ ଦୁର୍ନୀତି; ଇଓଡବ୍ଲ୍ୟୁକୁ ମାମଲା ହସ୍ତାନ୍ତର

ଝାରସୁଗୁଡ଼ା, ୨୪।୮ (ସମିସ)



ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌରପରିଷଦରେ ୨୦୨୪-୨୫ ଆର୍ଥିକ ବର୍ଷରେ କୋଟି କୋଟି ଟଙ୍କା ହେରଫେର ମାମଲାରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତଦନ୍ତ କରିବ। ପୂର୍ବରୁ ବେଲପାହାଡ ପୁଲିସ କରୁଥିବା ତଦନ୍ତକୁ ଇଓଡବ୍ଲ୍ୟୁକୁ ହସ୍ତାନ୍ତର ହୋଇଛି। ଦୁର୍ନୀତି ଘଟଣାକୁ ନେଇ ୧୫ ଦିନିଆ ସ୍ୱତନ୍ତ୍ର ଅଡିଟ ଗତ ୧୮ ତାରିଖରୁ ଆରମ୍ଭ ହୋଇଛି। ଅନ୍ୟପଟେ ଏହି ଦୁର୍ନୀତିକୁ ନେଇ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଭିଯୋଗ କ୍ରମେ ଆକାଉଣ୍ଟାଣ୍ଟ ବିଭୁତି ସାହୁକୁ ବେଲପାହାଡ଼ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ହେଲେ ସାନିଟେରୀ ଏକ୍ସପର୍ଟ ସୌମ୍ୟ ବିଶ୍ୱରଞ୍ଜନ ମହାଳି ଫେରାର ଅଛନ୍ତି। ଦୁଇ ଦିନ ତଳେ ଇଓଡବ୍ଲ୍ୟୁର ୨ ଜଣିଆ ଟିମ ଘଟଣା ସମ୍ପର୍କରେ ପ୍ରାଥମିକ ତଥ୍ୟ ସଂଗ୍ରହ କରି ଭୁବନେଶ୍ୱର ଫେରିଛନ୍ତି। ଆଜି ଓଡ଼ିଶା ପୁଲିସ ମୁଖ୍ୟାଳୟ ପକ୍ଷରୁ ମାମଲାକୁ ଇଓଡବ୍ଲ୍ୟୁକୁ ସ୍ଥାନାନ୍ତର କରାଯାଇଛି। ଦିନେ ଦୁଇଦିନ ମଧ୍ୟରେ ଇଓଡବ୍ଲ୍ୟୁ ଟିମ ବେଲପାହାଡରେ ପହଞ୍ଚି ସମସ୍ତ ଘଟଣାର ତଦନ୍ତ କରିବ ବୋଲି ସୂଚନା ମିଳିଛି।

**ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ**

ଅନ୍ୟପଟେ ବେଲପାହାଡ ଯୁବା କ୍ଲବ୍ ପକ୍ଷରୁ ରବିବାର ସାମ୍ବାଦିକ ସମ୍ମିଳନୀ କରି ଦୁର୍ନୀତିରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ୧୦ ବର୍ଷର ସ୍ୱତନ୍ତ୍ର ଅଡିଟ ଦାବି ସହ ଟଙ୍କା ଫେରସ୍ତ କରାଯାଉ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି। ସରକାର ଯେଉଁ ଟଙ୍କା ବେଲପାହାଡର ଉନ୍ନତି ପାଇଁ ଦେଇଥିଲେ ତାହାର ଠିକ୍ ବିନିଯୋଗ କରା ନଯାଇ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର କରି ଅନ୍ୟତ୍ର ଖର୍ଚ୍ଚ କରାଯାଇଛି। ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ, ଯୁବା କ୍ଲବ୍ ପକ୍ଷରୁ ବେଲପାହାଡ ବନ୍ଦ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ସେପଟେ ବେଲପାହାଡ ନଗରପାଳ ନିମାଇଁ ଚରଣ ପଣ୍ଡା ଯୁବା କ୍ଲବ୍‌ର ଦାବିକୁ ସ୍ୱାଗତ କରିଛନ୍ତି। ତାଙ୍କ ଅଜାଣତରେ ଅନେକ ଫାଇଲରେ ଜେରକ୍ସ ଦସ୍ତଖତ କରାଯାଇ ଟଙ୍କା ଉଠାଣ କରାଯାଇଥିବା ସେ କହିଛନ୍ତି। ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ବସୁଥିବା ଗାଡି ବିଲ ଠୁ ନେଇ ଏଫସିଟିପିରେ ହୋଇଥିବା କାର୍ଯ୍ୟ ପରି ଅନେକ ସ୍ଥାନରେ ନଗରପାଳଙ୍କ ଜେରକ୍ସ ଦସ୍ତଖତରେ ଟଙ୍କା ଉଠାଣ ହୋଇଥିବା ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି। ଏହାସହ ପୌରପରିଷଦରେ ହୋଇଥିବା ସମସ୍ତ ଦୁର୍ନୀତି ଲୋକଲୋଚନକୁ ଅଣାଯାଉ ବୋଲି ନଗରପାଳ ଦାବି ରଖିଛନ୍ତି।

## ଅଞ୍ଚଳ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା



ପଦ୍ମପୁର, ୨୪।୮ (ସମିସ): ଅଞ୍ଚଳ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗରେ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାସଙ୍କ ସଭାପତିତ୍ୱରେ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ହୋଇଯାଇଛି। ପ୍ରଫେସର ଦାସ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ସହ ଶିକ୍ଷାର ମହତ୍ତ୍ୱ ଓ ଜୀବନର ମୂଲ୍ୟବୋଧ ଉପରେ ଉଦ୍‌ବୋଧନ ଦେଇଥିଲେ। ବିଭାଗ ମୁଖ୍ୟ ପ୍ରାଧ୍ୟାପିକା କଳ୍ପନା ପାତ୍ରୀ, ଅଧ୍ୟାପିକା ମୋନାଲିସା ସ୍ୱାଇଁ, ଅଧ୍ୟାପକ ଦୟାନିଧି ବଗର୍ତ୍ତୀ, ଡେମନଷ୍ଟ୍ରେଟର ଘନଶ୍ୟାମ ପ୍ରଧାନ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ଶେଷ ବର୍ଷ ଏବଂ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ମଧ୍ୟ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ସହିତ ଉଦ୍ଭିଦ ବିଜ୍ଞାନର ବୃକ୍ଷରୋପଣ କାର୍ଯ୍ୟକ୍ରମ 'ଗ୍ରିନ୍ ଗିଫ୍ଟ ନେଚର୍ ଫିଟ୍' ପ୍ରଫେସର୍ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଶେଷରେ ଶେଷ ବର୍ଷ ଛାତ୍ରୀ ପିଙ୍କି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୃକ୍ଷରୋପଣ, ସଡ଼କ ସୁରକ୍ଷା ଓ ପ୍ଲାଷ୍ଟିକ ବର୍ଜନ ସଚେତନତା ପଦଯାତ୍ରା

ପଦ୍ମପୁର, ୨୪।୮ (ସମିସ): ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଘନାମାଲର ସହକାରୀ ଶିକ୍ଷକ ସୁରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ର ମାନଙ୍କ ତରଫରୁ ବନମହୋତ୍ସବ, ପରିବେଶ ସୁରକ୍ଷାର ଦିବସ, ମା' ପାଇଁ ଗଛଟିଏ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ଏ ସମ୍ପର୍କରେ



ଏକ ଜନ ସଚେତନତା ପଦଯାତ୍ରା ଘନାମାଲ ଗାଁରେ କରାଯାଇଥିଲା। ସର୍ଗୀବାହାଲ ବନ ବିଭାଗରୁ ଅଣାଯାଇ ଥିବା ଆମ୍ବ, ପଣସ, ପିଜୁଳି, ଶାଗୁଆନ, ବାଉଁଶ, ଲେମ୍ବୁ, ଡାଳିମ୍ବ, ଶିଶୁ ଇତ୍ୟାଦି ଚାରା ଛାତ୍ରଛାତ୍ରୀ ଓ ଗାଁବାସୀଙ୍କୁ ବଣ୍ଟନ କରାଯାଇଥିଲା। ଚାରା ବଣ୍ଟନ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାସ୍ତା ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରିବା ସହିତ ଲୋକମାନଙ୍କୁ ମାନଙ୍କୁ ବୃକ୍ଷରୋପଣ ପାଇଁ ସଚେତନ କରାଯାଇଥିଲା।

ସେହିପରି ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଘନାମାଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ ଦିବସ ପାଳନ କରାଯାଇଛି। ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଘନାମାଲ ଓ ବଜାର ଛକ ପର୍ଯ୍ୟନ୍ତ ସଂଯୋଗ କରୁଥିବା ରାସ୍ତା ଉପରେ ଥିବା ଖାଲ ସ୍ଥାନରେ ମାଟି ପକାଇବା ସହ ବାଇକ୍ ଚାଳକ ମାନଙ୍କୁ ହେଲମେଟ



ପିନ୍ଧିବା ଓ ଚାରି ଚକିଆ ଗାଡିର ଡ୍ରାଇଭର ମାନଙ୍କୁ ସିଟବେଲ୍ଟ ଭିଡିବା ପାଇଁ ପରାମର୍ଶ ଦିଆଯାଇ ଥିଲା। ଏଥିସହ ପ୍ଲାଷ୍ଟିକ ବର୍ଜନ କରିବାକୁ ସଚେତନ କରାଯାଇଥିଲା। ଖେଳ ଶିକ୍ଷକ ରାମକୃଷ୍ଣ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ୨୦୦୨ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

ଝାରବନ୍ଧ, ୨୪।୮ (ସମିସ): ଝାରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨୦୦୨ ମାଟ୍ରିକ ବ୍ୟାଚର ସମସ୍ତ ସହପାଠୀ ବୃନ୍ଦ ବନ୍ଧୁତାର ଡୋରିରେ ଟାଣି ହୋଇ ଏକତ୍ରିତ ହୋଇଛନ୍ତି। ବନ୍ଧୁତାର ସମ୍ପର୍କ ମଜବୁତ ତଥା ଚିରନ୍ତନ ରଖିବା ପାଇଁ ଆଜି ଝାରବନ୍ଧ ଡ୍ୟାମ ଠାରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତେ ନିଜ ନିଜର ପୁରୁଣା ଦିନ ତଥା ବର୍ତ୍ତମାନର କାର୍ଯ୍ୟଧାରା ଉପରେ ମତ ଦେଇଥିଲେ। କୃପାରାମ ସାହୁ, ନବୀନ ବାଗ, ଦୁଃଖିଶ୍ୟାମ ପଟେଲ, ଅଞ୍ଜନ ବରିହା, ସାମନ୍ତ ଶେଖର ମୁନା ପ୍ରମୁଖ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଡ.ବିବେକ ଅଗ୍ରୱାଲ, ଅଖିଳେଶ ସାହୁ, ଦୀପକ ସେଠୀ ଏବଂ ରାମକୃଷ୍ଣ ସାହୁଙ୍କ ସମେତ ୪୦ ଜଣ ସହପାଠୀ ସାମିଲ ଥିଲେ।



# ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ନୂଆଁଖାଇ ଜୋଟ୍ ଜାଟ୍

ବରଗଡ଼, ୨୪।୮ (ସମିସ): ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ରବିବାର ୧୦ମ ନୂଆଁଖାଇ ଜୋଟ୍ ଜାଟ୍ କାର୍ଯ୍ୟକ୍ରମ ଗାନ୍ଧୀ ପାଠାଗାର ଗାନ୍ଧୀ ଭବନ ଠାରେ ସଭାପତି ପବିତ୍ର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଶୟନ ପଣ୍ଡା, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଆଶୁତୋଷ ରଥ, ବରଗଡ଼ ମହିଳା ସମିତି ସଭାପତି ଅଞ୍ଜନା ଦାସ, ସମାଜସେବୀ ମାମି ମିଶ୍ର, ଆଇନଜୀବି ତଥା ବ୍ୟଙ୍ଗ କବି ନୀତିଶ ଆଚାର୍ଯ୍ୟ, ଲତିବ ଖାନ, ପୁଷ୍ପା ଭଉଣୀ, ଅଲିମରିଜବି, ପ୍ରିତମ ସିଂ, ଗୁଣମଣି ସୁନାନୀ, ଗୁରୁଚରଣ ହରିପାଳ, ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂ ପ୍ରମୁଖ ଯୋଗ ଦେଇ ଗଣପର୍ବ ନୂଆଁଖାଇର ମହନୀୟତା ଉପରେ ଆଲୋଚନା କରିଥିଲେ। କବି କବୟିତ୍ରୀ ପଙ୍କଜିନୀ ସୁନା, ସନ୍ତୋଷିନୀ ନାଗ, ଅହଲ୍ୟା ପଧାନ, ସଙ୍ଗୀତା ଦୀପ, ମନୋରଞ୍ଜନ ଲୁହା, ଉମେଶ ପଧାନଙ୍କ ଦ୍ୱାରା ପରିବେଷିତ ନୂଆଁଖାଇ କାବ୍ୟ କବିତା କାର୍ଯ୍ୟକ୍ରମକୁ ପରିପୁଷ୍ଟ କରିଥିଲା। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଜିଲ୍ଲାର ଗରିବ ଅସହାୟ ନିଷ୍ପେସିତ ଜନସାଧାରଣଙ୍କୁ ନୂଆଁଖାଇ ପାଇଁ ନୂତନ ବସ୍ତ୍ର ଅଡ଼ିଆ ଦେଇ ତାଙ୍କ ଠାରୁ ଆଶୀର୍ବାଦ ନିଆଯାଇଥିଲା। ମଞ୍ଚର ସଦସ୍ୟ ମାନେ ମାରିୟମ ବାର୍ଲା, ମମତା ବେହେରା, ସମାଜସେବୀ ବସୁମତୀ ବନଛୋର, ଅନୁ ଭୋଇ, ଖୁସନୁମା ବେଗମ, ସୁମତି ଜାଲ, ସନ୍ତୋଷିନୀ ସାହୁ, ସନ୍ତୋଷିନୀ ନାୟକ, ଭବାନୀ ସାହୁ, ଚନ୍ଦମଣୀ ବାଗ, ବଳରାମ ଦୀପ ପ୍ରମୁଖ ପରିଚାଳନା କରିଥିଲେ। ଚାଷୀ ନେତା ରମେଶ ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।





# ମୁରଲୀପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ, କର୍ମଚାରୀ ଅଭାବ

ଝାରସୁଗୁଡ଼ା, ୨୪।୮ (ସମିସ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ସୀମାନ୍ତରେ ଅବସ୍ଥିତ ମୁରଲୀପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାହିଁ ନାହିଁରେ ଚାଲିଛି। ସୀମାନ୍ତ ଅଞ୍ଚଳରେ ଯୁକ୍ତ ଦୁଇ ପାଠ୍ୟକ୍ରମ ପାଇଁ ପୂର୍ବ ବିଜେଡି ସରକାର ମୁରଲୀପାଲି ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରି ଏଠାରେ ଯୁକ୍ତ ୨ କଳା ପାଠ୍ୟକ୍ରମ ଆରମ୍ଭ କରିଥିଲେ। ଏହା ସହିତ ୨୦୨୩ ଅଗଷ୍ଟ ମାସରେ ବିଦ୍ୟାଳୟର ଭିତ୍ତିଭୂମି ଏବଂ କୋଠା ନିର୍ମାଣ ପାଇଁ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଏହାର କାର୍ଯ୍ୟ ଆରମ୍ଭ ହୋଇନାହିଁ। ଫଳରେ ଯୁକ୍ତ ୨ ପାଠ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରେଣୀ ଗୃହ ଅଭାବ ରହିଛି। ଏଥି ସହିତ ଶିକ୍ଷାଦାନ ପାଇଁ ଆବଶ୍ୟକ ଶିକ୍ଷକ, କିରାଣୀ ଓ ଡାଟାଏଣ୍ଟ୍ରି ଅପରେଟରଙ୍କ ଅଭାବ ରହିଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୨୦୨୩-୨୪ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଛି। ବର୍ତ୍ତମାନ ଯୁକ୍ତ୨ କଳା ଉଭୟ ବର୍ଷରେ ୧୯୨ ଲେଖାଏଁ ମୋଟ ୩୮୪ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୬ ଜଣ ଅତିଥି ଅଧ୍ୟାପକଙ୍କ ଦ୍ୱାରା ଶିକ୍ଷାଦାନ ଚାଲିଛି। ସରକାରଙ୍କ



ନିୟମାନୁଯାୟୀ ଯଦି ୬୪ ଜଣଙ୍କୁ ନେଇ ଗୋଟିଏ ସେକ୍ସନ କରାଯାଏ ତେବେ ୬ଟି ସେକ୍ସନ ହେବ। ମାତ୍ର ସରକାରଙ୍କ ତରଫରୁ ଜଣେ ଶିକ୍ଷକଙ୍କୁ ଗୋଟିଏ ପିରିୟଡ ପାଇଁ ୪୦୦ଟଙ୍କା ହିସାବରେ ସର୍ବାଧିକ ୫୦ଟି ପିରିୟଡର ମୋଟ ୨୦ ହଜାର ଟଙ୍କା ବ୍ୟବସ୍ଥା ରହିଛି। ଏହି ହିସାବରେ ମୋଟ ପିରିୟଡ ସଂଖ୍ୟା ୩୦୦ ହେବ। ଯାହାଦ୍ୱାରା ମାସକୁ ଯଦି ୨୫ ଦିନ ପାଠ ପଢ଼ାହୁଏ ତେବେ ଜଣେ ଅଧ୍ୟାପକ ଦୈନିକ ମାତ୍ର ୨ଟି ପିରିୟଡ ପାଠ ପଢ଼ାଇବେ। ସାଧାରଣତଃ ୧୦ରୁ ୪ଟା ପର୍ଯ୍ୟନ୍ତ ପାଠପଢ଼ା ଯାଉଥିବା ବେଳେ ମୁରଲୀପାଲି ବିଦ୍ୟାଳୟରେ ଅଧ୍ୟାପକ ଅଭାବରୁ ଅପରାହ୍ଣ ୧ରେ ଯୁକ୍ତ୨ ଛାତ୍ରଛାତ୍ରୀଙ୍କ ଛୁଟି କରିବାକୁ ପଡୁଛି। ଚଳିତ ବର୍ଷରୁ ଏଭଳି ସମସ୍ୟାର ସମାଧାନ ପାଇଁ ସ୍କୁଲରେ ଆହୁରି ୬ ଜଣ ଅତିଥି ଅଧ୍ୟାପକ ନିଯୁକ୍ତ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି। ନବମ ଓ ଦଶମ ଶ୍ରେଣୀକୁ ମିଶାଇ ପ୍ରାୟ ୬ଶହ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି।

**ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି କୋଠା**

ବିଦ୍ୟାଳୟ ଉଚ୍ଚ ମାଧ୍ୟମିକ ସ୍ତରକୁ ଉନ୍ନୀତ ହେବାର ୩ ବର୍ଷ ବିତିଛି। ପୂର୍ବ ସରକାରଙ୍କ ଅମଳରେ ଭିତ୍ତିଭୂମି ଓ କୋଠା ନିର୍ମାଣ ପାଇଁ ଅଟକଳ ଦିଆଯାଇଥିଲେ ସୁଦ୍ଧା ନୂତନ ବିଜେପି ସରକାର ଆସିଲା ପରେ ନା ଭିତ୍ତିଭୂମି ଆଗେଇଛି ନା କୋଠା ନିର୍ମାଣ ସରୁଛି। ସେପଟେ ଅଧ୍ୟାପକ ଓ କର୍ମଚାରୀ ଅଭାବକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମନରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଥିପ୍ରତି ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

## ନୂଆଁଖାଇ ଭେଟ୍ ଫୁଟ୍‌ବଲ୍ ପ୍ରତିଯୋଗିତା: ମାଣିକେଶ୍ୱରୀ କ୍ଲବ୍ ରତାଖଣ୍ଡି ଦଳ ସେମିରେ



ଝାରସୁଗୁଡ଼ା, ୨୪।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ରାଜପୁର ପଞ୍ଚାୟତ ଅଧୀନ କଟାପାଲି ଖେଳ ପଡ଼ିଆରେ ଗଣପତି କ୍ଲବ ଦ୍ୱାରା ଚାଲିଥିବା ୩୦ ତମ ମାଁ ସମଲେଇ ନୂଆଁଖାଇ ଭେଟଘାଟ ଫୁଟବଲ୍ ପ୍ରତିଯୋଗିତାରେ ଅଷ୍ଟମ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଗଣପତି କ୍ଲବ୍‌ର ସଭାପତି ଈଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଚତୁର୍ଥ କ୍ୱାର୍ଟର ଫାଇନାଲ ଆୟୋଜିତ ହୋଇଥିଲା। ପୂର୍ବତନ ସାନଘୁମୁଡା ସରପଞ୍ଚ ବୁଦ୍ଧଦେବ ଭୋଇ, ପୂର୍ବତନ ସମିତି ସଭ୍ୟ ଗଣେଶ ବାଗ, ଶିକ୍ଷକ ଭାଗିରଥି ସାହୁ, ପଣ୍ଡିତ ସନ୍ତୋଷ ପଣ୍ଡା, ପ୍ରସନ୍ନ ପ୍ରଧାନ, ରାଧାକାନ୍ତ ପ୍ରଧାନ, କୁଞ୍ଜବନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଷ୍ଟମ ଦିବସ ଖେଳ ସନ୍ତୋଷି ରାମପୁର ଓ ମାଣିକେଶ୍ୱରୀ କ୍ଲବ୍ ରତାଖଣ୍ଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଣିକେଶ୍ୱରୀ କ୍ଲବ୍ ରତାଖଣ୍ଡି ଦଳ ୪-୧ ଗୋଲରେ ବିଜୟୀ ହୋଇ ଚତୁର୍ଥ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି। ରୁପେନ୍ଦ୍ର ବାଗ, ସୁଧାଂଶୁ ପ୍ରଧାନ, ଦୁର୍ଯ୍ୟୋଧନ ପାତ୍ର ଓ ନବୀନ ଦେଓ ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ପଟେଲ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇ ଥିଲେ। ଅଶୋକ ବେହେରା ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଗଣପତି କ୍ଲବ୍‌ର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ୨୫ ତାରିଖ ପ୍ରଥମ ସେମିଫାଇନାଲ ସୁନ୍ଦରଗଡ଼ ବସୁନ୍ଧରା ୟୁଥ୍ କ୍ଲବ୍ ବିହାଯୋର ଏବଂ ସମ୍ବଲପୁର ବିବିୟାଏସ ଜଟୁପଡ଼ା ମଧ୍ୟରେ ଖେଳାଯିବ।

### ମହିଳାଙ୍କୁ ହତ୍ୟା ଉଦ୍ୟମ; ୫ ଅଟକ

# ଥାନା ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ଖମାର, ୨୪।୮ (ସମିସ)




ବାଇକ୍ ପୋଡ଼ି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ହୋ ସମ୍ପ୍ରଦାୟର ଲୋକେ ଥାନା ଘେରଉ କରିଛନ୍ତି। ତିନି ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ସେମାନେ ନିଜ ଜିଦରୁ ଓହରିଥିଲେ। ପାଲଲହଡ଼ା ବ୍ଲକ ଖମାର ଥାନା ଇଞ୍ଜିଡି ପଞ୍ଚାୟତର ରଘୁନାଥପୁର ଗ୍ରାମର ବିଧବା ମହିଳାଙ୍କ ପରକ୍ରିୟା ପ୍ରୀତିକୁ ନେଇ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇ ଥିବାବେଳେ ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ ଉକ୍ତ ଗ୍ରାମର କିଛି ବ୍ୟକ୍ତି। ଏହି ଘଟଣାରେ ୫ ଜଣ ବ୍ୟକ୍ତିଙ୍କୁ ଖମାର ପୁଲିସ ଅଟକ ରଖି ତଦନ୍ତ ଚଳାଇ ଥିବାବେଳେ ବାଇକ୍ ପୋଡି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ଦାବିରେ ରଘୁନାଥପୁର ଗ୍ରାମର ହୋ ସମାଜର ଲୋକମାନେ ଛଅ ଘଣ୍ଟା ଧରି ଥାନାରେ ଧାରଣାରେ ବସି ରହିଥିଲେ। ତିନି ଦିନ ମଧ୍ୟରେ ବାଇକ୍ ପୋଡ଼ି ଘଟଣାରେ ସମ୍ପୃକ୍ତି ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ଧାରଣାରୁ ଉଠିଥିଲେ। ତୁଳସୀ ହୋରେନଙ୍କ ଏତଲା ଅନୁଯାୟୀ ବାଇକ୍ ପୋଡ଼ି ଘଟଣାକୁ ନେଇ ଗତ ରବିବାର ତାଙ୍କୁ ନିସ୍ତୁକ ମାଡ ମାରିବା ପରେ ଜୀବନରେ ମାରିଦେବାକୁ ଏକ ଖଟରେ ବାନ୍ଧି କିଛି ଲୋକ ଜଙ୍ଗଲକୁ ନେଇ ଯାଇଥିଲେ। ଏହି ସମୟରେ ଇଞ୍ଜିଡ ଗ୍ରାମର କେହି ବ୍ୟକ୍ତି ତାଙ୍କ ଚାଷ ଜମିରେ ସାର ପକାଉଥିଲେ ଏବଂ ସେ ମନା କରିବାରୁ ତାଙ୍କୁ ମଧ୍ୟ ହତ୍ୟା ଧମକ ଦେଇଥିଲେ। ଉତ୍ସବ ସୋରେନ କହିଥିଲେ ଯେ ମୁଁ ମୋ ମୋବାଇଲରେ ରେକର୍ଡିଂ କରୁଛି ମୋ ବାଇକ୍ ପୋଡ଼ି ଘଟଣାରେ ସାଆନ୍ଦା ଗ୍ରାମର ସାନୁ ସମ୍ପୃକ୍ତି ଅଛି ବୋଲି କହିଦେ। ତୁଳସୀ କହିଥିଲା ଯେ ମୁଁ ତାକୁ ଦେଖିନାହିଁ। ତୁ ସତ କହିବୁ ନା ତୋ ଦେହରେ ପେଟ୍ରୋଲ ଢାଳି ତୋତେ ମାରି ଦେବୁ ବୋଲି ସେମାନେ ଧମକ ଦେଇଥିବା ଏତଲାରେ ଦର୍ଶାଇଯାଇଛି। ଧମକକୁ ଡରି ସେମାନଙ୍କ କଥାରେ ହଁ କରିବାରୁ ମୋତେ ଆଣି ଘରେ ଛାଡ଼ି ଦେଇଥିଲେ ବୋଲି ମହିଳା ଜଣଙ୍କ ଦର୍ଶାଇଛନ୍ତି। ଘରୁ କୌଶଳକ୍ରମେ ଖସି ଆସି ଥାନାରେ ଏତଲା ଦେଇଥିଲେ ବୋଲି ମହିଳା ଜଣଙ୍କ କହିଥିଲେ।

## ସୁନାଚେନ୍ ଓ ଟଙ୍କା ଲୁଟ୍, ୨ ଗିରଫ

ତାଳଚେର, ୨୪।୮ (ସମିସ): ଫୋନ୍ ହଜିଯାଇଥିବା ଆଳ ଦେଖାଇ ଜନୈକ ଯୁବକଙ୍କୁ ସାହାଯ୍ୟ ମାଗି ପରେ ତାଙ୍କ ଠାରୁ ସୁନାଚେନ ଓ ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ କୋଲିୟାରୀ ପୁଲିସ ଜଣେ ଯୁବତୀ ଓ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୁଲିସ ଗୋଟିଏ ସୁନା ଚେନ, ଦୁଇଟି ମୋବାଇଲ, ୧୦, ୨୦୦ଟଙ୍କା, ଗୋଟିଏ ସ୍କୁଟି ସହ ଗୋଟିଏ ଧାରୁଆ ଅସ୍ତ୍ର ଜବତ କରିଛି। ଡକାୟତିରେ ସମ୍ପୃକ୍ତ ଅନ୍ୟ ଜଣେ ଯୁବକ ଫେରାର ଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଏକତାଳ ଗ୍ରାମର ଅଭିଯୋଗକାରୀ ଯୁବକ ତାଙ୍କ ଭାଇଙ୍କ ସହ କଥା ହେଉଥିବାବେଳେ ଅଭିଯୁକ୍ତ ଯୁବକ ଓ ଯୁବତୀ ଏକ ସ୍କୁଟିରେ ଯାଉଥିଲେ। ଅଭିଯୋଗକାରୀ ଯୁବକ ଜଣଙ୍କ ତାଙ୍କ ବେକରେ ଏକ ସୁନା ଚେନ ଓ ହାତରେ ତେଣୁ ଯୁବତୀ ଜଣଙ୍କ ଅଭିଯୋଗକାରୀ ଯୁବକଙ୍କ ପାଖକୁ ଆସି ତାଙ୍କ ମୋବାଇଲ ହଜି ଯାଇଥିବା କହିବା ସହିତ ସମ୍ପର୍କୀୟଙ୍କୁ ଫୋନ କରିବାକୁ ମୋବାଇଲ ଦେବାକୁ କହିଥିଲେ। ଯୁବକ ଜଣଙ୍କ ଉକ୍ତ ମୋବାଇଲକୁ ଫୋନ କରିଥିଲେ। ଏହି ସମୟରେ ଯୁବତୀଙ୍କର ଅନ୍ୟ ୨ଜଣ ସହଯୋଗୀ ସେଠାରେ ପହଞ୍ଚି ଅଭିଯୋଗକାରୀ ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ସେ ପିନ୍ଧିଥିବା ସୁନାଚେନ, ବ୍ରେସଲେଟ୍, ମୋବାଇଲ ଫୋନ ଓ ପର୍ସରେ ଥିବା ୧୦, ୨୦୦ ଟଙ୍କା, ଆଧାର କାର୍ଡ ଲୁଟି ନେଇ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ କୌଣସି ପ୍ରକାରରେ ଅଭିଯୋଗକାରୀ ଯୁବକ ଜଣଙ୍କ ଖସି ଆସି କୋଲିୟରୀ ଥାନାରେ ଏତଲା ଲା ଦେଇଥିଲେ। ଥାନା ତରଫରୁ ସଙ୍ଗେ ସଙ୍ଗେ ଏ ନେଇ ତଦନ୍ତ କରାଯାଇ ଅଭିଯୁକ୍ତ ଯୁବତୀ ଓ ଯୁବକଙ୍କୁ ଗିରଫ କରାଯାଇଥିଲା। ଉଭୟ ଅଭିଯୁକ୍ତ କଣିହାଁ ଅଞ୍ଚଳର ବୋଲି ଥାନାଧିକାରୀ ହରିକୃଷ୍ଣ ପ୍ରଧାନ ସୂଚନା ଦେଇଛନ୍ତି।



## କାନ୍ଥପଡ଼ି ମହିଳା ମୃତ

ଅନୁଗୋଳ, ୨୪।୮ (ସମିସ): ଅନୁଗୋଳ ଜିଲ୍ଲା ନିଶା ଥାନା ଅନ୍ତର୍ଗତ ସାନକେରଜାଙ୍ଗ, ଡାବରଧୁଆଁ ଗ୍ରାମରେ ଘଟିଛି ଏକ ଅଘଟଣ। ନଳକୂପକୁ ପାଣି ପାଇଁ ଯାଉଥିବାବେଳେ କାନ୍ଥ ପଡ଼ିଯିବାରୁ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ଜଣଙ୍କ ହେଲେ ଡାବରଧୁଆଁ ଗ୍ରାମର କରୁଣା ମହାଲିକଙ୍କ ସ୍ତ୍ରୀ ପ୍ରମିଳା ମହାଲିକ (୬୦)। କିଛି ଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷା ପାଇଁ ସେହି ଗ୍ରାମର ବ୍ରଜ ମୋହନ ଦେବତାଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ସେହି ବାଟ ଦେଇ ପ୍ରମିଳା ନଳକୂପକୁ ପାଣି ପାଇଁ ଯାଉଥିବା ବେଳେ ତାଙ୍କ ଉପରେ କାନ୍ଥ ମାଡ଼ି ବସିଥିଲା। ପରିବାର ଲୋକ ଦେଖି ସଙ୍ଗେ ସଙ୍ଗେ ପ୍ରମିଳାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରମିଳାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରମିଳାଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବାବେଳେ ଅବସ୍ଥା ସଂକଟାପନ୍ନ ରହିଥିଲା। ତେବେ କଟକ ନେବା ପାଇଁ ପ୍ରସ୍ତୁତି ବେଳେ ତାଙ୍କର ମୃତ୍ୟୁ ହୋଇଥିଲା

## ସ୍କୁଟି ସହ ବାଇକ୍ ଜବତ; ୨ ଗିରଫ

ବଇଣ୍ଡା, ୨୪।୮ (ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ପୁଲିସ ଠାକୁରଗଡ଼ ଅଞ୍ଚଳରେ ଗାଡ଼ି ମୋଟର ଯାଞ୍ଚ କଡ଼ାକଡ଼ି କରିଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍ ଯାଞ୍ଚ କରା ଯାଇଥିଲା। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଳଉଥିବା ଅଭିଯୋଗରେ କୃତ୍ତିବାସପୁର ଗ୍ରାମର ସୁରମଣି ନାୟକଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ସ୍କୁଟି ନମ୍ବର (ଓଡି ୦୨ ବିସି ୫୮୩୬)କୁ ଜବତ କରାଯାଇଛି। ସେହିପରି ଦାମଦରପୁର ଅଞ୍ଚଳର ଅମୂଲ୍ୟ ନାୟକଙ୍କୁ ଗିରଫ କରାଯାଇଛି। ସେ ମଦ୍ୟପାନ କରି ବାଇକ୍ ଚଳଉଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ବାଇକ ନମ୍ବର (ଓଡି ୧୯ ଏନ ୯୭୪୩) କୁ ଜବତ କରିଛି। ଏ ନେଇ ନମ୍ବର ୨୪୧ /୨୫ ଓ ୨୪୨ /୨୫ ରେ ଦୁଇଟି ମାମଲା ରୁଜୁ କରାଯାଇଛି।

## ରେଙ୍ଗାଳି ଡ୍ୟାମର ଦ୍ୱିତୀୟ ଗେଟ୍ ଖୋଲିଲା

କଣିହାଁ, ୨୪।୮ (ସମିସ): କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମର ଦ୍ୱିତୀୟ ଗେଟ ଆଜି ଦିନ ୧୦ଟାରେ ଖୋଲାଯାଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ରେଙ୍ଗାଳି ଡ୍ୟାମ୍ ଜଳଭଣ୍ଡାରରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଚଳିତ ବର୍ଷ ତୃତୀୟ ଥର ପାଇଁ ଗତକାଲି ଗୋଟିଏ ଓ ଆଜି ଦ୍ୱିତୀୟ ଗେଟ୍ ଖୋଲାଯାଇଛି। ରେଙ୍ଗାଳି ଡ୍ୟାମ ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩. ୫୦ ମିଟର ଥିବାବେଳେ ଆଜି ଦିନ ୧୦ଟା ସୁଦ୍ଧା ଡ୍ୟାମର ଜଳସ୍ତର ୧୨୨. ୧୧ ମିଟରରେ ପହଞ୍ଚିଥିଲା। ଫଳରେ ଦିନ ୧୦. ୧୭ ମିନିଟ୍‌ରେ ଡ୍ୟାମ୍ କର୍ତ୍ତୃପକ୍ଷ ଦ୍ୱିତୀୟ ଗେଟ (ଗେଟ୍ ନଂ-୧୦) କୁ ଖୋଲି ବନ୍ୟା ଜଳ ନିଷ୍କାସନ କରିଥିଲେ। ଅପରାହ୍ଣ ୪ଟା ସୁଦ୍ଧା ରେଙ୍ଗାଳି ଡ୍ୟାମ୍‌ଠାରେ ବ୍ରାହ୍ମଣୀ ନଦୀର ଜଳସ୍ତର ୧୨୨. ୨୪ ମିଟର ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୫୮୬୩. ୧୪ ଘନମିଟର ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଖୋଲା ଯାଇଥିବା ଦୁଇଟି ଗେଟ୍ ଓ ପାୱାର ଚ୍ୟାନେଲ ମାଧ୍ୟମରେ ମୋଟ ୩୪୦୩. ୭୮ ଘନ ମିଟର ବନ୍ୟା ଜଳ ନିଷ୍କାସିତ ହେଉଅଛି।

## ‘ଜାତୀୟ ଶିକ୍ଷା ନୀତି ନୁହେଁ, ଜନଶିକ୍ଷା ନୀତି ଲାଗୁ କର’




କିଶୋରନଗର ୨୪।୮ (ସମିସ): ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି ପକ୍ଷରୁ ଆଜି ଜଏରାଟ, କର୍ମଭୂମି ସଭା ଗୃହରେ ଜାତୀୟ ଶିକ୍ଷାନୀତି-୨୦୨୦ର ବିକଳ୍ପ ଭାବେ ଯେଉଁ ଜନ ଶିକ୍ଷା ନୀତି -୨୦୨୫ ପ୍ରସ୍ତୁତ କରାଯାଇଛି ତାହା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି ଅନୁଗୁଳ ଜିଲ୍ଲାର ସଂଗଠକ ଚିତ୍ତରଞ୍ଜନ ମେଣ୍ଡୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି, ଓଡ଼ିଶା ରଜ୍ୟ ଉପ ସଭାପତି ରାଜେନ୍ଦ୍ର ବର୍ମା ମୁଖ୍ୟ ବକ୍ତା ଓ କର୍ମଭୂମିର ପ୍ରତିଷ୍ଠାତା ପ୍ରଫୁଲ୍ଲ କୁମାର ପ୍ରଧାନ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ।

**● ଶିକ୍ଷା ବଞ୍ଚାଅ କମିଟିର ଆଲୋଚନା**

ବକ୍ତାମାନେ ନୂଆ ଶିକ୍ଷାନୀତି-୨୦୨୦ରେ ଶିକ୍ଷାର ବ୍ୟବସାୟୀକରଣ, ସାମ୍ପ୍ରଦାୟିକରଣ ଓ କେନ୍ଦ୍ରୀକରଣ କରାଯାଉଥିବାର ଅଭିଯୋଗ କରିଛନ୍ତି। ଶିକ୍ଷା ବ୍ୟାପକ ଜନଗଣଙ୍କ ନିକଟରେ ପହଞ୍ଚିବା ବଦଳରେ ଅଳ୍ପ କେତେ ଜଣଙ୍କ ମଧ୍ୟରେ ସୀମାବଦ୍ଧ ହୋଇଯିବ ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରଛାତ୍ରୀ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ସତୀଶ ସାହୁ ସଙ୍ଗୀତ ପରିବେଶଣ କରିଥିଲେ।

## ‘ପିଠା ନେଇଗଲା ଡାମରାକାଉ’ ଉନ୍ମୋଚିତ



କିଶୋରନଗର ୨୪।୮ (ସମିସ): ବିଶିଷ୍ଟ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ଶିଶୁ ଗଳ୍ପ ପୁସ୍ତକ ‘ପିଠା ନେଇଗଲା ଡାମରାକାଉ’ ଉନ୍ମୋଚିତ ହୋଇଯାଇଛି। ରବିବାର ଭୁବନେଶ୍ୱର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏକଦିବସୀୟ ଶିଶୁସାହିତ୍ୟ ସମ୍ମିଳନୀ ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶିଶୁ - କିଶୋର ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଭାଷାବିତ ପଦ୍ମଶ୍ରୀ ଡ ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଦାଶ ବେନହୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଡ. ମହେଶ୍ୱର ମହାନ୍ତି, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ର ଶେଖର ହୋତା ଓ ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ ପ୍ରମୁଖ ଯୋଗଦେଇ ଶ୍ରୀ ପୃଷ୍ଟିଙ୍କ ଲିଖିତ ‘ପିଠା ନେଇଗଲା ଡାମରାକାଉ’ ପୁସ୍ତକ ଉନ୍ମୋଚିତ କରିଥିଲେ। କଟକ ବିଦ୍ୟା ପ୍ରକାଶନ ଆନୁକୂଲ୍ୟରେ ପ୍ରକାଶିତ ଏହି ପୁସ୍ତକ ପ୍ରକାଶ ପୂର୍ବରୁ ଲେଖକଙ୍କ ୩୦ ଖଣ୍ଡ ଶିଶୁ ସାହିତ୍ୟ ପୁସ୍ତକ ପ୍ରକାଶ ପାଇ ବିଶେଷ ପାଠକୀୟ ଆଦୃତି ଲାଭ କରିଛି।

**■ ହାବିଲଦାର, କନଷ୍ଟେବଲ ସଂଘର ନିର୍ବାଚନ**

## ଅଭୟ ସଭାପତି, ପୂର୍ଣ୍ଣଚନ୍ଦ୍ର ସମ୍ପାଦକ

ଅନୁଗୋଳ ୨୪। ୮ (ସମିସ): ଅନୁଗୋଳ ଜିଲା ହାବିଲଦାର, କନେଷ୍ଟବଲ ସଂଘର ନିର୍ବାଚନ ଗତ ୨୩ତାରିଖରେ ଅନୁଷ୍ଠିତ ହୋଇଥିଲା। ୨୦୨୫ରୁ ୨୦୨୭ ପର୍ଯ୍ୟନ୍ତ ଏହି ସଂଘ କାର୍ଯ୍ୟକାରୀ ହେବାକୁ ଥିବା ବେଳେ ୪ଟି ଦଳ ଏଥିରେ ପ୍ରତିଦ୍ୱନ୍ଦୀତ୍ୱ କରିଥିଲେ। ଗତ କାଲି ହୋଇଥିବା ଏହି ସଂଘ ନିର୍ବାଚନରେ ଅଭୟ କୁମାର ସାମଲ ସଭାପତି ହୋଇଥିବା ବେଳେ ରଞ୍ଜନ ପ୍ରଧାନ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ପୂର୍ଣ୍ଣଚନ୍ଦ୍ର କିଷାନ ସମ୍ପାଦକ, ଗୁରୁଦେବ ସାହୁ, ଅଶୋକ କୁମାର ପଲେଇ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ଟୁକୁନା ସାହୁ ଏବଂ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ଅଲେଖ ସାହୁ, ଅଟଳ ବିହାରୀ ନାୟକ, ପ୍ରମିଳା ମାଝୀ, ମଞ୍ଜନ କୁମାର ନାୟକ, ରୋହିତ କୁମାର ମାଝୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

## କୋଲ୍ କରିଡର୍ ରାସ୍ତାରେ ଦୁର୍ଘଟଣା, ଜଣେ ମୃତ

ତାଳଚେର, ୨୪।୮ (ସମିସ): ରବିବାର ଅପରାହ୍ଣରେ ମଦନମୋହନପୁର ବାଲୁଙ୍ଗା କୋଲ କରିଡର୍ ରାସ୍ତାରେ ଏକ କୋଇଲା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ବ୍ରିଜ୍ ଉପରେ ପିଟି ହୋଇ ରହିଯାଇଥିଲା। ତେବେ ବ୍ରିଜ ବାଡାରେ ବସି ଫୋନରେ କଥା ହେଉଥିବା ଅନ୍ୟଜଣେ ଡ୍ରାଇଭର ଉପରେ ଟ୍ରକଟି ମାଡ଼ି ଆସିବାରୁ ସେ ଜୀବନ ବିକଳରେ ତଳକୁ ଡେଇଁ ପଡ଼ିବାରୁ ପଥରରେ ମୁଣ୍ଡ ବାଡେଇ ହୋଇ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମାତ୍ର ଦୁର୍ଘଟଣାଗ୍ରସ୍ତ ଗାଡ଼ିର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ରିପୋର୍ଟ ଲେଖା ହେଲା ପର୍ଯ୍ୟନ୍ତ ମୃତ ଡ୍ରାଇଭରଙ୍କ ପରିଚୟ ମିଳି ପାରିନାହିଁ। ତାଳଚେର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ମଣ୍ଡାପାଳ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଦୁର୍ଘଟଣା ଗ୍ରସ୍ତ କୋଇଲା ବୋଝେଇ ଟ୍ରକଟି ଭୁବନେଶ୍ୱରୀ କୋଇଲା ଖଣିରୁ ବାହାରି ମଦନମୋହନପୁର ବାଲୁଙ୍ଗା କୋଲ କରିଡ଼ର ରାସ୍ତାରୁ ଦୁର୍ଘଟଣାଗ୍ରସ୍ତ କୋଇଲା ବୋଝେଇ ଟ୍ରକ୍‌ଟି ଆସୁଥିବାବେଳେ ସେହି ସ୍ଥାନରେ ଭାରସାମ୍ୟ ହରାଇ ବ୍ରିଜ କଡ ଆଡ଼କୁ ପଳାଇଆସି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଦୁର୍ଘଟଣାରେ ପୁଲିସ ଏଏସ୍‌ଆଇଙ୍କ ମୃତ୍ୟୁ

କାମାକ୍ଷାନଗର, ୨୪।୮ (ସମିସ): କାମାକ୍ଷାନଗର ଥାନା ଭାଲୁମୁଣ୍ଡା ଠାରେ ଅଜଣା ଗାଡ଼ି ଧକ୍କାରେ ଜଣେ ପୁଲିସ ଏଏସ୍‌ଆଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଙ୍କଡ଼ାହାଡ଼ ଥାନା ପାଟବେଡ଼ା ଗ୍ରାମର ମାନସ ସିଂ। ମାନସ ଅନୁଗୁଳ ଜିଲ୍ଲାରେ ପୁଲିସ ବିଭାଗରେ କାର୍ଯ୍ୟରତ ଥିବାବେଳେ ଛୁଟିନେଇ ଗତକାଲି ବିଳମ୍ବିତ ରାତିରେ ଘରକୁ ଫେରୁଥିବା ସମୟରେ ଭାଲୁମୁଣ୍ଡା ଠାରେ ଅଜଣା ଗାଡ଼ି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମାନସଙ୍କ ପରିବାର ଲୋକ ମେଡିକାଲରେ ପହଞ୍ଚିଥିବା ବେଳେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛି। ମୃତ୍ୟୁ ଖବର ପାଇ କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଆଶିଷ ଜେନା, ବହୁ ପୁଲିସ କର୍ମଚାରୀ ମେଡିକାଲରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ମାନସ ୨୦୦୮ ମସିହାରେ ଓଡ଼ିଶା ପୁଲିସରେ କନେଷ୍ଟବଲ ଭାବେ ଯୋଗ ଦେଇଥିଲେ। ସେ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଥାନାରେ କାର୍ଯ୍ୟ କରିଥିବାବେଳେ କିଛି ବର୍ଷ ପୂର୍ବରୁ ପଦୋନ୍ନତି ପାଇ ସେ ଅନଗୁଳ ସଦର ଥାନାରେ ଏଏସ୍‌ଆଇ ଭାବେ କାର୍ଯ୍ୟ କରୁଥିଲେ।

## ୧୩ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

କିଶୋରନଗର, ୨୪।୮ (ସମିସ): ଲୁହାମୁଣ୍ଡା ଉପ୍ରା ବିଦ୍ୟାଳୟ ରିଖି ହଣ୍ଡପା ସର୍କଲର ୧୩ ଜଣ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଶିକ୍ଷକ ସଂଘର ସଭାପତି ନବକିଶୋର ସାହୁ ସଭାପତିତ୍ୱ କରିଥିଲେ। ସଂଘର ଉପସଭାପତି ପ୍ରଦୋଷ ମହାପାତ୍ରଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଅବସରର ଗ୍ରହଣ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## କନକେଶ୍ୱରୀ ଠାକୁରାଣୀ ପୀଠରେ ପାଟବାରୀ ପୂଜା

ତାଳଚେର, ୨୪।/୮ (ସମିସ): ହିନ୍ଦୁ ପଞ୍ଜାଙ୍ଗ ଅନୁଯାୟୀ ଭଦ୍ର ପଦା ଶୁକ୍ଳ ପକ୍ଷ ପ୍ରତୀପଦାର ଶୁଭ ଦିନ, ତାଳଚେର ଶରଧାପୁର ମା’ କନକେଶ୍ୱରୀ ଠାକୁରାଣୀ ପୀଠରେ ପବିତ୍ର ପାଟବାରୀ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ସ୍ୱତନ୍ତ୍ର ଉତ୍ସବରେ, ତାଳଚେରର ରାଜା ବିଜୟେନ୍ଦ୍ର ଚନ୍ଦ୍ର ଦେବ ଏବଂ ରାଣୀ ପ୍ରିୟମ୍ବଦା କୁମାରୀ ଦେବୀ କନକେଶ୍ୱରୀଙ୍କୁ ପାଟ-ଶାଢ଼ି ଏବଂ ମୁକୁଟ ଅର୍ପଣ କରିଥିଲେ। ପରମ୍ପରା ଅନୁଯାୟୀ, ତାଳଚେରର ଜଣେ ରାଜାଙ୍କ ଜୀବନକାଳରେ ଦେବୀଙ୍କ ଆଲମ୍ (ଶାଢ଼ିରେ ଘୋଡ଼ାଇ ହୋଇଥିବା କାଠ ବାଡ଼ି ସମେତ ଶାରୀରିକ ପ୍ରତିନିଧିତ୍ୱ) କେବଳ ଥରେ ପରିବର୍ତ୍ତନ କରାଯାଏ। ଶେଷ ପାଟବାରୀ ପୂଜା ପ୍ରାୟ ୩୦ ବର୍ଷ ପୂର୍ବେ ସ୍ୱର୍ଗତ ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବଙ୍କ ଦ୍ୱାରା କରାଯାଇଥିଲା। ୨୧ ଏପ୍ରିଲ ୨୦୨୫ରେ ତାଙ୍କ ଦେହାନ୍ତ ପରେ, ତାଙ୍କ ପୁତ୍ର ରାଜା ବିଜୟେନ୍ଦ୍ର ଚନ୍ଦ୍ର ଦେବ ଆଜି ଏହି ରୀତି ପାଳନ କରିଥିଲେ। ଏହି ବିରଳ ଏବଂ ପବିତ୍ର ଅବସରକୁ ଦେଖିବା ପାଇଁ ଏକାଠି ହୋଇଥିବା ପରିବାର ସଦସ୍ୟ, ମନ୍ଦିର ପୂଜକ ଏବଂ ଗାଁର ଲୋକଙ୍କ ଉପସ୍ଥିତିରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲେ। ବଡ଼ମ୍ବା ରାଜ ପରିବାର, ହିନ୍ଦୋଳ ରାଜ ପରିବାର, ଆଠମଲ୍ଲିକ ରାଜ ପରିବାର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ରାଜ ପରିବାର ସଦସ୍ୟ ମାନେ ଆଜିର ଏହି ପଟବାରୀ ପୂଜାରେ ଯୋଗ ଦେଇଥିଲେ।



## କାମାକ୍ଷାନଗର ପୁଲିସ ପକ୍ଷରୁ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ

କାମାକ୍ଷାନଗର, ୨୪।୮ (ସମିସ); କାମାକ୍ଷାନଗର ଆଦର୍ଶ ଥାନା ପକ୍ଷରୁ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଏକ ସାଇକଲ ରାଲିର ଆୟୋଜନ କରାଯାଇଥିଲା। ନିଜକୁ ଫିଟ୍ ରଖିବା ପାଇଁ ପ୍ରତ୍ୟେକଦିନ ଅଧଘଣ୍ଟା ସାଇକଲ ଚଳାଇବା ଉଦ୍ଦେଶ୍ୟ ରେ ଏହି ସଚେତନତା ରାଲି ଅନୁଷ୍ଠିତ ହୋଇଛି। କାମାକ୍ଷାନଗର ଥାନା ଅଧିକାରୀ ଆଶିଷ କୁମାର ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ବହୁ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାମାକ୍ଷାନଗର ଥାନା ଠାରୁ ରାଲି ବାହାରି ସହର ପରିକ୍ରମା କରିବା ସହ ସ୍ଥାନୀୟ ଜିରିଡ଼ାମାଳି ଛକ ପର୍ଯ୍ୟନ୍ତ ଯାଇ ଲୋକଙ୍କୁ ସଚେତନ କରାଇଥିଲେ।

# ଅନୁଗୋଳକୁ ଆସିଲା ‘ଐରାବତ’

ଅନୁଗୋଳ, ୨୪।୮ (ସମିସ)



ଅନୁଗୋଳ ଜଙ୍ଗଲ ବିଭାଗକୁ ଆସିଛି ଏକ ସ୍ୱତନ୍ତ୍ର ଟ୍ରକ୍ ‘ଐରାବତ’। ଏହାକୁ ଅନୁଗୋଳ ତଥା ରାଜ୍ୟର ଅନ୍ୟ ଜିଲ୍ଲାରେ ହାତୀ ସ୍ଥାନାନ୍ତର ପାଇଁ ବ୍ୟବହାର କରାଯିବ। ଟ୍ରକ୍‌ଟି ଝାଡ଼ଖଣ୍ଡରେ ସ୍ୱତନ୍ତ୍ର ଭାବେ ତଥା ରାଜ୍ୟର ଅନ୍ୟ ଜିଲ୍ଲାରେ ହାତୀ ସ୍ଥାନାନ୍ତର ପାଇଁ ନିର୍ମାଣ କରାଯାଇଛି। ହାତୀ ସ୍ଥାନାନ୍ତରବେଳେ ଆବଶ୍ୟକ ହେଉଥିବା ସବୁ ଯନ୍ତ୍ରପାତି ଏଥିରେ ଉପଲବ୍ଧ ଅଛି। ପୂର୍ବରୁ ହାତୀକୁ ଯେଉଁଭଳି ଭାବେ ନିଆଯାଉଥିଲା ସେଭଳି ସମସ୍ୟା ଆଉ ହେବ ନାହିଁ।

**● ହାତୀ ସ୍ଥାନାନ୍ତର ପାଇଁ ବ୍ୟବହାର ହେବ**

ସୂଚନା ଅନୁସାରେ, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ଲାଗି ରହିଛି। ଅନୁଗୋଳରେ ସାତକୋଶିଆ ଭଳି ଅଭୟାରଣ୍ୟ ରହିଥିବାରୁ ବିଭିନ୍ନ ସମୟରେ ଅସୁସ୍ଥ ହାତୀଙ୍କ ଜୀବନ ଯାଉଛି। ଅଧିକ ଚିକିତ୍ସା ପାଇଁ ହାତୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରବେଳେ ବିଭିନ୍ନ ସମସ୍ୟା ଦେଖାଯାଉଥିଲା। ଏବେ ଅନୁଗୋଳ ବନଖଣ୍ଡକୁ ହାତୀ ସ୍ଥାନାନ୍ତର ପାଇଁ ଆବଶ୍ୟକ ହେଉଥିବା ‘ଐରାବତ’ ଟ୍ରକ୍ ଆସିଛି। ଏଥିରେ ହାତୀକୁ ଟ୍ରକ୍‌ରେ ଉଠିବାକୁ ସ୍ୱତନ୍ତ୍ର ଲିଫ୍ଟ ଲାଗିଛି। ଟ୍ରକ୍‌ର୍ରେ ୧୫ ଶହ ଲିଟର ଜଳଧାରଣ କରୁଥିବା ଟ୍ୟାଙ୍କ୍ ରହିଛି। ଦୂର ସ୍ଥାନକୁ ହାତୀ ସ୍ଥାନାନ୍ତର ସମୟରେ ହାତୀର ଗାଧୋଇବା ଓ ପିଇବା ପାଇଁ ଯେପରି ପାଣିର ଅଭାବ ନହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ସେହିପରି ଜଳାଶୟରୁ ପାଣି ଭର୍ତ୍ତି କରାଯିବାକୁ ଏକ ପାଣି ପମ୍ପ ରହିଛି। ହାତୀର ତାପମାତ୍ରା ମାପିବାକୁ ଅଟୋମେଟିକ୍ ମେସିନ୍ ଓ ଫାଷ୍ଟଏଡ୍ ବକ୍ସ ଖଞ୍ଜାଯାଇଛି। ସେଥିରେ ୨ ହଜାର ୱାଟ୍ର ଜେନେରେଟର ଲାଗିବା ସହିତ ଆଲୋକୀକରଣ ପାଇଁ ଉଜ୍ଜ୍ୱଳ ଲାଇଟ୍ ରହିଛି। ସୁରକ୍ଷାକୁ ଦୃଷ୍ଟି ଦୃଷ୍ଟିରେ ରଖି ୨ଟି ସିସିଟିଭି କ୍ୟାମେରା ଲଗାଯାଇଛି। ଅସୁସ୍ଥ ହାତୀ ଖାଇବା ପାଇଁ ସେଥିରେ ସ୍ୱତନ୍ତ୍ର ପାତ୍ର ରଖାଯାଇଛି। ଗାଡ଼ିଟି ହାତୀକୁ ଅନ୍ୟ ସ୍ଥାନକୁ ନେଇ ଯାଉଥିବାବେଳେ ସାଇରନ୍ ବାଜି ଉଠିବ। ଫଳରେ ଟ୍ରାଫିକ୍ ସମସ୍ୟାରେ ଫସିବ ନାହିଁ। ଅନ୍ୟପକ୍ଷରେ ଏହା ରାଜ୍ୟର ଏକମାତ୍ର ସ୍ୱତନ୍ତ୍ର ଗାଡ଼ି, ଯାହାକି ହାତୀ ସ୍ଥାନାନ୍ତର ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ହୋଇଛି। ଗାଡ଼ିର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା। ରାଜ୍ୟର ବିଭିନ୍ନ ସ୍ଥାନରେ ଉତ୍ପାତ କରୁଥିବା ହାତୀମାନଙ୍କୁ ଟ୍ରାଙ୍କୁଲାଇଜ୍ କରାଯାଇ ଅନ୍ୟତ୍ର ସ୍ଥାନାନ୍ତରରେ ଏହା ବେଶ୍ ସହାୟକ ହେବା ସହ ଅସୁସ୍ଥ ହାତୀମାନଙ୍କୁ ମଧ୍ୟ ଏହି ଗାଡ଼ିରେ ଚିକିତ୍ସା ପାଇଁ ନିଆଯାଇ ପାରିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।

### ବୈତରଣୀ, କାଣି ନଦୀରେ ପୁଣି ବନ୍ୟା

# ଦଶରଥପୁରରେ ବ୍ୟାପକ ଅଞ୍ଚଳ ଜଳମଗ୍ନ

ଦଶରଥପୁର/କୟାଁଗୋଲା, ୨୪।୮ (ସମିସ)

ବୈତରଣୀ ନଦୀର ଉପର ମୁଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିବା ଯୋଗୁଁ ଦଶରଥପୁର ବ୍ଲକ ଦେଇ ପ୍ରବାହିତ ବୈତରଣୀ ଏବଂ ଶାଖା କାଣି ନଦୀରେ ପୁଣି ବନ୍ୟା ସ୍ଥିତି ଉପୁଜିଛି। ବୈତରଣୀ ଏବଂ କାଣୀ

- ଡଙ୍ଗାରେ ବୁଲି ସ୍ଥିତି ଅନୁଧ୍ୟାନ କଲେ ପ୍ରଣବ
- ବନ୍ୟାଞ୍ଚଳ ବୁଲି ଦେଖିଲେ ଜିଲ୍ଲାପାଳ

ନଦୀରେ ବନ୍ୟା ଜଳ ପ୍ରବେଶ କରିବା ଫଳରେ ବ୍ଲକର କୟାଁ, କମାରଡିହି, ଖାନନଗର, ନିଜାମପୁର, ଦଉପୁର, ଦୁଦୁରାଅନ୍ତା, ଜୟନ୍ତରା, ମଲ୍ଲିକାପୁର, କସପା, ତରପଦା କଟିକଟା (ଆଂଶିକ) ପଞ୍ଚାୟତ ମାନଙ୍କରେ ସ୍ଥିତି ସଂଗୀନ ହୋଇପଡ଼ିଛି। କଁୟା ପଞ୍ଚାୟତର ଧରମପୁର, ଗୁଣ୍ଠୁଣିପଡ଼ା, ଇଚ୍ଛାପୁର, ମଲ୍ଲୀପୁର, ଦୁବକଣ, ଦରଭା, ଗରବନ୍ଧ, କମାରଡିହି ପଞ୍ଚାୟତର ବଳରାମପୁର, କେଳାଙ୍ଗ, କମାରଡିହି ଆଦି ଅଞ୍ଚଳକୁ ଯୋଗାଯୋଗରେ ସମସ୍ୟା ଉପୁଜିଥିବା ବେଳେ ଜୟନ୍ତରା ପଞ୍ଚାୟତ ମହାପାତ୍ର ସାହିର ୨୫ ରୁ ଅଧିକ ପରିବାର ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ତଳମୁଣ୍ଡ ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରି ସ୍ଥିତିକୁ ଅଧିକ ଜଟିଳ କରିଥିବା ଦେଖିବାକୁ ମିଳିଛି।

ଜଳସମ୍ପଦ ବିଭାଗ ପକ୍ଷରୁ ସର୍ବୋଚ୍ଚ ଯନ୍ତ୍ରୀ ବିଘ୍ନରାଜ ପୁରୋହିତ, ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇ, ଆଖୁଆପଦା ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈତରଣୀ ଏବଂ ଶାଖା କାଣି ନଦୀର କଣ୍ଟପଡ଼ା, ନୂଆଶାସନ, କସପା, ପଛପଡ଼ା, ମଲ୍ଲିକାପୁର, ବଳରାମପୁର ସମେତ ବିଭିନ୍ନ ଦୁର୍ବଳ ସ୍ଥାନ ଉପରେ ସତର୍କ ଦୃଷ୍ଟି ରଖାଯିବା ସହ ନଦୀବନ୍ଧ ଦୁର୍ବଳ ସ୍ଥାନରେ ବାଲିବସ୍ତା ମାଧ୍ୟମରେ ନଦୀବନ୍ଧ ମରାମତି କାର୍ଯ୍ୟ ଜାରି ରହିଛି। କଟିକଟା ପଞ୍ଚାୟତ ମାଝୀସାହି, ଜୟନ୍ତରା ପଞ୍ଚାୟତ ମହାପାତ୍ର ସାହିରେ ଦଶରଥପୁର ଅଗ୍ନିଶମ ବାହିନୀ କର୍ମଚାରୀ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ଜଣାଯାଇଛି।






ପୂର୍ବାହ୍ନରେ ବିଜେଡିର ବରିଷ୍ଠ ନେତା ତଥା ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଏକ ଟିମ୍ ଦଶରଥପୁର ବ୍ଲକର ବିଭିନ୍ନ ବନ୍ୟାପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବିପନ୍ନମାନଙ୍କ ଅବସ୍ଥା ପଚାରିବୁଝିଥିଲେ। ପ୍ରଣବ ନିଜେ ଅଗ୍ନିଶମ ବାହିନୀର ଏକ ବୋଟ୍ ମାଧ୍ୟମରେ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚି ରିଲିଫ ସାମଗ୍ରୀ ଯୋଗାଇଦେବା ସହିତ ଖୁବଶିଘ୍ର ରାଜ୍ୟ ସରକାର ରିଲିଫ ପ୍ରଦାନ କରିବାକୁ ଦାବି କରିଥିଲେ। ଏହି ବିଜେଡି ଟିମରେ କର୍ଣ୍ଣାଟ କେଶରୀ ଦାସ, ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନୋଜ ରାଉତ, ପ୍ରଭାତ ନାୟକ, ଅମିତ ଦାସ ପ୍ରମୁଖ ସାମିଲ ଥିଲେ। ମଧ୍ୟାହ୍ନରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲପାଳ ଶିବାନନ୍ଦ ସ୍ୱାଇଁ, ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ, ସମେତ ବିଭିନ୍ନ କ୍ଷେତ୍ରୀୟ ଅଧିକାରୀ ଏକାଧିକ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ସ୍ଥିତି ପରଖିବା ସହ ଜନସାଧାରଣଙ୍କୁ ଭୟଭୀତ ନହେବାକୁ ଅନୁରୋଧ କରିଥିବା ବେଳେ ଅପରାହ୍ନରେ ଜିଲାପାଳ ଅମ୍ବର କୁମାର କର, ବିଡ଼ିଓ ଆକାଶ ପଟ୍ଟନାୟକ ବ୍ଲକ ଅନ୍ତର୍ଗତ କୁଅଁରସାହି, କଣ୍ଟପଡ଼ା, ବ୍ରହ୍ମଚାରିପାଟଣା, ବୈଷପାନ, ପଛପଡ଼ା, କସପା, ମଲ୍ଲିକାପୁର, ଦଉପୁର ଆଦି ବନ୍ୟାଞ୍ଚଳ ଗ୍ରସ୍ତ କରି ବନ୍ୟାସ୍ଥିତି ଅନୁଧ୍ୟାନ କରିବା ସହ ସମ୍ଭାବିତ ସ୍ଥିତିକୁ ନେଇ ଜଳସମ୍ପଦ ଅଧିକାରୀଙ୍କ ସହିତ ଆଲୋଚନା କରି ଶୂନ୍ୟ କ୍ଷତି ଉପରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଶିକ୍ଷକ ଅନିରୁଦ୍ଧ ରାଉଳ ସମ୍ମାନିତ

ମଇଁନ୍ଦା, ୨୪।୮ (ସମିସ): ସିଂହପୁର କମଳା ମଣ୍ଡପଠାରେ ଘଡ଼ିଆ ଇଣ୍ଡିଆ ଚାରିଟେବୁଲ୍ ଟ୍ରଷ୍ଟ ଭୁବନେଶ୍ୱର ତରଫରୁ ବିଜ୍ଞାନରେ ଉତ୍କର୍ଷତା ପାଇଁ ଅନିରୁଦ୍ଧ ରାଉଳଙ୍କୁ ସମ୍ମାନିତ କରାଯାଇଛି। ସେ ବ୍ଲକ, ଜିଲ୍ଲା ତଥା ରାଜ୍ୟସ୍ତରରେ ସାଧନକର୍ମୀ ରୂପେ କାର୍ଯ୍ୟ କରିଛନ୍ତି। ସାମର୍ଥ୍ୟ ମଡ୍ୟୁଲ୍ ପ୍ରସ୍ତୁତି ତଥା ଷଷ୍ଠରୁ ଅଷ୍ଟମ ଶ୍ରେଣୀ ବିଜ୍ଞାନ ପୁସ୍ତିକା ପ୍ରସ୍ତୁତିରେ ଅଂଶଗ୍ରହଣ କରି ରାଜ୍ୟସ୍ତରରେ ବିଞ୍ଝାରପୁର ତଥା ଯାଜପୁର ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ଘଡ଼ଆ ଇଣ୍ଡିଆ ଚାରିଟେବୁଲ୍ ଟ୍ରଷ୍ଟର ପରିଚାଳନା ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ପ୍ରଶାନ୍ତ କୁମାର ଘଡ଼ଆ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାମଲ, ମୁଖ୍ୟବକ୍ତା ଭାବେ ଡ. ଶରତ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ପ୍ରାକ୍ତନ ଜିଲ୍ଲା ପରିଷଦ ଶିକ୍ଷକ ସଂଘର ସଭାପତି କ୍ଷୀରୋଦ ଚନ୍ଦ୍ର ମଲ୍ଲିକ ଓ ଜିଲ୍ଲା ପରିଷଦ ଶିକ୍ଷକ ସଂଘର ସଭାପତି ମନୋରଞ୍ଜନ ଧଳ ଉପସ୍ଥିତଥିଲେ। ଏହି ଅବସରରେ ଅନିରୁଦ୍ଧ ରାଉଳ ଓ ଲିପିକା ବେହେରାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରଭାତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଜପୁର ଯୁବ କଂଗ୍ରେସର କର୍ମଶାଳା




ଯାଜପୁର, ୨୪।୮ (ସମିସ): ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କୁ ନିର୍ଦ୍ଦେଶରେ ଯୁବନେତା କୁମାର ଆଶୁତୋଷଙ୍କ ଆବାହକତ୍ୱରେ ଯୁବ କଂଗ୍ରେସର ଏକ ବନ୍ଧୁମିଳନ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ କେଶରୀ ପାଣିଗ୍ରାହୀ ସଞ୍ଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ବିଧାନସଭାର ନେତା ସୁଦୀପ କୁମାର କର, ଦଳିତ ସେଲ୍‌ଫ ସଭାପତି ଗଦାଧର ଦାସ, ପୌରପାଳିକା ସଭାପତି ନାରାୟଣ ସାମନ୍ତ ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ଅନ୍ୟ ଅତିଥିମାନେ ଯୁବ କଂଗ୍ରେସକୁ ଆଗାମୀ ଦିନରେ ଶକ୍ତିଶାଳୀ କରିବା ପାଇଁ ସମସ୍ତ ସହାଯ୍ୟ ସହଯୋଗ ଜିଲ୍ଲା କଂଗ୍ରେସ ପକ୍ଷରୁ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନୁପମ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ସୂର୍ଯ୍ୟମଣି ଖିଲାର, ନରୋତ୍ତମ ଦାସ, ସରୋଜ ଦାସ, ପ୍ରଶାନ୍ତ ପୋଥାଳ, ଅନନ୍ତ ଜେନା, ଶ୍ରୀବନ୍ତ ନାୟକ, ନିରାକାର ପୃଷ୍ଟି, ସତ୍ୟବ୍ରତ ସାହୁ, ରବି ନାୟକ, ସତ୍ୟବ୍ରତ ନାୟକ, କ୍ଷୀରୋଦ ସାହୁ, ସନ୍ତୋଷ ସାହୁ, ମହେନ୍ଦ୍ର ବିନ୍ଧାଣି, ଜ୍ୟୋତି ଦାସ, ଚିନ୍ମୟ ଦାସ, ଉମେଶ ସେଠୀ, ବିକାଶ ବିଶ୍ୱାଳ, ସଂଦିପ କୁମାର ଦାସ, ଯଯାତି ନାୟକ, ସଂଗ୍ରାମ ବେହୁରିଆ, ଅନନ୍ତ ନାୟକ, ଶୁଭମ ପଟ୍ଟନାୟକ, ବିରଞ୍ଚି ସ୍ୱାଇଁ, ଚନ୍ଦନ ଜେନା, ଅମଜାତ ଖାଁ, ମୁରଲି ଜେନା, ଅମିତ ଜେନା, ଏସ୍‌କେ ସମସୋର ପ୍ରଭୃତି ଶତାଧିକ ଯୁବ କଂଗ୍ରେସର ପିଲାମାନେ ଉପସ୍ଥିତ ଥିଲେ।

## ସାପକାମୁଡ଼ାରେ ଚାଷୀ ଗୁରୁତର

ସୁକିନ୍ଦା, ୨୪।୮ (ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ପଲବା ଗ୍ରାମ ପାଖ ଚାଷ ଜମିରେ ଚାଷକାର୍ଯ୍ୟ କରୁଥିବା ସମୟରେ ସର୍ପାଘାତରେ ଚାଷୀ ଦିଲୁ ମଲିକ ଗୁରୁତର ଅବସ୍ଥାରେ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଆମ୍ପଲବା ଗ୍ରାମ ଦିଲୁ ମଲିକ ରବିବାର ଦିନ ଗ୍ରମପାଖ ଚାଷ ଜମିରେ ଚାଷକାର୍ଯ୍ୟ କରୁଥିବା ସମୟରେ ସର୍ପାଘାତର ଶୀକାର ହୋଇଥିଲେ। ପରିବାର ଲୋକେ ଦିଲୁକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଳିଙ୍ଗନଗର ସ୍ଥିତ ଟାଟା ମେଡ଼ିକା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

କବାଟବନ୍ଧ, ୨୪।୮ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ମର୍ଜିତାପୁର ପଞ୍ଚାୟତ ତରେଇସାହିରେ ଜଣେ ବୃଦ୍ଧଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ମୃତ୍ୟୁକୁ ବିଦ୍ୟୁତ୍ ଆଘାତ ଜନିତ ବୋଲି ସନ୍ଦେହ ପ୍ରକାଶ ପାଇଛି। ମୃତକ ଜଣଙ୍କ ହେଲେ ତରେଇସାହିର ଗଦାଧର ତରେଇ (୮୦)। ଗଦାଧର ନିଜ ଗାଁ ନିକଟରେ କିଛି ଜମିରେ ଧାନ ଚାଷ କରିଛନ୍ତି। ବୁଲା ଗାଈ ଗୋରୁ, ଷଣ୍ଢ ଆଦି ଫସଲ ନଷ୍ଟ କରୁଥିବାରୁ ଗଦାଧର ଜମି ଦେଖିବାକୁ ଯାଆନ୍ତି। ଶନିବାର ରାତି ପ୍ରାୟ ୧୦ ଟା ବେଳେ ଗଦାଧର ଖାଇ ସାରି ଗାଁ ତଳ ବିଲ ଆଡ଼କୁ ଷଣ୍ଢ ତଡିବାକୁ ଯାଇଥିଲେ। ବିଲ ପାଖାପାଖି ଏକ ଇଲେକ୍ଟ୍ରି ତାର ଯାଇଛି। ଅନ୍ଧାର ରାତି ହୋଇଥିବାରୁ ଗଦାଧର ଇଲେକ୍ଟ୍ରି ତାର ସଂସ୍ପର୍ଶରେ ଆସି ଆଘାତ ପାଇ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ତାଙ୍କର ହାତ ଏବଂ ଦେହର ଅନ୍ୟାନ୍ୟ ଅଙ୍ଗ ପୋଡ଼ି ଯାଇଥିବା ଦେଖିବାକୁ ମିଳିଛି। ପରିବାର ଲୋକେ ସକାଳୁ ଗଦାଧର ଘରେ ନ ଥିବା ଦେଖି ଖୋଜାଖୋଜି କରିଥିଲେ। ଅନ୍ୟ ଲୋକମାନେ ତାଙ୍କୁ ମରି ପଡ଼ି ଥିବାର ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଜେନାପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ନେଇଥିଲେ। ଏନେଇ ଜେନାପୁର ପୁଲିସ କେସ ନମ୍ବର ୨୫/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି। ଅନ୍ୟ ପକ୍ଷରେ ମୃତ ଗଦାଧରଙ୍କ ପୁଅ ଛବିନ୍ଦ୍ର ବଜ୍ରାଘାତରେ ମୃତ୍ୟୁ ହୋଇଥିବା ନେଇ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ମହିଳାଙ୍କୁ ଅସଦାଚରଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଶୂନ

ପାଣିକୋଇଲି, ୨୪।୮ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଧନେଶ୍ୱର ନିକଟ ରୟାଲ ଗାର୍ଡେନ୍‌ରେ ମୁସରଫ ଅଲ୍ଲି ଖାଁ ଓ ତାଙ୍କ ପରିବାର ଉପରେ ଆକ୍ରମଣ ଘଟଣାରେ ୧୧ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହ। ସୂଚନା ମୁତାବକ ଗତ ୧୩ ଅଗଷ୍ଟରେ ମୁସରଫ ଓ ତାଙ୍କ ପୁଅ ମୋକିମ ନିଜ ସମ୍ପର୍କୀୟଙ୍କ ନିକଟକୁ ଯାଉଥିବା ବେଳେ ରୟାଲ ଗାର୍ଡେନ୍‌ର ପ୍ରପର୍ଟୀ ମାଲିକ ଆଫାକ ଅହମ୍ମଦ, ସବିର ଅହମ୍ମଦ, ଜଲାଲୁଦ୍ଦିନ ଖାଁ, ପ୍ରତାପ ଦାସ, ପ୍ରମୋଦ ଦାସ ତାଙ୍କୁ ଅଟକାଇ ବିନା କାରଣରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପରିବାରର ମହିଳା ସଦସ୍ୟମାନଙ୍କୁ ମଧ୍ୟ ଅସଦାଚରଣ କରାଯାଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଦୀର୍ଘ ୧୧ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ତରଫରୁ କେବଳ ମାମଲା ରୁଜୁ କରାଯାଇଛି। ଏ ନେଇ ପରିବାର ଲୋକେ ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଗୃହ ବିଭାଗ ନିକଟରେ ଏକ୍ସ ମାଧ୍ୟମରେ ଅଭିଯୋଗ କରିବା ପରେ ଏସ୍‌ପିଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହା ପରେ ମଧ୍ୟ ପୁଲିସ୍ ଚୁପ୍ ବସିଛି। ପୁଲିସ ପୀଡ଼ିତଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାରେ ବିଫଳ ହୋଇଛି। ଅନ୍ୟ ପଟେ ଅଭିଯୁକ୍ତମାନେ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରି ବିଫଳ ହୋଇଛନ୍ତି। ପାଣିକୋଇଲି ପୁଲିସ ଅଭିଯୁକ୍ତଙ୍କୁ ଗିରଫ ନକରି ଆଗୁଆ ଜାମିନ ପାଇଁ ସୁଯୋଗ ଦେଉଥିବା ଚର୍ଚ୍ଚା ହେଉଛି। ତେଣୁ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରାନଗଲେ ଆଗାମୀ ଦିନରେ ମୁସରଫ ଓ ତାଙ୍କ ପରିବାର ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ବେଲଗାଡ଼ିଆ ଗଣେଶ ପୂଜା କମିଟି ପକ୍ଷରୁ ସଫେଇ

କବାଟବନ୍ଧ, ୨୪।୮ (ସମିସ): ପାର୍ବଣ ଋତୁ ଆରମ୍ଭରେ ଗାଁ ଠାରୁ ସହର ଏବେ ଉତ୍ସବ ମୁଖର ହେଉଛି। ଗଣେଶ ପୂଜା ଅବସରରେ ଯୁବପିଢ଼ି ଏହାକୁ ଖୁବ ଧୂମଧାମରେ ପାଳନ କରିବା ସହିତ ପରିବେଶକୁ ସଫାସୁତୁରା ରଖିବା ପାଇଁ ସ୍ୱଚ୍ଛତା ଉପରେ ଗୁରୁତ୍ୱ ମଧ୍ୟ ଦେଇଛନ୍ତି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ମର୍ଜିତାପୁର ପଞ୍ଚାୟତ ବେଲଗାଡ଼ିଆର ଗଣେଶ ପୂଜା କମିଟି ପକ୍ଷରୁ ରବିବାର ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଁର ପିଲାମାନଙ୍କ ମିଳିତ ଉଦ୍ୟମରେ ଗାଁ ଦାଣ୍ଡକୁ ସଫା କରାଯାଇଛି। କଂକ୍ରିଟ ରାସ୍ତା ଉପରେ ମାଟିର ଆବରଣ ଯୋଗୁଁ କାଦୁଅ ହେବା ସହିତ ଏହା ଏକ ଅପରିଷ୍କାର ପରିବେଶ ସୃଷ୍ଟି କରୁଥିଲା। ଡ୍ରେନେଜ୍ ସୁବିଧା ନ ଥିବାରୁ ବର୍ଷା ପାଣି ନିଷ୍କାସିତ ହୋଇ ପାରୁ ନଥିଲା। ଯାହା ଫଳରେ ପାଣି ଜମି ରହୁଥିଲା। ଲୋକମାନେ ଯିବା ଆସିବା କରିବାରେ ଅସୁବିଧା ସୃଷ୍ଟି ହେଉଥିଲା। ବିଶେଷ କରି ଛୋଟଛୋଟ ପିଲାମାନେ ସ୍କୁଲ ଯିବା ଆସିବା ପାଇଁ ବିଶେଷ ଭାବେ ପ୍ରଭାବିତ ହେଉଥିଲେ।



ଏହାକୁ ନଜରରେ ରଖି ଗଣେଶ ପୂଜା କମିଟି ପକ୍ଷରୁ ଆୟୁଷ ଦାସ, ସମୀର ଦାସ, ଜୀବନ ପ୍ରଧାନ, ତପୁ ରାଉତ, ମଣ୍ଟୁ ମଲ୍ଲିକ, ରିପୁ ଜେନା, ଚିକୁ ରାଉତ, ଆୟୁଷ ଦାଶ, ରାଜା ସାହୁ, କାହ୍ନା ଦାଶ, ବୁବୁନା ମଲ୍ଲିକ, ଓମ୍ ଦାସ, କାଳିଆ ଜେନା, ଶୁଭମ ଦାଶଙ୍କ ସମେତ ଅନ୍ୟ ମାନଙ୍କ ସହଯୋଗରେ ଏହି ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।

## ଲଣ୍ଡନ ବୁକ୍ ଓ ଆଇକନିକ୍ ବୁକ୍‌ରେ ସ୍ଥାନ ପାଇଲେ ସଙ୍ଗୀତ ନିର୍ଦ୍ଦେଶକ

ସିଂହପୁର, ୨୪।୮ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ଗ୍ରାମପଞ୍ଚାୟତର ଛନ୍ଦାମୁଣ୍ଡ ଗ୍ରାମର ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦିଲ୍ଲୀର 'ଲଣ୍ଡନ ବୁକ୍ ଅଫ୍ ୱାଲଡ୍ ରେକର୍ଡ' ଓ ମହାରାଷ୍ଟ୍ରର 'ଆଇକନିକ୍ ବୁକ୍ ଅଫ୍ ୱାଲଡ୍ ରେକର୍ଡ'ରେ ସ୍ଥାନ ପାଇଛନ୍ତି। ଶ୍ରୀ ମଲ୍ଲିକ ଦୀର୍ଘ ୨୫ ବର୍ଷ ଧରି ସଙ୍ଗୀତ ସାଧନା କ୍ଷେତ୍ରରେ ୨୦୦୦ରୁ ଉର୍ଦ୍ଧ୍ୱ ସଙ୍ଗୀତ ନିର୍ଦ୍ଦେଶନା ଦେଇ ବେଶ ପରିଚିତ ଲାଭ କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର, ଆଲବମ, ଧାରାବାହିକ, ଯାତ୍ରା ଓ ମଞ୍ଚ ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି ମଧ୍ୟ। ବହୁ ଆଗଦାଡ଼ିର



କଣ୍ଠଶିଳ୍ପୀଙ୍କ ସହ ଗ୍ରାମାଞ୍ଚଳର ଶତାଧିକ ଶିଳ୍ପୀ ତାଙ୍କ ନିର୍ଦ୍ଦେଶନାରେ କଣ୍ଠଦାନ କରିଛନ୍ତି। ଦିନେଶ ମଲ୍ଲିକ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ। ନିଜ ସାଧନା ପାଇଁ ତାଙ୍କୁ ମଧ୍ୟ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରାଯାଇଛି। ବର୍ତ୍ତମାନ ସିଂହପୁରସ୍ଥିତ ନବଘନ ମହନ୍ତ ମାୟାଧର ସରକାରୀ ଉପ୍ରା ବିଦ୍ୟାଳୟର ସେ କଳା ଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି। ଏ ଖବର ପାଇବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଭାଗବତ ପରାୟଣ କମିଟି ପୁରସ୍କୃତ

କୁଆଖିଆ, ୨୪।୮ (ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ଗ୍ରାମର ଦଧିବାମନ ଜୀୟୁ ଭାଗବତ ପରାୟଣ କମିଟିକୁ ବ୍ୟାସ ପୀଠ ସମିତି ପକ୍ଷରୁ ଓଡ଼ିଶାର ସର୍ବ ଶ୍ରେଷ୍ଠ ପ୍ରବଚନ ମଞ୍ଚ ଭାବରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରରେ ବ୍ୟାସ ପୀଠ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗନ୍ଧଣ ଗ୍ରାମର ଦଧିବାମନ କମିଟିକୁ ଓଡ଼ିଶାର ସର୍ବଶ୍ରେଷ୍ଠ ପ୍ରବଚନ କମିଟି ଭାବରରେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଜଗବନ୍ଧୁ ସାହୁ, ଜଗନ୍ନାଥ ପଣ୍ଡା, ସୁଶାନ୍ତ କୁମାର ବେହେରା, ସୁଦର୍ଶନ ବାରିକ, ଅଭୟ ମଲ୍ଲିକ, ସରୋଜ ସାହୁ, ମହେନ୍ଦ୍ର ସାହୁ, ପ୍ରଶାନ୍ତ ଖୁଣ୍ଟିଆ, ସମାପ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ମାନପତ୍ର ଗ୍ରହଣ କରିଥିଲେ।।



## ପୁସ୍ତକ ମେଳା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ



ବିଞ୍ଝାରପୁର, ୨୪।୮ (ସମିସ): ବିଞ୍ଝାରପୁର ଅଞ୍ଚଳରେ ତୃତୀୟ ଖରସ୍ରୋତା ପୁସ୍ତକ ମେଳା ଉପଲକ୍ଷେ ଆଜି ଦ୍ୱିତୀୟ ପ୍ରସ୍ତୁତି ବୈଠକ ବରୁଣେଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମେଳା କମିଟିର ସଭାପତି ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୁସ୍ତକ ମେଳା କମିଟିର ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ପ୍ରଧାପକ ଅଜୟ କୁମାର ଓଝା, କମିଟିର କର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ ସୁବାସ ଚନ୍ଦ୍ର ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ରତ୍ନାକର ସାହୁ ସମେତ ଉପଦେଷ୍ଟା ଶିକ୍ଷାବିତ୍ ରବିନାରାୟଣ ସାମଲ, ରମାକାନ୍ତ ନାୟକ, ସୁଧୀର କୁମାର ଆଚାର୍ଯ୍ୟ, ଦେବେନ୍ଦ୍ର ସାମଲ, ଶିଶିର କୁମାର ଦାସ, ଭାରତ ଭୂଷଣ ମଲ୍ଲିକ, ସୁରେନ୍ଦ୍ର କୁମାର ପତି, କୃଷ୍ଣଚନ୍ଦ୍ର ଥାଟୋଇ, ସୁମନ କୁମାର ସାହୁ, ମନୋଜ କୁମାର ପଣ୍ଡା, ମାଧବାନନ୍ଦ ଦାସ, ରମେଶ ଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ତୃତୀୟ ଖରସ୍ରୋତା ପୁସ୍ତକ ମେଳା ଆସନ୍ତା ଡିସେମ୍ବର୍ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୭ ଦିନ ଧରି ଅବିଭକ୍ତ ଫତେପୁର ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ହେବ ବୋଲି ପୁସ୍ତକ ମେଳା କମିଟିର ସଭାପତି ପ୍ରକାଶ କରିଛନ୍ତି।

## କୋରେଇ ବ୍ଲକ୍ ବିଜେଡିର ନୂତନ କର୍ମକର୍ତ୍ତା

ରଗଡ଼ି, ୨୪।୮ (ସମିସ)

ବିଜେଡିର କୋରେଇ ବ୍ଲକ କର୍ମକର୍ତ୍ତା ଓ ପଞ୍ଚାୟତ ସଭାପତି ସମେତ ଉପଦେଷ୍ଟାଙ୍କ ନାଁ ଘୋଷଣା କରାଯାଇଛି। ଏ ନେଇ ରବିବାର ରଗଡ଼ି ସ୍ଥିତ ସ୍ୱାଇଁ ମାର୍କେଟ କମ୍ପ୍ଲେକ୍ସରେ ଥିବା ବିଜେଡି କାର୍ଯ୍ୟାଳୟରେ ବ୍ଲକ ବିଜେଡି ସଭାପତି ସୌଭାଗ୍ୟ କୁମାର ମହାନ୍ତି ଏହା ଘୋଷଣା କରିଥିବା ବେଳେ ରାଜ୍ୟ ପରିଷଦ ସଭ୍ୟ ଭକ୍ତ ବତ୍ସଳ ସ୍ୱାଇଁ ଉପସ୍ଥିତ ଥିଲେ। ଏଥିରେ ବିଜେଡି ୧୨ଜଣ ଉପସଭାପତି, ୧୧ଜଣ ସାଧାରଣ ସମ୍ପାଦକ ଓ ୧୨ଜଣ ସମ୍ପାଦକଙ୍କୁ ମିଶାଇ ୩୬ଜଣ କର୍ମକର୍ତ୍ତା ସମେତ ୨୮ ପଞ୍ଚାୟତର ସଭାପତି ଓ ୧୬ଜଣିଆ ଉପଦେଷ୍ଟା ମଣ୍ଡଳୀ ନାମ ସ୍ଥାନ ପାଇଛି। ବ୍ଲକ ସଭାପତି ଭାବେ ସୌଭାଗ୍ୟ କୁମାର ମହାନ୍ତି, ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ପରମେଶ୍ୱର ମଲ୍ଲିକ, ପ୍ରଶାନ୍ତ କୁମାର ମହାପାତ୍ର, ଉମାକାନ୍ତ ମାଝୀ, ବିଜୟ କୁମାର ଷଡ଼ଙ୍ଗୀ, କାର୍ତ୍ତିକ ମଲ୍ଲିକ, ମଧୁସୂଦନ ନନ୍ଦି, ଉପେନ୍ଦ୍ର କର, ବିଜୟ ଘଡେଇ, ପ୍ରମୋଦ କୁମାର ରାଉତ, ହେମନ୍ତ କୁମାର ମହାପାତ୍ର ଓ ମଜିବୁର ରେହେମନ ଓ ସାଧାରଣ ସମ୍ପାଦକ ଭାବେ ପ୍ରଫୁଲ୍ଲ ଆଇଚ, ଚିତ୍ତରଞ୍ଜନ ନାୟକ, ସୁଧାଂଶୁ ଶେଖର ବରାଳ, ସ୍ୱପ୍ନାନନ୍ଦ ଦାସ, ସନ୍ତୋଷ କୁମାର ତରେଇ, ସଞ୍ଜୀବ କୁମାର ନାୟକ, ଏମ୍‌ଡି ଏର୍ସାଦ ହସେନ, ପରୀକ୍ଷିତ ରାଉତ, ଅଶୋକ କୁମାର ସାହୁ, ସତୀଶ କୁମାର ଧଳ, ବସନ୍ତ କୁମାର ମହାକୁଡ଼ ଓ ସମ୍ପାଦକ ଭାବେ ଗୌରୀଶଙ୍କର ମହାପାତ୍ର, ବସନ୍ତ କୁମାର ପୃଷ୍ଟି, ଦୀପକ କୁମାର ରାୟ, ପ୍ରକାଶ କୁମାର ଦାସ, ପ୍ରଦୀପ୍ତ ମହାନ୍ତି, କାଳନ୍ଦି ଜେନା, ବଳୟ କୁମାର ସ୍ୱାଇଁ, ଏସକେ ଇମ୍ରାନ ଅଲ୍ଲୀ, ଅନିରୁଦ୍ଧ ପାଣିଗ୍ରାହୀ, ସିତୁ କୁମାର ଜେନା, ଗୋଲଖ କର ଓ ଚତୁର୍ଭୁଜ ନାୟକଙ୍କସେହିପରି ଅନ୍ଧାରୀ ପଞ୍ଚାୟତ ସଭାପତି ଭାବେ ଗଣେଶ୍ୱର ଦାସ, ପଛିକୋଟ ସୁବାସ ଚନ୍ଦ୍ର ପତି, କାଚରାସାହି ସଞ୍ଜୟ କୁମାର ପାତ୍ର, କନ୍ତୋର ପୁରୁଷୋତ୍ତମ ପାତ୍ର, ଅସନଝର ନିରଞ୍ଜନ ବାରିକ, ରଣପୁର ବେଣୁଧର ମହାପାତ୍ର, ତୁଳତି ବିଜୟ କୁମାର ରାଜ, ତାହାରପୁର ଶିବ ପ୍ରସାଦ ମଲ୍ଲିକ, ତଳଗଡ଼ ଅଞ୍ଜନ କୁମାର ନାୟକ, ପାଟରଙ୍ଗା ନିତ୍ୟାନନ୍ଦ ବେହେରା, ଧନେଶ୍ୱର ବଳରାମ ରାଉତ, ସାଦକପୁର ସାନ୍ତ୍ୱନୁ ସାହୁ, ହଳଦିଗଡ଼ିଆ ଅଲେଖ ନାଥ, ତାରାକୋଟ ଜିତେନ୍ଦ୍ର ଶତପଥୀ, ବରୁଣ୍ଡେଇ ସୁଶାନ୍ତ ବିଶ୍ୱାଳ, ମୁକୁନ୍ଦପୁର ବୀରେନ୍ଦ୍ର କୁମାର ବେହେରା, ଗୌରପୁର ରମେଶ ସାହୁ, ବନ୍ଦଳୋ ରମେଶ ଚନ୍ଦ୍ର ସେନାପତି, ଅମୃତିଆ ବିଶ୍ୱନାଥ ସାହୁ, ମୂଳାପାଳ ଗୋଲଖ ଚନ୍ଦ୍ର ମାଝି, କରଦା ଗଙ୍ଗାଧର ସାହୁ, ପଥରପଦା ସନ୍ତୋଷ କୁମାର ବେହେରା, ପାଣିକୋଇଲି କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ଗୋଳେଇପୁର ମିର୍ଜା ହବିବୁଲ ବେଗ, ବଡ଼ବିରୁଆଁ ସୁଶାନ୍ତ କୁମାର ମହାପାତ୍ର, ତଣ୍ଡରା ଉମେଶ ଚନ୍ଦ୍ର ସ୍ୱାଇଁ, ଖମଣ କୈଳାଶ ଚନ୍ଦ୍ର ସାହୁ ଓ ଜହ୍ନା ପଞ୍ଚାୟତ ପାଇଁ ଦାମ ସୁନ୍ଦର ପାଢ଼ୀସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ଉପଦେଷ୍ଟା ଭାବେ ପୂର୍ବତନ କୋରେଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭିକାରୀ ବରାଳ, ଅଶୋକ କୁମାର ପଣ୍ଡା, ଅଦ୍ୱୈତ ଦାସ, ଦେବବ୍ରତ ମହାନ୍ତି, ସୁରେନ୍ଦ୍ର ମିଶ୍ର, ଲକ୍ଷ୍ମୀଧର ରାଉତ, କୈଳାଶ ମିଶ୍ର, ସଞ୍ଜୟ ଦାସ, ନବାବ ବେଗ, ରମେଶ ମହାନ୍ତ, ସନ୍ତୋଷ ସାହୁ, ରଘୁନାଥ କୁଣ୍ଡୁ, ବିଶ୍ୱତୋଷ ସିହ୍ନା, ମାନଗୋବିନ୍ଦ ଦାସ, ବିନୋଦନନ୍ଦ ପ୍ରହରାଜ ଓ ଆବୁଲ ହାଜରୀ। ଖୁବଶୀଘ୍ର ଅନ୍ୟାନ୍ୟ ସମସ୍ତ ବର୍ଗର କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ବନ୍ଧୁକ ଦେଖାଇ ଭାଇ ବୋହୂକୁ ଧମକ, ଦେଢଶୁର ଗିରଫ

ରେଢ଼ାଖୋଲ ୨୪।୮(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଧୀନ ଡ଼ଇଁଚା ଗ୍ରାମରେ ବନ୍ଧୁକ ଦେଖାଇ ଭାଇବୋହୂକୁ ଜୀବନରେ ମାରିଦେବା ଧମକ ଅଭିଯୋଗରେ ଦେଢଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ରେଢ଼ାଖୋଲ ପୁଲିସ। ଘରୋଇ କଳହକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବଡ଼ଭାଇ ବନ ପ୍ରଧାନ ନିଜର ସାନ ଭାଇର ସ୍ତ୍ରୀକୁ ଏକ ହାତ ତିଆରି ଶୀକାରି ବନ୍ଧୁକରେ ମାରି ଦେବାକୁ ଧମକ ଦେବା ସହ ମାରିବା ପାଇଁ ଗୋଡ଼ାଇଥିଲା। ଏ ସଂକ୍ରାନ୍ତରେ ଭାଇବୋହୂ ଦୀପିକା ପ୍ରଧାନ ରେଢ଼ାଖୋଲ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ରେଢ଼ାଖୋଲ ପୁଲିସ ଏକ ମାମଲା ରୁଜୁକରି ବନ୍ଧୁକ ସହ ବନପ୍ରଧାନଙ୍କୁ ଗିରଫ କରିକୋର୍ଟ ଚାଲାଣ କରିଥିଲା।

## ଦାଦନ ଖଟିଯାଇଥିବା ଶ୍ରମିକଙ୍କୁ ସାହାଯ୍ୟ



ସମ୍ବଲପୁର,୨୪।୮(ସମିସ): ଝାରସୁଗୁଡ଼ା ଜିଲ୍ଲା କାର୍ପାବାହାଲ ଗ୍ରାମ ସାଲେଗ୍ରାମ କାରିଗର ନାମକ ଜଣେ ଶ୍ରମିକ ବେଙ୍ଗଲୋରୁର ଗୋଟିଏ ଘରୋଇ କମ୍ପାନୀକୁ କାମ କରି ଯାଇଥିଲେ। ହଠାତ ନିଜକୁ ଅସୁସ୍ଥ ମନେ କରିବାରୁ ତାଙ୍କୁ ତିରୁପତିର ରୁଇଆ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଭର୍ତ୍ତି କରିବା ପରେ ଡାକ୍ତର ବ୍ରେନ ଟ୍ୟୁମର ରୋଗରେ ଆକ୍ରାନ୍ତ ହାଇଥିବା ଜଣାଇ ଥିଲେ। ପରିବାରଲୋକ ଅତି ଗରିବ ହୋଇଥିବାରୁ ତିରୁପତି ଆସି ରହିବା ପାଇଁ ଅର୍ଥ ବାଧକ ସାଜିଥିଲା। ସାଲେଗ୍ରାମର ଏପରି ଅସୁସ୍ଥ ହେବା ଖବର ଶୁଣି ତିରୁପତିରେ ରହୁଥିବା ସମ୍ବଲପୁରର ବ୍ୟବସାୟୀ ପ୍ରିୟବ୍ରତ ଖତ୍ରୀ ଏବଂ ଛାତ୍ର ନେତା ରାଜା ଦଳପତ ତୁରନ୍ତ ଯାଇ ତାଙ୍କର ପରିବାରର ରହିବାର ବ୍ୟବସ୍ଥା କରିଥିଲେ। ସାଲେଗ୍ରାମଙ୍କ ଦେହ ସୁସ୍ଥ ହେବାପରେ ଭୁବେନେଶ୍ୱରକୁ ଟ୍ରେନ୍‌ରେ ଯିବାପାଇଁ ବ୍ୟବସ୍ଥା କରିଥିଲେ।

## ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଶ୍ରଦ୍ଧାଞ୍ଜଳି



ସମ୍ବଲପୁର,୨୪।୮(ସମିସ): ପଶ୍ଚିମାଞ୍ଚଳ ଏକତା ମଞ୍ଚର ଅନ୍ୟତମ ମାର୍ଗଦର୍ଶକ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା ଡେରା ପରିସରରେ ଅନୁଷ୍ଠିତ ହୋଇଥିଲା। ପଦ୍ମଶ୍ରୀ ବିନୋଦ ପଶାୟତ ଏବଂ ଫକିର ପଟ୍ଟନାୟକଙ୍କ ଜୋଡି ସମ୍ବଲପୁରୀ ସଙ୍ଗୀତର ସର୍ବକାଳୀନ ଯୋଡ଼ି ବୋଲି ବକ୍ତାମାନେ ମତ ଦେଇଥିଲେ। ଆସନ୍ତା ୩୧ ତାରିଖରେ ତାଙ୍କ ସ୍ମୃତି ଉଦେଶ୍ୟରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ କରାଯିବ। ମଞ୍ଚର ବରିଷ୍ଠ ସଦସ୍ୟ ସନ୍ତୋଷ ବଡ଼ାଇଙ୍କୁ ଏହାର ଦାୟିତ୍ୱ ଅର୍ପଣ କରାଯାଇଥିଲା। ନାଟ୍ୟକାର ବବଲୁ ବାଗ, ସମ୍ବଲପୁରୀ କବି ପ୍ରଦୀପ ଜୋଶୀ, ନାରୀଶକ୍ତୀ ସଂଯୋଜିକା ପଙ୍କଜିନୀ ମେହେର, ଯାମିନୀ ଠାକୁର, ପଙ୍କଜିନୀ ବୈଠାରୁ, ସବିତା ନନ୍ଦ, ସୁଷମା ପ୍ରଧାନ, ରାହୁଲ ଗୁପ୍ତା, ବିରଞ୍ଚି ନାୟକ, ସସ୍ମିତ୍ କୁମାର ପଣ୍ଡା, ଭୁମିସୁତା ମେହେର, ରିଙ୍କି ମହାରଣା, ପ୍ରେମ ସାହାଣୀ, ଶୀବ ନାଥ, ଅମିତ ଦାଶ, ପ୍ରତମ ପଣ୍ଡା, ସାନ୍ତାନୁ ପାଢ଼ୀ, ସୁଭମ ସାହୁ, ପ୍ରେସିସ ପଣ୍ଡା, ଅଭିଷେକ ପାଣିଗ୍ରାହୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଯମଯନ୍ତ୍ରଣା ଦେଉଛି ଅଇଁଠାପାଲି ଓଭରବ୍ରିଜ୍ ନିର୍ମାଣ

# ୧ କିଲୋମିଟରର ରାସ୍ତାରେ ଶହେ ଖାଲ

ସମ୍ବଲପୁର,୨୪।୮(ସମିସ):



ଗୋଟେ କିଲୋମିଟରର ରାସ୍ତା। କିନ୍ତୁ ରାସ୍ତା ପାରହେବାକୁ ଘଣ୍ଟେ ଲାଗିଯିବ। ରାସ୍ତାସାରା ଖାଲି ଖାଲ। ଏବେ ବର୍ଷା ହେଉଥିବାରୁ ପାଣି ଜମୁଛି ଫଳରେ ଅନେକ ଗାଡ଼ି ଜାଣି ନ ପାରି ଖାଲରେ ପଡ଼ି ଅଟକି ରହୁଛନ୍ତି। ସପ୍ତାହେଠୁ ଅଧିକ ଦିନ ଏପରି ସମସ୍ୟା ଲାଗିଛି, କିନ୍ତୁ ଏନ୍‌ଏଚ୍‌ଏଆଇ ପକ୍ଷରୁ କୌଣସି ପଦକ୍ଷପ ଗ୍ରହଣ କରୁନାହାନ୍ତି। ସହର ଉପକଣ୍ଠରେ ଏନ୍‌ଏଚ୍‌ଏଆଇ

- ବର୍ଷା ପାଣି ଜମୁଛି, ଗାଡ଼ି ଫସୁଛି
- ଏନଏଚଏଆଇ ଖାଲ ମରାମତି କରୁନି

ପକ୍ଷରୁ ଅଇଁଠାପାଲିରେ ଓଭରବ୍ରିଜ୍ ନିର୍ମାଣ କରାଯାଉଛି। ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଦିନଠାରୁ ସମ୍ବଲପୁରବାସୀ ସମେତ ସମ୍ବଲପୁର ଦେଇ ଯାଉଥିବ ଗାଡ଼ି ଚାଳକ ପ୍ରତିଦିନ ଯମଯନ୍ତ୍ରଣାର ଶିକାର ହେଉଛନ୍ତି। ରାସ୍ତାରେ ଟ୍ରାଫିକ ପୁଲିସ ଜଗିରହିଥିଲେ ମଧ୍ୟ କୌଣସି ସୁଫଳ ମିଳେନାହିଁ। ଘଣ୍ଟାଘଣ୍ଟା ଧରି ରାସ୍ତା ଉପରେ ଜାମରେ ଫସିବାକୁ ପଡ଼େ। ପୂର୍ବରୁ ଅଇଁଠାପାଲି ଛକରେ ଏପରି ଜାମ୍ ସ୍ଥିତି କେବେକେବେ ଦେଖା ଦେଇଥାଏ। ଯେବେଠୁ ସହରରେ ଫ୍ଲାଏ ଓଭର ନିର୍ମାଣ ଆରମ୍ଭ ହୋଇଛି ଜାମ ପରିସ୍ଥିତି ନିତିଦିନିଆ ଘଟଣା ହୋଇ ଯାଇଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣିବାର ନା ଧରୁନାହାନ୍ତି। ଅନେକ ଦିନର ଘୋଷଣା ପରେ ଏହି ଫ୍ଲାଏ ଓଭରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଯାଇଛି। ଫ୍ଲାଏ ଓଭର ନିର୍ମାଣ ହେଲେ ସହରବାସୀ ନିର୍ଭୟରେ ଯାତାୟାତ କରିବା ନେଇ ସ୍ୱପ୍ନ ଦେଖିଥିଲେ। କିନ୍ତୁ ନିର୍ମାଣଧୀନ ଫ୍ଲାଏ ଓଭର ଲୋକଙ୍କୁ ଯନ୍ତ୍ରଣା ଦେବାରେ ଲାଗିଛି। ଖରାଦିନେ ଧୂଳି ଲୋକଙ୍କୁ କଲବଲ କରୁଥିଲା। ଏବେ ଏତେ ସାରା ଖାଲ ତିଆରି ହୋଇଛି ଯାହା ଅଧିକ ଯନ୍ତ୍ରଣା ଦେବାରେ ଲାଗିଛି। ନିର୍ମାଣ କାର୍ଯ୍ୟ ଯେତିକି କଷ୍ଟ ଦେଉନି ତାଠୁ ଅଧିକ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ଯନ୍ତ୍ରଣା ଦେଉଛି। ଛକରେ ଅସମ୍ଭାଳ ଭିଡ଼ ସାଙ୍ଗକୁ ଧୂଳି ଲୋକଙ୍କୁ କଲବଲ କରୁଛି। ଅସମ୍ଭାଳ ଭିଡ଼ରେ ମରଣଯନ୍ତା ଭୋଗୁଛନ୍ତି।

ସହରର ପ୍ରମୁଖ ଅଇଁଠାପାଲି ଛକ ଦେଇ ପ୍ରତି ଦିନ ହଜାର ସଂଖ୍ୟାରେ ଗାଡ଼ି ଯିବା ଆସିବା କରୁଛି। ଅଇଁଠାପାଲି ଓ ତଳି ଛକର ପରିସ୍ଥିତି ଏବେ ଜଟିଳ ହୋଇ ପଡ଼ିଛି। ବର୍ତ୍ତମାନ ଅଇଁଠାପାଲି ଛକ ଦେଇ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ଦୁଇ ଛକ ହେଉଛି ଜନଗହଳି ଛକ। କଲିକତା, ଛତିଶଗଡ଼, ବରଗଡ, ଝାରସୁଗୁଡ଼ା ଦେବଗଡ଼, କଟକ ଭୁବନେଶ୍ୱର ସମେତ ଅନେକ ସ୍ଥାନକୁ ଏହି ଛକ ଦେଇ ଗାଡ଼ି ଯାତାୟାତ କରୁଛି। ଉଭୟ ପଟର ରାସ୍ତାରେ ଶହେରୁ ଅଧିକ ଖାଲ ତିଆରି ହୋଇଛି। ବର୍ଷା ହେବା ମାତ୍ରେ ଖାଲରେ ପାଣି ଜମୁଛି। ସହରକୁ ନୂଆ କରି ଆସୁଥିବା ଚାଳକ ହେଉକି ସହରବାସୀ ମଧ୍ୟ ଏ ଖାଲରେ ଗାଡ଼ି ଲାଗି ରହୁଛି। ଏତେ ସବୁ ଘଟିବା ପରେ ମଧ୍ୟ ଏନ୍‌ଏଚ୍‌ଏଆଇ ପକ୍ଷରୁ କୌଣସି ସୁବିଧା କରାଯାଇନାହିଁ। ଉକ୍ତ ଖାଲ ଗୁଡ଼ିକର ମରାମତି ହେଲେ ଏଭଳି ପରିସ୍ଥିତ ଲାଗି ରହିବ ନାହିଁ ବୋଲି ପ୍ରକାଶ ପାଇଛି। କେବଳ ସନ୍ଧ୍ୟା ନୁହେଁ ସବୁ ସମୟରେ ରାସ୍ତାରେ ଶହ ଶହ ଗାଡ଼ି ଅଟକି ରହୁଛି। ତେଣୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଖୁବଶୀଘ୍ର ଏହି ଖାଲ ଗୁଡ଼ିକର ମରାମତି କରିବାକୁ ଦାବି ହୋଇଛି। ଏହା ସହଦୁଇ ଚକିଆ ଓ ଟ୍ରକ ଲାଗି ବିକଳ୍ପ ରାସ୍ତା ନିର୍ମାଣ କରିବା ପାଇଁ ଦାବି ହୋଇଛି।

## ସୋଲାର ପ୍ୟାନେଲ ଲଗାଇବାକୁ ଟିପିଡବ୍ଲ୍ୟୁଓଡିଏଲ୍‌ର ଆହ୍ୱାନ



ସମ୍ବଲପୁର,୨୪।୮(ସମିସ): ଟିପିଡବ୍ଲୁଓଡିଏଲ୍ ତରଫରୁ ୧ କିଲୋୱାଟ୍ ପର୍ଯ୍ୟନ୍ତ ଚୁକ୍ତି କରିଥିବା ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ ଏକ କିଲୋୱାଟର ସୋଲାର ସିଷ୍ଟମର ନୂତନ ଯୋଜନାର ଘୋଷଣା କରାଯାଇଥିଲା। ଏହି ଅବସରରେ କମ୍ପାନୀ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏହି ଯୋଜନା ବାବଦରେ ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ, ପଶ୍ଚିମ ଓଡ଼ିଶାର ଏକ କିଲୋୱାଟ୍ ଚୁକ୍ତି କରିଥିବା ବିଦ୍ୟୁତ୍ ଗ୍ରାହକ ଯଦି ଏକ କିଲୋୱାଟର ରୁପଟପ୍ ସୋଲାର ସିଷ୍ଟମ ନିଜ ଘର ଉପରେ ସ୍ଥାପନ କରିବାକୁ ଚାହାଁନ୍ତି। ତେବେ ସେମାନଙ୍କୁ କେବଳ ୫୦୦୦ ଟଙ୍କା ଏବଂ ସୋଲାର ମିଟର୍ ବାବଦକୁ ୩ ହାଜର ୭୪୭ ଟଙ୍କା ସର୍ବମୋଟ୍ ୮ ହଜାର ୭୪୭ ଟଙ୍କା ଦେବାକୁ ପଡ଼ିବ। ଗ୍ରାହକମାନେ ଏହି ଯୋଜନା ପାଇଁ ବିଦ୍ୟୁତ୍ ବିତରକ କମ୍ପାନୀକୁ ଏକ ସ୍ୱାକ୍ଷରିତ ସମ୍ମତିପତ୍ର ପ୍ରଦାନ କରିବେ। ଯାହାଫଳରେ ବିଦ୍ୟୁତ୍ ବିତରକ କମ୍ପାନୀ ସମ୍ପୂର୍ଣ୍ଣ ଯନ୍ତ୍ରପାତି ପ୍ରଥମେ ଗ୍ରାହକଙ୍କ ଛାତ ଉପରେ ସ୍ଥାପନ କରି ଭାରତର ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୫୫ ହଜାର ଟଙ୍କା(ଭାରତ ସରକାରଙ୍କ ରିହାତି ୩୦ ହାଜର ଏବଂ ରାଜ୍ୟ ସରକାରଙ୍କ ରିହାତି ୨୫ ହଜାର) ଗ୍ରାହକଙ୍କ ତରଫରୁ ପ୍ରାପ୍ତ କରିବେ। ଏହି ସୋଲର ସିଷ୍ଟମ୍ ଲଗାଇ ଗ୍ରାହକ ହାରହାରି ମାସକୁ ୧୦୦ ୟୁନିଟ୍ ବିଜୁଳି ଉତ୍ପାଦନ କରିବା ସହ ବର୍ଷରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲରୁ ବଞ୍ଚାଇ ପାରିବେ। ଏତଦ୍‌ବ୍ୟତିତ୍ ବିଦ୍ୟୁତ୍ ବିତରକ କମ୍ପାନୀ ତରଫରୁ ସ୍ଥାପନ କରିଯାଇଥିବା ଯନ୍ତ୍ରପାତି ଉପରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ଏବଂ ସ୍ଥାପନ କରାଯାଇଥିବା ସୋଲାର ପ୍ୟାନେଲ ଉପରେ ୨୫ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟ ପ୍ରଦାନ କରାଯିବ। ସାମ୍ବାଦିକ ସମ୍ମିଳନୀରେ ଟିପିଡ଼ବ୍ଲୁଓଡିଏଲ୍ ତରଫରୁ ପ୍ରକାଶ କରାଯାଇଥିଲା ଯେ, ମଧ୍ୟବିତ୍ତ ପରିବାର, ଯେଉଁମାନେ ଏକକାଳୀନ ଅର୍ଥ ବିନିମୟ କରି ସୋଲାର ପ୍ୟାନେଲ୍ ସ୍ଥାପନ କରିବାକୁ ସକ୍ଷମ ନୁହଁନ୍ତି। ସେମାନେ କେବଳ ୮ ହାଜର ୭୪୭ ଟଙ୍କା ବିନିୟମରେ ଦେଶର ସବୁଜ ବିପ୍ଳବରେ ନିଜକୁ ସାମିଲ କରିପାରିବେ। ଏହା ଗ୍ରାମ, ଜିଲ୍ଲା, ରାଜ୍ୟ ତଥା ଦେଶର ପର୍ଯ୍ୟାବରଣକୁ ସୁରକ୍ଷା ଦେବା ପାଇଁ ଦେଶରେ ଚାଲିଥିବା ସବୁଜ ଶକ୍ତି ଆନ୍ଦୋଳନ ସହ ନିଜକୁ ଭାଗିଦାର କରି ଦେଶର ଉନ୍ନତିରେ ସହଯୋଗ କରିପାରିବେ। ପ୍ରକାଶଥାଉ କି, ଏହି ଯୋଜନା ଦେଶରେ ପ୍ରଚଳିତ ପିଏମ୍ ସୂର୍ଯ୍ୟଘର ମୁଫ୍ତବିଜୁଳି ଯୋଜନାର ଏକ ଅଂଶ। ଏହା କେବଳ ଏକ କିଲୋୱାଟ୍ ଚୁକ୍ତି କରିଥିବା ବିଦ୍ୟୁତ୍ ଘରୋଇ ଗ୍ରାହକଙ୍କ ପାଇଁ ଏକ କିଲୋୱାଟ୍ ସୋଲାର ସିଷ୍ଟମ ପାଇଁ ପ୍ରଯୁଜ୍ୟ ଅଟେ।

## ତାଗିଦ୍ କରିବାରୁ ମହାନଦୀକୁ ଡେଇଁଲେ ଛାତ୍ରୀ

- ଉଦ୍ଧାର କଲା ମାଛଧରାଳି ବୋଟ



ସମ୍ବଲପୁର,୨୪।୮(ସମିସ): ବାପା ପାଠପଢ଼ା ପାଇଁ ତାଗିଦ କରିବାରୁ ମହାନଦୀକୁ ଡେଇଁଲେ ନବମ ଶ୍ରେଣୀ ଛାତ୍ରୀ। ମା' ଛେଉଣ୍ଡ ଝିଅ। ବାପା ହିଁ ସବୁ। ପାଠପଢି ଭଲ ମଣିଷଟିଏ ହେବା ପାଇଁ ବାପା ସବୁବେଳେ ଲାଗିଥାନ୍ତି। ପାଠ ପଢୁନୁ ବୋଲି ଟିକେ ତାଗିଦ୍ କରିବାରୁ ନବମ ଶ୍ରେଣୀରେ ପାଠ ପଢୁଥିବା ଝିଅ ଆଜି ମହାନଦୀର ପ୍ରଖର ସ୍ରୋତକୁ ଡେଇଁ ଦେଇଥିଲେ। କିନ୍ତୁ ଭାଗ୍ୟବସତଃ ମାଛଧରାଳୀଙ୍କ ଉଦ୍ୟମରେ ଛାତ୍ରୀଙ୍କୁ ଜୀବିତ ଉଦ୍ଧାର କରାଯାଇଥିଲା। ଛାତ୍ରୀ ଜଣକ ଅଇଁଠାପାଲି ଥାନା ଅଞ୍ଚଳ ଅରିତା ବିଶି ବୋଲି ଜଣାପଡିଛି। ସୂଚନା ଅନୁସାରେ ରବିବାର ସକାଳେ ଜଣେ ଛାତ୍ରୀ ଚାଉଁରପୁର ବ୍ରିଜରୁ ମହାନଦୀକୁ ଡେଇଁ ନିଖୋଜ ଥିଲେ। ବ୍ରିଜ୍ ଉପରେ ନିଜ ଚପଲ, ବ୍ୟାଗ, ସାଇକେଲ ଏବଂ ମୋବାଇଲ ଥୋଇ ତଳକୁ ଡେଇଁ ପଡ଼ିଥିଲେ। ପ୍ରତ୍ୟକ୍ଷ ଦର୍ଶୀ ଏହା ଦେଖି ପୁଲିସକୁ ଜଣାଇଥିଲେ। ଅଗ୍ନିଶମ ବିଭାଗର ଏକ ଟିମ ଖୋଜା ଖୋଜି ଆରମ୍ଭ କରିଥିଲା। ମହାନଦୀକୁ ଡେଇଁବାର କିଛି ସମୟ ପରେ ଅଗ୍ନିଶମ ବିଭାଗ ଖୋଜାଖୋଜି କରିଥିଲା। ମାଛ ଧରାଳୀମାନେ ଜାଲ ଧରି ଝିଅଟି ପାଣିରେ ଥିବା ଦେଖି ଉଦ୍ଧାର କରିଥିଲେ। ଉଦ୍ଧାର ପରେ ଘରକୁ ନେଇଯାଇଥିଲେ। ଟାଉନ ଥାନା ପୁଲିସ ଓ ଅଗ୍ନିଶମ ବିଭାଗ ଘରୁ ଝିଅଙ୍କୁ ଉଦ୍ଧାର କରି ଭିମସାର ପଠାଇଥିଲେ। ବୁଢାରଜା ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ ଅଟନ୍ତି। ପାଠ ପଢିବା ପାଇଁ ବାପା ତାଗିଦ କରିବାରୁ ଏପରି ଉଦ୍ୟମ କରିଥିବା ପୁଲିସ କହିଛି। ଛାତ୍ରୀଙ୍କ ସ୍ୱାସ୍ଥ୍ୟ ବସ୍ଥା ଠିକ ଥିବା ସୂଚନା ରହିଛି।

## ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଡିପିଏସ ଚାମ୍ପିଅନ

ସମ୍ବଲପୁର,୨୪।୮(ସମିସ): ସମ୍ବଲପୁର ସ୍ଥିତ ଡିପିଏସ୍ ଖେଳ ପଡ଼ିଆରେ ଏମପାୱାର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ୧୯ ଓ୧୪ ବୟସରୁ କମ ୨ଟି ବର୍ଗରେ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।



ଏହି ମ୍ୟାଚରେ ରାଜ୍ୟ ବାହାରୁ ୫ଟି ଓ ସମ୍ବଲପୁର ଡିପିଏସ୍ ଅଂଶଗ୍ରହଣ କରିଥିଲା। ଅଣ୍ଡର ୧୯ରେ ଡିପିଏସ୍ ସମ୍ବଲପୁର ଚାମ୍ପିଅନ ହୋଇଥିବା ବେଳେ ଛତିଶଗଡ଼ର ଆଲୋନସ ପବ୍ଲିକ ସ୍କୁଲ ରନର୍‌ସଅପ ହୋଇଥିଲା। ବେଷ୍ଟ ଗୋଲ ଗିପର ଡିପିଏସର ଆଶୁତୋଷ ବାରିକ ଓ ବେଷ୍ଟ ଗୋଲ ସ୍କୋରର ସତ୍ୟମ ନାଏକ ହୋଇଥିଲେ। ସେହିପରି ଅଣ୍ଡର ୧୪ରେ ମଧ ଡିପିସ୍ ସମ୍ବଲପୁର ବିଜେତା ହୋଇଥିଲା। ରନରସଅପ୍ ଆଲୋନସ ପବ୍ଲିକ ସ୍କୁଲ, ଗୋଲକିପର ଅନୁଭବ କୁମାର ଓ ଗୋଲ ସ୍କୋରର ଭାବେ ଡିପିଏସର ବିଶାଳ ହୋଇଥିଲେ। ସ୍କୁଲ ପ୍ରିନ୍ସପାଲ ସୁଜାତା ଲେଙ୍କାଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।

## ଗ୍ରୀଡ୍ ପ୍ରତିଷ୍ଠା ଦାବିରେ ପଞ୍ଚାୟତବାସୀଙ୍କ ପ୍ରତିବାଦ



ରେଢ଼ାଖୋଲ,୨୪।୮(ସମିସ): ୩୩ କେଭି ବିଦ୍ୟୁତ ତାରକୁ ଫଲଟ କରି ବିଦ୍ୟୁତ ବିଛିନ୍ନ କରି ନାକଟିଦେଉଳ ବ୍ଲକ୍ ୪ ଖଣ୍ଡ ଗ୍ରାମ ପଞ୍ଚାୟତ ଯଥା ଡ଼ଇଞ୍ଜା, ଶିମିଳିପାଳ, ଘୁଷୁରାମାଲ, ଗୋଗୁଆ ଗ୍ରାମବାସୀ ପ୍ରତିବାଦ କରିଥିଲେ। ଫଳରେ ନାକଟିଦେଉଳ ବ୍ଲକ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଥିଲା। ଏପରି ଘଟଣା ଘଟିଛି, ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅଧୀନ ନାକଟିଦେଉଳ ବ୍ଲକ ଅଧୀନ ଡ଼ଇଞ୍ଜା ପଞ୍ଚାୟତ ଛକଠାରେ। ୪ ଟି ପଞ୍ଚାୟତବାସୀ ଗ୍ରିଡ୍ ପ୍ରତିଷ୍ଠା ଏବଂ ନିରବିଛିନ୍ନ ବିଜୁଳି ସେବା ଦାବିକରି ୩୩ କେଭି ବିଦ୍ୟୁତ ତାର ଉପରେ ଚେନ୍ ପକାଇ ପ୍ରତିବାଦ କରିଥିଲେ। ଏହା ଜାଣିବା ପରେ ରେଢ଼ାଖୋଲ ବିଦ୍ୟୁତ ବିଭାଗ ଅଧିକାରୀ ପ୍ରିୟ ରଞ୍ଜନ ଦାସ, ପ୍ରଶାସନ ଅଧିକାରୀ ଏବଂ ରେଢ଼ାଖୋଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଏଥିରେ ଘଟଣାସ୍ଥଳରେ ଗ୍ରାମବାସୀ ମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏଥିରେ ବିଭାଗୀୟ ଅଧିକାରୀ ସୋମବାରଠାରୁ ନିରବିଚ୍ଛିନ୍ନ ବିଦ୍ୟୁତ ସରବରାହ ରହିବ ବୋଲିପ୍ରତିଶ୍ରୁତିଦେବାପରେଗ୍ରାମବାସୀଙ୍କ ପ୍ରତିବାଦପ୍ରତ୍ୟାହୃତହୋଇଥିଲା।

## ସମ୍ବଲପୁରୀ ଲେଖକ ପରିଷଦ ପକ୍ଷରୁ ଶୋକସଭା



ସମ୍ବଲପୁର,୨୪।୮(ସମିସ): ସ୍ଥାନୀୟ ସାମ୍ବାଦିକ ଭବନଠାରେ ସମ୍ବଲପୁରୀ ଲେଖକ ପରିଷଦ ପକ୍ଷରୁ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଦେବାର୍ଚ୍ଚନ ଠାକୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ସମ୍ବଲପୁରୀ ଭାଷା ସାହିତ୍ୟକୁ ନେଇ ପଦ୍ମଶ୍ରୀ ପରି ଉଚ୍ଚାଙ୍ଗ ସମ୍ମାନ ମିଳିବା ପରେ ମଧ୍ୟ ଏହି ଭାଷାକୁ ଆଜି ପର୍ଯ୍ୟନ୍ତ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ ନକରିବା ପରିତାପର ବିଷୟ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ସ୍ୱର୍ଗତ ପଶାୟତଙ୍କ ଉଭୟ ନାଟ୍ୟ ସାହିତ୍ୟ ଓ କାବ୍ୟସାହିତ୍ୟ ସମ୍ବଲପୁରୀ ଭାଷା ସାହିତ୍ୟ ଭଣ୍ଡାରର ଅମୂଲ୍ୟ ରତ୍ନ ଏବଂ ତାଙ୍କ ସାହିତ୍ୟର ଭାବ- ଦର୍ଶନ ଅତି ଉଚ୍ଚତର ଯାହା ଅନ୍ୟ ଭାରତୀୟ ଭାଷାରେ ଅନୁଦିତ ହୋଇପାରିଲେ ସ୍ୱର୍ଗତ ପଶାୟତଙ୍କ ସାହିତ୍ୟର ସମୁଚିତ ପ୍ରସାର ହୋଇ ପାରିବ ବୋଲି ଆଜିର ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତମାନେ ଆଲୋଚନା କରିଥିଲେ। ମୁକ୍ତକଣ୍ଠ ପ୍ରଧାନ, କାଳିନ୍ଦୀ ପ୍ରତାପ ସିଂ, ନିତେଇ ଚରଣ ସରାଫ,ଆଭାଷ ପଣ୍ଡା,ପ୍ରଭଞ୍ଜନ ପୁରୋହିତ,ଡ. ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ସ୍ୱର୍ଗୀୟ ପଶାୟତଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ସ୍ମୃତି ରକ୍ଷା ବିଷୟରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ତାଙ୍କ ସାହିତ୍ୟ କୃତିକୁ ନେଇ ପରିଷଦ ପକ୍ଷରୁ ଆଲୋଚନା ସଭାମାନ ଆୟୋଜିତ ହେବ ବୋଲି ସଭାପତି ଶ୍ରୀ ଠାକୁର ପ୍ରକାଶ କରିଥିଲେ।

## ନିଷ୍କାସନ ହେଉନି ବର୍ଷାପାଣି
## ନିଜ ପ୍ରୟାସରେ ଡ୍ରେନ କଲେ ଗ୍ରାମବାସୀ

ରେଢ଼ାଖୋଲ୨୪।୮(ସମିସ):

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଅଧୀନ ତ୍ରିବଣପୁର ପଞ୍ଚାୟତ ଅଧୀନ କୁଷାପାଲି ଗ୍ରାମରେ ଲଗାଣ ବର୍ଷାରେ ଗ୍ରାମ ମଝି ରାସ୍ତାରେ ୨ ଫୁଟ ବର୍ଷା ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ବର୍ଷା ଜଳ ନିଷ୍କାସନ ନ ହେବାରୁ କୃତ୍ରିମ ବନ୍ୟା ସୃଷ୍ଟି ହେବା ଦେଖାଦେଇଛି। ଗ୍ରାମବାସୀ ଏ ସମ୍ପର୍କରେ ବାରମ୍ବାର ପ୍ରଶାସନ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ଏଥିରେ ଗ୍ରାମବାସୀ ଅତିଷ୍ଠ ହୋଇ ଏକତ୍ରିତ ଭାବରେ ନିଜ ଖର୍ଚ୍ଚରେ କାମଚଳା ଡ୍ରେନ ନିର୍ମାଣ କରି ବର୍ଷା ପାଣି ନିଷ୍କାସନ ପାଇଁ ପ୍ରୟାସ କରିଛନ୍ତି। ଗ୍ରାମବାସୀ କହିଛନ୍ତି ଯେ ଉତ୍ତମ ରାସ୍ତା ନିର୍ମାଣ ଜନମଙ୍ଗଳ ସହ ରାଷ୍ଟ୍ର ମଙ୍ଗଳ ସାଧାନ ହୋଇଥାଏ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ରେଢ଼ାଖୋଲ ଠାରୁ ବଣପୁର ନିର୍ମାଣ ହୋଇଥିବା ପିଢ଼ବୁଡି ରାସ୍ତା କୁଷାପାଲି ଗ୍ରାମବାସୀଙ୍କ ପାଇଁ ଅଭିଶାପ ସାଜିଛି। ରାସ୍ତାର ଉଚ୍ଚତା ବୃଦ୍ଧି ଯୋଗୁଁ ବର୍ଷା ଜଳ ନିଷ୍କାସନ ହୋଇ ପାରିନାହିଁ। ପ୍ରକାଶ ଥାଉକି ପୂର୍ବରୁ ଆରଡି ରାସ୍ତା ଥିବା ବେଳେ



ଗୋଟିଏ ପୋଲ ମାଧମରେ ପାଣି ନିଷ୍କାସିତ ହେଉଥିଲା। ତାପରେ ତିନି ବର୍ଷ ହେବ ବର୍ଷା ପାଣି ନିଷ୍କାସନ ପାଇଁ ନା ଅଛି ପୋଲ, ନା ଅଛି ଡ୍ରେନ ଯାହା ଫଳରେ ଗ୍ରାମର ପାଣି ନିଷ୍କାସନ ହୋଇ ପାରୁନାହିଁ। ଗାଁ ମୁଣ୍ଡରେ ଥିବା ବିଦ୍ୟୁତ ଟ୍ରାନସ୍‌ଫର୍ମର ଖୁମ୍ବ ମୂଳେ ୨ ଫୁଟ ପାଣି ଜମୁଛି। ଏପରିକି ବର୍ଷସାରା ବ୍ୟବହୃତ ହେଉଥିବା ଏକ ନଳକୂପ ଚାରିଦିନୀ ଉପରେ ଦେଢ଼ ଫୁଟ ପାଣି ରହିଥିବା ବେଳେ ଗ୍ରାମବାସୀ ବ୍ୟବହାର ଯୋଗ୍ୟ ନଳକୂପ ପାଣି ପାଇଁ ହନ୍ତସନ୍ତ ହେବାକୁ ପଡୁଛି। ଗ୍ରାମରେ ଥିବା କୁଆଁ ପାଣି ପଚା ଗନ୍ଧ ଯୋଗୁଁ ବ୍ୟବହାର ହୋଇପାରି ନାହିଁ। ଗ୍ରାମବାସୀ ନିଜ ଖର୍ଚ୍ଚ ଏବଂ ପ୍ରୟାସରେ ବର୍ଷା ଜଳ ନିଷ୍କାସନ ପାଇଁ କାମଚଳା ଡ୍ରେନ ନିର୍ମାଣ କରିଛନ୍ତି।



# ଆସୁଛି ନୂଆଁଖାଇ; ଲାଗୁଛି ଗହ ଗହ ମହ ମହ

ପାଇକମାଲ,୨୪।୮ (ସମିସ):





ପଶ୍ଚିମ ଓଡ଼ିଶାର ବଡ଼ କୃଷିଭିତ୍ତିକ ପର୍ବ ନୂଆଁଖାଇ ପର୍ବ। ଏଥିରେ କୃଷକ ତାର ଉତ୍ପାଦିତ ନୂତନ ଫସଲ ମୁଖ୍ୟତଃ ଧାନ, ମୁଗ, ବିରିକୁ ନିଜ ଇଷ୍ଟ ଦେବାଦେବୀଙ୍କୁ ପ୍ରଥମେ ଅର୍ପଣ କରିଥାନ୍ତି। ନୂତନ ଧାନକୁ କୁଟି ଚାଉଳ ବାହାର କରି ନୂଆଁ ଅନ୍ନକୁ ନିଜ ନିଜ ଇଷ୍ଟ ଦେବାଦେବୀଙ୍କୁ ନିର୍ଦ୍ଦିଷ୍ଟ ଲଗ୍ନ ଅନୁସାରେ ଭୋଗ ଲଗାଇ ଥାନ୍ତି। ସେହି ଭୋଗକୁ ପ୍ରସାଦ ରୂପରେ ସପରିବାର ଗୋଟିଏ ସ୍ଥାନରେ ଆନନ୍ଦରେ ଗ୍ରହଣ କରିଥାନ୍ତି।

ଭାଦ୍ରବ ମାସରେ ନୂଆଁଖାଇ ପର୍ବ ପଡେ। ନୂଆଁଖାଇ ଆସିଲେ ଗାଁ ଠୁ ସହର ଗହଗହ ମହମହ ହୋଇ ଚଳଚଞ୍ଚଳ ହୋଉଠେ। ଲୋକଙ୍କ ମଧ୍ୟରେ ମନୋମାଳିନ୍ୟ ଥିଲେ ତାହା ନୂଆଁଖାଇରେ ଦୂର ହୋଇଯାଏ ବୋଲି କୁହାଯାଏ। ନୂଆଁଖାଇ ଆସିଲେ ଲୋକେ ଦୂରସ୍ଥାନକୁ ଯାଇଥିଲେ ମଧ୍ୟ ନିଜ ଜନ୍ମମାଟିକୁ ଫେରିଥାନ୍ତି। ଛାତ୍ର, ଶ୍ରମିକ, ସରକାରୀ କର୍ମଚାରୀ ଯେଉଁଠି ଥାନ୍ତୁ ନା କାହିଁକି ସମସ୍ତେ ଗଣେଶ ପୂଜା ଓ ନୂଆଁଖାଇ ପୂର୍ବରୁ ଘରକୁ ଫେରିଥାନ୍ତି।

**ଗାଁ ଠୁ ସହର ଚଳଚଞ୍ଚଳ**

ନୂଆଁଖାଇ ଆସିଲେ ଗାଁ ଗାଁରେ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ମହିଳାମାନେ ଘର ଲିପାପୋଛା କରନ୍ତି। ପୁରୁଷ ମାନେ ବିଭିନ୍ନ ସାମଗ୍ରୀ କିଣାବିକା କରିଥାନ୍ତି। ଏଥିପାଇଁ ବଜାର ଗୁଡିକରେ ପ୍ରବଳ ଭିଡ ପରିଲକ୍ଷିତ ହୁଏ। ବାରିକ ଦୋକାନରେ ମଧ୍ୟ ଲୋକଙ୍କ ଭିଡ ଦେଖିବାକୁ ମିଳେ। ଗାଁ ମାନଙ୍କରେ ଘର କାନ୍ଥରେ ଚୂନ ବଦଳରେ ଛୁଇମାଟି ଲଗାଇ ଥାନ୍ତି। ତେଣୁ ବ୍ୟବସାୟୀମାନେ ଗାଁ ଗାଁ ଆସି ଛୁଇ ନିଅ ଗୋ ଛୁଇ ବୋଲି ଗାଁ ଦାଣ୍ଡରେ ବୁଲି ବୁଲି ବିକ୍ରୟ କରିଥାନ୍ତି। ଚାଷୀ ନିଜ ବିଲର ନୂଆ ଧାନକୁ ନୂଆଁଖାଇ ପାଇଁ ଗାଁ ଗଣ୍ଡା ତଥା ବଜାରକୁ ବିକ୍ରି ପାଇଁ ନେଇଥାନ୍ତି। ନୂଆଁଖାଇରେ ଗାଁ ପୂଝାରୀ ଗ୍ରାମ ଦେବଦେବୀଙ୍କୁ ପୂଜାର୍ଚ୍ଚନା ପରେ ଗାଁର ପ୍ରତ୍ୟେକ ଘରକୁ ଯାଇ ବାରଣ୍ଡା ମାନଙ୍କରେ ଧାନଖେଡା ଓ ଭେଲୁଆ ପତ୍ର ଖୁଞ୍ଚି କିଛି ଦକ୍ଷିଣା ମଧ୍ୟ ପାଇଥାନ୍ତି। ନୂଆଁଖାଇ ପୂର୍ବଦିନ ଭଗବାନ ଗଣେଶଙ୍କ ପୂଜା ହୁଏ। ତେଣୁ ପୂର୍ବଦିନ ଗଣେଶପୂଜା ଓ ତା ପରଦିନ ନୂଆଁଖାଇ ପାଳନକୁ ନେଇ ମଜା ମଜଲିସ, ଖୁସିବାସିରେ ଘରଦ୍ୱାର ଶୁଖ ଶାନ୍ତିରେ ପୂରି ଉଠେ। ନୂଆଁଖାଇରେ ନବାନ୍ନ ଖାଇ ସାରିବା ପରେ ବଡ ମାନଙ୍କୁ ସାନ ମାନେ ମୁଣ୍ଡିଆ ମାରି, ନତୁବା ପାଦ ଧରି ନମସ୍କାର କରି ଆଶୀର୍ବାଦ ଗ୍ରହଣ କରିବା ପ୍ରଥା ରହିଛି। ଯେତେ ରାଗ, ରୁଷା, ଝଗଡା ଥିଲେ ମଧ୍ୟ ଏହି ନବାନ୍ନ ଭକ୍ଷଣ ପରେ ନମସ୍କାର ଟିଏ କରି ଆଶୀର୍ବାଦ ପାଇଗଲେ ସବୁ ରାଗ, ଅଭିମାନ ଛାଡି ଯାଏ ବୋଲି ବୟୋଜ୍ୟେଷ୍ଠ ମାନେ କହିଥାନ୍ତି। ତେଣୁ ନୂଆଁଖାଇ ପର୍ବ ଉପଲକ୍ଷେ ଏହି ଦୁଇ ଦିନ ସବୁଠି ବେଶ୍ ଗହଳଚହଳ ଲାଗି ରୁହେ। ତାପରେ ଆରମ୍ଭ ହୁଏ ମାସ ସାରା ନୂଆଁଖାଇ ଭେଟ୍ ଘାଟ୍।

# ୧୯୭୫ ମାଟ୍ରିକ୍ ବ୍ୟାଚ୍‌ର ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି

ବରଗଡ଼,୨୪।୮ (ସମିସ): ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ପରିସରରେ ରବିବାର ସତ୍ୟ ପଣ୍ଡାଙ୍କ ଆବାହକତ୍ୱରେ ଓ ନିର୍ମଳ କିଶୋର କରଙ୍କ ସଂଯୋଜନାରେ ବରଗଡ଼ର ସର୍ବ ପୁରାତନ ବିଦ୍ୟାଳୟ ଜର୍ଜ ହାଇସ୍କୁଲର ୧୯୭୫ ମାଟ୍ରିକ୍ ବ୍ୟାଚ୍ ପକ୍ଷରୁ ନୂଆଁଖାଇ ଭେଟଘାଟର ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ଅଗଷ୍ଟ ୩୧ ରବିବାର ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସପରିବାର ଯୋଗ ଦେବାକୁ ସମସ୍ତେ ରାଜି ହୋଇଥିଲେ। ମାନେ ସମ୍ବଲପୁରୀ ଶାଢ଼ୀ ଓ ପୁରୁଷ ମାନେ ସମ୍ବଲପୁରୀ ସାର୍ଟ ପରିଧାନ କରି ଆସିବାକୁ ପ୍ରସ୍ତାବ ଦିଆଯାଇଥିଲା। ଆସନ୍ତା ଅଗଷ୍ଟ ୨୮ ତାରିଖ ଋଷି ପଞ୍ଚମୀ, ଗୁରୁବାର ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ପାଳନ କରାଯିବ। ଏହି ଉପଲକ୍ଷେ ୧୯୭୫ ମାଟ୍ରିକ୍ ବ୍ୟାଚ୍‌ର ଭେଟଘାଟ କାର୍ଯ୍ୟକ୍ରମ କରାଯିବ। ଗୋବିନ୍ଦ ଦାଶ ଏହି ଭେଟ୍‌ଘାଟ୍ କାର୍ଯ୍ୟକ୍ରମକୁ ଆଡମ୍ବର ସହ ବରିଷ୍ଠ ନାଗରିକ ସଂଘ ପ୍ରାଙ୍ଗଣରେ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ବୈଠକରେ କୃଷ୍ଣ ଚନ୍ଦ୍ର ପଣ୍ଡା, ତୁଳସୀ ଚରଣ ଦାଶ, ସୁଧାଂଶୁ ଶତପଥୀ, ପ୍ରସନ୍ନ ସାମଲ୍, ବାସୁଦେବ ପ୍ରଧାନ, ଅଶୋକ ପ୍ରଧାନ, ଅଭୟ ଭୋଇ, କୁନୁ ବଡ଼େଇ, ସୁରେନ୍ଦ୍ର ଦାଶ, ଲଳିତ ବିଶୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବାଳମୁକୁନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



# ଲାଉନସରାରେ ରନିଂ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବରଗଡ଼,୨୪।୮ (ସମିସ): ବରଗଡ଼ ବ୍ଲକ୍ ଅଧୀନ ତୁମଗାଁ ପଞ୍ଚାୟତର ଲାଉନସରା ଖେଳ ପଡ଼ିଆରେ ଲାଉନସରା ଆଥେଲେଟିକ ଆସୋସିଏସନ ଦ୍ୱାରା ୫୫ ତମ ପଞ୍ଚ ଦିବସୀୟ ରନିଂ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଆଜି ପ୍ରଥମ ଦିବସରେ ୪ଟି ଦଳ ପୁତୁରୁପାଲି ଓ ଦଲ୍ଲାବାହାଲ ଏବଂ ଅଇଁଠାପାଲି ଓ ଧୀରପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଦଲ୍ଲାବାହାଲ ଓ ଅଇଁଠାପାଲି ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ଦଲ୍ଲାବାହାଲ ଓ ଅଇଁଠାପାଲି ମଧ୍ୟରେ ତୃତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଲ୍ଲାବାହାଲ ବିଜୟ ଲାଭ କରି ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ ମୁଖ୍ୟ ଅତିଥି ଭାବେ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସଙ୍ଗେ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଲାଉନସରା ଆଥଲେଟିକ ଆସୋସିଏସନର ପ୍ରମୁଖ ସଦସ୍ୟ ମୀନକେତନ ମହାକୁଡ, ରବୀନ୍ଦ୍ର ଭୋଇ, ନୀଳାମ୍ବର ପ୍ରଧାନ, ଦୀପକ ନାଏକ ଏବଂ ଶଙ୍କର ବିଶ୍ୱାଳ ପ୍ରମୁଖ ଟୁର୍ଣ୍ଣାମେଣ୍ଟର ଆୟୋଜନରେ ସହଯୋଗ କରିଥିଲେ।



# କାର୍ ସହ ୩୦ କେଜି ଗଞ୍ଜେଇ ଜବତ; ୨ ଗିରଫ

ଅମ୍ବାଭୋନା,୨୪।୮ (ସମିସ): ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାଇ ମିନାଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ନିଶା କରବାର ଧରିବାରେ ଅମ୍ବାଭୋନା ପୁଲିସକୁ ସଫଳତା ମିଳିଛି। ବରଗଡ଼ ଜିଲ୍ଲାର ଅମ୍ବାଭୋନା ରାସ୍ତା ଦେଇ ଛତିଶଗଡକୁ ବେଆଇନ ଭାବେ ଗଞ୍ଜେଇ ଚାଲାଣ ହେଉଥିଲା। ସମରଧରା ଛକ ନିକଟରେ ପୁଲିସର ଚେକିଂ ଚାଲିଥିଲା। ଚେକିଂ ସମୟରେ ଥାନାଧିକାରୀ ବିପିନ ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅମ୍ବାଭୋନା ପୁଲିସ ଏକ କାର ସହ ୩୦ କେଜି ଗଞ୍ଜେଇ, ୩ଟି ମୋବାଇଲ ଓ ନଗଦ ୩୬୦ ଟଙ୍କା ଜବତ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ୨ ଜଣ ବୌଦ୍ଧ ଜିଲ୍ଲାର; ଜଣେ ହିଲୁଙ୍ଗ ଗାଁର ଶରତ ସେଠି(୩୬) ଓ ଅନ୍ୟ ଜଣକ ମନୋମୁଣ୍ଡା ଥାନା ଅଧୀନ ଲୁମୁରଜେନା ଗାଁର ରଞ୍ଜିତ ଓରଫ ଧିରେନ ମହାକୁଳ (୩୪) ବୋଲି ଜଣାପଡ଼ିଛି। ଅମ୍ବାଭୋନା ପୁଲିସ ମାମଲା ରୁଜୁ କରିବା ସହ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ପାୱାର ଅଫ୍ ଦିବ୍ୟାଙ୍ଗସ୍‌ର ବ୍ଲକ୍‌ସ୍ତରୀୟ ବୈଠକ

ବରଗଡ଼,୨୪।୮ (ସମିସ): ଗଙ୍ଗାଧର ମେହେର କଲ୍ୟାଣ ମଣ୍ଡପରେ ରବିବାର ପାୱାର ଅଫ୍ ଦିବ୍ୟାଙ୍ଗସର ବରପାଲି ବ୍ଲକ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ପାୱାର ଅଫ ଦିବ୍ୟାଙ୍ଗସର ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ



ଅତିଥି ଭାବେ ବରପାଲି ଏନଏସି ଚେୟାରମ୍ୟାନ ଦିନେଶ ଗହୀର, ସୁଇଟ ସ୍ମାଇଲ ଦିବ୍ୟାଙ୍ଗ ଟ୍ରଷ୍ଟର ମୁଖ୍ୟ ମଞ୍ଜୁଲତା ଦାଶ, ସରସ୍ୱତୀ ସଂଘର ଉପସଭାପତି ଘରଯୁଗୀ ଗଡତୀୟା, ଜନଶକ୍ତି ଭିନ୍ନକ୍ଷମ ସଂଗଠନର ସମ୍ପାଦକ ସୂର୍ଯ୍ୟମଣି ମାଝୀ ଏବଂ ପାୱାର ଅଫ ଦିବ୍ୟାଙ୍ଗସ୍ ସଂଗଠନର ସାଧାରଣ ସମ୍ପାଦକ ମେଘନାଦ ସାହୁ ତଥା ମିଡିଆ ପ୍ରଭାରୀ ସତ୍ୟଜିତ ଦାଶ ମଞ୍ଚାସୀନ ଥିଲେ। ସମ୍ପାଦକ ଶ୍ରୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସ୍ୱାମୀ ବିବେକାନନ୍ଦ ନର୍ସି କଲେଜ ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରି ସମସ୍ତଙ୍କୁ ସ୍ୱାଗତ କଲାପରେ, ସଭାପତି ଶ୍ରୀ ଅଗ୍ରୱାଲ ସଭାରେ ଦିବ୍ୟାଙ୍ଗ ମାନଙ୍କୁ ସ୍ୱାବଲମ୍ବୀ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ପାୱାର ଅଫ ଦିବ୍ୟାଙ୍ଗସର ଭୂମିକା ବିଷୟରେ ଅବଗତ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକ୍‌ର ସଭାପତି ବସନ୍ତ ଭୋଇ, ଫକୀର ମହାନନ୍ଦ, ସୁରେଶ ଯୋଶୀ, ମିତ୍ରଭାନୁ ସାହୁ, ପ୍ରମୋଦ ଗରଡିଆ, ଭଗବାନ ହରପାଲ, ତୁଳାରାମ ନାଗ ଏବଂ ବଧିର ସଂଘର ସଭାପତି ଚିତ୍ରସେନ ମେହେର ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସଚିନ ବାରିକ, ନବୀନ ଅଗ୍ରୱାଲ, ଚିଣ୍ଟୁ ହରିପାଳ, ଅମନ ପଟେଲ ଏବଂ ଦୀପିକା କୁମ୍ଭାରଙ୍କୁ ପାୱାର ଅଫ ଦିବ୍ୟଙ୍ଗସ୍ ତରଫରୁ ପ୍ରତୀକ ଚିହ୍ନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜନ ସଂସ୍ଥା ସରସ୍ୱତୀ ସଂଘ, ସୁଇଟ ସ୍ମାଇଲ ଏବଂ ଜନଶକ୍ତି ଭିନ୍ନକ୍ଷମ ସଂଘକୁ ମଧ୍ୟ ପାୱାର ଅଫ ଡିବ୍ୟାଙ୍ଗସ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଦ୍ୟାଶା ଅଗ୍ରହାଣି ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସରସ୍ୱତୀ ସଂଘର ସଭ୍ୟା ଅଞ୍ଜଳି ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଶ୍ଚିମ ସଂଭାଗ ସ୍ତରୀୟ ବିଜ୍ଞାନ ମେଳା

ବରପାଲି,୨୪।୮ (ସମିସ): ବରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପଶ୍ଚିମ ସଂଭାଗ ସ୍ତରୀୟ ତ୍ରିଦିବସୀୟ ଜ୍ଞାନ ବିଜ୍ଞାନ ମେଳା ସମାପନ ହୋଇଛି। ମୁଖ୍ୟ ଅତିଥି ଭାବେ ପୂର୍ବକ୍ଷେତ୍ର ସଂଗଠନ ମନ୍ତ୍ରୀ ଆନନ୍ଦ ରାଓ ପାରିଧିଜୀ ମେଳାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରମୁଖ ଡ. ଶଙ୍କର୍ଷଣ ମେହେର ମାର୍ଗଦର୍ଶନ, ପ୍ରଧାନଆଚାର୍ଯ୍ୟ ନିରଞ୍ଜନ



ହୋତା ଅତିଥିଙ୍କ ପରିଚୟ ପ୍ରଦାନ, ଧର୍ମେନ୍ଦ୍ର ପୂଜାରୀ ସଂଯୋଜନା, ସଭାପତି ଯଦୁମଣି ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ସଂଭାଗ ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର ଆଶୀର୍ବଚନ ପ୍ରଦାନ କରିଥିବା ବେଳେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ସମ୍ଭାଗ ପ୍ରଭାରୀ ତଥା ସଂସ୍କାର କେନ୍ଦ୍ର ସଂଯୋଜକ ନରୋତ୍ତମ ମିଶ୍ର ଉଦ୍‌ବୋଧନ ଦେଇଥିଲେ। ପର୍ଯ୍ୟବେକ୍ଷଣ ଓ ବରଗଡ଼ ନୀରିକ୍ଷକ ଗୁପ୍ତେଶ୍ୱର ଥନାପତି ସହସଂଯୋଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ସମାରୋପ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିବ ପ୍ରସାଦ ବାଗ ଯୋଗ ଦେଇଥିଲେ। କୁମୁଦ ଚନ୍ଦ୍ର ସାମଲ ମେଳାର ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। ବିଜ୍ଞାନ ମେଳାରେ ସର୍ବମୋଟ ୧୮ଟି ପ୍ରକଳ୍ପ ପ୍ରଦର୍ଶନ ସହ ବିଜ୍ଞାନ ପତ୍ରବାଚନ, ପ୍ରଶ୍ନମଞ୍ଚ, ଆଚାର୍ଯ୍ୟ ପତ୍ରବାଚନ, ଗଣିତ ଓ ବିଜ୍ଞାନ ପ୍ରୟୋଗ ପ୍ରଦର୍ଶିତ ହୋଇଥିଲା।। ପ୍ରକଳ୍ପ ଗୁଡିକର ମୂଲ୍ୟାୟନ ପାଇଁ ଅନ୍ତଯର୍ୟାମୀ ବେହେରା, ଅଶୋକ ପଣ୍ଡା, ମନୋଜ ବାରିକ, ବୀର କିଶୋର ପଧାନ, ଫଗୁନୁ ଚାଉଁର, ସୁମନା ପାଣିଗ୍ରାହୀ, ଅଶୋକ ସାହୁ, ସୁଜିତ୍ ପଟେଲ, ବିନୟ ଭୋଇ, ଆଶୁତୋଷ ରଥ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପ ଗୁଡିକ ଆଗାମୀ ସମୟରେ ହେବାକୁ ଥିବା ପ୍ରାନ୍ତସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେବ। କାର୍ଯ୍ୟକ୍ରମରେ ପ୍ରାୟ ୩୦ ବିଦ୍ୟାଳୟରୁ ୧୬୬ ଜଣ ଭାଇ ଭଉଣୀ ଯୋଗ ଦେଇଥିଲେ।

# ବ୍ରହ୍ମ କୁମାରୀ ଓ ନିଷ୍ଠା ପରିବାର ତରଫରୁ ରକ୍ତଦାନ ଶିବିର

■ ୩୨ ୟୁନିଟ ରକ୍ତ ସଂଗୃହୀତ



ବରପାଲି,୨୪।୮ (ସମିସ): ରାଜ ଯୋଗିନୀ ଦାଦି ଓ ପ୍ରକାଶ ମଣି ଜୀଙ୍କ ସ୍ମୃତି ଅବସରରେ ପ୍ରଜାପିତା ବ୍ରହ୍ମ କୁମାରୀ ଆଶ୍ରମ, ବରପାଲି ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ବରପାଲି ଠାରେ ଅନୁଷ୍ଠିତ ହୋଇଛି। ଶିବିରକୁ ବରପାଲି ବ୍ଲକ୍ ଅଧ୍ୟକ୍ଷ ଦିନେଶ ଗହୀର ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ୩୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସୁରେନ୍ଦ୍ର ହୋତା, ଶିବ, ସୁରେନ୍ଦ୍ର ବେହେରା, ଗୌରୀ, ଅଞ୍ଜଳୀ, ଦମୟନ୍ତୀ, ଅଶୋକ ଭୋଇ, ବାବାଜୀ, ହରୀ ଓ ନିଷ୍ଠା ପରିବାରର ସଦସ୍ୟ ମାନେ ଶିବିର ପରିଚାଳନା କରିଥିଲେ। ରକ୍ତଦାନ ଶିବିର ଆୟୋଜନ ପାଇଁ ପ୍ରଜାପିତା ବ୍ରହ୍ମ କୁମାରୀ ବରପାଲି ଶାଖାକୁ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତଦାତା, ସହଯୋଗୀ, ଶୁଭେଚ୍ଛୁ ସମସ୍ତଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରାଯାଇ ଥିଲା।

# ପଞ୍ଚମ ନକ୍‌ଆଉଟ୍ ଫୁଟବଲ୍ ୩ୟ ଦିନରେ ଜମୁର୍ଡା ଦଳ ବିଜୟୀ



ବରପାଲି,୨୪।୮ (ସମିସ): ବରପାଲି ବ୍ଲକ୍ ଲେଣ୍ଡା କ୍ରୀଡା ସଂସଦ ପଞ୍ଚମ ନକ୍‌ଆଉଟ୍ ଫୁଟବଲ୍ ତୃତୀୟ ଦିନରେ ଜମୁର୍ଡା ଦଳ ବିଜୟୀ ଘୋଷିତ ହୋଇଯାଇଛି। ପ୍ରତିଯୋଗିତାର ତୃତୀୟ ଦିନରେ ଜମୁର୍ଡା ଓ ୟଙ୍ଗଷ୍ଟାର ବରଗଡ଼ ମଧ୍ୟରେ ଖେଳ ହୋଇଥିଲା। ଜମୁର୍ଡା ଦଳ ୨-୧ ଗୋଲରେ ୟଙ୍ଗଷ୍ଟାର ଦଳକୁ ମାତ ଦେଇ ବିଜୟ ଲାଭ କରିଥିଲା। ଏହି ଅବସରରେ ଗୋଲକିପର ଗୋପାଳ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥିଭାବେ ଲେଣ୍ଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ରବି ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରପାଲି ସମବାୟ ସମିତିର ସଭାପତି ଗୁରୁ ମେହେର, ବରଗଡ଼ ବିଜେପି ଯୁବ ନେତା ଅଖିଳେଶ ଭୋଇ ଓ ବଲାଙ୍ଗିର ଜିଲ୍ଲା ଅଗ୍ନିସେବା ବିଭାଗ ହାବିଲଦାର ଲକ୍ଷ୍ମଣ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତ ଭୋଇଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଖେଳ ଶିକ୍ଷକ ରାଜେନ୍ଦ୍ର ଭୋଇ, ପ୍ରମୋଦ ପଧାନ, ସୁଦାମ ପଧାନ, ନରେଶ ପଧାନ, ଜିତେନ୍ଦ୍ରିୟ ବିଦ୍ୟାଧର, ମନୋଜ ସାହୁ, କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ରାଧାକାନ୍ତ ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ନବାଗତଙ୍କୁ ଛାତ୍ରୀ ନିବାସ ପକ୍ଷରୁ ସ୍ୱାଗତ

ଅତାବିରା,୨୪।୮ (ସମିସ): ଅତାବିରା କଲେଜ ଛାତ୍ରୀ ନିବାସକୁ ଆସିଥିବା ନବାଗତ ଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ପାଇଁ ଛାତ୍ରୀ ନିବାସ ପକ୍ଷରୁ ନବୀନ ବରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ କଲେଜ ଅଧ୍ୟକ୍ଷ ଅଶ୍ୱିନୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ଅଧ୍ୟାପିକା ତଥା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ରିଙ୍କି ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ମାନଭଞ୍ଜନ ପ୍ରଧାନ ଓ ହୃଦାନନ୍ଦ ପ୍ରଧାନ ମଞ୍ଚାସୀନ ଥିଲେ। ଛାତ୍ରୀ ମାନଙ୍କୁ ନେଇ ନୃତ୍ୟ, ସଙ୍ଗୀତ, ଝୋଟି, ବକ୍ତୃତା, କୁଇଜ ଭଳି ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅମ୍ରିତା ଭେଙ୍ଗରାଜ ଧନ୍ୟବାଦ ଦେଇଥିଲେ। ଶେଷରେ ନବାଗତ ଛାତ୍ରୀମାନେ ସାମାଜିକ ନାଟକ ପରିବାର ପ୍ରଦର୍ଶନ କରିଥିଲେ।

# ଇନରହ୍ୱିଲ୍ କ୍ଲବ୍ ଅଫ୍ ବରଗଡ଼ର ଜିଲ୍ଲା ଅଧ୍ୟକ୍ଷଙ୍କ ବରଗଡ଼ ଗସ୍ତ



ବରଗଡ଼,୨୪।୮ (ସମିସ): ଇନରହ୍ୱିଲ୍ କ୍ଲବ୍ ଅଫ ବରଗଡ଼ର ଜିଲ୍ଲା ଅଧ୍ୟକ୍ଷା ମଧୁସ୍ମିତା ତ୍ରୀପାଠି ବରଗଡ଼ ପରିଦର୍ଶନରେ ଆସିଥିବା ବେଳେ କ୍ଲବ୍ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ପୁରୋହିତ ଜେନେରାଲ ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ରରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଜିଲ୍ଲା ଅଧ୍ୟକ୍ଷା ବିଭିନ୍ନ ସାମାଜିକ ଏବଂ ସେବା ପ୍ରକଳ୍ପ ପରିଦର୍ଶନ କରିଥିଲେ। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଆକ୍ୱାଗାର୍ଡ ପ୍ରଦାନ କରାଯାଇଥିଲା। ଗୋପାଳ ଗୋଶାଳାରେ ପରିବେଶ ସଚେତନତା ଅଭିଯାନ ତଦାରଖ କରାଯାଇଥିଲା। ହୋଟେଲ ଗଣପତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାର୍ବତୀ ଗିରି ବୃଦ୍ଧାଶ୍ରମ ଏବଂ ଅନାଥାଶ୍ରମକୁ ଏକ ଆଧୁନିକ କପା ବାତି ତିଆରି ମେସିନ୍ ପ୍ରଦାନ କରାଯାଇଥିଲା, ଯାହା ଦ୍ୱାରା ସେଠାକାର ମହିଳାମାନେ ନିଜର ଜୀବିକା ଅର୍ଜନ କରିପାରିବେ। ଏହା ସହିତ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗତ ବର୍ଷ କ୍ଲବ୍‌ରୁ ଏକ ଖାଦ୍ୟ କାର୍ଟ ପାଇଥିବା ଜଣେ ହିତାଧିକାରୀ ମହିଳା ତାଙ୍କ ରୋଜଗାରରୁ ୩୦୦୦ ଟଙ୍କା ଦାନ କରି ଅନ୍ୟ ଜଣେ ମହିଳାଙ୍କୁ ସାହାଯ୍ୟ କରିଥିଲେ। ସେହିପରି ଗତ ବର୍ଷ ପିକୋ ମେସିନ୍ ପାଇଥିବା ଅନ୍ୟ ଜଣେ ହିତାଧିକାରୀ ମଧ୍ୟ ୧୦୦୦ ଟଙ୍କା ଦାନ କରିଥିଲେ। ହୋଟେଲ ଗଣପତିରେ ଅନୁଷ୍ଠିତ ବୈଠକରେ କ୍ଲବ୍‌ର ବିଭିନ୍ନ କାର୍ଯ୍ୟପନ୍ଥା ଏବଂ ଆଗାମୀ ପ୍ରକଳ୍ପଗୁଡିକ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ନେହା ଅଗ୍ରୱାଲ ଏବଂ ଗାୟତ୍ରୀ କରଙ୍କୁ ନୂତନ ସଦସ୍ୟ ଭାବେ ସାମିଲ କରାଯାଇଥିଲା। କ୍ଲବ୍ ସଭାପତି ଆଶିମା ବିସୋଇ, ସଚିବ ପୂଜା ଅଗ୍ରୱାଲ, ଉପାଧ୍ୟକ୍ଷ ଭାଗ୍ୟଶିନୀ ପାତ୍ର, ପୂର୍ବତନ ସଭାପତି ରତୁ ସାନନ, କୋଷାଧ୍ୟକ୍ଷ ସାରିକା ଅଗ୍ରୱାଲ, ଆଇଏସଓ ପ୍ରତିଭା ମହାନ୍ତି, ସମ୍ପାଦିକା ପ୍ରତିଭା ବାରିକ, ଯୁଗ୍ମ ସମ୍ପାଦକ ନୀତୁ ଅଗ୍ରୱାଲଙ୍କ ସମେତ କ୍ଲବ୍‌ର ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଧାନ ପଞ୍ଜୀକରଣରେ ନେଟ୍‌ୱର୍କ ବାଧକ

## ଚାଷୀ ହନ୍ତସନ୍ତ, ସମୟ ସୀମା ବୃଦ୍ଧି ପାଇଁ ଦାବି

ବରଗଡ଼,୨୪।୮ (ସମିସ):

ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣରେ ଜଟିଳତାକୁ ବିରୋଧ କରି ଚାଷୀ ଆନ୍ଦୋଳନ ପରେ ତାହା ସରଳ ହୋଇଛି। ହେଲେ ଏବେ ଅତାବିରା ବ୍ଲକ୍‌ରେ ପଞ୍ଜୀକରଣରେ ନେଟ୍‌ୱର୍କ ସମସ୍ୟା ବାଧକ ସାଜିଛି। ଚାଷୀଙ୍କ ଧାନ କାର୍ଡ ପଞ୍ଜୀକରଣ ସାଇଟର ଦୀର୍ଘ ସମୟ ସର୍ଭର କାମ କରୁନି, ନେଟ ଆସୁନଥିବାରୁ ପଞ୍ଜୀକରଣରେ ଅସୁବିଧା ହେଉଥିବା ଚାଷୀ ଅଭିଯୋଗ କରୁଛନ୍ତି। ବ୍ଲକ୍‌ର ୯୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରନ୍ତି। ପଞ୍ଜୀକରଣ କରି ଧାନ ବିକ୍ରି କଲେ ୩୧୦୦ ଟଙ୍କା ମିଳିବା ଆଶାରେ ଅନ୍ନଦାତା ରହିଛନ୍ତି।



ଚାଷ ସମୟରେ ପଞ୍ଜୀକରଣ କରିବାକୁ ଆସୁଥିବା ବେଳେ ନେଟ୍‌ୱର୍କ ଓ ସାଇଟ୍ ଯୋଗୁ ବିଳମ୍ବ ହେଉଥିବାରୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏହାର ତ୍ୱରିତ ସମାଧାନ କରିବା ପାଇଁ ଚାଷୀ ସରକାରଙ୍କୁ ଅନୁରୋଧ କରିଛନ୍ତି। ଆସନ୍ତା ୨୫ ତାରିଖ ପଞ୍ଜୀକରଣର ଶେଷ ତାରିଖ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଫଳରେ ଅତାବିରା ଅଞ୍ଚଳର ହଜାର ହଜାର ଚାଷୀ ପଞ୍ଜୀକରଣ ନ କରି ପାରି ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ପଞ୍ଜୀକରଣର ସମୟ ସୀମା ଆଉ ୨୦ ଦିନ ବଢ଼ାଯାଉ ବୋଲି ରାଜ୍ୟ କୃଷକ ସଂଘଠନର ସମ୍ପାଦକ ସୁରେଶ କର୍ଣ୍ଣ, ସୁରେନ୍ଦ୍ର କଠାର, ବାସୁଦେବ ନାଗ ପ୍ରମୁଖ ଚାଷୀ ଦାବି କରୁଛନ୍ତି।

# ଗଞ୍ଜେଇ ମାମଲାରେ ଗିରଫ ହୋଇ ଜେଲରେ ପେକ୍ସ ସମ୍ପାଦକ

ଶଗଡା/ମନମୁଣ୍ଡା,୨୪।୮ (ସମିସ):

ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର ୬ ଜଣ ପେକ୍ସ ସମ୍ପାଦକ ଧାନ ପାଞ୍ଜିକରଣ ସମୟରେ ବିଦେଶ ବୁଲିବାକୁ ଯାଇଥିବା ସାମାଜିକ ଗଣମାଧ୍ୟମରେ ଖବର ଭାଇରଲ ହେବା ପରେ ବିଭାଗୀୟ ଅଧିକାରୀ ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଖବର ମନରୁ ଯାଇ ନଥିବାବେଳେ ବୌଦ୍ଧ ଜିଲ୍ଲା ଶଗଡ଼ା ସେବା ସମବାୟ ସମିତି (ପେକ୍ସ) ସମ୍ପାଦକ ସତ୍ୟନାରାୟଣ ପଣ୍ଡା ଗଞ୍ଜେଇ ମାମଲାରେ ଛତିଶଗଡ଼ ରାଜ୍ୟରେ ଗିରଫ ହୋଇ ଜେଲ ଯାଇଥିବା ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଛି। ଅନ୍ୟପଟରେ ଦୁଇମାସରୁ ଊର୍ଦ୍ଧ୍ୱ ହେବ ସମ୍ପାଦକ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଛୁଟିରେ ରହିଥିବାରୁ ସାର ନ ପାଇ ଶଗଡା ସେବା ସମବାୟ ସମିତି ଅଞ୍ଚଳର ଚାଷୀ ହନ୍ତସନ୍ତ ହେଉଥିବା ନଜରକୁ ଆସୁଛି।

ସୂଚନାନୁଯାୟୀ, ପ୍ରାୟ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ଶଗଡ଼ା ପେକ୍ସର ସମ୍ପାଦକ ସତ୍ୟନାରାୟଣ ପଣ୍ଡା କାର୍ଯ୍ୟାଳୟରେ ଅନୁପସ୍ଥିତ ରହି ଆସିଛନ୍ତି। ଜୁନ୍ ୧୭ ତାରିଖରେ ଶଗଡାରୁ ସୋନପୁର ଯାଉଥିବା ବେଳେ ସଡକ ଦୁର୍ଘଟଣାରେ ତାଙ୍କ ମୁଣ୍ଡ ଓ ବାମ ଗୋଡ଼ରେ ଗଭୀର ଆଘାତ ଲାଗି ଥିବାରୁ ୧୫ ଦିନ ଛୁଟି ପାଇଁ ନିବେଦନ କରିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। କିନ୍ତୁ ଏନେଇ ତାଙ୍କ ଅଫିସର କର୍ମଚାରୀଙ୍କୁ ପଚାରିବାରେ କାରଣ କେହି ଜାଣି ନ ଥିବା ପ୍ରକାଶ କରିଥିଲେ। ଏପରିକି ସମ୍ପାଦକ






ପଣ୍ଡାଙ୍କ ଅଜ୍ଞାତବାସର ଖବର ଚାଷୀ ଓ ସାଧାରଣ ଜନତାଙ୍କୁ ମଧ୍ୟ ଜଣା ନ ଥିଲା। ସେ ଦୁର୍ଘଟଣାରେ ପଡ଼ି

**■ ସାର ନ ପାଇ ଚାଷୀ ହନ୍ତସନ୍ତ**
**■ ଦୁଇମାସ ତଳେ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଛୁଟିରେ ଥିଲେ**

କୌଣସି ଡାକ୍ତରଖାନା ରେ ଭର୍ତ୍ତି ହୋଇଥିବା ଆଲୋଚନା ହେଉଥିଲା। କିନ୍ତୁ ତାଙ୍କ ପରିବାର ବର୍ଗ ସମସ୍ତେ ଘରେ ଉପସ୍ଥିତ ଥିବାରୁ ସେନେଇ ସନ୍ଦେହ ଘନୀଭୂତ ହୋଇଥିଲା। ବର୍ତ୍ତମାନ ଚାଷୀ ପଞ୍ଜିକରଣ ସମୟରେ ସମ୍ପାଦକଙ୍କ ଅନୁପସ୍ଥିତି ଯୋଗୁଁ ପେକ୍ସରେ ଘୋର ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଚାଷୀମାନେ ବହୁତ ଅସୁବିଧାର ସମ୍ମୁଖିନ ହେଉଥିବା ଜାଣିବାକୁ ମିଳିଛି। ବିଶେଷ କରି ଚାଷୀ ସାର ପାଇବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ଚାଷୀମାନେ ସାର ପାଇଁ ଦୀର୍ଘ ଦିନରୁ ପେକ୍ସରେ ଟଙ୍କା ଜମା ଦେଇଥିଲେ। ସମବାୟ ସମିତିରେ ସାର ଗଚ୍ଛିତ ରହିଥିଲେ ସୁଦ୍ଧା ସମ୍ପାଦକଙ୍କ ଅନୁପସ୍ଥିତି ଯୋଗୁଁ ଚାଷୀ ତାହା ପାଇପାରୁ ନଥିବା ଜାଣିବାକୁ ମିଳିଛି। ଉକ୍ତ ସାର ସରକାରୀ ମୂଲ୍ୟ ବସ୍ତା ପ୍ରତି ୨୬୭ ଟଙ୍କା ରହିଥିବାବେଳେ କେତେକ ଚାଷୀ ଅନ୍ୟ ଉପାୟ ନ ପାଇ ବସ୍ତା ପ୍ରତି ପ୍ରାୟ ୭୦୦ ଟଙ୍କା ଦେଇ ବାହାରୁ କ୍ରୟ କରି ଜମିରେ ସିଞ୍ଚନ କରିଥିବା ଜାଣିବାକୁ ମିଳିଛି। ଗରିବ ଚାଷୀ ଅର୍ଥାଭାବରୁ ମୁଣ୍ଡରେ ହାତ ଦେଇ ବସି ରହିଛନ୍ତି। ସାର ଅଭାବରୁ କିଛି ସ୍ଥାନରେ ଚାଷ କ୍ଷତିଗ୍ରସ୍ତ ହୋଇଥିବା ଜାଣିବାକୁ ମିଳିଛି। ସମ୍ପାଦକ ଙ୍କ ଅନୁପସ୍ଥିତି ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏନେଇ ହାତ ବାନ୍ଧି ବସି ରହିବାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟରେ ସମ୍ପାଦକ ପଣ୍ଡା ଓ ଆଉ ଜଣେ ଗଞ୍ଜେଇ ନେଇ ରାଜ୍ୟ ବାହାରକୁ ଯାଇଥିବାବେଳେ ଜବଲପୁର ପୁଲିସ ହାବୁଡରେ ପଡ଼ି ଗିରଫ ହେବା ସହ କୋର୍ଟ ଚାଲାଣ ହୋଇଥିବା ଏବଂ ସୁବାଷଚନ୍ଦ୍ର ବୋଷ ସେଣ୍ଟ୍ରାଲ ଜେଲ ହାଜତକୁ ଯାଇଥିବା ସେଠିକାର ଏସ୍‌ପି ଏକ ଗଣମାଧ୍ୟମରେ ସୂଚନା ଦେଇଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ଏନେଇ ଉକ୍ତ ଏସ୍‌ସିଏସ୍‌ର ସହ ସମ୍ପାଦକ ଗଜିନ୍ଦ୍ର ମାଝିଙ୍କୁ ପଚାରିବାରେ, ସେ ଉତ୍ତର ନ ଦେଇ ବାହାନା ଦେଖାଇ କଥାକୁ ଟାଳି ଫୋନ କାଟି ଦେଇଥିଲେ। ଏନେଇ ବୌଦ୍ଧ ସହକାରୀ ନିବନ୍ଧକ ସେବା ସମବାୟ ସମୂହ ଫକିର ମୋହନ ବାଗଙ୍କୁ ପଚାରିବାରେ ସମ୍ପାଦକ ସ୍ୱାସ୍ଥ୍ୟ ଜନିତ କାରଣରୁ ଛୁଟି ନେଇଥିବା କହିଥିଲେ। ତାହା ମିଥ୍ୟା ବୋଲି ଜାଣିବାକୁ ପାଇବା ପରେ ଏସ୍‌ସିଏସ୍‌ର ସଭାପତିଙ୍କୁ ସେନେଇ ୩ ଟି ଚିଠି ଦେଇଥିବା ସେ କହିଛନ୍ତି। ସମ୍ପାଦକ ପଣ୍ଡା ଜବଲପୁରରେ ଗଞ୍ଜେଇ ମାମଲାରେ ଗିରଫ ହୋଇଥିବାର ଭାଇରଲ ଖବର ସେ ରବିବାର ଦେଖିଥିବା କହିବା ସହ ଏହାର ତଦନ୍ତ ଚଳାଇଥିବା କହିଛନ୍ତି। ଖବର ସତ୍ୟ ଥିଲେ ସମ୍ପାଦକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଯାନବାହନ ପାଇଁ ବିପଦ ସୃଷ୍ଟି କରୁଛି ହମ୍ପସ

ତରଭା,୨୪।୮ (ସମିସ): ଦୁର୍ଘଟଣାରୁ ରକ୍ଷା ପାଇଁ ରାସ୍ତା ଉପରେ ହମ୍ପସମାନ ତିଆରି କରାଯାଉଛି। ହେଲେ ଏଥିପାଇଁ ଥିବା ଗାଇଡ୍‌ଲାଇନକୁ ଅନୁସରଣ କରାଯାଉ ନଥିବାରୁ ଉକ୍ତ ହମ୍ପସଗୁଡିକ ଏବେ ଯାତାୟାତ କରୁଥିବା ଯାନବାହାନ ପାଇଁ ବିପଦ ସୃଷ୍ଟି କରୁଛି। ରାସ୍ତାରେ ହମ୍ପସ ନିର୍ମାଣ ପୂର୍ବରୁ ସ୍ଥାନୀୟ ଜିଲ୍ଲାପାଳଙ୍କ ଠାରୁ ଅନୁମତି ଆଣିବା ଜରୁରୀ ଥିଲେ ହେଁ ଅନେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ସ୍ଥାନୀୟ ବାସିନ୍ଦା ନିଜ ଇଚ୍ଛାରେ ରାସ୍ତା ଉପରେ ବଡ଼ ବଡ଼ ହମ୍ପସ ତିଆରି କରିଦେଉଛନ୍ତି। ଫଳରେ ଗମନାଗମନ ସମୟରେ ଖୁବ୍ ଅସୁବିଧା ହେଉଛି। ହମ୍ପସ ନିର୍ମାଣ କିଭଳି ହେବାକଥା ତାହା ଗାଇଡ଼ ଲାଇନରେ ସ୍ପଷ୍ଟ ହୋଇଥିଲେ ହେଁ ହମ୍ପସ ନାମରେ କଂକ୍ରିଟର ହିଡ ନିର୍ମାଣ କରି ଦିଆଯାଉଥିବା ସ୍ଥାନୀୟବାସୀନ୍ଦା ଅଭିଯୋଗ କରିଛନ୍ତି। ତରଭା ଥାନା ଅନ୍ତର୍ଗତ



ଖାରିରୁ ନାଇକେନ ପାଲି ପର୍ଯ୍ୟନ୍ତ ଯାଇଥିବା ପିଡବ୍ଲ୍ୟୁଡି ରାସ୍ତାର ଖାରି ଓ ବଲାଡି ଗ୍ରାମରେ ଏଭଳି ହମ୍ପସ ଦେଖିବାକୁ ମିଳିଛି। ଖାରି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ତିନୋଟି ଏଭଳି ହମ୍ପସ ରହିଛି। ଏହା ବ୍ୟତିତ ବଲାଡି ହନୁମାନ ମନ୍ଦିର ସମ୍ମୁଖରେ ଥିବା ଦୁଇଟି ହମ୍ପସ ନିର୍ମାଣ ହୋଇଛି। ବାଇକ ହେଉ କି ଚାରି ଚକିଆ ଯାନ ଏହି ହମ୍ପସକୁ ପାର ହେବାବେଳେ ବିପଦର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟତଃ ବାଇକ ଆରୋହୀଙ୍କ ପାଇଁ ଏହି ହମ୍ପସ ଗୁଡିକ ମୃତ୍ୟୁଯନ୍ତା ହୋଇଛି। ଏନେଇ ବିଭାଗୀୟ ଏସି ବିଜନ କୁମାର ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଲୋକେ ମନଇଚ୍ଛା ହମ୍ପସ ନିର୍ମାଣ କରିଦେଉଥିବା କଥାକୁ ସ୍ୱୀକାର କରିବା ସହ ଖାରି ଓ ବଲାଡିରେ ଥିବା ହମ୍ପସର ପ୍ରତିକାର କରାଯିବ ବୋଲି କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ଶଗଡା,୨୪।୮ (ସମିସ) : ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ୫୭ ନମ୍ବର ଜାତୀୟ ରାଜପଥର ଦହ୍ୟା ନିକଟରେ ରବିବାର ଏକ ବାଇକ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ସୂଚନା ଖୁଣ୍ଟକୁ ଧକ୍କା ଦେଇଥିଲା। ବାଇକରେ ବସିଥିବା ଦୁଇ ଜଣ ରାସ୍ତା କଡରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୋନପୁର ଡାକ୍ତରଖାନାକୁ ପଠାଇଥିଲେ। ଗୁରୁତର ଆହତ ଦୁଇ ଜଣ ପଲସାଗୋରା ଅଞ୍ଚଳର ବୋଲି ଜଣାପଡିଛି।

## ଦେଶୀ ମଦ ଜବତ

ଶଗଡା,୨୪।୮ (ସମିସ): ଘଣ୍ଟାପଡ଼ା ଥାନା ଉଡେର ଗ୍ରାମ ରାସ୍ତା କଡରୁ ବେଆଇନ ଭାବେ ବିକ୍ରି ହେଉଥିବା ଦେଶୀ ମଦକୁ ଘଣ୍ଟପଡା ପୁଲିସ ଜବତ କରିଛି। ଉଡେର ରାସ୍ତା କଡରେ ଦେଶୀ ମଦ ବିକ୍ରି ହେଉଥିବା ନେଇ ଖବର ପାଇ ଏକ ଟିମ ଚଢ଼ଉ କରି ଜୈନିକ ବ୍ୟକ୍ତି ନିକଟରୁ ୪୬ ଗୋଟି ଦେଶୀ ମଦ ପାଉଚ ଜବତ କରିଥିଲେ। ଘଣ୍ଟାପଡା ଥାନାରେ ଏନେଇ ଏକ ମାମଲା(୧୨୩/୨୫) ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ତୁଳସୀପୁର ଶିବ ମନ୍ଦିରରୁ ଚୋରି

ବୌଦ୍ଧ,୨୪।୮ (ସମିସ): ବୌଦ୍ଧ ବ୍ଲକ୍ ପଦ୍ମନପୁର ପଞ୍ଚାୟତ ଅନ୍ତର୍ଗତ ତୁଳସୀପୁର ଶିବ ମନ୍ଦିରର ତାଲା ଭାଙ୍ଗି ଚୋରି ହୋଇଥିବା ରବିବାର ଜହ୍ନାପଙ୍କ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଫାଣ୍ଡି ପୁଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ଫେରିଛି। ମିଳିଥିବା ସୂଚନାନୁଯାୟୀ, ଶନିବାର ବିଳମ୍ବିତ ରାତିରେ ବୌଦ୍ଧ ଥାନା ତୁଳସୀପୁର ଗ୍ରାମର ଶିବ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଏକ ମାଇକ୍ ସେଟ୍ ଓ ଦାନ ବାକ୍ସ ଚୋରୀ କରି ନେଇଛନ୍ତି। ସକାଳୁ ଏନେଇ ଜଣାପଡିବା ପରେ ସ୍ଥାନୀୟ ଲୋକେ ଜହ୍ନାପଙ୍କ ଫାଣ୍ଡି ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସଭାପତି ଚୟନ ନେଇ କଂଗ୍ରେସର କର୍ମୀ ସମ୍ମିଳନୀ



ବିନିକା,୨୪।୮ (ସମିସ): ବିନିକା ସ୍ଥିତ ଚନ୍ଦ୍ରମା ସଭା ଗୃହରେ ରବିବାର କଂଗ୍ରେସ ତରଫରୁ ସଭାପତି ଚୟନ ପ୍ରକ୍ରିୟା ନେଇ ଏକ କର୍ମୀ ସମ୍ମିଳନୀ ଯୁବନେତା ପ୍ରଦୀପ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ତଥା ସୁବର୍ଣ୍ଣପୁର ଜିଲ୍ଲା ପ୍ରଭାରୀ ଦିଲ୍ଲୀପ ଦୁରିଆ ଯୋଗଦେଇ କଂଗ୍ରେସ ସଂଗଠନକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ବିନିକା ବ୍ଲକ ଓ ନଗର ପକ୍ଷରୁ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ତୃଣମୂଳସ୍ତରରେ କଂଗ୍ରେସ ଦଳକୁ ମଜବୁତ କରିବା ସାଙ୍ଗକୁ ଅଧିକରୁ ଅଧିକ ଲୋକଙ୍କୁ କିପରି ଦଳରେ ସାମିଲ କରାଯିବ ଏବଂ ଆଗାମୀ ନିର୍ବାଚନମାନଙ୍କରେ କଂଗ୍ରେସ ଦଳ ଯେପରି ସଫଳତା ହାସଲ କରିବ ସେନେଇ କର୍ମୀମାନେ କ÷ହିଥିଲେ। ଉପସ୍ଥିତ କର୍ମୀଙ୍କ ପ୍ରସ୍ତାବ ଅନୁଯାୟୀ ବ୍ଲକ ସଭାପତି ଚୟନ ନିମନ୍ତେ ସାଧାରଣ ବର୍ଗରୁ ନରେନ୍ଦ୍ର ପଣ୍ଡା, ଅନୁସୂଚିତ ବର୍ଗରୁ ରବୀନ୍ଦ୍ର ଭଇନା, ଅନୁସୂଚିତ ଜନଜାତି ବର୍ଗରୁ କୁଶ ଭୋଇ, ପଛୁଆ ବର୍ଗରୁ ହରିହର ଛନ୍ଦ, ମହିଳା ବର୍ଗରୁ ବିନ୍ଦୁନେତ୍ରି ବାଗ ଏବଂ ନଗର ପାଇଁ ସାଧାରଣ ବର୍ଗରୁ ସୁଧାଂଶୁ ପଣ୍ଡା, ଅଜିତ ଦାଶ, ପଛୁଆ ବର୍ଗରୁ ଉମାକାନ୍ତ ଦୀପ, ଅନୁସୂଚିତ ଜାତି ବର୍ଗରୁ ଗୋବିନ୍ଦା ଝାଙ୍କର, ରାଘବ ଗୁରୁ, ଅନୁସୂଚିତ ଜନଜାତି ବର୍ଗରୁ ଅନିଲ ନାଏକ, ମହିଳା ବର୍ଗରୁ ନିକିତା କର ଆଦିଙ୍କ ନାମ ଚୂଡାନ୍ତ କରାଯାଇ ପିସିସି ତରଫରୁ ଯୋଗଦେଇଥିବା ଶ୍ରୀ ଦୁରିଆଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ତାଲିକା ମଧ୍ୟରୁ କଂଗ୍ରେସ ହାଇକମାଣ୍ଡ ଚୟନ କରି ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା କରିବେ ବୋଲି ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ପଣ୍ଡା ସୂଚନା ଦେଇଥିଲେ।

## ସର୍ବଶ୍ରୀର 'ଝୁଆର ନୂଆଁଖେଇ' କାର୍ଯ୍ୟକ୍ରମ

ଭବାନୀପାଟଣା,୨୪।୮ (ସମିସ): ଆଖିକୁ ସାକ୍ଷୀ, ହୃଦୟକୁ ସମ୍ବେଦନଶୀଳ ଓ କଳ୍ପନାକୁ ନିବେଦକ ରୂପ ଦେଇ ସାରସ୍ୱତ ସାଧକ ସୃଷ୍ଟି କରନ୍ତି ସାମ୍ୟକ୍ଷେତ୍ର ବୋଲି ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୨୩ସଂଖ୍ୟା ସାରସ୍ୱତ ପର୍ବ 'ଝୁଆର ନୂଆଁଖେଇ' ପାଳନ ଅବସରରେ ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ପୌରୋହିତ୍ୟ କରିଥିବାବେଳେ ସାରସ୍ୱତ ସାଧକ ଡ. ନିହାରେନ୍ଦ୍ର ପଣ୍ଡା ଅତିଥି ବକ୍ତା ଭାବେ ମଞ୍ଚାସୀନ ଥିଲେ। ସର୍ବଶ୍ରୀ କଳ୍ପନା ରଥ, ସୁଦେଷ୍ଣା ପଣ୍ଡା, ଆନନ୍ଦିନୀ ପାତ୍ର, ସାଗର ବୈଠାରୁ, ଅନୀତା ମୁଣ୍ଡ, ସଞ୍ଜୀବ କୁମାର ପଣ୍ଡା, ଦୀପ୍ତି ମୁଣ୍ଡ, କିଶୋର ମହାନନ୍ଦ, କାଜଲ ମହାରଣା, ଧର୍ମେନ୍ଦ୍ର ମୁଣ୍ଡ, ପ୍ରତାପ ପଣ୍ଡା, ଆଶୁଧନ ପୁରୋହିତ, ରଚିତା ମେହେର, ବିନା ମୁଣ୍ଡ, କୁମୁଦିନୀ ଘି, ଅନୀଲ ବିଶି ପ୍ରମୁଖ କବିତାବୃତ୍ତି ଓ ଗପପାଠ କରିଥିଲେ। ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡା ଆସର ପରିଚାଳନା ଓ ସଂଯୋଜନା କରିଥିଲେ।




## ପ୍ରଧାନ ଶିକ୍ଷକ କୁଶ ନନ୍ଦଙ୍କ ପରଲୋକ



ଡୁଙ୍ଗୁରିପାଲି,୨୪।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ୍ ମାଝିମୁଣ୍ଡା ଗ୍ରାମର ଶିକ୍ଷକ କୁଶ ନନ୍ଦ (୫୭)ଙ୍କ ପରଲୋକ ହୋଇଯାଇଛି। ସର୍ଗୁଲ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ସେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ମୃତ୍ୟୁ ସମୟରେ ତାଙ୍କର ସ୍ତ୍ରୀ ସତ୍ୟବତୀ ନନ୍ଦ, ଝିଅ ପ୍ରତିଭା ନନ୍ଦ ଓ ଭବାନୀ ନନ୍ଦ, ପୁଅ ଖୁଶିରାମ ନନ୍ଦ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଥିବା ବେଳେ ତାଙ୍କ ପୁଅ ଖୁଶିରାମ ନନ୍ଦ ମୁଖାଗ୍ନି ଦେଇଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ବହୁଜନ ସମାଜ ପାର୍ଟିର ସଭାପତି ଧୀମାନ ସରୋଜ କୁମାର ତାଣ୍ଡି ଓ ବ୍ଲକ୍ ପ୍ରଭାରୀ ରାଜକିଶୋର ତାଣ୍ଡି (ରାଜୁ) ଡୁଙ୍ଗୁରିପାଲି ବ୍ଲକ୍ ଲକ୍ଷେ ଘର ଗଣ୍ଡା ସମାଜର କାର୍ଯ୍ୟକାରୀ ସଭାପତି ଧୀମାନ କୃଷ୍ଣଚନ୍ଦ୍ର ବାଗ, ଡୁଙ୍ଗୁରିପାଲି ବ୍ଲକ୍‌ର ବହୁଜନ ସମାଜ ପାର୍ଟିର କୋଡିନେଟର, ଭାଗ୍ୟ କୁମ୍ଭାର ଶୋକ ସନ୍ତପ୍ତ ପରିବା ଭେଟି ସମବେଦନା ଜଣାଇଛନ୍ତି।

■ ଅଭିଯୋଗ ପରେ ବି ସୁଧୁରିଲାନି ସ୍ଥାୟୀ ପ୍ରାଣୀ ନିରୀକ୍ଷକ ସମସ୍ୟା

# ୭ ମାସ ହେଲା ଖୋଲୁନି ପ୍ରାଣୀ ସହାୟକ କେନ୍ଦ୍ର

ବୌଦ୍ଧ,୨୪।୮ (ସମିସ):

ଗୃହ ପାଳିତ ପ୍ରାଣୀମାନଙ୍କ ଚିକିତ୍ସା ସୁବିଧା ପାଇଁ ୧୯୭୦ ମସିହାରେ ଜହ୍ନାପଙ୍କ ନିକଟ ନାରାୟଣନଗର ପ୍ରାଣୀ ସହାୟକ କେନ୍ଦ୍ର ସ୍ଥାପନ କରାଯାଇଥିଲା। ୨୦୨୨ ମସିହା ଜୁନ୍ ପର୍ଯ୍ୟନ୍ତ ସବୁ ଠିକ ଠାକ ଚାଲିଥିଲା। ପ୍ରାଣୀ ନିରୀକ୍ଷକ ସୂର୍ଯ୍ୟକାନ୍ତ ମେହେରଙ୍କ ବଦଳି ପରେ ଏହା ପ୍ରାୟ ବନ୍ଦ ରହୁଛି। ରାଜ୍ୟ ସରକାର ଗୋପାଳନ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଗୋ ସମ୍ପଦ ବୃଦ୍ଧି ପାଇଁ ମାଗଣା ଔଷଧ, ଗୋ ଖାଦ୍ୟ, ଗୁହାଳ ଆଦି ଯୋଗାଇ ଦେଉଛନ୍ତି। ହେଲେ ଆବଶ୍ୟକ ଚିକିତ୍ସା ପାଇଁ ପ୍ରାଣୀ ନିରୀକ୍ଷକ ନିଯୁକ୍ତି ଦେଉନଥିବାରୁ ଗୋପାଳକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଜହ୍ନାପଙ୍କରେ ଥିବା ନାରାୟଣ ନଗର ପ୍ରାଣୀ ସହାୟକ କେନ୍ଦ୍ରରେ। ସୂଚନାଯୋଗ୍ୟ, ଏହି ପ୍ରାଣୀ ସହାୟକ କେନ୍ଦ୍ରରେ ଖୁଣ୍ଟବନ୍ଧ, ଲକ୍ଷ୍ମୀପ୍ରସାଦ, ପଦ୍ମନପୁର, ମୁଣ୍ଡାପଡା, ତେଲିବନ୍ଧ ଆଦି ପଞ୍ଚାୟତର ଗୋପାଳକମାନେ ନିର୍ଭର କରନ୍ତି। ଗତ ଜାନୁଆରୀ ମାସରୁ ଏଠାରେ ପ୍ରାଣୀ ନିରୀକ୍ଷକ ନଥିବାରୁ ମୁଣ୍ଡାପଡା ଦାୟିତ୍ୱରେ ଥିବା ପ୍ରାଣୀ ନିରୀକ୍ଷକଙ୍କୁ ଏହି କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ହେଲେ ମୁଣ୍ଡାପଡା ପଞ୍ଚାୟତର ପରିସର ବିସ୍ତିର୍ଣ୍ଣ ହୋଇଥିବାରୁ ସେ ଜହ୍ନାପଙ୍କ କେନ୍ଦ୍ରକୁ ସମୟ ଦେଇ ପାରୁନଥିବାରୁ ବିଭିନ୍ନ ସମୟରେ ଗୋପାଳକମାନେ ଗାଈ, ବଳଦ,



ବାଛୁରୀ, ମେଣ୍ଢା ଓ ଛେଳି ଆଣି ଅପେକ୍ଷା କରି ଶେଷରେ ଘରକୁ ଯାଇ ଘରୋଇ ଚିକିତ୍ସା କରି ଖର୍ଚ୍ଚାନ୍ତ ହେବାକୁ ପଡୁଛି ବୋଲି ଜହ୍ନାପଙ୍କ, ବାଘପାଲି, ଚନ୍ଦ୍ରପୁର, ଜଗତି, ଗୁଡିଆଳି, କୁମୁର ସିଙ୍ଗା, କୁସୁମଝୁଲି, ପଦ୍ମନପୁର, ବୁଢୀପଦର, ପୋଡ଼ବଳସ ଆଦି ଗ୍ରାମର ଗୋପାଳମାନେ ଗତ ଜୁଲାଇ ୭ ତାରିଖରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ତତ୍‌କ୍ଷଣାତ ଏହାର ସମାଧାନ କରିବାକୁ ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରାମରାଓ ପାଲୋ ତୁରନ୍ତ ଏହାର ସମାଧାନ କରାଯିବ ବୋଲି କହିଥିଲେ। ତେବେ ତୁରନ୍ତ ଏହାର ସମାଧାନ ନହେଲେ ପ୍ରାଣୀ ପାଳକମାନେ ପ୍ରାଣୀ ସହାୟକ କେନ୍ଦ୍ରରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

## ଶୋଚନୀୟ ଘାଟକଇଁନ୍ତରା ପୋଲ ରାସ୍ତା



ତରଭା,୨୪।୮ (ସମିସ): ୫୭ ନମ୍ବର ଜାତୀୟ ରାଜପଥ ବଲାଙ୍ଗୀରରୁ ୨୪ କିମି ଦୂର ଘାଟକଇଁନ୍ତରା ପୋଲ ନିକଟରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତାରେ ବଡ଼ବଡ଼ ଗର୍ତ୍ତମାନ ସୃଷ୍ଟି ହୋଇ ଗମନାଗମନରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଦୀର୍ଘ ବର୍ଷ ଧରି ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ବେଳେ ମରାମତି ପାଇଁ ବିଭିନ୍ନ ସମୟରେ ଦାବି ହେଉଥିଲେ ହେଁ ଏନଏଚ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନଥିବା ଅଭିଯୋଗ ହୋଇଛି। ରାସ୍ତାର ଅବସ୍ଥା ଯୋଗୁଁ ଗମନାଗମନ ସମୟରେ ଲୋକେ ହଇରାଣ ହେଉଛନ୍ତି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାଦେଇ ପ୍ରତିଦିନ ନେତା, ମନ୍ତ୍ରୀ, ଯନ୍ତ୍ରୀ ଯିବା ଆସିବା କରୁଥିଲେ ହେଁ କେହି ଦୃଷ୍ଟି ଦେଉନାହାନ୍ତି। ଫଳରେ ଟୋଲ ଅସୁଲ କରୁଛ, ହେଲେ ରାସ୍ତାର ଅବସ୍ଥା କାହିଁକି ଏଭଳି କରିଛ ବୋଲି ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ।

## ପହଣ୍ଡି ବିଦ୍ୟାଳୟ ସମ୍ମୁଖରେ ଆଣ୍ଠୁଏ କାଦୁଅ



ଡୁଙ୍ଗୁରିପାଲି,୨୪।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ପହଣ୍ଡି ବିଦ୍ୟାଳୟର ସମ୍ମୁଖରେ ଯାଇଥିବା ମୁଖ୍ୟ ରାସ୍ତାରେ ଖାଲ ନାଳ ସହ ଆଣ୍ଠୁଏ ପାଣି ଓ କାଦୁଅରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ଯାହାଫଳରେ ବିଦ୍ୟାଳୟକୁ ଯାତାୟାତ କରିବାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ହିନସ୍ତା ହେଉଛନ୍ତି। କିଛି ପିଲା ଖାଲରେ ପଡି ପାଠ ନପଢି ଘରକୁ ଫେରିଯାଉଥିବା ଦେଖିବାକୁ ମିଳିଛି। ବର୍ଷା ହେଲେ ପାଣି ଜମା ହୋଇ ପିଲାମାନେ ପଡ଼ି ଆହତ ହେବା ଏଠାରେ ନିତିଦିନିଆ ଘଟଣା ହୋଇଛି। ଦୂଷିତ ପାଣିରେ ପ୍ରତିଦିନ ଯିବା ଆସିବା ଯୋଗୁଁ ସ୍ୱାସ୍ଥ୍ୟ ଜଟିଳତା ସହ ସଂକ୍ରାମକ ରୋଗ ବଢ଼ିବାର ଯଥେଷ୍ଟ ଆଶଙ୍କା ସୃଷ୍ଟି କରୁଛି। ପ୍ରଶାସନଙ୍କୁ ବାରମ୍ବାର ଅବଗତ କରାଇଲେ ମଧ୍ୟ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଉ ନଥିବା ଗ୍ରାମବାସୀ ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଶୀଘ୍ର ପାଣି ନିଷ୍କାଷଣ ବ୍ୟବସ୍ଥା କରି ରାସ୍ତାକୁ ଉଚ୍ଚ କରିବା ସହ ମରାମତି କାର୍ଯ୍ୟ କରି ସ୍ଥାୟୀ ସମାଧାନ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଜନ ସାଧାରଣ ଦାବି କରିଛନ୍ତି।

## ଡମ୍ବରୁଗଡ ଜଙ୍ଗଲରେ ୮ ଟିକିଆ ହାତୀ ପଲ

ବୌଦ୍ଧ,୨୪।୮ (ସମିସ): ରବିବାର ସନ୍ଧ୍ୟା ୫ଟା ସମୟରେ ବୌଦ୍ଧ ରେଞ୍ଜ ବହିରା ସେକସନ ଅନ୍ତର୍ଗତ ଡମ୍ବରୁଗଡ ଜଙ୍ଗଲରେ ଆସି ରହିଥିବା ୮ ଟିକିଆ ହାତୀ ପଲକୁ ଘୌଡାଇବା ପାଇଁ ବନ ବିଭାଗ ଉଦ୍ୟମ ଆରମ୍ଭ କରିଛି। ମିଳିଥିବା ସୂଚନାନୁଯାୟୀ, ଉକ୍ତ ହାତୀପଲ ଆଠ ମଲ୍ଲିକ ବନାଞ୍ଚଳ ଅଞ୍ଚଳରୁ ଆସି ମହାନଦୀ ପାର ହୋଇ ଆଜି ସକାଳେ ଡମ୍ବରୁଗଡ ବିଟକୁ ଚାଲି ଆସିଥିଲେ। ବନ ବିଭାଗ ଜାଣିବା ପରେ ଭାରପ୍ରାପ୍ତ ସଦର ରେଞ୍ଜ ଅଧିକାରୀ ତଥା ସହକାରୀ ବନ ସଂରକ୍ଷକ ଅର୍ଚ୍ଚନା ଗମାଙ୍ଗୋ, ବନ ପାଳ ପ୍ରସନ୍ନ କୁମାର ପ୍ରଧାନ, ବହିରା ସେକ୍ସନ ବନପାଳ ଅନୁପମା ପାଣିଗ୍ରାହୀ, ବନରକ୍ଷୀ ପ୍ରଦୀପ କୁମାର ସାହୁ ଓ ସ୍କ୍ୱାର୍ଡ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ହାତୀମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଆଜି ସନ୍ଧ୍ୟାରେ ହାତୀ ପଲକୁ ଘଉଡାଇବାକୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ହାତୀ ପଲ ଡମ୍ବରୁ ଗଡ ନିକଟରେ ଥିବା ପାର୍କ ପାଖରେ ରହିଥିବା ଦେଖିବାକୁ ମିଳିଛି। ଉକ୍ତ ହାତୀ ପଲ ଗତ ମାସରେ ମହାନଦୀ ପାର ହୋଇ ବୌଦ୍ଧ ସହର ମର୍ଜାକୁଦ ଅଞ୍ଚଳକୁ ଚାଲି ଆସିଥିଲେ ଓ ବନ ବିଭାଗ ଆଠମଲ୍ଲିକ ଅଞ୍ଚଳକୁ ଘଉଡାଇ ଦେଇଥିଲା।



## ପ୍ରଜାପିତା ବ୍ରହ୍ମା କୁମାରୀ କେନ୍ଦ୍ରରେ ରକ୍ତଦାନ ଶିବିର

ବୌଦ୍ଧ,୨୪।୮ (ସମିସ): ବୌଦ୍ଧ ପ୍ରଜାପିତା ବ୍ରହ୍ମା କୁମାରୀ କେନ୍ଦ୍ରରେ ଆନ୍ତର୍ଜାତୀୟ ଭ୍ରାତୃତ୍ୱ ଦିବସ ତଥା ରାଜଜୋଗୀନି ଦାଦି ପ୍ରକାଶ ମଣିଙ୍କ ୧୮ ତମ ପୁଣ୍ୟ ତିଥିରେ ଏକ ମେଗା ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ସମାଜସେବୀ ଇଂ ସଞ୍ଜୟ କୁମାର ପଣ୍ଡା, ମଙ୍ଗୁତୁରାମ ଅଗ୍ରୱାଲ, ଦେବାଶିଷ ପୁରୋହିତ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। କେନ୍ଦ୍ର ସଞ୍ଚାଳିକା ମାମିନା ଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରୋଜ ଭାଇ ସଂଯୋଜନା କରିଥିଲେ। ବୌଦ୍ଧ ଜିଲ୍ଲା ରକ୍ତ ଭଣ୍ଡାର ଡାକ୍ତର ଓ ଟେକ୍ନିସିଆନ୍‌ମାନେ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।



## ବୌଦ୍ଧ ଥାନ ପକ୍ଷରୁ ସାଇକଲ ଶୋଭାଯାତ୍ରା

ବୌଦ୍ଧ,୨୪।୮ (ସମିସ): ରବିବାର ସକାଳ ୭ଟା ୩୦ ମିନିଟରେ ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ବୌଦ୍ଧ ସହରରେ ଏକ ସଚେତନତା ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ପୁଲିସ ଅଧିକାରୀ ଲରେନ୍ ରାଉତରାୟ ଓ ଆଇଆଇସି ଗଂଜିତ ମୁନୀଙ୍କ ନେତୃତ୍ୱରେ ବୌଦ୍ଧ ଥାନାରେ କାର୍ଯ୍ୟରତ ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ବୌଦ୍ଧ ଥାନାରୁ ବାହାରି ସାଇକେଲ ଚାଳନା କରି ସହର ପରିକ୍ରମା କରିଥିଲେ। ନିଜ ସ୍ୱାସ୍ଥ୍ୟକୁ ଫିଟ ରଖିବା ପାଇଁ ସାଇକେଲ ଚାଳନା ପାଇଁ ଜନସାଧାରଣଙ୍କୁ ବାର୍ତ୍ତା ପ୍ରଦାନ କରାଯାଇଥିବା ଆଇଆଇସି ଶ୍ରୀ ମୁନି ସୂଚନା ଦେଇଛନ୍ତି।



# ଶ୍ରୀରଙ୍ଗନାଥ ଦେବଙ୍କ ସପ୍ତପୁରୀ ଅମାବାସ୍ୟା



ବାଣପୁର,୨୪।୮ (ସମିସ): ଶକ୍ତି କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ଓ ଶ୍ରୀରଙ୍ଗନାଥ ଦେବଙ୍କ ପରମ୍ପରା ଅନୁଯାୟୀ ରୀତିନୀତିରେ ବିଭିନ୍ନ ପର୍ବପର୍ବାଣୀ ପାଳିତ ହୋଇଆସୁଛି। ରାଜ୍ୟର ପ୍ରସିଦ୍ଧ ତନ୍ତ୍ରପୀଠ ମା' ଭଗବତୀ ଓ ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ଶନିବାର ସପ୍ତପୁରୀ ଅମାବାସ୍ୟା ପରମ୍ପରା ଅନୁଯାୟୀ ପାଳିତ ହୋଇଯାଇଛି। ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା ତଥା କୁଶୋତ୍ପାଟିନୀ ଅମାବାସ୍ୟା ଭାବେ ପାଳିତ ହେଉଛି। ଜଗତର ନାଥ ଜଗନ୍ନାଥ ଆରାଧ୍ୟ ଦେବତାଙ୍କୁ ଅନୁସରଣ କରି ବାଣପୁର ଭଗବତୀ କ୍ଷେତ୍ରରେ ମା' ଭଗବତୀ ଓ ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ଏହି ସପ୍ତପୁରୀ ଅମାବାସ୍ୟାର ବିଶେଷ ପୂଜାନୀତି ଅନୁଯାୟୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ଦ୍ୱାରଫିଟା, ଅଙ୍ଗରାଗ, ମାଜଣା ପରେ ମହାପ୍ରସାଦ ଲାଗି, ବଲ୍ଲଭ ମଙ୍ଗଳାର୍ପଣ, ବେଶ ପରେ ସାଧାରଣ ଦର୍ଶନ, ଶଙ୍କୁଡ଼ି ଧୂପ, ଦିବା ପହୁଡ଼, ପରେ ସନ୍ଧ୍ୟାରେ ନିଶଙ୍କୁଡ଼ି, ଆଳତି କରାଯାଇଥିବା ସହ ରାତିରେ ସେବାୟତମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସାତ ପ୍ରକାରର ପୁର ଦେଇ ସପ୍ତପୁରୀ କାକରା ପିଠାକୁ ଭୋଗ ଲାଗି କରାଯାଇଥିଲା। ଏହ ସପ୍ତପୁରୀ କାକରା ପିଠାକୁ ଭୋଗ ସପ୍ତପୁରୀ ତାଡ଼ ଭାବେ ଜନମାନସରେ ବେଶ୍ ଜଣାଶୁଣା। ଏହି ପ୍ରସାଦକୁ କାହାକୁ ଦିଆ ନ ଯାଇ ସେବାୟତମାନଙ୍କ ମଧ୍ୟରେ ବଣ୍ଟନ କରାଯିବାର ଏହି ନିଆରା ପରମ୍ପରା ପର୍ବରେ ବାଣପୁର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି।

● ବିଟ୍ ରାସ୍ତାରେ ଯୁବକଙ୍କୁ ଗୋଡ଼ାଇ ହାଣିବା ଘଟଣା

# ଅଭିଯୁକ୍ତ ସୁଶାନ୍ତ ଗିରଫ; ଚାପଡ଼ ଜବତ

ଜଟଣୀ,୨୪।୮ (ସମିସ): ଜଟଣୀ ଥାନା ନିକଟରେ ପରକୀୟା ପ୍ରୀତି ପାଇଁ ଶନିବାର ଜଣେ ଯୁବକକୁ ବିଟ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ହାଣିବା ଘଟଣାରେ ରବିବାର ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଗଞ୍ଜାମ ରମ୍ଭା ଥାନା ନୂଆଗାଁ ଅଞ୍ଚଳର ଜଟଣୀ ଲୋକ କଲୋନୀରେ ରହୁଥିବା ସୁଶାନ୍ତ ନାୟକ (୩୮)। ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଚାପଡ଼ ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, କିଛି ମାସ




ପୂର୍ବେ ଅଭିଯୁକ୍ତ ସୁଶାନ୍ତଙ୍କ ପତ୍ନୀ ଜଟଣୀ ଲୋକ କଲୋନୀସ୍ଥିତ ବନ୍ଧୁ ଘରକୁ ଯାତାୟାତ କରୁଥିଲେ। ଏହାରି ମଧ୍ୟରେ ଚନ୍ଦନ ନାୟକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଫଳରେ ମହିଳା ଜଣକ ନିଜ ସ୍ୱାମୀ ଓ ଘର ଛାଡ଼ି ଚନ୍ଦନଙ୍କ ସହ ଜଟଣୀରେ ରହୁଥିଲେ। ଅଭିଯୁକ୍ତ ସୁଶାନ୍ତ ଏହା ଜାଣିବା ପରେ ଚନ୍ଦନକୁ ରାସ୍ତାରୁ ସବୁଦିନ ପାଇଁ ହଟାଇଦେବାକୁ ଯୋଜନା କରୁଥିଲେ। ପୂର୍ବ ଯୋଜନା ଅନୁସାରେ ଶନିବାର ଚନ୍ଦନ ନାୟକ ଦିନ ୧୧ଟା ସମୟରେ ମୋ ଜଟଣୀ ନିକଟରେ ସଫେଇ ସାରି ଛିଡ଼ା ହୋଇଥିବାବେଳେ ପଛରୁ ଅଭିଯୁକ୍ତ ସୁଶାନ୍ତ ଚାପଡ଼ରେ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବା ପାଇଁ ଚନ୍ଦନ ଦୌଡ଼ିବାକୁ ଲାଗିଥିଲେ। ଅଭିଯୁକ୍ତ ସୁଶାନ୍ତ ମଧ୍ୟ ବିଟ୍ ରାସ୍ତାରେ ପଛରୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଚାଲିଥିଲେ। ଶେଷରେ ଚନ୍ଦନ ଜୀବନ ବଞ୍ଚାଇବାକୁ ବିକଳରେ ଥାନା ଭିତରେ ପଶିଯାଇଥିଲେ। ଅଭିଯୁକ୍ତ ସୁଶାନ୍ତ ମଧ୍ୟ ଥାନା ଭିତରେ ପଶି ଆକ୍ରମଣ କରିଥିଲେ। ଏଥିରେ ଚନ୍ଦନ ଗୁରୁତର ଆହତ ହେବା ସହ ତାଙ୍କ ବେକ ଓ ହାତରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଉଦ୍ଧାର କରି ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି।

# ବିଷପିଇ ମହିଳା ମୃତ

ବାଣପୁର/ଗମ୍ଭାରୀମୁଣ୍ଡା,୨୪।୮ (ସମିସ): ବାଣପୁର ଥାନା ଅନ୍ତର୍ଗତ ଖଣତ ଗ୍ରାମର ଜଣେ ମହିଳା ବିଷପିଇ ସଙ୍କଟାପନ୍ନ ଅବସ୍ଥାରେ ବାଣପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ବାଣପୁର ପୁଲିସ ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ବାଣପୁର ବ୍ଲକ୍ ଅନ୍ତର୍ଗତ ବିଷ୍ଣୁଡିହ ପଞ୍ଚାୟତ ଅଧୀନ ଖଣତ ଗ୍ରାମର ଅଭିମନ୍ୟୁ ମୁଦୁଲିଙ୍କ ପୁଅ ଉଲ୍ଲାସ ମୁଦୁଲିଙ୍କୁ ଟାଙ୍ଗୀ ଚାନ୍ଦପୁର ଅଞ୍ଚଳର ଅନୁସୂୟା ମୁଦୁଲି (୩୦) ଦଶ ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ଅନୁସୂୟାଙ୍କ ଦୁଇଟି ସନ୍ତାନ ଥିବାବେଳେ ବର୍ତ୍ତମାନ କୌଣସି କାରଣକୁ ନେଇ ଅନୁସୂୟା ଚାଉଳ ପୋକମରା ଔଷଧ ଖାଇ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଖବର ପାଇ ବାଣପୁର ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ପଥରବୋଝେଇ ଟ୍ରକ୍ ଧକ୍କାରେ ବାଛୁରୀ ମୃତ

ନିରାକାରପୁର,୨୪।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଓଳସିଂହ ଗ୍ରାମ ପଞ୍ଚାୟତର ଅରଙ୍ଗା ମୌଜାରୁ ବେଆଇନ ଖଣିରୁ ପଥର ବୋଝେଇ ହୋଇ ରାତିରେ ଫେରୁଥିବା ଗୋଟିଏ ଗାଡ଼ି ଏକ ବାଛୁରୀକୁ ଧକ୍କା ଦେବାରୁ ବାଛୁରୀଟିର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଉତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଅଟକାଇ ହୋ-ହାଲ୍ଲା କରିଥିଲେ। ଖବର ପାଇ ଜଂକିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡ଼ିକୁ ଥାନାକୁ ନେଇଥିବାବେଳେ ଲୋକେ ବେଆଇନ ପଥର ଖଣିଗୁଡ଼ିକୁ ବନ୍ଦ କରିବାକୁ ଦାବି କରିଥିଲେ।

**ଖୋର୍ଦ୍ଧା ପୌର ପରିଷଦ**

# ସହରର ପ୍ରମୁଖ ରାସ୍ତା ପାଲଟିଛି ପାର୍କିଂ ସ୍ଥଳ

ଖୋର୍ଦ୍ଧା,୨୪।୮ (ସମିସ)



ପୌର ପ୍ରଶାସନର ଅବହେଳା କାରଣରୁ ଖୋର୍ଦ୍ଧା ପୌର ପରିଷଦର ପ୍ରମୁଖ ରାସ୍ତାଗୁଡ଼ିକ ପାର୍କିଂସ୍ଥଳ ପାଲଟିଛି। ଫଳରେ ଯାତାୟାତ ଲାଗି ଲୋକେ ହଇରାଣ ହେଉଥିବାବେଳେ ସଙ୍କୁଚିତ ରାସ୍ତା ସମୟ ସମୟରେ ଦୁର୍ଘଟଣାର କାରଣ ମଧ୍ୟ ହେଉଛି। ତେଣୁ ଏଥିପ୍ରତି ଖୋର୍ଦ୍ଧା ପୌରନିର୍ବାହୀ ଅଧିକାରୀ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି

ସୂଚନା ଯୋଗ୍ୟ, ଖୋର୍ଦ୍ଧା ସହରର ପ୍ରମୁଖ ରାସ୍ତା ଦେଇ ନୟାଗଡ଼, କଟକ, ଗଞ୍ଜାମ ଆଦି ଏକାଧିକ ଜିଲ୍ଲାକୁ ବାଇକ୍, କ୍ଷୁଦ୍ର ଓ ଭାରୀଯାନ ଯାତାୟାତ ପ୍ରତିଦିନ ଲାଗି ରହିଥାଏ।

● ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ସହରବାସୀ
● ପୌର ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନ

ପୌର ପ୍ରଶାସନର ଅଣଦେଖା କାରଣରୁ ସହରର ନୂଆ ବସ୍ଷ୍ଟାଣ୍ଡରୁ ନବିନାବାଗକୁ ସଂଯୋଗ କରୁଥିବା ରାସ୍ତା, ସମବାୟ ବ୍ୟାଙ୍କ ଛକରୁ ପୌର କାର୍ଯ୍ୟାଳୟ ଦେଇ ବରୁଣେଇ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା, ସମବାୟ ବ୍ୟାଙ୍କ ଛକରୁ ପେଟ୍ରୋଲ ପମ୍ପ ଛକକୁ ସଂଯୋଗ କରୁଥିବା ରାସ୍ତା, ପୁରୁଣା ବସ୍ଷ୍ଟାଣ୍ଡରୁ ଉତ୍ତର ଖୋର୍ଦ୍ଧାକୁ ସଂଯୋଗ କରୁଥିବା ରାସ୍ତା, ଚଣ୍ଡୀଚୁଆ ଛକ ଏବଂ ସମବାୟ ଛକ ନିକଟରେ ଉଚ୍ଛେଦ କରାଯାଇଥିବା ସ୍ଥାନ ଏବେ ଭାରୀଯାନ ପାର୍କିଂସ୍ଥଳ ପାଲଟିଛି। ସେହିପରି ଖୋର୍ଦ୍ଧା-ହଳଦିଆ ରାସ୍ତାର ରାଜ୍ୟ ରାସ୍ତାରୁ ୫୭ନଂ ଖୋର୍ଦ୍ଧା-ବଲାଙ୍ଗିର ରାସ୍ତାକୁ ସଂଯୋଗ କରୁଥିବା ଫାର୍ମ ଛକଠାରୁ ପୁରୁଣା ଦମକଳ ଛକକୁ ସଂଯୋଗ କରୁଥିବା ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଅବରୋଧ କରି ମାଲ୍ ପରିବହନକାରୀ ଭାରୀଯାନଗୁଡ଼ିକ ଦିନ ଦିନ ଧରି ପାର୍କିଂ କରି ରାସ୍ତା ଅବରୋଧ କରୁଥିବା ଦେଖାଯାଇଛି। ଯାହା ସ୍କୁଲ ଛାତ୍ରଛାତ୍ରୀ ସାଧାରଣ ଲୋକଙ୍କ ଯିବାଆସିବାରେ ସମସ୍ୟା ବୃଦ୍ଧି କରୁଥିବା ସହିତ ଛୋଟ ବଡ଼ ଦୁର୍ଘଟଣା ଘଟି ମୃତାହତ ହେଉଥିବାର ଅନେକ ଦୃଷ୍ଟାନ୍ତ ବିଗତ ଦିନରେ ରହିଛି। ଭାରୀଯାନ ଚଳାଚଳ ଉପଯୋଗୀ ହୋଇନଥିବା ରାସ୍ତାଗୁଡ଼ିକରେ ଓଜନଦାର ମାଲ୍‌ବାହୀ ଭାରୀଯାନ ଦିନ ଦିନ ଧରି ପାର୍କିଂ କରି ରହିବା ଏବଂ ଅହରହ ଚଳାଚଳ କରିବା ଦ୍ୱାରା ପୌର ପରିଷଦ ଅନୁଦାନରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧୀନ ରାସ୍ତାଗୁଡ଼ିକରେ ଗାତ ସୃଷ୍ଟି ହୋଇଛି ଯାହା ଦୁର୍ଘଟଣାର ଅନ୍ୟ ଏକ କାରଣ ହୋଇଛି। ପୌର ପରିଷଦର ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡୁଛି। ମାତ୍ର ଏ ସବୁ ପ୍ରତି କେଉଁ ଉଦ୍ଦେଶ୍ୟରେ କାହା ସ୍ୱାର୍ଥରେ ପୌରନିର୍ବାହୀ ଅଧିକାରୀ ଆଖିବୁଜି ଦେଉଛନ୍ତି ତାକୁ ନେଇ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି। ସହରର ଏହି ପ୍ରମୁଖ ସ୍ଥାନଟି ବର୍ତ୍ତମାନ ଭାରୀଯାନ ପାର୍କିଂସ୍ଥଳ ପାଲଟିଛି। ବେଆଇନ ଭାବେ ପ୍ରମୁଖ ରାସ୍ତା ଏବଂ ସ୍ଥାନରେ ମାଲ୍ ପରିବହନ କରୁଥିବା ଭାରୀଯାନ ପାର୍କିଂ କରାଇ ପ୍ରଭାବଶାଳୀ ଅସ୍ଥାୟୀ ଡିଏଲ୍‌ଆର୍ କର୍ମଚାରୀ ଜଣକ ବେଶ୍ ମୁନାଫା ଆଦାୟ କରୁଥିବାର ଅଭିଯୋଗ ହେଉଛି।

ଅତୀତରେ ଗରିବ କ୍ୟାବିନ୍ ବ୍ୟବସାୟୀଙ୍କୁ ଉଚ୍ଛେଦ କରିବାକୁ ଟ୍ରାଫିକ୍ ନିୟମକୁ ଉଲ୍ଲଂଘନ କରୁଥିବାର ଅଭିଯୋଗ ନ୍ୟାୟାଳୟକୁ ଅବଗତ କରାଇ ସେମାନଙ୍କ ପେଟକୁ ଲାତ ମାରିବାରେ ସକ୍ଷମ ହେବା ସହ ନିଜର ପାରିବାପଣିଆ ଦେଖାଇବାରେ ସମ୍ପୃକ୍ତ ଅଧିକାରିଣୀ ଜଣକ ସକ୍ଷମ ହୋଇଥିବାର ସେତେବେଳେ ସମାଲୋଚନାର ପାତ୍ର ପାଲଟିଲେ। ଅର୍ଥାଭାବ କାରଣରୁ ପଥଭ୍ରଷ୍ଟ ହୋଇଥିବା ଶିକ୍ଷିତ ବେକାର ଯୁବକମାନେ ପୁନର୍ବାର ଜୀବନଚର୍ଯ୍ୟାର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଚେଷ୍ଟା କରି ସମବାୟ ବ୍ୟାଙ୍କ ଛକ ନିକଟରେ ପରିବା ବ୍ୟବସାୟ କରି ନିଜର ପ୍ରତିପୋଷଣ କରିଆସୁଥିଲେ। ମାତ୍ର ଯାନବାହନ ଚଳାଚଳ ଓ ଜନଗହଳିକୁ ଆଳ କରି ସ୍ଥାନୀୟ ରାସ୍ତା ଏବଂ ସଡ଼କ ପରିବହନ ସହକାରୀ ଅଧିକାରୀଙ୍କୁ ବିନା କାରଣରେ ପ୍ରବର୍ତ୍ତାଇ ସଡ଼କ ସୁରକ୍ଷା ଆଳରେ ବ୍ୟବସାୟୀଙ୍କୁ ପୌର ପ୍ରଶାସନ ଉଚ୍ଛେଦ କରିଥିବା କେତେକ ବ୍ୟବସାୟୀ କହିଛନ୍ତି। ଅନ୍ୟପକ୍ଷେ ବ୍ୟବସାୟ ହରାଇ ସ୍ଥାନୀୟ ଯୁବ ବ୍ୟବସାୟୀମାନେ ରୋଜଗାର ପାଇଁ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି। ଯାହା ଶ୍ରମ ବିଭାଗ ଦ୍ୱାରା ଅନୁସନ୍ଧାନ ସାପେକ୍ଷ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ବିଗତ ୧୦ ମାସ ମଧ୍ୟରେ ନିଜର ବ୍ୟବସାୟ ହରାଇବା ଏବଂ ବ୍ୟବସାୟ ପ୍ରତିଷ୍ଠାନରେ କାମ କରି ନିଜର ଜୀବିକା ନିର୍ବାହ କରୁଥିବା ଯୁବକମାନେ ଜୀବିକା ହରାଇବା ଫଳରେ ବେକାରୀ ସମସ୍ୟା ବୃଦ୍ଧି ପାଉଥିବା କାରଣରୁ ଅସାମାଜିକ ବୃତ୍ତିକୁ ଆପଣେଇ ନେଉଥିବାରୁ ଅସାମାଜିକ କର୍ଯ୍ୟକଳାପ ବୃଦ୍ଧି ପାଇଥିବା ଘଟଣା ମଧ୍ୟ ଜିଲ୍ଲା ପୁଲିସର ଅପରାଧିକ ରିପୋର୍ଟ ପ୍ରମାଣିତ କରୁଛି ବୋଲି ପୌରବାସୀ ଦାବି କରିଛନ୍ତି।

**ମହିଳାଙ୍କୁ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଦୁଷ୍କର୍ମ ଅଭିଯୋଗ**

# ପୀଡ଼ିତାଙ୍କ ବୟାନ ରେକର୍ଡ; ଅଭିଯୁକ୍ତ ଫେରାର୍

ଖୋର୍ଦ୍ଧା,୨୪।୮ (ସମିସ): ଜଣେ ବିବାହିତ ମହିଳାଙ୍କୁ ଦୁଷ୍କର୍ମ ଓ ପରେ ଅଶ୍ଳୀଳ ଫଟୋ ଭାଇରାଲ କରିବା ଧମକ ଦେଇଥିବା ନେଇ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ନାଁରେ ଥାନାରେ ପୀଡ଼ିତା ମହିଳା ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ସଦର ଥାନା ପୁଲିସ ୨୫୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୁଲିସ ସୂଚନା ଅନୁସାରେ, ସଦର ଥାନା ଅନ୍ତର୍ଗତ ଦେଉଳଟାଙ୍ଗୀ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ଉକ୍ତ ମହିଳା ଜଣକ ସ୍ୱାମୀ ଓ ପିଲାଙ୍କ ସହ ଭଡ଼ାରେ ରହୁଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ଡଙ୍ଗରପଡ଼ା ଗ୍ରାମର କୁବେର ବିଶ୍ୱାଳଙ୍କ ପତ୍ନୀ ଜଣେ ପ୍ରଧାନଶିକ୍ଷୟିତ୍ରୀ ହୋଇଥିବାରୁ ସେ ମଧ୍ୟ ଦେଉଳଟାଙ୍ଗୀର ଉକ୍ତ ବ୍ୟକ୍ତିଙ୍କ ଘରେ ଭଡ଼ା ସୂତ୍ରରେ ରହୁଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ଓ ଉକ୍ତ ମହିଳା ଭଡ଼ାରେ ଉପର ମହଲରେ ରହୁଥିଲେ। ମହିଳାଙ୍କ ସ୍ୱାମୀ ଜଣେ ଶ୍ରମିକ ଭାବେ କାମ କରୁଥିବାବେଳେ ସେ ପୂର୍ବାହ୍ଣରୁ ଅପରାହ୍ଣ ପର୍ଯ୍ୟନ୍ତ କାମକୁ ଯାଆନ୍ତି। ସେହିପରି ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପତ୍ନୀ ଜଣେ ଶିକ୍ଷୟିତ୍ରୀ ହୋଇଥିବାରୁ ସେ ମଧ୍ୟ ସ୍କୁଲ ପଳାନ୍ତି। ତେବେ ଘରେ ଦୁଇ ପରିବାରର କେହି ନ ଥିବାର ସୁଯୋଗ ନେଇ ୪ ମାସ ତଳେ ଅବସରପ୍ରାପ୍ତ ସେନା କର୍ମଚାରୀ ମହିଳାଙ୍କୁ ଜୋର୍‌ଜବରଦସ୍ତ ଦୁଷ୍କର୍ମ କରିଥିଲେ। ଏ ସମ୍ପର୍କରେ ମହିଳାଙ୍କ ସ୍ୱାମୀ ଜାଣିବା ପରେ ସେ ଏହାର ପ୍ରତିବାଦ କରିବାରୁ ମହିଳାଙ୍କ ଅଶ୍ଳୀଳ ଫଟୋକୁ ଭାଇରାଲ କରିବାକୁ ଅବସରପ୍ରାପ୍ତ ସେନା କର୍ମଚାରୀ ଧମକ ଦେଇଥିବା ମହିଳା ଅଭିଯୋଗ କରିଛନ୍ତି। ଏନେଇ ସମସ୍ତ ଧୈର୍ଯ୍ୟହରା ହେବା ପରେ ମହିଳା ନ୍ୟାୟ ପାଇଁ ଗତ ୨୨ ତାରିଖରେ ସଦର ଥାନାରେ ଅଭିଯୋଗ କରିଛନ୍ତି। ମହିଳା ଅଭିଯୋଗ ପରେ ତାଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଅବସରପ୍ରାପ୍ତ ସେନା କର୍ମଚାରୀ ଓ ତାଙ୍କ ପତ୍ନୀ ଦେଇଥିବା ପୀଡ଼ିତା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ପୁଲିସ ନେଇଥିବାବେଳେ ଏନେଇ ଏକ ମାମଲା ରୁଜୁ କରି ମହିଳାଙ୍କ ବୟାନ ରେକର୍ଡ କରିଛି। ଦୁଷ୍କର୍ମକାରୀକୁ ଧରିବା ଲାଗି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ପ୍ରକାଶ କରିଛନ୍ତି।

# 'ମୁଗ୍ଧ ଅନୁଭବ' ପୁସ୍ତକ ଉନ୍ମୋଚିତ



ଟାଙ୍ଗୀ,୨୪।୮ (ସମିସ): ବୈଷୟିକ ବିକାଶ ସହିତ ସମାନୁପାତିକ ଭାବେ ବୌଦ୍ଧିକ ବିକାଶ ହେଲେ ଏକ ସନ୍ତୁଳିତ ସମାଜ ଗଠନ ସମ୍ଭବ। ସମାଜ ସଂସ୍କାର ପାଇଁ ଜଣେ କବିର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରବିବାର ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ କବି ଲିଙ୍ଗରାଜ ସାହୁଙ୍କ ଲିଖିତ "ମୁଗ୍ଧ ଅନୁଭବ' ପୁସ୍ତକ ଉନ୍ମୋଚନ ଅବସରରେ କବି, ସ୍ତମ୍ଭକାର ନିରାକାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନୁରୂପ ଭାବେ ଶରୀର ପାଇଁ ଖାଦ୍ୟ ଯେପରି ଆବଶ୍ୟକତା ରହିଛି ସେହିପରି ମସ୍ତିଷ୍କ ପାଇଁ ବହି ହେଉଛି ଜ୍ଞାନ। ବହିଟିଏ ପଢ଼ିଲେ ବୃଦ୍ଧାବସ୍ଥା ଅପସରିଯାଏ। ମନରୁ ଭାବନା, ଚିନ୍ତା ଦୂରେଇ ଯାଏ ବୋଲି ମୁଖ୍ୟବକ୍ତା ଭାବେ କବି ତଥା ଔପନ୍ୟାସିକ ଅମରେଶ ବିଶ୍ୱାଳ କହିଥିଲେ। ଅନ୍ୟତମ ଅତିଥି ଭାବେ ଲେଖିକା, ସାମ୍ବାଦିକା ମଧୁଲିତା ପରିଡ଼ା, ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ ପ୍ରମୁଖ ମତବ୍ୟକ୍ତ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପଗୁଚ୍ଛ ପ୍ରଦାନ ପରେ ଅବସରପ୍ରାପ୍ତ ଅଧକ୍ଷ ବାଳକୃଷ୍ଣ ମିଶ୍ର ବେଦପାଠ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଚନ୍ଦ୍ରଶେଖର ଦାଶ, ଅବସରପ୍ରାପ୍ତ ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକ, କବି ଲିଙ୍ଗରାଜ ସାହୁ, ବରିଷ୍ଠ ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। କବି କାହ୍ନୁଚରଣ ମିଶ୍ର, ରମେଶ ବଳବନ୍ତରାୟ, କୁନ୍ତଳା ସାହୁ, ପ୍ରଫୁଲ୍ଲ କୁମାର ଜେନା, ମଞ୍ଜୁଲତା ଇନ୍ଦ୍ରଜିତ, ପ୍ରଦୀପ କୁମାର ସାହୁ, ଭାସ୍କର ଚନ୍ଦ୍ର ପ୍ରଧାନ, ଶ୍ରୀ ନାୟକ, ପ୍ରଦ୍ୟୁମ୍ନ ସାଥୁଆ, ବ୍ରଜବନ୍ଧୁ କର ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ।

# କାଚେରା ରାଜସ୍ୱ ଗ୍ରାମକୁ ବିଧିବଦ୍ଧ ବିଜ୍ଞପ୍ତି ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ବେଗୁନିଆ,୨୪।୮ (ସମିସ): ବେଗୁନିଆ ବ୍ଲକ୍ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ କାଚେରା ଗ୍ରାମଟି ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ପାଇଥିଲେ ହେଁ ସରକାରୀସ୍ତରରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଘୋଷଣା କରାଯାଇ ପାରିନାହିଁ। ଯାହାଫଳରେ ଜନସାଧାରଣଙ୍କ ପାଇଁ ସରକାରୀସ୍ତରରୁ ଆସୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରୁ ବଞ୍ଚିତ ହେଉଛନ୍ତି। ୧୯୯୮ ମସିହାରେ ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିଲେ ମଧ୍ୟ ଶତ ପ୍ରତିଶତ ହୋଇ ନ ଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗତ ଜୁଲାଇ ୪ ତାରିଖରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ରାଜସ୍ୱ ଶାସନ ସଚିବ, ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଗ୍ରାମର ନବ କିଶୋର ସାହୁ ଲିଖିତ ଭାବେ ଜଣାଇଥିଲେ। ପରେ ଗ୍ରାମର ନବ କିଶୋର ସାହୁଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଆଇନଜୀବୀ ସତ୍ୟ ନାରାୟଣ ମିଶ୍ର କେସ୍ ନମ୍ବର ୨୨୧୬୦/୨୫ ଦାୟିତ୍ୱ ତୁଲାଇଥିଲେ। ଉଚ୍ଚ ନ୍ୟାୟାଳୟ ମାମଲାର ଶୁଣାଣି କରି କାଚେରା ରାଜସ୍ୱ ଗ୍ରାମକୁ ଆଗାମୀ ୧୫ ଦିନ ମଧ୍ୟରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଘୋଷଣା କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଗ୍ରାମବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି।

# ସର୍ପାଘାତ ଓ ବଜ୍ରପାତ ସୁରକ୍ଷା ସଚେତନତା ଶିବିର

ବାଣପୁର,୨୪।୮ (ସମିସ): ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ, ଓସେପା ତଥା ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ନାଚୁଣୀ ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସର୍ପାଘାତ ସୁରକ୍ଷା ଓ ଡାକ୍ତରୀ ଚିକିତ୍ସା ସହାୟତା ସଚେତନତା ସହିତ ବଜ୍ରପାତ ସୁରକ୍ଷାରେ ଆବଶ୍ୟକୀୟ ଆଗୁଆ ପଦକ୍ଷେପ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ ଶବରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମୋନିକା ମହାରଣା, ସ୍ୱାଗତିକା ସ୍ୱାଇଁ, କ୍ରୀଡ଼ା ଶିକ୍ଷକ ସୌମ୍ୟକାନ୍ତ ସାହୁ ଯୋଗଦେଇ ସାପ କାମୁଡ଼ିଲେ ବିଚଳିତ ନ ହୋଇ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଗୁଣିଆ ତଥା ଦେଶୀ ଚିକିତ୍ସା କରିବା ପରିବର୍ତ୍ତେ ସମୟ ନଷ୍ଟ ନ କରି ତୁରନ୍ତ ଡାକ୍ତରଖାନାକୁ ଯାଇ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ। ନିଜର ଅମୂଲ୍ୟ ଜୀବନ ରକ୍ଷା କରିବା ସହିତ ବର୍ଷା, ଘଡ଼ଘଡ଼ି ଓ ବିଜୁଳି ମାରିବା ସମୟରେ ଅଯଥା ବାହାରକୁ ନ ବାହାରିବା, ଲୌହବସ୍ତୁକୁ ନ ଧରିବା, ଗଛ ଓ ଟିଣ ଛପର ତଳେ ଆଶ୍ରୟ ନ ନେଇ ସୁରକ୍ଷିତ ଓ ଶୁଖିଲା ସ୍ଥାନକୁ ଚାଲିଯିବା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ସେହିପରି ନାଚୁଣୀ ଦ୍ୱିଟିବାର୍ଡ ଇଂଲିଶ ମିଡିୟମ୍ ସ୍କୁଲରେ ଅଧକ୍ଷ ସୁରେଶ କୁମାର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସ୍କୁଲର ଉପାଧକ୍ଷା ମୋନାଲି ହୋତାଙ୍କ ସହିତ ଶିକ୍ଷୟିତ୍ରୀମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଅନୁରୂପ ଭାବେ ନିକଟସ୍ଥ ଲୋକିପୁରସ୍ଥିତ ମା' ଇଂଲିଶ ମିଡିୟମ୍ ସ୍କୁଲରେ ଅଧକ୍ଷା ଜୟନ୍ତୀ ପାଇକରାୟଙ୍କ ଅଧକ୍ଷତାରେ ଆୟୋଜିତ ବଜ୍ରପାତ ଓ ସର୍ପାଘାତ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସ୍କୁଲର ନିର୍ଦ୍ଦେଶିକା କଳ୍ପନା ବରାଳ, ଶିକ୍ଷକ ଅକ୍ଷୟ କୁମାର ପଲାଇ, ଶିକ୍ଷୟିତ୍ରୀ ମେହେମୁଦା ବେଗମ୍, ସୁଜାତା ସାହୁ, ଏଲିନା ମିଶ୍ର, ମାମୁନି ପ୍ରଧାନ, ସ୍ୱର୍ଣ୍ଣପ୍ରିୟା ମିଶ୍ର ପ୍ରମୁଖ ଯୋଗଦେଇ ସଚେତନ କରାଇଥିଲେ।

**ବାଲୁଗାଁ ପୁଲିସ ଓ ଗଣେଶ ପୂଜା କମିଟିର ପ୍ରସ୍ତୁତି ବୈଠକ**

# ଶବ୍ଦ ପ୍ରଦୂଷଣକାରୀ ବାଜା, ବାଣ ଉପରେ କଟକଣା

ବାଲୁଗାଁ,୨୪।୮ (ସମିସ)



ଅଗ୍ରପୂଜ୍ୟ ବିଘ୍ନ ବିନାଶକ ଗଜାନନଙ୍କ ପୂଜା ଲାଗି ବାଲୁଗାଁ, ବାଣପୁର ସହର ଓ ଗ୍ରାମାଞ୍ଚଳରେ ସଜବାଜ ଆରମ୍ଭ ହୋଇଯାଇଛି। ବାଲୁଗାଁ କ୍ଷୁଦ୍ର ସହରରେ ୧୫ରୁ ଅଧିକ ପୂଜା ମଣ୍ଡପ ସଜେଇ ହେବା ନିମନ୍ତେ ପ୍ରସ୍ତୁତି ଚାଲିଛି। ଉକ୍ତ ମଣ୍ଡପଗୁଡ଼ିକ ନିମନ୍ତେ ସରକାରୀସ୍ତରରେ ରହିଥିବା କଟକଣାକୁ ନେଇ ଶନିବାର ବାଲୁଗାଁ ପୁଲିସ ପକ୍ଷରୁ ଏକ ବୈଠକ ବାଲୁଗାଁ ଥାନା ପରିସର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ପୁଲିସ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ବୈଠକରେ ବାଲୁଗାଁ ଥାନା ଅଧିକାରୀ ଦାୟିତ୍ୱରେ ଥିବା ସୌମ୍ୟରଞ୍ଜନ ପାଣିଗ୍ରାହୀ, ବାଲୁଗାଁ ଅଞ୍ଚଳର ପୂଜା କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ। ଏହି ବୈଠକରେ ସରକାରୀ ନିୟମ ଅନୁଯାୟୀ ପୂଜା କମିଟିମାନେ ଶାନ୍ତିଶୃଙ୍ଖଳାରେ ପୂଜା ଓ ଭସାଣି ପାଇଁ ପୂର୍ବରୁ ଅନୁମତି ନେବା ସହିତ ବିସର୍ଜନ କାର୍ଯ୍ୟକୁ ରାତି ୧୦ଟା ମଧ୍ୟରେ ସାରିବା ନିମନ୍ତେ ବୈଠକରେ ଥାନା ଅଧିକାରୀ ଦାୟିତ୍ୱରେ ଥିବା ସୌମ୍ୟରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଥିଲେ। ଶବ୍ଦ ପ୍ରଦୂଷଣ ସୃଷ୍ଟିକାରୀ ବାଜା ଓ ବାଣ ଉପରେ ସମ୍ପୂର୍ଣ୍ଣ କଟକଣା ରହିବ। ପୂଜାରେ ୬୫ ଡେସିବଲ୍‌ରୁ ଅଧିକ ଶବ୍ଦ ଯେପରି ଉତ୍ପନ୍ନ ନ ହେବ ସେଥିପ୍ରତି କମିଟି ସଦସ୍ୟମାନେ ନଜର ରଖିବେ। ଯଦି ଅଭିଯୋଗ ହୁଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହିତ ମାଦକଦ୍ରବ୍ୟ ସେବନ ଉପରେ କଟକଣା ରହିଥିବାବେଳେ ମଦ ସେବନ କରୁଥିବା ଲୋକଙ୍କୁ ଭସାଣିରେ ସାମିଲ୍ ନ କରାଇ ଶାନ୍ତି ଶୃଙ୍ଖଳାର ସହିତ ରାତି ୧୦ଟା ମଧ୍ୟରେ ଭସାଣି କର୍ଯ୍ୟ ସମ୍ପନ୍ନ କରିବା ପାଇଁ ବାଲୁଗାଁ ପୁଲିସ ପୂଜା କମିଟିମାନଙ୍କୁ ସୂଚନା ଦେଇଥିବା ଜଣାଯାଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନାଭାଲ୍ ଫାଣ୍ଡି ଅଧିକାରୀ ଶ୍ରୀନିବାସ ସାମନ୍ତ ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷ ପୂଜା ନିମନ୍ତେ ବିଘ୍ନ ବିନାଶକ ଗଜାନନଙ୍କ ବର୍ତ୍ତମାନ ପୂଜା ମଣ୍ଡପକୁ ମୃଣ୍ମୟୀ ମୂର୍ତ୍ତିକୁ ଶୋଭାଯାତ୍ରାରେ ଆଣି ଉପବିଷ୍ଟ କରାଗଲଣି। ବିଘ୍ନ ବିନାଶକ ଗଣପତିଙ୍କ ପୂଜାରେ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ଉତ୍ସବମୁଖର ହୋଇପଡ଼ିଲାଣି।

# ରୋଟାରୀ କ୍ଲବ୍ ପକ୍ଷରୁ ଚକ୍ଷୁ ଓ ମାଗଣା ସ୍ୱାସ୍ଥ୍ୟ ଶିବିର



ବାଣପୁର/ଗମ୍ଭାରୀମୁଣ୍ଡା,୨୪।୮ (ସମିସ): ବାଣପୁର ରୋଟାରୀ କ୍ଲବ୍ ପକ୍ଷରୁ ରବିବାର ଗମ୍ଭାରୀମୁଣ୍ଡାସ୍ଥିତ ପତିତପାବନ କଲ୍ୟାଣ ମଣ୍ଡପଠାରେ ଏକ ଚକ୍ଷୁ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ୍‌ର ସଭାପତି ରୋଟାରିଆନ ଗଜେନ୍ଦ୍ର ସେଠୀ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିକିତ୍ସକ ରୋଟାରୀଆନ ଡା. ସୁରେନ୍ଦ୍ରନାଥ ଦାସଙ୍କ ନେତୃତ୍ୱରେ ଅୟୋଜିତ ଉକ୍ତ ବାତବ୍ୟ ଚିକିତ୍ସା ଶିବିରରେ ବ୍ରହ୍ମପୁରସ୍ଥିତ ରୁବି ଚକ୍ଷୁ ଚିକିତ୍ସାଳୟର ଡାକ୍ତର ସାକ୍ଷୀ ନଉଟିଆଲ, ଡା. ପ୍ରତିମା ଗୌଡ଼, ଡା. ସୁଜିତ୍ କୁମାର ଦାଶ ଓ ସହକର୍ମୀବୃନ୍ଦ ଚିକିତ୍ସାରେ ସହାୟତା କରିଥିଲେ। ଏଥିରେ ବାଣପୁର ଓ ଗମ୍ଭାରୀମୁଣ୍ଡା ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କର ଚକ୍ଷୁ ଚିକିତ୍ସା କରାଯାଇଥିଲା। ଚିଲିକା-ବାଲୁଗାଁ ରୋଟାରୀ କ୍ଲବ୍‌ର ସମ୍ପାଦକ ରୋଟାରିଆନ ଯଦୁମଣୀ ତରାଇ, ପୂର୍ବତନ ସଭାପତି ସତ୍ୟେନ୍ଦ୍ର ସ୍ୱାଇଁ, ଜାନକୀ ବଲ୍ଲଭ ପଟ୍ଟନାୟକ, ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଭାଗିରଥୀ ସ୍ୱାଇଁ, ସୁକାନ୍ତ ବିଶ୍ୱାଳ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ନବାଗତ ରୋଟାରିଆନ ସୁରେଶ ମହାପାତ୍ର, ଦ୍ୱାରିକାନାଥ ନନ୍ଦ, ପୀୟୂଷ ହରିଚନ୍ଦନ, ଭାଗିରଥୀ ସାହୁ, ଦୁର୍ଗା ପ୍ରସାଦ ମହାରଣା, ଆଶୋକ ପାଇକରାୟ, କେଲୁଚରଣ ଖୁଣ୍ଟିଆ ପ୍ରମୁଖ ରୋଗୀମାନଙ୍କୁ ସ୍ୱାଗତ କରିବା ସହିତ ସହାୟତା ପ୍ରଦାନ କରିଥିଲେ। ଏହି ଚିକିତ୍ସା ଶିବିରଟି ଡାକ୍ତର ସୁରେନ୍ଦ୍ରନାଥ ଦାସଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା।



# ଡକାୟତି ଯୋଜନା ପଣ୍ଡ; ଧରାପଡ଼ିଲେ ୪

ଭୁବନେଶ୍ୱର,୨୪।୮ (ସମିସ):



କଂଗ୍ରେସ ଭବନ ପଛରେ ବସି ଡାକାୟତି ଯୋଜନା କରୁଥିବାବେଳେ ୪ ଡକାୟତଙ୍କୁ କାବୁ କରିଛି କମିସନରେଟ୍ ପୁଲିସ। କୌଣସି ସୂତ୍ରରୁ ଖବର ପାଇ କ୍ୟାପିଟାଲ ଥାନା ପାଟ୍ରୋଲିଂ ଟିମ୍ ଚଢ଼ଉ କରି ଏହି ସଫଳତା ପାଇଛି। ସେମାନଙ୍କ ନିକଟରୁ ପୁଲିସ ଖଣ୍ଡା, ଛୁରି, ମୋବାଇଲ୍ ଫୋନ୍ ଏବଂ ମୁଖାକୁ ଜବତ କରିଛି। କ୍ୟାପିଟାଲ ଥାନା ପୁଲିସ ଏସ୍ଆଇ ଏନ୍ ବେହେରାଙ୍କ ରିପୋର୍ଟ ଆଧାରରେ ପୁଲିସ ମାମଲା ରୁଜୁ କରିଛି। ସେମାନେ ହେଲେ ଅଭିଯୁକ୍ତ ବରୁଣା ମାଝୀ, ରାଜେଶ ପ୍ରଧାନ ଓରଫ ବାବୁ, ଏସ୍.କେ. ମୁସ୍ତାକିନ୍ ଏବଂ ଏସ୍.କେ. ଆବୁବକର।

ଗତ ରାତିରେ ପୁଲିସ ରାଜମହଲ ଅଞ୍ଚଳରେ ରାତ୍ରି ପାଟ୍ରୋଲିଂ କରୁଥିବା ସମୟରେ ଅଭିଯୁକ୍ତ ବରୁଣ ମାଝୀ ଏବଂ ବାଦଲ ନାୟକଙ୍କ ନେତୃତ୍ୱରେ ଅଭିଯୁକ୍ତମାନେ କଂଗ୍ରେସ ଭବନ ପଛରେ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବା ଖବର ପାଇଥିଲେ। ରେଳ ଷ୍ଟେସନରୁ ବିଳମ୍ବିତ ରାତିରେ ଫେରୁଥିବା ପଥଚାରୀଙ୍କୁ ଟାର୍ଗେଟ କରିଥିଲେ।

ଏସ୍.ଆଇ. ଏନ୍. ବେହେରା ଓ ତାଙ୍କ ଟିମ ଚଢ଼ଉ କରିଥିଲେ। ଅଭିଯୁକ୍ତଙ୍କୁ ଏକ ପରିତ୍ୟକ୍ତ କ୍ୱାର୍ଟରରେ ଏକାଠି ହୋଇଥିବା ଏବଂ ଡକାୟତି ପାଇଁ ପ୍ରସ୍ତୁତିରେ ନିୟୋଜିତ ଥିବା ଚିହ୍ନଟ କରିଥିଲେ। ପୁଲିସକୁ ଦେଖି ଅଭିଯୁକ୍ତମାନେ ଖସିଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ୪ଜଣ ଧରାପଡ଼ିଥିଲେ। ତେବେ ମୁଖ୍ୟ ଅଭିଯୁକ୍ତ ବାଦଲ ନାୟକ ଅନ୍ଧାରର ସୁଯୋଗ ନେଇ ଖସି ପଳାଇଥିଲା। ଗିରଫ ଅଭିଯୁକ୍ତଙ୍କ

■ ଖଣ୍ଡା, ଛୁରି ଓ ମୁଖା ଜବତ କଲା ପୁଲିସ

■ ଷ୍ଟେସନରୁ ଫେରୁଥିବା ଯାତ୍ରୀଙ୍କୁ କରୁଥିଲେ ଟାର୍ଗେଟ୍

ପାଖରୁ ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ଯେଉଁଥିରେ ଛୁରି, ଖଣ୍ଡା, ମୁଠା, ମୋବାଇଲ୍ ଫୋନ୍, ଟଙ୍କା, ହାତ ଘଣ୍ଟା ଏବଂ ଘଟଣାସ୍ଥଳରୁ ମୁହଁର ମାସ୍କ, ମଦ ବୋତଲ ଏବଂ ଲଙ୍କା ପାଉଡର ଜବତ କରାଯାଇଛି। ଅଭିଯୁକ୍ତମାନେ ଅପରାଧ ସ୍ୱୀକାର କରିବା ସହ ଅଭିଯୁକ୍ତ ବାଦଲ ନାୟକଙ୍କ ନିର୍ଦ୍ଦେଶରେ ରେଲୱେ ଷ୍ଟେସନ ଯାତ୍ରୀ ଏବଂ ଦୁର୍ବଳ ଘରଗୁଡ଼ିକୁ ଟାର୍ଗେଟ କରି ଡକାୟତି କରିବା ପାଇଁ ଏକତ୍ରିତ ହୋଇଥିବା ଦର୍ଶାଇଥିଲେ। ଅଭିଯୁକ୍ତ ବରୁଣ ମାଝୀ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ପୂର୍ବରୁ ଚୋରି ଏବଂ ଡକାୟତି ସହିତ ସମ୍ପୃକ୍ତ ଛଅଟି ଭିନ୍ନ ମାମଲାରେ ଜଡ଼ିତ ରହିଛି। ଅଭିଯୁକ୍ତ ରାଜେଶ ପ୍ରଧାନ ଓରଫ ବାବୁର ମଧ୍ୟ ଅପରାଧିକ ପୃଷ୍ଠଭୂମି ଅଛି ଏବଂ ସେ ତିନୋଟି ଚୋରି ମାମଲାରେ ଜଡିତ ବୋଲି ଜଣାପଡିଛି। ଅଭିଯୁକ୍ତ ଏସ୍.କେ. ମୁସ୍ତାକିନ୍ ଜଣେ ବାରମ୍ବାର ସମ୍ପତ୍ତି ଅପରାଧୀ ଏବଂ ତାଙ୍କ ବିରୁଦ୍ଧରେ ବିଭିନ୍ନ ଥାନାରେ ଚୋରି ଏବଂ ଡକାୟତିର ବାରଟି ମାମଲା ରୁଜୁ ହୋଇଛି। ସେହିପରି, ଅଭିଯୁକ୍ତ ଏସ୍.କେ. ଅବୁବାକରଙ୍କର ଏକ ଦୀର୍ଘ ଅପରାଧିକ ଇତିହାସ ଅଛି, ସେ ଡକାୟତି ଏବଂ ଚୋରି ସମେତ ଦଶଟି ମାମଲାରେ ଜଡ଼ିତ। ପଳାତକ ଅଭିଯୁକ୍ତ ବାଦଲ ନାୟକଙ୍କୁ ଗିରଫ କରିବା ପାଇଁ ତନାଘନା କରୁଛି ପୁଲିସ।

ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ସଂଯୁକ୍ତା ପାଣିଗ୍ରାହୀଙ୍କ ଜୟନ୍ତୀ

## ‘ଓଡ଼ିଶୀ ନୃତ୍ୟର ପ୍ରଚାର ପାଇଁ ସଂଯୁକ୍ତାଙ୍କ ଅବଦାନ ଅବିସ୍ମରଣୀୟ’

ଭୁବନେଶ୍ୱର,୨୪।୮ (ସମିସ): ଓଡିଶୀ ନୃତ୍ୟକୁ ବିଶ୍ୱସ୍ତରରେ ପହଞ୍ଚାଇବାର ସଂକଳ୍ପ ନେଇଥିଲେ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀ। ଓଡ଼ିଶୀ ନୃତ୍ୟ ଆଜି ତାଙ୍କର ଅବଦାନ ଓ ପ୍ରଚେଷ୍ଟା ଯୋଗୁଁ ଶାସ୍ତ୍ରୀୟ ମାନ୍ୟତା ପାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ନୃତ୍ୟରତା ସଂଯୁକ୍ତାଙ୍କ ମୁଖ ତଥା ଅଙ୍ଗଭଙ୍ଗୀର ଅଭିନୟ ଥିଲା ଅନନ୍ୟ ବୋଲି ରବିବାର ତାଙ୍କର ଜୟନ୍ତୀ ଉତ୍ସବ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।




କେଲୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସମାଜସେବୀ ମନୋରଞ୍ଜନ ମହାନ୍ତି, ସ୍ମୃତି ପଢ଼ିହାରି, ସତ୍ୟାନନ୍ଦ ମିଶ୍ର, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଅଶ୍ୱିନୀ ପଟ୍ଟନାୟକ, ସବିତା ଦଳେଇ, ଅମିତ୍ ପାତାଳ ସିଂ, ସୂର୍ଯ୍ୟକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ସଂଯୁକ୍ତା ପାଣିଗ୍ରାହୀଙ୍କ ଜନ୍ମ ବାର୍ଷିକୀରେ ‘ତୁମରି ସ୍ମୃତିରେ’



ଭୁବନେଶ୍ୱର,୨୪।୮ (ସମିସ): ସଂଯୁକ୍ତା ଏବଂ ରଘୁନାଥ ପାଣିଗ୍ରାହୀ କଲଚରାଲ ହେରିଟେଜ ଫାଉଣ୍ଡେସନ ତରଫରୁ ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କୁ ୮୧ ତମ ଜନ୍ମ ବାର୍ଷିକ ପାଳିତ ହୋଇଛି। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଗୁରୁ କେଲୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ନାଟ୍ୟକାର ଅନନ୍ତ ମହାପାତ୍ର, ଅଭିନେତା ପ୍ରଶାନ୍ତ ନନ୍ଦ ଏବଂ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାଏ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ଜଗଦୀଶ ମର୍ଦ୍ଦରାଜ ଏବଂ ସମ୍ପାଦକ ବାବୁ ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିଲେ। ଗୁରୁ ରତିକାନ୍ତ ମହାପାତ୍ରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ପରିବେଷଣରେ ଗୁରୁ ଲିଙ୍ଗରାଜ ପ୍ରଧାନ ଏବଂ ଗୁରୁ ପଙ୍କଜ ପ୍ରଧାନ ତତ୍ତ୍ୱାବଧାନରେ ଉତ୍କଳ ସଂଗୀତ ମହାବିଦ୍ୟାଳୟର ନୃତ୍ୟ ବିଭାଗର ଶିଳ୍ପୀମାନେ ନୃତ୍ୟରେ ‘ଶକ୍ତି’ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

## ଭାରତ ବିକାଶ ପରିଷଦ ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର,୨୪।୮ (ସମିସ) : ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରସ୍ଥିତ ସରଳା ଦେବୀ ଛାତ୍ରୀ ନିବାସ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ। ଉତ୍କଳ ବିଶ୍ୱବିଦ୍ୟାଳୟ ଇକୋ କ୍ଲବ ଓ ଭାରତ ବିକାଶ ପରିଷଦ ମିଳିତ, ବାଣୀବିହାର ଶାଖା ଆନୁକୂଲ୍ୟରେ ପ୍ରଥମେ ସରଳା ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯିବାପରେ ବୃକ୍ଷ ରୋପଣ କରାଯାଇଥିଲା। ଶତାଧିକ ଫଳ ଚାରା ତଥା କଦଳୀ, ପିଜୁଳି, ଆମ୍ବ, ପଣସ ପ୍ରମୁଖ ବୃକ୍ଷ ରୋପଣ କରିଥିଲେ ଉପସ୍ଥିତ ସଦସ୍ୟ ବୃନ୍ଦ। ଏହି କାର୍ଯ୍ୟକ୍ରମରେ ପ୍ରଫେସର କବିର ସେଠୀ, ଇକୋ କ୍ଲବର ଅଧକ୍ଷା ସହକାରୀ ପ୍ରଫେସର ଅନନ୍ୟା ମହାନ୍ତି ଏବଂ ଭାରତ ବିକାଶ ପରିଷଦର ଭୁବନାନନ୍ଦ ତ୍ରିପାଠୀ, ଗୌରାଙ୍ଗ ଚରଣ ନାୟକ, ପ୍ରଫେସର ନିର୍ମଳ ଚନ୍ଦ୍ର ଦାଶ, ମୃତ୍ୟୁଞ୍ଜୟ ମହାନ୍ତି, ଆଶୁତୋଷ ମିଶ୍ର, ଓମ୍ ପ୍ରକାଶ ମିଶ୍ର ଆଦି ବୃକ୍ଷ ରୋପଣ କାର୍ଯ୍ୟରେ ସାମିଲ ଥିଲେ। ଛାତ୍ରୀ ନିବାସର ସମସ୍ତ ଛାତ୍ରୀ ଓ ଅନ୍ୟ କର୍ମଚାରୀ ଅକୁଣ୍ଠ ସହଯୋଗ କରି ଏହାର ଯତ୍ନ ନେବାକୁ ପ୍ରତିଶ୍ରୁତି ଦେଲେ ତତସହ ବ୍ୟାପକ ବୃକ୍ଷ ରୋପଣ କରିବାନେଇ ଶପଥ କରିଥିଲେ।

## ‘ଶ୍ରୀଜଗନ୍ନାଥ କଥାଲହରୀରେ ଶ୍ରୀକ୍ଷେତ୍ର ଓ ଲୀଳାକ୍ଷେତ୍ର’ ଆଲୋଚନା

ଭୁବନେଶ୍ୱର, ୨୪।୮ (ସମିସ): ୨୯ ତମ ଶ୍ରୀଜଗନ୍ନାଥ କଥାଲହରୀ କାର୍ଯ୍ୟକ୍ରମରେ ଶ୍ରୀକ୍ଷେତ୍ର ଓ ଲୀଳାକ୍ଷେତ୍ର ଶୀର୍ଷକ ଉପରେ ଆଲୋଚନାଚକ୍ର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପାର୍ଥ ସାରଥି ମହାନ୍ତିଙ୍କ ର ପରିଚାଳନାରେ ମହାପ୍ରଭୁଙ୍କର ଗୀତଗୋବିନ୍ଦ ଗାନ କରାଯାଇ ସମୂହ ସ୍ତୁତି ପାଠ କରାଯାଇଥିଲା। ପଦ୍ମଶ୍ରୀ ପ୍ର. ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦୀ, ଆନୁଷ୍ଠାନିକ ଭାବରେ ସଭାକୁ ଉଦଘାଟନ କରିବା ସହିତ ଅନୁଷ୍ଠାନର ସଭାପତି ଡ଼ା ରବି ନାରାୟଣ ସାମନ୍ତ ସ୍ୱାଗତ ଭାଷଣ ରଖିଥିଲେ। ଡ ସୁଶାନ୍ତ କୁମାର ସାହୁ ଆଲୋଚନା ଚକ୍ରର ଆଭିମୁଖ୍ୟ




ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଥିଲେ। ଶ୍ରୀକ୍ଷେତ୍ରରେ ଜଗନ୍ନାଥ ସଂସ୍କୃତିର ବିକାଶ ଓ ବିଭିନ୍ନ ଲୀଳାକ୍ଷେତ୍ର ଯଥା ପାତାଳି ଶ୍ରୀକ୍ଷେତ୍ର ଓ ଲୀଳାକ୍ଷେତ୍ର କାଙ୍କଣଶିଖରୀଠାରେ ସରକାର ଙ୍କ ର ଯୋଜନା ସମ୍ପର୍କ ରେ ଆଲୋକପାତ କରିଥିଲେ। ଲୀଳାକ୍ଷେତ୍ର କାଙ୍କଣଶିଖରୀ ଠାରେ ପ୍ରଦର୍ଶିତ ହୋଇଥିବା ମହାପ୍ରଭୁଙ୍କର ୨୪ଟି ଦାରୁ ନିର୍ମିତ ବେଶର ବିଶ୍ୱସ୍ତରୀୟ ପ୍ରଦର୍ଶନୀ ମନ୍ଦିରକୁ ଖୁବ୍‌ଶୀଘ୍ର ଆରମ୍ଭ ଓ ଆଗାମୀ ଦିନରେ ସରକାର ସମସ୍ତ ଲୀଳାକ୍ଷେତ୍ର ଗୁଡ଼ିକୁ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀରେ ଘୋଷଣା କରିବା ଉପରେ ବିଚାର କରୁଛନ୍ତି ବୋଲି ଦର୍ଶାଇଥିଲେ। ସମ୍ମାନିତ ଅତିଥି ଭାବରେ ଦକ୍ଷେଶ୍ୱର୍, ଭଗବତୀ ଦେବୋତ୍ତର ବିଭାଗର କାର୍ଯ୍ୟ ନିର୍ବାହୀ ତଥା ଶ୍ରୀଜଗନ୍ନାଥ ମନ୍ଦିର ସମନ୍ୱୟ ପରିଷଦ ବାଣପୁର, ଚିଲିକାର ସମ୍ପାଦକ ବାଳମୁକୁନ୍ଦ ଦାସ ଚିଲିକା ନିର୍ବାଚନ ମଣ୍ଡଳୀରେ ଥିବା ୩୦ଟି ଜଗନ୍ନାଥ ମନ୍ଦିରର ମୌଳିକ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥିରୂପେ କ୍ୟାପଟେନ୍ ସଞ୍ଜୀବ ମୁଦୁଲି ଯୋଗଦେଇ ଲୀଳା କ୍ଷେତ୍ରର ମାହାତ୍ମ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ଦେବା ପ୍ରସାଦ ଦାଶ ଧନ୍ୟବାଦ ଦେବାସହ ମହାପ୍ରଭୁଙ୍କର ମଙ୍ଗଳ ଆରତି କରାଇଥିଲେ। ଏଥିରେ ବହୁ ଜଗନ୍ନାଥ ଭକ୍ତଙ୍କ ସହିତ ଚିଲିକା ନିର୍ବାଚନ ମଣ୍ଡଳୀରେ ଥିବା ୩୦ ଗୋଟି ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିନିଧିମାନେ ଯୋଗ ଦେଇଥିଲେ।

■ ସର୍ବଭାରତୀୟ ଭବିଷ୍ୟନିଧି ଫେଡେରେସନ ନିର୍ବାଚନ

## ପ୍ରଶାନ୍ତ ବାରିକ ଉପ-ସଭାପତି ନିର୍ବାଚିତ

ଭୁବନେଶ୍ୱର, ୨୪।୮ (ସମିସ): ସର୍ବଭାରତୀୟ ଭବିଷ୍ୟନିଧି ଷ୍ଟାଫ ଫେଡେରେସନର ୨୮ତମ ସାଧାରଣ ଅଧିବେଶନ ବାଙ୍ଗଲୋରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୫-୨୭ ପାଇଁ ହୋଇଥିବା କର୍ମକର୍ତ୍ତା ନିର୍ବାଚନରେ ସ୍ଥାନୀୟ ଭବିଷ୍ୟନିଧି କାର୍ଯ୍ୟାଳୟ ୟୁନିଅନର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବାରିକ ସର୍ବଭାରତୀୟ ସ୍ତରରେ ଉପ-ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ଉପ-ସଭାପତି ରୂପେ ନିର୍ବାଚିତ ହେବାରେ ସେ ହେଉଛନ୍ତି ଦ୍ୱିତୀୟ ଓଡ଼ିଆ। ଏହା ପୂର୍ବରୁ ବର୍ତ୍ତମାନ କାର୍ଯ୍ୟରତ ପ୍ରବର୍ତ୍ତନ ଅଧିକାରୀ ଅଲେଖ ଚନ୍ଦ୍ର ସାହୁ ଫେଡେରେସନର ପ୍ରଥମ ଓଡିଆ ଉପ-ସଭାପତି ରୂପେ ୨୦୧୭-୧୯ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ। ଏହାର ସୂଚନାଯୋଗ୍ୟ ଯେ ଶ୍ରୀ ବାରିକ ଭୁବନେଶ୍ୱରସ୍ଥ ଭବିଷ୍ୟନିଧି କାର୍ଯ୍ୟାଳୟର ସାଧାରଣ ସମ୍ପାଦକ ଏବଂ ଫେଡେରେସନର ସର୍ବଭାରତୀୟ ଅର୍ଗାନାଇଜିଙ୍ଗ ସେକ୍ରେଟାରୀ ରୂପେ କାର୍ଯ୍ୟରତ। ଓଡ଼ିଶାର ସମସ୍ତ ଇପିଏଫଓ କର୍ମଚାରୀବୃନ୍ଦ ଶ୍ରୀ ବାରିକଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ଜଣାଇଛନ୍ତି।




## ନିର୍ମାଣାଧୀନ ଘରୁ ଚୋରି କରି ୨ ଗିରଫ

ଭୁବନେଶ୍ୱର,୨୪।୮ (ସମିସ): ନିର୍ମାଣାଧୀନ ଘରୁ ଚୋରି କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୁଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୁନୁ ସିଂହ ଏବଂ ଲିଙ୍ଗରାଜ ସାହୁ।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ତାଙ୍କ ଘରେ ଏକା ରହୁଥିବା ବେଳେ ତାଙ୍କ ଘରର ଉପର ମହଲାର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଆଜି ସକାଳ ପ୍ରାୟ ୭.୩୦ ସମୟରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ଦୁଇ ଜଣ ଅଜଣା ବ୍ୟକ୍ତିଙ୍କୁ ନିର୍ମାଣ ଘରେ ପ୍ରବେଶ କରି ଚୋରି କରୁଥିବାର ଦେଖିଥିଲେ। ସେମାନେ ତୁରନ୍ତ ଅଭିଯୋଗକାରିଣୀ ଏବଂ ପିସିଆରକୁ ସୂଚନା ଦେଇଥିଲେ। ଅଭିଯୋଗକାରୀ ପରେ ଯାଞ୍ଚ କରିବାରୁ ଜାଣିବାକୁ ପାଇଥିଲେ ଯେ, ତାଙ୍କ କଟର ମେସିନ୍, ବିଦ୍ୟୁତ୍ ତାର, ସ୍ୱିଚ୍ ବୋର୍ଡ ଏବଂ ଅନ୍ୟାନ୍ୟ ଲୁହା ସାମଗ୍ରୀ ଘଟଣାସ୍ଥଳରୁ ଚୋରି ହୋଇଯାଇଛି। ପିସିଆର ଘଟନାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଚୋରି ସାମଗ୍ରୀ ସହିତ ତଦନ୍ତ ପାଇଁ ଥାନାକୁ ଆଣିଥିଲେ। ତଲାସୀ ସମୟରେ, ଅଭିଯୁକ୍ତଙ୍କ ହେପାଜତରୁ ଗୋଟିଏ ତାର କଟର (ଲାଲ ଏବଂ ହଳଦିଆ ହ୍ୟାଣ୍ଡେଲ) ଏବଂ ପ୍ରାୟ ୪୦ ମିଟର ବିଭିନ୍ନ ପ୍ରକାରର କଟିଙ୍ଗ ତାର ଜବତ କରାଯାଇଥିଲା।

## ମାମଲା ନ ସାରି ଥାନା ଛାଡୁଛନ୍ତି ଅଧିକାରୀ

# ଇନ୍ସପେକ୍ଟରଙ୍କ ନାମରେ ଗଡୁଛି ମାମଲା

ଭୁବନେଶ୍ୱର,୨୪।୮ (ସମିସ):

ମାମଲା ନସାରି ରାଜଧାନୀରୁ ଚମ୍ପଟ ମାରୁଛନ୍ତି ଥାନା ଅଧିକାରୀ। ଯାହାଫଳରେ ଥାନା ଇନ୍ସପେକ୍ଟରଙ୍କ ନାମରେ ଗଡୁଛି ପୁଳାପୁଳା ମାମଲା। ଯେଉଁଥି ପାଇଁ ଏବେ ଥାନା ଅଧିକାରୀ ବଡ଼ବଡ଼ ମାମଲା ନେବାକୁ କୁଣ୍ଠ କୁଣ୍ଠ ହେଉଛନ୍ତି। ଡିଜିପିଙ୍କ ସର୍କୁଲାରକୁ ବେଖାତିରି କରୁଛନ୍ତି ଥାନା ଅଧିକାରୀ। ପ୍ରତି ମାସରେ ୨ରୁ ୩ଟି ମାମଲା ନେବା କଥା କିନ୍ତୁ ସେମାନେ ତାହା କରୁ ନାହାନ୍ତି। କେବଳ ଥାନାର ଏସ୍ଆଇ ଉପରେ ଚାପ ପକାଉଛନ୍ତି। ଥାନାରେ ହାତ ଗଣତି ଏସ୍ଆଇ ଥିବାରୁ ସେମାନେ ମାମଲା ଚାପରେ ଚେପା ହୋଇଯାଉଛନ୍ତି। ଆଉ ମାମଲା ଶେଷ କରିବାକୁ ଯେଉଁ ଟାର୍ଗେଟ ଦିଆଯାଉଛି ସେମାନେ ମାନସିକ ଚାପରେ ରହୁଛନ୍ତି।

ପୁଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ରାଜଧାନୀରେ ପଡି ରହିଥିବା ୧୫ ହଜାର ମାମଲା ପୁଲିସ ମୁଖିଆଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସେଥିରୁ ଅତି ସମ୍ବେଦନଶୀଳ ୫୩୬ଟି ମାମଲା ରାଜଧାନୀରେ ଥିବା ଏକାଧିକ ଥାନା ଇନ୍ସପେକ୍ଟରଙ୍କ ନାମରେ ଗଡୁଛି। ଥାନା ଅଧିକାରୀଙ୍କ ଉପରେ କାର୍ଯ୍ୟଭାର ଏବଂ ଆଇନଶୃଙ୍ଖଳା ଦାୟିତ୍ୱ ପଡୁଥିବାରୁ ସେମାନେ ପୁରୁଣା କେସ୍ ସମାଧାନ କରିବାରେ ବିଳମ୍ବ ହେଉଛି। ଅନେକ ଥାନା ଅଧିକାରୀଙ୍କୁ ସମୟ ମିଳୁଥିଲେ ମଧ୍ୟ ସେମାନେ ମାମଲାକୁ କ୍ଲୋଜ୍ କରିବାକୁ ଚେଷ୍ଟା ଆଦୌ ଚେଷ୍ଟା କରୁନାହାନ୍ତି। ତେଣୁ ଥାନା ଅଧିକାରୀ ନେଉଥିବା ମାମଲାରେ ଏକାଧିକ ଅଭିଯୋଗକାରୀ ନ୍ୟାୟ ପାଇବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ସେମାନେ ନ୍ୟାୟ ପାଇବା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ସହରରେ ଘଟୁଥିବା ଅତି ସମ୍ବେଦନଶୀଳ ମାମଲା ଯଥା ବଳାତ୍କାର, ଗଣବଳାତ୍କାର, ହତ୍ୟା, ସାଇବର ଅପରାଧ, ଠକେଇ ଭଳି ମାମଲା ଇନ୍ସପେକ୍ଟର ନେଉଛନ୍ତି। ପ୍ରତି ଥାନାର ଇନ୍ସପେକ୍ଟରମାନଙ୍କୁ ମାସକୁ ୩ଟି ମାମଲା ନେବାକୁ ପୁଲିସ ମୁଖ୍ୟାଳୟରୁ ନିର୍ଦ୍ଦେଶ ରହିଛି। କିନ୍ତୁ ପୂର୍ବରୁ ଏସ୍ଆଇଙ୍କୁ ତଦନ୍ତ ଦାୟିତ୍ୱ ଦେଇ ଥାନା ଅଧିକାରୀ ବସିପଡୁଥିଲେ। ହେଲେ ବର୍ତ୍ତମାନ ସେମାନେ ଖସିବା ଏକ ପ୍ରକାର ଅସମ୍ଭବ ହୋଇପଡିଛି।

ମିଳିଥିବା ତଥ୍ୟ ଅନୁସାରେ, ରାଜଧାନୀର ୧୪ଟି ଥାନାର ଇନ୍ସପେକ୍ଟର ଗତ ୧୦ ବର୍ଷରେ ୧ହଜାର ୫୧୩ଟି ମାମଲା ନେଇଛନ୍ତି। ସେଥିରୁ ୫୩୬ରୁ ଊର୍ଦ୍ଧ୍ୱ ମାମଲା ବର୍ତ୍ତମାନ ସୁଦ୍ଧା ପଡି ରହିଛି। ପଡି ରହିଥିବା ମାମଲା ଅତି ସମ୍ବେଦନଶୀଳ ହୋଇଥିବାରୁ ଏହାର ତଦନ୍ତ ଶେଷ ନହେବା ପୁଲିସ ପାଇଁ ଲଜ୍ୟାର ବିଷୟ ପାଲଟିଛି। ତଥ୍ୟ ଅନୁସାରେ କ୍ୟାପିଟାଲ ଥାନା ଇନ୍ସପେକ୍ଟର ୧୬୨ଟି ମାମଲା ନେଇଥିବା ବେଳେ ତାଙ୍କ ନାମରେ ୭୦ଟି ମାମଲା ଗଡୁଛି। ସେହିପରି ଭରତପୁର ଥାନା ଅଧିକାରୀ ୫୦ଟି ମାମଲା ନେଇଥିବା ବେଳେ ୨୦ଟି ମାମଲା ତାଙ୍କ ନାମରେ ଗଡୁଛି। ମହିଳା ଥାନା ଇନ୍ସପେକ୍ଟର ୧୫୫ଟି ମାମଲା ନେଇଥିବା ବେଳେ ତାଙ୍କ ନାମରେ ୩୦ଟି ମାମଲା ଗଡୁଛି। ଖାରବେଳନଗର ଥାନା ଅଧିକାରୀ ୧୩୪ଟି ମାମଲା ନେଇଥିବା ବେଳେ ୪ଟି ମାମଲା ତଦନ୍ତ ନହୋଇ ପଡ଼ି ରହିଛି। ବଡଗଡ ଥାନା ଅଧିକାରୀ ୯୯ଟି ମାମଲା ନେଇଥିବା ବେଳେ ସେଥିରୁ ୧୫ଟି ମାମଲାର ତଦନ୍ତ ହୋଇପାରିନି। ଖଣ୍ଡଗିରି ଥାନା ଅଧିକାରୀ ୧୦୩ଟି ମାମଲା ନେଇଥିବାବେଳେ ୩୩ଟି ମାମଲାର ତଦନ୍ତ ଶେଷ ହୋଇପାରିନାହିଁ। ଲକ୍ଷ୍ମୀସାଗର ଥାନା ଅଧିକାରୀ ୮୬ଟି ମାମଲା ନେଇଥିବା ବେଳେ ୪୮ଟି ମାମଲା ତଦନ୍ତ ଶେଷ କରିନାହାନ୍ତି। ସହିନଗର ଥାନା ଅଧିକାରୀ ୧୪୫ଟି ମାମଲା ନେଇଥିବା ବେଳେ ୪୦ଟି ମାମଲାର ତଦନ୍ତ ତାଙ୍କ ନାମରେ ଗଡୁଛି। ମଞ୍ଚେଶ୍ୱର ଥାନା ଅଧିକାରୀ ୧୨୮ଟି ମାମଲା ନେଇଥିବା ବେଳେ ୫୦ଟି ମାମଲା ତାଙ୍କ ନାମରେ ଗଡୁଛି। ସେହିପରି ନୂଆପଲ୍ଲୀ ଥାନା ଅଧିକାରୀ ୧୨୫ଟି ମାମଲା ନେଇଥିବା ବେଳେ ୪୦ଟି ମାମଲାର ତଦନ୍ତ ଶେଷ କରିପାରିନାହାନ୍ତି। ଚନ୍ଦ୍ରଶେଖପୁର ଥାନା ଅଧିକାରୀ ୮୬ଟି ମାମଲା ନେଇଥିବା ବେଳେ ୪୬ଟି ମାମଲାର ତଦନ୍ତ ଶେଷ କରିପାରିନାହାନ୍ତି। ଇନ୍‌ଫୋସିଟି ଥାନା ଅଧିକାରୀ ୬୦ ମାମଲା ନେଇଥିବା ବେଳେ ୩୫ଟି ମାମଲାର ତଦନ୍ତ ହୋଇପାରିନାହି। ଏୟାରପୋର୍ଟ ଥାନା ଅଧିକାରୀ ୫୫ଟି ମାମଲା ନେଇଥିବା ବେଳେ ୨୫ଟି ମାମଲାର ତଦନ୍ତ ଶେଷ କରି ପାରିନାହାନ୍ତି। ଏୟାରଫିଲ୍ଡ ଥାନା ଅଧିକାରୀ ୮୫ଟି ମାମଲା ନେଇଥିବା ବେଳେ ୪୦ଟି ମାମଲା ତାଙ୍କ ନାମରେ ଗଡୁଛି। ଧଉଳି ଥାନା ଇନ୍ସପେକ୍ଟର ୯୦ ମାମଲା ନେଇଥିବା ବେଳେ ୪୦ଟି ମାମଲା ଶେଷ କରିପାରିନାହାନ୍ତି। ଏହାସହ ଚନ୍ଦକା, ନନ୍ଦନକାନନ,ବାଲିପାଟଣା ଏବଂ ବାଲିଅନ୍ତା ଥାନା ଅଧିକାରୀଙ୍କ ନାମରେ ୫୦ରୁ ଉର୍ଦ୍ଧ୍ୱ ମାମଲା ପଡିଥିବା ସୂଚନା ମିଳିଛି। କେବଳ ଥାନା ଅଧିକାରୀ ନୁହନ୍ତି ଜୋନ୍ ଏସିପି ୧୦ବର୍ଷରେ ୩୪୩ଟି ମାମଲା ନେଇଥିବା ବେଳେ ୧୯୪ଟି ମାମଲା ପଡି ରହିଛି।

**ଜୋନ୍ ଏସିପିଙ୍କ ନାମରେ ୧୯୪**

- ତଦନ୍ତ କରି ଅଭିଯୋଗକାରୀଙ୍କୁ ନ୍ୟାୟ ଦେବାରେ ବିଫଳ
- ପୁରୁଣା ମାମଲା ଗଡୁଥିବାରୁ ନୂଆ ନେବାକୁ କୁଣ୍ଠକୁଣ୍ଠ
- ଇନ୍ସପେକ୍ଟରଙ୍କ ନାମରେ ଗଡୁଛି ୫୩୬ରୁ ଉର୍ଦ୍ଧ୍ୱ ମାମଲା



ଥାନା ଅଧିକାରୀଙ୍କ ବଦଳି ବଢୁଛି ସମସ୍ୟା

ବହୁ ସମୟରେ ଥାନା ଅଧିକାରୀମାନଙ୍କୁ ବାରମ୍ବାର ବଦଳି କରାଯିବା ପରେ ଏହାର ପ୍ରଭାବ ପେଣ୍ଡିଂ କେସ୍ ଉପରେ ପଡୁଛି। ଗୋଟିଏ ଥାନାର ଇନ୍ସପେକ୍ଟରଙ୍କୁ ୬ମାସ ଭିତରେ ଅନ୍ୟତ୍ର ବଦଳି କରାଯାଉଛି। ଯାହାଫଳରେ ଅଧିକାରୀ ଜଣଙ୍କ ତଦନ୍ତ ନେଇଥିବା ମାମଲାକୁ ଠିକ୍ ସମୟରେ ଅନ୍ୟ ଇନ୍ସପେକ୍ଟରଙ୍କୁ ହସ୍ତାନ୍ତର କରିପାରୁ ନାହାନ୍ତି। ଶେଷରେ ସମସ୍ତ ମାମଲା ନେଇ ଥାନା ଅଧିକାରୀ କେସ୍ ଫାଇଲ୍‌କୁ ପଢି ଫେରାର ଥିବା ଅପରାଧୀ ଧରି ମାମଲା କ୍ଲୋଜ୍ କରିବାରେ ବିଳମ୍ବ ହେଉଛି।

## ସରକାରଙ୍କ ନିୟମକୁ ଖୋଲା ଉଲ୍ଲଙ୍ଘନ

# ସକାଳୁ ସକାଳୁ ଖୋଲିଯାଉଛି ମଦ ଦୋକାନ

**ସାଲେପୁର,୨୪।୮ (ସମିସ):** ସାଲେପୁର ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଥିବାବେଳେ ସରକାରୀ ସ୍ୱୀକୃତିପ୍ରାପ୍ତ ମଦଦୋକାନୀମାନେ ସରକାରଙ୍କ ନିୟମକୁ ବେଖାତିର କରି ମନଇଚ୍ଛା ମଦ ବିକ୍ରୟ କରୁଥିବାରୁ ରାତି ପାହୁ ପାହୁ ବହୁ ବ୍ୟକ୍ତି ନିଶା ସେବନ କରି ରାସ୍ତାରେ ଗଡୁଥିବାବେଳେ କେତେକ ମଧ ଏହି ନିଶା ସେବନ କରି ଛୋଟବଡ଼ ଅପରାଧ ଘଟାଉଥିବା ଅଭିଯୋଗ ହେଉଛି। ସରକାରଙ୍କ ନିୟମ ଅନୁଯାୟୀ ଦେଶୀ ଓ ବିଦେଶୀ ମଦ ଦୋକାନ ସକାଳ ୧୦.୩୦ଟାରୁ ରାତ୍ରି ୧୦.୩୦ ପର୍ଯ୍ୟନ୍ତ ଖୋଲିବାର ନିୟମ ଥିଲାବେଳେ ସାଲେପୁରରେ ଥିବା ଏକାଧିକ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନ ସକାଳ ୬ଟାରୁ ମଦ ଦୋକାନ ସଟର ଅଧା ଖୋଲି ମଦ ବିକ୍ରୟ କରୁଥିବା ଦେଖିବାକୁ ମିଳିଛି। ଫଳରେ ମଦ ଦୋକାନ ଖୋଲିବାର ନିୟମ କାନୁନ ଠିକ୍ ଭାବେ ଏହି ଅଞ୍ଚଳରେ କାର୍ଯ୍ୟକାରୀ ହେଉ ନ ଥିବାରୁ ନିଶାଡ଼ିମାନେ ବିଭିନ୍ନ ସମୟରେ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ରାସ୍ତାକଡ଼ରେ ପଡୁଥିବାବେଳେ ବହୁ ଅସାମାଜିକ ବ୍ୟକ୍ତି ନିଶା ସେବନ କରି ଦିନ ଦ୍ୱିପ୍ରହରରେ ଅସାମାଜିକ କାର୍ଯ୍ୟ ଘଟାଇ ଚାଲିଥିବା ଅଭିଯୋଗ ହେଉଛି। ସେହିପରି




ସାଲେପୁର ସହର ଅପେକ୍ଷା ଗ୍ରାମାଞ୍ଚଳରେ ବ୍ୟାପକ ମାତ୍ରାରେ ଚୋରା ଦେଶୀ ଓ ବିଦେଶୀ ମଦ ଛକରେ ବିକ୍ରୟ ହେଉଛି। ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ମାଲିକଙ୍କ ଜାଣତରେ ଭୋର ସମୟରେ ସ୍କୁଟର ଓ ମୋଟର ସାଇକଲ ଯୋଗେ ଗ୍ରାମାଞ୍ଚଳକୁ ମଦ ଚାଲାଣ ହେଉଛି। ସେହିପରି ସାଲେପୁରରେ ଥିବା ଏକାଧିକ ସରକାରୀ ସ୍ୱୀକୃତିପ୍ରାପ୍ତ ଠିପି ବନ୍ଦ ମଦ ଦୋକାନ ଆଗରେ ସକାଳୁ ରାତି ପର୍ଯ୍ୟନ୍ତ ବାର ଭଳି ଖୁଲମଖୁଲା ମଦ୍ୟପାନ କରୁଛନ୍ତି। ସାଲେପୁର ଅବକାରୀ ବିଭାଗ ଏ ସଂପର୍କରେ ଅବଗତ ଥାଇ ମଧ ଏହି ବେଆଇନ୍ କାର୍ଯ୍ୟ ଚଳାଇଥିବା ମଦ ଦୋକାନ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଫଳରେ ସାଲେପୁରରେ ଏକାଧିକ ଠିପିବନ୍ଦ ମଦ ଦୋକାନରେ ଖୁଲମଖୁଲା ବାର ଭଳି ମଦ ବିକ୍ରୟ ଚାଲିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ବସ୍‌କୁ ଧକ୍କାଦେଲା ଟ୍ରକ; ହେଲପର ମୃତ

**ଫୁଲନଖରା,୨୪।୮ (ସମିସ):** କଟକ ଭୁବନେଶ୍ୱର ୧୬ନଂ ଜାତୀୟ ରାଜପଥରେ କଟକ ଆଡୁ ଭୁବନେଶ୍ୱର ଯାଉଥିବା ରୋହିତ ନାମକ ବସ୍‌କୁ ପଛପଟୁ ଏକ ଟ୍ରକ୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ବସ ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ଭୋର୍ ସାଢ଼େ ୪ଟା ବେଳେ ଫୁଲନଖରା ଓଭରବ୍ରିଜ୍‌କୁ ଉଠିବା ପୂର୍ବରୁ ବସ୍‌ଟି ଯାତ୍ରୀଙ୍କୁ ଓହ୍ଲାଇବାକୁ ଅଟକିଥିଲା। ଗାଡିରୁ ଯାତ୍ରୀମାନେ ଓହ୍ଲାଇ ପଡିଥିଲେ। ଯାତ୍ରୀଙ୍କ ଲଗେଜ୍‌କୁ କାଢ଼ିବାକୁ ବସ୍ ହେଲ୍‌ପର ବସ୍ ପଛପଟେ ଥିବା ବେଳେ ହଠାତ୍ ଏକ ଦ୍ରୁତଗାମୀ ଟ୍ରକ୍ ବସ୍ ପଛପଟେ ମାଡ କରିଥିଲା। ମୃତ ହେଲପର ଜଣକ ହେଲେ ବାଲେଶ୍ୱର ଅଞ୍ଚଳର ସୁଶାନ୍ତ ବେହେରା (୪୨)। ଖବର ପାଇ କଟକ ସଦର ଥାନା ପୁଲିସ ବଡ଼ ଡାକ୍ତରଖାନା ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଘଟଣାସ୍ଥଳରୁ ପୁଲିସ ଗାଡି ଦୁଇଟିକୁ ଜବତ କରିବା ସହ ତଦନ୍ତ କରୁଛି।

## ଅଗ୍ନିକାଣ୍ଡରେ ଗାଈ ଜୀବନ୍ତ ଦଗ୍ଧ

**ଭଦ୍ରେଶ୍ୱର,୨୪।୮ (ସମିସ):** ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ମାହାଙ୍ଗା ବ୍ଲକ କୁରୁଜଙ୍ଗା ଗ୍ରାମରେ ଏକ ଅଗ୍ନିକାଣ୍ଡରେ ଗୋଟିଏ ଗର୍ଭଣୀ ଗାଈ ଜୀବନ୍ତ ଦଗ୍ଧ ହୋଇଛି। ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ କୁରଜଙ୍ଗା ଗ୍ରାମର ସନ୍ତୋଷ କୁମାର ନାଥଙ୍କ ଗୁହାଳ ଘରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟିଥିଲା। ଏହି ଗୁହାଳ ଘରେ ବନ୍ଧା ହୋଇଥିବା ଏକ ଅଢେଇବର୍ଷର ଗର୍ଭଣୀ ଗାଈ ଜୀବନ୍ତ ଦଗ୍ଧ ହୋଇଛି। ଖବର ପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା ନିମନ୍ତେ ଶ୍ରୀ ନାଥ ମାହାଙ୍ଗା ବ୍ଲକ ପଶୁ ସମ୍ପଦ ଚିକିତ୍ସାଧିକାରୀଙ୍କ ନିକଟରେ ଲିଖିତ ଗୁହାରି କରିଛନ୍ତି।

## ମସ୍ତିଷ୍କାଘାତରେ ମହିଳାଙ୍କ ମୃତ୍ୟୁ



**ନିଶ୍ଚିନ୍ତକୋଇଲି,୨୪।୮ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମର ମୁରବୀ ପ୍ରହ୍ଲାଦ ରାଉତଙ୍କ ଧର୍ମପତ୍ନୀ ଆଦର୍ଶ ଗୃହିଣୀ ହେମଲତା ରାଉତଙ୍କ ମସ୍ତିଷ୍କାଘାତରେ ମୃତ୍ୟୁ ହୋଇଛି। ତାଙ୍କ ବିୟୋଗରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ନିଶ୍ଚିନ୍ତକୋଇଲି ମଣ୍ଡଳ ସଭାପତି ସଞ୍ଜୟ ବେହେରା, ରାକେଶ ରାଉତ, ବଟକୃଷ୍ଣ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପରିବାରକୁ ସମବେଦନା ଜଣାଇଛନ୍ତି। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ନାତି ରାଜୀବଲୋଚନ ମୁଖାଗ୍ନି ଦେଇଥିଲେ।

## ଅଗ୍ନିକାଣ୍ଡରେ ଚାଳଘର ଭସ୍ମୀଭୂତ

**କିଶୋରନଗର,୨୪।୮ (ସମିସ):** କିଶନନଗର ତହସିଲ ଅରିଲୋ ପଞ୍ଚାୟତ ରାମକୁମାରପୁର ଗ୍ରାମର ଇନ୍ଦ୍ରମଣୀ ବେହେରାଙ୍କ ଗୋଟିଏ ଚାଳଛପର ଘର ରବିବାର ଅପରାହ୍ନ ସମୟରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ଘରେ ଥିବା ଘରର ଆସବାବପତ୍ର ପୋଡି ଯାଇଛି। ବିରିଡି ଅଗ୍ନିସେବା କେନ୍ଦ୍ର ଆସି ନିଆଁକୁ ଆୟତ୍ତ କରିଥିଲେ। ମଶା ପାଇଁ ଘରର ପଛପଟେ ଘଷି ନିଆଁ ଲଗାଇ ଧୂଆଁ ଦେଉଥିବା ସମୟରେ ଘରେ ନିଆଁ ଲାଗିଯାଇଥିବା ଜଣାପଡ଼ିଛି।

## ନୂତନ ଜ୍ଞାନ ପ୍ରୟୋଗଭିତ୍ତିକ ବ୍ୟବସାୟ ସମ୍ପର୍କିତ କର୍ମଶାଳା

**ଚୌଦ୍ୱାର,୨୪।୮ (ସମିସ):** ଚୌଦ୍ୱାର କଲେଜରେ ନୂତନତ୍ୱ ଜ୍ଞାନ ପ୍ରୟୋଗ ଭିତ୍ତିକ ବ୍ୟବସାୟ ପଦ୍ଧତି ବିଷୟରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲା ମଣିଜଙ୍ଗା କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ତପନ କୁମାର ପଲାଇ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଫୁଲ୍ଲ ସାହୁଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାକୁ କଲେଜ ଅଧକ୍ଷା ରଶ୍ମି ରାଉତରାୟ ଉଦ୍‌ଘାଟନ କରିଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପକ ଲକ୍ଷ୍ମଣ କରଣ ନୂତନତା ଭିତ୍ତିକ ବ୍ୟବସାୟିକ ପଦ୍ଧତି ଓ ପ୍ରାରମ୍ଭିକ ପ୍ରୟାସର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ବାଣିଜ୍ୟ ଭିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରଭାକର ମିଶ୍ର ଛାତ୍ରଛାତ୍ରୀଙ୍କୁ ଏ ସମ୍ପର୍କିତ ନୂତନ ପ୍ରକଳ୍ପ ପ୍ରସ୍ତୁତ କରି ଏହା କାର୍ଯ୍ୟକାରୀ କରିବା ପାଇଁ ପ୍ରେରଣା ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ସୁମନ୍ତ ସାହୁ ଧନ୍ୟବାଦ ଜଣାଇଥିଲେ।

## ସୁନା ବ୍ୟବସାୟୀଙ୍କୁ ଲୁଟ୍ ଘଟଣା: ୫ ଗିରଫ



**କଣ୍ଟାପଡ଼ା,୨୪।୮ (ସମିସ):** ଗୋବିନ୍ଦପୁର ଥାନା ଗୋବିନ୍ଦପୁର ବଜାରରେ ସୁନାରୁପା ଦୋକାନ କରିଥିବା ବ୍ୟବସାୟୀ ସୁନୀଲ ସାହୁଙ୍କଠାରୁ ଲୁଟ ଘଟଣାରେ ପୁଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଚଳିତ ମାସ ୧ ତାରିଖ ସନ୍ଧ୍ୟା ୮ଟା ସମୟରେ ଦୋକାନ ବନ୍ଦ କରି ସୁନାରୂପା ଗହଣା ବ୍ୟାଗରେ ଭର୍ତ୍ତିକରି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଦେବୀ ନଦୀ ଉପରେ ନବନିର୍ମିତ ଗୋବିନ୍ଦପୁରରୁ ସଂଖାରୀ ସାହିକୁ ସଂଯୋଗ କରୁଥିବା ପୋଲ ନିକଟରେ ହଠାତ କିଛି ଦୁର୍ବୃତ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ସୁନା ଓ ରୂପା ଗହଣା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଶ୍ରୀ ସାହୁ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗତକାଲି ଗୋବିନ୍ଦପୁର ଥାନା ମାଙ୍ଗ ଗ୍ରାମର ସୁଜିତ ବେହେରା, କନ୍ଦରପୁର ଥାନା କନ୍ଦରପୁର ଗ୍ରାମର ଭରତ କୁମାର ଦାସ ଓ ଏହି ଥାନା ବ୍ରାହ୍ମଣବାଦ ଗ୍ରାମର ରାକେଶ ଶୁକ୍ଳା ଏବଂ ଜଗତସିଂହପୁର ଜିଲ୍ଲା ବିରିଡି ଥାନା ଅଞ୍ଚଳର ସରୋଜ ନାଥ ଓ କାଳନ୍ଦୀ ବେହେରାଙ୍କୁ ଗିରଫ କରିଥିବାବେଳେ ଘଟଣାରେ ସଂପୃକ୍ତ ଅନ୍ୟ ଦୁଇଜଣଙ୍କୁ ଖୋଜା ଚାଲିଛି। ଏହି ଲୁଟ ଘଟଣାରେ ଏକ ଟିଭିଏସ ଆପାଚେ ବାଇକ ସୁନାରୂପା ଅଳଙ୍କାର ଓ ବୈଦେଶିକ ମୁଦ୍ରା ପୁଲିସ ଜବତ କରିଥିବା ଗୋବିନ୍ଦପୁର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ମିନାକ୍ଷୀ ଠାକୁର ପ୍ରକାଶ କରିଛନ୍ତି। ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ କଟକ ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ କିରନ ହେମ୍ବ୍ରମ୍ ନିଆଳୀ ଥାନା ଆଇଆଇସି ବିଜୟ ମଲ୍ଲିକ ଓ ଗୋବିନ୍ଦପୁର ଥାନା ଓ ଆଇଆଇସି ସୋନିଲା ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ସଂସ୍କୃତ ମହାବିଦ୍ୟାଳୟରେ ଟେରାକୋଟା ପ୍ରଶିକ୍ଷଣ




**ନିଶ୍ଚିନ୍ତକୋଇଲି,୨୪।୮ (ସମିସ):** ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ କଟରପଡ଼ା ସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ସଂସ୍କୃତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଟେରାକୁଟା ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଅଞ୍ଜୁଶ୍ରୀ ଖଣ୍ଡାୟୀଙ୍କ ପୌରହିତ୍ୟରେ ଉକ୍ତ ତାଲିମ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଶିକ୍ଷକ ଭାବେ କାଞ୍ଚନ ବେହେରା ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଶାନ୍ତ ପଣ୍ଡାଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ସୋମନାଥ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଡ. ପ୍ରତିଚୀ ମହାନ୍ତି, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁଜନ ବେହେରା, ଅଧ୍ୟାପକ ଆଶିଷ ନାୟକ, ସୁଦୀପ୍ତ ସ୍ୱାଇଁ, ରବୀନ୍ଦ୍ରନାଥ ଆଚାର୍ଯ୍ୟ, ତନ୍ମୟକିଶୋର ଦାସ, ଅନୀଲ ସାହୁ ଯୋଗ ଦେଇଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ଜେନା ଧନ୍ୟବାଦ ଦେଇଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରୁ ନବଜାତକ ଉଦ୍ଧାର

**ଫୁଲନଖରା,୨୪।୮ (ସମିସ):** କଟକ ସଦର ଥାନା ଅନ୍ତର୍ଗତ ମହୀଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ଏକ ଗଛମୂଳରୁ ଏକ ନବଜାତ ଶିଶୁ କନ୍ୟାଟିଏ ଉଦ୍ଧାର ହୋଇଛି। ଭୋର ସମୟରେ ଲୋକମାନେ ଗୋଟିଏ ଗଛମୂଳରେ ଟାୱେଲ ଉପରେ ଏକ ଶିଶୁକନ୍ୟା କାନ୍ଦୁଥିବାର ଦେଖି ସଙ୍ଗେ ସଙ୍ଗେ ନିକଟସ୍ଥ ମହୀଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତରମାନେ ଶିଶୁଟିର ପ୍ରାଥମିକ ଚିକିତ୍ସା କରିଥିଲେ। ଚିକିତ୍ସା ସମୟରେ ପିଲାଟିର ବାପା ମା କେହି ଆସି ନ ଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ କଟକ ସଦର ପୁଲିସକୁ ଏ ବିଷୟରେ ଜଣାଇଥିଲେ। କଟକ ସଦର ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପିଲାଟିର ଉପଯୁକ୍ତ ଯତ୍ନ ନିମନ୍ତେ ତୁରନ୍ତ ଶିଶୁ ଭବନକୁ ସ୍ଥାନାନ୍ତରିତ କରିଥିଲେ।



ପିଲାଟିକୁ ନିଛାଟିଆ ସ୍ଥାନରେ ରାତିରେ କେହି ଶୁଆଇ ଦେଇ ଚାଲି ଯାଇଥିବାର ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି।

## ଏନ୍‌ସିସିର ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର

**ଅଡଶପୁର,୨୪।୮ (ସମିସ):** କଣ୍ଟାପଡା ବ୍ଲକ ଅଡଶପୁରସ୍ଥିତ ଓଡିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ଓଡିଶା ବାଟାଲିୟନ କଟକ ୧ ତରଫରୁ ୧୦ ଦିନିଆ ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଅଗସ୍ତି କାନୁନଗୋ, ଅଧକ୍ଷା ପ୍ରଫେସର ଚିରଶ୍ରୀ ଇନ୍ଦ୍ର ସିଂ, କମାଣ୍ଡିଂ ଅଫିସର ବୁଲୁବୁଲ ଭୂୟାଁ ଏବଂ ମହାବିଦ୍ୟାଳୟ ଏନସିସି କ୍ୟାପଟେନ ଅର୍ଜୁନ ରାଉତ ଯୋଗଦେଇଥିଲେ। ଏହି ଶିବିରରେ ଓଡିଶା ବାଟାଲିୟନ କଟକ ୧ ଅଧିନସ୍ଥ



୨୧ଟି ମହାବିଦ୍ୟାଳୟର ଏବଂ ୩୩ଟି ଉଚ୍ଚ ବିଦ୍ୟାଳୟ ୬୦୦ ଜଣ କ୍ୟାଡେଟ ଭାଗ ନେଇଛନ୍ତି। ୧୦ ଦିନ ଧରି ଏହି ଶିବିର ଚାଲିବାକୁ ଥିବା ବେଳେ ପ୍ରଥମ ବନ୍ଧୁକ ଚାଳନା, ପ୍ୟାରେଡ ଓ ଡ୍ରିଲ ଭଳି ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ସହ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ଶିବିରରେ ୫୦ରୁ ଅଧିକ ଆର୍ମି, ପୁଲିସ ଏବଂ ଡାକ୍ତରୀ ଦଳ ନିୟୋଜିତ ଅଛନ୍ତି।

## ସେଚ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି,୨୪।୮ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପୁରୁଂଶଠାରେ ଥିବା ଜଳସେଚନ ବିଭାଗ କାର୍ଯ୍ୟାଳୟ କର୍ମଚାରୀ ହରିଚନ୍ଦନ ସେନାପତି ତାଙ୍କ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ସହକାରୀ ଯନ୍ତ୍ରୀ ନବୀନ କିଶୋର ପାଣିଗ୍ରାହୀଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ପ୍ରମୋଦ ସାହୁ, ପ୍ରଶାନ୍ତ ବେହେରା, ସୋମନାଥ ପ୍ରଧାନ, ଶରତଚନ୍ଦ୍ର ଶତପଥୀ, ଗଜେନ୍ଦ୍ର ଦାସ, ସୁଧାକର ଦାସ, ପ୍ରାଣକୃଷ୍ଣ ସାହୁ, ଶୁକଦେବ ସାହୁ, ମୃତ୍ୟୁଞ୍ଜୟ ସ୍ୱାଇଁ ଯୋଗ ଦେଇଥିଲେ।



## ବେସରକାରୀ ଅଧ୍ୟାପକ-କର୍ମଚାରୀଙ୍କ ଧାରଣା

**ଅଡ଼ଶପୁର,୨୪।୮ (ସମିସ):** କଣ୍ଟାପଡା ବ୍ଲକ ଅଡ଼ଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟକ ମହାବିଦ୍ୟାଳୟର ବେସରକାରୀ ଅଧ୍ୟାପିକା ଓ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ଏହାଦ୍ୱାରା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଠପଢା ଓ ବିଭିନ୍ନ କାଯ୍ୟ ବାଧାପ୍ରାପ୍ତ ହୋଇଛି। ସମାଜର କାମ କରି ସେମାନେ ଅତି ସ୍ୱଳ୍ପ ଦରମାରେ ବିଦ୍ୟାଦାନ କରୁଛନ୍ତି। ୨୦୦୮ରୁ ୨୦୧୮ ଅନୁଦାନ ଦାବି ପୂରଣ ସହ ଅନ୍ୟ ଦାବି ପୂରଣ ନ ହେଲେ ଏହି ଧାରଣା ଜାରି ରହିବ ବୋଲି



କୁହାଯାଇଛି। ଏହି ଆନ୍ଦୋଳନରେ ଅଧ୍ୟାପିକା ଲିତାରାଣୀ ପ୍ରଧାନ, ଅଧ୍ୟାପିକା ଇତିଶ୍ରୀ ଆଚାର୍ଯ୍ୟ, ଶୁଭଶ୍ରୀ ତ୍ରିପାଠୀ, ସନ୍ତୋଷୀ ମହାନ୍ତି, ଅଧ୍ୟାପକ ରାଜେନ୍ଦ୍ର ଦକ୍ଷିଣକବାଟ, ବିଭୂତିଭୂଷଣ ସ୍ୱାଇଁ, ପ୍ରଗତି ସିଂ, ସ୍ୱର୍ଣ୍ଣପ୍ରଭା ସାହୁ ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି।

## ଡାକ୍ତର ପ୍ରଭୁପଦଙ୍କ ୧୭ତମ ସ୍ମୃତି ଉତ୍ସବ



**ମାହାଙ୍ଗା, ୨୪।୮ (ସମିସ):** ସୁନାମଧନ୍ୟ ଚିକିତ୍ସକ, ବିଶିଷ୍ଟ ଶିକ୍ଷାବିତ, ସେବା ଓ ତ୍ୟାଗର ପ୍ରତିକ ଡାକ୍ତର ପ୍ରଭୁପଦ ମହାନ୍ତିଙ୍କ ୧୭ତମ ସ୍ମୃତି ଶ୍ରଦ୍ଧାଞ୍ଜଳି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବ୍ଲକ କୁହୁଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ସମାଜ ପାଇଁ ଡାକ୍ତର ମହାନ୍ତିଙ୍କ ସେବା ଓ ତ୍ୟାଗର ପଟାନ୍ତର ନାହିଁ ବୋଲି ମତବ୍ୟକ୍ତ କରିଥିଲେ। କୋଠପଦା ବଜାର ଠାରୁ କୁହୁଣ୍ଡା ପଞ୍ଚାୟତ ପର୍ଯ୍ୟନ୍ତ ଏକ ପଟୁଆରରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଜନପ୍ରତିନିଧି, ଶୁଭେଚ୍ଛୁମାନେ ପହଞ୍ଚିବା ପରେ, ସେଠାରେ ନିର୍ମିତ ଡାକ୍ତର ମହାନ୍ତିଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିବା ସହିତ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ନିଖିଳେଶ ମହାନ୍ତି ଅଧକ୍ଷତା କରିଥିଲେ। ସାହିତ୍ୟିକ ଅଖିଳେଶ ମହାନ୍ତି, ଇଞ୍ଜିନିୟର ନିରଞ୍ଜନ ରାଉତ, ଅଧ୍ୟାପିକା ଜ୍ୟୋତିର୍ମୟୀ ମହାନ୍ତି, ପୂର୍ବତନ ସରପଞ୍ଚ ହେମନ୍ତ ପ୍ରଧାନ, ଶିଖିଳେଶ ମହାନ୍ତି, ରବୀନ୍ଦ୍ର ପୃଷ୍ଟି, ଗଣେଶ ବିହାରୀ, ଦେବପଦ ମହାନ୍ତି, ଦୁର୍ଗାମାଧବ ମହାନ୍ତି, ମମତା ମହାନ୍ତି, ଶ୍ରଦ୍ଧାଞ୍ଜଳି ମହାନ୍ତି, ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଗଣେଶ ବିହାରୀ ଧନ୍ୟବାଦ ଦେଇଥିଲେ।

## ଶିକ୍ଷାଜ୍ୟୋତି ସମ୍ମାନ-୨୦୨୫

# ୩୬ ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ବାଣ୍ଟିଲେ ବିଧାୟକ

**ଆଠଗଡ,୨୪।୮ (ସମିସ):** ଫୋରମ୍ ଅଫ ଏକାଡେମିକ୍ସ ଆନୁକୂଲ୍ୟରେ ଆଠଗଡ ନିର୍ବାଚନ ମଣ୍ଡଳୀ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ଶିକ୍ଷା ଜ୍ୟୋତି ସମ୍ମାନ -୨୦୨୫ ଲାପଟପ୍ ବଣ୍ଟନ କାର୍ଯ୍ୟକ୍ରମ ଆଠଗଡ ସହରସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ୧୫ ବର୍ଷ ଧରି ଚାଲୁ ରହିଥିବା ଉକ୍ତ କାର୍ଯ୍ୟକ୍ରମରେ କଟକ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଓଡିଆ ବିଭାଗର ପ୍ରାଧ୍ୟାପିକା ଡ. ସୁଜାତା ସାହାଣୀ ମୁଖ୍ୟଅତିଥି ଓ ଅଖିଳ ଭାରତ ଛାତ୍ର ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି ତଥା ଓଡିଆରେ ଡାକ୍ତରୀ ଶିକ୍ଷା, ଭଳି କିମ୍ଭୁତ କିମ୍ବାକାର ନୀତିକୁ ସମାଲୋଚନା କରିଥିଲେ। ମେଧାବୀ ଛାତ୍ରଛାତ୍ରୀମାନେ ଉଚ୍ଚତର ଶିକ୍ଷାଲାଭ କରି ନିଜ ସହିତ ନିଜର ସମାଜ ପାଇଁ ଉପଯୋଗୀ ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଅନୁଷ୍ଠାନ ସଭାପତି ପ୍ରଫେସର ଦାମୋଦର ମହାପାତ୍ର ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସରକାରୀ ଉଚ୍ଚବିଦ୍ୟାଳୟରୁ ମାଟ୍ରିକ ପରୀକ୍ଷାରେ ଏ-୧ ପାଇଥିବା ୧୫ ଜଣ ଛାତ୍ରଛାତ୍ରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଓ ଅନ୍ୟାନ୍ୟ ବେସରକାରୀ ବିଦ୍ୟାଳୟରୁ କେନ୍ଦ୍ରୀୟ ଶିକ୍ଷା ବୋର୍ଡରୁ ଏ-୧ପାଇ ମାଟ୍ରିକ ପାସ କରିଥିବା ୧୩ଜଣ ଛାତ୍ରଛାତ୍ରୀ, +୨ ପରୀକ୍ଷାରେ ୩ଟି ବିଭାଗ ଯଥା କଳା, ବିଜ୍ଞାନ ଓ ବାଣିଜ୍ୟରେ ସର୍ବୋଚ୍ଚ ରଖିଥିବା ୪ ଜଣ ଛାତ୍ରଛାତ୍ରୀଙ୍କ ସହିତ ଜଣେ ଦୃଷ୍ଟି ବାଧକ ଛାତ୍ରୀ ଓ +୩ରେ କଳା, ବିଜ୍ଞାନ, ବାଣିଜ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ଲାପଟପ୍ ବଣ୍ଟନ କରିଥିଲେ। କୁଇଜ, ପଜଲ ଓ ସାଂସ୍କୃତିକ ପ୍ରତିଯୋଗିତାରେ ୨ଟି ବର୍ଗରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୧୦ ହଜାର, ୫ ହଜାର ଓ ୩ ହଜାର ଲେଖାଁଏ ନଗଦ ଅର୍ଥ ରାଶି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ସମ୍ପାଦକ ପ୍ରାଧ୍ୟାପକ ଡ. ଶଶୀଭୂଷଣ ମିଶ୍ର ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଶତକଡା ୧୦୦ପ୍ରତିଶତ ପରୀକ୍ଷା ଫଳ କରିଥିବା ୧୭ଟି ସରକାରୀ ଉଚ୍ଚବିଦ୍ୟାଳୟ ଓ ୧୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପକ ଡ. ରାମଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଆଠଗଡ ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ଉପାଧକ୍ଷ ବି ଶୁଭ୍ର ଶଙ୍କର ଜ୍ୟୋତି, କାର୍ଯ୍ୟକ୍ରମର ସଂଯୋଜକ ଲଳିତମୋହନ ନାୟକ, ଶିକ୍ଷକ ନୀଳମଣି ନାୟକ କାର୍ଯ୍ୟକ୍ରମ ସଂଯୋଜନା ସହିତ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ଲାଭକରି ଆଠଗଡକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ।



## ବଦଳୁଛି ଗଣେଶ ପୂଜା ଟ୍ରେଣ୍ଡ

# ମହାଦେବ ବେଶରେ ପୂଜା ପାଇବେ ଶ୍ରୀଗଣେଶ



ନିଶ୍ଚିନ୍ତକୋଇଲି, ୨୪।୮ (ସମିସ)

ଆଉ ଦୁଇ ଦିନ ପରେ ଅଗ୍ରପୂଜ୍ୟ ଗଣନାୟକଙ୍କ ପୂଜା କରାଯିବ। ଏହି ଅବସରରେ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ବିଭିନ୍ନ ଆକର୍ଷଣୀୟ ଗଣେଶ ମେଢମାନ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସହରାଞ୍ଚଳ ଭଳି ଗ୍ରାମାଞ୍ଚଳରେ ମଧ୍ୟ ବଦଳୁଛି ଗଣେଶ ପୂଜାର ଟ୍ରେଣ୍ଡ। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ବିଭିନ୍ନ କ୍ଲବ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକରେ ପ୍ରତ୍ୟେକ ବର୍ଷ ବଡ଼ ଧୂମଧାମରେ ଗଣେଶ ପୂଜା ପାଳନ କରାଯାଉଥିଲା ବେଳେ ଚଳିତ ବର୍ଷ ମଧ୍ୟ ଯାକଜକମରେ ପାଳନ କରାଯିବ ବୋଲି ଜୋରଦାର ଉଦ୍ୟମ ଚାଲିଛି। ବିଶେଷ କରି ପୂଜା ମଣ୍ଡପ ଗୁଡ଼ିକରେ ସାଧାରଣ ଗଣେଶ ମୂର୍ତ୍ତି ନିର୍ମାଣକୁ ଅଧିକ ଗୁରୁତ୍ୱ ନ ଦିଆଯାଇ ଅନ୍ୟାନ୍ୟ ଦେବାଦେବୀଙ୍କ ବେଶରେ ଗଣେଶ ମୂର୍ତ୍ତି ତିଆରି କରାଯାଇଥିବା ଦେଖାଯାଉଛି। ନିଶ୍ଚିନ୍ତକୋଇଲି ମହାବୀର କ୍ଲବରେ ବିଗତ ୬୦ବର୍ଷ ଧରି ଗଣନାୟକଙ୍କ ପୂଜାର୍ଚ୍ଚନା ହୋଇ ଆସୁଥିଲାବେଳେ ଚଳିତ ବର୍ଷ ଏକ ନିଆରା ଢଙ୍ଗରେ ଗଣେଶ ପୂଜା ପାଳନ ପାଇଁ ନିଷ୍ପତ୍ତି ହୋଇଛି। ଏହି କ୍ଲବର ପୂଜା ମଣ୍ଡପରେ ୨୫ଫୁଟ ଉଚ୍ଚତା ବିଶିଷ୍ଟ ଏକ ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇ ବର୍ତ୍ତମାନ ଖଡ଼ିଦେବା କାର୍ଯ୍ୟ ଚାଲିଛି। ଏହି କ୍ଲବରେ ବିଗତ ବର୍ଷ ମାନଙ୍କରେ ନୂଆ ନୂଆ ବେଶରେ ଗଣେଶଙ୍କ ମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲେ ମଧ୍ୟ ଏ ବର୍ଷ ମହାଦେବଙ୍କ ବେଶରେ ଆକର୍ଷଣୀୟ ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇଛି। ଏହି ଗଣେଶ ମୂର୍ତ୍ତିଙ୍କ ନିକଟରେ ୧ କ୍ୱିଣ୍ଟାଲ ବିଶିଷ୍ଟ ଏକ ମୋତିଚୁର ଲଡ୍ଡୁ ଭୋଗ କରାଯିବ ବୋଲି ଜଣାଯାଇଛି। ଅପରପକ୍ଷରେ ଧୁମ୍‌ଧାମ୍ ସାଜସଜ୍ଜା ସହିତ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମହାଆଡ଼ମ୍ବରରେ ପାରମ୍ପାରିକ ବାଦ୍ୟ, ନୃତ୍ୟ ଓ ଆତସବାଜି ସହ ଭସାଣୀ କାର୍ଯ୍ୟକ୍ରମ ହେବ ବୋଲି କ୍ଲବ ପକ୍ଷରୁ ସ୍ଥିର କରାଯାଇଛି। ଏହି ଗଣେଶ ପୂଜା ୧୦ଦିନ ଧରି ଅନୁଷ୍ଠିତ ହେବ ପ୍ରତ୍ୟେକ ଦିନ ଭଜନ ସନ୍ଧ୍ୟା ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯିବ ବୋଲି ଜଣାଯାଇଛି। କ୍ଲବର ସଭାପତି ଜ୍ୟୋତିରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ସମ୍ପାଦକ ସନ୍ତୋଷ ଦାସ, ସଭ୍ୟ ଦେବେନ୍ଦ୍ର ସାହୁ, ରାଜକିଶୋର ପଲେଇ, ମାନସରଞ୍ଜନ ସାହୁ, ମାନସ ସାହୁ, ଶିବଶଙ୍କର ସାହୁ, ଅଶୋକ ପଲେଇ, ତ୍ରିଲୋଚନ ଦାସ, ଦେବୀପ୍ରସାଦ ସ୍ୱାଇଁ, ବିଶ୍ୱରଞ୍ଜନ ଦାସ, ସତ୍ୟପ୍ରକାଶ ବେହେରା, ପଙ୍କଜ ମହାନ୍ତି, ଦେବେନ୍ଦ୍ର ଦଳେଇ, ସୁଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ଭୋଗ ଲାଗିବ ୧ କ୍ୱିଣ୍ଟାଲ ମୋତିଚୁର ଲଡ୍ଡୁ

## ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର



ନରସିଂହପୁର, ୨୪।୮ (ସମିସ): ଆଉ କେଇଟା ଦିନ ପରେ ଗଣେଶ ପୂଜା। ଏହି ପରିପ୍ରେକ୍ଷୀରେ ଅଗ୍ରପୂଜ୍ୟ ଗଣପତିଙ୍କ ମୃଣ୍ମୟୀ ମୂର୍ତ୍ତିରେ ଦର୍ଶକଙ୍କ ମନକୁ କିଣିବା ପାଇଁ କାରିଗର ଲାଗିପଡ଼ିଛନ୍ତି। ସେହିଭଳି ଜଣେ କାରଗର ହେଉଛନ୍ତି ବାଲିସାହି ପଞ୍ଚାୟତର ନୂଆଗାଁ ଗ୍ରାମର ଦୁର୍ଗା ଦାସ। ସେ ଖାଲି ଗଣେଶ ମୂର୍ତ୍ତି ନୁହେଁ ପ୍ରତ୍ୟେକ ପର୍ବପର୍ବାଣୀରେ ଦୁର୍ଗା ମୂର୍ତ୍ତିଠାରୁ ଆରମ୍ଭ କରି ଖୁଦୁରୁକୁଣୀ ଓଷାରେ ମା' ମଙ୍ଗଳା, କାଳୀ ପୂଜା, ସରସ୍ୱତୀ ପୂଜା ଭଳି ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି କାର୍ଯ୍ୟ କରିଥାନ୍ତି। ଏପରି ସେ ବହୁ ସମୟ ଆଖପାଖ ଅଞ୍ଚଳରେ ମଧ୍ୟ ବିଭିନ୍ନ ମୂର୍ତ୍ତି ନିର୍ମାଣ ପାଇଁ ଯାଇଥାନ୍ତି। ତାଙ୍କ ଏଭଳି ନୈପୁଣ୍ୟକୁ ସମଗ୍ର ଅଞ୍ଚଳରେ ପ୍ରଶଂସା କରାଯାଉଛି।

## କମିସନରେଟ ପୁଲିସ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ

ଚୌଦ୍ୱାର, ୨୪।୮ (ସମିସ): ଚଳିତ ବର୍ଷର ଗଣେଶ ପୂଜା ଓ ବିସର୍ଜନ ଉତ୍ସବ ପାଇଁ କମିସନରେଟ ପୁଲିସ ତରଫରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଛକ ସ୍ଥିତ ପୌର ଟାଉନହଲରେ ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁ ଯୋଗଦେଇ ଗଣେଶ ପୂଜାକୁ ଶୃଙ୍ଖଳାର ସହ ପାଳନ କରିବା ନିମିତ୍ତ ଚୌଦ୍ୱାର ଥାନା ଅଧୀନରେ ଅନୁଷ୍ଠିତ ହେବାକୁ ଥିବା ୧୧୦ଟି ଗଣେଶ ପୂଜା କମିଟିର କର୍ମକର୍ତ୍ତାଙ୍କ ସହିତ




ଆଲୋଚନା କରିଥିଲେ। ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୭ତାରିଖ ପୂଜା ପରେ ୩ଟି ରବିବାର ଅର୍ଥାତ ୩୧, ୭ ଓ ୧୪ତାରିଖରେ ପର୍ଯ୍ୟାୟକ୍ରମେ ମେଢ ବିସର୍ଜନ କରାଯିବ। ସନ୍ଧ୍ୟା ୭ଟାରୁ ୧୦ଟା ସମୟସୀମା ମଧ୍ୟରେ ମେଢ ବିସର୍ଜନ କାର୍ଯ୍ୟ ଶେଷ ହେବ। ଜାତୀୟ ରାଜପଥରେ ମେଢ ବିସର୍ଜନ ଶୋଭାଯାତ୍ରା ଉପରେ କଟକଣା ଲାଗୁ କରାଯାଇଛି। ଶବ୍ଦ ପ୍ରଦୁଷଣ, ବାଣଫୁଟା, ପ୍ରତ୍ୟେକ ପୂଜା ମଣ୍ଡପରେ ଅଗ୍ନି ପ୍ରତିଷେଧକ ବ୍ୟବସ୍ଥା, ପୂଜା ପେଣ୍ଡାଲମାନଙ୍କରେ ସିସିଟିଭି ବ୍ୟବସ୍ଥା, ବିକୃତ ମୂର୍ତ୍ତି ନିର୍ମାଣ ନ କରିବା ଆଦି ଉପରେ ଏସିପି ସୂଚନା ପ୍ରଦାନ କରିଥିଲେ। ଏଥିସହ ଅସ୍ଥାୟୀ ପୂଜା ମଣ୍ଡପ ପାଇଁ ସ୍ଥାନୀୟ ଆରଆଣ୍ଡବି, ଅଗ୍ନିଶମ, ତହସିଲ ଓ ଡିସିପିଙ୍କ କାର୍ଯ୍ୟାଳୟରୁ ଅନୁମତି ଆଣିବା ଜରୁରି ବୋଲି ଏସିପି ପ୍ରକାଶ କରିଥିଲେ। ପୂଜା ଓ ଭସାଣ ସମୟରେ ସମସ୍ତ ପୂଜା କମିଟି ଓ କ୍ଲବ କର୍ମକର୍ତ୍ତାମାନେ କୌଣସି ନିଶାଦ୍ରବ୍ୟ ସେବନ କରିବେ ନାହିଁ ବୋଲି ଶପଥପାଠ କରିବା ପାଇଁ ଆଇଆଇସି ଶ୍ରୀ ସାହୁ ଅନୁରୋଧ କରିଥିଲେ। ଅତିରିକ୍ତ ଆଇଆଇସି ସସ୍ମିତା ଖିଲାର ଧନ୍ୟବାଦ ଦେଇଥିଲେ।

## +୨ ବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ନିଶ୍ଚିନ୍ତକୋଇଲି, ୨୪।୮ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡସାହି +୨ ହରପ୍ରିୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ନାମ ଲେଖାଇଥିବା ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କିଶନ ଶତପଥୀଙ୍କ




ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଦେବାଲୋକ ଏଜୁକେସନ ଟ୍ରଷ୍ଟର ସହସମ୍ପାଦକ ମନୋଜ ସାମଲ, ମୁଖ୍ୟବକ୍ତା ଭାବେ ଦେବ୍ ମହାନ୍ତି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଶ୍ରୀନିବାସ ମିଶ୍ର, ସମ୍ମାନିତ ଅତିଥି ଭାବେ ସ୍କୁଲର ପ୍ରଶାସନିକ ଅଧିକାରୀ ରାଜେଶ ଷଡ଼ଙ୍ଗୀ, ସିଏ ଜାହିର ଆଲମ୍, ଲୋକସମ୍ପର୍କ ଅଧିକାରୀ ସନ୍ଦୀପ୍ତ ସାମନ୍ତରାୟ, ପ୍ରଶାସନିକ ଅଧିକାରୀ ଭବାନୀଶଙ୍କର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉପାଧ୍ୟକ୍ଷ ଗୌରାଙ୍ଗଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟ ପ୍ଲାଟିନମ ଜୁବିଲି ପାଇଁ ପ୍ରସ୍ତୁତି ବୈଠକ

କଣ୍ଟାପଡ଼ା, ୨୪।୮ (ସମିସ): କଣ୍ଟାପଡ଼ା ବ୍ଲକ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟକୁ ୭୫ବର୍ଷ ପୁରିଛି। ୭୫ ବର୍ଷର ଏହି ବିଦ୍ୟାଳୟର ପ୍ଲାଟିନମ ଜୁବିଲି ପାଳନ ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ପ୍ଲାଟିନମ ଜୁବିଲି ସଭାପତି ସୁଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ପ୍ଲାଟିନମ୍ ଜୁବିଲିର ଲୋଗୋକୁ ପୁରାତନ ଛାତ୍ର ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଭ୍ରମରବର ପ୍ରଧାନ, ସଚ୍ଚିଦାନନ୍ଦ ଦାସ ଓ ରାମ ପ୍ରସାଦ ମହାନ୍ତି ଉନ୍ମୋଚନ କରିଥିଲେ। ପୁରାତନ ଛାତ୍ର ପ୍ଲାଟିନମ ଜୁବୁଲୀ ସମ୍ପାଦକ ଇଂ ଫଣିଭୂଷଣ ମହାନ୍ତିଙ୍କ ପ୍ରସ୍ତାବକ୍ରମେ ୪ଟି କମିଟି ଗଠନ କରାଯାଇଥିଲା। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇବ ଏଥିପାଇଁ ଯେଉଁ ଛାତ୍ରଛାତ୍ରୀମାନେ ଲେଖା ପଠାଇବା ପାଇଁ ଇଚ୍ଛୁକ ସେମାନେ ଆସନ୍ତା ଅକ୍ଟୋବର ମାସ ୧୫ ତାରିଖ ସୁଦ୍ଧା ବିଦ୍ୟାଳୟର ଶିକ୍ଷକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସଂଗ୍ରାମ କେଶରୀ ରାଉତରାୟ ଓ ପୁରାତନ ଛାତ୍ର ଜିତେନ୍ଦ୍ର ମହାନ୍ତିଙ୍କ ନିକଟକୁ ଲେଖା ପଠାଇବା ପାଇଁ ପୁରାତନ ଛାତ୍ରଛାତ୍ରୀ ଅନୁରୋଧ କରିଛନ୍ତି। ଏହି ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ପୁରାତନ ଛାତ୍ରଛାତ୍ରୀ ଆର୍ଥିକ ସମ୍ବଳ ଯୋଗାଇଦେବାକୁ ଆଜିର ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପୁରାତନ ଛାତ୍ରଛାତ୍ରୀ ନିବେଦନ କରିଛନ୍ତି।

## ବିଶ୍ୱନାହାକାଣୀରେ ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିର

ଟାଙ୍ଗୀ, ୨୪।୮ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଇକୋ କ୍ଲବ ଓ କିରଣ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ସ୍ଥାନୀୟ



ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, କିରଣ ଫାଉଣ୍ଡେସନର ମୋହନ ଦାସ, ଲକ୍ଷ୍ମୀଧର ମହାରଣା ପ୍ରମୁଖ ଯୋଗଦେଇ ରକ୍ତଦାତା ଓ ବିଭିନ୍ନ ରୋଗରେ ପୀଡିତ ରୋଗୀଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଶିବିରରେ ୭୦ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଏଥିସହ ଏସସିବି ମେଡିକାଲର ମେଡିସିନ, ନ୍ୟୁରୋଲୋଜି, ପେଡ଼ିଆଟ୍ରିକ୍ସ, ଅର୍ଥପେଡ଼ିକ ବିଭାଗର ବରିଷ୍ଠ ଚିକିତ୍ସକଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। କଲେଜର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

## ସାଲେପୁର ବିଜେଡିର କାର୍ଯ୍ୟକାରିଣୀ ବୈଠକ

ସାଲେପୁର, ୨୪।୮ (ସମିସ): ଆଜି ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ଏକ କାର୍ଯ୍ୟକାରିଣୀ ବୈଠକ ବାଲିସାହି ପଞ୍ଚାୟତ ମଣ୍ଡପଠାରେ ବିଜେଡି ବ୍ଲକ ସଭାପତି ଅନନ୍ତ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବହୁ ସଂଖ୍ୟକ ବରିଷ୍ଠ ନାଗରିକ ବିଜେଡି ଦଳକୁ ୱାର୍ଡସ୍ତରରୁ ନିର୍ବାଚନମଣ୍ଡଳୀ ସ୍ତର ପର୍ଯ୍ୟନ୍ତ ଅଧିକ ସକ୍ରିୟ କରିବା ପାଇଁ ଶପଥ ନେଇଥିଲେ। ବୈଠକରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ଦାଶ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ସରପଞ୍ଚ ପବିତ୍ର ସାମଲ, ନବକିଶୋର କର, ଜ୍ଞାନରଞ୍ଜନ ପଟ୍ଟନାୟକ, ଅଶୋକ ଭୂୟାଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ପୂର୍ବତନ ସରପଞ୍ଚ କମଳାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ବିଜେଡି ସଂଗଠନକୁ ନିର୍ବାଚନମଣ୍ଡଳୀରେ ସୁଦୃଢ଼ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଗୁଲରେଜ ଅଲ୍ଲୀ, ରାଜେଶ ମହାନ୍ତି,




ସୌମ୍ୟରଞ୍ଜନ ମଲ୍ଲ, ବିନୋଦ ମଲ୍ଲିକ, ଜୟରାମ ବେହେରା, ଅଶ୍ୱିନୀ ଦାସ, ସମିତିସଭ୍ୟା ପୁଷ୍ପିତା ଭୂୟାଁ, ଜିଲ୍ଲାପରିଷଦ ସଭ୍ୟା ନମିତା ସେଠୀ ସମେତ ଶତାଧିକ ବିଜେଡି ନେତା-କର୍ମୀ ଉପସ୍ଥିତ ଥିଲେ।

## ଧରିତ୍ରୀ ମାତା ପାଇଁ ରବିବାର କାର୍ଯ୍ୟକ୍ରମ

ସାଲେପୁର, ୨୪।୮ (ସମିସ): ସ୍ୱେଚ୍ଛାସେବୀ ସଂଗଠନ ବ୍ରହ୍ମଚେତନା ପରିଷଦ ଆନୁକୂଲ୍ୟରେ ଧରିତ୍ରୀ ମାତା ପାଇଁ ରବିବାର ନାମରେ ଏକ ସମୟ ଉପଯୋଗୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ



ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ହୋଇ ଆପନା ଘର ଅନୁଷ୍ଠାନ ପରିସରରେ ବିଭିନ୍ନ କିସମର ଫୁଲଫଳ ଗଛ ରୋପଣ କରାଯାଇଥିଲା। ପରେ ଆଶ୍ରମର ପ୍ରତିଷ୍ଠାତା ଶୁକଦେବ ଅଗ୍ରୱାଲଙ୍କୁ ମାନପତ୍ର ସହ ସେବାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରିଷଦର ସମ୍ପାଦକ କବି ସୁକାନ୍ତ କୁମାର ନନ୍ଦ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିବାବେଳେ ପ୍ରଦୀପ୍ତ ମିଶ୍ର ଯୋଗ ଦେଇଥିଲେ। ଏଠାରେ ଥିବା ୮୦ଜଣ ମାନସିକ ବିକୃତ ପ୍ରଭୁଜୀଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ଏହି ସଭାରେ ବ୍ରାହ୍ମଣ ମହାସଭା ଓ କଟକ ଶକ୍ତିବାହିନୀର ଅନ୍ୟ ମହିଳା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଷଦର ରାଜ୍ୟ ସଂଯୋଜକ ମନୋଜ ପଣ୍ଡା, କୋଷାଧ୍ୟକ୍ଷ ହୃଷିକେଶ ନନ୍ଦ, ସଭ୍ୟ ବିଶ୍ୱନାଥ ପ୍ରଧାନ, କଟକ ଜିଲ୍ଲା ପ୍ରଭାରୀ ଦିଲ୍ଲୀପ ପାଣିଗ୍ରାହୀ, ଲଳିତମୋହନ ଗୁମାନସିଂହ, ସୁମିତ୍ରା ବେହୁରା, ଜନ୍ମେଜୟ କଲ୍ୟାଣୀ ମିଶ୍ର, ଶଶିଭୂଷଣ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ପରମାନନ୍ଦ ମୁଦୁଲି ଧନ୍ୟବାଦ ଦେଇଥିଲେ।

## କଟକ କଲେଜରେ ଏଡ୍‌ସ ସଚେତନତା

କଟକ, ୨୪।୮ (ସମିସ): କଟକ କଲେଜ ରେଡକ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ (ଆର୍‌ଆର୍‌ସି) ତରଫରୁ ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷା ଡ. ସୁସ୍ମିତା ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏସ୍‌ସିବି ମେଡିକାଲ କଲେଜ ଆଇସିଟିସି କାଉନ୍ସେଲର ନିବେଦିତା ପରିଡ଼ା ଓ କଟକ କଲେଜ ଏନ୍‌ଏସ୍‌ଏସ୍ ଅଫିସର ଡ. ରୁନୁବାଳା ମହାରଣା ଯୋଗଦେଇ ଏଡ୍ସ ରୋଗର କାରଣ ନିରାକରଣ ଓ ଏଥିନିମନ୍ତେ ଆବଶ୍ୟକୀୟ ସଚେତନତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ରେଡ୍‌କ୍ରସ୍ ଅଫିସର ଅଧ୍ୟାପକ କୁମାର ପ୍ରଦୀପ୍ତ ମିଶ୍ର, ପଦାର୍ଥ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ମଣ୍ଟୁ ଜେନା



ଓ ଆକାଉଣ୍ଟାଟ୍ ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ୟୁନିଟ୍ ତରଫରୁ ସଚେତନତା ଧର୍ମୀ ବକ୍ତୃତା, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ବିଜେତାଙ୍କୁ ଅଧ୍ୟକ୍ଷା ଓ ଉପସ୍ଥିତ ଅତିଥିବୃନ୍ଦ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଟିମ୍ ଲିଡର ଶୁଭଲକ୍ଷ୍ମୀ ପ୍ରଧାନ, ସୁଜଳ ସ୍ୱାଇଁ, ନାଜମିନ୍ ସୁଲତାନା, ଅମିତ୍ ସ୍ୱାଇଁ ଓ ରଶ୍ମୀ ରଞ୍ଜନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଶିଷ୍ଟ ଆଧ୍ୟାତ୍ମିବାଦୀଙ୍କ ପରଲୋକ

ଚୌଦ୍ୱାର, ୨୪।୮ (ସମିସ): ଚୌଦ୍ୱାର ଅଞ୍ଚଳର ବରିଷ୍ଠ ନାଗରିକ, ସୁଲେଖକ, ଆଧ୍ୟାତ୍ମବାଦୀ ବିବେକାନନ୍ଦ ପଟ୍ଟନାୟକ (୯୬)ଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କ ରଚିତ ଜ୍ଞାନ ଦର୍ପଣ, ମାୟାବବଣ ଆଦି ପୁସ୍ତକ ପାଠକ ମହଲରେ ବେଶ ଅଦୃତ ହୋଇଥିଲା। ସ୍ଥାନୀୟ ଗୋପବନ୍ଧୁ ହାଇସ୍କୁଲ, ଓଟିଏମ ହାଇସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ହାଉସିଂବୋର୍ଡ କମ୍ୟୁନିଟି ୱେଲଫେୟାର ସେଣ୍ଟରର ସଭାପତି ତଥା ନିଗମାନନ୍ଦ ଆଶ୍ରମ, ବିରାଟେଶ୍ୱରୀ ପୂଜା କମିଟିର ଉପଦେଷ୍ଟା ଭାବରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଥିଲା। ତ୍ରିମ୍ବ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ବଳରାମ କର, ଚୌଦ୍ୱାର ସାହିତ୍ୟ ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ରାଜୀବ ମହାନ୍ତି, ବିଜେପି ଓବିସି ମୋର୍ଚ୍ଚା ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ଅଧ୍ୟାପକ ପବିତ୍ର ମୋହନ ଭୂୟାଁ, ସାମ୍ବାଦିକ ଗଙ୍ଗାଧର ସାହୁ, ସତ୍ୟବ୍ରତ ଦାସ, ଶିଶୁବଜାର ସମ୍ପାଦକ ଦିବ୍ୟଜ୍ୟୋତି ପାଣିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ହାଉସିଂବୋର୍ଡସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀର ନିକଟରେ ତାଙ୍କର ଦୁଇପୁଅ ବିଶ୍ୱ ପ୍ରକାଶ ପଟ୍ଟନାୟକ, ଚନ୍ଦ୍ର ପ୍ରକାଶ ପଟ୍ଟନାୟକ ସମେତ ଝିଅ, ଜ୍ୱାଇଁ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ସମାଜସେବୀଙ୍କ ପରଲୋକ

ସାଲେପୁର, ୨୪।୮ (ସମିସ): ବେତେଇ ଗ୍ରାମର ତଥା ସାଲେପୁର-କୁଆଁପାଳ ରୋଡ୍‌ର ସର୍ବପୁରାତନ ବ୍ୟବସାୟୀ ତଥା ସମାଜସେବୀ ମୀନକେତନ ସାହୁଙ୍କ ୭୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟ ଜନିତ କାରଣରୁ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଗତକାଲି ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ



ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଅନ୍ନପୂର୍ଣ୍ଣା ସାହୁ, ବଡ଼ପୁଅ ଅଶୋକ ସାହୁ, ରାଜେଶ ସାହୁ, ଦିଲ୍ଲୀପ ସାହୁ, ବୋହୂ ଅନିତା ସାହୁ, ସସ୍ମିତା ସାହୁ, ଶୁଭଶ୍ରୀ ସାହୁ, ନାତିନାତୁଣୀ ଓ ବନ୍ଧୁପରିଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ଅଶୋକ ସାହୁ ମୁଖାଗ୍ନି ଦେଇଥିଲେ।

## ବୈକୁଣ୍ଠ ସାହିତ୍ୟ ସଂସଦ ଆନୁକୂଲ୍ୟରେ ମୌସୁମୀ ଆସର

ବଡ଼ମ୍ବା, ୨୪।୮ (ସମିସ): ବୈକୁଣ୍ଠ ସାହିତ୍ୟ ସଂସଦ ବଡ଼ମ୍ବା ଆନୁକୂଲ୍ୟରେ ମୌସୁମୀ ଆସର ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରବିବାର ଅନୁଷ୍ଠାନର ସଭାପତି କବି ତଥା ଶିକ୍ଷାବିତ ଜଗନ୍ନାଥ ବାରିକଙ୍କ ଅଧ୍ୟକ୍ଷତାରେ ରାଜ ବିଶ୍ୱମ୍ଭର କ୍ଲବ ପରିସରରେ ଅନୁଷ୍ଠିତ ଏହି ଆସରକୁ ସଂସ୍କୃତ ବିଭାଗ ଅଧ୍ୟାପକ ଡ. ସାରଦାନନ୍ଦ ଦାଶ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ ବେଦଧ୍ୱନିରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସେବାନିବୃତ



ବ୍ୟାଙ୍କ ପ୍ରବନ୍ଧକ ବିପିନ ବିହାରୀ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସୁଦାମ ସୋଲମନ ଗୋଛି ଏବଂ ସମ୍ମାନିତ ଅତିଥିଭାବେ ରାଧାକୃଷ୍ଣ ସାହିତ୍ୟ ସଂସଦର ପ୍ରତିଷ୍ଠାତା ନାରାୟଣ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ସାହିତ୍ୟ ଆସରରେ ବଡ଼ମ୍ବା ସମେତ ବିଭିନ୍ନ ସ୍ଥାନ ମାନଙ୍କରୁ ବହୁ ସାହିତ୍ୟିକ, କବୟିତ୍ରୀ ଓ ସାହିତ୍ୟାନୁରାଗିମାନେ ଯୋଗଦେଇ ବର୍ଷା ଏବଂ ବର୍ଷାଋତୁ ସମ୍ବନ୍ଧୀୟ କବିତା ଓ ତଥ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ମ୍ବାର ଖ୍ୟାତନାମା ସାହିତ୍ୟିକ, ବାଗ୍ମୀ, ଦୁର୍ଯ୍ୟୋଧନ ବରାଳ ସ୍ୱତନ୍ତ୍ର ଅତିଥି ତଥା ସମାଲୋଚକ ଭାବେ ଯୋଗଦେବା ସହ ଆବୃତ୍ତି ହୋଇଥିବା କବିତା ସମୂହର ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ ଧନେଶ୍ୱର ସ୍ୱାଇଁ, କୃଷ୍ଣଚନ୍ଦ୍ର ରାଉତ, କାର୍ତ୍ତିକଚନ୍ଦ୍ର ପୁହାଣ, ସୁଶୀଲ ଜେନା, ପ୍ରଭାକର ମହାପାତ୍ର, ଆଇନଜୀବୀ ସନ୍ତୋଷ ବେହେରା, ଅଧ୍ୟାପକ ଅରବିନ୍ଦ ନାୟକ, ଜ୍ଞାନେନ୍ଦ୍ର ରାଉତ, ସାମ୍ବାଦିକ ଚିନ୍ମୟା ମହାନ୍ତି, ସହଦେବ ମଲ୍ଲିକ, ନିଗମାନନ୍ଦ ନାୟକ, ଗୋବିନ୍ଦ ଚନ୍ଦ୍ର ସିଂ ସାମନ୍ତ, ନିହାର ରଞ୍ଜନ ମିଶ୍ରଙ୍କ ସମେତ ବହୁ ସାହିତ୍ୟାନୁରାଗୀ ଉପସ୍ଥିତ ରହିଥିଲେ। ବୈକୁଣ୍ଠ ସାହିତ୍ୟ ସଂସଦ ସମ୍ପାଦକ ଗିରିଜା ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଅନୁଷ୍ଠାନର ସଦସ୍ୟ ଶିବ ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଭାଣପୁର ଦୁର୍ଗାପୂଜା କମିଟି ପକ୍ଷରୁ ବନ୍ଧୁମିଳନ ଓ ପ୍ରସ୍ତୁତି ବୈଠକ

## ରୌପ୍ୟ ଅଳଙ୍କାରରେ ଝଟକିବେ ପାର୍ଶ୍ୱ ଦେବାଦେବୀ

ଫୁଲନଖରା, ୨୪।୮ (ସମିସ)

କଟକ ମହାନଗର ନିଗମ ୫୮ନଂ ୱାର୍ଡ ଅନ୍ତର୍ଗତ ଭାଣପୁର ଦୁର୍ଗା ପୂଜା କମିଟି ତରଫରୁ ଏକ ଶାରଦୀୟ ବନ୍ଧୁମିଳନ ଓ ପ୍ରସ୍ତୁତି ବୈଠକ ଉତ୍ସବ ପୂଜା କମିଟିର ସଭାପତି ପ୍ରମୋଦ କୁମାର ଓଝାଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବରେ ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟିର କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି ଓ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ଯୋଗଦେଇଥିବା ବେଳେ ପୂଜା କମିଟିର ଉପସଭାପତି ଶରତ ଜେନା, ଭାଣପୁର




ଗ୍ରାମ୍ୟ କମିଟିର ସଭାପତି ଲକ୍ଷ୍ମୀଧର ଜେନା, ସମ୍ପାଦକ ଦିଲ୍ଲୀପ ନାୟକ, ପୂର୍ବତନ ପୂଜା କମିଟି ସମ୍ପାଦକ ସନାତନ ସାହୁ, ପୂର୍ବତନ ଗ୍ରାମ୍ୟ କମିଟି ସମ୍ପାଦକ ତ୍ରିଲୋଚନା ପରିଡ଼ା, ମହେଶ୍ୱର ଭଟ୍ଟ, ତ୍ରିଲୋଚନା ଦାସ, ଶରତ ଭଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ। ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତେ ଏହି ପର୍ବକୁ ଶାନ୍ତିଶୃଙ୍ଖଳା ସହିତ ପ୍ରଶାସନର ସମସ୍ତ ନୀତିନିୟମକୁ ମାନି ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ୬ଦଶନ୍ଧି ଧରି ମହାଦେବଙ୍କ ପୂଜା ପରେ ଗତ ବର୍ଷଠାରୁ ଆରମ୍ଭ ହୋଇଥିବା ଦୁର୍ଗାପୂଜାକୁ ଚଳିତ ବର୍ଷ ଆହୁରି ଜାକଜମକରେ କରିବା ପାଇଁ ୧୨ ଲକ୍ଷ ଟଙ୍କାର ଆକଳନ କରାଯାଇଛି ବୋଲି ପୂଜା କମିଟିର ସମ୍ପାଦକ ଅଜିତ ରାଉତ ପ୍ରକାଶ କରିବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନବମୀରେ ଦହିପଖାଳ ଓ ଦଶମୀରେ ଖିରୀ ଭୋଗ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ ବୋଲି ସଭାପତି ଶ୍ରୀ ଓଝା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଭାତ ଜେନା, ନରେଶ ନାୟକ, ସନାତନ ରାଉତ, ରାଜେଶ ଜେନା, ପରମାନନ୍ଦ ଭଟ୍ଟ, ହଜାରୀ ଜେନା, ସୁଜିତ୍ ସାହୁ ଓ ଲକ୍ଷ୍ମଣ ଭଟ୍ଟ ପ୍ରଭୃତି ପରିଚାଳନା କରିଥିବା ବେଳେ ପୂଜା କମିଟିର କୋଷାଧ୍ୟକ୍ଷ ରାଜେଶ ଭଟ୍ଟ ଧନ୍ୟବାଦ ଦେଇଥିଲେ।

# ବନ୍ୟାଜଳରେ ଭାସୁଛି ଏକର ଏକର ଚାଷଜମି

ଆନନ୍ଦପୁର, ୨୪।୮ (ସମିସ)

ଆନନ୍ଦପୁର ଅଞ୍ଚଳରେ ୪ ଦିନ ହେବ ଲଘୁଚାପଜନିତ ବର୍ଷା ଲାଗି ରହିଥିବାରୁ ଏକର ଏକର ଚାଷଜମି ଜଳମଗ୍ନ ହୋଇଛି। ସେହିପରି ଉପର ମୁଣ୍ଡରେ ବର୍ଷାର ପ୍ରଭାବ ଅଧିକ ମାତ୍ରାରେ ରହିଥିବାରୁ ବୈତରଣୀ ନଦୀରେ ବନ୍ୟାଜଳ ଅଧିକ ପ୍ରବାହିତ ହୋଇଛି। ନଦୀକୁ ସଂଯୋଗ ହୋଇଥିବା ଛୋଟ ଛୋଟ ନାଳ ଘଣ୍ଟିଆ, ଘାଗରା ଫାପୁଡିଆ ଚାରିନାଳିଆରେ ଜଳସ୍ତର ଦୁଇ ଦିନ ହେବ କମୁ ନଥିବାରୁ, ଶାଳବଣି ପଞ୍ଚାୟତର ବଳଦୁଆଁଠାରେ ନଦୀ ପାଣି ଧାନ ବିଲ ଦେଇ ଗତି କରୁଛି। ଯାହାଫଳରେ ହେକ୍ଟର ହେକ୍ଟର ଚାଷ ଜମି ପାଣିରେ ବୁଡି ରହି ତଳା ପଚି ଯାଇଛି। ବଳଦୁଆଁ ଗ୍ରାମର ଚଗଲ ଦାସ, ବାସୁଦେବ ଦାସ, ଅନନ୍ତ ଜେନା, ବିରିବର ଦାସ, ସହଦେବ ଦାସଙ୍କ ଚାଷ ଜମି ନଷ୍ଟ ହୋଇଥିବା ବେଳେ ଖଡ଼ିପାଳ, ଟାଙ୍ଗର, ପଚାଙ୍ଗ ଗ୍ରାମର ଚାଷ ଜମି ନଷ୍ଟ କରିଦେଇଛି। ସେହିପରି କଣ୍ଟିପାଳ ପଞ୍ଚାୟତର, ବିରିଡିହା, ବରୁଆଁ, କଣ୍ଟିପାଳ ଗ୍ରାମରେ କିଛିମାତ୍ରାରେ ଚାଷ ଜମି ନଷ୍ଟ ହୋଉଯାଇଛି। ଏ ପର୍ଯ୍ୟନ୍ତ କୌଣସି ସରକାରୀ କ୍ଷୟକ୍ଷତିର ଅନୁଧାନ କରି ନଥିବା ଅଭିଯୋଗ ହୋଇଛି।



# ବର୍ଷାରେ ଧସିଲା କାନ୍ଥ, ଘର



ବାଲିବନ୍ଧ, ୨୪।୮ (ସମିସ): ଝୁମ୍ପୁରା ଆରଆଇ ସର୍କଲ ଭାଲୁକାସ୍କୁଲ ସାହି, ଝୁମ୍ପୁରା ଗ୍ରାମ ନଂ ୧୦ ନଂ ୱାର୍ଡ (ଡୁଡା ସାହି)ରେ ରବିବାର ୩ ଜଣଙ୍କ ଘର କାନ୍ଥ ଧସି ପଡ଼ିଛି। ଲଗାଣ ବର୍ଷା ଫଳରେ ଭାଲୁକା ଗ୍ରାମର ଅଞ୍ଜନା ନାଏକଙ୍କ ମାଟି କାନ୍ଥରେ ପାଣି ପଶି ଓଦା ହୋଇଯାଇଥିଲା। ରବିବାର ଭୋରରେ ହଠାତ କାନ୍ଥ ଧସି ଯାଇ ଘର ଭାଙ୍ଗି ପଡିଥିଲା। ସେହିପରି ଝୁମ୍ପୁରା ଗ୍ରାମର ୧୦ ନଂ ୱାର୍ଡ (ଡୁଡା ସାହି)ର ସାର ନାଏକ ଏବଂ ଧବଳୀ ନାଏକଙ୍କ ଘର ଭାଙ୍ଗି ପଡ଼ିଥିବା ବେଳେ ରିମିକି ନାଏକ, ଜୀନା ନାଏକ ଏବଂ ମଞ୍ଜୁ ନାଏକଙ୍କ କାନ୍ଥ ଧସି ବିପଦ ସଂକୁଳ ଅବସ୍ଥାରେ ଅଛି। ସେହିପରି ଅର୍ଶଳା ପଞ୍ଚାୟତ ଅର୍ଶଳା ଗ୍ରାମର ଅଶୋକ ସର୍ଦ୍ଦାରଙ୍କ ଘର କାନ୍ଥ ଧସି ପଡ଼ି ଆଜବେଷ୍ଟସ ମଧ୍ୟ ଭାଙ୍ଗି ଯାଇଛି। ଏନେଇ ଝୁମ୍ପୁରା ଆରଆଇ ସୁଶାନ୍ତ ଦିବେଦ୍ୱୀ କହିଛନ୍ତି, ସ୍ଥିତି ଅନୁଧ୍ୟାନ କରାଯାଉଛି। ଆବଶ୍ୟକସ୍ଥଳେ ପ୍ଲାଷ୍ଟିକ ପ୍ରଦାନ କରାଯିବ।

# ମା' ଗ୍ରାମ୍ୟଶ୍ରୀ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା



ନାରଦପୁର,୨୪।୮ (ସମିସ): ଝୁମ୍ପୁରା ବ୍ଲକ ନାରଦପୁର ମା' ଗ୍ରାମ୍ୟଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱିତୀୟ ବାର୍ଷିକ କଳା ଛାତ୍ରଛାତ୍ରୀଙ୍କ ତରଫରୁ ପ୍ରଥମ ବାର୍ଷିକ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ବିଦ୍ୟାଳୟର ଅଧକ୍ଷ ସନ୍ତୋଷ କୁମାର ସେଠୀ ସଭାପତିତ୍ୱ କରିଥିଲା ବେଳେ ଦ୍ୱିତୀୟ ବାର୍ଷିକ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧାପକ ଜୟନ୍ତ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ଅଧାପକ ଯଯାତିକେଶରୀ ରାଉତ, ରବିନ୍ଦ୍ରନାଥ ମହାନ୍ତ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ସଞ୍ଜୟ କୁମାର ବାରିକ, ହେମନ୍ତ କୁମାର ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସମ୍ଭାଗ ଜ୍ଞାନବିଜ୍ଞାନ ମେଳା ଉଦ୍‌ଯାପିତ

ଚମ୍ପୁଆ, ୨୪।୮ (ସମିସ): ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଅନ୍ତର୍ଗତ ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ନେଇ ଉତ୍ତର ସମ୍ଭାଗର ଜ୍ଞାନବିଜ୍ଞାନ ମେଳା ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମ୍ଭାଗ ସମ୍ପାଦକ ଗଙ୍ଗାଧର କର, ସମ୍ମାନିତ ଅତିଥି ଭାବେ କ୍ଷେତ୍ରୀୟ ବିଜ୍ଞାନ ପ୍ରମୁଖ ସୁବ୍ରତ ପଟ୍ଟନାୟକ,



ପ୍ରାନ୍ତ ଖେଳକୁଦ ସଂଯୋଜକ ସଞ୍ଜୟ ମିଶ୍ର, ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଭୋଳାନାଥ ମିଶ୍ର ମଞ୍ଚାସୀନ ଥିଲେ। ମୟୂରଭଞ୍ଜ ବିଭାଗ ନିରୀକ୍ଷକ ହରିଶ୍ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ଭାଗ ସଂଯୋଜକ କ୍ଷେତ୍ରମୋହନ ଦାସ ଜ୍ଞାନବିଜ୍ଞାନ ମେଳାର ବିବରଣୀ ପାଠ କରିଥିଲେ। କେନ୍ଦୁଝର ବିଭାଗ ନିରୀକ୍ଷକ ଜ୍ଞାନ ରଞ୍ଜନ ପାଢ଼ୀ, ବିଭାଗ ସହନିରୀକ୍ଷକ ଲମ୍ବୋଦର ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଆଚାର୍ଯ୍ୟ ଧରଣୀଧର ଦାସ, ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଜ୍ଞାନବିଜ୍ଞାନ ପ୍ରମୁଖ ନିର୍ମଳଚନ୍ଦ୍ର ମହାନ୍ତ ପୁରସ୍କାର ଘୋଷଣା କରିଥିଲେ। ସରୋଜ କୁମାର ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଜ୍ଞାନ, ସଂସ୍କୃତି ଜ୍ଞାନ, ଗଣିତ ଓ ବୈଦିକ ଗଣିତ, ମୂର୍ତ୍ତି କଳା, ଲୋକନୃତ୍ୟ ସଂଗୀତ ଆଦି ପ୍ରତିଯୋଗିତା କରାଯାଇଥିଲାରେ ୧୭ଟି ସଂକୁଳର ୩୭ଟି ବିଦ୍ୟାଳୟରୁ ମୋଟ ୪୭୧ ଛାତ୍ରଛାତ୍ରୀ, ୮୫ଜଣ ପରିଚାଳକ ଓ ବିଚାରକ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ, ଗୁରୁମାଆ ଓ ସେବକ ସେବିକା ସହଯୋଗ କରିଥିଲେ।

# କେନ୍ଦୁଝର ବିଜେଡିର ବ୍ଲକ୍ ଓ ନଗର ସଭାପତିଙ୍କ ନାମ ଘୋଷିତ



ଆନନ୍ଦପୁର



ଘସିପୁରା



ହାଟଡିହି

କେନ୍ଦୁଝର,୨୪।୮ (ସମିସ): ବିଜୁ ଜନତା ଦଳ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ସାଂଗଠନିକ ନିର୍ବାଚନ ପ୍ରକ୍ରିୟାରେ ଦଳୀୟ ନେତାମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ରାଜ୍ୟ ପଦାଧିକାରୀଙ୍କ ଅନୁମୋଦନକ୍ରମେ ଏହି ନୂତନ ସଭାପତିମାନଙ୍କ ନାମ ଘୋଷଣା କରାଯାଇଛି। ଘଷିପୁରା ବ୍ଲକ ପାଇଁ ଆଡଭୋକେଟ ବିଜୟ କୁମାର ଦାସ, ହାଟିଡିହି ବ୍ଲକ ପାଇଁ ସୁରେନ୍ଦ୍ର କୁମାର ଜେନା ସଭାପତି ଘୋଷିତ ହୋଇଥିବାବେଳେ ଆନନ୍ଦପୁର ବ୍ଲକ ପାଇଁ ରାମଚନ୍ଦ୍ର ପଲେଇ, ଘଟଗାଁ ବ୍ଲକ ଦୋଳଗୋବିନ୍ଦ ବେହେରା, ହରିଚନ୍ଦନପୁର ବ୍ଲକ ପାଇଁ ପାଦାମ୍ବୁଜ ସାହୁ, ପାଟଣା ବ୍ଲକ ପାଇଁ ମାଧବାନନ୍ଦ ପୃଷ୍ଟି, ସାହାରପଡା ବ୍ଲକ ପାଇଁ ଦିଲ୍ଲୀପ କୁମାର ସାହୁ, କେନ୍ଦୁଝର ସଦର ବ୍ଲକ ପାଇଁ ଚକ୍ରଧର ସାହୁ, ଝୁମ୍ପୁରା ବ୍ଲକ ପାଇଁ ଡମ୍ବୁରୁଧର ଦାସ, ବାଂଶପାଳ ବ୍ଲକ ପାଇଁ ଯଦୁମଣି ଠାକୁର, ତେଲକୋଇ ବ୍ଲକ ପାଇଁ ନାରାୟଣ ନାୟକ, ଯୋଡା ବ୍ଲକ ପାଇଁ ଗୌତମ ବେହେରା ଓ ଚମ୍ପୁଆ ବ୍ଲକ ପାଇଁ ଗଣେଶ କୁମାର ଖିଲାର ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି। ସେହିପରି ବିଭିନ୍ନ ସହରାଞ୍ଚଳ ପାଇଁ ଘୋଷିତ ହୋଇଥିବା ସଭାପତିମାନେ ହେଲେ କେନ୍ଦୁଝର ନଗର ପାଇଁ ପୂର୍ଣ୍ଣଚନ୍ଦ୍ର ସାହୁ, ଆନନ୍ଦପୁର ସହର ପାଇଁ ରମାକାନ୍ତ ବେହେରା, ବଡବିଲ ନଗର ପାଇଁ ସଞ୍ଜୟ କୁମାର ନାୟକ, ଯୋଡା ନଗରର ସଭାପତି ପାଇଁ ଚତୁର୍ଭୁଜ ପଲେଇ ଓ ଚମ୍ପୁଆ ନଗର ପାଇଁ ଛତ୍ରପତି ନାଏକଙ୍କ ନାମ ସଭାପତି ଭାବରେ ଘୋଷଣା କରାଯାଇଥିବା ବିଜୁ ଜନତା ଦଳର ଜିଲ୍ଲା ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଜେନା ପ୍ରକାଶ କରିଛନ୍ତି। ସମସ୍ତ ବ୍ଲକ ଓ ସହର ଶାଖାର ସଭାପତିମାନଙ୍କୁ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଆଶିଷ ଚକ୍ରବର୍ତ୍ତୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଦଳ ଅଧିକ ସଂଗଠିତ ହେବ ବୋଲି ଆଶା ପ୍ରକଟ କରିଛନ୍ତି।

# ବନ୍ଧାଳରେ କ୍ୟାନ୍ସର ନିରାକରଣ ସଚେତନତା




ଆନନ୍ଦପୁର, ୨୪।୮ (ସମିସ): ବନ୍ଧାଳ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ କ୍ୟାନ୍ସର ହେଲ୍ପିଂଉଇଙ୍ଗ ତରଫରୁ ରୋଗର ଦୂରୀକରଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କର୍ମକର୍ତ୍ତାମାନେ କ୍ୟାନ୍ସର ରୋଗକୁ କିପରି ପ୍ରତିହତ କରିବ ସେ ବିଷୟରେ ଆଲୋକପାତ କରିଥିଲେ। ଏହି ସଚେତନତା ସଭାରେ କ୍ୟାନ୍ସର ଉଇଙ୍ଗସର ସଭାପତି ଶଙ୍କର୍ଷଣ ଜେନା, ଡକ୍ଟର ସୋରେନ, ବନ୍ଧାଳ ସରପଞ୍ଚ ବିଷ୍ଣୁଚରଣ ରଥ, ସମିତିସଭ୍ୟା ଶ୍ରାବଣୀ ମହାକୁଡ, ପ୍ରଦୀପ ପଣ୍ଡା, ରଶ୍ମିରେଖା ପାତ୍ର, ଅରବିନ୍ଦ ସାହୁ, ଜଗବନ୍ଧୁ ପଣ୍ଡା, ପ୍ରଦୀପ ଦାସ, ମନୋଜ ସାହୁ, ଅମର ପାତ୍ର, ଶ୍ରୀରାମ ସାହୁ, ଅନନ୍ତ ଚରଣ ସାହୁ, ନୃସିଂହ ଚରଣ ଜେନା ପରିଚାଳନା କରିଥିଲେ।

# ଶ୍ରୀଗୁଣ୍ଡିଚା ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ



ଆନନ୍ଦପୁର, ୨୪।୮ (ସମିସ): ଆନନ୍ଦପୁର ଦଧିବାମନଜୀଉ ଗୁଣ୍ଡିଚା ମନ୍ଦିର ଭାଗବତ ଟୁଙ୍ଗୀର ପ୍ରଥମ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ରାଜପୁରୋହିତ ଶରତ ମିଶ୍ରଙ୍କ ପୌରହିତ୍ୟରେ ଭାଗବତ ଟୁଙ୍ଗୀ ପରିଚାଳକ ମଦନମୋହନ ମିଶ୍ର ସଂକଳ୍ପ କାର୍ଯ୍ୟ କରିଥିଲେ। ଓଡିଶୀ ଶାସ୍ତ୍ରୀୟ ସଙ୍ଗୀତ ଅନୁଷ୍ଠାନ ତରବରୁ ଗୁରୁ ଶମ୍ଭୁନାଥ ରଣା ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭଜନ ଅନୁଷ୍ଠିତ ହୋଇଥିଲା। ପରେ ଭାଗବତ ତତ୍ତ୍ୱ ଆଧାରିତ ପ୍ରବଚନ କାର୍ଯକ୍ରମ ସଭାରେ ମଦନ ପାଣିଙ୍କ ସଂଯୋଜନାରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ସଭାପତି ଡ ସଦାନନ୍ଦ ଦୀକ୍ଷିତ ମୁଖ୍ୟଅତିଥି, କେନ୍ଦୁଝର ଜିଲ୍ଲା ଭାଗବତ ଟୁଙ୍ଗୀର ସଭାପତି ଦାଶରଥୀ ପ୍ରଧାନ ସମ୍ମାନିତ ଅତିଥି ଓ ବରେଣ୍ୟ ଅତିଥି ଭାବରେ ରାଜ୍ୟ ଯୁଗ୍ମ ସମ୍ପାଦକ ବସନ୍ତ ଦୀକ୍ଷିତ, ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ସମାଜ ମହାସଭାର ସଭାପତି ପୁରୁଷୋତ୍ତମ ମିଶ୍ର, କାର୍ଯ୍ୟକାରୀ ସଭାପତି ଶାନ୍ତନୁ ମିଶ୍ର, ଉପଦେଷ୍ଟା ଶରତ ମିଶ୍ର, ସମ୍ପାଦକ ପ୍ରଦୀପ ମିଶ୍ର, ଗୁଣ୍ଡିଚା ମନ୍ଦିର ଭାଗବତ ଟୁଙ୍ଗିର ସଭାପତି ମଦନ ମୋହନ ମିଶ୍ର, ଓକିଲ ସଙ୍ଘର ସଭାପତି ଦୟାନିଧି ଦାଶ ତ୍ରିଲୋଚନ ଦାଶ ବେଦାଚାର୍ଯ୍ୟ ଅମର ମିଶ୍ର ପଦ୍ମପୁର ଆଶ୍ରମର ଶାନ୍ତି ମାତା ଅଧାପିକାସବିତା ମିଶ୍ର ଯୋଗ ଦେଇଥିଲେ। ଉମାକାନ୍ତ ନାୟକ ଗୋପରଞ୍ଜନ ପାଣି ପଦ୍ମନାଭ ମିଶ୍ର ଦେବେନ ଦାସ ପଦ୍ମନାଭ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଆନନ୍ଦପୁର ଉପଖଣ୍ଡର ଷୋହଳ ଶାସନରୁ ଆସିଥିବା ବ୍ରାହ୍ମଣ ପୁରୋଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଞ୍ଚଳର ସମସ୍ତ ଭାଗବତପ୍ରେମୀ ଯୋଗଦେଇ ପ୍ରସାଦ ସେବନ କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ




ଆନନ୍ଦପୁର, ୨୪।୮ (ସମିସ): ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ଆନନ୍ଦପୁର ଥାନାର ମୋ ପୁଲିସ ସମିତି ଦ୍ୱାରା ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପରିଷଦର କାର୍ଯ୍ୟାଳୟଠାରେ ଆନନ୍ଦପୁର ଥାନାର ପଦାଧିକାରୀମାନେ ଉପସ୍ଥିତ ଥିଲେ। ପରିଷଦର ସଭାପତି ରମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ଥାନାର ସବଇନ୍ସପେକ୍ଟର ଜନ ପଟ୍ଟନାୟକ, ଯଶୋଦା ବେହେରା, ଏଏସଆଇ ନାରାୟଣ ପ୍ରସାଦ ମହାପାତ୍ର, ରାଇଟର ପ୍ରତିମାପ୍ରଭା ସାହୁ ଓ ପୂର୍ଣ୍ଣିମା ମହାନ୍ତ, ଚିନ୍ମୟ ସାହୁ, ଲିପୁନ ନାଥ ପ୍ରମୁଖ ଯୋଗଦାନ କରିଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମାଜରେ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ପୁଲିସ ଦ୍ୱାରା ତାହାର ସମାଧାନ ପାଇଁ ଥିବା ବିଧି ବ୍ୟବସ୍ଥା ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ଆନନ୍ଦପୁର ପୁଲିସ ବରିଷ୍ଠ ନାଗରିକମାନଙ୍କୁ ସୁରକ୍ଷା ଦେବାକୁ ସବୁବେଳେ ପ୍ରସ୍ତୁତ ବୋଲି ଥାନାଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ପରିଷଦର ବରିଷ୍ଠ ସଦସ୍ୟ ରଘୁନାଥ ପଣ୍ଡିତ, ବିନୋଦ ମିଶ୍ର, କୀର୍ତ୍ତନ ସାହୁ, ବିପିନ ମିଶ୍ର, ସାବିତ୍ରୀ ଦାସ, ସବିତା ଦାସ, କୈଳାଶ ନାହାକ, ମୁରଲୀଧର ମିଶ୍ର, ଗଗନ ସିଂ, ସୁଦର୍ଶନ ବଳ, ପିତାମ୍ବର ବିଶ୍ୱାଳ, ରବି ଚାନ୍ଦ, ନଗେନ ଚାନ୍ଦ, ବିନୋଦ ବିହାରୀ ଦାସ, କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିର; ୫୫ ୟୁନିଟ୍ ସଂଗ୍ରହ



କେନ୍ଦୁଝର, ୨୪।୮ (ସମିସ): କେନ୍ଦୁଝର ସଦର ମହକୁମାସ୍ଥ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୁଖଶାନ୍ତି ସରୋବରରେ ରାଜଯୋଗିନୀ ଦାଦି ପ୍ରକାଶମଣିଜୀଙ୍କ ୧୮ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଶ୍ରମ ମୁଖ୍ୟ ବ୍ରହ୍ମକୁମାରୀ ବିନ୍ଦୁ ଭଉଣୀଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୫୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଜିଲ୍ଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଧନରାଜ ଏଚଡି ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଟାଉନ ଥାନାଧିକାରୀ ଶ୍ରୀକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପ୍ରତିଭା ପୃଷ୍ଟି, ବ୍ରହ୍ମକୁମାରୀ ଜୟନ୍ତୀ ଥାଟୋଇ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରକ୍ତକେନ୍ଦ୍ର ପିଆରଓ ଅକ୍ଷୟ ସାହୁ ଏବଂ ଏଲଟିବୃନ୍ଦ ରକ୍ତ ସଂଗ୍ରହ କରିଥିଲେ। ଜିଲ୍ଲା ରେଡକ୍ରସ ଯୁଗ୍ମ ସମ୍ପାଦକ ଏଆର ଖାନ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶିଶୁ କିଶୋର ସାହିତ୍ୟ ଏକାଡେମୀ ସହଯୋଗରେ ଭୁବନେଶ୍ୱର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକଦିବସୀୟ ସାରସ୍ୱତ ସମାରୋହରେ ବରିଷ୍ଠ ଶିଶୁ ସାହିତ୍ୟିକ ରତ୍ନାକର ଦାସଙ୍କ "ମଥା ମୋ ଯାଉଛି ନଇଁ' କବିତା ପୁସ୍ତକ ଉନ୍ମୋଚିତ ହୋଇଛି।

# ଦୁର୍ଘଟଣାରେ ୩ ଆହତ

ଆନନ୍ଦପୁର, ୨୪।୮ (ସମିସ): ୨୦ ନମ୍ବର ଜାତୀୟ ରାଜପଥର ଧକୋଠା ନିକଟରେ ଭାରସାମ୍ୟ ହରାଇ ବାଇକ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଗତରାତି ସନ୍ଧ୍ୟାରେ ତୁରୁମୁଙ୍ଗା ଅଞ୍ଚଳରୁ ବାଇକ ଯୋଗେ ଗୌରବ ମହାନ୍ତ, ବବୁଲୁ ମହାନ୍ତ, ରାଜେଶ ନାଇକ ଯାଜପୁର ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।

# ଅଳତି ଡିଏନ୍ ବିଦ୍ୟାପୀଠ ପ୍ଲାଟିନମ୍ ଜୁବିଲି ଲୋଗୋ ଉନ୍ମୋଚିତ



ରାମଚନ୍ଦ୍ରପୁର,୨୪।୮ (ସମିସ): ଆନନ୍ଦପୁର ଉପଖଣ୍ଡର ପୁରାତନ ଶିକ୍ଷାନୁଷ୍ଠାନ ଦରିଦ୍ର ନାରାୟଣ ବିଦ୍ୟାପୀଠ ଅଳତିର ୭୦ ବର୍ଷ ପୂର୍ତ୍ତି ଉପଲକ୍ଷେ ନଭେମ୍ବର ପ୍ରଥମ ସପ୍ତାହରେ ପାଳନ ହେବାକୁ ଥିବା ପ୍ଲାଟିନମ୍ ଜୁବିଲି ଉତ୍ସବ ପାଇଁ ବିଦ୍ୟାଳୟ ଅଭ୍ୟର୍ଥନା କକ୍ଷରେ ଏକ ସମୀକ୍ଷା ବୈଠକ ସହ ଲୋଗୋ ଉନ୍ମୋଚନ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ଡ. ରତିକାନ୍ତ ବରାଳଙ୍କ ସଂଯୋଜନାରେ ଜୁବିଲି ପାଳନର ରୂପରେଖ ସହ ଅତିଥି ଚୟନ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ନଭେମ୍ବର ୭ରୁ ୯ ତିନିଦିନ ଧରି ଜୁବିଲି ପାଳନ ହେବ। ପ୍ଲାଟିନମ ଜୁବିଲି ବିଶେଷାଙ୍କ "ଆଳତି' ପାଇଁ ପୁରାତନ ଛାତ୍ରଛାତ୍ରୀ, ଶୁଭେଚ୍ଛୁଙ୍କଠାରୁ ଲେଖା ଆହ୍ୱାନ କରାଯାଇଛି। ଆସନ୍ତା ସେପ୍ଟମ୍ବର ୧୫ ପୂର୍ବରୁ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନାମରେ ପହଞ୍ଚିବା ଆବଶ୍ୟକ। ଲେଖାଟି ବିଦ୍ୟାଳୟର ସ୍ମୃତି ସମ୍ବଳିତ ହେବା ନିହାତି ଆବଶ୍ୟକ। ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଜେନା, ପୁରାତନ ଛାତ୍ର ସଂସଦ ସମ୍ପାଦକ ପ୍ରଭାତ ବରାଳ, ବୈଷ୍ଣବ ସେନାପତି, ସ୍ଥାନୀୟ ସରପଞ୍ଚ ପ୍ରିୟବ୍ରତ ବରାଳ, ଦିଗମ୍ବର ସାହୁ, ଗଗନ ବିହାରୀ ଜେନା, ବଳରାମ ବେହେରା, ପ୍ରସନ୍ନ ପଣ୍ଡା, ଯୋଗେନ୍ଦ୍ର ବାରିକ, ବେଣୁଧର ବେହେରା, ଦିଲ୍ଲୀପ ଦାସ, ଜିତେନ୍ଦ୍ର ସାହୁ, ପ୍ରସନ୍ନ ନାୟକ, ଜିତେନ୍ଦ୍ର ଓଝା, ନାରାୟଣ ଦାସ, ଅମୂଲ୍ୟ ବାରିକ, ନିରଂଜନ ମଲ୍ଲିକ, ଗତିକୃଷ୍ଣ ଭୂୟାଁ, ବିଷ୍ଣୁନାରାୟଣ ସାମଲ, ସୁଶାନ୍ତ ସେଠୀ, ମହେନ୍ଦ୍ର ବେହେରା, ଦୀପକ ଭୂୟାଁ, ପ୍ରିୟବ୍ରତ ରାଉଳ ପ୍ରମୁଖ ଯୋଗ ଦେଇଥିଲେ।

## ସମସ୍ୟାବହୁଳ କନକନା ପ୍ରାଥମିକ ବିଦ୍ୟାଳୟ

# ଭିତ୍ତିଭୂମି ଦୁର୍ବଳ, ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ





ବାଲିବନ୍ଧ, ୨୪।୮ (ସମିସ)

କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକର ଜଙ୍ଗଲାଞ୍ଚଳ ଥିବା କିଛି ବିଦ୍ୟାଳୟର ଭିତ୍ତିଭୂମି ଭୁଶୁଡ଼ି ପଡ଼ିଥିବା ସହ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହେବା ଦେଖିବାକୁ ମିଳିଛି। ନିଶ୍ଚିନ୍ତପୁର ପଞ୍ଚାୟତ କନକନା ଗ୍ରାମରେ ଥିବା ସରକାରୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ଏବଂ ଶିକ୍ଷା ବ୍ୟବସ୍ଥା ଜ୍ୱଳନ୍ତ ଉଦାହରଣ। ସମସ୍ୟାବହୁଳ ସରକାରୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟ, କନକନାର ଭିତ୍ତିଭୂମି ଦୁର୍ବଳ ଯୋଗୁଁ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି। କନକନା ଗ୍ରାମରେ ସମ୍ପୂର୍ଣ୍ଣ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ମୂଲ ମଜୁରୀ ସହିତ ବନ୍ୟଜାତ ଦ୍ରବ୍ୟ ବିକ୍ରିବଟା କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ସେ ଅଞ୍ଚଳର ଶିକ୍ଷାର ବିକାଶ ନିମନ୍ତେ ୧୯୭୨ରେ ସ୍ଥାପିତ ହୋଇଥିଲା କନକନା ଗ୍ରାମରେ ସରକାରୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟ। ସେହି ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ଚଳିତ ଶିକ୍ଷା ବର୍ଷରେ ଏଥିରେ ବାଲବାଟିକା ମଧ୍ୟ ଅନ୍ତର୍ଭୁକ୍ତ ହୋଇଛି। ଏହି ବିଦ୍ୟାଳୟରେ ବାଲବାଟିକାଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୬୧ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବା ବେଳେ ଜଣେ ଶିକ୍ଷୟିତ୍ରୀ ଏବଂ ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟର ଶ୍ରେଣୀ ଗୃହ ଅଭାବ ଯୋଗୁଁ ୩ଟି ଶ୍ରେଣୀ ଗୃହରେ ବାଲବାଟିକାଠାରୁ ଆରମ୍ଭ କରି ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଦିଆଯାଉଛି। ଫଳରେ ଗୋଟିଏ ବେଞ୍ଚରେ ୭ରୁ ୮ଜଣ ଲେଖାଏଁ ଛାତ୍ରଛାତ୍ରୀ ବସିଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ନେତାଜୀ କକ୍ଷରେ ବାଲବାଟିକା, ୧ମ ଏବଂ ୨ୟ ଶ୍ରେଣୀର ପାଖାପାଖି ୮୦ ଜଣ ଛାତ୍ରଛାତ୍ରୀ ଏକାଠି ବସି ପାଠ ପଢୁଥିବାରୁ ଭବିଷ୍ୟତ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ଅନ୍ୟପକ୍ଷରେ ବିର୍ସାମୁଣ୍ଡା କକ୍ଷରେ ୩ୟ, ୪ର୍ଥ ଏବଂ ୫ମ. ଶ୍ରେଣୀ ଏବଂ ଅନ୍ୟ ଏକ ଶ୍ରେଣୀ କକ୍ଷରେ ୬ଷ୍ଠ, ୭ମ ଏବଂ ୮ମ ଶ୍ରେଣୀର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଦେଖିବାକୁ ମିଳିଛି। ଶ୍ରେଣୀଗୃହଗୁଡିକ ର ପଛ ପାର୍ଶ୍ୱରେ ବିଦ୍ୟାଳୟର ଅଦରକାରୀ ବେଞ୍ଚ ଡେକ୍ସ ଓ ମଧ୍ୟାହ୍ନଭୋଜନ ଚାଉଳ ଜମା କରି ରଖାଯାଇଥିବାରୁ ଶ୍ରେଣୀକକ୍ଷଗୁଡିକ ବିପଦସଂକୁଳ ଅବସ୍ଥାରେ ରହିଛି। ଶ୍ରେଣୀଗୃହ ଅଭାବ ନେଇ ସ୍ଥାନୀୟ ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ସରକାରଙ୍କ ପକ୍ଷରୁ ନୂତନ ଶ୍ରେଣୀ ନିର୍ମାଣ ନେଇ ଅନୁଦାନ ପ୍ରଦାନ କରାଯାଇଥିଲା। ସେହି ନିର୍ମାଣାଧୀନ ଶ୍ରେଣୀଗୃହ କାର୍ଯ୍ୟର ତଦାରଖ ଦାୟିତ୍ୱ ଝୁମ୍ପୁରା ପଞ୍ଚାୟତସମିତି ହାତରେ ରହିଛି। ତେବେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତାଲାଗି ଦୀର୍ଘ ୩ବର୍ଷ ହେବ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଭାବେ ପଡିରହିଥିବା ଗ୍ରାମବାସୀ କହିଛନ୍ତି। ଏହାବ୍ୟତୀତ ଛାତ୍ରଛାତ୍ରୀଙ୍କ ପାନୀୟଜଳ ବ୍ୟବହାର ଏବଂ ମଧ୍ୟାହ୍ନ ଭୋଜନ ନିମନ୍ତେ ସମସ୍ୟା ଲାଗିରହିଛି। ବିଦ୍ୟାଳୟ ପରିସରରେ ଥିବା ନଳକୂପରେ ପାଣି ପମ୍ପ ବସାଯାଇଛି। ସ୍କୁଲ ଛାତ ଉପରେ ପାଣି ଟାଙ୍କି ବସିଛି। ପାଇଖାନାଠାରୁ ରୋଷେଇ ଘର ପର୍ଯ୍ୟନ୍ତ ପାଇପ ବିଛାଯାଇଛି ହେଲେ ପାଣି ଯାଉନାହିଁ। କାରଣ ପାଣି ପମ୍ପ ଦୀର୍ଘଦିନ ହେବ ଅଚଳ ହୋଇପଡିଥିବାରୁ ପାନୀୟଜଳ ସମସ୍ୟା ଭୋଗୁଛନ୍ତି କୋମଳମତି ଛାତ୍ରଛାତ୍ରୀ। ବିଦ୍ୟାଳୟ ଚାରିପାଖରେ ପାଚେରି ଅଛି ହେଲେ ମୁଖ୍ୟ ଫାଟକରେ ଗେଟ ଲାଗି ନଥିବାରୁ ଗାଈ, ଗୋରୁ, ଛେଳି, ମେଣ୍ଢା, ବୁଲା କୁକୁର ସ୍କୁଲ ଭିତରେକୁ ଅବାଧରେ ପଶି ଯାଉଛନ୍ତି। ଏନେଇ ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ମିଶ୍ରଙ୍କ ମତାମତ ଲୋଡିବାରୁ ସ୍କୁଲ ସମସ୍ୟା ନେଇ ଅବଗତ ଅଛି, ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସ୍ଥାନୀୟ ବିଡିଓ ହୃଦାନନ୍ଦ ଅଢା କହିଲେ, ନୂତନ ଶ୍ରେଣୀଗୃହ ନିର୍ମାଣ କରୁଥିବା ଠିକାଦାରଙ୍କୁ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ନେଇ ନୋଟିସ କରାଯାଇଛି।

**ପ୍ରସୂତି ଓ ନବଜାତକ ମୃତ୍ୟୁ ଘଟଣା**

# ସାହାରା ନର୍ସିଂ ହୋମ୍ ମାଲିକ ଗିରଫ

ଦିଗପହଣ୍ଡି,୨୪।୮ (ସମିସ)

ଦିଗପହଣ୍ଡି ଥାନା ଡେଙ୍ଗାଓସ୍ତା ଗ୍ରାମରେ ଥିବା ସାହାରା ନର୍ସିଂ ହୋମ୍‌ରେ ଗତ ୧୧ ମଇରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଜଣେ ପ୍ରସୂତି ଏବଂ ତାଙ୍କ ନବଜାତକର ମୃତ୍ୟୁ ଘଟିଥିଲା। ଘଟଣାରେ ପୁଲିସ ରବିବାର ନର୍ସିଂ ହୋମ୍ ମାଲିକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଡେଙ୍ଗାଉସ୍ତା ଗ୍ରାମର ମଙ୍ଗୁଲୁ ଚରଣ ପ୍ରଧାନ (୩୫)। ପୁଲିସ ଏହି ଘଟଣାରେ ପୂର୍ବରୁ ୨ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରମୋଦିନୀ ଗମାଙ୍ଗ ଏବଂ ମଧୁମିତା ପଟ୍ଟନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

ପ୍ରକାଶ ଯେ, ଡେଙ୍ଗାଓସ୍ତା ଗ୍ରାମ ନିକଟସ୍ଥ ସିଙ୍ଗିପୁର ଗ୍ରାମର ମାଗୁଣି ନାୟକଙ୍କ ଝିଅ ରୋଜି ନାୟକ ହିଞ୍ଜିଳି ଥାନା କରାଖଣ୍ଡି ଗ୍ରାମର ବାବୁ ନାୟକଙ୍କୁ ବିବାହ କରିଥଲେ। ମେ' ୧୧ରେ ତାଙ୍କୁ ଏହି ନର୍ସିଂ ହୋମ୍‌ରେ ପ୍ରସବ ପାଇଁ ଭର୍ତ୍ତି କରାଯାଇଥିଲା। ତେବେ ଉକ୍ତ ନର୍ସିଂ ହୋମ୍‌ରେ କୌଣସି ଅଭିଜ୍ଞ ଡାକ୍ତର ନଥିବା ସତ୍ତ୍ୱେ ଉପସ୍ଥିତ ସ୍ୱାସ୍ଥ୍ୟକର୍ମୀ ପ୍ରମୋଦିନୀ ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ଚିକିତ୍ସାର ୪ ଘଣ୍ଟା ପରେ ପ୍ରସବ ଯନ୍ତ୍ରଣା ଅତ୍ୟଧିକ ହେବାରୁ ଉପ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଏଏନ୍‌ଏମ୍ ମଧୁମିତା ଉକ୍ତ ନର୍ସିଂ ହୋମ୍‌କୁ ଆସିଥିଲେ। ଏହାପରେ ଦୁଇ ମହିଳା ସ୍ୱାସ୍ଥ୍ୟକର୍ମୀ ସମେତ କ୍ଲିନିକ୍ ମାଲିକ ମଙ୍ଗୁଲୁ ଚରଣ ପ୍ରଧାନ ମିଶି ପ୍ରସବ କରାଇବା ନିମନ୍ତେ ରୋଜିଙ୍କ ପରିବାରକୁ କହିଥିଲେ। ସେଠାରେ ତାଙ୍କ ପ୍ରସବ ପରେ ସନ୍ଧ୍ୟା ସମୟରେ ଏକ ମୃତ ଶିଶୁପୁତ୍ର ଜନ୍ମ ହେବା ସହ ରୋଜିଙ୍କ ପ୍ରଚୁର ରକ୍ତସ୍ରାବ ଯୋଗୁ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ଏହାର କିଛି ସମୟ ପରେ ରୋଜିଙ୍କ ମୃତ୍ୟୁ ହୋଇଯାଇଥିଲା। ମାତ୍ର ମୃତ୍ୟୁ ଘଟଣାକୁ ଲୁଚାଇ ତାଙ୍କ ଅବସ୍ଥା ଗୁରୁତର ଥିବା କହି ଦିଗପହଣ୍ଡି ସରକାରୀ ମେଡିକାଲ ନେବାକୁ ପରିବାରକୁ କହିଥିଲେ। କିନ୍ତୁ ପରିବାର ସଦସ୍ୟ ରୋଜିଙ୍କୁ ବ୍ରହ୍ମପୁର ବଡ଼ମେଡିକାଲ ନେଇଯାଇଥିଲେ। ସେଠାରେ ଡାକ୍ତର ରୋଜିଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ନର୍ସିଂ ହୋମ୍‌ରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଅପରପକ୍ଷରେ ମୃତକଙ୍କ ସ୍ୱାମୀ ବାବୁ ମେ' ୧୩ରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଦୁଇ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଗିରଫ କରିଥିଲା। ଏନେଇ ପୂର୍ବରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ନର୍ସିଂ ହୋମ୍‌କୁ ସିଲ୍ କରାଯାଇଥିଲା। ଏଥିସହ ଗତ ଅଗଷ୍ଟ ୮ରେ ଅଭିଯୁକ୍ତ ମଙ୍ଗୁଲୁଙ୍କ ନାମରେ ମୃତ ରୋଜିଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ.୨୮୪/୨୫) ଅନୁସାରେ ଆଉ ଏକ ମାମଲା ଯୋଡ଼ି ହୋଇଥିଲା। ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରି ମଙ୍ଗୁଲୁ ଥାନାରୁ କେସ୍ ଉଠାଇବାକୁ ଧମକ ଦେଇଥିଲା। ଘଟଣା ଦିନରୁ ଅଭିଯୁକ୍ତ ମଙ୍ଗୁଲୁ ଫେରାର ରହିଥିବା ବେଳେ ପୁଲିସ ତାଙ୍କ ବିରୋଧରେ କରାଯାଇଥିବା ମାମଲାର ରୁଜୁ ତଦନ୍ତ ଚଳାଇଥିବା ବେଳେ ଶନିବାର ପୁଲିସ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ତାଙ୍କୁ ଗିରଫ କରିଥିଲା। ରବିବାର ଅପରାହ୍ନରେ ମଙ୍ଗୁଲୁଙ୍କୁ ଥାନା କେସ୍ ନଂ ୧୭୪/୨୫ ପ୍ରକାରେ କୋର୍ଟଚାଲାଣ କରିଥିଲା। ତେବେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।



## କୂଅରେ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଭଞ୍ଜନଗର,୨୪।୮ (ସମିସ): ଭଞ୍ଜନଗର ଥାନା ବାଉଁଶଲୁଣ୍ଡି ପଞ୍ଚାୟତ ଗାମୁଣ୍ଡି ଗ୍ରାମରେ ନିରଞ୍ଜନ ପ୍ରଧାନଙ୍କ କୂଅରେ ପଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହେମ ଗୌଡ଼ (୭୦)। ହେମଙ୍କ ବୋହୂ ସକାଳ ୧୦ଟାରୁ ଶାଶୁଙ୍କୁ ଖୋଜାଖୋଜି କରିଥିଲେ। ହେଲେ ଶାଶୁଙ୍କ କୌଣସି ଖୋଜ ଖବର ପାଇ ନଥିଲେ। ସନ୍ଧ୍ୟାରେ ହେମ କୂଅରେ ଭାସୁଥିବା ଦେଖି ଗାଁ ଲୋକେ ଖବର ଦେଇଥିଲେ। ଖବର ପାଇ ଭଞ୍ଜନଗର ପୁଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଶବକୁ କୂଅରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇ ତଦନ୍ତ ଚଳାଇଛି। ଅନ୍ୟପଟେ ହେମଙ୍କ ସ୍ୱାମୀ ଦୀର୍ଘଦିନ ହେଲା ମୃତ୍ୟୁବରଣ କରିଥିବାବେଳେ ଏକମାତ୍ର ସାହାରା ଥିବାପୁଅଗନ୍ଧିଗୌଡ଼ଜୀବନମରଣସହିତସଂଗ୍ରାମକରୁଛି।ଗନ୍ଧିସୁରଟସୁତାକଳରେ କାମ କରୁଥିଲେ। ଏବେ କିଛି ଦିନହେଲା କ୍ୟାନ୍ସରରେ ପୀଡିତ ହୋଇ ଚିକିତ୍ସିତ ହେଉଛି। ପୁଅ ଶଯ୍ୟାଶାୟୀ ଥିବାବେଳେ ମା' କୂଅରେ ପଡ଼ି ମୃତ୍ୟୁବରଣ କରିଛି। ଏଭଳି ଘଟଣା ଗାମୁଣ୍ଡି ଗାଁରେ ଏକପ୍ରକାର ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ଗୁହାଳ ଘରୁ ବିସ୍ଫୋରକ ଜବତ ଘଟଣାର ଖୋଳତାଡ଼ ଆରମ୍ଭ

ଛତ୍ରପୁର,୨୪।୮ (ସମିସ): ଚମାଖଣ୍ଡି ଥାନା ଅଧିନ ଜଗନ୍ନାଥପୁର ଗ୍ରାମର ବି.ମୋହନ ରେଡିଙ୍କ ଆଦର୍ଶ ଗାଈ ଗୁହାଳରୁ ବିପୁଳ ପରିମାଣର ବିସ୍ଫୋରକ ଜବତ କରିଥିଲା କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ପୁଲିସ। ଚଳିତ ମାସ ୧୬ ତାରିଖ ରାତ୍ରରେ ଚମାଖଣ୍ଡି ପୁଲିସ ସହାୟତାରେ ତୁମୁଡିବନ୍ଧ ପୁଲିସ ବି.ମୋହନ ରେଡିଙ୍କ ଗାଈ ଗୁହାଳରୁ ୬.୯ଟନ ପରିମାଣର ବିଭିନ୍ନ ବିସ୍ଫୋରକ ସାମଗ୍ରୀ ଜବତ କରିଥିଲା। ତେବେ ଏହି ଗାଈ ଗୁହାଳକୁ ମୋହନ ବ୍ରହ୍ମପୁର ଆମ୍ବପୁଆ ଅଞ୍ଚଳର ହେମନ୍ତ ସେଠୀକୁ ଭଡ଼ା ଆକାରରେ ପ୍ରାୟ ଦେଢ ବର୍ଷ ହେବ ଦେଇଥିଲେ। ହେମନ୍ତ ଏଠି ଭଡ଼ାକୁ ନେଇ ବିସ୍ଫୋରକ ସାମଗ୍ରୀ ବିନା ଲାଇସେନ୍ସରେ ରଖୁଥିଲା। ତେବେ ସରକାରଙ୍କ ପକ୍ଷରୁ ମୋହନଙ୍କୁ ଗାଈ ଗୁହାଳ ପ୍ରଦାନ କରାଯାଇଥିଲା। ୨୦୧୮-୧୯ରେ ସେ ଗୁହାଳ ନିର୍ମାଣ କରିବା ନେଇ ଏହି ବାବାଦରେ ଅର୍ଥ ପ୍ରଦାନ କରାଯାଇଥିଲା। ତେବେ ସେଠାରେ ଗାଈ ରହିବା ବଦଳରେ କିପରି ସେ ବେନିୟମ ଭାବେ ଭଡ଼ାରେ ଲଗାଇଲେ ସେନେଇ ଖୋଳତାଡ଼ କରିଛି ଛତ୍ରପୁର ବ୍ଲକ ପ୍ରଶାସନ। ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତନିର୍ବାହୀ ଅଧିକାରୀ, ଏଡିଇଓଙ୍କୁ ଛତ୍ରପୁର ବ୍ଲକ ବିଡିଓ ଏମାନଙ୍କୁ ଚିଠି କରି ଏହି ଘଟଣାର ତଦନ୍ତ କରି ଦୁଇ ଦିନ ମଧ୍ୟରେ ରିର୍ପୋଟ ପ୍ରଦାନ କରିବାକୁ କୁହାଯାଇଛି। ରିର୍ପୋଟକୁ ଆଧାରକରି ମୋହନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି। ସେ ଏହି ଗୁହାଳ ବାବଦରେ ସରକାରଙ୍କ ପକ୍ଷରୁ ହାତେଇଥିବା ସହାୟତା ଟଙ୍କା ହୁଏତ ମଗାଯାଇପାରେ ନଚେତ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଗଜପତି ବ୍ରାହ୍ମଣ ମହାସଙ୍ଘ ବୈଠକ

ପାରଳାଖେମୁଣ୍ଡି,୨୪।୮ (ସମିସ): ଓଡିଶା ବ୍ରାହ୍ମଣ ମହାସଙ୍ଘ ଗଜପତି ଶାଖାର ଏକ ବୈଠକ ପାରଳାଖେମୁଣ୍ଡି ସ୍ଥିତ ଶ୍ରୀଶୈଳମ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ବୈଠକରେ ନୂତନ ସଭ୍ୟ ସଂଗ୍ରହ, ବ୍ଲକ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟପନ୍ଥା ନିମନ୍ତେ ସଂଗଠକ ମତ ପ୍ରକାଶ କରିଥିଲେ। ସହମତି କ୍ରମେ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା। ଏଥିରେ ଉପଦେଷ୍ଟା ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଭାପତି ଭାବେ ଅଶ୍ୱିନୀ କୁମାର ପାଢ଼ୀ, ଉପସଭାପତି ଶ୍ୟାମସୁନ୍ଦର ଗନ୍ତାୟତ, ସମ୍ପାଦକ ସିଦ୍ଧେଶ୍ୱରମିଶ୍ରଓସହସମ୍ପାଦକପ୍ରମୋଦଚନ୍ଦ୍ରପାଢ଼ୀଙ୍କୁମନୋନିତକରାଯାଇଥିଲା।

## ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ

ବେଲଗୁଣ୍ଠା,୨୪।୮ (ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ତୃଣମୂଳ ସ୍ତରରୁ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ପ୍ରତି ଆଗ୍ରହୀ କରିବା ନିମନ୍ତେ ଚଳିତ ବର୍ଷ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପୂର୍ବରୁ ଅନୁଷ୍ଠିତ ହେବ ଜୋନ୍ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା। ଏହି ପ୍ରରିପ୍ରେକ୍ଷୀରେ ଆସନ୍ତା ୩୦ ତାରିଖରେ ବେଲଗୁଣ୍ଠା ବ୍ଲକର କ୍ଷତ୍ରୀୟବରପୁର ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠ ଏବଂ ସେପ୍ଟେମ୍ବର ୧ରେ ତନରଡ଼ା ଆର୍ଯ୍ୟକନ୍ୟା ଗୁରୁକୂଳ ଏବଂ ବିଏଲ୍‌ଏସ୍‌ପୁର ଉଚ୍ଚ ବିଦ୍ୟାଳୟରେ ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଅଧିକାରିଣୀ ଲୋପାମୁଦ୍ରା ରଥଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବେଲଗୁଣ୍ଠା ବ୍ଲକ୍ କ୍ରୀଡ଼ା ସମ୍ପାଦକ ଆଶୁତୋଷ ସ୍ୱାଇଁ, କ୍ଷତ୍ରୀୟବରପୁର ସରକାରୀ ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ସାହୁ, ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମନୋଜ କୁମାର ଘଡ଼େଇ, ଆର୍ଯ୍ୟକନ୍ୟା ଗୁରୁକୂଳ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀ ଏବଂ ବିଏଲ୍‌ଏସ୍‌ପୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୁବେର ମେହେରଙ୍କ ସମେତ ବ୍ଲକ୍‌ର ସମସ୍ତ କ୍ରୀଡ଼ା ଶିକ୍ଷକ ଉପସ୍ଥିତ ଥିଲେ। ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରତ୍ୟେକ ବିଦ୍ୟାଳୟରୁ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ଏବଂ ଉଚ୍ଚକୋଟୀର ଶୃଙ୍ଖଳିତ କ୍ରୀଡ଼ା ପ୍ରଦର୍ଶନ ଉପରେ ବିଇଓ ଶ୍ରୀମତୀ ରଥ ଗୁରୁତ୍ୱାରୋପ କରିଥିଲେ। ପ୍ରତିଯୋଗୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରି କିପରି ଛାତ୍ରଛାତ୍ରୀ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ସେନେଇ ବୈଠକରେ ଆଲୋଚନା ହୋଇଥିଲା।

**କାଳହେଲା ରାସ୍ତା କଡ଼ରେ ଶୌଚ**

## ମାଡ଼ିଗଲା ଅଜଣା ଗାଡ଼ି; ଯୁବକ ଗୁରୁତର

ମୋହନା,୨୪।୮ (ସମିସ): କାଳ ହେଲା ରାସ୍ତା କଡ଼ରେ ଶୌଚ। ଅଜଣା ଗାଡ଼ି ଧକ୍କାରେ ଯୁବକ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ମୋହନା ଅଞ୍ଚଳରେ। ଗୁରୁତର ଯୁବକ ହେଲେ ଗଜପତି ଜିଲ୍ଲା ମୋହନା ଥାନା ଚାନ୍ଦିପୁଟ ଗ୍ରାମର ଅରକ୍ଷୀତ ମାହାଙ୍କୁଡ।

ପ୍ରକାଶ ଯେ, ରବିବାର ରାତିରେ ଦୋକାନ ବନ୍ଦ କରି ଅରକ୍ଷୀତ ମୋହନା - ପାରଳାଖେମୁଣ୍ଡି ଜାତୀୟ ରାଜପଥ ନଂ.୩୨୬ ର ଚାନ୍ଦିପୁଟ ଦେଇ ଯାଇଥିବା ରାସ୍ତା କଡ଼ରେ ଶୌଚ ହେବାକୁ ବସିଥିଲେ। ଏତିକିବେଳେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଅରକ୍ଷୀତଙ୍କୁ ଉଦ୍ଧାର କରି ପ୍ରଥମେ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବାମ ଗୋଡ଼ଟି ଭାଙ୍ଗି ଯାଇଥିବା ସହ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ମୋହନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଖୋଜୁଛି।

## ବିଜୟନଗର ଗଡ଼କୁ ଐତିହ୍ୟ ଗ୍ରାମ ଘୋଷଣା ଦାବି



ଦିଗପହଣ୍ଡି,୨୪।୮ (ସମିସ): ଦିଗପହଣ୍ଡି ପୁଞ୍ଜିକୟାଁ ଛକ ସ୍ଥିତ କବିସୂର୍ଯ୍ୟ କଲ୍ୟାଣମଣ୍ଡପ ଠାରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଏବଂ କବିସୂର୍ଯ୍ୟ ସ୍ମୃତି ପରିଷଦ ମଧ୍ୟରେ ଏକ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମସ୍ଥାନ ତତ୍କାଳୀନ ବଡ଼ଖେମୁଣ୍ଡି ରାଜ୍ୟର ବିଜୟନଗର ଗଡ଼ ଗ୍ରାମରେ ବୋଲି ବିଧାୟକଙ୍କୁ ବହୁ ଐତିହାସିକ ପ୍ରମାଣ ଲିଖିତ ଭାବେ ପ୍ରଦାନ କରାଯାଇଥିଲା। ତେଣୁ କବିସୂର୍ଯ୍ୟଙ୍କ ଜନ୍ମସ୍ଥାନ ବିଜୟ ନଗର ଗଡ଼ ଗ୍ରାମକୁ ଐତିହ୍ୟ ଏବଂ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇ ପ୍ରତିମୂର୍ତ୍ତି ନିର୍ମାଣ, ସ୍ମୃତି ପୀଠ ନିର୍ମାଣ ସହ ସମଗ୍ର ଅଞ୍ଚଳର ବିକାଶ ପୂର୍ବକ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବାକୁ ବିଧାୟକ ସ୍ମୃତି ପରିଷଦ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। କବିସୂର୍ଯ୍ୟଙ୍କ ଜନ୍ମସ୍ଥାନ ବିଜୟ ନଗର ଗଡ଼ ଗ୍ରାମ ସମ୍ପର୍କରେ ବହୁ ଐତିହାସିକ ପ୍ରମାଣ ରହିଥିଲେ ମଧ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଆଠଗଡ଼ ଅଞ୍ଚଳର କିଛି ବ୍ୟକ୍ତି ଇତିହାସକୁ ବିକୃତ କରିବାର ଅପଚେଷ୍ଟା ଚଳାଇଥିବା ଯୋଗୁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ସମସ୍ତ ପ୍ରାମାଣିକ ତଥ୍ୟକୁ ଉପସ୍ଥାପନ କରାଯିବା ପରେ ବିଧାୟକ ମହାପାତ୍ର ଏ ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ ଉତ୍‌ଥାପନ ସହ ସଂସ୍କୃତି ବିଭାଗର ମନ୍ତ୍ରୀ ଏବଂ ସଚିବଙ୍କ ସହ ଆଲୋଚନା କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଆଲୋକ ବିଷୋୟୀଙ୍କ ସଂଯୋଜନା ଏବଂ ଆଇନଜୀବୀ କୁରେଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ସଭାରେ ଏନ୍‌ଏସିର ନଗରପାଳ ପ୍ରଫୁଲ୍ଲ ପଣ୍ଡା ଓ ବଡ଼ଖେମୁଣ୍ଡି ରାଜ ପରିବାରର ସଦସ୍ୟ ସିଦ୍ଧାନ୍ତ ଗଙ୍ଗଦେବ, ଗବେଷକ ଡ଼.ଅନନ୍ତରାମ କର କୌଣ୍ଡିନ୍ୟ, ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ହରପ୍ରସାଦ ରଥ, ସରକାରୀ ଓକିଲ ମନୋରଞ୍ଜନ ପଣ୍ଡା, ସନ୍ତୋଷ କୁମାର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ଼, ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ରବିଚନ୍ଦ୍ର ଗୌଡ଼, ରାମ ଚରଣ ମେକାପ, ଅରୁଣ କୁମାର ସାହୁ,ଏ. ଗୋବିନ୍ଦ ଦୋରା, ସାମାଜିକ କର୍ମୀ ତପନ କୁମାର ମିଶ୍ର, ତାରାପ୍ରସାଦ ପଟ୍ଟନାୟକ, ସନ୍ତୋଷ କୁମାର ସାହୁ, ସୀମାଞ୍ଚଳ କର, ସାଇ ପ୍ରସାଦ ରଥ, ଶିକ୍ଷକ ନରସିଂହ ପଣ୍ଡାଙ୍କ ସମେତ ସ୍ମୃତି ପରିଷଦର କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ଜାତୀୟ ମହାକାଶ ଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତା



ବେଲଗୁଣ୍ଠା,୨୪।୮ (ସମିସ): ବେଲଗୁଣ୍ଠା ବ୍ଲକ୍ ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠରେ ଜାତୀୟ ମହାକାଶ ଦିବସ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଏବଂ ପୋଷ୍ଟର୍ ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମନୋଜ କୁମାର ଘଡ଼େଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ମହାକାଶ ସମ୍ବନ୍ଧୀୟ ବିଷୟ ଉପରେ କହିଥିଲେ। ଏଥିସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଭାତ କୁମାର ଗୌଡ଼ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଡୋକି ସରୋଜିନୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ୨୫ ଡିଙ୍ଗରିଆ ବୃଦ୍ଧାଙ୍କୁ ମିଳୁନି ଭତ୍ତା ଟଙ୍କା

ନବୀକରଣ ହେଉନି ଆଧାର

କଲ୍ୟାଣସିଂହପୁର,୨୪।୮ (ସମିସ): ସରକାର ବୃଦ୍ଧବୃଦ୍ଧାଙ୍କୁ ମାସିକ ଭତ୍ତା ଟଙ୍କା ଯୋଗାଇବାର ନିୟମ ରହିଥିବା ବେଳେ ନିୟମଗିରି ଡଙ୍ଗରିଆ ବୃଦ୍ଧାଙ୍କ ଆଧାର ନବୀକାରଣ ହୋଇ ନଥିବାରୁ ଭତ୍ତାରୁ ବଞ୍ଚିତ ଅଛନ୍ତି ସାତଖଣ୍ଡ ଗ୍ରାମର ମହିଳା ମାନେ। ବଞ୍ଚିତ ମହିଳା ମାନେ ହେଲେ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ସଲି ପଞ୍ଚାୟତର। ପ୍ରତିମାସ ୧୫ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବୃଦ୍ଧାମାନଙ୍କୁ ଜାତୀୟ ବାର୍ଦ୍ଧକ୍ୟ ଓ ରାଜ୍ୟ ଭତ୍ତା ପ୍ରଦାନ କରାଯାଉଥିଲା। କିନ୍ତୁ ଚଳିତ ମାସରେ ନିୟମଗିରି ପାହାଡ଼ ଅଞ୍ଚଳ ପାର୍ଶାଲି ପଞ୍ଚାୟତ ନିଶିଖାଲ, ନିର୍ଗୁଣ୍ଡି, ବଙ୍ଗପାଡୁ, ଫାକେରୀ, ସାନ ଡେଙ୍ଗଲେଲି, ବଡ଼ ଡେଙ୍ଗଲେଲି ଭଳି ଆହୁରି ଅନେକ ଗ୍ରାମର ପ୍ରାୟ ୨୫ରୁ ଅଧିକ ବୃଦ୍ଧା ଭତ୍ତାରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି। କୁଆଡେ ସେମାନଙ୍କ ଆଧାର କାର୍ଡ ନବୀକରଣ ହୋଇନି ବୋଲି ପିଇଓ ଓ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଦାନ କରିନଥିବା କୁଡୁଞ୍ଜି କାଡ୍ରାକା, ସୁନାରି ଶିକକା, କୁଚାଡ଼ି କାଡ୍ରାକା ଅଭିଯୋଗ କରିଛନ୍ତି। ପ୍ରତିମାସରେ ନଗଦ ଟଙ୍କା ହାତରେ ଦେଉଥିବା ବେଳେ ଚଳିତ ମାସରେ ଭତ୍ତା ଟଙ୍କା ମିଳିନଥିବାରୁ ମାସକ କେମିତି ଚଳିବୁ କଣ ଖାଇ ବଞ୍ଚିବୁ ବୋଲି ଚିନ୍ତାରେ ପଡି ଆଧାର ନବୀକରଣ କରିବା ପାଇଁ କଲ୍ୟାଣସିଂହପୁର ଆସିଥିଲେ। ଏଠାକୁ ଆସି ବିଭିନ୍ନ ଜନସେବା କେନ୍ଦ୍ରକୁ ବୁଲିବୁଲି ନିରାଶ ହୋଇ ଚିନ୍ତାରେ ଜଗନ୍ନାଥ ମନ୍ଦିର ନିକଟରେ ବସିଥିବା ଦେଖିବସକୁ ମିଳିଥିଲା। ଏଠାରେ ସୂଚନା ଯୋଗ୍ୟଯେ ବୃଦ୍ଧାଙ୍କୁ ହାତରେ ଟଙ୍କା ବାଣ୍ଟୁଥିବା ପିଇଓ ଓ ସମାଜିକ ସୁରକ୍ଷା ଅଧିକାରୀ କଣ ଦରକାର ପଡିଲା ବୋଲି ଅଞ୍ଚଳରେ ଡଙ୍ଗରିଆ ମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଯଦି ବ୍ୟାଙ୍କ ଜମା ଖାତାରେ ପ୍ରଦାନ କରୁଥିଲେ ଆଧାର ଓ କେୱାସୀ ଦରକାର ପଡିଥାଏ ବୋଲି ମହିଳା ମାନେ ପ୍ରକାଶ କରିଛନ୍ତି। ଗତକାଲି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ନିୟମଗିର ଡଙ୍ଗାରିଆଙ୍କ ପାଇଁ ଆଧାର ନବୀକରଣ ଓ ନୂତନ ଆଧାର କାର୍ଡ କରିବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦେଶ ଦେଇଥିବା ବେଳେ କାହଁକି ବ୍ଲକ କର୍ମଚାରୀ ଏଭଳି ଭତ୍ତାରୁ ବଞ୍ଚିତ କରିଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଣୁ ମହିଳାଙ୍କୁ ଯୁଦ୍ଧକାଳୀନ ଭିତରେ ଭତ୍ତା ପ୍ରଦାନ କରିବା ପାଇଁ ଦାବି ହେଉଛି।

## ନିଖୋଜ ୟୁଟ୍ୟୁବର ସାଗରଙ୍କ ପତ୍ତା ମିଳୁନି

ଲମତାପୁଟ,୨୪।୮ (ସମିସ):

ଘଟଣାକୁ ୨୬ ଘଣ୍ଟା ବିତି ଯାଇଥିଲେ ମଧ ବ୍ରହ୍ମପୁରର ୟୁଟ୍ୟୁବର ସାଗର କୁଣ୍ଡୁଙ୍କ କୌଣସି ପତ୍ତା ମିଳିପାରିଲା ନାହିଁ। ମାଛକୁଣ୍ଡ ଡି ଡ୍ୟାମର ଗେଟ ବନ୍ଦ କରି ପାଣି ନିଷ୍କାସନକୁ ବନ୍ଦ କରିବା ପରେ ଲମତାପୁଟ ଅଗ୍ନିଶମ ବିଭାଗ ଏବଂ କୋରାପୁଟ ଓଡ୍ରାଫ୍ ଟିମ ସାଗରଙ୍କୁ ଖୋଜିବା ନିମନ୍ତେ ଅପେରସନ ଆରମ୍ଭ କରିଥିଲେ। ଗତକାଲି ସାଗର ଏବଂ କଟକର ଅଭିଜିତ ବେହେରା ମିଶି ଡୁଡୁମା ଜଳପ୍ରପାତ ଉପରେ ଡ୍ରୋନ୍ ସାହାଯ୍ୟରେ ଭିଡିଓ ସୁଟିଂ କରୁଥିବା ସମୟରେ ମାଛକୁଣ୍ଡ ଡି ଡ୍ୟାମର ୭ ନମ୍ବର ଗେଟ ଖୋଲିଥିଲା। ହଠାତ୍ ଜଳସ୍ତର ବଢ଼ି ଯାଇଥିଲା। ପର୍ଯ୍ୟଟକ ପାଣି ମାଡି ଆସୁଥିବା ଦେଖୁ ପାଟିକରିବାରୁ ଅଭିଜତ ବେହେରା ବାହାରି ଆସିଥିବା ବେଳେ ସାଗର ଭାସି ଯାଇ ୫୫୦ ଫୁଟ ତଳକୁ ଖସି ନିଖୋଜ ହୋଇଯାଇଥିଲେ। ସାଗରଙ୍କ ବାପା ଖବର ପାଇ ଆଜି ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ସେ କହିଛନ୍ତି ସାଗର ହେଉଛି ତାଙ୍କର ଏକ ମାତ୍ର ପୁଅ। ତିନିଦିନ ତଳେ ସେ ତାର ସାଙ୍ଗ ସହ କୋରାପୁଟ ଆସିଥିଲା। ଗତକାଲି ଡୁଡୁମା ଜଳପ୍ରପାତରେ ନିଖୋଜ ହୋଇଯାଇଥିବା ସେ ଖବର ପାଇ ଆସିଛନ୍ତି ଏବଂ ପୁଅକୁ ଉଦ୍ଧାର କରିବା ପାଇଁ ପ୍ରଶାସନକୁ ଗୁହାରି କରିଛନ୍ତି। ସାଗରଙ୍କ ସାଙ୍ଗ ଅଭିଜିତ କହିବା ଅନୁସାରେ ଡ୍ରୋନରେ ଭିଡିଓ କରୁଥିବା ସମୟରେ ଅଚାନକ ପଣି ମାଡି ଆସିଲା। ବଞ୍ଚାଇବା ପାଇଁ ସାଗର ନେହୁରା ହୋଇଥିଲେ। ବହୁ ଚେଷ୍ଟା ସତ୍ୱେ ମଧ ଆମେ ତାକୁ ଉଦ୍ଧାର କରିପାରିଲୁ ନାହିଁ। ଆଖି ସାମ୍ନାରେ ସେ ନଈଁ ପାଣିରେ ଭାସି ଯାଇ ନିଖୋଜ ହୋଇଯାଇଛନ୍ତି। ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିସମ କର୍ମଚାରୀ ଏବଂ ଓଡ୍ରାଫ ଟିମ ମିଳିତ ଭାବରେ ବହୁ ଚେଷ୍ଟା କରିଛନ୍ତି। କିନ୍ତୁ କୌଣସି ସୁଫଳ ମିଳିପାରି ନାହିଁ। ଡୁଡୁମାରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିଲେ ମଧ ପର୍ଯ୍ୟଟକ ମାନେ ନିଜ ଜୀବନକୁ ବାଜି ଲଗାଇ ନିଷେଧାଞ୍ଚଳକୁ ଯାଇ ଜୀବନକୁ ହରାଉଛନ୍ତି। ଗତ ଦୁଇମାସ ତଳେ ଜଣେ ଯୁବ ଇଞ୍ଜିନିୟର ଏପରି ଏକ ଦୁର୍ଘଟଣାରେ ନିଖୋଜ ହୋଇଯାଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିପାରି ନାହିଁ। ତେଣୁ ରାତିଦିନ ଏକ କରି ନିଖୋଜ ଯୁବକଙ୍କୁ ଖୋଜି ଉଦ୍ଧାର କରିବା ପାଇଁ ଚେଷ୍ଟା କରିବୁ ବୋଲି ଲମତାପୁଟ ଅଗ୍ନିଶମ ଅଧିକାରୀ ଉମେଶ ଚନ୍ଦ୍ର କହିଛନ୍ତି। ପର୍ଯ୍ୟଟକଙ୍କ ସଚେତନତା ଅଭାବରୁ ଡୁଡୁମା ଜଳପ୍ରପାତରେ ବହୁ ଜୀବନ ହାନି ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ନିଷେଧାଞ୍ଚଳରେ ସୁରକ୍ଷା ବଢ଼ାଇବା ଆବଶ୍ୟକ ରହିଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ଉଦ୍ଧାର କାର୍ଯ୍ୟ ସମୟରେ ଲମତାପୁଟ ତହସିଲଦାର ଦିବାକର ବାଘ ଏବଂ ମାଛକୁଣ୍ଡ ଥାନା ଅଧିକାରୀ ଉପସ୍ଥିତ ଥିବା ସୂଚନା ମିଳିଛି।

**ସ୍ୱାୟତ୍ତଶାସନ ଦିବସ ଅବସରରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍**

# ମିଡିଆ ଏକାଦଶକୁ ହରାଇ କର୍ପୋରେସନ ଏକାଦଶ ବିଜୟୀ

ବ୍ରହ୍ମପୁର,୨୪।୮ (ସମିସ)



ସ୍ୱାୟତ୍ତ ଶାସନ ଦିବସ ଅବସରରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କ୍ରମରେ ରବିବାର ବ୍ରହ୍ମପୁର ପ୍ରେସ୍ କ୍ଲବ ସଦସ୍ୟଙ୍କୁ ନେଇ 'ମିଡିଆ ଏକାଦଶ' ଓ କର୍ପୋରେସନ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ଏହି ମ୍ୟାଚରେ କର୍ପୋରେସନ ଏକାଦଶ ଦଳ ମିଡିଆ ଏକାଦଶକୁ ୭୨ରନ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା। ଟସ୍ ଜିତି ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ନେତୃତ୍ୱରେ କର୍ପୋରେସନ ଦଳ ନିର୍ଦ୍ଧାରିତ ୧୫ ଓଭର ଖେଳି ୬ ୱିକେଟ ହରାଇ ୨୦୫ ରନ୍‌ର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଅଧିନାୟକ ତଥା କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ମାତ୍ର ୨୨ଟି ବଲ ଖେଳି ୭ଟି ଛକା ଓ ଗୋଟିଏ ଚୌକା ସହାୟତାରେ ଦ୍ରୁତ ତଥା ସର୍ବାଧିକ ବ୍ୟକ୍ତିଗତ ୪୯ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅନ୍ୟତମ ବ୍ୟାଟ୍ସମ୍ୟାନ ସୁରଜ ଅନୁରୂପ ଭାବେ ୭ଟି ଛକା ଓ ଗୋଟିଏ ଚୌକା ସହାୟତାରେ ୪୮ରନ୍ ସଂଗ୍ରହ କରିଥିଲେ।

୨୦୬ ରନ୍‌ର ବିଶାଳ ସ୍କୋର ପିଛାକରି ମିଡିଆ ଏକାଦଶ ଦଳ ନିର୍ଦ୍ଧାରିତ ୧୫ ଓଭରରେ ଦଳର ୬ଟି ୱିକେଟ ହରାଇ ୧୩୩ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ମନୋଜ ପଣ୍ଡା ୩ଟି ଛକା ଓ ୨ଟି ଚୌକା ସହାୟତାରେ ସର୍ବାଧିକ ବ୍ୟକ୍ତିଗତ ୩୨ରନ୍, ଗୌରୀ ଶଙ୍କର ମିଶ୍ର ୫ଟି ଚୌକା ସହାୟତାରେ ୨୪ରନ୍ ଓ ଅଧିନାୟକ ଶକ୍ତିଧର ରାଜଗୁରୁ ଦୁଇଟି ଚୌକା ସହିତ ୧୦ରନ୍ ସଂଗ୍ରହ କରି ଶେଷ ପର୍ଯ୍ୟନ୍ତ ନଟଆଉଟ୍ ରହିଥିଲେ। ମ୍ୟାଚରେ ବିଜୟୀ ଦଳର ଅଧିନାୟକ ତଥା କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଧୁଆଁଧାର ବ୍ୟାଟିଂ ଓ ଅଲରାଉଣ୍ଡ ସାଫଲ୍ୟ ଯୋଗୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଏହି ମ୍ୟାଚକୁ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଟସ୍ ପକାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମ୍ୟାଚର ପ୍ରତ୍ୟେକ ଛକା ପାଇଁ ସେ ୧ ହଜାର ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ଘୋଷଣା କରିଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଉଭୟ ଦଳ ପକ୍ଷରୁ ମୋଟ ୨୪ଟି ଛକା ମରାଯାଇଥିଲା। ମ୍ୟାଚର ଧାରାବିବରଣୀ ସାମ୍ବାଦିକ ଶିବରାମ ଚୌଧୁରୀ ଓ କ୍ଷୀରସିନ୍ଧୁ ମହାନ୍ତିଙ୍କ ସମେତ ବିଏମ୍‌ସି କମିଶନର ଦେଇଥିଲେ। ମୋଟାମୋଟି ଭାବେ ମ୍ୟାଚ୍‌ଟି ବନ୍ଧୁତ୍ୱପୂର୍ଣ୍ଣ ଓ କୌତୁହଳପୂର୍ଣ୍ଣ ରହିଥିଲା। ପ୍ରାରମ୍ଭରେ ସହରର ସ୍ୱଚ୍ଛ ଓ ସବୁଜ ଭାବେ ଗଢ଼ିତୋଳିବାକୁ ଉଭୟ ଦଳର ଖେଳାଳିଙ୍କ ସମେତ ସମସ୍ତ କର୍ପୋରେଟର ଓ ବିଏମ୍‌ସି କର୍ମଚାରୀ ଶପଥ ଗ୍ରହଣ କରିଥିଲେ। ଶେଷରେ କର୍ପୋରେଟର ଟି. କିଶୋର ଧନ୍ୟବାଦ ଅର୍ପଣ କରିଥିଲେ। ମ୍ୟାଚରେ ଅନ୍ୟତମ ଅତିଥି ଭାବେ ପ୍ରେସ୍ କ୍ଲବର ସଭାପତି ଅଶୋକ ବ୍ରହ୍ମା ଓ ସମ୍ପାଦକ ପ୍ରହଲ୍ଲାଦ ସାହୁ ଉପସ୍ଥିତ ଥିଲେ। ମ୍ୟାଚର ଉଭୟ ବିଜେତା ଓ ଉପ ବିଜେତା ଦଳକୁ ଆସନ୍ତା ୩୧ତାରିଖରେ ବିଏମସି ପକ୍ଷରୁ ଆୟୋଜିତ ହେବାକୁ ଥିବା ସ୍ୱାୟତ୍ତ ଶାସନ ଦିବସ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ।